ମାଟିଦ୍ରୋଣ

ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

Digitized by PPRACHIN, SOA

ମାଟିଦ୍ରୋଣ

ଲେଖକ :
ରାଜ୍ୟବର୍ଦ୍ଧନ ଧଳମହାପାତ୍ର

ପ୍ରକାଶକ :
ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆବଜାର, କଟକ-୧

Digitized by PPRACHIN, SOA

ମାଟିଦ୍ରୋଣ

ଲେଖକ :
ରାଜ୍ୟବର୍ଦ୍ଧନ ଧଳମହାପାତ୍ର

ପ୍ରକାଶକ :
ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆବଜାର, କଟକ-୧

ଅକ୍ଷର ସଜ୍ଜା :
ମା ଗ୍ରାଫିକ୍ସ
ବାଦାମବାଡ଼ି, କଟକ-୧୨

ପ୍ରଚ୍ଛଦ :
ମାନସ ଜେନା

ମୁଦ୍ରଣ :
ଶ୍ରୀଗୁରୁ ପ୍ରିଣ୍ଟର୍ସ
ଶେଖବଜାର, କଟକ

୧ମ ସଂସ୍କରଣ :
୨୦୧୨

ମୂଲ୍ୟ :
୮୦/-

MATIDRONA

Written by :
Rajyabardhan Dhal Mohapatra

Published by :
Sourjya Prakashan
Oriya Bazar,Cuttack-1

Letter Setting by :
Maa Graphics
Badambadi., Cuttack.

Cover Designed by :
Manas Jena

Printed at :
Sri Guru Printers
Cuttack

Ist Edition :
2012

Price :
Rs.80/-

Digitized by PPRACHIN, SOA

ଗଳ୍ପକ୍ରମ...

ମାଟିଦ୍ରୋଣ » ୫
ଭିଟାମାଟି » ୧୯
ଅରଣ୍ୟର ଡାକ » ୨୮
ମିଛରାତି » ୩୫
ସର୍ପ ସପତ୍ନୀ » ୪୯
ବାସ୍! ଏଇଠୁ ଆରମ୍ଭ » ୫୭
ଶୂନ୍ୟ କାନ୍‌ଭାସ୍‌ର ଶିଳ୍ପୀ » ୬୭
ସନ୍ଦେହର ଚାରିକାନ୍ଥ » ୭୯
ମନ ଗହନ » ୮୯
ଅଧେ ଅନ୍ଧାର » ୯୮
ଗାଆଁର ଡାକ » ୧୦୫
ରେବତୀ » ୧୨୩
ଋତୁ ସନ୍ଧି » ୧୩୭
ମିଛିମିଛିକା ଫଟୋ » ୧୪୮

□□□

Digitized by PPRACHIN, SOA

Digitized by PPRACHIN, SOA

ମାଟିଦ୍ରୋଣ

ବାଙ୍କବାବୁଙ୍କ ପ୍ରମୋଶନ ପାର୍ଟିରେ ଦେବବ୍ରତ ଯୋଗ ଦେଇଥିଲେ ସତ, ହେଲେ ସେ ସାମିଲ ହୋଇପାରୁ ନ ଥିଲେ ସେଇ କୋଳାହଳ କିମ୍ବା ମଉଜ ମଜଲିସରେ। ଅଫିସ୍‌ର ସହକର୍ମୀ ବାଙ୍କବାବୁ। କେବଳ ସହକର୍ମୀ ନୁହେଁ ସହପାଠୀ ଓ ଅନ୍ତରଙ୍ଗ ବନ୍ଧୁ ମଧ୍ୟ। ସାହି ଚାହାଳିରୁ ଗାଆଁ ସ୍କୁଲ, ଗାଆଁ ସ୍କୁଲରୁ ପାଖ ଗାଆଁ ହାଇସ୍କୁଲ ଓ ପରେ ପରେ କଲେଜରେ ଉଭୟ ଏକାଠି ଓ ଏକା ବିଷୟରେ ପାଠ ପଢ଼ିଥିଲେ। ସଂଯୋଗ ଦେଖ– ଖବରକାଗଜରୁ ବିଜ୍ଞାପନ ଦେଖି ଉଭୟ ଏକାଦିନ ଆପ୍ଲାଏ କରିଥିଲେ ଚାକିରି ପାଇଁ। ପଢ଼ା ସରୁ ସରୁ ଚାକିରି ମିଳିଗଲା ଉଭୟଙ୍କୁ ଏକା ଦିନରେ। ମିଳିଲା ବି ପ୍ଲାଣ୍ଟର କ୍ୱାର୍ଟର, ପାଖାପାଖି। ଏହାକୁ ସଂଯୋଗ କହିବନି ତ କ'ଣ କହିବ ?

ଏହା ଭିତରେ ବିତିଗଲାଣି କୋଡ଼ିଏ ବର୍ଷ। ଉଭୟ ତୃତୀୟ ଶ୍ରେଣୀ କର୍ମଚାରୀରୁ ଜିରୋ ଗ୍ରେଡ୍ ଏକ୍‌ଜିକ୍ୟୁଟିଭ୍‌କୁ ପ୍ରମୋଶନ ପାଇଲେ ଏକା ସମୟରେ। ସେତେବେଳେ ପାହ୍ୟା ପରିବର୍ତ୍ତନ ହେତୁ ଉଭୟଙ୍କୁ ମିଳୁଥିଲା ଅନ୍ୟ କ୍ୱାର୍ଟର। ମାତ୍ର ଉଭୟଙ୍କର ସେକ୍ସର ଅଲଗା ଅଲଗା ହୋଇଯାଇଥିବା ହେତୁ ନୂଆ କ୍ୱାର୍ଟରକୁ ନ ଯାଇ ନିଜର ପୁରୁଣା କ୍ୱାର୍ଟରରେ ରହିବାକୁ ଉଭୟେ ସିଦ୍ଧାନ୍ତ କରିଥିଲେ।

ଜିରୋ ଗ୍ରେଡ୍ ଏକ୍‌ଜିକ୍ୟୁଟିଭ୍‌ରୁ ଗ୍ରେଡ୍ ୱାନ୍ ଏକ୍‌ଜିକ୍ୟୁଟିଭ୍ ପ୍ରମୋଶନ ପାଇଁ ଉଭୟ ଦେଇଥିଲେ ଇଣ୍ଟରଭ୍ୟୁ। ମାତ୍ର ଦେବବ୍ରତ ଡେଇଁ ପାରିଲେନି ବାଡ଼। ବାଙ୍କବାବୁ ପାଇଗଲେ ପ୍ରମୋଶନ। ଅବଶ୍ୟ ପ୍ରମୋଶନ ପାଇଲେ ଯେତିକି ଖୁସି ସ୍ୱାଭାବିକ ହେବା କଥା, ସେତିକି ହୋଇପାରି ନ ଥିଲେ ବାଙ୍କବାବୁ ନିଜ ପ୍ରିୟ ବନ୍ଧୁଙ୍କ ଅସଫଳତା ପାଇଁ। ସେ ଆଶ୍ଚର୍ଯ୍ୟ ହୋଇଥିଲେ ପ୍ରମୋଶନ ତାଲିକାରେ ଦେବବ୍ରତର ନାମକୁ ନ ଦେଖି। ଉଭୟଙ୍କର ଜବ୍ ଏଫିସିଏନ୍‌ସି ସମାନ ଥିଲା– ଉଣେଇଶ-ବିଶ୍ ମଧ୍ୟ ନୁହେଁ, ଅଥଚ ଦେବବ୍ରତ ପାଇଲେନି ପ୍ରମୋଶନ। ସେ ନିଜର ସଫଳତାକୁ ଯେତିକି ତର୍ଜମା କରି ନ ଥିଲେ ତା'ଠାରୁ ଅଧିକ ବିଶ୍ଳେଷଣ କରିଥିଲେ ଦେବବ୍ରତର ବିଫଳତାର କାରଣକୁ। ଶେଷରେ ତାଙ୍କର ଉପଲବ୍ଧି ହୋଇଥିଲା ଯେ, ପ୍ରମୋଶନ ପାଇଁ ଜବ୍ ଏଫିସିଏନ୍ସିର ଆବଶ୍ୟକତାଠାରୁ ଅନ୍ୟାନ୍ୟ ଦିଗ

Digitized by PPRACHIN, SOA

ଯଥା– ବସ୍ ମ୍ୟାନେଜ୍‌ମେଣ୍ଟ, ରିଲାଏବିଲିଟି ଓ ଡିପେଣ୍ଡେବିଲିଟି ଇତ୍ୟାଦିର ବିଶେଷ ଆବଶ୍ୟକତା ରହିଛି। ଦେବବ୍ରତଙ୍କ କାର୍ଯ୍ୟଶୈଳୀ ଭଲ ଥିଲେ ମଧ୍ୟ ତାଙ୍କର ବସ୍ ମ୍ୟାନେଜ୍‌ମେଣ୍ଟ ଦୁର୍ବଳ ଥିଲା। ବାଙ୍କବାବୁ ଉପରିସ୍ଥ ଅଫିସରମାନଙ୍କର ବ୍ୟକ୍ତିଗତ କାର୍ଯ୍ୟ, ଏଇ ଯେମିତି କାହା ପିଲା କେଉଁ ସ୍କୁଲରେ ପଢ଼ିବ ତା'ର ବ୍ୟବସ୍ଥା, ଭଲ ଟିଉଟରଙ୍କୁ ଖୋଜି ଆଣି ଖଞ୍ଜିଦେବା, କାହାର ବୁଢ଼ା ବାପମା'ଙ୍କର ଡାକ୍ତର ଦେଖା, ତୀର୍ଥ ଭ୍ରମଣର ବ୍ୟବସ୍ଥା ଇତ୍ୟାଦି ପାଇଁ ଆଗଭର ହୋଇ ବାହାରି ପଡ଼ୁଥିଲେ; ଯେଉଁଟା କି ଦେବବ୍ରତଙ୍କ କ୍ଷେତ୍ରରେ ଆଦୌ ନ ଥିଲା କହିଲେ ଚଳେ। ଏତଦ୍‌ବ୍ୟତୀତ ସେ ପ୍ରତି ବର୍ଷ କୌଣସି ନା କୌଣସି ବାହାନାରେ ନିଜ ଘରେ ଦୁଇ ତିନୋଟି ପାର୍ଟିର ଆୟୋଜନ କରି ନିଜର ସମସ୍ତ ଉପରିସ୍ଥ ଅଫିସରଙ୍କୁ ଆପ୍ୟାୟିତ କରୁଥିଲେ। ସେ ମନେ ମନେ ନିଶ୍ଚିତ ହେଉଥିଲେ ଯେ ତାଙ୍କର ଏହି ସବୁ କାର୍ଯ୍ୟ ତାଙ୍କୁ ଆଗକୁ ଉଠିବାରେ ସାହାଯ୍ୟ କରିଥିବା ବେଳେ ଦେବବ୍ରତଙ୍କୁ ପଛରେ ପକାଇ ଦେଇଛି।

ଏକ୍‌ଜିକ୍ୟୁଟିଭ୍‌କୁ ପ୍ରମୋଶନ ପାଇବା ପରେ ବାଙ୍କବାବୁ ବାଧ୍ୟ ହୋଇଥିଲେ, ପ୍ରକାରାନ୍ତରେ ତାଙ୍କୁ ବାଧ୍ୟ କରାଯାଇଥିଲା, ଏମ୍ପ୍ଲଇଜ୍ କ୍ୱାର୍ଟର ଛାଡ଼ି ଅଫିସର୍ସ କ୍ୱାର୍ଟରକୁ ଯିବା ପାଇଁ। କାରଣ ତାଙ୍କର ସମଗ୍ରେଡ୍ ଓ ଉପରିସ୍ଥ ଅଫିସରମାନେ କେହି ଚାହୁଁ ନ ଥିଲେ ଏମ୍ପ୍ଲଇଜ୍ ଓ ଅଫିସରମାନଙ୍କ ମଧ୍ୟରେ ସୋସିଆଲ ଓ ଅଫିସିଆଲ ଷ୍ଟାଟସ ମଧ୍ୟରେ ଯେଉଁ ପ୍ରାଚୀରଟି ଅଛି, ତାହା ଭାଙ୍ଗିଯାଉ ଜଣେ ବ୍ୟକ୍ତିବିଶେଷର ଭାବପ୍ରବଣଗତ ସମ୍ପର୍କକୁ ନେଇ। ଉପରିସ୍ଥ ଅଫିସରମାନଙ୍କର ଚାପ ଓ ଯୁକ୍ତି ପାଖରେ ନାଚାର ହୋଇ ବାଙ୍କବାବୁ ଶେଷରେ ବାଧ୍ୟ ହେଲେ ନିଜର କ୍ୱାର୍ଟର ବଦଳାଇବା ପାଇଁ।

ଯେଉଁ ଦିନ ନିଜର କ୍ୱାର୍ଟର ବଦଳାଇବା ନିଷ୍ପତ୍ତି ସମ୍ପର୍କରେ ସେ ଦେବବ୍ରତଙ୍କୁ ଜଣାଇଲେ, ସେଦିନ ଦେବବ୍ରତ ଦ୍ୱିତୀୟ ଥର ପାଇଁ ଗୋଟେ ଝଟ୍‌କା ଅନୁଭବ କଲେ ନିଜର ପ୍ରମୋଶନଜନିତ ବିଫଳତା ପାଇଁ। କିଛି ସମୟ ଖୁବ୍ ନୀରବ ଓ ସ୍ଥିର ରହି ନିଜ ଭିତରର ଉଦ୍‌ବେଳନକୁ ଶାନ୍ତ କରି ଦେବବ୍ରତ କହିଲେ– ଏଇଟା ତ ଅଫିସ୍‌ର ନିୟମ, ତୁ ଏଥିରେ ବ୍ୟତିକ୍ରମ କରିବାକୁ କାହିଁକି ଚିନ୍ତା କରୁଥିଲୁ ? ଆମେ ଦୁଇ ବନ୍ଧୁ ସାଙ୍ଗ ହୋଇ ପାଠ ପଢ଼ିଲେ, ସାଙ୍ଗ ହୋଇ ଚାକିରି କଲେ, ସାଙ୍ଗ ହୋଇ ଏତେ ବର୍ଷ ପାଖାପାଖି କ୍ୱାର୍ଟରରେ ରହିଲେ; ଏହା କ'ଣ କମ୍ କଥା ! ସବୁ ସମାନ ଅବସ୍ଥାରେ ଆରମ୍ଭ କଲେ ମଧ୍ୟ ଭାଗ୍ୟ କ'ଣ ସମସ୍ତଙ୍କର ସମାନ ? ଯଦି ସେ କଥା ହୋଇଥାଆନ୍ତା, ତେବେ ମୋର ଦୁଇଟି ଝିଅ ଓ ତୋ'ର ଦୁଇଟି ପୁଅ କାହିଁକି ହୋଇଥାଆନ୍ତା ? ଆରେ ! ଜୀବନରେ ଏମିତି କିଛି ଘଟଣା ଘଟେ କିମ୍ବା ଆସେ, ଯାହାକୁ ଆମେ ନ ଚାହିଁଲେ ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ। ମୁଁ ବୁଝୁଛି, ତୁ ଚାହୁଁନୁ ଅଲଗା ହୋଇ ରହିବାକୁ ତ ? ହେଲେ ଅଫିସ୍‌ର ନିୟମ ତ ମାନି ଚଳିବାକ

Digitized by PPRACHIN, SOA

ପଢ଼ିବନା। ତା'ପରେ ତୁ କେଉଁ ବାହାର ସହରକୁ ଚାଲିଯାଉଛୁ ଯେ ! ଏ ସେକ୍ଟରରୁ କେବଳ ଅନ୍ୟ ଏକ ସେକ୍ଟରକୁ ଯିବୁ ତ; ସେଥିପାଇଁ ଏତେ ଚିନ୍ତା କାହିଁକି ?

କ୍ୱାର୍ଟର ବଦଳାଇଲେ ବାଙ୍କବାବୁ। ନୂଆ କ୍ୱାର୍ଟରରେ ପ୍ରବେଶ ପାଇଁ ସକାଳେ ଆୟୋଜନ କରିଥିଲେ ଗୋଟିଏ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ଅଫିସରମାନଙ୍କ ପାଇଁ ପାର୍ଟି। ଦେବବ୍ରତ ଓ ତାଙ୍କ ସ୍ତ୍ରୀ ସକାଳର ପୂଜା ଅର୍ଚ୍ଚନାରେ ସକ୍ରିୟ ସହଯୋଗ କରିଥିଲେ। ପୂଜା ପରେ ଅପରାହ୍ନରେ ସେମାନେ ଯେତେବେଳେ ବାହାରିଲେ ତାଙ୍କ କ୍ୱାର୍ଟରକୁ ଫେରିବା ପାଇଁ, ବାଙ୍କବାବୁ ଦେବବ୍ରତଙ୍କୁ କହିଲେ– ତୁ ଚାଲିଯିବାକୁ ବାହାରିଲୁଣି କ'ଣ, ରାତିକୁ ପରା ପାର୍ଟି ଅଛି ?

ହଁ ଯେ, ହେଲେ ରାତିର ପାର୍ଟିରେ ମୋର ଭୂମିକା କ'ଣ ? ସେଥିରେ ତ କେବଳ ଏକଜିକ୍ୟୁଟିଭ ର୍‌ୟାଙ୍କର ଅଫିସରମାନେ ଯୋଗ ଦେବେ; ମୋତେ ସେଥିରେ ପୂରେଇ 'ହଂସ ମଧ୍ୟେ ବକ ଯଥା' କାହିଁକି କରିବୁ ?

ଶେଷରେ ତୁ ଏ କଥା କହିଲୁ ନା ?

ଆରେ ମୁଁ ତୋ କଥା କହୁନି, ଯେଉଁ ଅନ୍ୟ ଅଫିସରମାନେ ଆସିବେ, ସେମାନେ ମୋ ଉପସ୍ଥିତିକୁ ହୁଏତ ସହଜରେ ଗ୍ରହଣ କରି ନ ପାରନ୍ତି।

ମାର୍ ଗୁଲି ତୁ ଅନ୍ୟମାନଙ୍କ କଥାକୁ। ତୁ ମୋର ବନ୍ଧୁ ଥିଲୁ ଓ ରହିବୁ। ଗୋଟିଏ ସୋପାନର ଉନ୍ନତି ଗୋଟିଏ ହିମାଳୟ ନୁହେଁ ଯେ, ଆମେ ସୀମାର ଏପଟ ସେପଟ ହୋଇଯିବା। ତୁ ସେସବୁ ବାଜେ କଥା ଚିନ୍ତା ନ କରି ସନ୍ଧ୍ୟାବେଳକୁ ଆ। ହଁ ମନେରଖ, ସମସ୍ତେ ଯେମିତି ଆସ।

ଦେବବ୍ରତ ପିଲାଛୁଆଙ୍କୁ ଧରି ଘରକୁ ଫେରିଲେ। ବାଟସାରା ସମସ୍ତେ ଥିଲେ ଚୁପ୍‌ଚାପ୍। ସେ ଅନୁଭବ କରୁଥିଲେ, ଏଥର ପ୍ରମୋଶନ୍‌ର ବିଫଳତାର ଦଂଶନ ଜ୍ୱାଳାରେ କେବଳ ସେ ନୁହନ୍ତି, ପରିବାରର ସମସ୍ତେ ଅସ୍ଥିର। ଏହି ପ୍ରମୋଶନ ଫଳରେ ଯେ ବାଙ୍କବାବୁ ଆର୍ଥିକ ଦୃଷ୍ଟିକୋଣରୁ ବହୁ ଊର୍ଦ୍ଧ୍ୱକୁ ଚାଲିଯାଇଛନ୍ତି ସେ କଥା ନୁହେଁ, ମାତ୍ର ସାମାଜିକ ସ୍ତରରେ ସୃଷ୍ଟି ହୋଇଯାଇଛି ଏକ ବିରାଟ ବ୍ୟବଧାନ। ଯେଉଁ ବ୍ୟବଧାନକୁ ପରିବାରର କେହି ଗ୍ରହଣ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରୁ ନାହାନ୍ତି। ତେଣୁ ସମସ୍ତେ ନିଜ ନିଜ ଭିତରେ ଚୁପ୍ ରହି ଏହାକୁ କିପରି ସାମ୍ନା କରାଯିବ, ସେଥିପାଇଁ ଗୋଟେ ମାନସିକତା ସୃଷ୍ଟି କରୁଅଛନ୍ତି।

ଘର ଭିତରକୁ ପଶୁ ପଶୁ ପତ୍ନୀ କହିଲେ– ତମେ ତମର ବନ୍ଧୁ ହିସାବରେ ସନ୍ଧ୍ୟାର ପାର୍ଟିରେ ଯଦି ଯୋଗ ଦେବାକୁ ଚାହୁଁଛ, ତେବେ ଯାଅ; ହେଲେ ଆମେ କେହି ଯାଇପାରିବୁ ନାହିଁ।

Digitized by PPRACHIN, SOA

– ନ ଗଲେ ବାଙ୍କ ଖରାପ ଭାବିବ । ଏମିତି ବି ହୋଇପାରେ, ସେ ଭାବିବ ମୁଁ ପ୍ରମୋଶନ ପାଇ ନ ଥିବାରୁ ଈର୍ଷାରେ ତମେମାନେ ଗଲ ନାହିଁ ବୋଲି ।

– କିଏ କ'ଣ ଭାବିବ, ସେ କଥା ମୁଁ ଚିନ୍ତା କରୁ ନାହିଁ; ମୁଁ କେବଳ ଚିନ୍ତା କରୁଛି ମୋତେ ଓ ମୋ ପିଲାମାନଙ୍କୁ ସେ ପରିବେଶରେ କେମିତି ଲାଗିବ ବୋଲି ।

– ମୁଁ ଜାଣେ, ମୋ ଅପେକ୍ଷା ତମମାନଙ୍କୁ ଅଧିକ ଖରାପ ଲାଗୁଥିବ; ମାତ୍ର ବାସ୍ତବତାକୁ ତ ଆମମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ ।

– ତମେ ପ୍ରମୋଶନ ପାଇନ ଓ ସେ ପାଇଛନ୍ତି, ଏଇଟା ତ ବାସ୍ତବତା; ଯାକୁ ତ ଆମେ ଗ୍ରହଣ କରିନେଇଛୁ । ସେଥିପାଇଁ ତମକୁ ତ କେବେ ଦୋଷ ଦେଇନୁ । ହେଲେ ତମ ବନ୍ଧୁତାର ଖାତିରରେ ଆମେ ସେଠାକୁ ଯାଇ ଅପମାନିତ ହେବାଟାକୁ ଗ୍ରହଣ କରିପାରୁ ନାହୁଁ ।

– ତମକୁ ସେଠି କିଏ କ'ଣ କହିଲା କି ?

– କେବଳ କିଏ କ'ଣ ମୁହଁରେ କହିଲେ ହୁଏ ? ପରିବର୍ତ୍ତିତ ହାବଭାବ ଓ ବ୍ୟବହାରରୁ କ'ଣ କିଛି ଜାଣିହୁଏନି ?

– ହେଲେ ତମେ ଯେଉଁଟାକୁ ସେମାନଙ୍କର ବ୍ୟବହାରର ପରିବର୍ତ୍ତନ ବୋଲି ଭାବୁଛ, ହୁଏତ ତାହା ଆମମାନଙ୍କର ନ୍ୟୂନମାନସିକତାର ପ୍ରତିଫଳନ ହୋଇଥାଇପାରେ ।

– ମୁଁ ଏ ବିଷୟରେ ଅଧିକ ଯୁକ୍ତି କରିବାକୁ ଚାହୁଁନି । କହିଦେଲି, ଆମେ ଯିବୁନି ବୋଲି; ବାସ୍ ଯିବୁନି । ସେ ଯାହା ଭାବିଲେ ପଛେ ଭାବନ୍ତୁ । ଯଦି ବାଙ୍କବାବୁ ତମକୁ ପଚାରନ୍ତି ଆମେ କାହିଁକି ଗଲୁନି ବୋଲି, ତମେ କହିଦେବ ଦେହ ଭଲ ଲାଗୁ ନ ଥିଲା; ଆସିଲେନି । ବାସ୍ ।

ସେ ବାସ୍‌ର ପ୍ରଖରତା ଏତେ ତୀବ୍ର ଥିଲା ଯେ ଦେବବ୍ରତବାବୁ ଆଉ ଚାହିଁଲେ ନାହିଁ ସେମାନଙ୍କ ଯିବା ଓ ନ ଯିବା ନେଇ ପତ୍ନୀଙ୍କ ସହ କୌଣସି ଯୁକ୍ତି କରିବା ପାଇଁ ।

ସନ୍ଧ୍ୟାବେଳର ପାର୍ଟିକୁ ସେ ଜାଣି ଜାଣି ଟିକିଏ ବିଳମ୍ବରେ ଗଲେ । ସେତେବେଳକୁ ସରି ଯାଇଥିଲା ସମସ୍ତ ପ୍ରକାରର ପ୍ରସ୍ତୁତି । ସୁଟ୍ ଟାଏ ପରିହିତ ହୋଇ ବାଙ୍କବାବୁ ଖୁବ୍ ବ୍ୟସ୍ତ ଥିଲେ ତାଙ୍କ ଉପରିସ୍ଥ ଅଫିସରଙ୍କ ପରିଚର୍ଯ୍ୟାରେ । ପାର୍ଟିରେ ଯେମିତି କିଛି ତ୍ରୁଟି ନ ରହେ, ଏଥିପାଇଁ ସେ ଥିଲେ ଖୁବ୍ ସତର୍କ ଓ ଯତ୍ନଶୀଳ । ତାଙ୍କର ସେହି ବ୍ୟସ୍ତତା ମଧ୍ୟରେ ସେ ଥରେ ଦୁଇଥର ସାମ୍ନାସାମ୍ନି ହୋଇଯାଇଛନ୍ତି ଦେବବ୍ରତଙ୍କ ସହ । ଭେଟ ହେବା କ୍ଷଣି ଗୋଟିଏ ପରମ ବ୍ୟସ୍ତତା ଦେଖାଇ କହନ୍ତି– ଏଞ୍ଜୟ, ଏଞ୍ଜୟ ଇୟୋରସେଲ୍‌ଫ । ଲେଟ ମି ଟେକ୍ କେୟାର ଅଫ୍ ଦି ଗେଷ୍ଟସ୍ । ସେ ଜାଣି ଜାଣି ସେଦିନ ଇଂରାଜୀରେ କଥା ହେଉଥିଲେ ଦେବବ୍ରତଙ୍କ ସହ । ତାଙ୍କର ଉଦ୍ଦେଶ୍ୟ ନ ଥିଲା ତାଙ୍କର ଉପରିସ୍ଥ ଅଫିସରମାନଙ୍କୁ ତାଙ୍କର

Digitized by PPRACHIN, SOA

ଇଂରାଜୀ ଜ୍ଞାନ ଜଣାଇବା, ବରଂ ଭୟ ଥିଲା କାଳେ ଦେବବ୍ରତ ସହ ଓଡ଼ିଆରେ କଥା ହେଲେ, ସେ ଯଦି ପୁରୁଣା ସମ୍ପର୍କକୁ ନେଇ 'ତୁ' 'ତା' ସମ୍ବୋଧନ କରିଦିଏ, କଥା ସରିଲା। ଏଠାରେ ଉପସ୍ଥିତ ଥିବା କୌଣସି ଅଫିସର ତାକୁ ଠିକ୍ ଭାବରେ ଗ୍ରହଣ କରିବେ ନାହିଁ। କାରଣ ନନ୍‌ଏକ୍‌ଜିକ୍ୟୁଟିଭ୍ ଓ ଏକ୍‌ଜିକ୍ୟୁଟିଭ୍ ଅଫିସରମାନଙ୍କ ମଧ୍ୟରେ ବ୍ୟବଧାନ ଓ୍ୱାଘା ବୋର୍ଡର ପରି। ଯଦି ଦେବବ୍ରତ ତାଙ୍କ ସାଙ୍ଗରେ କଥା ହୋଇ 'ୟୁ' କୁହେ, ତେବେ ତାହା ସବୁଆଡ଼କୁ ମାପ ପାଇଯିବ।

ଦେବବ୍ରତ ବୁଝିପାରିଥିଲେ ବାଙ୍କବାବୁଙ୍କ ମନର କଥା। ତେଣୁ ପାର୍ଟି ସମୟତକ ସେ ବାଆଁରେଇ ରହିଲେ ତାଙ୍କଠାରୁ। ପାର୍ଟି ସରିବା ପରେ ପରେ ଆସିଥିବା ଅଫିସରମାନେ ଜଣକ ପରେ ଜଣେ ଯିବା ଆରମ୍ଭ କରିଦେଲେ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ବିଦାୟ ଜଣାଉଥିଲେ ବାଙ୍କବାବୁ। ପାର୍ଟି ପୂରା ଫାଙ୍କା ହୋଇଯିବା ପରେ ଦେବବ୍ରତବାବୁ ବାଙ୍କବାବୁଙ୍କ ପାଖକୁ ଯାଇ ପଚାରିଲେ– ମେଁ ଆଇ ଗୋ ନାଓଁ ?

ବାଙ୍କବାବୁ ଏବେ ଫେରିଆସିଲେ ସ୍ୱାଭାବିକତାକୁ। ପଚାରିଲେ, ତୁ ଖାଇଛୁ ତ ?

– ହଁ, ହଁ, ମୁଁ ବହୁ ଆଗରୁ ଖାଇନେଇଛି। ୟୁ ନୋ, ମୋର ତ ଡ୍ରିଙ୍କସ୍ ଚଳେ ନାହିଁ। ତେଣୁ ମୁଁ ମୋର ଅଲଗା ବ୍ୟବସ୍ଥା କରାଇ ନେଇଥିଲି।

– ବେଶ୍ ଭଲ କରିଛୁ। ଆଜି ପାର୍ଟି କେମିତି ହେଲା କହିଲୁ ନାହିଁ ଯେ ?

– ପାର୍ଟି ଖୁବ୍ ଭଲ ହେଲା। କେଉଁଥିରେ ତ୍ରୁଟି କିଛି ନ ଥିଲା।

– ହଁ, ସେଇଥିପାଇଁ ମୁଁ ଖୁବ୍ ସିଲେକ୍ଟିଭଲି ଇନ୍‌ଭାଇଟ୍ କରିଥିଲି ମୋ ଉପରିସ୍ଥ ଅଫିସରମାନଙ୍କୁ। ଧ୍ୟାନ ଦେଇଥିଲି, ନେକ୍‌ସ୍‌ଟ ପ୍ରମୋଶନ ପାଇଁ କାହା କାହା ସୁପାରିସ୍ ଦରକାର ଏବଂ ସେମାନେ ଯେମିତି ପାର୍ଟିକୁ ଆସନ୍ତି ସେଥିପାଇଁ ରୀତିମତ୍ ବ୍ୟବସ୍ଥା କରିଥିଲି।

– ଓ। ୟୁ ହାଭ ଅଲରେଡି ଷ୍ଟାର୍ଟେଡ ପ୍ରିପାରେଶନ ଫର ଦ ନେକ୍‌ସ୍‌ଟ।

– ତୁ ଜାଣିନୁ, ଉପରକୁ ପଡ଼ିଥିବା ଶିଡ଼ିର ପାବଚ୍ଛ କେତେ ଖସଡ଼ା। ତାକୁ ଜଗିରଖି ଚଳିବାକୁ ପଡ଼ିବ। ତୁ ଆଜି ଯେଉଁ ପଛରେ ପଡ଼ିଗଲୁ, ତାହା ତୋ'ର ଏଫିସିଏନ୍‌ସିର ଅଭାବ ପାଇଁ ନୁହେଁ; ଅଭାବ ହେଉଛି ଆକ୍‌ସେପ୍‌ଟାନ୍ସ ବାୟ ଦ ସିନିୟର୍ସ। ବନ୍ଧୁ ହିସାବରେ ମୁଁ ତୋତେ ଗୋଟେ ଉପଦେଶ ଦେବି ମାନିବୁ ?

– କ'ଣ କହ।

– ତୁ ଗୋଟେ ପାର୍ଟିର ଆୟୋଜନ କର। ଆସନ୍ତା ଇଣ୍ଟର୍ଭ୍ୟୁ ବୋର୍ଡରେ ଯେଉଁ ଅଫିସରମାନେ ରହିବେ ତଥା ସି.ସି.ଆର. ଦେଉଥିବା ଅଫିସରମାନଙ୍କୁ ଡାକ ସେଠାକୁ। ଦେଖିବୁ କ'ଣ ହେଉଛି।

Digitized by PPRACHIN, SOA

– ପାର୍ଟି କ'ଣ ହୋଟେଲରେ ?

– ନା, ହୋଟେଲରେ ନୁହଁ, ଘରେ ।

– ତୁ ସବୁ କଥା ଜାଣି ମୋତେ ଏ ପରାମର୍ଶ ଦେଇପାରୁଛୁ ?

– ମଉସାଙ୍କ କଥା ତ ? ଘରେ ମଦ୍ୟପାନର ସେ ଘୋର ବିରୋଧୀ ତ ? ହେଲେ ମୁଁ ଯାହା କହିଲି, ଖୁବ୍ ଗଭୀର ଭାବରେ ଚିନ୍ତା କର । କିଛି ଗୋଟାଏ ବିକଳ୍ପ ବ୍ୟବସ୍ଥା କର ।

ଘରକୁ ଫେରିବା ବାଟରେ ଦେବବ୍ରତ ଭାବୁଥିଲେ– ବାଙ୍କ ଆଜି ପ୍ରମୋଶନ ପାଇବାର ମାର୍ଗ ବିଷୟରେ ମୋତେ ଉପଦେଶ ଦେଇପାରିଲା; କାହିଁ ଥରଟିଏ ତ ପଚାରିଲା ନାହିଁ ତୋ' ପିଲାମାନେ କାହିଁକି ଆସିଲେ ନାହିଁ କିମ୍ବା ତୁ କେତେବେଳେ ଖାଇଲୁ ମୁଁ କେମିତି ଜାଣିପାରିଲି ନାହିଁ ? ସେ କ'ଣ ଆନ୍ତରିକ ଭାବେ ଚାହୁଁ ନ ଥିଲା କି ମୁଁ କିମ୍ବା ମୋ ପିଲାମାନେ କେହି ତା' ପାର୍ଟିରେ ସାମିଲ ହେଉ ବୋଲି ? ଯଦି ସେକଥା ନୁହଁ, ତେବେ ମୋତେ ଏକା ଦେଖିବା କ୍ଷଣି ତ ପଚାରି ପାରିଥାଆନ୍ତା, ପିଲାମାନେ କାହିଁକି ଆସି ନାହାନ୍ତି ବୋଲି ? ଯଦିବା ସେ ତା' ଉପରିସ୍ଥ ଅଫିସରମାନଙ୍କର ଖାତିରଦାରିରେ ବ୍ୟସ୍ତ ରହି ଭୁଲିଗଲା, ତା' ସ୍ତ୍ରୀ ଏତେ ଥର ଦେଖିବା ପରେ ମଧ୍ୟ ପଦୁଟିଏ ତ ଏ ବିଷୟରେ ପଚାରି ନାହାନ୍ତି ମୋତେ !

ଘରକୁ ଫେରିବା ବେଳକୁ ଢେର୍ ରାତି ହୋଇସାରିଥିଲା । ପିଲାମାନେ ସମସ୍ତେ ଶୋଇ ଯାଇଥିଲେ । ସେ ବେଲ୍ ମାରୁ ମାରୁ ପତ୍ନୀ ନିଦ ମଳମଳ ଆଖିରେ କବାଟ ଖୋଲିଦେଇ ପୁଣି ଚାଲିଗଲେ ଶୋଇବା ପାଇଁ । ବାପା ଖୁଁ-ଖୁଁ ହେଉଥିଲେ ତାଙ୍କର ଶୋଇବାଘରେ । ଦେବବ୍ରତଙ୍କ ଉପସ୍ଥିତିକୁ ଜାଣିପାରି ସେ ପଚାରିଲେ– ବାବୁ, ଖାଇକରି ଆସିଛୁ ତ ?

ସେ ବାପାଙ୍କ ରୁମ୍ ପାଖକୁ ଯାଇ ପଚାରିଲେ– ତମେ ଏ ଯାଏ ଶୋଇନ ଯେ ବାପା ?

– ନିଦ ଆସୁନି । ଟିକେ ନିଦ ଲାଗିଲା ବେଳକୁ ଏ କାଶଟା ଦମା ପେଲୁଛି । ତା'ପରେ ମୋ ମନ କାହିଁକି କହୁଥିଲା ଯେ ତୁ ସେଠାରେ ଖାଇପାରି ନ ଥିବୁ ବୋଲି; ସେଥିପାଇଁ ଶୋଇପାରୁ ନ ଥିଲି ।

ତମେ କାହିଁକି ଭାବିଲ ଯେ ମୁଁ ଖାଇପାରି ନ ଥିବି ବୋଲି ?

ତୁ' ଏଡ଼ିକି ଟିକିଏ ହୋଇଥିଲୁ, ତୋ' ମାଆ ମରିଗଲା । ତୋତେ ମୁଁ ଉଭୟ ମାଆ ଓ ବାପାର ସ୍ନେହ ଦେଇ ଗଢ଼ିଥିଲି । ବୁଝିପାରିବିନି ତୋ' ମନକଥା ? ଗୋଟିଏ ପ୍ରମୋଶନର ବିଫଳତା ତୋତେ ଅସ୍ଥିର କରିଚାଲିଛି କିଛି ଦିନ ହେଲା, ଏକଥା ତୁ ମୋତେ ନ କହିଲେ ମଧ୍ୟ ମୁଁ ବୁଝିପାରୁଛି ।

– ବୁଝିଲେ ବି ତମେ କ'ଣ କରିପାରିବ ବାପା ? ଦୁନିଆ କେତେ ଆଗେଇ ଗଲାଣି । ତମେ ତ ତମର ସେହି ପୁରୁଣା ମାନସିକତାରୁ ଊର୍ଦ୍ଧ୍ୱକୁ ଉଠିପାରିଲ ନାହିଁ ।

Digitized by PPRACHIN, SOA

– ହଁ, ସତ କଥା କହିଲୁ। ସଂସ୍କାରଟା ମୋ ଭିତରେ ଏମିତି ଗୋଟେ ଜଡ଼ ହୋଇ ଚେର ମେଲି ଦେଇଛି ଯେ ପରିବର୍ତ୍ତନର ଚକ୍ରବାତରେ ମଧ୍ୟ ଉପୁଡ଼ିପାରୁ ନାହିଁ। ହଉ ତୁ ଖାଇନୁ– କ'ଣ ଟିକେ ଖାଇନେ; ପରେ ଏ ବିଷୟରେ କଥା ହେବା।

– ନା-ନା , ମୁଁ ଖାଇବି ନାହିଁ; କେବଳ ପାଣି ଟିକେ ପିଇବି।

– ତୁ ଏଥିରେ କେତେ ଦୁଃଖୀ ସେକଥା ପଛ କଥା; ହେଲେ ପିଲାମାନେ ଓ ବୋହୂ ମୋର ପୂରା ଭାଙ୍ଗି ପଡ଼ିଛନ୍ତି। ନାତୁଣୀ ଦୁଇଜଣ ତ ଆଜି ମୁହେଁ ମୁହେଁ କହିଦେଲେ– "ଜେଜେ, ବାପାଙ୍କର ଏ ବିଫଳତା ପାଇଁ ତମେ ମୁଖ୍ୟତଃ ଦାୟୀ।"

– ତମେ ଦାୟୀ ବୋଲି ସେମାନଙ୍କର କାହିଁକି ଧାରଣା ହେଲା ?

– ଊର୍ଦ୍ଧ୍ୱ ଉଡ଼ାଣ ପାଇଁ ଯାହାସବୁ ଏ ସମାଜରେ ଚାଲିଛି, ମୋ ଉପସ୍ଥିତି ଯୋଗୁଁ ଏ ଘରେ ତାହା ସମ୍ଭବ ହୋଇପାରୁନି ବୋଲି।

ସେମାନଙ୍କ କଥା ଶୁଣିବା ପରେ ମୁଁ ମନସ୍ଥ କରିଛି ତୋତେ ମୁକ୍ତ କରିଦେବା ପାଇଁ ମୋର ନୈତିକତା ଓ ଆଦର୍ଶରୁ। ତୁ ଏବେ ସବୁ ପନ୍ଥା ଆଦରି ନେଇପାରୁ ଯାହା ବାଞ୍ଛନୀୟ ତୋ ଊର୍ଦ୍ଧ୍ୱ ଉଡ଼ାଣ ପାଇଁ।

କିଛି ସମୟ ଗୁମ୍ ହୋଇ ରହିବା ପରେ ଦେବବ୍ରତ ବାପାଙ୍କୁ କହିଲେ– ହଉ, ତମେ ଶୋଇପଡ଼ ବାପା; କାଲି ସକାଳୁ ମୁଁ ସେମାନଙ୍କ କଥା ବୁଝିବି।

ରାତି ପାହି ସକାଳ ହେଲା। ସବୁଦିନ ପରି ସକାଳ। ଫରକ ଏତିକି ଥିଲା ଯେ, ପତ୍ନୀଙ୍କ ମୁହଁରୁ ଯାଇ ନ ଥିଲା ଗତକାଲିର ହ୍ୟାଙ୍ଗ ଓଭର। ସକାଳୁ ଚା' ଦେବା ପାଇଁ ଦେବବ୍ରତଙ୍କୁ ଯେଉଁ ସମୟରେ ଉଠାନ୍ତି– ଠିକ୍ ସେହି ସମୟରେ ଉଠାଇଲେ। ମାତ୍ର ହାତରେ ନ ଥିଲା ଚା' କପ୍; ବରଂ ଥିଲା ପ୍ରଶ୍ନଟିଏ– ଚା' ଦେବି ନା ଲେମ୍ବୁ ସରବତ ?

– ଲେମ୍ବୁ ସରବତ ! କ'ଣ ପାଇଁ ?

– ନାଇଁ ଯେ, ମୁଁ ଭାବିଲି ଗତକାଲି ପାର୍ଟିରେ ତମେ ଜୋର୍ ଖାଇ ଦେଇଥିବ ତ ! ହଜମ ପାଇଁ ଲେମ୍ବୁ ସର୍‌ବତ ଠିକ୍ ହେବ ବୋଲି ଭାବୁଥିଲି।

– କ'ଣ ଥଟ୍ଟା କରୁଛ ?

– ଥଟ୍ଟା କାହିଁକି କରିବି ମ ! ତମେ ତ ଯେବେ ପାର୍ଟି ଫାର୍ଟି, ଭୋଜିଭାତ ଖାଇବାକୁ ଯାଅ, ପରଦିନ ସକାଳୁ ତମର ଏମିତି ଅବସ୍ଥା ହୁଏ।

– ହଉ, ଥାଉ ସେକଥା। ଚା' ଆଣ।

ପତ୍ନୀ ଚା' ଆଣି ପହଞ୍ଚିବା ପରେ ଦେବବ୍ରତ ପଚାରିଲେ– ତମେମାନେ ବାପାଙ୍କୁ କାଲି କ'ଣ କହିଲ କି ?

Digitized by PPRACHIN, SOA

– ମୁଁ କାହିଁକି କ'ଣ କହିବି; ଏଇ ପିଲାମାନେ ତାଙ୍କ ସହ କ'ଣ ଥଟ୍ଟା ହେଉଥିଲେ ।

କ'ଣ ଆଉ ଥଟ୍ଟା ହେବେ– କହୁଥିଲେ, ଜେଜେ ! ଯୁଗ ବହୁତ ଆଗେଇ ଗଲାଣି । ତମର ସେ ପୁରୁଣାକାଳିଆ ମାଷ୍ଟ୍ରିଆ ନୀତି ଓ ଆଦର୍ଶକୁ ଧରି ବସିଲେ ଏ ଯୁଗରେ ଚଳିହେବନି । ତମରି ଆଦର୍ଶ ପାଇଁ ବାପା ଆଜି ପଛରେ ପଡ଼ିଗଲେ । ବାଙ୍କମଉସା ପ୍ରମୋଶନ ପାଇ ଉପରକୁ ଉଠିଗଲେ ।

– କ'ଣ ଦରକାର ଥିଲା ପିଲାମାନଙ୍କର ବାପାଙ୍କୁ ଏମିତି କଥା କହିବା ?

– କିଛି ତ ମିଛ କହି ନାହାନ୍ତି ସେମାନେ ।

– ତା'ହେଲେ ପିଲାମାନଙ୍କର କଥା ପଛରେ ତମର ବି ପ୍ରଛନ୍ନ ସମର୍ଥନ ଥିଲା ?

– ପିଲାଙ୍କ କଥାକୁ ମୁଁ ସମର୍ଥନ କରୁଛି ବୋଲି କେତେବେଳେ କହିଲି ? ମାତ୍ର ସେମାନେ ଯାହା କହିଥିଲେ ତାହା ନିରାଟ ସତ ।

– ହଉ ବାପା ଅଭିମାନରେ ହେଉ ଅବା ଯୁଗନୀତିକୁ ସମ୍ମାନ ଜଣାଇବା ପାଇଁ ହେଉ, ଆମକୁ ମୁକ୍ତ କରିଦେଇଛନ୍ତି ତାଙ୍କର ସଂସ୍କାରର ବନ୍ଧନରୁ । ମୋର ଊର୍ଦ୍ଧ୍ୱ ଉଡ଼ାଣ ପାଇଁ ମୁଁ ଏବେ କ'ଣ କରିପାରୁଛି ଦେଖାଯାଉ ।

– ତମେ ବାଙ୍କବାବୁଙ୍କର ସଫଳତାର ରହସ୍ୟ କ'ଣ ଜାଣିଛ ?

– କ'ଣ ?

– ସେ ଏମିତି ପାର୍ଟି ଫାର୍ଟି କରି ତମ ଉପର ଅଫିସରମାନଙ୍କୁ ଖୁସ୍ କରି ଏ ପ୍ରମୋଶନ ପାଇଲେ ।

– ମୁଁ ତ ଏବେ ସେଇଆ କରିବି ବୋଲି ଭାବିଛି । ଶୁଭସ୍ୟ ଶ୍ରୀଘ୍ରମ୍ ନୀତିରେ ଆସନ୍ତା ରବିବାର ଦିନ ଗୋଟେ ପାର୍ଟିର ଆୟୋଜନ କରିବି ।

– ଏତେ ଜଲ୍‌ଦି ! ବାପା ସିନା ପିଲାଙ୍କ କଥାରେ ଅଭିମାନ କରି ତମକୁ ମୁକ୍ତ କରିଦେଲେ ବୋଲି କହିଦେଲେ, ହେଲେ ସେ କ'ଣ ଏତେ ଶୀଘ୍ର ଏସବୁ କଥାକୁ ଗ୍ରହଣ କରିପାରିବେ ?

– ସେଥିପାଇଁ ମୁଁ ଏକ ବିକଳ୍ପ ଚିନ୍ତା କରିଛି । ପାର୍ଟି ଦିନ ବାପାଙ୍କୁ ଆଉଟ୍ ହାଉସରେ ରଖିବାର ବ୍ୟବସ୍ଥା କରିବି, ଯେମିତି ଏ ସବୁ ତାଙ୍କ ଦୃଷ୍ଟିରେ ନ ପଡ଼େ ।

ଯାହା କରିବ ବୁଝିବିଚାରି କର; ଯେମିତି ଏ ବୟସରେ ତାଙ୍କ ମନରେ ଆଘାତ ନ ଲାଗେ !

Digitized by PPRACHIN, SOA

ନିର୍ଦ୍ଧାରିତ ଦିନ ଦେବବ୍ରତ ଆୟୋଜନ କଲେ ପାର୍ଟି। ବାଛି ବାଛି ଉପରିସ୍ଥ ଅଫିସରମାନଙ୍କୁ ନିମନ୍ତ୍ରଣ କଲେ, ଯେଉଁମାନଙ୍କ ବିନା ଚଢ଼ି ହେବ ନାହିଁ ଶିଡ଼ିର ସୋପାନ। ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଥିଲେ ପ୍ଲାଣ୍ଟର ଜି.ଏମ୍.ଙ୍କୁ ଜଣେ ଓଡ଼ିଆ ଲୋକର ସମ୍ପର୍କ ନେଇ।

ପାର୍ଟିର ଆୟୋଜନ ଖୁବ୍ ଧୁମ୍‌ଧାମ୍‌ରେ ହେଲା। ସମସ୍ତ ନିମନ୍ତ୍ରିତ ଅତିଥି ଆସି ଯଥାସମୟରେ ପହଞ୍ଚିଗଲେ। ଯେହେତୁ ଜି.ଏମ୍. ଆସିବାକୁ ସମ୍ମତି ପ୍ରଦାନ ସହ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ, କେବଳ ଅପେକ୍ଷା କରାଯାଇଥିଲା ତାଙ୍କର ଆଗମନକୁ। ଯଦିଓ ସାମାନ୍ୟ ବିଳମ୍ବରେ ସେ ଆସି ପହଞ୍ଚିଲେ, ତାଙ୍କ ବିଳମ୍ବକୁ କେହି ଘେନା କରି ନ ଥିଲେ।

ସେ ପହଞ୍ଚୁ ପହଞ୍ଚୁ ତାଙ୍କୁ ପାଛୋଟି ନିଆଗଲା ଡ୍ରଇଂରୁମ୍‌କୁ। ଡ୍ରଇଂରୁମ୍‌ଟିକୁ ସ୍ୱତନ୍ତ୍ର ଭାବରେ ସଜାଯାଇଥିଲା ତାଙ୍କର ରୁଚି ଓ ପସନ୍ଦକୁ ଧ୍ୟାନରେ ରଖି। ସେ ସୋଫା ଉପରେ ବସୁ ବସୁ ଘରର ସାଜସଜ୍ଜା ଉପରେ ଥରେ ଆଖି ବୁଲାଇ ଆଣିଲେ। ତାଙ୍କର ମୁହଁର ପ୍ରସନ୍ନତା କହୁଥିଲା ଯେ ସେ ପାର୍ଟିର ଆୟୋଜନ ଓ ତାଙ୍କର ସ୍ୱାଗତକୁ ନେଇ ବେଶ୍ ଖୁସି। ଘରର ସାଜସଜ୍ଜା ଉପରେ ଆଖି ବୁଲାଉ ବୁଲାଉ ହଠାତ୍ ଚମକି ପଡ଼ିବା ଭଳି ଉଠି ପଡ଼ି ଚାଲିଗଲେ କାନ୍ଥ ପାଖକୁ। ଫଟୋଟିକୁ ନିରୀକ୍ଷଣ କରି ପଚାରିଲେ– ଏ ଫଟୋ !

ଦେବବ୍ରତ ପ୍ରମାଦ ଗଣିଲେ। ଭାବିଲେ ପତ୍ନୀଙ୍କ କଥା ମାନିଥିଲେ ଠିକ୍ ହୋଇଥାଆନ୍ତା। ସକାଳେ ଘର ସଜାଇବା ବେଳେ ସେ କହୁଥିଲେ ବାପାଙ୍କର ପୁରୁଣା ଫଟୋଟିକୁ କାଢ଼ି ନେଇ ସେଠି ଗୋଟେ ପେଣ୍ଟିଂ ଝୁଲାଇଦେବା ପାଇଁ; ଅଥଚ ସେ ତାଙ୍କୁ ବାରଣ କରିଥିଲେ। ସେ ଭୟ କରିଥିଲେ ଯେ, ପାର୍ଟି ସରିବା ପରେ ଯଦି ବାପା ଜାଣନ୍ତି ଯେ ତାଙ୍କର ଫଟୋଟିକୁ ବି ଅପାଂକ୍ତେୟ ମନେକରି କାଢ଼ି ଦିଆଯାଇଛି, ହୁଏତ ଏହା ତାଙ୍କ ପାଇଁ କଫିନ୍‌ର ଶେଷ କଣ୍ଟା ହୋଇଯିବ। ଅଥଚ ଦେଖ, ବାଘ ଭୟ ଯେଉଁଠି ସନ୍ଧ୍ୟା କେମିତି ସେଇଠି ହେଉଛି !

ଏ ଫଟୋ! ଏ ଫଟୋ ବିଶ୍ୱସାର୍‌ଙ୍କର ତ ? ଆପଣ ବି କ'ଣ ତାଙ୍କର ଛାତ୍ର ଥିଲେ କି ? ପଚାରିଲେ ଜି.ଏମ୍.।

ତଥାପି ଫଟୋଟି ତାଙ୍କର ବାପାଙ୍କର ବୋଲି କହିବାକୁ ଦେବବ୍ରତ ଭରସି ପାରୁ ନ ଥିଲେ।

ଫଟୋଟିକୁ ହାତ ଯୋଡ଼ି ପ୍ରଣାମ କଲେ ଜି.ଏମ୍.। ସମବେତ ଅଫିସରମାନଙ୍କୁ ଚାହିଁ କହିଲେ, ଆପଣମାନେ ଜାଣି ନାହାନ୍ତି ଏ ଫଟୋ ସହ ମୋର ସମ୍ପର୍କ କ'ଣ ? ସେ ମୋ ପାଇଁ ଗୁରୁ ନ ଥିଲେ– ମୋ ପିତା ଥିଲେ। ଆଜି ମୁଁ ଯେଉଁଠି ପହଞ୍ଚିଛି, ସବୁ ତାଙ୍କରି ଅବଦାନ ଯୋଗୁଁ। ତାଙ୍କ ଭଳି ଗୁରୁ ବିରଳ। ମାତ୍ର ମୁଁ ହେଉଛି ତାଙ୍କର ଅଭାଗା ଛାତ୍ର, ଯିଏ ଗୁରୁ ଚାହିଁଥିବା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ଥରଟିଏ ସୌଭାଗ୍ୟ ପାଇଲା ନାହିଁ ତାଙ୍କୁ ସାକ୍ଷାତ୍ କରିବା ପାଇଁ। ଆପଣମାନେ ଜାଣନ୍ତି ନାହିଁ ମୋ ବଂଶର ଐତିହ୍ୟ। ମୁଁ ମାଧପୁରର

Digitized by PPRACHIN, SOA

ସନା ସେଠୀ ପୁଅ ବାଇଆ ସେଠୀ ଥିଲି । ସାର୍ ଥିଲେ ଆମ ଗାଆଁର ଶିକ୍ଷକ । ସେ ସବୁବେଳେ ପିନ୍ଧୁଥିଲେ ଧଳା ଫିନ୍ ଫିନ୍ ଧୋତି ଓ ପଞ୍ଜାବି । ମୋ ନଜରରେ ତାଙ୍କ ଧୋତି ଓ ପଞ୍ଜାବିରେ କେବେ ମଳିଆ ଦାଗ ପଡ଼ି ନ ଥିଲା । ତାଙ୍କର ପୋଷାକ ପରି ଥିଲା ତାଙ୍କର ଚରିତ୍ର ଓ ଶିକ୍ଷାଦାନ । ତାଙ୍କର ସବୁଦିନ ସଫା ପିନ୍ଧିବାର ଅଭ୍ୟାସ ପାଇଁ ମୋ ବାପା ଥିଲେ ତାଙ୍କର ନାଗୁଆ ଧୋବା । ଛୋଟ ବେଳେ ବାପାଙ୍କ ସାଥିରେ ବହୁବାର ଯାଉଥିଲି ସ୍କୁଲ ହତା ଭିତରେ ଥିବା ତାଙ୍କ କ୍ୱାର୍ଟରଟିକୁ, ସଫାକରା ଧୋତି ଓ ପଞ୍ଜାବି ଦେଇ ତାଙ୍କର ମଳିଆ ଧୋତି ଓ ପଞ୍ଜାବି ଆଣିବାକୁ । ବାପା ମୋତେ ସାଙ୍ଗରେ ଏଥିପାଇଁ ନେଉଥିଲେ ଯେ, ମୁଁ ଛୋଟ ବେଳୁ ତାଙ୍କ ବୃତ୍ତି ସହ ପରିଚିତ ହେଇଯାଏ; ମାତ୍ର ମୋର ଉଦ୍ଦେଶ୍ୟ ରହୁଥିଲା ମୁଁ ସ୍କୁଲ ହତା ଭିତରେ ବୁଲିବି, ଦେଖିବି ସେଠାରେ ଥିବା ନାନା ଜାତିର ଫୁଲଗଛ ଓ ଦେଖିବି କିପରି ପଢୁଛନ୍ତି ପିଲାମାନେ ।

ମୋର ଏପରି ବାରମ୍ବାର ଯିବା ଭିତରେ ସାର୍ଙ୍କ ସହ ମୋର ମୁହଁଚିହ୍ନା ହୋଇଯାଇଥାଏ । ବାପା ତାଙ୍କର ସଫା ଲୁଗା ଦେଇ ମଳିଆ ଲୁଗା ଆଣୁଥିବା ବେଳେ ମୁଁ ଚୁପ୍ କରି ଖସିଯାଏ ପିଲାମାନେ ପଢୁଥିବା କୋଠରି ପାଖକୁ । ଦୁଆର ପାଖରେ କବାଟ ଉହାଡ଼ରେ ଠିଆ ହୋଇ ଦେଖେ ପିଲାମାନଙ୍କର ପାଠପଢ଼ା । ଭାରି ଇଚ୍ଛା ହୁଏ, ମୁଁ ବି ଏମିତି ପଢ଼ନ୍ତି କି ! ବାପା ଲୁଗା ଗଣ୍ଠିଲି ବାନ୍ଧି ସାରି ଡାକ ଛାଡ଼ନ୍ତି– ବାଇଆ, ଆରେ ବାଇଆ, କୁଆଡ଼େ ଗଲୁ କି, ଆ-ଆ, ବେଳ ଉଛୁର ହେଉଛି । ପିଲାମାନଙ୍କର ପାଠପଢ଼ା ଦେଖିବାର ତନ୍ମୟ ଭାବରେ ବାପାଙ୍କର ଡାକ ମୋ କାନରେ ପଡ଼େନା । ମୁଁ ଥରେ ଏମିତି ତନ୍ମୟ ହୋଇ ପିଲାମାନଙ୍କର ପାଠପଢ଼ା ଦେଖୁଥିବା ବେଳେ ସାର୍ କେତେବେଳେ ଆସି ମୋ ପଛରେ ଠିଆ ହୋଇ ମୋତେ ଲକ୍ଷ୍ୟ କରୁଥିଲେ ମୁଁ ଜାଣି ନ ଥିଲି । ମୋ ବାପା ଯେତେବେଳେ ଡାକି ଡାକି ଆସି ମୋ ବାହୁକୁ ଧରି ପକାଇଲେ ଭିଡ଼ି ନେବା ପାଇଁ, ସେତେବେଳେ ଯାଇଁ କଟିଲା ମୋର ତନ୍ମୟଭାବ । ଏକାବେଳକେ ବାପା ଓ ସାର୍ଙ୍କୁ ମୋ ସାମ୍ନାରେ ଦେଖି ମୁଁ ଭାବିଲି, ମାରିବି ଡିଆଁଟେ । ବାପା ମୋ ହାତ ଧରି ଭିଡ଼ିବା ବେଳେ ସାର୍ ତାଙ୍କୁ ବାରଣ କରି ମୋତେ ପଚାରିଲେ– ତୁ ପାଠ ପଢ଼ିବୁ କି ?

ମୁଁ କିଛି ନ କହି ଚୁପ୍ ରହିଲି । ସାର୍ ମୋ ଉପରୁ ପ୍ରଶ୍ନଟି ଉଠାଇ ନେଇ ବାପାଙ୍କୁ ପଚାରିଲେ– ସନାତନ, ଏହାକୁ ପଢ଼ାଉ ନାହୁଁ କାହିଁକି ?

ବାପା ତାଙ୍କର ଦୟନୀୟ ଭାବ ପ୍ରକାଶ କରି କହିଲେ– ପାଠ ପଢ଼ାର ଯେତେ ଖର୍ଚ୍ଚ ମୁଁ ଉଠାଇପାରିବି କେଉଁଠୁ ? ପାଠ ପଢ଼ି ବି କରିବ କ'ଣ ? କେଉଁ ହାକିମ କି ମାଷ୍ଟର ଫାଷ୍ଟର ହୋଇପାରିବ ? ପିଲାବେଳୁ ବେଉସାକୁ ଆଦରିଥିଲେ ସିନା ପେଟ ପୋଷିପାରିବ ।

Digitized by PPRACHIN, SOA

ନା ରେ ସନା– ତୋ'ର ଏ ପୁଅର ଲକ୍ଷଣ କହୁଛି, ତା'ର ପାଠ ଅଛି। ସେ ପାଠ ପଢ଼ିଲେ ବହୁତ ଉପରକୁ ଉଠିବ। ହଉ– ତୁ ତା' ଖର୍ଚ୍ଚ ଉଠାଇ ପାରିବୁନି ବୋଲି ଡରୁଛୁ ତ? ସେ ଦାୟିତ୍ୱ ମୋର। ତା'ପରେ ମୋ ଆଡ଼େ ଚାହିଁ ସାର୍ କହିଲେ– କାଲିଠୁ ତୋ'ର ପାଠପଢ଼ା ଆରମ୍ଭ ହେବ। ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ। କାଲି ଗୁରୁବାରରେ ସ୍କୁଲରେ ତୋ ନାଆଁ ଲେଖାହେବ। କାଲିଠୁ ତୁ ସ୍କୁଲ ହଷ୍ଟେଲରେ ରହି ମୋ ପାଖରେ ପଢ଼ିବୁ। କ'ଣ ରାଜି ତ?

ମୁଁ ବିଶ୍ୱାସ କରିପାରୁ ନ ଥିଲି ସେ କଥାକୁ। ହେଲେ ସତକୁ ସତ ତା'ପରଦିନ ମୋ ନାଆଁ ଲେଖା ହେଲା ସ୍କୁଲରେ। ସାର୍ ସ୍କୁଲ ରେଜିଷ୍ଟରରେ ମୋ ନାମ ଲେଖାଇବାକୁ ଯେତେବେଳେ ମୋ ଭଲ ନାଆଁ କ'ଣ ବୋଲି ବାପାଙ୍କୁ ପଚାରିଲେ, ମୋ ବାପା କହିଲେ ଆମର ଗୋଟେ ଡାକ ନାଆଁ ଓ ଭଲ ନାଆଁ କ'ଣ? ତାକୁ ତ ଆମେ ବାଇଆ ବାଇଆ ଡାକୁଛୁ। ଲେଖି ଦିଅନ୍ତୁ, ବାଇଆ ସେଠୀ କିମ୍ବା ବାଇଧର ସେଠୀ।

ସାର୍ କହିଲେ– ନା, ସେ ବାଇଆ କିମ୍ବା ବାଇଧର ସେଠୀ ନୁହଁ, ସେ ଆଜିଠୁ ଏକଲବ୍ୟ ସେଠୀ। ବାସ୍, ସେବେଠୁ ମୁଁ ହୋଇଗଲି ଏକଲବ୍ୟ ଓ ସେ ମୋର ଗୁରୁ ଦ୍ରୋଣ। ସାର୍ ପଢ଼ାଉଥିବା ସ୍କୁଲରେ ସପ୍ତମ ଶ୍ରେଣୀ ଯାଏ ଥିଲା। ହାଇସ୍କୁଲ ଯାଇ ଥିଲା ଆମ ଗାଆଁଠାରୁ ପାଞ୍ଚ କିଲୋମିଟର ଦୂରରେ। ସାର୍‌ଙ୍କର ଭାରି ଭୟ ଥିଲା କାଳେ ହୁଏତ ସପ୍ତମ ଶ୍ରେଣୀ ପରେ ମୋ ପାଠପଢ଼ା ବନ୍ଦ ହୋଇଯିବ ଆମର ଅର୍ଥାଭାବ ଓ ତାଙ୍କର ଅସାମର୍ଥ୍ୟ ପାଇଁ। ତେଣୁ ସେ ଚାହୁଁଥିଲେ ମୁଁ ଯେପରି ସପ୍ତମ ଶ୍ରେଣୀରେ ବୃତ୍ତି ପାଏ ଏବଂ ଯେଉଁ ସରକାରୀ ସ୍କୁଲରେ ଛାତ୍ରର ସମସ୍ତ ଖର୍ଚ୍ଚ ବହନ କରି ପାଠ ପଢ଼ାଯାଉଛି, ସେଠାରେ ପଢ଼େ। ତେଣୁ ସେ ବାଜି ଲଗାଇ ଦେଇଥିଲେ ତାଙ୍କର ଶିକ୍ଷକତାର ସମସ୍ତ ଦକ୍ଷତାକୁ ମୋ ଉପରେ। ମୁଁ ମଧ୍ୟ ସାର୍‌ଙ୍କର ଆଶାକୁ ନିରାଶ କରି ନ ଥିଲି। କେବଳ ସପ୍ତମ ଶ୍ରେଣୀରେ ବୃତ୍ତି ପାଇଲି ନୁହଁ, ଜାତୀୟ ମେଧା ବୃତ୍ତିରେ ସାରା ରାଜ୍ୟରେ ପ୍ରଥମ ହୋଇ ଆସିଥିଲି କଟକ ପଢ଼ିବା ପାଇଁ। ବାସ୍, ତା'ପରେ ମୁଁ ଆଉ ପଛକୁ ଚାହିଁନି। ମାଟ୍ରିକ୍ ପରେ ବୃତ୍ତି ପାଇ କଲେଜ ଏବଂ ସେଠାରୁ ଆସି ଇଂଜିନିୟରିଂ ସରିବା ଯାଏ ସବୁଠି ବୃତ୍ତି ପାଇ ପଢ଼ି ପଢ଼ି ଆସି ଏ ଚାକିରିରେ ପହଞ୍ଚିଛି।

– ଆପଣ ତା'ହେଲେ ସାର୍‌ଙ୍କର ଛାତ୍ର ଥିଲେ?

– ଥିଲି କ'ଣ? ଏବେ କ'ଣ ନାହିଁ କି? ତାଙ୍କର ଆଦର୍ଶ ଓ ନୀତିକୁ ତ ମୁଁ ଆଜିଯାଏ ସମ୍ମାନ ଦେଇ ଆସିଛି। ସେ ତ ମୋ ପାଇଁ କେବଳ ଶିକ୍ଷକ ନ ଥିଲେ, ଥିଲେ ମୋର ନବଜନ୍ମର ଜନକ। ସେ ନ ଥିଲେ ମୁଁ ଆଜି ପିଠିରେ ଲୁଗା ଗଣ୍ଠିଲି ବୋହି ତୁଠର ଗଣ୍ଡି ଉପରେ ଝାଳ ନିଗାଡୁଥାଆନ୍ତି।

– ଆପଣଙ୍କର ସେହି ଶିକ୍ଷକ ମୋର ବାପା ସାର୍।

– ସେ ଆପଣଙ୍କର ବାପା! ସାର୍ ଏବେ କେଉଁଠି?

Digitized by PPRACHIN, SOA

– ଏଇଠି ମୋ ପାଖରେ ରହୁଛନ୍ତି ।

– ମୋତେ ଟିକିଏ ତୁରନ୍ତ ତାଙ୍କ ସହ ସାକ୍ଷାତ୍ କରାଇଦିଅନ୍ତୁ ।

– ଦ୍ୱନ୍ଦ୍ୱରେ ପଡ଼ିଗଲେ ଦେବବ୍ରତ । ଜି.ଏମ୍.ଙ୍କୁ ବାପା ରହୁଥିବା ଆଉଟ ହାଉସକୁ ନେବେ ନା ବାପାଙ୍କୁ ଡାକିଆଣିବେ ଏଠାକୁ ! ମାତ୍ର ଏଠି ପାର୍ଟି ପାଇଁ ଯାହା ସବୁ ଆୟୋଜନ ହୋଇଛି, ସେଥିରେ ବାପାଙ୍କୁ ଏଠାକୁ କିପରି ଡାକିବେ !

ଜି.ଏମ୍. କହିଲେ– ଚାଲନ୍ତୁ, ଚାଲନ୍ତୁ; ମୁଁ ଥରେ ସାର୍‌ଙ୍କର ଦର୍ଶନ କରେ, ତା'ପରେ ଯାଇ ଅନ୍ୟ କଥା ।

ଜି.ଏମ୍.ଙ୍କୁ ଧରି ଆଉଟ୍ ହାଉସ ଆଡ଼କୁ ଗଲେ ଦେବବ୍ରତ । ଅନତିଦୂରରୁ ଥାଇ ଶୁଣିଲେ ଭାସି ଆସୁଥିବା ମନ୍ତ୍ରଧ୍ୱନି–

ଓଁ ଈଶାନୁଶାସନମ୍ ସ୍ୱୀକାରିଷ୍ୟାମି

ଓଁ ମର୍ଯ୍ୟାଦାଂ ଆଚରିଷ୍ୟାମି

ଓଁ ବର୍ଜ୍ୟଂ ନ ଆଚରିଷ୍ୟାମି

ଦେବବ୍ରତ ବାପାଙ୍କ ପାଖକୁ ଯାଇ ଧୀର ସ୍ୱରରେ କହିଲେ– ବାପା, ଆମ ଜି.ଏମ୍. ତମକୁ ଭେଟିବାକୁ ଆସିଛନ୍ତି ।

ମନ୍ତ୍ର ଉଚ୍ଚାରଣରୁ ସାମୟିକ ବିରତି ନେଇ ସେ ଆଖିକୁ ଅର୍ଦ୍ଧ ଉନ୍ମୀଳିତ କଲେ ।

ଜି.ଏମ୍. ତାଙ୍କ ଆସନ ପାଖରେ ଆଣ୍ଠୋଇ ପଡ଼ି କହିଲେ– ସାର୍ ମୁଁ ଏକଲବ୍ୟ, ଏକଲବ୍ୟ ସେଠୀ । ଆପଣଙ୍କୁ ଭେଟିବାକୁ ଆସିଛି ।

ହଠାତ୍ ଆଖିକୁ ପୂର୍ଣ୍ଣ ଉନ୍ମୀଳିତ କରି ବିଶ୍ୱବାବୁ କହିଲେ– ଏକଲବ୍ୟ ! ତୁ ହଠାତ୍ ଏଠି କେମିତି ?

– ଆଜି ଦେବବ୍ରତବାବୁଙ୍କର ନିମନ୍ତ୍ରଣ ରକ୍ଷା କରି ଏଠାକୁ ଆସିଥିଲି । ସେଇଠୁ ଜାଣିଲି, ସେ ଆପଣଙ୍କର ପୁଅ ଓ ଆପଣ ଏଠାରେ ରହୁଛନ୍ତି ବୋଲି ।

ଓଃ ! କହି ଚୁପ୍ ଓ ଗମ୍ଭୀର ହୋଇଗଲେ ବିଶ୍ୱବାବୁ । ସୁଟ୍ ଟାଇ ପରିହିତ ଏକଲବ୍ୟ ଲମ୍ବ ହୋଇ ପଡ଼ିଗଲେ ପାଦତଳେ ।

ତାଙ୍କ ମୁଣ୍ଡକୁ ସ୍ନେହରେ ଆଉଁଶି ଦଉ ଦଉ ସେ ପଚାରିଲେ– ତୋ'ର ସବୁ ଭଲ ତ ?

– ଆପଣଙ୍କ ଆଶୀର୍ବାଦରୁ ସବୁ ଭଲ । ଆପଣଙ୍କ ଶିକ୍ଷା ଓ ଆଦର୍ଶକୁ ନେଇ ତ ମୁଁ ଆଜି ଆସି ଏଠି ପହଞ୍ଚିଛି । ମୋର ଭାଗ୍ୟ ଯେ ମୁଁ ଆଜି ଆପଣଙ୍କ ଦର୍ଶନ ପାଇଲି ।

Digitized by PPRACHIN, SOA

– ହଁ – ତୋ'ର ଏ ଦର୍ଶନ ନ ହୋଇଥିଲେ ଖୁବ୍ ଭଲ ହୋଇଥାଆନ୍ତା। ଏ ଦର୍ଶନର ସନ୍ଧିକ୍ଷଣରେ ତୁ ହୁଏତ ଗୁରୁଙ୍କର ଅନ୍ୟ ଏକ ରୂପ ଦେଖିପାରୁ, ଯାହା ଫଳରେ ତୋ' ଭିତରେ ସାଇତା ଗୁରୁମୂର୍ତ୍ତି ପ୍ରତି ତୋ'ର ମୋହଭଙ୍ଗ ଘଟିପାରେ। ଯେଉଁ ଗୁରୁ ଏକଲବ୍ୟ ପରି ଶିଷ୍ୟ ସୃଷ୍ଟି କରିପାରେ, ସେହି ଗୁରୁ ବି କୁରୁସଭାରେ ବସି ଦେଖିପାରେ ତାଙ୍କର ଆଉ ଦଳେ ଶିଷ୍ୟଙ୍କ ଦ୍ୱାରା ହେଉଥିବା ଦ୍ରୌପଦୀଙ୍କ ବସ୍ତ୍ରହରଣ, ତାହା ପୁଣି ବିନା ପ୍ରତିବାଦରେ। ଏକଥା ଦେଖିବା ପରେ ଗୁରୁଙ୍କ ପ୍ରତି ତୋ' ହୃଦୟ ଭିତରେ ଯେଉଁ ସମ୍ମାନବୋଧ ରହିଛି, ତାହା କ'ଣ ରହିପାରିବ ?

– ନା ସାର୍, ଆପଣଙ୍କର ଆଦର୍ଶର ଭବିତବ୍ୟ ଏଇଆ ନୁହଁ।

– ସମୟ ବଦଳି ଯାଇଛି ଏକଲବ୍ୟ। ସମୟର ପରିବର୍ତ୍ତନ ସହ ଗୁରୁଙ୍କର ଶିକ୍ଷା ଓ ଦୀକ୍ଷାର ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ମୁଁ ଆଜି ଉପଲବ୍ଧି କରିବାକୁ ବାଧ ହେଉଛି। ନଚେତ୍ ଘରକୁ ମନ୍ଦିର ମନେକରିବାକୁ ଶିକ୍ଷା ଦେଇଥିବା ଗୁରୁଙ୍କୁ ଘରର ଅଗଣାରେ ମଦିରାର ମହୋତ୍ସବ ଦେଖିବାକୁ ଈଶ୍ୱର କାହିଁକି ଆୟୁଷ ଦେଇଥାଆନ୍ତେ ?

ଏକଲବ୍ୟ ଚାହିଁଲେ ଦେବବ୍ରତଙ୍କ ଆଡ଼େ। ତାଙ୍କ ଚାହାଣି ହିଁ ଯଥେଷ୍ଟ ଥିଲା ସେ କ'ଣ ଚାହୁଁଛନ୍ତି ବୁଝାଇଦେବାକୁ।

ହଠାତ୍ ବନ୍ଦ ହୋଇଗଲା ଷ୍ଟେରିଓର ମୃଦୁ ସଙ୍ଗୀତ ଓ ଆସର ଜମିବାର ଚଳଚଞ୍ଚଳତା। ନିଷ୍ପ୍ରଭ ହୋଇଗଲା ଆଲୋକର ହିଲ୍ଲୋଳ। କେହି କାହାରିକୁ କିଛି ନ କହିଲେ ମଧ୍ୟ ଶୃଙ୍ଖଳିତ ହୋଇଗଲା ପରିବେଶ। ଉଭେଇ ଯାଇଥିଲା ମୁହଁ ଖୋଲା ଯିବାକୁ ଉଦ୍ୟତ ହୋଇ ରହିଥିବା ବିଦେଶୀ ପାନୀୟ ବୋତଲ ଓ ପିଆଲା। ଚାରିଆଡ଼େ ବ୍ୟାପିଗଲା ଗୋଟେ ଥମ୍ ଥମ୍ ନୀରବତା ଓ ମନ୍ଦିରର ପବିତ୍ରତା।

– ସାର୍, ମୁଁ ଆପଣଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆପଣ ମନ୍ତ୍ର ଜପ କରୁଥିଲେ। ଆପଣ ତ ଆମକୁ ଶିକ୍ଷା ଦେଇଥିଲେ, ଶବ୍ଦ ହେଉଛି ବ୍ରହ୍ମ ଓ ଏହାର ଶକ୍ତି ଅସୀମ। ଆପଣ ଜପ କରୁଥିବା ମନ୍ତ୍ରର ପ୍ରଭାବ ଉପରେ ତ ଆପଣ ଆସ୍ଥାବାନ୍ ହେବା କଥା ! ଜଣେ ସଦ୍‌ଗୁରୁଙ୍କର ସଦିଚ୍ଛାର ଜପ କ'ଣ କେବେ ନିଷ୍ଫଳ ହୋଇପାରେ ? ଆପଣ ଆସନ୍ତୁ ମୋ ସହିତ ଦେଖିବେ, କିଛି ବି ଅଘଟଣ ଘଟିନି ଆପଣଙ୍କ ଦେବାଳୟରେ।

ସାର୍ ଆଉଟ୍ ହାଉସ୍‌ରୁ ବାହାରକୁ ଆସିଲେ। ବାହାରେ କ୍ୟାସେଟ୍‌ରେ ଖୁବ୍ ମୃଦୁ ସ୍ୱରରେ ବାଜୁଥିଲା–

ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ
ଭର୍ଗୋଦେବସ୍ୟ ଧୀମହି
ଧିୟୋଯୋନଃ ପ୍ରଚୋଦୟାତ୍

Digitized by PPRACHIN, SOA

ଗୋଟିଏ ପବିତ୍ର ପୁଲକରେ ଉଲ୍ଲସିତ ହୋଇଯାଇ ସାର୍ ପଚାରିଲେ– ଆପଣମାନେ ଏ ଯାଏ ଖାଇ ନାହାନ୍ତି ?

– ନା କେହି ଖାଇ ନାହାନ୍ତି; ସମସ୍ତେ ଅପେକ୍ଷା କରିଥିଲେ ଆପଣଙ୍କର ଆସିବାକୁ।

ପାର୍ଟି ରୂପାନ୍ତରିତ ହୋଇଗଲା ଭୋଜିରେ। ସମସ୍ତେ ଖାଇପିଇ ଯାଇସାରିବା ପରେ ବାହାରିଲେ ଜି.ଏମ୍.। ଗଲାବେଳେ ସାର୍‌ଙ୍କର ପାଦ ଧରି କହିଲେ– ମୋର ସୌଭାଗ୍ୟ ଥିଲା, ଆପଣଙ୍କ ଦର୍ଶନ ମିଳିଲା। ଯଦି କେବେ ସୁଯୋଗ ଦିଅନ୍ତି, ତେବେ କିଛି ସେବା କରି ଗୁରୁ ଋଣ ପରିଶୋଧ କରିପାରନ୍ତି।

ମୁଁ ଗୁରୁ ଦ୍ରୋଣାଚାର୍ଯ୍ୟ ନୁହେଁ, ମାଟିର ଦ୍ରୋଣ। ଆଜି ତୋ'ର ଉପସ୍ଥିତିରେ'ଯେପରି ରକ୍ଷା ହୋଇଗଲା ମୋର ଏତେ ଦିନର ସଂସ୍କାର, ତାହା କ'ଣ ଛୋଟିଆ ଗୁରୁ ଦକ୍ଷିଣା ? ଇଏ ତ ମୋତେ ଲାଗିଲା, ଦ୍ରୌପଦୀଙ୍କ ଶାଢ଼ିର ଧଡ଼ି ଦାନ ବଦଳରେ ଶ୍ରୀକୃଷ୍ଣଙ୍କର ସହସ୍ର ବସ୍ତ୍ରଦାନ ପରି ! ଏହାଠାରୁ ଆଉ ଅଧିକ କ'ଣ ମାଗିବି ? କେବଳ ଆଶୀର୍ବାଦ କରୁଛି– ସୌଭାଗ୍ୟବାନ୍ ଭବ।

ଏକଲବ୍ୟ ପୁଣି ଥରେ ଗୁରୁଙ୍କ ପାଦ ତଳେ ଆଭୂମି ପ୍ରଣିପାତ କଲେ।

ଜି.ଏମ୍. ଚାଲିଯିବା ପରେ ବାପାଙ୍କ ଗୋଡ଼ ପାଖରେ ବସିଯାଇ କଇଁ କଇଁ ହୋଇ କାନ୍ଦି ଉଠି ଦେବବ୍ରତ କହିଲେ– "ମୋତେ କ୍ଷମା କରିଦିଅ ବାପା, ମୋତେ କ୍ଷମା କରିଦିଅ।"

ପୁଅ ମୁଣ୍ଡକୁ ସ୍ନେହରେ ସାଉଁଳେଇ ଦେଇ ବାପା କହିଲେ– ଛି, ପାଗଳାଟା। ରାତି ଢେର ହେଲାଣି, ଯାଆ, ଶୋଇବୁ ଯାଆ।

■■

Digitized by PPRACHIN, SOA

ଭିଟାମାଟି

ଖବର ଆସି ପହଞ୍ଚିଲା କାଳିମାଟିର ଜଣେ ଲୋକ ଛାଡ଼ି ନାହିଁ ଘର। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ହୋଇ ପଡୁଥିଲେ ବ୍ୟସ୍ତ। କମିଶନରଙ୍କ ପ୍ରୋଗ୍ରାମ ଅଛି। ଜଣେ ଲୋକ ବି ଯଦି ଘର ନ ଛାଡ଼ିଥାଏ, ତେବେ ରିପୋର୍ଟ ଦେଇ ହେବ ନାହିଁ ଯେ ସେ ଗାଆଁର ସମ୍ପୂର୍ଣ୍ଣ ବିସ୍ଥାପନ ହୋଇ ସାରିଛି ବୋଲି। ନିଜର ବିବଶତାକୁ ଚପାଇ ରଖିବାକୁ ଯାଇ ସେ ରାଗି କରି ପ୍ରଶ୍ନ କଲେ– କାହିଁକି ସେ ଛାଡ଼ିଲା ନାହିଁ ଘର ? କ'ଣ ତା'ର ଆଉ ରହିଗଲା ବାକି ?

ଆର୍.ଆଇ. ବିପ୍ରନନ୍ଦନ ଜାଣୁଥିଲେ ଘଟଣାର ପରିଣାମକୁ। ସେ ବଡ଼ ବିନୀତ ହୋଇ କହିଲେ– ତା'ର ଜମିଜମା, ଘରବାଡ଼ି, ଗଛବୃଛ ସବୁକୁ ହିସାବ କରି ତାକୁ ଚେକ୍ ଧରାଇ ଦିଆଯାଇଛି। ସେ ଲୋକଟା ଟିକେ ଅଡ଼ଙ୍ଗା କରିବ ବୋଲି ଆଶଙ୍କା କରି ତା'ର କଚ୍ଚା ଘରକୁ ପକ୍କା ଘର, ହାଲ୍ ଜମିକୁ ବାହାଲ କରି, ତା' ବାଡ଼ିରେ ଯେତେ ଗଛବୃଛ ନ ଥିଲା ତା'ଠାରୁ ଢେର ଅଧିକ ଦର୍ଶାଇ ତାକୁ କ୍ଷତିପୂରଣ ଦେଇଥିଲୁ ସାର୍।

ଏସବୁ ସତ୍ତ୍ୱେ ସେ ଛାଡୁ ନାହିଁ ଘର ! କ'ଣ ଚାହୁଁଛି ସେ।

ବଳପୂର୍ବକ ତା'ର ସମସ୍ତ ଜିନିଷ ଟ୍ରାକ୍ଟରରେ ଭର୍ତ୍ତି କରି ତାକୁ ଖାଲି କରାଯାଇ ପାରିଥାଆନ୍ତା ସାର୍, ହେଲେ ଆମେ ଟିକିଏ ଆଗପଛ ଚିନ୍ତା କଲୁ।

କ'ଣ ଆଗପଛ ଚିନ୍ତା କଲେ ?

ଏବେ ବିଧାନସଭା ଚାଲିଛି। ବିସ୍ଥାପନ ନୀତି ପୁନର୍ନିର୍ଦ୍ଧାରଣ କରାଯିବାର ବିଲ୍ ମଧ୍ୟ ଅଛି ବିଧାନସଭାରେ। ବିସ୍ଥାପନ ଉପରେ ଏଇନେ ମାଛି ପଡ଼ିଲେ ନବଖଣ୍ଡ। ବିସ୍ଥାପନ ବିରୋଧୀ ମଞ୍ଚ ତ ଟାକି କରି ବସିଛନ୍ତି ଏମତି ଘଟଣା ସବୁକୁ। ସେଥିକୁ ଏ ପ୍ରେସ୍‌ବାଲା, ଟି.ଭି. ବାଲା ତ ତିଳକୁ ତାଳ କରୁଛନ୍ତି। ତା'ଉପରେ ପୁଣି ଆମ କମିଶନରଙ୍କ ହୁକୁମ୍– ଇଭାକ୍ୟୁଏସନ୍ ଉଇଥ୍ ଏ ହ୍ୟୁମାନ ଫେସ୍। ଏହିସବୁ କଥାକୁ ଦୃଷ୍ଟିରେ ରଖି ଆମେ ତା' ଉପରେ ବଳପ୍ରୟୋଗ କରିବାଟାକୁ ଉଚିତ ମନେ କଲୁ ନାହୁଁ।

Digitized by PPRACHIN, SOA

ହଁ ଠିକ୍ କଲ। ଭଲ କଲ। ହେଲେ ସେ ଲୋକଟା ଚାହୁଁଛି କ'ଣ? ତା' ଗାଆଁର ସବୁ ଲୋକ ଘର ଛାଡ଼ି ଯିବା ପରେ ସେ କ'ଣ ସେଇଠି ଏକୁଟିଆ ଥିବ ନା ସେଇ ଜଣକ ପାଇଁ ଆମେ ସେ ଗାଆଁଟାକୁ ଛାଡ଼ି ଦେଇପାରିବା?

ସେ କ'ଣ ଚାହୁଁଛି କହିନି ସାର୍।

ତମେ ତାକୁ ପଚାରିଥିଲ?

ପଚାରିବାକୁ ଯାଇ ବହୁ ଚେଷ୍ଟା ଓ କଷ୍ଟରେ ଯାଇ ତା' ପାଖରେ ପହଞ୍ଚିଥିଲୁ।

କ'ଣ କହିଲା ସିଏ?

ଆମେ ପହଞ୍ଚିବା ବେଳକୁ ସେ ତା' ଘର ପାଖ ଡଙ୍ଗର ଭିତରେ ଥିବା ଏକ ପାହାଡ଼ ଖୋଳରେ ଥିଲା। ଖୋଜି ଖୋଜି ସେଠି ଯାଇଁ ପହଞ୍ଚିଲୁ ବି। ହେଲେ ଆମେ ପହଞ୍ଚିବା ବେଳକୁ ସେ ସେହି ଖୋଳ ଭିତରେ ଥିବା ମାଆ ଦୁଆରସୁଣୀଙ୍କ ପୂଜାରେ ବସିଥିଲା। ଅପେକ୍ଷା କଲୁ ଢେର ସମୟ ଯାଏ, ହେଲେ ତା'ର ପୂଜା ସରିଲାନି କି ଧ୍ୟାନ ଭାଙ୍ଗିଲା ନାହିଁ। ଆଉ ସେଇ ପୂଜା ସମୟରେ ତାକୁ କିଛି ପଚାରିବା ପାଇଁ ମୁଁ ଭୟ ପାଇଲି ସାର୍। ମୁଁ ଜାଣେ ସାର୍, ଏ ଆଦିବାସୀ ଲୋକଙ୍କ ପୂଜାରେ ସାମାନ୍ୟ ବିଘ୍ନ ହେଲେ ସେମାନେ ପୂଜି ଦେବାକୁ ବି ପଛାଇବେ ନାହିଁ।

ଓଃ– ସେଇଠୁ ତମେ ଡରିକରି ପଳାଇ ଆସି ମୋତେ ଏ ଖବରଟା ଦେଉଛ ନୁହେଁ? ସେ ଲୋକଟା କ'ଣ ତାନ୍ତ୍ରିକଟାଏ କି?

ସେ ଗାଆଁର ଦିଶାରୀ ଥିଲା। ମାଆ ଦୁଆରସୁଣୀଙ୍କ ପୂଜକ ଓ ଭକ୍ତ।

ତା' ମାନେ ସେ ତା'ର ସବୁ ପ୍ରାପ୍ୟ ପାଇସାରିବା ପରେ ମଧ୍ୟ ଗାଆଁ ଛାଡ଼ିବ ନାହିଁ ଓ ଆମେ ଆଖିବୁଜି ଚୁପ୍‌ଚାପ୍ ରହିବା।

ମୁଁ କ'ଣ କହୁଥିଲି କି ସାର୍– ସେ ଲୋକଟାର ଘର, ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଏମିତିକା ଜାଗାରେ ଯେ ସେଠାକୁ କେହି ଯାଇପାରିବେ ନାହିଁ। ଏବେ କମିଶନରଙ୍କ ଗସ୍ତ ସମୟରେ ଆମେ ଯଦି ସମ୍ପୂର୍ଣ୍ଣ ବିସ୍ଥାପନ ସରିଛି ବୋଲି ରିପୋର୍ଟ ଦେଇଦେବା ତେବେ କିଛି ଅସୁବିଧା ହେବ ନାହିଁ।

ହଇହୋ ବିପ୍ରବାବୁ– ତମେ ମନେ ମନେ ନିଜକୁ ଏକୁଟିଆ ଚାଲାକ୍ ଭାବୁଛ ନୁହେଁ? କମିଶନର ଆସିବାକ୍ଷଣି ତ ଏ ସାମ୍ବାଦିକମାନେ ତାଙ୍କୁ ଘେରି କରି ବସିବେ। ସେମାନଙ୍କ ଭିତରୁ ଯଦି କିଏ ଏକଥା ଜାଣିଥାଏ ଆଉ ଜଣାଇ ଦିଏ, ତେବେ ମୋ ଚାକିରି ରହିବ ତ? ନିଜର ବିଫଳତାକୁ ଘୋଡ଼ାଇବାକୁ ଯାଇ ଏଭଳି ମିଥ୍ୟାର ଆଶ୍ରୟ ନେବାକୁ ତମକୁ ନିଜକ

Digitized by PPRACHIN, SOA

ଖରାପ ଲାଗୁ ନାହିଁ? ସେସବୁ କଥା ଛାଡ଼ି କାଲି ସକାଳୁ ବାହାର ମୋ ସାଙ୍ଗରେ। ସେ ଲୋକକୁ ଓ ତା'ଘର ମୋତେ ଦେଖାଇ ଦେବ, ଦେଖିବା କେମିତି ନ ଛାଡୁଛି ଘର।

ସକାଳୁ ସକାଳୁ ସମସ୍ତେ ବାହାରିଲେ କାଳିମାଟି। କିଛି ବାଟ ଜୀପ୍‌ରେ ଯିବା ପରେ ଆଉ ଆଗକୁ ଜୀପ୍ ଯିବାଭଳି ରାସ୍ତା ନ ଥିଲା। ଜୀପ୍‌ରୁ ଓହ୍ଲାଇ ପଡ଼ି ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପଚାରିଲେ– ଏଇଠୁ କେତେ ଦୂରରେ ସେ ରହୁଛି ?

ବାଟ ତ ବେଶିଦୂର ନୁହେଁ, ହେଲେ ଜଙ୍ଗଲ ଓ ପାହାଡ଼ିଆ ରାସ୍ତା। ସେଠିକୁ ପହଁଚିବାକୁ ହେଲେ ଘଣ୍ଟାଏ ଦେଢ଼ଘଣ୍ଟାରୁ କମ୍ ଲାଗିବ ନାହିଁ।

ଘଣ୍ଟାଏ ଦେଢ଼ଘଣ୍ଟା ଚାଲିବାକୁ ପଡ଼ିବ ଭାବି କିଛି ସମୟ ଥଅ-ମମ ହୋଇ ଚିନ୍ତା କଲେ ସେ। ତା'ପରେ କହିଲେ– ହଉ ଆସିଛନ୍ତି ଯେତେବେଳେ ସେଠିତ ଯାଇ ପହଁଚିବାକୁ ପଡ଼ିବ। ଚାଲ ତମେ ଆଗେ ଆଗେ ଆମକୁ ବାଟ ଦେଖାଇ ଚାଲ। ଡ୍ରାଇଭରକୁ କହିଲେ ତୁ ଥା' ଜୀପ୍‌କୁ ଜଗିକରି।

ଜଙ୍ଗଲର କଣ୍ଟା ଝଣ୍ଟା ଅଡ଼େଇ ଅଡ଼େଇ, ନାଳ, ଖାତ, ଖମାର ଡେଇଁ, ମଝିରେ ମଝିରେ ମୁଣ୍ଡିଆ ପାହାଡ଼ର ଚଟରା ଚଢ଼ି ସେମାନେ ଅଗ୍ରସର ହେଉଥିଲେ ଗନ୍ତବ୍ୟସ୍ଥଳକୁ। କିଛି ବାଟ ଚାଲିବା ପରେ ଥକ୍‌କା ହୋଇ ଗୋଟେ ଚଟରା ଉପରେ ବସିଯାଇ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରଶ୍ନ କଲେ– ତମେ କ'ଣ ସତରେ ତା'ଘରକୁ ଯାଇ ତାକୁ ଭେଟିଛ ?

ହଁ ସାର୍, ନ ଯାଇ କ'ଣ ମିଛ କହି ଆପଣଙ୍କୁ ସେ ଜାଗାକୁ ନେଇ ଏତେ କଷ୍ଟ ଦେଉଛି।

ଏଠିକି ଆସି ସରଜମିନ୍ ତଦନ୍ତ ନ କରିଥିଲେ ଏ କଷ୍ଟ ଠାରୁ ବଳି ପଡ଼ିଥାଆନ୍ତା ଆମ ହାକିମଙ୍କ ରୋକଡ଼। ସେ ତ କିଛି ବୁଝିବେ ନାହିଁ, କଥା କଥାକେ କହୁଥିବେ ୟୁସ୍‌ଲେସ୍, ତମଦ୍ୱାରା କିଛି ହେବନି, ତମକୁ ସସ୍‌ପେଣ୍ଡ କରିବି, ଡିସ୍‌ମିସ୍ କରିବି ଇତ୍ୟାଦି ଇତ୍ୟାଦି। ସେ କାହିଁକି ବୁଝିବେ ଫିଲ୍‌ଡରେ କାମ କରିବା ଏଠି କେତେ କଷ୍ଟ ବୋଲି। ମୁଁ ତ ଏଇ ଆସିବା ଭିତରେ ସ୍ଥିର କରିସାରିଲିଣି– ଯଦି ମୋ ବୁଝାଇବା ସତ୍ତ୍ୱେ ବି ଲୋକଟା ଘର ନ ଛାଡ଼େ, କମିଶନରଙ୍କୁ ପଚାରିବି ବଳ ତ ପ୍ରୟୋଗ କରିବୁ ନାହିଁ, କେମିତି ବିସ୍ଥାପନ କରିବୁ କୁହନ୍ତୁ ? ମୁଁ ଜାଣେ ସେତେବେଳକୁ ପାଟି ପୂରା ବନ୍ଦ ହୋଇଯିବ। କାଗଜପତ୍ରରେ ଅର୍ଡ଼ର ଝାଡ଼ିବାଟା ଯେତେ ସହଜ ଅସଲ କାମଟା ସେତେ ସହଜ ନୁହେଁ।

ବିପ୍ରନନ୍ଦନ ମନେ ମନେ ଖୁସି ହେଉଥିଲେ ତାଙ୍କ ହାକିମଙ୍କର ଏ ଉପଲବ୍ଧି ପାଇଁ।

ପୁଣି କିଛି ବାଟ ଚାଲିବା ପରେ ସ୍ୱତନ୍ତ୍ର ଭୂ-ଅଜନ ଅଧିକାରୀ ପ୍ରଶ୍ନ କଲେ– ସତରେ କ'ଣ ସେ ଗାଆଁ ସାରା ସବୁ ଯାଇସାରିବା ପରେ ମଧ୍ୟ ଲୋକଟି ଏକୁଟିଆ ରହିଛି ?

Digitized by PPRACHIN, SOA

ହଁ ସାର୍।

ଏକୁଟିଆ ଏ ଜଙ୍ଗଲ ଭିତରେ କେମିତି ପଡ଼ିରହିଛି ? ତା'ର କ'ଣ ଡର ଭୟ ନାହିଁ ? କିଛି ଗୋଟେ ବିପଦ ଆପଦ ପଡ଼ିଲେ କେହି ତ ଜଣେ ନାହାନ୍ତି ସାହାଯ୍ୟ କରିବା ପାଇଁ, କେଉଁ ମୋହରେ ପଡ଼ି ରହିଛି ଲୋକଟା ?

ଭିଟାମାଟିର ମୋହ ଆଜ୍ଞା।

ମାର ଗୁଲି ସେ ଭିଟାମାଟିକୁ। ନା ଏଠି ଅଛି ରାସ୍ତଘାଟ, ନା ଅଛି ହାଟବଜାର। ନା ଅଛନ୍ତି ପଡ଼ା ପଡ଼ୋଶୀ, ନା ଭାଇ ବନ୍ଧୁ କୁଟୁମ୍ବ। କେଉଁ ମୋହରେ ଏକୁଟିଆ ବାନ୍ଧି ହୋଇ ପଡ଼ିଛି ଏଠାରେ ସେ।

ମୋର ଯାହା ଧାରଣା– ଭିଟାମାଟିର ମୋହ ନିଶ୍ଚୟ।

ହଇହୋ ବାବୁ– ଏଇମିତି ଭିଟାମାଟି, ଭିଟାମାଟି ହୋଇ ହୋଇତ ଏମାନେ ଆଜିଯାଏଁ ପଛରେ ପଡ଼ି ରହିଥିଲେ। କେବେ ବନ୍ୟା ତ କେବେ ମରୁଡ଼ି, କେବେ ପଙ୍ଗପାଳ ଲାଗିଲେ ତ କେବେ ହାତୀ ନଷ୍ଟ କରିଦେଲେ, ଏମିତି ଭାବରେ ତ ବର୍ଷ ବର୍ଷ ଧରି ଉଜୁଡ଼ୁଥିଲା ସେମାନଙ୍କର ଚାଷବାସ। ଏ ଜଙ୍ଗଲ ଉପରେ ନିର୍ଭର କରି, ଯେଉଁ ସମୟରେ ଯାହା ମିଳିଲା– ଆମ୍ବ ଦିନେ ଆମ୍ବ ଓ କୋଇଲି, ମକା ସମୟରେ ମକା, ବାଜରା ସମୟରେ ବାଜରା, ମାଣ୍ଡିଆ ସମୟରେ ମାଣ୍ଡିଆ, କିଛି ନ ମିଳିଲେ ବଣର କନ୍ଦା ଖାଇ ବଞ୍ଚୁଥିଲେ ଏମାନେ। ଏମିତିକା ଜୀବନ ବଞ୍ଚି ଲାଭ କ'ଣ ଥିଲା ସେମାନଙ୍କର ? ସରକାର ସିନା ଡ୍ୟାମ୍ ତିଆରି ପାଇଁ ତମର ଭିଟାମାଟି ଉଜାଡ଼ି ଦେଲେ, ହେଲେ ଯେଉଁଠି ରଖୁଛନ୍ତି ତ ଏହାଠାରୁ ଢେର ସୁବିଧା ଜାଗା। ରହିବା ପାଇଁ ବନାଇ ଦିଆଯାଇଛି ଘର, ଯିବାଆସିବା ପାଇଁ ରାସ୍ତାଘାଟ, ପିଇବା ପାଇଁ ନଳକୂଅର ପାଣି, ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ, ଦେହ ପା', ଭଲମନ୍ଦ, ଜରବାଧକ ପାଇଁ ଡାକ୍ତରଖାନା। ଏଠିକା ଜୀବନଠାରୁ ତ ସେମାନଙ୍କ ନୂଆ ଜୀବନ ଶହେଗୁଣ ଭଲ।

ହଁ ସାର୍, ଏମାନଙ୍କ ପାଇଁ ଯେଉଁ ନୂଆ ବସତି ହେଉଛି ଏଠିକା ଅପେକ୍ଷା ଢେର ଭଲ, ହେଲେ ସେଠି ଭିଟାମାଟିର ବାସ୍ନା ନାହିଁ।

ତମେ ତ ଖାଲି ଭିଟାମାଟି, ଭିଟାମାଟି ହେଉଛ, ଆମର କ'ଣ ଭିଟାମାଟି ନାହିଁ ? କାହିଁ ଆମକୁ ତ ବାନ୍ଧି ରଖି ପାରୁନି ଭିଟାମାଟି ? ମ୍ୟାଟ୍ରିକ୍ ପାସ୍ କଲା ପରେ ମୁଁ ଗାଆଁ ଛାଡ଼ିଥିଲି। ପାଠପଢ଼ା ବେଳେ ଗାଆଁକୁ ଯା' ଛୁଟିରେ ଯାଉଥିଲି। ପଢ଼ା ସାରି ଚାକିରି କଲା ପରେ ସେତକ ବି ବନ୍ଦ ହୋଇଗଲା। କେବଳ ଗାଆଁକୁ ଯିବାର ବାଧବାଧକତା ଥିଲେ ବାପା ଓ ବୋଉ। ବାହାଘର ପରେ ସେମାନଙ୍କୁ ପାଖକୁ ନେଇ ଆସିବା ପରେ ସେତକ ବି କଟିଗଲା। ଏବେ ତ ମୁଁ ଘର କରିଛି ଭୁବନେଶ୍ୱରରେ। ମୁଁ ସିନା କେବେ କେବେ ଘର କେଉଁଠି ପଚାରିଲେ

Digitized by PPRACHIN, SOA

ଗାଆଁ ନାଁ କହୁଛି, ହେଲେ ମୋ ପିଲାଏ ତ କେବଳ ଜାଣିଛନ୍ତି ତାଙ୍କ ଘର ଭୁବନେଶ୍ୱରରେ ବୋଲି। ବାପାଙ୍କର ଶେଷ ଇଚ୍ଛାକୁ ସମ୍ମାନ ଦେବା ପାଇଁ ତାଙ୍କ ଶବସଂସ୍କାର ପାଇଁ ପହଞ୍ଚିଥିଲି ଗାଆଁରେ। ସେ ଦଶବାର ଦିନ କାଳ ଯେତିକି ହୀନସ୍ତା ହୋଇଛି ମୋ ମନ ବୁଝିଛି। ସେଇଠୁ ତ ମୁଁ ମନେ ମନେ ଶପଥ କରି ନେଇଥିଲି ଆଉ ଗାଆଁକୁ ଆସିବି ନାହିଁ ବୋଲି।

ଗାଆଁକୁ ନ ଫେରିବାର ଶପଥ କିପରି କରି ପକାଇଲେ ସାର୍ ?

କରିବି ନାହିଁ – ହଇହୋ, ଆମେ ବାହାରେ ରହୁଥିଲୁ। କେବଳ ଶୁଦ୍ଧିକାର୍ଯ୍ୟ କରିବାକୁ ଗାଆଁରେ ପହଞ୍ଚିଥିଲୁ। ସେଥିରେ ଏତେ ନବରଙ୍ଗ, ଏତେ ରୀତିନିୟମ ବାହାରିଲା ଯେ ତାକୁ ଶୁଣି ଶୁଣି ମୁଁ ବାଇଆ ହୋଇଗଲି।

ଠିକ୍ କଥାଟିଏ କହିଲେ ସାର୍– ଗାଆଁର ସେହି ନୀତିନିୟମ ଭିତରେ ବାନ୍ଧି ହୋଇ ରହିଛି ଗାଆଁର ମୋହ। ଶବସଂସ୍କାର ମଧ୍ୟ ଗାଆଁର ଏକ ସାମୂହିକ କାର୍ଯ୍ୟ ଓ ଦାୟିତ୍ୱ। ସେଇଟା ସହର ନୁହେଁ ଯେ ଗୋଟିଏ ଫ୍ଲାଟ୍‌ରେ ଗୋଟିଏ କ୍ୱାର୍ଟରରେ ଶବ ପଡ଼ିଥିଲେ ଆର କ୍ୱାର୍ଟରବାଲାର କିଛି ଯା'ଆସ୍ ନାହିଁ। ଶବ ସିଧା ଉଠିବ, ଲଦା ହେବ ଗାଡ଼ିରେ ଏବଂ ପହଞ୍ଚିବ ଯାଇ ଇଲେକ୍ଟ୍ରିକ୍ ଚୁଲାରେ। ମାଛ ଶୁଖୁଆ ପୋଡ଼ିବା ପରି ଶବକୁ ପୋଡ଼ିଦେଇ ଘରକୁ ଫେରିବା ପରେ ସବୁ ସ୍ୱାଭାବିକତା ପୁଣି ଫେରିଆସିବ। ଗାଆଁରେ ଧୋବା, ଭଣ୍ଡାରି, ବ୍ରାହ୍ମଣ, ନାହାକଠାରୁ ଆରମ୍ଭ କରି ଜ୍ଞାତି କୁଟୁମ୍ବ ଓ ସାହିଭାଇ ଯାଏ ସମସ୍ତଙ୍କର ଯେଉଁ ମିଳିତ ଆବେଗ ଥାଏ ପରଲୋକଗତ ଆତ୍ମା ପାଇଁ ତାହା କ'ଣ ସହରୀ ସଭ୍ୟତାରେ ଦେଖିବାକୁ ମିଳେ? ଏଠି ତ କେବଳ ଶୋକବାର୍ତ୍ତାଟିଏ କିମ୍ବା ଶବାଧାର ଉପରେ ଫୁଲତୋଡ଼ାଟିଏ ରଖିବା ଯାଏଁ ସମ୍ପର୍କ ସୀମିତ।

ହଁ ଯେ- ଜଣେ ତ ମରିଗଲା, ଗଲା। ଏତେ ସବୁ ଆନୁଷ୍ଠାନିକ ଫର୍ମାଲିଟିର ଆବଶ୍ୟକତା କ'ଣ ?

ହଁ ସାର୍- ଆମେ ଯେଉଁମାନେ ଶିକ୍ଷିତ ଓ ସଭ୍ୟ ବୋଲି ନିଜକୁ କୁହୁଛୁ, ମୃତ୍ୟୁକୁ ଜୀବନର ଅନ୍ତ ବୋଲି ଧରି ନେଉଛୁ। ହେଲେ ପୁରୁଣାକାଳିଆ ଲୋକମାନେ ମୃତ୍ୟୁକୁ ଆତ୍ମାର ଘଟ ପରିବର୍ତ୍ତନ ବୋଲି ଭାବୁଥିଲେ। ସେମାନଙ୍କ ରୀତିନୀତି ଓ ସଂସ୍କାର ଥିଲା ଘଟ ପରିବର୍ତ୍ତନ ପରେ ଆତ୍ମା ପୁନର୍ଜନ୍ମ ପାଇବା ଯାଏ ତା'ର ଗନ୍ତବ୍ୟ ମାର୍ଗକୁ ସୁଗମ ଓ ସୁନ୍ଦର କରିବା।

ଯୁଗ ଯାଇ କେଉଁଠି ପହଞ୍ଚିଲାଣି ଆପଣ ସେହି ପୁରୁଣା ମାନସିକତାରେ ଅଛନ୍ତି ଦେଖୁଛି। ତମେ ଯାହା ଭାବିଲେ ଭାବ, ବାପାଙ୍କ ଶୁଦ୍ଧିକ୍ରିୟାର ହୀନସ୍ତା ପାଇଁ ବୋଉ ବେଳକୁ ଆଉ ଗାଆଁକୁ ଯାଇ ଏତେସବୁ ଫାର୍ଶ କରିବାକୁ ମୁଁ ମନ ବଳାଇ ନ ଥିଲି। ତା'ର ବି ଏକା ଜିଦ୍ ଥିଲା ସେ ଗାଆଁରେ ପୋଡ଼ା ହେବ ବୋଲି। ମାତ୍ର ତାକୁ ପୁରୀ ସ୍ୱର୍ଗଦ୍ୱାର ମୋହ ଦେଖାଇ ସେଥିରୁ କ୍ଷାନ୍ତ କରିଥିଲି। ବାସ୍, ବୋଉର ମୃତ୍ୟୁ ପରେ ପରେ ଆମେ ଭୁଲିଯାଇଛୁ

Digitized by PPRACHIN, SOA

ଆମର ଗୋଟେ ଗାଆଁ ଥିଲା ବୋଲି । ଆମକୁ ତ କାହିଁ ଭିଟାମାଟିର ମୋହ ଏମିତି ଆକର୍ଷିତ କରିପାରୁ ନାହିଁ ? ବୁଝିଲେ ଏମାନଙ୍କର ଏଇ ଭିଟାମାଟି ନେଇ ଯେଉଁ ଅଯଥା ଭାବପ୍ରବଣତା ରହିଛି ସେଥିପାଇଁ ସେମାନେ ଆଜି ଏମିତି ପଛରେ ପଡ଼ି ରହିଛନ୍ତି ।

ଆପଣ ସାର୍ କେବେ ବାସ୍ତୁହରା ହୋଇ ନାହାନ୍ତି ତ, ସେଥିପାଇଁ ଏମାନଙ୍କର ଭାବପ୍ରବଣତାକୁ ଆପଣ ବୁଝିପାରିବେ ନାହିଁ ।

ମାନେ !

ମୁଁ ସେ ଦୁଃଖକୁ ଅଙ୍ଗେ ନିଭାଇଛି । ଅବଶ୍ୟ ସେତେବେଳେ ଭିଟାମାଟିକୁ ନେଇ ଭାବପ୍ରବଣ ହେବା ପରି ବୟସ ମୋର ହୋଇ ନ ଥିଲା, ମାତ୍ର ମୁଁ ଏତେ ଛୋଟ ନ ଥିଲି ଯେ ମୋ ବାପା, ବୋଉ, ଜ୍ଞାତି ପରିଜନମାନଙ୍କର ମାନସିକ ଅବସ୍ଥାକୁ ମୁଁ ବୁଝିପାରିବି ନାହିଁ । ଆଜିଭଳି ସେତେବେଳେ ଏମିତି ସଶକ୍ତ ଗଣମାଧ୍ୟମ ନ ଥିଲା । ଯାହା କିଛି କତିପୟ ଗଣମାଧ୍ୟମ ଥିଲା ତାହା ଥିଲା ଶାସକ ଗୋଷ୍ଠୀର ହାତବାରିସି । ଆଜି ଯାହା ହେଲେ ବି ଏମାନେ ତାଙ୍କ ଜମିଜମା, ଘରବାଡ଼ି, ଗଛବୃଛର ନିର୍ଦ୍ଧାରିତ ମୂଲ୍ୟ ପାଉଛନ୍ତି । ହେଲେ ସେତେବେଳେ ମୋ ବାପ ଦାଦି ଓ ଆମ ଗାଆଁ ଲୋକେ ପାଇଥିଲେ କ'ଣ ?

ତମେ କେଉଁ ପ୍ରୋଜେକ୍ଟ ଦ୍ୱାରା ବିସ୍ଥାପିତ ହୋଇଥିଲ କି ?

ହୀରାକୁଦ । ହୀରାକୁଦ ସାର୍ । ହୀରାକୁଦ ଜଳଭଣ୍ଡାରରେ ବୁଡ଼ି ଯାଇଥିବା ଗୋଟିଏ ଗାଆଁ ସର୍ଗିପାଲି । ସେଇଟା ଆମର ଗାଆଁ ଥିଲା । ଶାଗ, ମାଛ ଦରରେ ଜମିଜମା, ଘରଦ୍ୱାରର ଯାହା ମୂଲ୍ୟ ନିର୍ଦ୍ଧାରଣ କରାଗଲା, ତାକୁ ଧର ଓ ଗାଆଁ ଛାଡ଼ର ନୋଟିସ୍ । କେହି ଜାଣି ନ ଥିଲେ ଗାଆଁ ଛାଡ଼ିଲେ କୁଆଡ଼େ ଯିବେ ।

ତାଙ୍କ ପାଇଁ ନିରୂପିତ ହୋଇ ନ ଥିଲା କୌଣସି ସ୍ଥାନ କିମ୍ବା ଏ ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କେହି ବିଚାରୁ ନ ଥିଲେ । ଟଙ୍କା ଦେଇସାରିବା ପରେ ପିଟା ହୋଇ ଯାଉଥିଲା ଢେଙ୍ଗୁରା ଗାଆଁ ଛାଡ଼ିବା ପାଇଁ । ଢେଙ୍ଗୁରା ପିଟା ଦିନ ଠାରୁ ଗାଆଁ ଛାଡ଼ିବା ଯାଏ ସମୟତକ ଥିଲା ଫାଶୀ ପାଇଁ ଅପେକ୍ଷା କରିଥିବା ଆସାମୀର ସମୟ ପରି । ସେ ସମୟରେ କିଏ ବାନ୍ଧୁଥିବ ପେଡ଼ି ପୁଟୁଳା ତ, କିଏ ଭାଙ୍ଗୁଥିବ ଦେଇ ପିଣ୍ଡି । କିଏ ଖାଲି କରୁଥିଲା ଅମାର ତ କିଏ ଲିଭାଉଥିଲା ଷଠୀଦୂତି । କିଏ ସଜାଡୁଥିଲା ଠାକୁର ଖଟୁଲି, ଚନ୍ଦନ ପେଡ଼ି, ଘଣ୍ଟ, ଶଙ୍ଖ ତ କିଏ ଭାଙ୍ଗୁଥିଲା ହଳ, ଯୁଆଳି, ବିଦା ଓ ମହୀ । କେଉଁଠି ବୁଢ଼ୀଟିଏ ସଜାଡୁଥିଲା ତା'ର କୋଥଳୀ ତ, କେଉଁଠି ପାନକୁଟା ତ କେଉଁଠି ତିଳକଚିତା, ଜପାମାଳି । ଏସବୁ ଭଙ୍ଗା, ଗଢ଼ା କାମ ଭିତରେ କେଉଁଠୁ ଗୋଟେ ଭାସି ଆସୁଥିବ କାନ୍ଦଣାର ଲହରି ତ ଥମ୍ କରି ବନ୍ଦ ହୋଇ ଯାଉଥିବ ସମସ୍ତଙ୍କ ହାତ ଗୋଡ଼ । ଲାଗିଯିବ ଧାଆଁ ଦଉଡ଼ କାନ୍ଦଣା ଜାଗାକୁ । କା' ପାଟି ଜାବ ପଡ଼ି ଯାଉଥିବ ତ କିଏ ଜଣେ ଧାଇଁଯାଇ ପାଣି ଆଣି ଛାଟୁଥିବ

Digitized by PPRACHIN, SOA

ମୁହଁରେ। ଦିନ ଦିନ ଧରି କାହାରି ଘରେ ଜଳୁ ନ ଥିବ ଚୁଲି। ସମସ୍ତେ ଭାଙ୍ଗି ପଡୁଥିବେ ଭିତରେ ଭିତରେ କୋହରେ – ଅଥଚ ପ୍ରତିବାଦ କଲାଭଳି ଶକ୍ତି ନ ଥିବ କାହାରି ତୁଣ୍ଡରେ। କେବଳ ଗାଳି ଓ ଅଭିସମ୍ପାତ ଦେଉଥିବେ ସରକାର ଉପରେ। ସେତେବେଳେ କେହି ଜାଣୁ ନ ଥିଲେ ସରକାର କ'ଣ। କେବଳ ମୁଁ ଛୋଟ ଥିଲି ବୋଲି ନୁହଁ ଗାଆଁରେ ପ୍ରାୟ ସମସ୍ତଙ୍କର ଗୋଟେ ଧାରଣା ଥିଲା– ସରକାର ବୋଲି କିଏ ଜଣେ ଲୋକ ଅଛି, ଯାହାର ଆଦେଶରେ ସେମାନେ ଆଜି ହେଉଛନ୍ତି ବାସ୍ତୁହରା।

ଉଜୁଡ଼ି ଯାଇଥିଲା ଆମ ଗାଆଁ ଯୁଦ୍ଧବିଧ୍ୱସ୍ତ କୁରୁକ୍ଷେତ୍ର ପରି। କିଏ କୁଆଡ଼େ ଗଲେ କେହି ରଖିଲେନି ଠିକଣା। ନିଜ ନିଜ ସୁବିଧା ଦେଖି ଯିଏ ଯେଉଁଠି ପାରିଲେ ରହିଗଲେ। ହେଲେ ଆଜିଯାଏଁ ଭିଟାମାଟିର ମୋହ ନେଇ ମୁଁ ଖୋଜି ଚାଲିଛି ଆମ ଗାଆଁ ମନ୍ଦିର ପୂଜକ ବିଷ୍ଣୁ ଗୋସାଇଁ, ଗାଆଁ ନାହାକ ବଟ ନାହାକ, ରମେଇ ଧୋବଣୀ, ଚଇତା ବାରିକ, ସୁଲି କେଉଟୁଣୀ, ମନୁ କାଚରା ଓ ମାଧ ଗୁଡ଼ିଆଙ୍କୁ। ଖୋଜିବି ଚାଲିଛି ଆମ ଗାଆଁ ଶୁଳୁଣୀ ଧୋଇଆ ବୋଉକୁ, ଗାଆଁରେ କାହା ଘରେ ପାଦ ଭାରୀ ହେଲେ ନିତିନିତି ଯା'ର ପଡୁଥିଲା ନିଶୁଳ୍କ ହାଜିରା। କୁଆଡ଼େ ବି ହଜିଗଲେ ବସ୍ତାନି ଭିତରର କେଉଁ କଣରେ ଲୁଚି ରହି ଯାଇଥିବା ମାଟି ଖଡ଼ିର ଅସ୍ତିତ୍ୱ ପରି ମୋ ପିଲାଦିନର ସାଙ୍ଗ ରମା, ରାଧୁଆ, ଅନ୍ତ, ବୁଲା ଓ ବାଉଲା ଏବଂ ଚାଟଶାଳୀରେ ଛାଟ ମାରି ମୁଣ୍ଡୁଳାରୁ ବିଦ୍ୟା ଆରମ୍ଭ କରାଇଥିବା ସର୍ବେଶ୍ୱର ଗୁରୁଜୀ। ଏବେ ମୁଁ ସହରରେ ବସା ବାନ୍ଧିଛି, ହେଲେ ଆଜିଯାଏଁ ସେ ଘରେ ମୁଁ ଖୋଜି ପାଉ ନାହିଁ ଭିଟାମାଟିର ଗନ୍ଧ।

ଆର୍.ଆଇ. ବାବୁ– ତମେ ଏ ଭିଟାମାଟି ନେଇ ଏତେ ଭାବପ୍ରବଣ ବୋଲି ମୁଁ ଜାଣି ନ ଥିଲି। କାହିଁ କେବେ ତ ଏ ବିଷୟରେ କିଛି କହୁ ନ ଥିଲ ?

କ'ଣ ଆଉ କହିଥାଆନ୍ତି ସାର୍। ଏହାକୁ ମୋ ଚାକିରିର ଦାୟିତ୍ୱ ବୋଲି ଧରି ନେଇଛି, ହେଲେ ଏହା ବାରମ୍ବାର ଉଖୁରାଇ ଚାଲିଛି ମୋର ଶୈଶବର ସ୍ମୃତିକୁ। ଏବେ ଏମାନଙ୍କର ବିସ୍ଥାପନକୁ ଦେଖି ଏତିକି ସାନ୍ତ୍ୱନା ପାଉଛି ଯେ ଆମମାନଙ୍କର ସେତେବେଳର ବିମର୍ଷ ଭାଗ୍ୟ ପରି ଏମାନଙ୍କ ଅବସ୍ଥା ନୁହେଁ। ଯଦି ସେଦିନ ସେ ଲୋକଟିର ଭାବାବେଗ ପ୍ରତି ମୁଁ ସମ୍ବେଦନଶୀଳ ହୋଇ ନ ଥାନ୍ତି, ତେବେ ଆଜି ଆମକୁ ଏତେ କଷ୍ଟ କରି କାହିଁକି ଯିବାକୁ ପଡୁଥାଆନ୍ତା।

ହଉ– ଢେର୍ ହୋଇଗଲା ଆମର ବିଶ୍ରାମ, ଏବେ ଯିବା।

ଆମେ ଆକଳନ କରିଥିବା ସମୟଠାରୁ ଢେର ଅଧିକ ସମୟ ପରେ ପହଞ୍ଚିଲୁ ଆମ ଗନ୍ତବ୍ୟସ୍ଥଳ କାଳିମାଟିରେ। ଗୋଟିଏ ପରିତ୍ୟକ୍ତ ସେନା ଛାଉଣୀ ପରି ଇତସ୍ତତଃ ପଡ଼ି ରହିଥିଲା ଭଙ୍ଗା ଘରମାନଙ୍କର କାଠ, ବାଉଁଶ ଓ ଖପର। ଯୁଆଡ଼କୁ ଆଖି ବୁଲାଇଲେ ଦିଶୁଥିଲା

Digitized by PPRACHIN, SOA

ଖାଁ-ଖାଁ । କେବଳ ଯା' ଜଙ୍ଗଲର ସବୁଜିମା ଓ ପାହାଡ଼ର ଅସ୍ତିତ୍ୱ କିଛି ପରିମାଣରେ ପ୍ରତିହତ କରୁଥିଲା ସେ ଶୂନ୍ୟତାକୁ । ଏମିତି ଏକ ପରିବେଶରେ ଠିଆ ହୋଇ ରହିଥିଲା ଗୋଟିଏ ମାତ୍ର ଘର । ଘର ମାନେ ଗୋଟେ ଦୁଇବଖରିଆ ନୂଆଁଣିଆ ଦେଶିଆ ଖପର କୁଡ଼ିଆ । ସେଠି ରହୁଥିଲେ ମାତ୍ର ତିନିଜଣ– ସ୍ୱାମୀ, ସ୍ତ୍ରୀ ଓ ବୁଢ଼ୀ ମାଆ ।

ଆମେ ପହଞ୍ଚିବା କ୍ଷଣି ଘର ଭିତରୁ ବାହାରି ଆସିଲା ଲୋକଟି । ଅଣ୍ଟା ଭାଙ୍ଗି କୁହାରଟେ ପକାଇ ଦେଇ ଧାଇଁଗଲା ପୁଣି ଘର ଭିତରକୁ । ବୋହି ଆଣିଲା ଦଉଡ଼ିଆ ଖଟିଆଟେ । ଖଟିଆଟି ବାହାରେ ପକାଇ ଦେଇ କହିଲା– ବସନ୍ତୁ ମହାପ୍ରୁ ।

ମୁଁ ଚାଲିଚାଲି ଥକ୍‌କା ହୋଇ ଯାଇଥିବାରୁ ଲଥ୍ କରି ଖଟିଆ ଉପରେ ବସିଯାଇ ପଚାରିଲି– ତମ ନାଁ କ'ଣ ?

ବାସୁ ମାଝୀ, ବାପା ନାଁ ସହଦେବ ମହାପ୍ରୁ । ତମେ ତମର ସବୁ ପ୍ରାପ୍ୟ ପାଇସାରିଛ ?

ସେ ବୁଝି ନ ପାରି ଏପଟ ସେପଟ ଚାହିଁବାରୁ କହିଲି– ମାନେ ଏଇ ଘରଦ୍ୱାର, ଜମିବାଡ଼ି, ଗଛବୃଛ ପାଇଁ ଟଙ୍କା ।

ସେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା ।

ସବୁ ପାଇସାରିବା ପରେ ତମେ ଗାଆଁ ଛାଡ଼ି ଯାଉନା କାହିଁକି ?

ଗାଆଁ ଛାଡ଼ି ସାରିଥାଆନ୍ତି ଯେ ମହାପ୍ରୁ, ହେଲେ ମୋର ମାଆ କାଯେ ସବୁ ଲଟ୍‌କିଛେ ।

କ'ଣ ହୋଇଛି ତମ ମାଆର ?

କିଛି ନାଇଁ ବାବୁ– ବୟସ ହେଲାଣି, ମର୍‌ବା ମର୍‌ବା ହେଉଛେ । କତ୍‌ରାଲଗା ହୋଇ ପଡ଼୍‌ଛେ ଢେର ଦିନ ହେଲାଣି । ହେଲେ ତା' ପିଣ୍ଡରୁ ପ୍ରାଣ୍ ନାହିଁ ଛାଡ଼ିବାର । ସମିଆ ଆସିନି ।

ସମୟ କେବେ ଆସିବ କ'ଣ ସେଥିପାଇଁ ସରକାର ଅପେକ୍ଷା କରି ବସିଥିବେ ତମର ଗାଆଁ ଛାଡ଼ିବାକୁ ?

କ'ଣ ଆଉ କର୍‌ବା ମହାପ୍ରୁ, ମୋ ମାଆର ଏକ୍‌କା ଜିଦ୍ ସେ ଭିଟାମାଟି ଥେଇଁ ମର୍‌ବା ହିଁ ମର୍‌ବା । ସଭେଁ ଚାଲିଗଲେ ମୁଁ କ'ଣ ଗାଆଁ ନାଇଁ ଛାଡ଼ିଥାନ୍ତି, ହେଲେ ମାଆର ବାଧରେ ପଡ଼ିରହିଛେ । ଆଉ ବେଶି ଡେରି ନାହିଁ ମହାପ୍ରୁ– ଆଉ ଦିନ ଦି'ଟା ମାତର୍ ।

ତମେ କେମିତି ଜାଣିଲ ଦିନ ଦୁଇଟା ଆଉ ଅଛି ବୋଲି ? ସେ ତ ଗୋଟିକିଆ ପକାଇଲାଣି, ମାଆ ଦୂଆରସୁଣୀ ବି କହିଛେ ଆମେଇସାରାଏତ୍ ବଲି । ବାସ୍ ତା' ପିଣ୍ଡରୁ ପ୍ରାଣ ଛାଡ଼ିଲା ଘାଏଁ ଆମେ ବୁଢ଼ା ବୁଢ଼ୀ ଦିଲଟା ଚାଲିଲୁ ଏ ଗାଆଁ ଛାଡ଼ି । ଜନମ କଲା ମାଆାତ, ଶେଷ ଇଛାଟା ପୂରଣ କଲେ ଯାଏଁ ମନ୍‌କୁ ସନ୍ତୋଷ ମିଳିବ ।

Digitized by PPRACHIN, SOA

ମାଆର ଶେଷ ଇଚ୍ଛା ଶବ୍ଦଟି ଶୁଣି ଭାବୁକ ହୋଇ ପଡ଼ିଲେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ। ମନେ ମନେ ଭାବୁଥିଲେ ଜଙ୍ଗଲରେ ରହୁଥିବା ଆଦିବାସୀ ଲୋକଟିଏ ମାଆର ଶେଷ ଇଚ୍ଛା ପୂରଣ ପାଇଁ ଏକ୍‌ଲା ପଡ଼ି ରହିଛି ଏ ଅଗ୍‌ନା ଅଗ୍‌ନୀ ଜଙ୍ଗଲ ଭିତରେ। ଭାଇ, ବନ୍ଧୁ, ସାହିପଡ଼ିଶା ସାଙ୍ଗ ଦେବାକୁ କେହି ନାହାନ୍ତି। ସବୁ ଚାଲିଗଲେଣି ଯେଝା ବାଟରେ ଯିଏ ଯୁଆଡ଼େ। ହେଲେ ମାଆର ଅନ୍ତିମ ଇଚ୍ଛାକୁ ସମ୍ମାନ ଜଣାଇବା ପାଇଁ ଇଏ ଏଠି ଭୋଗୁଛି ବନବାସ, ମାତ୍ର ଗାଆଁର ଅସୁବିଧାକୁ ମନେପକାଇ ବୋଉର ଶେଷ ଇଚ୍ଛାକୁ ସମ୍ମାନ ନ ଜଣାଇ ସଂସ୍କାର କରିଥିଲେ ସ୍ୱର୍ଗଦ୍ୱାରରେ। ମନେ ମନେ ଧିକ୍‌କାରିଲେ ନିଜର ପୁଅପଣିଆକୁ। କିଛି ସମୟ ପରେ ସ୍ୱାଭାବିକ ହୋଇ ପଚାରିଲେ– ତମେ ତ ଘରଦ୍ୱାର କିଛି ଭଙ୍ଗାଭଙ୍ଗି କରିନ, ଦୁଇଦିନ ପରେ କେମିତି ଚାଲିଯିବ ବୋଲି କହୁଛ ?

ଘରଦ୍ୱାର କାହିଁକି ଭାଙ୍ଗିବି ମହାପ୍ରୁ– ଏ ଘର ପରା ସରକାର କିଣି ନେଇଛି ପଇସା ଦେଇ। ମୋ ବାଡ଼ିର ଗଛବୃଛକୁ ବି ତ ସରକାର କିଣି ନେଇଛେ। ବିକିଲା ଜିନିଷକୁ ମୁଁ କାଇଁକି ଲୋଭ କରିବି। ଆର ଜନମରେ କାଏଁ ଅପ୍ରାଧ କରିଥିଲୁ ବଲି ଏ ଜନମେ ବୁଢ଼ା ବୟସେ ବାସ୍ତୁହରା ହେଲୁ। ଏବେ ପୁଣି ବିକିଲା ଜିନିଷକୁ ଲୋଭ କରି ପାପ୍ କରିବି ? ମୋର ଯାହା ନେବାକଥା ସଜିଲ୍ କରି ରଖିସାରିଛି। କାଠ ବି ସଜିଲ୍ କରି ରଖିଛି, ପିଣ୍ଡରୁ ପ୍ରାଣ୍ ଛାଡ଼୍‌ବା କ୍ଷଣି ସଂସ୍କାର କରିଦେବାକେ।

କ'ଣ ସବୁ ନେବ ବୋଲି ସଜିଲ୍ କରି ରଖିଛ ?

ଘର ଭିତରକୁ ପଶିଗଲା ସିଏ, ସଙ୍ଗେ ସଙ୍ଗେ ବାହାର କରି ଆଣିଲା ଗୋଟିଏ ମାଟିର କଳସୀ ଯାହାକୁ ସେ ଚିତ୍ରେଇଥିଲା ବିଭିନ୍ନ ରଙ୍ଗରେ ଓ ମୁହଁରେ ବାନ୍ଧିଥିଲା ଗୋଟେ ନାଲିକନା।

କ'ଣ ଅଛି ଏଥିରେ ?

କିଛି ନାଇଁ ବାବୁ – କେବଲ ଏ ଢିଅର ମାଟି ଓ ମାଆ ଦୁଆରସୁଣୀର ପିଣ୍ଡ। ଏହା ସହ ସାଙ୍ଗରେ ନେବି ମୋ ମାଆ ଅସ୍ଥିରୁ ଖଣ୍ଡେ। ଯେଉଁଦିନ ଏ ଗାଆଁ ବୁଡ଼ିଯିବ ପାଣିରେ, ସେଦିନ ମୋ ଗାଆଁ ଉପରେ ଆଣି ବିସର୍ଜନ କରି ଦେଇଯିବି। ମୋ ମାଆର ଇଚ୍ଛା ଇଏ।

■■

Digitized by PPRACHIN, SOA

ଅରଣ୍ୟର ଡାକ

ସଭାକୁ ଯାଇଛି ଗାଆଁ ମୁଖିଆ । କେତେ ପାହାଡ଼, ଡଂଗର, ଝରଣା ଡେଗି କରି ଦଶ କୋଶ ବାଟ ଚାଲି ଚାଲି ଗଲେ ଯାଇ ପଡ଼ିବ ନୂଆ କଟକ । ସେଇ ନୂଆ କଟକକୁ ଯାଇଛେ ମୁଖିଆ । ସରକାର ଘରୁ ନେଉତା ଆସିଥିଲା । ଏଇଟା ଭୋଟ୍ ସଭା ନୁହଁ, ଇଏ ଆଉ ଗୋଟେ ସଭା । ସେଠି କୁଆଡ଼େ ଭୋଟ୍ ମାଗିବେନି ସରକାରମାନେ । ଗୋଟେ ନୂଆ ଜିନିଷ ମାଗିବେ ।

କ'ଣ ମାଗିବେ କହି ଦେଲେ ତ କଥା ସରନ୍ତା, ଏତେ ଉଚ୍ଚାଟ କାହିଁକି କରାଉଛି ?

ଆମର ଏଇ ମାଟି, ମାଟି ମାଗିବେ ବୋଲି ମୁଁ ଶୁଣିଛି, ହେଲେ ମୁଖିଆ ଆସିଲେ ହିଁ ସତଟା କ'ଣ ଜଣାପଡ଼ିବ ।

ଆମର ମାଏଟ୍‌କୁ ମାଗୁଛନ୍ତି, ଏଥିରେ ଏନ୍‌ତା କ'ଣ୍‌ଟା ଅଛି ?

ଏଇ ମାଏଟ୍ ତଳେ ପଥର ଅଛି ପଥର ।

ହୁଏତ, କାହିଁ କେତେ ଯୁଗରୁ ତ ଅଛେ । ଏ ମାଟି ତଳେ ପଥର, ଡଂଗରରେ ପଥର, ପାହାଡ଼ରେ ପଥର, ସବୁଠି ତ ପଥର ଅଛେ ।

ନାଇଁ – ଏଇଟା ଏନ୍‌ତା ସେନ୍‌ତା ପଥର ନୁହେଁ । ଏଇ ପଥରରେ କ'ଣ ଗୋଟାଏ ଅଛେ ମୁଁ ଶୁଣିଥିଲି, ଶୁଣିଥିଲି ଯେ, ମୁଁ ମୂରୁଖଟା କ'ଣ ମନେରଖି ପାରିଥାଆନ୍ତା । ଏଇ ପଥରରୁ କ'ଣ ଗୋଟାଏ ବାହାରିବ, ତା'ପାଇଁ ଗୋଟେ କାରଖାନା ବସିବ । ଏଇ ପାହାଡ଼, ଡଂଗର ଓ ଆମର ଘର ତଳେ ସେ ପଥରର ଖଣି । ତାକୁ ବାହାର କରିବେ ସେମାନେ ।

ତୁ ଏତେ କଥା କେନ୍‌ତା ଜାଣିଲୁ ?

ସେମାନେ ମୁଖିଆକୁ ବୁଝାଇବା ବେଳେ ମୁଁ ଟିକେ ଟିକେ ଯାହା ଶୁଣିଛି, ହଉ ମୁଖିଆ ଆସୁ ଜଣାପଡ଼ିଯିବନି କି ସତଟା କ'ଣ ?

ହଉ ବେଳ ତ ବୁଡ଼ିବାକୁ ବସିଲାଣି, ମୁଖିଆ ଫେରି ଆସୁଥିବ, ବଳେ ସବୁ କଥା ଜଣା ପଡ଼ିଯିବ ।

Digitized by PPRACHIN, SOA

ମୁଖିଆ ଫେରିଲା। ମୁଖିଆକୁ ଦେଖିଲେ ଲାଗୁଥିଲା ଯେମିତି କେଉଁ ଗୋଟେ ଡାହାଣୀ ଶୋଷିନେଇଛି ତା'ର ରକତ୍। ଦିଶୁଥିଲା ଶୁଖିଲା ଶୁଖିଲା। ଆସୁ ଆସୁ ନଥି କରି ବସିଗଲା ମଝି ଚଉତରାରେ। ବସିଯାଇ କେବଳ କହିଲା– ପାଏନ୍, ପାଏନ୍।

ଜଣେ ଧାଇଁ ଯାଇଁ ବେଲାରେ ଧରି ଆସିଲା ବେଲାଏ ପାଣି। ପାଣିତକ ଢକ୍ ଢକ୍ କରି ପିଇଦେଇ କାନ୍ଧରୁ ଗାମୁଛା କାଢ଼ି ପୋଛିଲା ମୁହଁ। ଜଣକ ଆଡ଼କୁ ନିର୍ଦ୍ଦେଶ ଦେଲା ଲଗା ପିକାଟାଏ। ଠୋସ୍ ସୁଟ୍‌କାଟିଏ ମାରିଲା ପିକାର। ଏକାଥର ଏତେ ଧୂଆଁ ଛାଡ଼ିଲା ଯେ ଧୂଆଁ ଭିତରେ ଲୁଚିଗଲା ମୁହଁ।

ପିକାରେ ସୁଟ୍‌କା ଲଗାଇସାରିବା ପରେ ଯାଇ ସ୍ୱାଭାବିକ ହେଲା ମୁଖିଆ। ମନକୁ ମନ କହିଲା କେତେ ଆଉ ମନା କରିଥାଆନ୍ତି ? କେମିତି ବା ବୁଝାଇ ପାରିଥାଆନ୍ତି ଏ ଜଂଗଲ, ଏ ଡଂଗର, ଏ ମାଟି, ଏ ଝରଣା, ଏହାର ସବୁ ଗଛବୃଛ ଆମର ମାଆ, ଏହାର ସବୁ ପଥର ଆମର ଦେବୀ, ଆମେ ଏସବୁକୁ ଛାଡ଼ି ଚାଲିଯିବା କଥା କେନ୍‌ତା, କହୁଛନ୍ ଆପଣ ବାବୁମାନେ ? କିଏ କ'ଣ କାହାର ମାଆକୁ ଛାଡ଼ି ଚାଲି ଯାଇପାରିବ। ତମେ ଏଠି କାରଖାନା ବସାଇବ, ବସା। ଆମେ କ'ଣ ମନା କରୁଛୁ ? ହେଲେ ଆମେ ଉଠିବା କଥା କାହିଁକି କହୁଛ ? କାହିଁ କେତେ ଯୁଗରୁ ତ ଏଠି ପଥର ଥିଲା, ଆମର ବାପ ଦାଦି, ପରଦାଦି ମାନେ କେହି ଉଠି ଯାଇ ନ ଥିଲେ। ଆମେ ଏବେ ଉଠିବୁ କାହିଁକି ? ତମେ ଯେଉଁ ପଥର ପାଇଁ ଆମକୁ ଉଠାଇବ ବୋଲି କହୁଛ, ସେଇ ପଥର ତ ଆମର ଦେବତା, ଆମ ଦେବତାପାଇଁ ଆମକୁ ଉଠିବାକୁ ପଡ଼ିବ, ଗାଆଁ ଛାଡ଼ିବାକୁ ପଡ଼ିବ, ଇଏ କେମିତିକା କଥା ? ତମେ କାରଖାନା ବସାଇବତ ବସା, ଆମେ ବି ତ କୁଡ଼ିଆ ବନେଇଛୁ ନା ଆମକୁ ଯେମିତି ମନା କରନି ଏ ଡଂଗର କୁଡ଼ିଆ ପାଇଁ। ତମକୁ ବି ମନା କରିବନି ତମର କାରଖାନା ଘର ପାଇଁ। ହେଲେ ତମ ଘର ପାଇଁ ଆମକୁ ବେଘର କିଆଁ ?

ସମସ୍ତେ ଘେରିଥାଆନ୍ତି ମୁଖିଆକୁ, ହେଲେ କେହି କିଛି ପଚାରୁ ନ ଥାନ୍ତି। କିଏ କ'ଣ ଜାଣିଛି ଯେ କାରଖାନା କ'ଣ, ପଥରରୁ କ'ଣ ବାହାର କରିବେ ଯେ ପଚାରି ଥାଆନ୍ତେ ?

ସମସ୍ତଙ୍କ ନୀରବତାକୁ ଲକ୍ଷ୍ୟ କରି ମୁଖିଆ କହିଲା– ମୁଁ ଯେତେ କହିଲେ ବି ବୁଝିଲେନି ସେମାନେ। ସମସ୍ତଙ୍କର ସେଇ ଗୋଟିଏ କଥା– ସରକାର କହୁଛନ୍ତି, ସରକାର କହୁଛନ୍ତି। ହେଲେ ମୁଁ ଦେଖିପାରିଲିନି ସେ ସରକାରଟା କିଏ।

ଏବେ ତାହେଲେ ଆମେ କ'ଣ କରିବା ? ହୁଁ - କ'ଣ କରିବା ? ସରକାର ସାଂଗରେ ତ ଆମେ ଲଢ଼ାଇ କରିପାରିବାନି। ସେମାନେ ସବୁ ସୁବିଧା କରିଦେବେ ବୋଲି କହୁଛନ୍ତି। ଘର କରିଦେବେ, ଜମିବି ଦେବେ ଖେତ କରିବାକୁ, ଘୁଷୁରି, ଛେଳି, କୁକୁଡ଼ା ପାଇଁ ଋଣ ବି ଦେବେ। ସ୍କୁଲ ବି କରିବେ, ଡାକ୍ତରଖାନା ବି। ସବୁ ସୁବିଧା ଦେବେ, ଆମ ପିଲାଏ ପାଠ

Digitized by PPRACHIN, SOA

ପଢ଼ିବେ, ପାଠ ପଢ଼ି ସରକାର ହେବେ । ତାହାହେଲେ ତମେ କହୁଛ ଆମେ ଏ ଗାଆଁ ଛାଡ଼ି ଚାଲିଯିବା ପାଇଁ ।

ନ ଯାଇ ଆଉ କ'ଣ କରିପାରିବା ଯେ ? ସରକାର ସାଂଗରେ ଲଢ଼ିବାକୁ କ'ଣ ଆମର ବଳ ଅଛି ?

ହଉ ତୁଇ ଯେଉଁଟା ଭଲ ଭାବିଲୁ କଲୁ । ତୁ ଯୁଆଡ଼େ, ଆମେ ସିଆଡ଼େ ।

ନୟନଗିରିରୁ ନୂଆ କଟକ । ଦଶକୋଶର ଦୁର୍ଗମ ରାସ୍ତାକୁ ପାରହୋଇ ଆସିଲା ପରେ ସେମାନଂକ ପାଇଁ ଅପେକ୍ଷା କରିଥିଲା ଟ୍ରକଗୁଡ଼ାଏ । ସମସ୍ତେ ନିଜ ନିଜର ଆସବାବପତ୍ର ଧରି ଚଢ଼ିଲେ ଟ୍ରକ୍ ଡାଲାରେ । ଆସବାବପତ୍ର ବୋଇଲେ କିଛି ବଂକା ଚେପା ରସ ହାଣ୍ଡି, କଡ଼େଇ, ଶିକାର ପାଇଁ ବର୍ଚ୍ଛା, କାଠ ବାହୁଙ୍ଗି, ସଲପଠେକି, ପିକା ପାଇଁ ଧୂଆଁପତ୍ର ବିଡ଼ା ଓ ଏଣୁ ତେଣୁ ଆଳିମାଳିକା କିଛି । ସାଂଗରେ ଥାଆନ୍ତି ପଟେ ଅଧେ ଘୁଷୁରି, କୁକୁଡ଼ା, ପ୍ରତ୍ୟେକ ନିଜ ନିଜର ଜିନିଷପତ୍ରର ବୁଜୁଳାଟିକୁ କୁକୁଡ଼ା କୁଡ଼୍‌କି ବସିବା ପରି ଧରି ବସିଥାଆନ୍ତି ।

ଗାଡ଼ି ପହଂଚିଲା ନୂଆ କଟକରେ । ଓହ୍ଲା, ଓହ୍ଲା କହି ଡାକ ଛାଡ଼ିଲା ଟ୍ରକ୍‌ର ହେଲ୍‌ପର ପିଲା । ଛେଳିକୁ ହାଣକୁ ନେବା ପରି ଜଣ ଜଣ କରି ଓହ୍ଲାଇଲେ ଟ୍ରକ୍ ଉପରୁ । ସେଠାରେ ଆଗରୁ ଅପେକ୍ଷା କରିଥିବା କମ୍ପାନୀର ଲୋକ ଜଣେ ତାଂକର ମୁଖିଆକୁ ଡାକିନେଲା ନୂଆକରି ତିଆରି କରାଯାଇଥିବା ଘରପାଖକୁ । କହିଲା– ଦେଖ୍, ତମେ କେମିତିକା ଘରେ ଥିଲ, ଏ ଘର କେମିତି ? ରାସ୍ତା ନ ଥିବା ଦଶକୋଶ ଜଂଗଲ, ପାହାଡ଼, ଝରଣା ଡେଇଁ କରି ଗଲେ ପଡୁଥିଲା ଯାଇ ତମ ଗାଆଁ, ଏଠି କେମିତି ତମ ଘର ଆଗରେ ରାସ୍ତା, ପିଇବା ପାଣି ପାଇଁ ଟିଉବ୍‌ୱେଲ, ପିଲାଙ୍କ ପାଠ ପଢ଼ା ପାଇଁ ସ୍କୁଲ ଘର ତିଆରି ହୋଇଛି । କ'ଣ ମିଳିଥାଆନ୍ତା ସେ ଜଂଗଲ ଭିତରେ ରହି ପଚି ସଢ଼ି ମରିଯାଇଥିଲେ ? ତମେ ଏବେ ଅନ୍ଧାରରୁ ଆଲୁଅକୁ ଆସିଲ, ଦୁନିଆ ଦେଖିବ ଦୁନିଆ । ତୋ' ଲୋକମାନଂକୁ କହିଦେ, ସେମାନେ ଯାଇ ନିଜ ନିଜ ଘରକୁ ଦେଖନ୍ତୁ ।

ମୁଖିଆ ପାଟିରୁ ବାହାରୁ ନ ଥିଲା ବଚନ । ସେ ଯାଇ ଠିଆ ହେଲା ତା' ଲୋକମାନଙ୍କ ପାଖରେ । ସେମାନେ ଥିଲେ ଖୁବ୍ ସନ୍ତ୍ରସ୍ତ । ତାଂକ ଚାରିପଟେ ଏତତ ଶୀଘ୍ର ଶୀଘ୍ର ଘଟିଯାଉଥିବା ଘଟଣାମାନଙ୍କୁ ନା' ସେମାନେ କିଛି ବୁଝିପାରୁଥିଲେ ନା ପରତେ ଯାଇପାରୁଥିଲେ । ସବୁ ଘଟଣା ସେମାନଂକୁ ଲାଗୁଥିଲା ଅଲୌକିକ-ଅଲୌକିକ । କେବଳ ବିସ୍ମୟାବିମୂଢ଼ ହୋଇ ନିରୀହ ଶଶା ଛୁଆଂକ ପରି ସେମାନେ ଚାହୁଁଥିଲେ ଏପଟ ସେପଟକୁ ।

ମୁଖିଆ ବୁଝୁଥିଲା ସେମାନଂକର ବିବଶତା । ତଥାପି କହିଲା ଯାଅ ଯିଏ ଯେଉଁ ଘରେ ରହିବ ଦେଖି ଦିଅ ।

Digitized by PPRACHIN, SOA

କେତେ ଜଣ ହାଣମୁହଁକୁ ନେବାପରି ଘର ପାଖକୁ ଯାଇ ପୂର୍ବ ଅଭ୍ୟାସବଶତଃ ଗୁରୁଣ୍ଡି ଗୁରୁଣ୍ଡି ଘର ଭିତରକୁ ପଶିଲେ। ଏପଟ ସେପଟ ହୋଇ କିଛି ସମୟ ନିରୀକ୍ଷଣ କରି ପୁଣି ବାହାରି ଆସିଲେ।

ମୁଖିଆ ପଚାରିଲା– ଘର ଦେଖିଲ ? ହଇ, ହେଲେ ଆମର କୁଲିମୁଣ୍ଡା କାଇଁ ?

କାରଖାନା ତରଫରୁ ଆସିଥିବା ଲୋକଟି ତା ପାଖକୁ ଯାଇ ପଚାରିଲା କ'ଣ ଚାହୁଁଛ, କୁହ ମୋତେ କୁହ !

ମୁଖିଆ କହିଲା– ଆମମାନଙ୍କ ଘର ଆଗରେ କୁଲି ମୁଣ୍ଡା ଥାଏ। ଯେଉଁଠାରେ ଆମେ ପୂଜାପାର୍ବଣରେ ବଳି ଦେଉ ଗାଆଁର ତଥା ଘରର ସୁଖସମୃଦ୍ଧି ଓ ଆମର ଦେହ ପା' ପାଇଁ। ଏଠି ସେଇଟା ନାହିଁ ତ। ସେଥିପାଇଁ ସେମାନଙ୍କ ମନ ଊଣା ହେଉଛି।

ଓହୋ। ଇଏ ଗୋଟେ କଥା ? ତମେ ଏଇନେ ରହିଯାଅ, ତମର ଯାହାଯାହା ଦରକାର ଆମେ ସବୁ ତିଆରି କରାଇଦେବୁ।

ଦଳେ ଧାଙ୍ଗିଡ଼ି ଯେଉଁମାନେ ଟିକେ ବାଆଁରେଇ ବୁଲୁଥିଲେ। ମୁଖିଆ ପାଖକୁ ଆସି କରି କହିଲେ– ଆମର ଆଦିସ୍ ବେଟା କେଏନ୍ ହେବ ?

ଆଦିସ୍‌ବେଟା ! ସେଇଟା କ'ଣ ? ପଚାରିଲା ଲୋକଟି, ମୁଖିଆ ତାଂକୁ ବୁଝାଇ ଦେଲା। ଆମର ଧାଂଗଡ଼ା ଧାଂଗିଡ଼ୀ ମାନେ ରାତିରେ ଗାଆଁର ଗୋଟେ ଘରେ ରୁହନ୍ତି, ତାକୁ ଆମେ ଆଦିସି ବେଟା କହୁ, ଏଠିତ ସେମିତିକା ଘର ନାହଁନା, ସେଥିପାଇଁ ଧାଂଗୀଡ଼ି-ମାନଂକ ମନ ଦୁଃଖ।

ଆଚ୍ଛା- ଆଚ୍ଛା, ସେମିତି ଏକ ଘର ଆମେ ବି ଏଠି ତିଆରି କରିଦେବୁ। ଦେଖ ଏବେ ମନ୍ତ୍ରୀଙ୍କ ଆସିବା ବେଳ ହୋଇଗଲାଣି। ତମେ ତମ ଲୋକମାନଙ୍କୁ କୁହ ସେମାନେ ତାଂକର ପାରମ୍ପରିକ ବେଶଭୂଷାରେ ଯେମିତି ମନ୍ତ୍ରୀଙ୍କୁ ସ୍ୱାଗତ କରିବେ।

ନିର୍ଦ୍ଦିଷ୍ଟ ସମୟର କେତେ ଘଣ୍ଟା ପରେ ମନ୍ତ୍ରୀ ଆସିଲେ। ସେ ପହଂଚିବା କ୍ଷଣି ଚଞ୍ଚଳ ହେଇ ଉଠିଲା ପରିବେଶ। ପ୍ରସ୍ତାବିତ କାରଖାନାର ବହୁ ପଦସ୍ଥ କର୍ମଚାରୀ ପାଛୋଟିଲେ ମନ୍ତ୍ରୀଙ୍କୁ, ସେହି ଆଦିବାସୀ ଲୋକମାନେ ମଧ୍ୟ ତାଂକର ବିଭିନ୍ନ ପ୍ରକାରର ବେଶଭୂଷା ଓ ବାଦ୍ୟ ବଜାଇ ନାଚି ନାଚି ସ୍ୱାଗତ କରିଥିଲେ ମନ୍ତ୍ରୀଙ୍କୁ।

ମନ୍ତ୍ରୀ ମହୋଦୟ ବିସ୍ଥାପିତ ପୁନର୍ବାସ ଯୋଜନାରେ ନିର୍ମିତ ହୋଇଥିବା ବସ୍ତିଟିର ଚାରିପଟେ ଥରେ ବୁଲି ଆସି ସନ୍ତୋଷ ହେବାପରି ମନୋଭାବ ପ୍ରକାଶ କଲେ। ମନ୍ତ୍ରୀଙ୍କର ସନ୍ତୋଷଭାବ ଦେଖି କାରଖାନାର କର୍ମଚାରୀମାନେ କୃତକୃତ୍ୟ ହେଉଥିଲେ। ଜଣେ ବରିଷ୍ଠ ଅଧିକାରୀ ମନ୍ତ୍ରୀଙ୍କୁ କହିଲେ– ଏମାନେ ଜଂଗଲି ମଣିଷ ସାର୍। କମ୍ କଷ୍ଟ କରାଯାଇନ

Digitized by PPRACHIN, SOA

ଏମାନଙ୍କୁ ବୁଝାଇ ଶୁଝାଇ ଏଠିକୁ ଆଣିବା ପାଇଁ। ସେମାନଙ୍କର ସେହି ଗୋଟିଏ ଜିଦ୍ – ଆମର ଢଂଗର ଭଲ ତ ଆମେ ଭଲ। ତମ କାରଖାନା ପାଇଁ ଆମେ କାହିଁକି ଗାଆଁ ଛାଡ଼ିବୁ। ବହୁ କଷ୍ଟରେ ସେମାନଙ୍କ ମୁଖିଆ ରାଜି ହେଲା। ତାଂକ ମନକୁ ପାଇବା ପାଇଁ ଏ ଘରଗୁଡ଼ିକୁ ମଧ୍ୟ ଆକର୍ଷଣୀୟ କରାଯାଇଛି। ତାଂକ ପରମ୍ପରାକୁ ଚାହିଁ ଆଉ ଯାହା ଯାହା ସେମାନେ ଚାହୁଁଛନ୍ତି। ସେ ସବୁ କରିଦେବାର ପ୍ରତିଶ୍ରୁତି ଦେଇଛୁ।

ସ୍ୱାଗତ ସମ୍ବର୍ଦ୍ଧନାର ପର୍ବ ସରିବା ପରେ ଆରମ୍ଭ ହେଲା ଭାଷଣ ପର୍ବ। କାରଖାନାର ପରିଚାଳନା ନିର୍ଦ୍ଦେଶକ ସ୍ୱାଗତ ଭାଷଣ ଦେବା ପରେ ପ୍ରଥମେ ଅନୁରୋଧ କଲେ କୁଟିଆ ନେତା କାରୁଙ୍କୁ ଅଭିଭାଷଣ ଦେବା ପାଇଁ। ସେ ମଞ୍ଚ ତଳକୁ ଉଠିକରି ମଞ୍ଚକୁ ଗଲେ ଭାଷଣ ଦେବାପାଇଁ। ମନ୍ତ୍ରୀ ତା ମୁହଁକୁ ବିସ୍ମୟରେ ଥରେ ଚାହିଁଦେଇ ଚାହିଁଲେ, ପରିଚାଳନା ନିର୍ଦ୍ଦେଶକଙ୍କ ମୁହଁକୁ। ସେ ମନ୍ତ୍ରୀଙ୍କ ମନୋଭାବକୁ ଠିକ୍ ରୂପେ ପଢ଼ି ନେଇ ନିଜର କାନଟିକୁ ମନ୍ତ୍ରୀଙ୍କ ପାଟି ପାଖକୁ ଘୁଞ୍ଚାଇ ଆଣିଲେ। ମନ୍ତ୍ରୀ କହିଲେ– ୟାକୁ ତ ମୁଁ ନୟନଗିରି ଆନ୍ଦୋଳନ ସମୟରେ ବହୁବାର ଟି.ଭି.ରେ ଦେଖିଛି। ଲମ୍ବା ଲମ୍ବା ବାଳକୁ ତେଲ ମାରି ପାରିକରି କୁଣ୍ଡାଇ ତା' ଉପରେ ଦଶ ପନ୍ଦରଟି ହେୟାର କ୍ଲିପ୍ ମାରିଥାଏ ଓ ପଛରେ ଖୋଷିଥାଏ କାଠ ପାନିଆଟେ। ମାତ୍ର ଦାବିଗୁଡ଼ିକୁ ଶୁଦ୍ଧ ଓଡ଼ିଆରେ ଏମିତି କହେ ଯେ ମୋର ତ ତାକୁ ଦେଖି ସନ୍ଦେହ ହେଉଥିଲା ଇଏ କୁଟିଆ କନ୍ଧ ପିଲା ବୋଲି। ସିଏ ତ କାରଖାନାର କଟ୍‌ଟର ବିରୋଧୀ।

ଆପଣ ତାକୁ ଠିକ୍ ଚିହ୍ନିପାରିଛନ୍ତି ସାର୍। ଏଇ ପିଲା ଏଠିକାର ଗୋଟିଏ ଏନ୍.ଜି.ଓ.ରେ କାମ କରି ସେମାନଙ୍କ ସହ ମିଶୁଥିଲା। କାରଖାନା ବିରୋଧୀ ଆନ୍ଦୋଳନରେ ଯେତେବେଳେ ବହୁ ନେତା ଏଠାକୁ ଆସୁଥିଲେ ସେ ଇଣ୍ଟରପ୍ରିଟର ଭାବେ କାର୍ଯ୍ୟ କଲା। ଏ କାମ କରୁ କରୁ ସେ କୁଟିଆ କନ୍ଧମାନଙ୍କର ସ୍ୱୟଂ ଘୋଷିତ ନେତା ହୋଇଗଲା। ହେଲେ ସିଏତ ଏଠାରେ ବିସ୍ଥାପନ ବିରୋଧରେ କହିବ। ନା- ସାର୍, ତା'ର ସେ ସ୍ୱର ଆମେ ଆଉ ରଖି ନାହୁଁ। ସିଏ ପ୍ରଥମେ ପ୍ରଥମେ ଏଠିକାର ସବୁଜ ବାହିନୀରେ ମିଶି ଖୁବ୍ ହାଲ୍ଲା-ହୋଲ୍ଲା କରୁଥିଲା। ସବୁଜ ବାହିନୀ ନେତାଂକ ସହ ମିଶି ଦିଲ୍ଲୀ ଯାଇଥିଲା ଦାବି ଜଣାଇବାକୁ। ସେ ଦିଲ୍ଲୀରେ ପହଂଚିବା କ୍ଷଣି ଆମର କର୍ପୋରେଟ୍ ଅଫିସ୍ ତାକୁ ସେଠାରେ ଧରି ପକାଇଲେ। ସେଠାରୁ ଫେରିବା ପରେ ତା'ର ସ୍ୱର ଏକଦମ ବଦଳି ଯାଇଛି। ଆପଣ ଦେଖିବେ ନାହିଁ କି ? ଶୃଗାଳଟିଏ ବାଘଛାଲ ପିନ୍ଧି କେତେଦିନ ରହି ପାରିଥାଆନ୍ତା ? ଦି'ଟା ବିଡ଼ାରେ ସେ ପାଟି ଚୁପ୍ କରି ପକ୍ଷ ବଦଳାଇ ଦେଲା, ହେଲେ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସେ ବେଶ ବଦଳାଇପାରି ନାହିଁ। ସେ କୁଟିଆ କନ୍ଧ ନୁହେଁ ଆଜ୍ଞା।

Digitized by PPRACHIN, SOA

ମନ୍ତ୍ରୀ ଆଗ୍ରହ ସହକାରେ କାନ ପାତିଲେ ତା'ର ଭାଷଣକୁ । ସେ ଆରମ୍ଭ କଲା ଶିଳ୍ପ ବିପ୍ଳବରେ କେମିତି ପ୍ରଗତି ଆସିବ । କେମିତି ତୁଚ୍ଛା ରାଜନୀତିକ ଉଦ୍ଦେଶ୍ୟରେ ବିରୋଧୀଦଳର ସ୍ଥାନୀୟ ନେତା ତାକୁ ଭୂଆଁ ବୁଲାଉଥିଲେ । ସଭ୍ୟତାଠାରୁ ଦୂରରେ, ପ୍ରଗତିଠାରୁ ଦୂରରେ ରହି, ପ୍ରକୃତିର ମଣିଷ କହି ଆମେ ନିଜକୁ ଅନ୍ଧାର ଭିତରେ ଆଉ କେତେ ଦିନ ଅବା ରଖିଥାଆନ୍ତୁ । ଏ ଅଂଚଳରେ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପ୍ରଗତି ଆସିବ ଏବଂ ସେ ପ୍ରଗତିର ଫଳତ ମୋ ଭାଇମାନେ ପାଇବେ, ଏହି ଆଶା ଓ ବିଶ୍ୱାସ ରଖି ମୁଁ ଚାହିଁଲି ଏଠି କାରଖାନା ପ୍ରତିଷ୍ଠା ହେଉ । ଏ କାରଖାନା କେବଳ ଏକ କାରଖାନା ନୁହଁ ଏହା ଆମମାନଙ୍କର ପ୍ରଗତିର ପ୍ରତୀକ ।

ମନ୍ତ୍ରୀ ଆଶ୍ୱସ୍ତ ହେଲେ ଯେ ପିଲାଟି କୌଣସି ସରକାର ବିରୋଧୀ ମନ୍ତବ୍ୟ ନ ଦେଇ କାରଖାନା ପ୍ରତିଷ୍ଠାକୁ ସମର୍ଥନ କଲା । ପରବର୍ତ୍ତୀ ବକ୍ତା ହିସାବରେ ମନ୍ତ୍ରୀ ମହୋଦୟ ଭାଷଣ ଦେବାକୁ ଉଠିବା ବେଳକୁ ବହୁମାତ୍ରାରେ ଉତ୍ସାହୀ ହୋଇ ପଡ଼ିଥିଲେ ।

ମନ୍ତ୍ରୀ ମହୋଦୟ ଭାଷଣ ଆରମ୍ଭ କରି କହିଲେ ଆମ ସରକାର ପ୍ରଗତିରେ ବିଶ୍ୱାସ କରେ । ଆମେ ଶିଳ୍ପ ପ୍ରତିଷ୍ଠାର ଧୂଆଁବାଣ ସୃଷ୍ଟିକରି ହଜାରେ ଦିନରେ ହଜାରେ ଶିଳ୍ପ କଥା କହୁନା । ପ୍ରାକୃତିକ ସମ୍ପଦରେ ଭରପୂର ଆମ ରାଜ୍ୟ ସେ ପ୍ରକୃତି ପ୍ରଦତ୍ତ ସମ୍ବଳକୁ ବିନିଯୋଗ କରି କିପରି ସାଧାରଣ ଲୋକଙ୍କର ମଂଗଳ କରିପାରିବ ଏକଥା ଚିନ୍ତା କରୁଛି । ଆମେ କାରଖାନା ବସାଉଛୁ । ଏଥିପାଇଁ ଲୋକେ ବିସ୍ଥାପିତ ହେଉଛନ୍ତି, ହେଲେ ଆମର ଜନମଂଗଳକାରୀ ବିସ୍ଥାପନ ନୀତି ଆଜି ବିଶ୍ୱରେ ପ୍ରଶଂସିତ । ଏଇ ଗୋଟିଏ ଉଦାହରଣ– ଏଇ ଲୋକମାନଙ୍କ ପାଇଁ ନିର୍ମିତ ଘର, ଏମାନଙ୍କୁ ଯୋଗାଇ ଦିଆଯାଇଥିବା ସୁବିଧା ସୁଯୋଗ ହିଁ ଯଥେଷ୍ଟ ଆମ ସରକାରଙ୍କର ମାନବ ସମ୍ବେଦୀ ବିସ୍ଥାପନ ନୀତିର ।

ଏଠି କେବଳ ବିସ୍ଥାପିତମାନଙ୍କୁ ଘର ଯୋଗାଇ ଦେଇ ଆମେ ଆମର ଦାୟିତ୍ୱ ସରିଗଲା ବୋଲି ଭାବୁନୁ । ସେଥିପାଇଁ ପ୍ରତ୍ୟେକ ପରିବାରକୁ ଚାଷଜମି, ଚାଷକରିବା ପାଇଁ କୃଷିଋଣ ଏବଂ ଅନ୍ୟାନ୍ୟ ବୃତ୍ତି ଓ ବ୍ୟବସାୟ କରିବାକୁ ମଧ୍ୟ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରିଅଛୁ । ଏଥି ସହ ଆପଣମାନଙ୍କର ସଂସ୍କୃତିର ସୁରକ୍ଷା ଦିଗରେ ମଧ୍ୟ ଆମେ ଯତ୍ନବାନ୍ । ଏଠାରେ ଯଦିଓ ଆମେ ଆପଣମାନଙ୍କୁ ନିଘଂଚ ଜଂଗଲଘେରା ପରିବେଶ ଦେଇପାରିବୁ ନାହିଁ, ତଥାପି ଆପଣମାନଙ୍କର ନାଚଗୀତ, ପର୍ବପର୍ବାଣି କିଭଳି ଆଗଭଳି ବଜାୟ ରହିପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ମୁଁ କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି ।

ମନ୍ତ୍ରୀଙ୍କ ଭାଷଣ ସରିଲା, ଭୋଜିଭାତ ବି ସରିଲା, ଧୀରେ ଧୀରେ ସଭାସ୍ଥଳରୁ ଫାଙ୍କା ହୋଇଗଲା ଗୋଟିଏ ପରେ ଗୋଟିଏ ଗାଡ଼ି । କାରଖାନା ତରଫରୁ ଯେଉଁ ଲୋକ ଜଣଙ୍କ କୁଟିଆ କନ୍ଧମାନଙ୍କୁ ଏଠାକୁ ଆଣି ରଖାଇବାର ଦାୟିତ୍ୱ ନେଇଥିଲେ ସେ ବି ଖୁବ୍ ଉଶ୍ୱାସରେ କହିଲେ– ଯାଅ, ଏବେ ତମେମାନେ ଯେଝା ଯେଝା ଘରକୁ ଯାଅ । କିଛି ଅସୁବିଧା ହେଲେ ମୋତେ ଜଣାଇବ । ମୁଁ ଏବେ ଘରକୁ ଯାଉଛି ।

Digitized by PPRACHIN, SOA

ସବୁ ଚାଲିଯିବା ପରେ ମଧ୍ୟ ସେ ଲୋକମାନେ ମେଳି ହୋଇ ବସି ରହିଥିଲେ। ସମସ୍ତେ ଥିଲେ ଚୁପ୍‌ଚାପ୍। କେବଳ ଯା' ମଝିରେ ମଝିରେ ସେମାନଙ୍କ ପାଳିତ ଶିକାରୀ କୁକୁରଗୁଡ଼ିକ ଭୁକି ଉଠି ସେ ସ୍ଥାନର ନୀରବତାକୁ ଭଂଗ କରୁଥିଲେ। ମୁଖିଆ ବଡ଼ କଷ୍ଟରେ କହିଲା– ଯାଅରେ ଯେଝା ଯେଝା ଘର ଭିତରକୁ ଯାଅ।

ସେମାନଙ୍କ ଭିତରୁ କେତେକ ପୁରୁଷ ଓ ସ୍ତ୍ରୀଲୋକ ଥରେ ଥରେ ସେ ଘରଭିତରକୁ ପଶିଯାଇ ବାହାରକୁ ବାହାରି ଆସୁଥାଆନ୍ତି। ସମସ୍ତଙ୍କ ମୁହଁରେ ଫୁଟି ଉଠୁଥିଲା ବ୍ୟଥାର ଗଭୀର ଆଭାସ, ଯେମିତି ମୁକ୍ତ ଆକାଶର ଦଳେ ବିହଂଗ ହଠାତ୍ ଶିକାରୀ ଜାଲରେ ପଡ଼ିଯାଇ ବନ୍ଦୀ ହୋଇଯାଇଛନ୍ତି।

ଧୀରେ ଧୀରେ ବଢୁଥିଲା ରାତି, ଅଥଚ କେହି ପଶୁ ନ ଥିଲେ ନିଜ ନିଜର ଘର ଭିତରକୁ। ଶେଷରେ ମୁଖିଆ ତା'ର ଶିଂଗା ବାହାର କରି ଜୋର୍‌ରେ ଫୁଙ୍କିଲା। ମୁଖିଆର ଶିଂଗା ଫୁଙ୍କା ଦେଖି ସମସ୍ତେ ଠିଆ ହୋଇ ପଡ଼ିଲେ ମୁଖିଆର ପରବର୍ତ୍ତୀ ନିର୍ଦ୍ଦେଶ ଶୁଣିବାକୁ। ମୁଖିଆ କହିଲା ଆମର ଡଂଗର ଭଲ ତ ଆମେ ଭଲ। ଆମେ ଏଠି ନାଇଁ ଚଳିପାରିବା। ଚାଲ ଜଂଗଲକୁ ଚାଲ।

ବାସ୍ – ମୁଖିଆ ତୁଣ୍ଡରୁ ଯେମିତି ଏତକ ଶୁଣିବାକୁ ସମସ୍ତେ ଅପେକ୍ଷା କରିଥିଲେ। ତା'ପରେ ଆଉ କାହାରିକୁ ଡର ନ ଥିଲା ନିଜ ନିଜ ଜିନିଷପତ୍ରର ବୁଜୁଳା ଧରି ଜଂଗଲ ଆଡ଼କୁ ଧାଇଁବାରେ।

ପରଦିନ ସକାଳୁ ଖବର ପାଇ କାରଖାନା କର୍ତ୍ତୃପକ୍ଷ ଆସିଲା ବେଳକୁ ସେଠାରେ କେବଳ ପଡ଼ିଥିଲା ଗତକାଲିର ସଭାପାଇଁ ଆସିଥିବା ମଉଳା ଫୁଲ ଓ ଭୋଜିଭାତ ଖିଆ ଯାଇଥିବା ଖଲିଦନା। ଭୁଲରେ କିଏ ବୋଧେ ଛାଡ଼ି ଦେଇଯାଇଥିବା କୁକୁରଛୁଆଟିଏ ଅର୍କ୍ଷିତ ପରି ଏପଟ ସେପଟ ହୋଇ ହୋଇ କୁଁ-କୁଁ କରି ଘୂରି ବୁଲୁଥିଲା। ଜଣେ ତାକୁ ଆ-ଆ, ତୁ-ତୁ କରି ଡାକିଲା ବେଳକୁ ସେ ମଧ୍ୟ ଅତର୍କ୍ଷେ ଦୌଡ଼ିଲା ଜଂଗଲ ଭିତରକୁ ସେମାନଙ୍କ ଗନ୍ଧ ଶୁଂଘି ଶୁଂଘି।

■■

Digitized by PPRACHIN, SOA

ମିଛରାତି

ଚାଳରୁ କଖାରୁ ଓହ୍ଳାଉ ଓହ୍ଳାଉ ପୁରୁଣା ଚାଳର ଘୁଣଖିଆ ବତା ଭାଂଗିଯିବାରୁ ଦୁଲ୍‌କିନା ତଳକୁ ଖସିପଡ଼ିଲା ସମ୍ପିବୁଢ଼ୀ। ହାଁ ହାଁ କରି ଧାଇଁଆସିଲେ ପାଖ ପଡ଼ୋଶୀଏ। ଚେତା ନ ଥିଲା ବୁଢ଼ୀର। ତାକୁ ପିଣ୍ଡା ଉପରକୁ ଉଠାଇଦେଇ ମୁହଁରେ ପାଣି ଛାଟି ସାଷ୍ଟାଂଗ କରିବାରେ ଲାଗିପଡ଼ିଲେ। ପାଖରେ ଗିଲିଦଣ୍ଡା ଖେଳୁଥିବା ଚଗଲା ପିଲାଏ ବାଉଁଶରାଣୀ ଖେଳ ଦେଖିଲାପରି ଘେରି ଠିଆ ହୋଇଥିଲେ ଚାରି ପଟରେ। ବୁଢ଼ୀର ଚେତା ଫେରାଇବା ପାଇଁ ଗୋଟେ ତାଳପତ୍ର ବିଂଚଣାରେ ତା ମୁହଁ ପାଖରେ ବିଂଚୁଥିବା ମହିଆ କହିଲା– ତାଟ ପକାଇ ଦେଇ କ'ଣ ସବୁ ଦେଖୁଛ ଏଠି ? କ'ଣ ଯାନିଯାତରା ନା ମେଳଣ ? ଘୁଂଚ, ବାଟ ଛାଡ଼ ପବନ ଟିକେ ଆସୁ। ଶ୍ରୀଧର ଗଲା କୁଆଡ଼େ ?

କିଏ ଗୋଟେ ବଗୁଲା ପିଲା କହିଲା– ଶ୍ରୀଧର ମାଇଚିଆ ତ ? ବିଂଚୁଥିବା ଲୋକଟି ପିଲାଟିକୁ ଆଖି ତରାଟି କହିଲା, ବୁଢ଼ୀର ହୋସ୍ ନାହିଁ, ନହିଲେ ତୋତେ ଗୋଟା ଚୋବେଇ ଖାଇଥାଆନ୍ତା ଏଇନେ। ଯା' ତାକୁ ଟିକେ ଖବର ଦେଇ ଦେ ତା' ବୋଉ ଚାଳରୁ ଖସିପଡ଼ିଛି ବୋଲି।

– "ସିଏ କୋଉଠି ଥିବ ମୁଁ କ'ଣ ଜାଣିଛି ?"

ଆରେ ସେ ଯାଇ ଯାଇ କୁଆଡ଼େ ଯାଇଥିବ ? କେଉଁ ମାଇପିପଲରେ ବସି ତାସ୍ ଖେଳୁଥିବ, କୋଉ ବୁଢ଼ୀମୁଣ୍ଡରୁ ଉକୁଣୀ ବାଛୁଥିବ ବି କାହା ଗୋଡ଼ରେ ବସି ଅଳତା ଲଗାଇଦେଉଥିବ।

ଆଉ ଗୋଟେ ପିଲା କହିଲା, ନା ନା, ସେ ନଈକୂଳ ପାଳରେ ବାଇଗଣମନ୍ଦା ଖୁସଉଥିଲା, ମୁଁ ଗାଧୋଇବା ବେଳେ ଦେଖିଥିଲି। ତା'ଠାରୁ ସୂଚନା ପାଇବା ମାତ୍ରେ ଜଣେ ଧାଇଁଗଲା ତାକୁ ଡାକିଆଣିବାପାଇଁ।

Digitized by PPRACHIN, SOA

ପଡ଼ୋଶୀମାନେ ଲାଗିଥିଲେ ବୁଢ଼ୀକୁ ସାଷ୍ଟାଂଗ କରିବାରେ। ହେଲେ ବୁଢ଼ୀର ଫେରୁ ନ ଥାଏ ଚେତା। କିଏ ଜଣେ ପଚାରିଲା– ଶ୍ରୀମନ୍ତ କ'ଣ ସ୍କୁଲ ଯାଇଛି କି ?

– "ସ୍କୁଲ ପା ଛୁଟି, ସେ ହାଟକୁ ଯାଇଛି, ଫେରିଆସୁଥିବ ବୋଧେ। ଆଘାତ ବୋଧେ ଜୋର୍‌ରେ ଲାଗିଛି, ନ ହେଲେ ଏତେ ସମୟ ହେଲାଣି ଚେତା ଫେରୁନି କାହିଁକି ? ଆରେ ଝଂକାଟିଏ ସଜିଲ କରରେ। ଯଦି ଚେତା ନ ଫେରେ, ତେବେ ତା ଦି'ପୁଅ ଆସିବାକ୍ଷଣି ତାକୁ ନେଇଯିବା ଡାକ୍ତରଖାନା। ମଗଜରେ ବୋଧେ ଆଘାତ ଲାଗିଛି।"

– "ନାଇଁମ ମଗଜରେ କାହିଁକି ଆଘାତ ଲାଗିବ ? ସେଠି ଆଘାତ ଲାଗିଥିଲେ ପାଟିରୁ ଫେଣ ବାହାରି ପଡ଼ନ୍ତାଣି। ଉଚ୍ଚରୁ ଖସିପଡ଼ିଲା ବେଳେ ଭୟରେ ଚେତା ଚାଲିଯାଇଛି।"

ଜଣେ ଚଗଲା ପିଲା ତା'ର ଶିଶୁସୁଲଭ ଭୟ ଯୋଗୁଁ କହିଲା, "ସମ୍ପିବୁଢ଼ୀର ଚେତା ଫେରିଲେ ଆମମାନଙ୍କୁ ଦେଖି ସେ ତ ସମ୍ପାକଟା କରିବ ନିଶ୍ଚେ !"

ସମ୍ପାକଟା ଯଦି ନ କରିବ, ତମେମାନେ ତାକୁ ସମ୍ପିବୁଢ଼ୀ ବୋଲି କେମିତି ଡାକିବ ? ତା ବାପଘରର ନାଁ ଥିଲା ସୁମା। ତା ଶାଶୂବୁଢ଼ୀ ତାକୁ ସେଇ ନାଆଁରେ ଡାକୁଥିଲା ବହୁବର୍ଷ ଯାଏ, ଯେତେଦିନ ଯାଏ ଏ ଶ୍ରୀଧର ଜନ୍ମ ହୋଇ ନ ଥିଲା। ଡାକେ ଦି ଡାକରେ ଯଦି ନ ଶୁଣୁଥିଲା ବୁଢ଼ୀ ତା ଶାଶୂ ଡାକଛାଡ଼ିବ – ଲୋ ସୁମା, ଲୋ ବାଂଝ, ଲୋ ବଉଁଶବୁଡ଼େଇ, କୁଆଡ଼େ ଗଲୁ କି ଲୋ ?" ଏ ଶ୍ରୀଧର ଜନ୍ମ ପରେ ତା ଶାଶୂ ବୁଢ଼ୀର ମନ ଉଶ୍ୱାସ ହେବାରୁ ସେ 'ସୁମା' ଡାକ ଭୁଲି ଡାକିଲା ଶ୍ରୀଧିଆ ମାଆ। ଆମେ ସବୁ ତାକୁ ଜାଣିଥିଲୁ 'ଶ୍ରୀଧିଆମାଆ' ନାଁରେ। ହେଲେ ତମେ ପିଲେ କେତେବେଳେ ତାକୁ ଏ ନୂଆ ନାଆଁଟା ଦେଇଦେଲ ? କ'ଣ ସେ ସମ୍ପାକଟା କରିବାରୁ ତମେମାନେ ତା'ର ନାଆଁ ରଖିଛ ସମ୍ପିବୁଢ଼ୀ ?

ବୁଢ଼ୀକୁ ଘେରି ଛିଡ଼ା ହୋଇଥିବା ପିଲାମାନେ ଏ ପ୍ରଶ୍ନର ଉତ୍ତର ନ ଦେଇ କେବଳ ପରସ୍ପରକୁ ମୁହଁକୁ ଚାହିଁ ହସାହସି ହେଉଥିଲେ। ଏହି ସମୟରେ ବାଆଁହାତରେ ଖୁରୁପି ଓ ଡାହାଣହାତରେ ନିଜ ଗଂଜି ଉପରେ ପକାଇଥିବା ଗାମୁଛା, ଯେଉଁଟି ଦୌଡ଼ିବା ଫଳରେ ବାରମ୍ବାର ଖସିଯାଉଥିଲା, ତାକୁ ଛାତି ଉପରକୁ ପକାଇ ପକାଇ, 'ମୋ ବୋଉର କ'ଣ ହେଲା', 'ମୋ ବୋଉର କ'ଣ ହେଲା ଲୋ' କହି ଧଇଁସଇଁ ହୋଇ ଆସି ପହଁଚିଲା ଶ୍ରୀଧର। 'ହାଁ – ମୋ ବୋଉଲୋ', କହି ହାତରେ ଧରିଥିବା ଖୁରୁପିଟିକୁ ଫିଙ୍ଗିଦେଇ ଲଥିକିନା ବୋଉ ମୁଣ୍ଡ ପାଖରେ ବସିଯାଇ ତା ମୁଣ୍ଡକୁ ହଲାଇ ଏକରକମ ବାହୁନା ଆରମ୍ଭ କରିଦେଲା ଶ୍ରୀଧର।

– "ୟା ହାପ – ମାଇକିନାଙ୍କ ପରି କାନ୍ଦୁଛୁ କ'ଣ, ବ୍ୟବସ୍ଥା କର ଡାକ୍ତରଖାନାକୁ ନବା ପାଇଁ।"

Digitized by PPRACHIN, SOA

"– ହଁ – ହଁ, ଠିକ୍ କହିଲ ସାଆନ୍ତ। ମୋ ବୋଉକୁ ନେଇଯିବା ଡାକ୍ତରଖାନା। ଆମ ଶ୍ରୀମନ୍ତ ଯାଇଥିଲା ହାଟକୁ, ହେଇ ଆଉଥିବ, ଟିକେ ସବୁର କରି ସେ ଆସିଲେ ବୋଉକୁ ନେଇଯିବା ଡାକ୍ତରଖାନା। ପରିଆ ଦା' ତମେ ଟିକେ ମୋ ବୋଉର ମୁଣ୍ଡକୁ ବିଂଚୁଥା', ମୁଁ ତା' ଗୋଡ଼ହାତକୁ ଆଉଁଶି ଦେଉଛି। ହେ ପିଲେ, ତମ ତାଟ ଟିକେ ଭାଂଗରେ, ମୋ ବୋଉ ଦିହରେ ଟିକେ ପବନ ବାଜୁ। ବଇଁଶୀ ଖୁଡ଼ୀ, ଆଉ ଢାଳେ ପାଣି ଦିଅ ତ, ଆଉ ଟିକେ ଛିଂଚିଦେବା ମୁହଁରେ।"

ହାତରେ ଚଳାଏ ପାଣି ନେଇ ଶ୍ରୀଧର ପକାଇଲା ବୋଉ ମୁହଁରେ। ମୁହଁରେ ପାଣି ପଡ଼ିବାରୁ ବୁଢ଼ୀ ଆଖି ଫିଟାଇଲା। ବୁଢ଼ୀର ଆଖି ଫିର୍‌କା ଦେଖି ବୁଢ଼ାଜଣେ କହିଲା, "ଆଉ ବ୍ୟସ୍ତ ହବାର କିଛି ନାହିଁ, ଚେତା ଆସିଲାଣି।"

– "ମାଧ ସାଆନ୍ତ, ତମ ତୁଣ୍ଡ ସୁତୁଣ୍ଡ ହେଉ। ମୋ ବୋଉର କିଛି ନ ହେଉ, ଫେରିଆସୁ ଚେତା। ହେ ବାବା ସାମେଶ୍ୱର ମହାଦେବ, ମୋ ବୋଉକୁ ଠିକ୍ କରିଦେ' ମୁଁ ସାତ ସଅଁବାର ତୋ ମୁଣ୍ଡରେ କ୍ଷୀର ଢାଳିବି। ଶହେ ଆଠ ବେଲପତ୍ର ଓ ଶହେ ଆଠ ଦୁଦୁରା ଫୁଲ ଚଢ଼ାଇବି, ତୋ ବଡ଼ସିଂହାର ବେଶ କରିବି।

ବୁଢ଼ୀ ଧୀରେ ଧୀରେ ଆଖି ଖୋଲିଲା। ବୋଉର ଆଖି ଖୋଲିବା ଦେଖି ଶ୍ରୀଧର ସଂଗେ ସଂଗେ ପିଣ୍ଡା ଉପରେ ଢୋ ଢୋ କରି ମୁଣ୍ଡ ପିଟି ସାମେଶ୍ୱର ମହାଦେବଙ୍କ ଉଦ୍ଦେଶ୍ୟରେ ଜୁହାର ହେଲା। ଚେତା ଆସିବାକ୍ଷଣି ବୁଢ଼ୀ ଏପଟସେପଟ ମୁଣ୍ଡକୁ ଗଡ଼ାଇ ଚାରିପଟେ ଦୃଷ୍ଟି ବୁଲାଇଲା। ସେ ବୋଧେ ଖୋଜୁଥିଲା, ତା'ର କଖାରୁଟି କୁଆଡ଼େ ଗଲା ବୋଲି। ବୋଉର ଖୋଜିବା ଖୋଜିବା ଆଖିରୁ ତା'ର ମନକଥା ଜାଣିପାରି ଶ୍ରୀଧର କହିଲା, "ମାର୍ ଗୁଲି ସେ କଖାରୁକୁ। ସେଇଟାପାଇଁ ତ ତୋର ଏ ଦଶା। ସେ ଯେଉଁଠି ପଡ଼ିଥିଲେ, ପଡ଼ିଥାଉ। ତୁ ଉଠିକି ବସ୍ ତ ଆଗ।" ବୋଉର ବେକ ତଳେ ହାତ ଦେଇ ତାକୁ ଉଠାଇ କାନ୍ଥକୁ ଆଉଜାଇ ବସାଇଲା ଶ୍ରୀଧର।

ବୁଢ଼ୀ ହାତଠାରି କହିଲା, ପାଣିଗିଲାସେ ପିଇବାକୁ ଦେବାପାଇଁ। ପାଣି ଟିକେ ପିଇସାରିବା ପରେ ଅତି ଆସ୍ତେ ଆସ୍ତେ କହିଲା, ଆରେ ଶ୍ରୀଧର, ମୋ ବାଆଁଗୋଡ଼ ଓ ହାତଟା କାହିଁକି ଗୋଦରା ଗୋଦରା ଲାଗୁଛି।

ବୋଉର ଗୋଡ଼ହାତକୁ ଆଉଁଶି ଦଉ ଦଉ ଶ୍ରୀଧର କହିଲା– "କଚି ହୋଇ ପଡ଼ିଗଲୁ ତ। କେଉଁଠି ଗୋଟିଏ ଶିର ଚାପି ହୋଇ ଯାଇ ରକ୍ତ ଚାଲୁ ନ ଥିବ, ସେଥିପାଇଁ ଗୋଦରା ଲାଗୁଥିବ। ବ୍ୟସ୍ତ ହଅନି। ମୁଁ ତେଲ ମାଲିସ୍ କରି ସବୁ ଠିକ୍ କରିଦେବି। ଶ୍ରୀମନ୍ତ ବ

Digitized by PPRACHIN, SOA

ଆସୁଥିବ ହାଟରୁ, ସେ ଆସି ପହଁଚିଲାକ୍ଷଣି ମୁଁ ତତେ ଡାକ୍ତର ଦେଖେଇବାକୁ ନେଇଯିବି । ଔଷଦ ଖାଇଦେଲେ ସବୁ ଠିକ୍ ହୋଇଯିବ ।"

ଶ୍ରୀଧର ପାଟିରୁ କଥା ସରିଛି କି ନାହିଁ, ଧଇଁସଇଁ ହୋଇ ଆସି ପହଁଚିଲା ଶ୍ରୀମନ୍ତ । ବୋଧେ ଗାଆଁମୁଣ୍ଡରେ ପହଁଚୁ ପହଁଚୁ କେହି ତାକୁ ତା' ବୋଉର ପଡ଼ିଯିବାର ଖବରଟା ଦେଇ ଦେଇଛି, ପହଁଚୁ ପହଁଚୁ ପଚାରିଲା– କ'ଣ ହେଇଛି ବୋଉର ଭାଇ ?"

– "ଚାଳରୁ ଖସିପଡ଼ି ଚେତା ନ ଥିଲା । ସାମେଶ୍ୱର ମହାଦେବଙ୍କୁ ଡାକିବାରୁ ଏବେ ଚେତା ଫେରିଲାଣି । କହୁଛି ତା ବାଆଁପଟ ଗୋଡ଼ ଓ ହାତ ଟିକେ ଗୋଦରା ଗୋଦରା ଲାଗୁଛି । ମୁଁ ତୋତେ ଖାଲି ଜଗିଥିଲି, ଆସିଲେ କଣ୍ଟିପୁର ଡାକ୍ତରଖାନାକୁ ଧରି ଯିବାପାଇଁ ।"

– "ହଉ– ମୁଁ ଆମ ବୋତିପୂରା ଝଂକାରେ କନ୍ଥା ଓ ତକିଆ ପକାଇ ଦେଉଛି, ସାଂଗେ ସାଂଗେ ନେଇଯିବା ।"

ଦି' ପୁଅଯାକ ବୁଢ଼ୀକୁ ଝଂକାରେ ବସାଇ କାନ୍ଧେଇ କାନ୍ଧେଇ ନେଇଗଲେ ଡାକ୍ତରଖାନା । ସେଠି କେବଳ ବାଆକୁ ବତା ଭଳି ଡାକ୍ତରଟିଏ । ନା ଔଷଧ ଅଛି, ନା ଯନ୍ତପାତି ଅଛି ପରୀକ୍ଷା କରିବାକୁ । ତଥାପି ଡାକ୍ତରଜଣକ ଭଲ ଓ ଅଭିଜ୍ଞ । ସେ ଦେଖିସାରିବା ପରେ କହିଲେ ମେରୁଦଣ୍ଡରେ ମାଡ଼ ହୋଇ ଗୋଟିଏ ସାଇଡ୍ ପାରାଲିସିସ୍ ହୋଇଯାଇଛି । ଏହାର ଚିକିତ୍ସା ତ ଏଠି ହୋଇପାରିବ ନାହିଁ । ବାହାରେ ମଧ୍ୟ ଏହାର ସେମିତି କୌଣସି ଚିକିତ୍ସା ନାହିଁ । କେବଳ ଫିଜିଓଥେରାପି କଲା ପରେ ଯଦି ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଆସିଗଲା, ଭାଗ୍ୟର କଥା ।

ଫିଜିଓଥେରାପି କ'ଣ, ବୁଝିପାରିଲାନି ଶ୍ରୀଧର । କେବଳ ଡାକ୍ତରଙ୍କ ମୁହଁକୁ ବଲବଲ କରି ଚାହିଁଲା । ଶ୍ରୀମନ୍ତକୁ ଚିମୁଟିଦେଇ କହିଲା, ଆରେ ମୁଁ ସିନା ପାଠ ପଢ଼ିନି ବୋଲି ବୁଝିପାରୁନି ଡାକ୍ତରଙ୍କ କଥା, ତୁ ପରା ନବମରେ ପଢ଼ିଲୁଣି ! ବୁଝୁଛୁ ତ କ'ଣ କରିବାକୁ ପଡ଼ିବ ?

ଶ୍ରୀମନ୍ତର ନ ବୁଝିପାରିବାର ଅସହାୟତାକୁ ଲକ୍ଷ୍ୟ କରି ଡାକ୍ତର କହିଲେ– ଫିଜିଓଥେରାପି ମାନେ ଔଷଧ ମାଲିସ୍ ସହ କେତେଗୁଡ଼ିଏ ବ୍ୟାୟାମ କରାଯାଏ । ମୁଁ ତୁମମାନଙ୍କୁ ବତାଇଦେଉଛି ସେ ତା'ର ପ୍ରଣାଳୀ ଓ ଲେଖି ଦେଉଛି ଔଷଧ । ଚେଷ୍ଟା କର, ଯଦି ଭଲ ହୋଇଗଲା ତ ତମର ଭାଗ୍ୟ । ଏଥିରେ ଅପରେସନ୍ ବି କରାଯାଇ ଲୋକ ଭଲ ହେଉଛନ୍ତି, ମାତ୍ର ସେ ଅପରେସନ୍‌ର କୌଣସି ଗ୍ୟାରେଣ୍ଟି ନାହିଁ ଆଉ ତା'ର ଖର୍ଚ୍ଚ ଏତେ ଯେ ତାହା ତମ ସାଧ ବାହାରେ ।"

Digitized by PPRACHIN, SOA

ବୋଉକୁ ଡାକ୍ତରଖାନାରୁ ନେଇ ଫେରିବା ପରେ ଗୁମ୍ ଖାଇ ବସିରହିଲା ଶ୍ରୀଧର। କେତେ ସମୟ ପରେ ଶ୍ରୀମନ୍ତକୁ କହିଲା "ବୋଉ ସିନା ଗାଈପଟେ, ଛେଳି ଦି'ପଟ ପାଳି ଆମକୁ ଆଜିଯାଏ ଚଳାଇ ଆସିଥିଲା। ସିଏ ତ ଏବେ ଉଠିପାରିବନି। ଆଉ ଆମର ବା ଜମି କେତେ, ସେଇ ନଈ କୂଳରେ ଦି'ପା ପାଳଜମି ତ ଯେଉଁଠି ପ୍ରତି ବର୍ଷ ଧୋଇଯାଉଛି ଧାନ, ଯାହା କେବଳ ପାଳ ପନିଅରକୁ ଭରସା। ବାପା ମଲା ପରେ ସିଏ ଆମ ପାଇଁ ଏତେ କଲା, ଆମେ ଯଦି ଏବେ ତାକୁ ଚିକିତ୍ସା କରାଇ ନ ପାରିବା, ଧିକ୍ ହୋଇଯିବ ଆମର ପୁଅଜନମ। ବନାଦାଦା ମୋତେ କହିଥିଲା, କଲିକତାରେ ପାଣିପାଇପ୍ କାମରେ ଲଗାଇଦେବ ବୋଲି। ମୁଁ ଭାବୁଛି, ମୁଁ ଏବେ କଲିକତା ପଳାଇଯିବି। କିଛି ପଇସା ରୋଜଗାର କଲେ ଅନ୍ତତଃ ବୋଉକୁ ଡାକ୍ତର ଦେଖାଇ ଭଲ କରିପାରିବା। ତୁ ଏଠି ତୋ' ପାଠ ପଢ଼ା ସହ ବୋଉର ଦାୟିତ୍ୱ ସମ୍ଭାଳ। ପୁଅ ହିସାବରେ ଆମକୁ ତ କିଛି କଷ୍ଟ କରିବାକୁ ପଡ଼ିବ ନା।"

ଶ୍ରୀଧରର କଲିକତା ଯିବା କଥା ଶୁଣି ମନାକଲା ବୋଉ। କହିଲା, "ଦରକାର ନାହିଁ ମୋର ଭଲ ହେବା। ମୋର କଉ ନଅଟା ନା ଛଅଟା। ମାଡ଼ି ମାଡ଼ି ଷଠୀବୂଡ଼ି ଦୟାରୁ ତ ଦିଇଟା। ସେଥିରେ ତୁ କଲିକତା ଗଲେ, ମୁଁ କଣା ହୋଇଗଲା ପରି ଲାଗିବ। ଦରକାର ନାହିଁ, ଏଇଠି ମୂଲମଜୁରି କରି ଗାଈ ଦି'ପଟ ପାଳିଦେଲେ ଆମ ଗୁଜୁରାଣ ମେଣ୍ଟିଯିବ।

– "ବୋଉଲୋ– ଏବେ କେବଳ ଗୁଜୁରାଣ ମେଣ୍ଟିବା କଥା ପଡ଼ିନି, ତୋ ଚିକିତ୍ସା ସହିତ ଶ୍ରୀମନ୍ତର ପାଠପଢ଼ା ବି ଅଛି। ସେତକ ନ କରିପାରିଲେ ମୁଁ କି ପୁଅ ! ତୁ ମନା କରନି, ତା'ପରେ କଲିକତା କେଉଁ ଦୂରବାଟ କି, ରାତିରେ ବସ୍‌ରେ ପରା ବସିଲେ ସକାଳୁ ଆସି ଘରେ।

ବୋଉର କଥା ନ ମାନି ଶ୍ରୀଧର ଚାଲିଗଲା କଲିକତା। ବନାଦାଦା ପାଖରେ ପାଣିପାଇପ୍ କାମ କଲା। ଏପଟେ ଶ୍ରୀମନ୍ତ ଯାହିତ୍ୟାହି ଗଣ୍ଡେ ଫୁଟେଇଦେଇ ବୋଉକୁ ଖାଇବାକୁ ଦେଇସାରି ସ୍କୁଲକୁ ଯାଏ। ବୁଢ଼ୀ ଦେଖିଲା ଦି'ପୁଅଙ୍କର ଦୁଃଖ ଓ ହଇରାଣ। ମନସ୍ଥ କଲା ଏଥର ମଗୁଣୀରକୁ ଶ୍ରୀଧରକୁ ଦି'ହାତ କରିଦେବ। ଅଣ୍ଡିରିପୁଅଟା ଆଉ କେତେ ଦିନ ତାକୁ ରୋଷେଇ କରିଦେଉଥିବ ? ଏମିତି ଘୁଷୁରି ଘୁଷୁରି ଆଉ କେତେ ଦିନ ଅବା ଏ ଜୀବନ ରହିଥିବ ? ଆଖି ବୁଜିବା ପୂର୍ବରୁ ଅନ୍ତତଃ ବୋହୂ ମୁହଁଟା ଦେଖିନେବ।

ବାହାଘର ନାଆଁ ଶୁଣି ଖାଲି ଡେଇଁଲା ଶ୍ରୀଧର। କହିଲା, "ମୁଁ ସେ ଝମେଲାକୁ ସମ୍ଭାଳିପାରିବିନି। ଆଉ ଦି'ଚାରିବର୍ଷ ସବୁର କରିଯା', ଶ୍ରୀମନ୍ତର ପଢ଼ା ସରୁ ତାକୁ ଦି'ହାତ କରିଦେଲେ ହେଲା।"

Digitized by PPRACHIN, SOA

– "କାହିଁକି ତୁ କ'ଣ ଭୀଷ୍ମ ପିତାମହ ହେବୁନା କ'ଣ ? ମୁଁ ତ ପାକଲା ତାଳ ଥିଲି, ସେଥିକୁ ପୁଣି ଏ ଅଖଂଜ ଅବସ୍ଥା । ତୁ କ'ଣ ଭାବୁଛୁ ମୁଁ ଏ ପକ୍ଷାଘାତରେ ବେଶିଦିନ ଉଧେଇବି ନା କ'ଣ ? ମଲାପୂର୍ବରୁ ନାତିନାତୁଣୀ ଦେଖିବାର ସ୍ୱପ୍ନ ନାହିଁ କି ମୋର ସେତେ ଲମ୍ବ ଆୟୁଷ ନାହିଁ । କେବଳ ଯା ବୋହୂ ମୁହଁ ଟିକେ ଦେଖିଦେଲେ ମୋର ଅବସୋସ ମେଣ୍ଟିଯିବ ।

ବିବାହ ଭଳି ଏକ ଦାୟିତ୍ୱକୁ ଯେ ଶ୍ରୀଧର ତୁଲାଇପାରିବ, ଏ ଭରସା ତା ଭିତରେ ହେଉ ନ ଥିଲା । ସେ ବି ବେଳେ ବେଳେ ଆଶ୍ଚର୍ଯ୍ୟ ହୁଏ ଯେ ଏତେ ବୟସ ସତ୍ତ୍ୱେ, ଦୈହିକ କ୍ଷୁଧା ମେଣ୍ଟାଇବାକୁ ବିବାହର ଆବଶ୍ୟକତାକୁ ସେ କେମିତି ଉପଲବ୍ଧି କରୁନି ବୋଲି । ମନେ ମନେ ଶଂକିଯାଏ, କ'ଣ କିଛି ଖଇଚା ରହିଯାଇଛି କି ଭିତରେ । ପୁଣି ପରମୁହୂର୍ତ୍ତରେ ଭାବେ, ଥିଲେ ଥାଉ, ବାହା ତ ନ ହେଲେ ଗଲା । ଏବେ କିଂତୁ ପଡ଼ିଗଲା ଅଠାକାଠିରେ । ବୋଉର ମନ ଭାଂଗିବାକୁ ମନ ବଳିଲାନି । କେବଳ କହିଲା, "ହଉ ତୋ କଥା ମାନି ବାହା ହୋଇ ପଡୁଛି, ହେଲେ ଯାହା ଭଲମନ୍ଦ ହେବ ତୁ ବୁଝିବୁ ।"

ଖୋଜି ଖୋଜି ବୋହୁଟିଏ କଲା ସମ୍ପିବୁଢ଼ୀ । ବୋହୂ ନୁହେଁ ତ ଚାନ୍ଦଟିଏ । ନିହାତି ଗରିବ ଘର, ଦୁଇଓଳି ଦୁଇମୁଠା ପେଟ ଚିନ୍ତା ଘାରୁଥିଲା ବେଳେ ବାହାଘର ପାଇଁ ଯେତେବେଳେ ଶ୍ରୀଧର ଘରୁ ପ୍ରସ୍ତାବ ଗଲା, ଏଥିରେ ତାଂକ ଘରେ ଅରାଜି ହେବାର କିଛି ନ ଥିଲା । ଜୋଇଁ କଲିକତାରେ ପାଣିପାଇପ କାମ କରୁଛି, ଘରେ ଦି'ପ୍ରାଣୀ ଖାଇବାକୁ, ଏଥିରେ ସେମାନେ ବା କାହିଁକି ଅରାଜି ହୋଇଥାଆନ୍ତେ ? ତେଣୁ ଝିଅ ଟେକିଦେଲେ ସେମାନେ ।

ବାହାଘରର ପହିଲି ଦିନରେ ହିଁ ଶ୍ରୀଧର ଚିହ୍ନାଇଦେଲା ସୁଲତାକୁ– "ଦେଖ୍, ଇଏ ମୋ ବୋଉ, ଯାହା ମୁହଁ ଚାହିଁ ମୁଁ ବାହା ହେବାକୁ 'ହଁ' ଭରିଲି । ନଚେତ୍ ବାହାଘର କିଏ ନା ମୁଁ କିଏ ? ଆଉ ଇଏ ମୋ ଭାଇ ଶ୍ରୀମନ୍ତ । ମୋ ଠାରୁ ଢେର୍ ସାନ, ହେଲେ ତୋ ଠାରୁ ବେଶି ସାନ ହୋଇ ନ ଥିବ । ମୁଁ ତାକୁ ଭାଇ ଭଳି ଦେଖେନା, ଦେଖେ ପୁଅ ଭଳି । ପାଠ ପଢୁଛି, ପାଠ । ପାଠ ପଢ଼ି ଚାକିରି କରିବ । ବୋଉର ଓଷଦ କିଣା ଓ ତା'ର ପାଠପଢ଼ା ପାଇଁତ ମୁଁ ଗାଆଁ ଛାଡ଼ି ସହର ଯାଇଛି, ନ ହେଲେ କଲିକତା କିଏ ନା ମୁଁ କିଏ, ଏଇଠି କ'ଣ ମୋ ପେଟ ଅପୋଷା ରହିଥାନ୍ତା ? ଏମାନଂକର ଯତ୍ନ ଓ ଦାୟିତ୍ୱ ନେବୁ ।"

ସୁଲତା କେବଳ ଓଢ଼ଣା ତଳୁ ଏମାନଂକୁ ଥରେ ଥରେ ଚାହିଁଲା ଏବଂ ଆକଳନ କଲା ନିଜ ଦାୟିତ୍ୱ ।

ଅଷ୍ଟମଂଗଳା ସରୁ ସରୁ ବାଇବିଛ ହୋଇ ଶ୍ରୀଧର ବାହାରିପଡ଼ିଲା କଲିକତା ଯିବାପାଇଁ । ବୋଉକୁ ଯାଇ କହିଲା– "ବୋଉଲୋ ମୁଁ କାଲି କଲିକତା ବାହାରି ଯାଉଛି ।"

Digitized by PPRACHIN, SOA

ବୋଉ ବିଛଣା ଉପରେ ପଡ଼ିରହି ହାଁ କରି ଶ୍ରୀଧରକୁ ଚାହିଁ କହିଲା– "ତୋ' ବାହାଘର ଅଳତା ଗୋଡ଼ରୁ ଲିଭିଲାଣି ନା ତୁ ବାହାରି ପଡ଼ିଲୁଣି କଲିକତାକୁ। ଯାଉ ଆଉ ଦିନାକେତେ। ନୂଆ ବୋହୂଟା ମୋର, ଏ ଘରେ ତା' ମନ ଧରି ନ ଥିବ।

– "ନା ଲୋ ବୋଉ - ସେପଟେ ଢେର କାମ। ଅଳପ ଦିନ ପାଇଁ କହିକରି ଆସିଥିଲି, ରହୁ ରହୁ ରହିଗଲିଣି ଆସି ଢେର ଦିନ।"

– "ହଁ ମ - କ'ଣ ସରକାରୀ ଚାକିରି ହୋଇଛି ଯେ ଏତେ ଡର?"

– "ନା, ତୁ ମତେ ଆଉ ବାଧ କରନି ବୋଉ, ମୁଁ କାଲି ଚାଲିଯିବି।"

– "ହଉ ଆଜି ରାତି ପାହୁ, କାଲିକଥା କାଲିକୁ ଦେଖିବା ନାହିଁ କି!"

ପରଦିନ ବଡ଼ି ଭୋଅରୁ ଶ୍ରୀଧର ଗାଧୋଇ ପାଧୋଇ ରେଡି ହୋଇ ବୋଉର ବିଛଣା ପାଖକୁ ଗଲା କହିବାକୁ "ବୋଉ ମୁଁ ବାହାରିଲିଣି" ବୋଲି। ଡାକ ପକାଇଲା– "ବୋଉ, ବୋଉ, ମୁଁ ଯିବାପାଇଁ ସଜିଲ୍ ହେଉଛି।"

ବୋଉର ଭାରି ପତଳା ନିଦ, ଡାକକରେ ଜବାବ ଦିଏ। ଦି ଡାକରେ ଜବାବ୍ ନ ଦେବାରୁ, ସେ ରାଗିଛି ବୋଲି ଭାବି ଶ୍ରୀଧର ତାକୁ ହଲାଇଦେଇ କହିଲା, ତୁ ଆଉ ମନା କରନି ବୋଉ, ସବୁ ଦାୟିତ୍ୱ ତ ମୋରି ଉପରେ ନା?

ବୋଉକୁ ହଲାଇଦେବାକ୍ଷଣି ଚମକି ପଡ଼ିଲା ଶ୍ରୀଧର। ଇଏ କ'ଣ, ବୋଉର ହାତଗୋଡ଼ ସବୁ ନାଠି ହୋଇଯାଇଛି। ପୁଣିଥରେ ହଲାଇଲା। ମାତ୍ର କାଠଗଡ଼ଟିଏ ପରି ପଡ଼ିରହିଲା ବୋଉ। ଶ୍ରୀଧର କେବଳ ଚିତ୍କାରଟିଏ କଲା– "ଛାଡ଼ିଚାଲିଗଲୁ ନା ବୋଉ? ଠକି ଦେଲୁ ନା?"

ଶ୍ରୀଧରର ଚିତ୍କାର ଶୁଣି କ'ଣ ହେଲା ବୋଲି ଧାଇଁଆସିଲେ ସୁଲତା ଓ ଶ୍ରୀମନ୍ତ।

ଶ୍ରୀମନ୍ତକୁ ଦେଖି ଶ୍ରୀଧର ଜୋର୍‌ରେ ଗୋଟେ କାନ୍ଦଣା ଲହରି ଛୁଟାଇ କହିଲା– "ସବୁ ସରିଗଲାରେ ଶ୍ରୀମନ୍ତ, ଆମର ବୋଉ ଡାକ ଆଜିଠୁଁ ସରିଗଲା।"

ଶ୍ରୀମନ୍ତ ମୁଣ୍ଡ ପିଟି କାନ୍ଦିଲା ବୋଉର ଗୋଡ଼ ତଳେ ଓ ନୂଆ କରି ବୋହୂ ହୋଇ ଆସିଥିବାରୁ ଓଢ଼ଣା ତଳେ ଚିପି ହୋଇ କାନ୍ଦିଲା ସୁଲତା।

ବୋଉର ଶୁଦ୍ଧିକ୍ରିୟା ସରିବା ପରେ ଶ୍ରୀଧର, ସୁଲତା ଓ ଶ୍ରୀମନ୍ତକୁ ପାଖରେ ବସାଇ କହିଲା– "ବୋଉ ଥିଲା ବେଳେ ଆମର ଚିନ୍ତା ନ ଥିଲା। ବାୟା ଚଢ଼େଇର କି ଯାଏ, ବାଆ କଲେ ବସା ଦୋହଲୁଥାଏ। କିଂତୁ ଏବେ ଆମ ଦାୟିତ୍ୱ ବଢ଼ିଗଲା। ଏବେ ଘର ଚଳାଇବା

Digitized by PPRACHIN, SOA

ସାଂଗକୁ ତୋ' ପାଠପଢ଼ା ଅଛି। ମୁଁ ଭାବୁଛି ଆଉ ଡେରି ନ କରି ଚାଲିଯିବି କଲିକତା। ହେଲେ, ତମେ ଦୁହେଁ ପରସ୍ପରର ଦାୟିତ୍ୱ ନେବ।"

ସୁଲତା ବୁଝିପାରୁ ନ ଥିଲା– ସତରେ କ'ଣ ପରିବାରର ଦାୟିତ୍ୱ ଉଠାଇବା ପାଇଁ ଇଏ ଏମିତି ତରବର ହେଉଛନ୍ତି କଲିକତା ଚାଲିଯିବା ପାଇଁ ନା ମୁକୁଳିଯିବାକୁ ଚାହୁଁଛନ୍ତି ବିଫଳ ପୌରୁଷ ଓ ଅସଫଳ ଦାମ୍ପତ୍ୟର ପରିଧିରୁ। ଅଥଚ ସେ ମୁହଁ ଖୋଲି ତାଂକୁ ଅଟକାଇ ପାରୁ ନ ଥିଲା, ଗୋଟେ ଗ୍ରାମୀଣ ସଂସ୍କାରରେ ପରିପାଳିତ ହୋଇଥିବା ନିଜର ଲଜ୍ଜାଶୀଳତା ପାଇଁ।

ଶ୍ରୀଧର ଚାଲିଗଲା କଲିକତା, ଚାଲିଗଲାନି ତ ଯେମିତି ବନ୍ଧନମୁକ୍ତ ହୋଇଗଲା ପତ୍ନୀର ଦାୟ ଓ ଦାୟିତ୍ୱରୁ।

ଦିନ ଯାଇ ସଂଜ ହେଲା। ଚଉଁରା ମୂଳେ ସଂଜବତୀ ଜଳାଇ ଲଣ୍ଠନ ଜଳାଇଲା ସୁଲତା। ଡିବିରି ଲଗାଇ ବସାଇଲା ଭାତହାଣ୍ଡି। ଶ୍ରୀମନ୍ତକୁ କହିଲା, "ତମେ ଏଇ ପାଖରେ ବସ, ମୋତେ ଟିକେ ଡର ଡର ଲାଗୁଛି।"

ଶ୍ରୀମନ୍ତକୁ ବି ଲାଗୁଥିଲା ଡର। ଅଥଚ ସେ ଲାଜରେ କହିପାରୁ ନ ଥିଲା ସେ କଥା। ଭାଉଜଂକ କଥା ଶୁଣି କହିଲା, "ମୋତେ ବି ଛାନିଆ ଲାଗୁଛି। ଲାଗୁଛି, ବୋଉ ଯେମିତି ଶୋଇଛି ତା' ବିଛଣା ଉପରେ।"

– "ହଁ - ଦିନାକେତେ ଏମିତି ଲାଗିବ। ଧୀରେ ଧୀରେ ଦେହସୁହା ହୋଇଗଲେ ଛାଡ଼ିଯିବ ଡର।"

ରୋଷେଇ ସାରି ଖିଆପିଆ ସରିବା ପରେ ଦିଅରଭାଉଜ ବସି ଗପିଲେ ବହୁ ରାତି ଯାଏ। କେହି କାହାରିକୁ କହି ପାରୁ ନ ଥିଲେ ଯେଝା ଯେଝା କୋଠରିକୁ ଯାଇ ଶୋଇବାକୁ। ଉଭୟଙ୍କୁ ଲାଗୁଥିଲା ଡର। ଶେଷକୁ ବାଧ ହୋଇ ସୁଲତା କହିଲା- "ଚାଲ ମୋ ଘରକୁ, ତମେ ସେଠି ଖଟ ଉପରେ ଶୋଇପଡ଼ିବ, ମୁଁ ତଳେ ସପଟିଏ ପକାଇ ଶୋଇପଡ଼ିବି। ଏକା ଏକା ଡରଡର ଲାଗିବ। ମୋ ଆଖିକୁ ତ ଜମା ନିଦ ଆସିବ ନାହିଁ।

ଶ୍ରୀମନ୍ତର ମନକଥା ଯେମିତି କହିଦେଲେ ଭାଉଜ। ସେ କହିଲା ନା - ନା, ତମେ ଖଟ ଉପରେ ଶୋଇପଡ଼ିବ, ମୁଁ ତଳେ ଶୋଇଯିବି।

'ତମେ ଖଟରେ ମୁଁ ତଳେ' – 'ତମେ ଖଟରେ ମୁଁ ତଳେ'... ଏମିତି ଭାବରେ କିଛି ସମୟ ପେଲାଠେଲା ଲାଗିଲା ଦିଅର ଭାଉଜଙ୍କ ଭିତରେ। ତା'ପରେ ନିଷ୍ପତ୍ତି ହେଲା– ଉଭୟ ଶୋଇବେ ଖଟ ଉପରେ। ସୁଲତା କହିଲା– ତୁମେ ତ ମୋର ଦିଅର, ପୁଅ ପରି। ମାଆ ପୁଅ ସାଂଗ ହୋଇ ଶୁଅନ୍ତି ନାହିଁ କି ?

Digitized by PPRACHIN, SOA

ଶ୍ରୀମନ୍ତକୁ ଲାଗୁଥିଲା ଲାଜଲାଜ। ସେ ସାଙ୍କୁଡ଼ିହୋଇ ଶୋଇଲା ଖଟର ଗୋଟିଏ କଡ଼ରେ କାନ୍ଥକୁ ଲାଗି।

ସୁଲତା ଗପି ଚାଲିଥିଲା ନାନା କଥା। ମଝିରେ ମଝିରେ ଥରେ ଥରେ ପଚାରିଦିଏ, "ଶୋଇପଡ଼ିଲଣି ନା ଶୁଣୁଛି?" ଶ୍ରୀମନ୍ତ 'ହୁଁ' ମାରେ ଶୁଣୁଛି ବୋଲି। ଗପ ଯୋଡ଼ିବା ଭିତରେ ସୁଲତା ଭାବେ ପଚାରିଦେବକି ଶ୍ରୀମନ୍ତକୁ, ସେ ତା' ଭାଇକୁ କିପରି ଜାଣେ ବୋଲି, ପୁଣି ଭାବେ ନା - ଥାଉ, ହୁଏତ ସେ ଜାଣି ନ ଥିବ ତା' ଭାଇର ଖଇଚା ବିଷୟରେ।

ସୁଲତା ପଚାରିଲା– "ତମ ଭାଇ ସିନା ଏବେ ଏବେ କଲିକତା ଗଲେ, ଆଗରୁ ଗାଆଁରେ କ'ଣ କରୁଥିଲେ?"

– "କ'ଣ ଆଉ କରିବ ଭାଇ - ସେ ତ ଗାଆଁରେ ଥିଲାବେଳେ ମାଇପିପଲରେ ତାସ୍ ଖେଳିବା, କାହା ମୁଣ୍ଡରୁ ଉକୁଣୀ ବାଛିବା, କାହା ପାଦରେ ଅଳତା ଦେବା, ଝିଅମାନେ ଓଷା କଲେ ତାଂକ ପାଇଁ ଫୁଲ ଯୋଗାଡ଼ କରିବା, କାଗଜରେ ଫୁଲ କାଟି ସଜେଇବା, ମୁରୁଜ ଓ ଝୋଟି ପକାଇବାରେ ତାଂକର ସମୟ ଯାଉଥିଲା। ଯେଉଁମାନଙ୍କ ପାଇଁ ସେ ଏସବୁ କରେ, ସେଇମାନେ ହିଁ ତାକୁ ବେଖାତିର କରି ମାଇଚିଆ ବୋଲି ଡାକନ୍ତି। ସେଇଥିପାଇଁ ତ ବୋଉ ସବୁଦିନ ଗାଆଁରେ ସମ୍ପାକଟା କରେ। ତେଣୁ ବୋଉକୁ ଏ ଗାଆଁର ପିଲାମାନେ ଡାକୁଥିଲେ ସମ୍ପିବୁଢ଼ୀ। ପ୍ରଥମେ ପ୍ରଥମେ ବୋଉ ଚିଡୁଥିଲା, ସେ ନାଆଁ ଶୁଣି, ମାତ୍ର ଧୀରେ ଧୀରେ ସେ ବି ସେ ନାଆଁରେ ବାନ୍ଧି ହୋଇଗଲା।

ସୁଲତାର ଅନୁମାନଟା ଏବେ ସତ୍ୟରେ ପରିଣତ ହୋଇଗଲା। ଶ୍ରୀଧରକୁ ସେ ଯାହା ଭାବୁଥିଲା, ସିଏ ସେଇଆ। ନଚେତ୍ ବାହାଘରର ଆଠଦିନ ଯାଏ କିଏ କ'ଣ କେବଳ ସ୍ତ୍ରୀ ସହ ଗପି ଗପି ରାତି ପୁହାଇଦିଏ!

ସୁଲତା ଚାହିଁଲା, ଖଟକଡ଼ରେ କାନ୍ଥକୁ ଲାଗି ଶୋଇଥିବା ଶ୍ରୀମନ୍ତ ଆଡ଼େ। ଡର ଲାଗୁଛି ବୋଲି ଜଳାଇ ରଖିଥିଲା ଲଣ୍ଠନ। ଲଣ୍ଠନ ଆଲୁଅରେ ସେ ଦେଖିଲା ଶ୍ରୀମନ୍ତର ମୁହଁକୁ। ଗଜୁରି ଆସୁଛି ନିଶ। ଚାହିଁଲା ତା' ଦେହକୁ। ଶାଳଗଜା ପରି ହାତଗୋଡ଼। ମୁଠୁଣେ ଚଉଡ଼ାର ଛାତି। ଲାଗୁଥିଲା ଗୋଟେ ସୁଠାମ ପୁରୁଷ ପରି।

ସୁଲତା ଭିତରେ ଉଠୁଥିଲା ଖରଶ୍ୱାସ। ଭିତରେ ଭିତରେ ଭିଡ଼ିମୋଡ଼ି ହେଉଥିଲା ଦେହ। ତାତି ବଢ଼ିଯାଉଥିଲା ଛାତିରେ। ସେ ପୁଣି ଥରେ ଧୀରେ ଧୀରେ ଡାକିଲା– "କ'ଣ ଶୋଇପଡ଼ିଲଣି କି?"

ଏଥର ଶ୍ରୀମନ୍ତ ମୁହଁରୁ ଶୁଭିଲାନି 'ହୁଁ'। ସୁଲତା ଘୁଂଚିଗଲା ଶ୍ରୀମନ୍ତ କଡ଼କୁ। ତା' ଉପରେ ପକାଇଲା ହାତ। ଶ୍ରୀମନ୍ତ ଥିଲା ନିଶ୍ଚଳ ଯେମିତି ସେ ଶୋଇଯାଇଛି ନିଦରେ। ତା'

Digitized by PPRACHIN, SOA

ଛାତି ଉପରେ ମୁହଁ ଗୁଂଜିଲା ସୁଲତା। ତଥାପି ନିଶ୍ଚଳ ଥିଲା ଶ୍ରୀମନ୍ତ। ହାତ ବୁଲାଇଲା ଶରୀରର ଥାନ ଅଥାନରେ। ଏଥର କେବଳ ଶୁଭିଲା ଶ୍ରୀମନ୍ତର ଘନ ଘନ ନିଃଶ୍ୱାସ। ଧୀରେ ଧୀରେ ତା' ଲୁଂଗିର ଖୋଷଣି ଖୋଲିଲା ସୁଲତା। ନିଃଶ୍ୱାସ ଘନରୁ ଘନତର ହେଲା। ଏଥର ଆଖି ଖୋଲିଲା ଶ୍ରୀମନ୍ତ। ଧୀରେ କରି କହିଲା– ଏହା ପାପ ନା ?

ସୁଲତା ପଚାରିଲା– "କେଉଁଟା ପାପ ?"

– "ଦିଅର ଭାଉଜ ସଂପର୍କ ଭିତରେ..."

– " 'ଦିଅର' କହିଲ ଯେ, ତମେ ଯାହାକୁ 'ଭାଇ' କହୁଛ ସେ କ'ଣ ଜଣେ ପୁରୁଷ ?

– "ଆଉ ?"

– "ସେ ଗୋଟେ ହିଂଜଡ଼ା। ତମେ କହୁଥିଲ ନା ତମ ଗାଆଁ ପିଲାଏ ତାଂକୁ ମାଇଚିଆ ଡାକନ୍ତି। ତାଂକ ଡାକଟା ଠିକ୍। ନିଜ ବିଷୟରେ ସବୁ ଜାଣି ସେ ବାହା ହୋଇପଡ଼ିଲେ। ମୁଁ ମାନୁଛି, ଆମର ଅତି ଗରିବ। ସେମାନେ ଭାବୁଥିଲେ, ଦେଲୁ ନାରୀ, ହେଲୁ ପାରି। ତା ଅର୍ଥ ନୁହେଁ ଯେ, ଜଣେ ହିଂଜଡ଼ା ସହ ସାରା ଜୀବନ ଛନ୍ଦିହୋଇ ରହିବା। ଯଦି ତମେ ଏହାକୁ ପାପ ବୋଲି ବିଚାରିବ, ତେବେ କେଉଁ ସୁଖପାଇଁ ମୁଁ ଏ ଘରେ ପଡ଼ିରହିବି ? ବରଂ ଚାଲିଯିବି ବାପଘର, ସେଠି ପରର ପାଇଟି କରି ପେଟ ପୋଷିବି।"

ସୁଲତାର ବାପଘରକୁ ଚାଲିଯିବା କଥାଟାକୁ ମୋଟେ ଗ୍ରହଣ କରିପାରିଲାନି ଶ୍ରୀମନ୍ତ। ତେଣୁ କହିଲା, "ତମେ ସେକଥା ଜମା କହିବ ନାହିଁ। ତମର ସବୁ ଇଚ୍ଛା ମୋର ଇଚ୍ଛା। ତମର ସବୁ ସୁଖ ମୋର ସୁଖ।"

ଖୋଲିଗଲା ସୂକ୍ଷ୍ମ ପରଦା ଆଢୁଆଳରେ ଥିବା ସଂପର୍କର ସୂତାଖିଅ। ପାପର ପରିଭାଷା ପୁଣ୍ୟ ହୋଇ ଠିଆ ହେଲା ଆଗରେ। ଶ୍ରୀମନ୍ତର ନବତାରୁଣ୍ୟର ଉନ୍ମାଦନା ଲିଭାଇଦେଲା ସୁଲତା ମନରୁ ବିବାହର ପ୍ରଥମ ରାତିର ସ୍ୱପ୍ନଭଂଗର ଦୃଶ୍ୟ। ପାପ ହେଉ ପଛେ ଦେହ ଲାଗିଲା ଉଲ୍ଲସିତ ଏବଂ ମନରେ ଉଡ଼ିଲେ ପ୍ରଜାପତି।

ଥରେ ଆରମ୍ଭ ହୋଇଥିବା ଖେଳର ଆଉ ଅନ୍ତ ନ ଥିଲା। ସୁଲତାର ମଧ୍ୟ ନ ଥିଲା ଶ୍ରୀଧରର ଅଣପୁରୁଷା ପାଇଁ ଅବସୋସ। ଶ୍ରୀଧର ପଠାଉଥିଲା ଟଂକା, ସୁଖରେ ଚଳୁଥିଲା ସଂସାର। ମଝିରେ ମଝିରେ ସେ ଆସେ, ଦଶ ପନ୍ଦର ଦିନ ଘରେ ରହେ। ଆସିଲାବେଳେ କଲିକତାରୁ ଆଣିଥାଏ ନାନାଦି ପ୍ରସାଧନ– ସ୍ନୋ, ପାଉଡର, ସାବୁନ, ଅତରଠାରୁ ଅଳତା ରିବନ ଯାଏ। ସେ ଯେତେ ଦିନ ଘରେ ରହେ, କେବଳ ସଜାଏ ସୁଲତାକୁ। ତା' ମୁଣ୍ଡରେ

Digitized by PPRACHIN, SOA

ଜୁଡ଼ା ବାନ୍ଧିଦିଏ। ପାଦରେ ଲଗାଇଦିଏ ଅଳତା। ପାର୍ଲୋରର ପେସାଦାର ବିଉଟିସିଆନଙ୍କ ପରି ଫେସ୍ ମେକ୍‌ଅପ୍ କରାଇ ଦିଏ ସୁଲତାର। ବିଛଣାରେ ପକାଏ ଅତର, ବିଛାଏ ଫୁଲ। ଅଥଚ କେବେ ମଧ୍ୟ ଥରେ, ବିଫଳ ହେଉ ପଛେ ସମ୍ଭୋଗର କାମନା ବ୍ୟକ୍ତ କରେ ନାହିଁ। କେବଳ କଥାବାର୍ତ୍ତା ଓ ଆଖି-ସୁଖ ମଧ୍ୟରେ ସୀମିତ ରହେ ତା'ର ସୋହାଗ ଓ ଦାମ୍ପତ୍ୟର ପରିଧି।

ଶ୍ରୀଧରର ସ୍ନେହ ଓ ସୋହାଗ ପାଇଁ ସୁଲତା ହୁଏ କୃତଜ୍ଞ। ଅଭିଯୋଗ ବି କରେନା ତା'ର ଯୌନ ଅକ୍ଷମତା ପାଇଁ କିମ୍ବା ଅନୁତାପ ବି କରେନା ନିଜ ପତ୍ନୀତ୍ୱର ପ୍ରବଂଚନା ପାଇଁ। ବରଂ କୃତଜ୍ଞ ରହେ ଯେ ତା'ର ପେଟର ଭୋକ ମେଣ୍ଟାଇବାପାଇଁ ତ ସେ ପଡ଼ି ରହୁଛି ବିଦେଶରେ।

ଛୁଟି ସରିଗଲା ପରେ ବାହାରେ କଲିକତା। ଶ୍ରୀମନ୍ତକୁ କହେ, "ଘରର ଦାୟିତ୍ୱ ନେବୁ, ତୋ ଭାଉଜର ଦେହପା', ଭଲମନ୍ଦ ବୁଝିବୁ। ମନଦେଇ ପଢ଼ାପଢ଼ି କରିବୁ। ତୁ' ପଢ଼, ଯେତେ ପଢ଼ିବାର ଅଛି ପଢ଼। ପଇସାପାଇଁ ଚିନ୍ତା କରିବାର ନାହିଁ।"

ଶ୍ରୀମନ୍ତ ସବୁଥିରେ ହଁ ଭରେ। ଭାଇର ସରଳତା ପାଖରେ କୃତଜ୍ଞ ହୁଏ ଓ ଅକ୍ଷମତା ପାଇଁ ଦୁଃଖ କରେ ଏବଂ ଦୁଃଖ କରେ ଯେ ଭାଇ ତାକୁ ପାଠ ପଢ଼ାଇ ଯେଉଁ ବଡ଼ ମଣିଷ କରିବାର ସ୍ୱପ୍ନ ଦେଖୁଛି, ତାହା ଆଉ ସଫଳ ହୋଇପାରିବ ନାହିଁ ବୋଲି। କାରଣ ଏବେ ତା'ର ପାଠ ଆଉ ଆଦୌ ମନରେ ରହୁନି। ବହି ଖୋଲିଲେ ଭାଉଜ ଓ ବହି ବନ୍ଦ କଲେ ଭାଉଜ। ଧୀରେ ଧୀରେ ପାଠ ତା'ର ରସାତଳକୁ ଯାଉଛି। ସେ ତା'ର କାରଣ ଜାଣୁଥିଲେ ମଧ୍ୟ ନିରାକରଣର ଉପାୟ ପାଉ ନ ଥିଲା। ପାପ ଓ ପାଠ ମଧ୍ୟରେ ସେ ସନ୍ତୁଳି ହେଉଥିଲା।

ଧୀରେ ଧୀରେ ବୟସ୍କ ହେଉଥିଲା ଶ୍ରୀମନ୍ତ। ମାଟ୍ରିକ୍ ପରୀକ୍ଷା ଚାରିପାଞ୍ଚଥର ଫେଲ୍ ହେବା ପରେ ସେ ନିଷ୍ପତ୍ତି ନେଲା, ଆଉ ପାଠ ନୁହେଁ ଏବେ ଅନ୍ୟ କିଛି କରିବ। ଚାଷ କରିବାକୁ ଇଚ୍ଛା ଥିଲେ ମଧ୍ୟ ଜମିର ପରିମାଣ ଏତେ କମ୍ ଥିଲା ଯେ, ତାକୁ ନେଇ କିଛି କରିହେବ ବୋଲି ତା'ର ଭରସା ପାଉ ନ ଥିଲା। ଭାବିଲା ବ୍ୟବସାୟ କରିବ। ମାତ୍ର ପୁଞ୍ଜି ଆସିବ କେଉଁଠୁ? ମନର କଥାକୁ ସେଦିନ ରାତିରେ ପ୍ରକାଶ କଲା ଭାଉଜଂକ ଆଗରେ। ଭାଉଜ କହିଲେ, "ତମ ଭାଇଙ୍କୁ ଏ ବିଷୟରେ ପଚାରିବା। ଯଦି ସେ କିଛି ପୁଞ୍ଜି ଯୋଗାଡ଼ କରିପାରିବେ ଭଲ କଥା। ମୋ ମନ କିଂତୁ କହୁଛି, ସେ ପାରିବେ ବୋଲି।"

– "ଆଚ୍ଛା, ମୁଁ ଆଉ ଗୋଟେ କଥା ପଚାରିବି– କହିବ ?

– "କ'ଣ ପଚାର।"

– "ଭାଇ ସିନା ଅଣପୁରୁଷା – ହେଲେ ମୁଁ ବି କ'ଣ... ? କାହିଁ ଏତେ ଦିନ ହେଲା ତମେ କଢ଼ି ତ ଧରିଲ ନାହିଁ ?"

Digitized by PPRACHIN, SOA

– "ଭଲ କଥାଟିଏ ପଚାରିଲ– ତମ ଭାଇ ଅଣପୁରୁଷା ବୋଲି କ'ଣ ଜାଣି ନାହାନ୍ତି ସଂସାର ରହସ୍ୟ। ସବୁ ଜାଣିଛନ୍ତି ସେ। ଯେ କୌଣସି ବିଶାରଦଠାରୁ ବି ଅଧିକ। ତମେ କ'ଣ ଭାବୁଛ, ମୁଁ ସନ୍ତାନସମ୍ଭବା ହୋଇଥିଲେ ସେ ବିଶ୍ୱାସ କରିଯାଇଥାଆନ୍ତେ ନିଜକୁ ଏବଂ ନିଜ ପିତୃତ୍ୱକୁ। ମୁଁ ତାଂକ ମନକୁ ଠିକ୍ ରୂପେ ପଢ଼ିନେଇଥିଲି। ପ୍ରତ୍ୟେକ ନାରୀ ଯଦିଓ ମାତୃତ୍ୱ କାମନା କରେ... ତଥାପି ମୁଁ ନିଜକୁ ସେଥିରୁ ନିବୃତ୍ତ ରଖିଲି। ଫୁଲ ଫୁଟିବା ଆଗରୁ ହିଁ ମୁଁ ଦଳିମକଚି ଦେଇଛି ପ୍ରତିଥର କଢ଼ିକୁ।"

– "କିଂତୁ ଏବେ ମୁଁ ଆଉ ଗୋଟେ କଥା ଭାବୁଛି।"

– "କ'ଣ ?"

– "ତମେ ତମର ବେପାର ଆରମ୍ଭ କର, ମୁଁ ତମ ପାଇଁ ପାତ୍ରୀ ସନ୍ଧାନ କରୁଚି ତମର ବାହାଘର ପାଇଁ।"

– "ତମ ମୁଣ୍ଡଫୁଣ୍ଡ ଖରାପ ହେଲାଣି ବୋଧେ, ତେଣୁ ତମେ ଏକଥା କହୁଛ। ତମେ କ'ଣ ଯଥେଷ୍ଟ ନୁହଁ କି, ଆଉ ବାହାଘର କ'ଣ ?"

– "ଏଇଟା ଯେଉଁଟା ହେଉଥିଲା, ତାହା କେବଳ ଥିଲା ଦେହସୁଖ ଏବଂ ବିଶେଷକରି ମୋ ଦେହସୁଖ। ମୁଁ ଭାବୁଛି, ଯେତିକି ଦେହସୁଖ ମୋ ଭାଗ୍ୟରେ ଥିଲା, ମୁଁ ପାଇସାରିଲିଣି। ଏବେ ଏ ବଂଶ କଥା ଚିନ୍ତା କରିବାକୁ ପଡ଼ିବ। ଏ ବଂଶଲତାକୁ ଆଗକୁ ମଡ଼ାଇବାକୁ ପଡ଼ିବ। ଏହା ବ୍ୟତୀତ ଆମେ ଗାଆଁରେ ଘର କରି ରହିଛନ୍ତି। ଲୋକମତକୁ ସମ୍ମାନ ଓ ଲୋକଲଜ୍ଜାକୁ ତ ଭୟ କରିବାକୁ ପଡ଼ିବ। ଆଜିଯାଏ ଆମ ସଂପର୍କକୁ କେହି ଆଂଗୁଳି ଉଠାଇ ନାହାନ୍ତି। ମାତ୍ର ତମ ବୟସ ଗଡ଼ିଗଲେ ଏବଂ ତମେ ବାହା ନ ହେଲେ ଆଂଗୁଳି ତ ଉଠିବ ନିଶ୍ଚୟ।"

– "ମୁଁ ତମ ଇଚ୍ଛାକୁ ସବୁବେଳେ ସମ୍ମାନ ଦେଇ ଆସିଛି। ତବ ଇଚ୍ଛା ସେହି ମମ ଦୀକ୍ଷା ଏବଂ ତମ ଆଦେଶ ଶିରୋଧାର୍ଯ୍ୟ। ଯଦି ଏଥିରେ ତମେ ସୁଖୀ ହୋଇପାରିବ, ତେବେ ମୋର କିଛି କହିବାର ନାହିଁ, ମାତ୍ର ଯାହା ନିଷ୍ପତ୍ତି ନେବ ଭାବିଚିନ୍ତି ନେବ।"

ଶ୍ରୀଧର ଦୋକାନ କରିବା ପାଇଁ ଆବଶ୍ୟକୀୟ ପୁଞ୍ଜି ଯୋଗାଇଦେଲା। ଗାଆଁରେ ଗୋଟେ ଡେଜରାତି ଦୋକାନ ଖୋଲିଲା ଶ୍ରୀମନ୍ତ। ଦୋକାନ ଖୋଲା ହେଲା ବେଳକୁ ଶ୍ରୀଧର ଆସିଥିଲା କଲିକତାରୁ। ତାକୁ ସୁଲତା କହିଲା– "ତମେ ଏବେ ଗୋଟେ ଭଲ ପାତ୍ରୀ ନିଘା କର। ଶ୍ରୀମନ୍ତକୁ ଦି'ହାତ କରିଦେଲେ ଆମ ଦାୟିତ୍ୱ ସରିବ।"

ସୁଲତା ପାଟିରୁ କଥା ନ ସରୁଣୁ ଶ୍ରୀଧର କହିଲା– "ଇଏ ଗୋଟେ କଥା! ତୁ ଚାହୁଁଛୁ, ତାହା ପୁଣି ପୂରଣ ହେବ ନାହିଁ! ରହ, ଦେଖ, ମାସ ଦିଇଟାରେ ମୁଁ କେମିତି

Digitized by PPRACHIN, SOA

ଖୋଜି ଖୋଜି ଆଣିବି ସୁନାନାକୀ ଝିଅ। ତୋ ରୂପ ବି ତା ପାଖରେ ଫିକା ପଡ଼ିଯିବ। ସେତେବେଳେ ଈର୍ଷାରେ ଜଳି ମୋତେ ଆଉ ଦୋଷ ଦେବୁନୁ ଆଗରୁ କହି ଦେଉଛି।"

ସତକୁ ସତ ଗୋଟିଏ ଚାଉଳରେ ଗଢ଼ା ଝିଅଟିଏ ବାଛି ଶ୍ରୀମନ୍ତକୁ ବାହା କରାଇଦେଲା ଶ୍ରୀଧର। ଚଉଠିରାତି ଦିନ ସୁଲତା ନେଇଗଲା ଶ୍ରୀମନ୍ତକୁ ତା ଶୋଇବାଘର ପାଖକୁ। ତାକୁ ଘର ଭିତରକୁ ଠେଲିଦେବା ପୂର୍ବରୁ କହିଲା– "ଯେଉଁ ଅଧ୍ୟାୟ ଏଇଠୁ ଶେଷ ହେଉଛି, ତାକୁ ଆଉ କେବେ ମନକୁ ଆଣିବ ନାହିଁ। ଏବେଠୁ ମୁଁ ତମର ଭାଉଜ ନୁହେଁ ମାଆ ମଧ୍ୟ।"

ଅଷ୍ଟମଂଗୁଳା ପରେ ପରେ ବାପଘରକୁ ଲେଉଟାଣି ଗଲା ଶ୍ରୀମନ୍ତର ସ୍ତ୍ରୀ। ବନ୍ଧୁବାନ୍ଧବ ଯିଏ ଆସିଥିଲେ ସମସ୍ତେ ଯାଇ ସାରିଥିଲେ। ଶ୍ରୀଧର ବି ବାହାରି ଯାଇଥିଲା କଲିକତା। ଖିଆପିଆ ସରିବା ପରେ ସୁଲତା ଶୋଇଗଲା ତା' କୋଠରିର ଦୁଆର ବନ୍ଦ କରି। ଶ୍ରୀମନ୍ତ ଆଖିକୁ ଆସୁ ନ ଥାଏ ନିଦ। ବସିଥାଏ ପଲଙ୍କ ବାଡ଼କୁ ଆଉଜି। ମନେ ମନେ ଭାବୁଥାଏ, ସତରେ କ'ଣ ଭାଉଜ ଖୁସି ଅଛନ୍ତି ମୋ ବାହାଘର କରାଇ ଦେଇ ? ମୋ ବାହାଘର ସହ ତାଂକର କାମନା କ'ଣ ନିର୍ବାପିତ ହୋଇଗଲା ? ନା –ସେ ଏମିତି ଖୁସି ହେବାର ଅଭିନୟ କରୁଛନ୍ତି ? ସେ ଖୁସିର ଅଭିନୟ ଯଦି ବା କରୁଛନ୍ତି, ମୁଁ କାହିଁକି ସେ ଅଭିନୟରେ ଖୁସି ହୋଇପାରୁ ନାହିଁ ?

କେତେବେଳେ ଅନ୍ୟମନସ୍କ ହୋଇ ନିଜ କୋଠରିରୁ ବାହାରି ଭାଉଜଂକ ଦୁଆର ପାଖରେ ଠିଆ ହୋଇଛି ଶ୍ରୀମନ୍ତ, ନିଜେ ବି ଜାଣିପାରିଲା ନାହିଁ। ଭାଉଜଂକ ଦୁଆରର ଜଞ୍ଜିରଟିକୁ ଝଣ୍‌ଝଣ୍ କଲା। କିଛି ସମୟ ଯାଏ ଶୁଣିଲେନି ଭାଉଜ। ପୁଣି ଥରେ ଝଣ୍ ଝଣ୍ କଲାରୁ ଯେମିତି ଗଭୀର ନିଦରୁ ଭାସିଆସିଲା ସ୍ୱରଟିଏ – କିଏ, କିଏ ?

– "କବାଟ ଖୋଲ ଭାଉଜ – ମୁଁ ଶ୍ରୀମନ୍ତ।"

ଭାଉଜ ଦୁଆର ଖୋଲି କବାଟକୁ ଦରଆଉଜା କରି ପଚାରିଲେ– "ତମେ ଏଯାଏଁ ଶୋଇନ ଶ୍ରୀମନ୍ତ ?"

– "ଶୋଇ ପାରୁଛି କେଉଁଠି ?"

– "କ'ଣ ଚାନ୍ଦ କଥା ମନେ ପଡୁଛି ?"

– "ନା – ଚାନ୍ଦ ନୁହେଁ, ତମ କଥା।"

– "ମୋ କଥା ! ମୁଁ ପରା ତମକୁ କହିଥିଲି, ସେ ଅଧ୍ୟାୟ ସେଇଠୁ ସରିଲା ବୋଲି, ଆଉ କେବେ ତାକୁ ମନେପକାଇବ ନାହିଁ।"

Digitized by PPRACHIN, SOA

– "ମୁଁ କ'ଣ ତାକୁ ଇଚ୍ଛା କରି ମନେପକାଉଛି । ଚାହିଁଲେ ବି ତ ଭୁଲିପାରୁ ନାହିଁ। ଯେତେଥର ମୁଁ ଚାନ୍ଦ ଦେହରେ ଖୋଜିଛି ତମ ଦେହର ବାସ୍ନା ସେତେଥର ନିରାଶ ହୋଇଛି । କାହିଁକି ତା ସହ ମୁଁ ଥରଟିଏ ମଧ୍ୟ ପହଁଚିପାରୁ ନାହିଁ ସେହି ଚରମ ତୃପ୍ତିର ବିନ୍ଦୁରେ, ଯାହା ମୁଁ ପାଉଥିଲି ତମ ପାଖରୁ।"

– "ସେ ବାଜେ କଥା ଭୁଲି ଶୋଇବ ଯାଅ।"

– "ଆଜି ମୁଁ ଭାରି ତୃଷାର୍ତ୍ତ – ମନା କରନି ଭାଉଜ।"

– "କହିଲି ନା, ଶୋଇବ ଯାଅ।"

– "ମୁଁ ଏବେ ତମ କଥା ମାନିବା ଭଳି ଅବସ୍ଥାରେ ନାହିଁ – ତମେ ନ ଚାହିଁଲେ ବି ବଳପୂର୍ବକ...।"

– "ଶ୍ରୀମନ୍ତ ସାବଧାନ ! ଏ ଘରର ଏରୁଣ୍ଡିବନ୍ଧ ତମ ପାଇଁ ଲକ୍ଷ୍ମଣରେଖା । ଏହାକୁ ଡେଇଁବାର ଚେଷ୍ଟା କରନି । ସେଇ ବିଷ୍ଣୁ, ରାକ୍ଷସ ମାରଣ ପାଇଁ ମୋହିନୀ ରୂପ ଧରିଥିଲେ, ସେଇ ବିଷ୍ଣୁ ବି ଦୁର୍ଗାରୂପ। ତମେ ଆଜିଯାଏ ମୋର ମୋହିନୀ ରୂପ ଦେଖି ବିଭୋର ହୋଇ ଆସିଛ – ଦେଖିନା ମୋର ଦୁର୍ଗାରୂପ। ଯାଉଛ ନା ଏଇକ୍ଷଣି ଦେଖିବ ମୋ ମହିଷମର୍ଦ୍ଦିନୀ ଅବତାର।"

ଶ୍ରୀମନ୍ତକୁ ଲାଗିଲା– ତା' ଭାଉଜ ନୁହେଁ ସାକ୍ଷାତ୍ ଦୁର୍ଗା ଠିଆ ହୋଇଛନ୍ତି ତା ସାମ୍ନାରେ, ଅନ୍ଧାରରେ ବି ସେ ଦେଖି ପାରୁଥିଲା ସେ ଦ୍ୟୁତି।

ଏଥର ତାକୁ ଖାଲି ଝୁରିବାକୁ ହେବ, ସୁଲତାର ବାହୁପାଶରେ ସେ ବିତାଇଥିବା ସୁନାରଙ୍ଗର ରାତିଗୁଡ଼ିକ। ଯେଉଁଗୁଡ଼ିକ ଥିଲା ହୁଏତ ତା ଜୀବନର କେତୋଟି ମିଛରାତି।

■■

Digitized by PPRACHIN, SOA

ସର୍ପ ସପତ୍ନୀ

ରାତି ପାହିବାକୁ ଦି'ଘଡ଼ି ଥିବ। ଶୁଭିବ କୁମ୍ଭାଟୁଆ ଡାକ। ବିଛଣା ଉପରେ ଭିଡ଼ି ମୋଡ଼ି ହେବ ଲେଣ୍ଟୁ ମାଝୀ। ବିଛଣା କ'ଣ ବା – ନା ଶେଯ ନା ତକିଆ। ମଦନିଶାରେ ଟଳ ମଳ ହୋଇ ଘର ଭିତରେ ଯେଉଁଠି ଚାରିକାତ ମେଲାଇ ଦେଲା ସେଇଟା ହେଲା ଶେଯ। କୁମ୍ଭାଟୁଆ ଡାକ ଦେବାବେଳକୁ ଫାଙ୍କି ଯାଇଥିବ ନିଶା, ମେଣ୍ଟିଯାଇଥିବ ଦିହର ଦରଜ। ପ୍ରଥମେ ଆଖି ଖୋଲି ଟିକେ ଶାରିଭିଡ଼ି ହେବ ବିଛଣା ଉପରେ। ଅନାଇବ ବାହାରକୁ। ଆମ୍‌ଳେଇବ ବାହାର ଅନ୍ଧାରର ବହଳତାକୁ। ଧଡ଼ାସ୍ କରି ବିଛଣା ଛାଡ଼ି ଡାକ ଛାଡ଼ିବ – ଶୁଲି, ହେ ଶୁଲି। ଉଠ୍, ଉଠ୍, ରାତି ପାହି ଆସିଲାଣି। ଫରଚା ହେବା ପୂର୍ବରୁ ଗଛମୂଳେ ନ ପହଞ୍ଚିଲେ ସବୁ ମହୁଲକୁ ବେଠି ନେବେ ଅନ୍ୟମାନେ।

ଶୁଲିର ବି ଭାଙ୍ଗି ନ ଥିବ ନିଦ। ହେଲେ ଲେଣ୍ଟୁର ଡାକ କାନରେ ବାଜିବା କ୍ଷଣି ସେ ଧଡ଼ାସ୍ କରି ଉଠି ବସିବ। ଖସି ଯାଇଥିବା ଖୋଷଣିକୁ ଖୋଷି ଲୁଗା ସଜାଡ଼ି ନେବ। ଆଣ୍ଠୁ ଉଠାଇ ବସିଯାଇ ମାରିବ ଲମ୍ବା ହାଇଟିଏ। ପରେ ପରେ ଉଠିଯିବ ଘର ପଛଆଡ଼କୁ। ଦି'ଗୋଡ଼କୁ ଫରଚା କରି ଠିଆ ହୋଇ ପିସାବ କରିବ। ମାଠିଆରୁ ପାଣି ନେଇ ମୁହଁ ଧୋଇପକାଇ ଚାଳରେ ଖୋଷିଥିବା ଶାଳକାଠିରୁ ଦୁଇଟା ଆଣି ଗୋଟାଏ ଧରାଇ ଦେବ ଲେଣ୍ଟୁକୁ ଓ ଆରଟିକୁ ଚୋବାଇବ ନିଜେ। ଦାନ୍ତକାଠି ଚୋବାଉ ଚୋବାଉ ଡାକ ଛାଡ଼ିବ – କାକୁ କାକୁ, ଉଠ୍, ମହୁଲ ବେଠି ଯିବା ପରା। ନିଦ ମଳ ମଳ ଆଖିରେ କାକୁ ଉଠି ଘର କଡ଼ରେ ଠିଆ ହୋଇ ପରିସ୍ରା କରିବ। ସେ ବି ଗୋଟେ ଦାନ୍ତକାଠି ଧରି ଚୋବାଇବ।

ଫଟାଫଟ ସରିଯିବ ଦାନ୍ତଘଷା। ଶୋଲି ଗତରାତିରେ ରାନ୍ଧି ରଖିଥିବା ବାସୀକୁ ଭର୍ତ୍ତି କରିବ ଗୋଟେ ହାଣ୍ଡିରେ। ଦନାରେ ଆମ୍ବୁଲ, ପିଆଜ, କଞ୍ଚାଲଙ୍କା ଓ ଲୁଣ ରଖି ବାନ୍ଧି ଦେବ କାନିରେ। ଲେଣ୍ଟୁ ସଜାଡୁଥିବ ପିକା, ମହୁଲ ବେଠିବା ପାଇଁ ପାଛିଆ, ବାହୁଙ୍ଗି ଓ ଶିକା। କାକୁ ତା' ଟାଙ୍ଗିଆଟିକୁ ଥୋଇବ କାନ୍ଧରେ। ଶୋଲି ଗୋଟେ ଲୁଗାକୁ ଚାରିପରସ୍ତ କରି ଶୁଆଇ ଦେବ ସାନପୁଅକୁ। ଲୁଗାସହ ପୁଅକୁ ଉଠାଇ ବାନ୍ଧି ଦେବ ପିଠିରେ। ମୁଣ୍ଡରେ

Digitized by PPRACHIN, SOA

ଠେକା ରଖି ରଖିବ ବାସୀ ହାଣ୍ଡି । ଲେଣ୍ଡୁକୁ ଚାଲ୍ ବୋଲି କହିଦେଇ ଆଉଜାଇ ଆଣିବ ଘରର କବାଟ । କପଟାଟିଏ ଦେହରେ ପକାଇ, ପିକା ଲଗାଇ ପୁଅର ହାତ ଧରି ବାହାରି ପଡ଼ିବ ଲେଣ୍ଡୁ ।

ତଥାପି ପାହି ନ ଥିବ ରାତି । ଜଙ୍ଗଲର ଗଛମାନଙ୍କରୁ କାକର ପଡୁଥିବ ଟପ୍-ଟପ୍ । ମେଘ ଭଳି ମାଡ଼ି ଯାଇଥିବ କୁହୁଡ଼ି । ମଞ୍ଜାଥରା ଶୀତ ଓ କାକରକୁ ଭ୍ରୂକ୍ଷେପ ନକରି ସେମାନେ ଚଢୁଥିବେ ଡଙ୍ଗର । ଚାଲୁ ଚାଲୁ ଲେଣ୍ଡୁ ପଚାରିବ ଶୋଲିକୁ– ତୋଡ଼ିବନ୍ଧ ସାହୁକାର ଏଥର କାଏ ଭାଉ କହୁଥିଲା ?

ଭାଉ କ'ଣ ମ', ମାଣେକୁ ତିନି ମାଣ୍ ନୁଣ୍ ଦେବ ବୋଲି କହୁଛି । ମୁଇଁ ନାଇଁ ଦିଏ ବୋଲି କହିଲି ।

ବାଲିମଡ଼ା ସାହୁ ଭଲ ଭାଉ ଦେଉଛେ ବୋଲି ବିର୍‌ଛା କହୁଥିଲା । ହଇ – ମୁଁ କହୁଥିଲି କି ଆମେ ଏଇଛୁଣା ବିକିବା ନାହିଁ । ଟିକେ ଜଗିଦେଲେ ଭଲ ଭାଉ ମିଳିବ । ଏଥର ବି ଫୁଲ୍ ଆସିଛେ କାହିଁରେ କେତେ । ଏବେ ତ ଘରେ ମାଣ୍ଡିଆ ଅଛେ, ଚାଉଳ ବି ପୁଡ଼ାଟେ ଅଛେ । ଛେଳି ପଟେର ବିକିଲା ପଇସା । ମାସ ଦିଇଟା ଟାକି ଦେଲେ ଭଲ ହେବା ।

ହଏ– ଭାଟିବାଲା ବି ନବାକୁ କହୁଥିଲା ଯେ, ହେଲେ ଖାଲି ମଦରେ ମଜୁରା କରିଦେବ । ପଇସାଟିଏ ହାତକୁ ଦେବନି । ନିଶା ହାଙ୍କିବା ବେଳେ ଏମିତି ହିସାବ ବୁଝାଇ ଦେବ ଯେ ନିଶା ଫାଙ୍କିବା ପରେ ଆଉ କିଛି କରିବାର ଚାରା ନ ଥିବ ।

ନାଇଁ – ନାଇଁ, ଭାଟିବାଲାକୁ ନୁହେଁ କି ସାହୁକାରକୁ ନୁହେଁ, ସେମାନେ ଢେର୍ ଭଣ୍ଡୁଛନ୍ତି ଆମକେ । ସେଦିନ ଯେଉଁ ଦିଦି ଆସି ମିଟିଂ କରୁଥିଲେ, ସେମାନେ କିଣିବେ ବୋଲି କହୁଛନ୍ତି ଓ୍ୱାଜିବ୍ ଦାମ ଦେଇ । ମୁଁ ଭାବୁଛି ସେମାନଙ୍କେ ଦେମା ।

ଏମିତି ଗପ ଯୋଡ଼ି ମହୁଲ ଗଛମୂଳରେ ପହଞ୍ଚିଲା ବେଳକୁ ପାହି ଆସୁଥିବ ରାତି । ଆକାଶରୁ ଲିଭି ଲିଭି ଯାଉଥିବେ ତାରା ଓ ମାଟି ଉପରେ ଉକୁଟି ଉଠୁଥିବ ମହୁଲ ଫୁଲ । ପୁଅକୁ ପିଠିରୁ ଓହ୍ଲାଇ ଗଛମୂଳରେ ଶୁଆଇ ଦେବ ଶୁଲି । କାକରଭିଜା ଶୁଖିଲା ପତ୍ରକୁ ଜମାଇ ପିକାରୁ ନିଆଁ କାଢ଼ି ଧୂନି ଲଗାଇବ ଲେଣ୍ଡୁ । ଯେତେ ଯେତେ ଫରଚା ହେଉଥିବ ସକାଳ, ସେତେ ବେଶି ସ୍ୱଷ୍ଟ ହେଉଥିବ ମହୁଲଫୁଲର ଶେଯ । ମତୁଆଲା କରୁଥିବ ବାସ୍ନା ।

ଲେଣ୍ଡୁ ଡାକିବ– ଶୁଲି, କାକ୍ଲୁ, ବେଗି ବେଗି ବେଠି ପକା । ଆଜି ବି କାଠ କାଟିବାର ଅଛି । ଫେରିଲେ ହାଟ । ହାଟରୁ ମାଟି ତେଲ୍, ନୁଣ୍, ପିଆଜ ଘିନିବାର ଅଛେ ।

ସମସ୍ତେ ଲାଗିଯିବେ ମହୁଲ ସାଉଁଟିବାରେ । ଧୀରେ ଧୀରେ ବଢୁଥିବ ଖରା, ଘୁଞ୍ଚି ଘୁଞ୍ଚି ଯାଉଥିବ ମଞ୍ଜାଥରା ଶୀତ । ଗଛମୂଳେ ଶୋଇଥିବା ପୁଅ ନିଦରୁ ଉଠି କାନ୍ଦିବ । ଶୁଲ

Digitized by PPRACHIN, SOA

କହିବ– କାକୁ ଯାଆତ ପୁଅକୁ ଟିକେ ଧର। କାକୁ ତା' ପାଖକୁ ଯାଇ ତାକୁ ଉଠାଇ ଆଣିବ କାଖକୁ। ତାକୁ ଉଠାଇ ଆଣିବା ବେଳେ ଦେଖିବ କଅଁଳିଆ ଖରାରେ ଚକ୍ ଚକ୍ କରୁଛି ଗୋଟେ କ'ଣ। ଦିଶୁଛି ଛପ ଛପକିଆ ମୁଦ୍‌ଗର ପରାଏ। ସେ ଡାକ ଛାଡ଼ିବ ବାଆ– ବା', ଦେଖତ ଏଇଟା କ'ଣ ?

ରହ ଆଉ ଅଳ୍ପ ଅଛି ବେଠି ସାରେ।

ଦେଖ୍ ବୋ ବାଆ ଏଇଟା କ'ଣଟାଏ।

କ'ଣଟାଏ କିରେ ?

ମୁଁ କ'ଣ ଜାଣିଛି କ'ଣଟା।

ମହୁଲ ସାଉଁଟା ଛାଡ଼ି ଉଠି ଆସିବ ଲେଣ୍ଡୁ, ପଛେ ପଛେ ଶୁଲି। ସମସ୍ତେ ବିସ୍ମୟ ହୋଇ ଦେଖିବେ କ'ଣଟାଏ ବୋଲି।

କିଛି ସମୟ ଏପଟ ସେପଟ ହୋଇ ଦେଖିବା ପରେ ଲେଣ୍ଡୁ କହିବ– ଆରେ ଏଇଟା ଅଜଗର ଛୁଆଟାଏରେ। ଆଖି ଫିଟିନି ଏଯାଏଁ।

ଅଜଗର କାଏଁଟା ବାଆ ?

ସାପ। ବହୁତ ବଡ଼ ସାପ। ଏଇ ତା'ର ଛୁଆ। ଏଇ ପାଖରେ କେଉଁଠି ଥିବ ତା'ର ମାଆ। ରାତିରେ ଆହାର ଖୋଜିଗଲା ବେଳେ ଛାଡ଼ିଯାଇଛି ଯାକୁ।

ସମସ୍ତେ ଚାହିଁଲେ ଚାରିଆଡ଼କୁ। ଖୋଜିଲେ ଗଛଡାଳଠୁ ପଥର ସନ୍ଧିଯାଏ, କେଉଁଠି ଥିବ ବୋଲି ଏ ଛୁଆର ମାଆ। ହେଲେ ପାଇଲେନି ଶୋର୍ ଶବ୍ଦ ମାଆର।

ବାଆ– ଆମେ ଯାକୁ ନେଇ ପାଳିବା।

ଇଏ ଅଜଗର ସାପ। ପୋଷା ମାନେ। ହେଲେ ତା' ମାଆ ଯଦି ଥାଏ ଆମକୁ ଗୋଟା ଗିଳି ପକାଇ ବ।

ଆମେ ଖୋଜିବା ତା'ର ମାଆକୁ, ଯଦି ବଞ୍ଚିଥାଏ ସେ ତେବେ ଫେରେ ଆଣି ଛାଡ଼ିଦେବା ଜଙ୍ଗଲରେ।

ହଉ ତାକୁ ନେଇ ଚାଲ ଘରକୁ।

ଅଜଗର ଛୁଆଟି ଘରକୁ ଆସିବା ଦିନରୁ କାକୁର ଯେମିତି ହଜିଗଲା ନିଦ। ବଣ ବୁଦା ଭିତରେ ସେ ଖୋଜି ବୁଲିଲା ଜଙ୍ଗଲି ମୂଷା, ଝରଣା କୂଳରୁ ବେଙ୍ଗ, ବାଟୁଳି ଧରି ମାରିଲା ନାନା ଜାତିର ଚଢ଼େଇ। ଥୋଇଲା ଆଣି ଅଜଗରକୁ ଡାଙ୍କି ରଖିଥିବା ଝଙ୍କା ଭିତରେ।

Digitized by PPRACHIN, SOA

ଧୀରେ ଧୀରେ ବଢୁଥିଲା ଅଜଗର, ଆଉ ଝଙ୍କା ତଳେ ନ ରହି ଶୋଇଲା ଘର କ'ଣରେ । କାକୁ ଯେଉଁଠି ବସିଥିବ ପହଞ୍ଚିଯିବ ସେଠି । ତା' କୋଳରେ ମୁଣ୍ଡ ରଖି ଲାଂଜକୁ ଗୁଡ଼ାଇ ଦେବ ପିଠିରେ । ଶୋଇବା ବେଳେ ଶୋଇବ କାକୁ ସହ ତା' ବିଛଣାରେ । କାକୁ ବି ତା' ପିଠିକୁ ମୁରୁଳା କରେ ଶୋଇବା ବେଳେ ।

କାକୁ ଜଙ୍ଗଲକୁ କାଠ କାଟି ଗଲେ ଅଜଗର ଯିବ ସାଥିରେ । ସେ ଝରଣାକୁ ଗାଧୋଇଗଲେ ଅଜଗର ଥିବ ସାଥିରେ । ସେ କ୍ଷେତରେ କାମ କରୁଥିବା ସମୟରେ ହୁଡ଼ାରେ ଶୋଇ ହାଇ ମାରୁଥିବ ଅଜଗର । ଏମିତି ହେଲା ଯେ କାକୁ ଓ ଅଜଗର ହୋଇପଡ଼ିଲେ ଏକ ଓ ଅଭିନ୍ନ । କାକୁ ତାକୁ ଗୋଟେ ନାଆଁ ଦେଲା– ବାସ୍କୀ । ଡାକିଲା ବି ସେଇ ନାଆଁରେ । ଖୁବ୍ ଶୀଘ୍ର ଅଜଗର ଜାଣିଗଲା ତା'ର ନାଁ । କାକୁ ବାସ୍କୀ ଡାକିବା କ୍ଷଣି ସେ ଯେଉଁଠି ଥିଲେ ବି ଆସି ହୋଇଯିବ ହାଜର । ପହଞ୍ଚିବା କ୍ଷଣି ସଅଁ ସଅଁ ଶବ୍ଦ କରି ଜଣାଇ ଦେବ ଯେ ତା' ଡାକ ଶୁଣି ସେ ହାଜର ହେଲା ବୋଲି ।

ବାସ୍କୀ ବଢୁଥିଲା ଅଲିଅଳ ରାଜଜେମା ପରି । ଲମ୍ବରେ ଯେମିତି ମୋଟେଇରେ ମଧ୍ୟ ସେମିତି । ତା'ଦେହ ଉପରେ ପଟା ପଟା ଦାଗ ତା'ର ରୂପକୁ କରୁଥିଲା ଭୀମସୁନ୍ଦରୀ । ବାସ୍କୀର ବଢୁଥିଲା ବୟସ । ସେ ହୋଇଯାଇଥିଲା ଦଶ ବର୍ଷର । ଭରା ଯୌବନରେ ସେ ଖୋଜୁଥିଲା ସାଥୀ । ଅଥଚ ସେ ଜାଣିପାରୁ ନ ଥିଲା ତା'ର ସାଥୀ କେଉଁଠି ।

ଦିନେ ଉଦୁଉଦିଆ ଖରାବେଳେ କାକୁ କାଠ କାଟି ସାରି ଗଛ ଛାଇରେ ଥକ୍‌କା ମାରୁଥିବା ସମୟରେ ବାସ୍କୀ ଆସି ଭିଡ଼ି ହେଲା କାକୁ ଦେହରେ । ଏହା ତା'ର ସ୍ୱାଭାବିକ ଓ ନିତିଦିନିଆ କଥା ଭାବି କାକୁ ଗୁରୁତ୍ୱ ଦେଲାନି ସେ କଥାକୁ । ମାତ୍ର ନିଜ ଭିତରର ଉତ୍ତାଳ ଯୌବନକୁ ନେଇ ଅଧୀରା ହେଉଥିବା ବାସ୍କୀ ଧୀରେ ଧୀରେ ନିଜର କୁଣ୍ଡଳୀରେ ଉଠାଇଲା କାକୁକୁ । ରଚିଲା କେଳି, କାକୁ ମୁକୁଳିବାକୁ ଅଧୀର ହେଉଥିଲେ ମଧ୍ୟ ପାରୁ ନ ଥିଲା ମୁକୁଳି । ତାକୁ ଲାଗୁଥିଲା ଯେପରି ଦୃଢ଼ ତଥା ପ୍ରେମମୟ ଆଲିଙ୍ଗନ ମଧ୍ୟରେ ତାକୁ ଭିଡ଼ି ଧରିଛି ବାସ୍କୀ । ଏମିତି ଚାଲିଲା କିଛି ସମୟ ଯେତେବେଳ ଯାଏଁ ବାସ୍କୀ ହୋଇ ନ ଥିଲା ତୃପ୍ତା ଓ କ୍ଲାନ୍ତା । ତା'ପରେ ବାସ୍କୀ କାକୁକୁ ନିଜ ବେଷ୍ଟନୀରୁ ମୁକ୍ତ କରି ଶୋଇପଡ଼ିଲା ତଳେ ଯେମିତି ରତିକ୍ଲାନ୍ତା ମହିଳାଟିଏ ।

ଏହା ପରେ କିଛି ଦିନ ଯାଏ ବାସ୍କୀ ହୋଇଗଲା ଖୁବ୍ ସ୍ଥିର ଓ ନିଶ୍ଚଳ । କୁଣ୍ଡଳୀ କରି ଶୋଇରହିଲା ଘର କଣରେ, କିଛିଦିନ ପରେ ଘର ବାଡ଼ି ବୁଲି ଖୋଜିଲା ଏକ ଖାଲୁଆ ଜାଗା । ଗୋଟିଏ ଖାଲୁଆ ଓ ଘାସୁଆ ଜାଗା ଦେଖି କୁଣ୍ଡଳୀ କରି ଶୋଇ ରହିଲା **କେବଳ** ।

Digitized by PPRACHIN, SOA

ଯେତେ ଡାକିଲେ ବି ଚକଡ଼ା ଖୋଲି ଉଠିଲାନି। ଦିନେ ଦେଖିଲା ବେଳକୁ ତା’ କୁଣ୍ଡଳୀ ତଳେ ଅଛି ଦୁଇଟି ଅଣ୍ଡା।

ଲେଣ୍ଟୁ ଶୁଲିକୁ ଡାକି ଦେଖାଇଲା ବାସ୍‌କୀର ଅଣ୍ଡାକୁ। ଶୁଲି କହିଲା– ଆହୋ ଇଏ ମାଈ ଅଜଗରଟାଏ। ହେଲେ ଏ ଅଣ୍ଡା କୁଆଡୁ ଓ କେମିତି ଆସିଲା। ଆମ ଦେଖାନ୍ତରେ ତ କୌଣସି ଅଣ୍ଡିରା ଅଜଗର ଆସିନି ଏଠାକୁ କେଳି କରିବାକୁ।

ଯଦି ବାହାରେ ବୁଲିଲାବେଳେ କେତେବେଳେ...। ଲେଣ୍ଟୁ କହିଲା।

ମଲା ସେ ତ ବାହାରକୁ ଯେତେବେଳେ ଯାଉଛି, ଯାଉଛି କାକୁ ସହ। କାକୁ ତ ଜାଣିପାରିଥାଆନ୍ତା, ଆଉ ଯଦି କୌଣସି ଅଜଗର ଆସି ଥାଆନ୍ତା ତା’ପାଖକୁ।

ଲେଣ୍ଟୁ କହିଲା– କୁକୁଡ଼ାମାନେ ଯେମିତି ବା’ ଅଣ୍ଡା ଦିଅନ୍ତି, ବାସ୍‌କୀର ଏ ଅଣ୍ଡାଗୁଡ଼ା ବା’ ଅଣ୍ଡା। ଏଥିରେ ଛୁଆ ହେବନି।

ଶୁଲି କହିଲା– ହଉ ସେ ତା’ ଅଣ୍ଡାକୁ ଉଷୁମାଇ ବସିଛି ତ ବସିଥାଉ। ବଳେ ଛୁଆ ହେଲେ ଆମେ ଜାଣି ପାରିବାନିକି।

ମାତ୍ର ଦୁଇଦିନ ପରେ ଦେଖିବା ବେଳକୁ ଅଣ୍ଡାର ଖୋଳପାଗୁଡ଼ିକ୍ କେବଳ ପଡ଼ିଥିଲା ବାସ୍‌କୀ ଯେଉଁଠି କୁଣ୍ଡଳି କରିଥିଲା। ବାସ୍‌କୀ ସେ ଜାଗା ଛାଡ଼ି ଦେଇ ଏବେ ସ୍ୱାଭାବିକ ଭାବେ ଘର ଭିତରେ ବୁଲୁଥିଲା ଓ ଖିଆ ଆରମ୍ଭ କରିଦେଇଥିଲା।

ଶୁଲି କହିଲା ଲେଣ୍ଟୁକୁ – ତୁ ଠିକ୍ କହୁଥିଲୁ ବାଆ ଅଣ୍ଡା ବୋଲି।

କାକୁକୁ ପୂରି ଯାଇଥିଲା ଷୋହଳ, ଲେଣ୍ଟୁ ଓ ଶୁଲି ବ୍ୟସ୍ତ ହୋଇ ପଡୁଥିଲେ ତା’ ପାଇଁ କନିଆ ଖୋଜାରେ। ମଣ୍ଡକା ପଦରର ସେରା ମାଝୀର ଚଉଦ ବର୍ଷର ଝିଅ କୋକିଲାର ହାତ ମାଗିଲା କାକୁ। ତନୁପାତେଳୀ ଅଥଚ ପୂରିଲା ପୂରିଲା ଦେହ, ଟଣା ଟଣା ଆଖି, ଲମ୍ୱା ଲମ୍ୱା ବାଳକୁ ଦେଖି କାକୁ ତାକୁ ପସନ୍ଦ କରିଥିଲା। ଖାସି ଦି’ପଟ, ଦି’ପୁଟି ଚାଉଳ, ଦି’ହାଣ୍ଡି ମହୁଲି କନ୍ୟା ସୁନା ଦେଇ ଜାକଜମକରେ ବାହା ହୋଇପଡ଼ିଲା କାକୁ।

କୋକିଲା କନିଆ ହୋଇ ଆସିଲା ଦିନ କାକୁ ତାକୁ ଚିହ୍ନେଇ ଦେଇଥିଲା ବାସ୍‌କୀକୁ।

କୋକିଲା ହାଁ ଫାଡ଼ି ଅନାଇ କହିଲା– ଏଡ଼େ ବଡ଼ ଅଜଗରଟାଏ ଘରେ ରଖିଛ ? ଏଇ ତ ମୋତେ ଗୋଟା ଭଳି ଗିଳି ପକାଇବ।

ନାଏଁ ନାଏଁ, ଇଏ ଆମ ପରିବାରର ଲୋକ ଭଳି। ସେ ଯେଉଁଠି ଥାଉ, ମୁଁ ବାସ୍‌କୀ ଡାକିବାକ୍ଷଣି ଧାଇଁ ଆଇବ। ତୁ ଏଇନେ ନୂଆ ନୂଆ ଆଇଛୁ ତ, ତୋତେ ଡର୍ ଲାଗୁଛେ, ଚିହ୍ନା ହୋଇଗଲେ ତୋର ଡର୍ ଫର୍ କିଛି ନାଇଁ ରହେ। ମୋ ପରିକା ସେ ତୋତେ ବି ଆଦ୍‌ରି ଯିବ।

Digitized by PPRACHIN, SOA

କେତେ ବରଷ ହେଲାଣି– ଏଇ ଏନ୍ତା ଅଛି ତୋ ସାଙ୍ଗରେ ?

ତା'ର ଆଖି ନାଇଁ ଫିଟିଥିଲା, ସେ ଆସିଥିଲା, ଦଶ ବରଷ ହେଲାଣି ।

ଦଶ ବରଷ ହେଲାଣି ଅଛେଁ ! ହେଲେ ତା'ର ଆଏଖକୁ ଦେଖି ମୋତେ ଡର୍ ଲାଗୁଛେ । କାଚଗୋଲା ପରି ତା'ର ଆଖିକୁ ଦେଖିଲେ ଲାଗ୍‌ସି ଯେନ୍ତା ଗିଳି ପକାଇବ ଇହାଦେ ।

ନୂଆ ନୂଆ ଡରୁଛୁ ସିନା, ଯାଉ ଦିନାକାତେ ତୁଇ ବି ୟାକୁ ଭଲ ପାଇ ବସିବୁ ।

ନାଇଁରେ ବୁଆ – ମୋର ତୋ' ବାସ୍‌କୀକୁ ଭଲ୍ ପାଇବାର ନାଇଁ । ତାକୁ କହିଦେ ସେ ମୋ' ଠାରୁ ଦୂରରେ ରହୁ । ତା'ର ଆଏଖ୍ ଓ ପାଟିକୁ ଦେଖି ମୋତେ କାହେଁନା କେତେ ଡର୍ ଲାଗ୍‌ସି ।

ଶୁଲି ଏକଥା ଶୁଣିପାରି ବୋହୂ ପକ୍ଷ ନେଇ କାକୁକୁ କହିଲା– ଆରେ ସେ ଚଉଦ ବରଛ୍‌ର କୁଆଁରୀ କନିଆଟେ । ମାଆ କୋଳ ଛାଡ଼ି ନ ଥିଲା ବିହା ହୋଇ ଆସିଛେ । ସେ କାହୁଁ ଜାଣିବ ବାସ୍‌କୀର କଥା । ତାକୁ ଡର୍ ଲାଗୁଛେ କହୁଛି । ତୁ ବାସ୍‌କୀକୁ କହିଦେ, ସେ ତା'ର ପାଖ ନାଇଁ ମାଡୁ ।

ହଉ ହେଲା ମାଆ, ମୁଁ ବାସ୍‌କୀକୁ କହି ଦେଉଛେ ସେ କୋକିଲାର ପାଶ ନାଇଁ ମାଡ଼ିବ ।

କାକୁ ବାସ୍‌କୀକୁ କହିଲା– ଆଜିଠାରୁ ତୋର ଜାଗା ବାହାରେ । ତୁ କୋକିଲାର ପାଶ୍‌କେ ନାଇଁ ଆସିବୁ ।

ବାସ୍‌କୀ କାକୁର କଥା ମାନିଲା ସତ, ହେଲେ କାକୁ ସହିତ ତା' ବିଛଣାରେ ଶୋଇବାର ପୁରୁଣା ଅଭ୍ୟାସ ସେ ଛାଡ଼ିପାରିବ କିପରି ! ପହିଲି ରାତି । କାକୁ ବାସ୍‌କୀକୁ ଘରୁ ବାହାର କରିଦେଇ କୋକିଲାକୁ ନେଇ ଘରର କବାଟ ବନ୍ଦ କଲା । ବାସ୍‌କୀ ବାହାରେ ଥାଇ କେବଳ ଫଅଁ ଫଅଁ ନିଃଶ୍ୱାସ ଛାଡୁଥାଏ । କାକୁ ଜାଣୁଥିଲା ବାସ୍‌କୀ କ'ଣ ଚାହୁଁଛି । ଏକେତ ନୂଆ କନିଆ ସହ ପହିଲି ରାତି, ସେଥକୁ କୋକିଲାର ବାସ୍‌କୀକୁ କାହିଁନା କେତେ ଡର୍, କେମିତି ତାକୁ ଘରେ ଶୁଆଇ ଦେବାକୁ କହିପାରିଥାଆନ୍ତା କାକୁ । ତା'ର ଫଅଁ ଫଅଁ ଶବ୍ଦ ଶୁଣି ମଧ୍ୟ କାକୁ ରହିଲା ନୀରବ ।

ବନ୍ଦ ହୋଇଗଲା ଚୂଡ଼ି ଓ ପାଉଁଜିର ଛମ୍ ଛମ୍ ଶବ୍ଦ । ଭିତରୁ ଆସୁ ନ ଥିଲା କୌଣସି ଶବ୍ଦ । ବଢୁଥିଲା ରାତି, ବାସ୍‌କୀ ଆଉ ସମ୍ଭାଳି ହୋଇପାରିଲାନି । ଘରର ଚାଳ ଦେଇ ପଶିଲା ଭିତରକୁ । କୋକିଲା ଓ କାକୁ ମଝିରେ ଯାଇ ଶୋଇଗଲା ଲମ୍ବ ହୋଇ । ରାତିରେ ନିଦ ବାଉଳାରେ କୋକିଲା କାକୁ ବୋଲି ଭିଡ଼ି ଧରିଲା ବାସ୍‌କୀକୁ । ହାତକୁ ଟିକେ ଅଡୁଆ ଅଡୁଆ-

Digitized by PPRACHIN, SOA

ଲାଗିଲା । ଆଖି ଖୋଲି ଚାହିଁଲା । କିଟ୍‌ମିଟିଆ ଅନ୍ଧାରରେ ମୁହଁକୁ ମୁହଁ ଦିଶୁନି । ପୁଣି ଥରେ ହାତ ବଢ଼ାଇଲା କାକୁ ଆଡ଼କୁ । ନିଦ ବାଉଳାରେ ବାରିଥିବା ସ୍ପର୍ଶକୁ ପୁଣି ଥରେ ଅନୁଭବ କଲା । ବାରି ପାରିଲାନି କ'ଣଟା ବୋଲି । ଉଠି ଯାଇ ଘର କଣରେ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନ ତେଜିଲା । ଆଖିରେ ଆଲୁଅ ପଡ଼ିବାକ୍ଷଣି ବାସ୍‌କୀ ସସ୍ନେହରେ ମୁଣ୍ଡ ଉଠାଇ ଗୁଡ଼ାଇ ହୋଇଗଲା କାକୁ ଦେହରେ । ଆଲୁଅରେ ଚକ୍‌ଚକ୍ କରୁଥାଏ ତା'ର ଆଖି । କୋକିଲା ଛାଡ଼ିଲା ରଡ଼ିଟାଏ ଯେମିତି ଛିଡ଼ି ପଡ଼ିଲା ଆକାଶ ।

କ'ଣ ହେଲା କହି ଧଡ଼୍‌କିନା ଉଠି ପଡ଼ିଲା କାକୁ । ଦେଖିଲା କୋକିଲା ଠିଆ ହୋଇଛି ଭୟରେ ସାଙ୍କୁଡ଼ି ହୋଇ ସ୍ଥାଣୁ ରୂପରେ । ଜାଣିପାରିଲା ଭୟର କାରଣ । ନିଜ କାନ୍ଧରୁ ବାସ୍‌କୀର ମୁଣ୍ଡକୁ ଖସାଇ ଦେଇ ତାକୁ କହିଲା— ତୋତେ ମନା କରିଥିଲି ପରା ବାସ୍‌କୀ, ତୁ କାହିଁକି ଭିତରକୁ ଆସିଲୁ ? ବାସ୍‌କୀ କାକୁର କଥା ଶୁଣି ମୋଡ଼ି ହୋଇ କୁଣ୍ଡଳି କରି ଶୋଇପଡ଼ିଲା ବିଛଣାରେ, ଯେମିତି ସେ କହୁଥିଲା ତୋତେ ଛାଡ଼ି ମୁଁ ଶୋଇ ପାରିବିନି । କାକୁ ତାକୁ ଯେତେ ଯା' ଯାଆ ବୋଲି କହିଲେ ମଧ୍ୟ ସେ ନ ଯାଇ ମୁଣ୍ଡଟାକୁ କେବଳ କୁଣ୍ଡଳିରୁ ଏପଟ ସେପଟ କରୁଥିଲା ।

କୋକିଲା କହିଲା— ନାଇଁ ବୁଆ, ମୁଁ ଏଠି ନାଇଁ ରହିପାରେ । ରାତି ପାହୁ, ମୋ ବୁଆକୁ ଖବର ଦେଇ ମୁଁ ଚାଲିଯିବି ଆମ ଗାଆଁ । ତୁ ତୋର ବାସ୍‌କୀ ସାଥିରେ ରହ ।

ରାତି ପାହିବା ପରେ କାକୁ ତା' ବୁଆକେ କହିଲା ଗଲା ରାତି କଥା । ବାସ୍‌କୀ କେମିତି କଥା ନ ମାନି ପଶିଯାଇଥିଲା ତାଙ୍କର ଶୋଇବା ଘର୍‌କେ ସେମାନେ ଶୋଇବା ପରେ । କେମିତି ଶୋଇ ଯାଇଥିଲା ସେମାନଙ୍କ ମଝିରେ । କୋକିଲା ଏଇ କଥାରେ ରାଗି କରି ବସିଛେ ବାପ ଘର୍‌କେ ଚାଲିଯିବା ପାଇଁ ।

ଲେଣ୍ଡୁ ସବୁ ଶୁଣିସାରି କହିଲା— କୋକିଲା ମୋର ବହୁଅ । ଅର୍କ୍ଷିତ ଭାବି ଗୋଟାଇ ଆଣିଥିଲୁ ତୁ ବାସ୍‌କୀକୁ । ତା' ପାଇଁ କାହିଁକି ବହୁଅ ମୋର ଘର ଛାଡ଼ିବ । ମୁଁ ଆଜି ତାକୁ ନେଇ ଛାଡ଼ି ଦେଇ ଆସିବି ଦୂର ଜଙ୍ଗଲରେ । ଯେଉଁ ଜଙ୍ଗଲରୁ ସେ ଆସିଥିଲା ରହୁ ଯାଇ ସେଠାରେ ।

ସଜିଲ ହେଲା ଝଙ୍କା, ବନ୍ଧା ହେଲା ଶିକା । ଲେଣ୍ଡୁ ଓ କାକୁ କାନ୍ଧରେ ବୋହି ଚାଲିଲେ ବାସ୍‌କୀକୁ । ପାଞ୍ଚ କୋଶ ବାଟ ଯିବା ପରେ ଗୋଟେ ଝରଣା କୂଳର ଘଞ୍ଚ ଜଙ୍ଗଲ ପାଖରେ ଅଟକିଲେ ବାପ ପୁଅ । କାନ୍ଧରୁ ଓହ୍ଲାଇଲେ ଝଙ୍କାକୁ । ଶେଷଥର ପାଇଁ କାକୁ ଚାହିଁଲା ବାସ୍‌କୀ ଆଡ଼େ । ତା' ମୁଣ୍ଡକୁ ସାଉଁଳେଇ ଦେଇ କହିଲା— ଯା' ଜଙ୍ଗଲକୁ ଚାଲିଯାଆ । ଏ ଜଙ୍ଗଲ ତୋର ।

Digitized by PPRACHIN, SOA

ଚହଁକୁ ନ ଥିଲା ବାସ୍‌କୀ। ଝଙ୍କାରୁ ବାହାର କଲା ପରେ ମଧ୍ୟ ସେ ସେମିତ ଶୋଇ ରହିଥିଲା ତଳେ। କେବଳ ଚାହୁଁଥିଲା ମିଟ୍ ମିଟ୍ କରି କାକୁର ମୁହଁକୁ।

ତାକୁ ଛାଡ଼ି ଦେଇ ବାପପୁଅ ଏକମୁହାଁ ହୋଇ ଲେଉଟିଲେ ଘରକୁ। ଘରେ ପହଞ୍ଚିଲା ବେଳକୁ ମୁହଁ ସଞ୍ଜ। ନୂଆ ବନ୍ଧୁ ଘରୁ କୁଣିଆ ଆସିଥିଲେ। ମରାହେଲା ଦି'ପଟ କୁକୁଡ଼ା, ଅଣାହେଲା ଦି'ଠେକି ମହୁଲି। ଢେର୍ ସମୟ ଯାଏ ଚାଲିଲା ଖିଆପିଆର ଆସର।

ନିଶାରେ ଝୁମି ଝୁମି କାକୁ ଗଲା କୋକିଲା ପାଖକୁ। କହିଲା ଛାଡ଼ି ଦେଇ ଆସିଛି ବାସ୍‌କୀକୁ କାହିଁ କେତେ ଦୂରରେ। ଆଉ ଡର୍‌ଛୁ କାହାକୁ ? ଆ ମୋ ପାଖକୁ ଲାଗିଆ। ଆଖି ଫିଟି ନ ଥିଲା ପାଳିଥିଲି ତ, ଆଦ୍‌ରି ଯାଇଥିଲା।.ପିଲାଟି ଦିନରୁ ମୋ ପାଖରେ ଶୋଇବା ତା'ର ଅଭ୍ୟାସ ହୋଇଯାଇଥିଲା। ସେ କ'ଣ ଜାଣିପାରୁଥିଲା କି ମୁଁ ନୂଆ ବିହା ହୋଇଛି। ମୋର ଗୋଟେ କନିଆ ଆସିଛେ। ତାକୁ ତ ମୁଇଁ ମନା କରିଥିଲିନା ଘରକୁ ଆସିବା ପାଇଁ। ମନା ମାନିଲାନି, ଏବେ ମଜା ପାଉଥିବ ଜଙ୍ଗଲରେ। ତୁ ଡରିବୁ ଓ ରାଜି ହବୁନି, ସେ କାହିଁକି ରହିବ ? ନା-ନା, ସେ କାହିଁକି ରହିବ ନା ?

ସେ ତ ଗଲା, ଆଉ ରାଗ କାହିଁକି ? ଆ ପାଖକୁ ଲାଗି ଆ।

ମଦ୍‌ହୋସ ଓ ମଦମସ୍ତର ରାତି। ଭାଙ୍ଗି ଯାଇଥିଲା ହାତର ଚୂଡ଼ି, ଛିଣ୍ଡି ଯାଇଥିଲା ପାଦର ପାଉଁଜି। ନୀରବ ହୋଇ ଯାଇଥିଲା ଛମ୍-ଛମ୍ ଶବ୍ଦ। ଏକାକରକେ ନିଦ ଭାଙ୍ଗିଲା ବେଳକୁ ଭୋଅର। ତଥାପି ତୁଟି ନ ଥିଲା ତନ୍ଦ୍ରା। ନୂଆ କନିଆ ବିଛଣା ଛାଡ଼ି ଉଠିଯିବା ପୂର୍ବରୁ ପୁଣି ଥରେ ଗେଲ କରିନେବା ପାଇଁ ନିଜ ଆଡ଼କୁ ଭିଡ଼ି ଆଣିବା ପାଇଁ ହାତ ବଢ଼ାଇଲା କାକୁ। ପୁରୁଣା ପରିଚିତ ସ୍ପର୍ଶରେ ଚମକି ପଡ଼ିଲା କାକୁ। ଆଖି ଖୋଲି ଦେଖିଲା ବିଛଣା ଉପରେ ଲମ୍ବ ହୋଇ ଶୋଇଥିଲା ବାସ୍‌କୀ। କୋକିଲା କୋକିଲା ବୋଲି ଡାକ ଛାଡ଼ିଲା କାକୁ। ଶୁଭୁ ନ ଥିଲା କୋକିଲାର ପାଟି। କବାଟ ଖୋଲି ଦେଇ କାକୁ ଡାକ ଛାଡ଼ିଲା ବାଆ, ଧାଇଁ ଆସ୍, ଧାଇଁ ଆସ୍, ଦେଖ୍ ବାସକୀ...।

ଲେଣ୍ଡୁ ଧାଇଁ ଆସି ଦେଖିଲା ବାସ୍‌କୀ ଶୋଇଛି କାକୁର ବିଛଣାରେ। ପଚାରିଲା କୋକିଲା କାହିଁ ?

କାକୁ ହାତ ବଢ଼ାଇ ଦେଲା ବାସ୍‌କୀ ଆଡ଼େ। ବାସ୍‌କୀ ଲମ୍ବ ହୋଇ ଶୋଇଥିଲା ବିଛଣାରେ। ତା' ପାଟିରୁ କେବଳ ବାହାରି ରହିଥିଲା କୋକିଲାର ପିନ୍ଧା ଶାଢ଼ିର କାନିରୁ ଖିଏ।

■■

Digitized by PPRACHIN, SOA

ବାସ୍ ! ଏଇଠୁ ଆରମ୍ଭ

ପ୍ରତ୍ୟେକ ଶନିବାର ସନ୍ଧ୍ୟାରେ ହିଁ ସେ ପଂହଚିବେ। ସାତ ଦିନର ବ୍ୟବଧାନ ପରେ ସେ ଫେରୁଥିବାର କୌଣସି ଉଷ୍ମତା ନ ଥିବ ଘର ଭିତରେ। ଜଣେ ପରିଚିତ ଅତିଥି ପରି ସେ ପଶିବେ ଘର ଭିତରକୁ। ହ୍ୟାଣ୍ଡ ବ୍ୟାଗ୍‌ଟିକୁ ଥୋଇବେ ପୂର୍ବ ନିର୍ଦ୍ଧାରିତ ପରି ବୁକ୍ ସେଲ୍‌ଫ ଉପରେ। ବ୍ୟାଗ ଖୋଲି ଲୁଂଗି ବଦଳାଇବେ। ବାଥ୍‌ରୁମ୍ ଯାଇ ଗୋଡ଼ହାତ ଧୁଆଧୋଇ ସାରି ଟାଓ୍ୱେଲଟିଏ ନେଇ ପୋଛାପୋଛି କରି ବସି ପଡ଼ିବେ ସୋଫା ଉପରେ। ଟିପଯ ଉପରେ ଥୁଆ ଯାଇଥିବା ଖବରକାଗଜ ଉପରେ ଆଖି ପକାଉ ପକାଉ ନୌକରାଣୀଟି ଆଣି ନୀରବରେ ଥୋଇଦେବ ଚା' କପଟିଏ। ସେ ଚା' କପ୍‌ଟିକୁ ଉଠାଇବେ, ପେପର ଉଠାଇ ପଢୁ ପଢୁ ପୁଅକୁ ଆଣି କୋଡ଼ରେ ଦେଇ ସେଇ ଉଠାଇ ନେବ ଚା' କପ୍‌ଟିକୁ। ସେ ପୁଅକୁ ଗେଲ କରିବେ, ବୋକ ଦେବେ, କୁତୁକୁତୁ କରି ହସାଇବେ ଓ ତା' ସହ ନାନା କଥା ହେବେ। ପିଲାଟି ତାଙ୍କ ସହ ଖେଳି ଖେଳି କ୍ଳାନ୍ତ ହୋଇ ହାଇ ମାରିବ ଯେତେବେଳେ ଶୋଇବାକୁ, ନୌକରାଣୀଟି ଆସି ତାକୁ ନେଇଯିବ ଶୁଆଇ ଦେବାକୁ। ସେ ପ୍ୟାଣ୍ଟ ଶାର୍ଟ ପିନ୍ଧି ବାହାରିବେ ମାର୍କେଟ ଆଡ଼େ। ଏପଟ ସେପଟ ହୋଇ ଲକ୍ଷ୍ୟହୀନ ଭାବେ କିଛି ସମୟ ବୁଲିବେ। ତା'ପରେ ହୋଟେଲରେ ଖାଇନେଇ ଫେରିବେ ଘରକୁ। ଫେରିବା ପରେ ସୋଫା କମ୍ ବେଡ଼ଟିକୁ ଖୋଲିଦେଇ ଓ୍ୱାର୍ଡ୍‌ରୋବ୍‌ରେ ଥିବା ତାଙ୍କର ବେଡ଼ସିଟ୍ ଓ ପିଲୋକୁ ବାହାର କରିବେ। ଗୁଡ଼ନାଇଟ୍ ଲିକୁଇଡ଼ଟିକୁ ପ୍ଲଗ୍‌ରେ ଦେଇ ସୁଇଚ୍ ଅନ୍ କରିବେ। ଡ୍ରଇଂରୁମ୍‌ର ବାହାର ପଟ କବାଟ ବନ୍ଦ କରି ଶୋଇଯିବେ।

ସେ ଶୋଇବାକ୍ଷଣି ବେଡ୍‌ରୁମ୍ ଭିତରେ ଶୈଳଜା ଶୋଇଯିବେ ପୁଅକୁ ଧରି। ଶୋଇବା ପୂର୍ବରୁ ଭଲ କରି ବନ୍ଦ କରିନେବେ ବେଡ୍‌ରୁମ୍ ଓ ଡ୍ରଇଂରୁମ୍ ଭିତରେ ଥିବା ଝରକା ଓ କବାଟ।

ସୁବାସଙ୍କ ଆଖିକୁ ଆସୁ ନ ଥିବ ନିଦ। ସେ ମନେମନେ ଭାବୁଥିବେ ତୁଚ୍ଛା ସାମାଜିକ ସମ୍ମାନକୁ ଭୟକରି ଏମିତି ନିଜ ସହ, ଜୀବନ ସହ ଓ ଦାମ୍ପତ୍ୟ ସହ ଅଭିନୟ କରିବାର ମାନେ କ'ଣ ? ପ୍ରଥମେ ପ୍ରଥମେ ଭାବୁଥିଲେ– ଦାମ୍ପତ୍ୟର କ୍ରୋଧ ବେଶି ଦିନ ରହେନା,

Digitized by PPRACHIN, SOA

ସମୟ ଗଡ଼ିବା ସହ ଭୁଲି ହୋଇଯିବ ପୁରୁଣା ମନୋମାଳିନ୍ୟ, ସଜାଡ଼ି ହୋଇଯିବ ସଂସାର। ମାତ୍ର ଏହା ଭିତରେ ଗଡ଼ିଗଲାଣି ଢେର ସମୟ। ସମୟ ଗଡ଼ିବା ସହ ବ୍ୟବଧାନ ବଢ଼ି ବଢ଼ି ଚାଲିଛି ସିନା କମିବାର ନାଆଁ ଧରିନି ଏଯାଏ।

ଗଭୀର ଅନ୍ତର୍ଦାହ ଓ ଅନୁଶୋଚନା ଭିତରେ ସୁବାସ ପୁରୁଣା ଘଟଣା ସବୁର ପୃଷ୍ଠା ଓଲଟାଇ ମନକୁ ମନ ବିଳାପ କରନ୍ତି–

ମୁଁ ମାନୁଛି ମୋର ଭୁଲ ହୋଇଥିଲା। ସେ ଭୁଲ୍ ପାଇଁ ତ ମୁଁ କମ୍ ଅନୁତାପ କରିନାହିଁ। ଅନୁତାପ ଯଦି ପାପର ପ୍ରାୟଶ୍ଚିତ୍ତ ହୁଏ, ତେବେ ତ ମୁଁ ମୋ ପାପଠାରୁ ଢେର ବେଶି ଅନୁତାପ କରିସାରିଲିଣି। ସ୍ୱାମୀତ୍ୱର ସବୁ ଅହଙ୍କାରକୁ ଜଳାଞ୍ଜଳି ଦେଇ କ୍ଷମା ମାଗିଛି ଶୈଳଜାଙ୍କୁ। ସେମିତି ଭୁଲ୍‌ର ପୁନରାବୃତ୍ତି ନ ହେବା ପାଇଁ ପ୍ରତିଶ୍ରୁତି ସହ ପ୍ରତିଜ୍ଞା କରିଛି। ବହୁ ଅନୁନୟ ବିନୟ ହୋଇ ହାତ ଯୋଡ଼ିଛି, ମାତ୍ର ମୋର ସମସ୍ତ ଅନୁନୟକୁ ସେ ପର୍ବତ ପରି ଅଚଳ ଓ ଅଟଳ ରହି ପ୍ରତ୍ୟାଖ୍ୟାନ କରି କହିଲେ– ଏ ଭୁଲ୍ ଯଦି ଥରେ ହେଲା, ସୁଯୋଗ ମିଳିଲେ ବାରମ୍ବାର କାହିଁକି ନ ହେବ? ଦାମ୍ପତ୍ୟ ଜୀବନ ଗୋଟେ ବିଶ୍ୱାସରେ ବନ୍ଧା ହୋଇଥାଏ, ସେ ବିଶ୍ୱାସ ଥରେ ତୁଟିଗଲେ ତାକୁ ସଜାଡ଼ି ଆଉ ଥରେ ଦାମ୍ପତ୍ୟ ଜୀବନ ଆରମ୍ଭ କରିବା କଷ୍ଟ। କେବଳ କଷ୍ଟ ନୁହେଁ ମୋ ପକ୍ଷରେ ଏହା ଅସମ୍ଭବ ମନେ ହେଉଛି। ତମ ସହ ଏକାନ୍ତ ହେବା ମୁହୂର୍ତ୍ତରେ ହିଁ ସେ ଦୃଶ୍ୟ ଆସିଯିବ ମୋ ସାମ୍ନାକୁ, ମୁଁ କେବେ ତାକୁ ସାମ୍ନା କରିପାରିବି ନାହିଁ। ମୁଁ ତୁମକୁ ବି ଏଥିପାଇଁ ଦୋଷ ଦେଉନି, ମୁଁ ଭାବୁଛି ମୋର ଭଲ ପାଇବା ଓ ସମର୍ପଣ ଭିତରେ ବୋଧେ କେଉଁଠି ରହିଗଲା ଶୂନ୍ୟସ୍ଥାନଟିଏ, ଯାହା ଫଳରେ ତମେ ଅନ୍ୟ ନାରୀର ସାନ୍ନିଧ୍ୟ କାମନା କଲ। ତେଣୁ ମୋ ଭିତରର ଶୂନ୍ୟସ୍ଥାନକୁ ସନ୍ଧାନ ନ କଲା ଯାଏ ତମ ସହ ସଂପର୍କ ରଖିବା ଅସମ୍ଭବ।

ଶୈଳଜା ଯଦି ଅନ୍ୟ ସାଧାରଣ ନାରୀମାନଙ୍କ ପରି ତାଙ୍କ କ୍ରୋଧର ପରିପ୍ରକାଶ କରିଥାଆନ୍ତେ, ହୁଏତ ସମାଧାନର କିଛି ଆଶା ଥାଆନ୍ତା। ମାତ୍ର ତାଙ୍କ ନିଜର ଆତ୍ମସମ୍ମାନ ହେଉ କିମ୍ବା ମୋର ସାମାଜିକ ପ୍ରତିଷ୍ଠା କିମ୍ବା ଲୋକଲଜ୍ଜା ପାଇଁ ହେଉ, ସେ ଅଘଟଣ ମୁହୂର୍ତ୍ତରେ ଶୈଳଜା ଦେଖାଇଥିବା ବ୍ୟବହାର ଥିଲା ବିଚିତ୍ର। ସେ ସମୟରେ ତାଙ୍କର ସ୍ୱାଭାବିକ ଆଚରଣ ଦେଖି ମୁଁ କେବଳ ବିସ୍ମିତ ହୋଇ ନ ଥିଲି ଆତଙ୍କିତ ମଧ୍ୟ ହୋଇଥିଲି ଯେ ଝଡ଼ ପୂର୍ବର ନୀରବତା ପରି ଏହା ତାଙ୍କର ପ୍ରାକ୍ ପ୍ରସ୍ତୁତି ନୁହେଁ ତ ଭାବି।

ଘଟଣାଟି ଏମିତି। ଶୈଳଜାଙ୍କ ମାଉସୀ ଝିଅ ଭଉଣୀ ରୁବି ପ୍ରାଇଭେଟ୍ ବି.ଏ. ପରୀକ୍ଷା ଦେବା ପାଇଁ ଆମ କ୍ୱାର୍ଟର୍‌ରେ ରହୁଥାଏ। ଯେହେତୁ ମୋ ଚାକିରି ସ୍ଥାନ ଶୈଳଜାଙ୍କ କଲେଜଠାରୁ ପାଖାପାଖି ଶହେ କିଲୋମିଟର ଦୂର ଏବଂ ମୋ ଚାକିରିର ଝଞ୍ଜାଳ ଓ ଦାୟିତ୍ୱ ନେଇ ପ୍ରତିଦିନ ଯିବାଆସିବା ସମ୍ଭବ ନ ଥିଲା, ତେଣୁ ମୁଁ ପ୍ରତି ଶନିବାର ଦିନ କେବଳ ଆସେ। ପୁଅଟି ଛୋଟ ହୋଇଥିବାରୁ ଶୈଳଜାଙ୍କ ଅନୁପସ୍ଥିତିରେ ତା'ର ଦାୟିତ୍ୱ ନେବାକୁ

Digitized by PPRACHIN, SOA

କେହି ମିଳୁ ନ ଥିବାରୁ ରୁବିର ଏଠି ରହି ପରୀକ୍ଷା ଦେବାଟା ଆମ ପାଇଁ ଅଯାଚିତ ବରଦାନ ସଦୃଶ ଥିଲା । ତେଣୁ ପରୀକ୍ଷା ସରିଯାଇଥିଲେ ମଧ୍ୟ ପୁଅର ଦାୟିତ୍ୱ ପାଇଁ ମଉସାଙ୍କୁ କହି ରୁବିକୁ ଅଟକାଇ ଦେଇଥିଲେ ଶୈଳଜା ।

ସବୁ ଶନିବାର ପରି ସେଥର ମଧ୍ୟ ମୁଁ ମୁହଁ ସଂଜବେଳେ ପହଞ୍ଚିଲି ଘରେ । କଲେଜରେ ଆନୁଆଲ୍ ଫଙ୍କସନ୍ ଥିବାରୁ ଶୈଳଜା ଯାଇଥିଲେ କଲେଜ । ମୁଁ ପହଞ୍ଚୁ ପହଞ୍ଚୁ ରୁବି ଚା' କପଟିଏ କରି ଆଣିଲା । ମୁଁ ପଚାରିଲି ନାନୀ କେତେବେଳେ ଫେରିବ ବୋଲି କହିଛି ?

ନାନୀ ଫେରୁ ଫେରୁ ନିଶ୍ଚୟ ଡେରି ହେବ । ଫଙ୍କସନ୍ ପରେ ଡ୍ରାମା ଅଛି । ସରିଲେ ଯାଇ ଆସିବ ବୋଧେ ।

ପୁଅ କ'ଣ ଏତେ ସମୟ ରହିପାରିବ ?

ଅପା ତ ସବୁ ବ୍ୟବସ୍ଥା କରି ଦେଇଯାଇଛି । ତା' ପାଇଁ କ୍ଷୀର, ବେବିଫୁଡ୍ ଇତ୍ୟାଦି, ସେ ଉଠିଲେ ମୁଁ ତାକୁ ଖୁଆଇ ଦେବି । ମୁଁ ଭାବୁଛି ତା'ର କିଛି ଅସୁବିଧା ହେବନି । ଆଉ ରହିଲା ଆପଣଙ୍କ କଥା, ସେ ବ୍ୟବସ୍ଥା ବି ଅପା କରିଦେଇ ଯାଇଛି । ଫ୍ରିଜ୍‌ରେ ସବୁ ଜିନିଷ ରଖି କରି ଯାଇଛି, କେବଳ ଗରମ କରି ଆପଣଙ୍କୁ ଖାଇବାକୁ ଦେବି ।

'ହଉ' କହି ମୁଁ ହାତଗୋଡ଼ ଧୋଇ ଆସିଲି, ବିଛଣାରେ ଶୋଇଥିବା ପୁଅ ପାଖରେ ବସି ତା' ମୁଣ୍ଡକୁ ସାଉଁଳେଇଲି । ରୁବି ମୋତେ ତାଗିଦ୍ କଲା ପରି କହିଲା ଅପା ଗଲା ପରେ ବହୁତ ସମୟ କାନ୍ଦୁଥିଲା, ଏବେ ଏବେ ଶୋଇଛି, ତା' ସାଙ୍ଗରେ ଲାଗି ତା' ନିଦ ଭଙ୍ଗାନ୍ତୁ ନାହିଁ ।

ମୋ ଭିତରର ରସିକ ପୁରୁଷଟି କେଉଁଠି ଥିଲା କେଜାଣି, ହଠାତ୍ ଚେଇଁ ଉଠିଲା । ମୁଁ କହିଲି ଅପା ଏବେ ନାହିଁ, କେତେବେଳେ ଫେରିବ ବି ତୁ ଜାଣିନୁ । ପୁଅ ଏବେ ଶୋଇଛି, ଉଠିଲେ କାନ୍ଦିବ, ତା' ସହ ଲାଗିବିନି, ତେବେ ବସି ବସି ମୁଁ କ'ଣ କରିବି ?

ବାଙ୍କ ହସଟିଏ ଦେଇ ରୁବି କହିଲା– ବସିକି ଟି.ଭି. ଦେଖନ୍ତୁ । ଏତକ କହିଦେଇ ରୁବି ଚାଲିଗଲା ରୋଷେଇ ଘର ଭିତରକୁ । ସେ ରୋଷେଇ ଘରେ ଠିଆହୋଇ ଦଳୁଥିଲା ଅଟା, ମୁଁ ଝରକାରୁ ଚାହିଁଥିଲି ତାକୁ । ପାଣି ପିଇବା ବାହାନାରେ ଗଲି ରୋଷେଇ ଘରକୁ । ସେ ନଇଁ ପଡ଼ି ଫିଲ୍‌ଟର୍‌ରୁ ପାଣି ବାହାର କଲାବେଳେ ମୁଁ ତୃଷାର୍ତ୍ତ ହୋଇ ଚାହିଁଲି ତା' ଆଡ଼େ । ସେ ଗ୍ଲାସଟିକୁ ମୋ ହାତକୁ ବଢ଼ାଇବା ବେଳେ ଜାଣତରେ ତା' ହାତକୁ ଧରିଲି । ରୁବି ହାତ ଖସାଇ ଚାଲିଯିବା ବେଳେ ତାକୁ ଭିଡ଼ିଧରି ଚୁମାଟିଏ ଦେଲି । କେବଳ ମୃଦୁ ପ୍ରତିବାଦଟିଏ କରି ହସିଦେଇ ଚାଲିଗଲା ରୁବି । ଚାଲିଗଲାନି ତ ମୋ ଦେହର ବାରୁଦ ଗଦାରେ ଗେଂଜି ଦେଇଗଲା ନିଆଁ । ହିସାବରେ ଶାଳୀ, ପୁଣି ପ୍ରତିବାଦହୀନା । ମୁଁ ସପ୍ତାହକେ ଘରବାହୁଡ଼ା ପୁରୁଷ । ମୋ ଭିତରେ ଜଳୁଥିବା ନିଆଁ ଧୀରେ ଧୀରେ ହୁତ୍ ହୁତ୍ ହୋଇ ଜଳିଲା । ମୁଁ ଭୁଲିଗଲି ମୋର ସାମାଜିକ ସ୍ଥିତି ଓ ନୈତିକତା ।

Digitized by PPRACHIN, SOA

ମୋ ବେଡ୍‌ରୁମ୍‌ରେ ବସିଥିଲା ରୁବି । ମୁଁ ତା' ପାଖରେ ପହଞ୍ଚିଲା ବେଳକୁ ସେ ଆଖି ବନ୍ଦ କରି ନେଉଥିଲା ଖରଶ୍ୱାସ । ଆଉ ଅପେକ୍ଷା ପାଇଁ ମୋ ଭିତରେ ଧୈର୍ଯ୍ୟ ନ ଥିଲା । ଫୁଲ ପରି ଟୋକି ଆଣିଲି ରୁବିକୁ ବିଛଣା ଉପରକୁ । ଭୟଜନିତ ପ୍ରାରମ୍ଭିକ ପ୍ରତିବାଦ ଯେଉଁ ଟିକକ ଥିଲା ତାହା ଧୀରେ ଧୀରେ ପରିଣତ ହେଲା ସହଯୋଗରେ । ଆମେ କ୍ରମଶଃ ହେଉଥିଲୁ ଅନାବରଣ, ଯାଉଥିଲୁ ଆଦିମାନବ ପର୍ଯ୍ୟାୟକୁ । ଆମ ସମ୍ଭୋଗର ଚରମ ମୁହୂର୍ତ୍ତରେ ଦେଖିଲୁ କାନ୍ଦୁଥିବା ପୁଅକୁ କୋଳକୁ ନେଇ ଫିଡିଙ୍ଗ ବଟଲ ଦେଉଛନ୍ତି ଶୈଳଜା !

ଆମେ ପ୍ରକୃତିସ୍ଥ ହେଲୁ । ମୃତ୍ୟୁ ଠାରୁ ବି ଭୟଙ୍କର ଲଜ୍ଜାଟିଏ ଠିଆ ହୋଇଥିଲା ଆମ ସାମ୍ନାରେ । ମୁଁ ଚିନ୍ତା କରିପାରୁ ନ ଥାଏ କ'ଣ କୈଫିୟତ୍ ଦେଇ ଆରମ୍ଭ କରିବି କଥା ।

ଆମ ଉଭୟଙ୍କୁ ପଛ କରି ଶୈଳଜା କହିଲେ– ଏସବୁ ପୂର୍ବରୁ ଅନ୍ତତଃ ଦାଣ୍ଡ କବାଟଟା ବନ୍ଦ କରି ଦେଇଥିଲେ ଭଲ ହୋଇଥାଆନ୍ତା ।

ରୁବି କାତର କଣ୍ଠରେ କ୍ଷମା ଯାଚନା କରି କହିଲା– ମୋର ଅପରାଧ ହୋଇଯାଇଛି, ମୋତେ କ୍ଷମା କରିଦେ, ଅପା ।

ଶୈଳଜା ତାକୁ ଧୀର ଅଥଚ ଦୃଢ଼ ଗଳାରେ କହିଲେ– ତୁ ତୋ ରୁମ୍‌କୁ ଯା' ଶୋଇବୁ ।

ଆମ ଉଭୟଙ୍କ ମଧ୍ୟରୁ ରୁବି ଅପସରିଯିବା ପରେ ମୁଁ ଆଶା କରୁଥିଲି ଶୈଳଜା ଏବେ ଗୋଟେ ଝଡ଼ ପରି ଗର୍ଜନ କରିବେ । ମାତ୍ର ସେମିତି କିଛି ହେଲାନି । ସେ କେବଳ ମୋତେ ସ୍ଥିର ଦୃଷ୍ଟିରେ ଚାହିଁଲେ ବହୁକ୍ଷଣ । ସେ ଦୃଷ୍ଟିର ତୀବ୍ରତା ଏତେ ଥିଲା ଯେ ମୁଁ ମହମର ପିତୁଳା ପରି ତରଳି ଯାଉଥିଲି ଲଜ୍ଜାରେ । ତା'ପରେ କହିଲେ– ନିଜ ବିଶ୍ୱାସ ଉପରେ ଅତିମାତ୍ରାରେ ପ୍ରତ୍ୟୟ ରଖିବା ହିଁ ମୋର ଅପରାଧ ।

ମୁଁ ଛିଡ଼ା ହୋଇଥିଲି ଗୋଟେ ଖୁଣୀ ଆସାମୀ ପରି । ଅନୁଭବ କରୁଥିଲି ମୋର ସଂକୁଚିତ ବ୍ୟକ୍ତିତ୍ୱର ଦୟନୀୟ ଭାବକୁ । ଚିନ୍ତା କରିପାରୁ ନ ଥିଲି କେମିତି ଆରମ୍ଭ କରିବି ମୋର ଜମାନବନ୍ଦୀ । ମୁଁ କେବଳ ନୀରବରେ ବସି ରହି ନିଜ ଭିତରେ ସାହସ ଓ ଶକ୍ତି ସଂଚୟ କରୁଥିଲି ପରବର୍ତ୍ତୀ ଝଡ଼କୁ ମୁକାବିଲା କରିବା ପାଇଁ ।

ମୁଁ ଆଶଙ୍କା କରୁଥିଲା ପରି କୌଣସି କଥା ଘଟିଲାନି । ଶୈଳଜା ଚୁପ୍‌ଚାପ୍ ପୁଅର କାମ ସାରି ତାକୁ ଶୁଆଇ ଦେଲେ । ଡ୍ରଇଂରୁମ୍ ଓ ରୋଷେଇଘରର କବାଟ ବନ୍ଦ କରି ଚୁପ୍‌ଚାପ୍ ଆସିଲେ ବେଡ୍‌ରୁମ୍ ଭିତରକୁ । ବେଡ୍ ଉପରେ କାନ୍ଥକୁ ଆଉଜି ବସିଥିବା ମୋ ଭଳି ଏକ ବ୍ୟକ୍ତିର ଉପସ୍ଥିତି କିମ୍ବା ଅନୁପସ୍ଥିତି ତାଙ୍କ ପାଇଁ ଏକା କଥା ଥିଲା । କବାଟ କଣରେ ଆଉଜା ହୋଇଥିବା ସପଟିକୁ ଆଣି ତଳେ ବିଛାଇଲେ । ଆଲମାରିରୁ ବେଡ଼ସିଟ୍‌ଟିଏ ଓ ୱାର୍ଡ୍‌ରୋବ୍‌ରୁ ତକିଆଟିଏ ବାହାର କରି ପୁଅକୁ ଧରି ସେ ଚଟାଣ ଉପରେ ଶୋଇଗଲେ ।

Digitized by PPRACHIN, SOA

ସାରା ରାତି ବିଛଣା ଉପରେ ବସି ବସି ମୋର ପାହିଗଲା ରାତି। ନା ମୁଁ ଓହ୍ଲାଇ ପାରୁଥିଲି ତଳକୁ ନା ମାଗି ପାରୁଥିଲି କ୍ଷମା। ମୁଁ ଆଶା କରୁଥିଲି ଶୈଳଜା ରାଗିଯାଇ ବର୍ଷିସାରିବା ପରେ ଯାଇ ମୁଁ ଆରମ୍ଭ କରିବି କ୍ଷମା ଯାଚନା, ମାତ୍ର ଇଏ କ'ଣ ସେ ସଂପୂର୍ଣ୍ଣ ନୀରବିଗଲେ ଯେମିତି କିଛି ହେଲେ ଅଘଟଣ ଘଟିନି ଆମ ସଂପର୍କରେ।

ରାତି ପାହି ସକାଳ ହେଲା। ସକାଳର ବୟସ ବଢ଼ିଲା, ମୁଁ ସେମିତି ଶୂନ୍ୟକୁ ଚାହିଁ ଗତ ରାତିର ଘଟଣା ଭିତରେ ହିଁ ବନ୍ଦୀ ହୋଇଥିଲି। ସକାଳୁ ସକାଳୁ ପହଞ୍ଚିଲେ ରୁବିର ବାପା। ତାଙ୍କ ଆସିବାର ଖବର ମୁଁ କେବଳ ତାଙ୍କରି ସ୍ୱରରୁ ହିଁ ଜାଣିଲି। ମନେ ମନେ ଆଉ ଗୋଟେ ପ୍ରମାଦ ଓ ଲଜ୍ଜାକର ପରିସ୍ଥିତିର ପରିକଳ୍ପନା କଲି। ଭାବୁଥିଲି ତାଙ୍କର ଆଜି ଏଠିକୁ ଆସିବାର ଥିଲା ନା ଗତକାଲିର ଘଟଣା ଜଣାଇ ଶୈଳଜା ତାଙ୍କୁ ଟେଲିଫୋନ୍ କରି ଡକାଇଛନ୍ତି ?

ସେ ପହଞ୍ଚିବାକ୍ଷଣି ମୁହଁରେ ହସ ଫୁଟାଇ ତାଙ୍କୁ ନମସ୍କାର କରି ଚା' ଦେଲେ ଶୈଳଜା। ରୁବିର ବେଡ୍‌ରୁମ୍ ଆଗରେ କବାଟରେ ହାତମାରି ଡାକିଲେ– ବେଳ ଆସି ଢେର ହେଲାଣି, ଉଠ୍। ମଉସା ବି ଆସିଛନ୍ତି। କବାଟ ଖୋଲି ବାହାରିଲା ରୁବି। ସାରା ରାତି କାନ୍ଦି କାନ୍ଦି ତା ମୁହଁ ବୋଧହୁଏ ଫୁଲିଯାଇଥିଲା। ତା' ମୁହଁକୁ ଦେଖି ପକାଇ କଡ଼ା ନିର୍ଦ୍ଦେଶ ଦେବା ଶୈଳୀରେ ଶୈଳଜା କହିଲେ– ଗତ କଥାକୁ ଏକ ଦୁଃସ୍ୱପ୍ନ ପରି ଭୁଲିଯାଇ ସ୍ୱାଭାବିକ ବ୍ୟବହାର ଦେଖା ଯେମିତି ମଉସା କିଛି ଜାଣି ନ ପାରନ୍ତି।

ମୁଁ ମନେ ମନେ ଆଶ୍ୱସ୍ତ ହେଲି ଯେ ଯାହାହେଉ ଏ ଘଟଣା ସଂପର୍କରେ ଟେଲିଫୋନ ପାଇ ସେ ଆସି ନାହାନ୍ତି। ତାଙ୍କ ଆସିବାଟା ବୋଧହୁଏ ପୂର୍ବ ନିର୍ଦ୍ଧାରିତ ଥିଲା।

ମଉସା ପହଞ୍ଚୁ ପହଞ୍ଚୁ ମୋତେ ଖୋଜିଲେ। ମୁଁ ଶୋଇଛି ବୋଲି ଶୁଣି କହିଲେ– ହଉ ସେ ଶୋଇଛନ୍ତି, ତାଙ୍କୁ ଡିଷ୍ଟର୍ବ କରନା, ମୁଁ ମୋ ନିତ୍ୟକର୍ମ ସାରେ। ହଁ ମୋତେ ଦଶଟା ବେଳ ଟ୍ରେନ୍‌ରେ ଫେରିଯିବାକୁ ହେବ। କାଲି ଗୋଟେ ବରପକ୍ଷ ଆସିବେ ବୋଲି କହିଥିବାରୁ ମୁଁ କେବଳ ତାକୁ ନେବାକୁ ଚାଲିଆସିଲି।

ମଉସା ପଶିଥିଲେ ବାଥ୍‌ରୁମ୍‌ରେ। ରୁବି ପ୍ରସ୍ତୁତ ହେଉଥିଲା ଯିବାପାଇଁ। ରୋଷେଇଘରେ ଶୈଳଜା ସେମାନଙ୍କ ପାଇଁ ପରଟା ଓ ସନ୍ତୁଳା କରୁଥିଲେ। ମୁଁ ଉଠିପଡ଼ି ୱାସବେସିନ୍‌ରେ ମୁହଁ ଧୋଇ ଯାଇ ଡ୍ରଇଂରୁମ୍‌ରେ ବସିଲି। ଭାବୁଥିଲି ରୁବି ଚାଲିଯିବା ପରେ ଶୈଳଜା ମୋ ପାଇଁ ରାଜକ୍ଷମା ବୋଧେ ଦେବେ।

ରୁବି ଗଲା। ସେ ଗଲାବେଳେ ମଉସାଙ୍କୁ ଶୈଳଜା କହିଲେ, ଯଦି ପିଲା ମନକୁ ଯାଉଛି ଜବାବ୍ ଦେଇ ଦିଅନ୍ତୁ। ଆଉ ବେଶି ଦିନ ଘରେ ବସାଇ ଲାଭ କ'ଣ ?

Digitized by PPRACHIN, SOA

ରୁବି ଚାଲିଯିବା ପରେ ମୁଁ କହିଲି– ଶୈଳଜା କାଲିର ଘଟଣା ପାଇଁ ମୁଁ ଖୁବ୍ ଲଜ୍ଜିତ। ମୋର ଏଭଳି ଏକ ଦୁର୍ବଳ ମୁହୂର୍ତ୍ତକୁ ତମର ଏକ ଦୁଃସ୍ୱପ୍ନ ବୋଲି ଭାବି ମୋତେ କ୍ଷମା କରିଦିଅ ଶୈଳଜା।

ଏତେ ସମୟ ଧରି ଚୁପ୍ ଥିବା ଶୈଳଜା ହଠାତ୍ ଏକ କ୍ରୋଧିତ ନାଗୁଣୀ ପରି ଫଁ କରି ଉଠି କହିଲେ– ଦୁଃସ୍ୱପ୍ନ? କାହାକୁ ମୁଁ ଦୁଃସ୍ୱପ୍ନ ବୋଲି ଭୁଲିଯିବି? ମୁଁ ତ ସ୍ୱପ୍ନ ଦେଖେନା, ଦୁଃସ୍ୱପ୍ନ କାହିଁକି ଦେଖିବି? ମୋର ଆଖି ଦେଖାକୁ ମୁଁ ସ୍ୱପ୍ନ ପରିଭାଷା ଦେବି କାହିଁକି? ମୁଁ ମୋର ନିଷ୍ପତ୍ତି ନେଇସାରିଛି।

ମୁଁ ତାକୁ ବୁଝାଇବାକୁ ଯାଇ ତାଙ୍କ ହାତଟି ଧରି କହିଲି ଦେଖ–

ମୋ ହାତ ଛାଡ଼ ପ୍ରଥମେ। ମୁଁ ତୁମଠାରୁ କୌଣସି କୈଫିୟତ୍ ଶୁଣିବାର ମାନସିକତାରେ ନାହିଁ, କେବଳ ମୁଁ ମୋର ନିଷ୍ପତ୍ତି ତୁମକୁ ଶୁଣାଉଛି। ଶୁଣ– ଆଜିଠାରୁ ତମ ଓ ମୋ ଭିତରେ ସ୍ୱାମୀ ସ୍ତ୍ରୀର ସଂପର୍କ ନାହିଁ, ତମେ ମୋ ପାଇଁ କେବଳ ଜଣେ ତୃତୀୟ ପୁରୁଷ।

ଦେଖ– ଏତିକି କଥାରେ ଦାମ୍ପତ୍ୟ ଭାଙ୍ଗିଯାଏନା।

ଏତିକି କଥା? କାହାକୁ ତମେ ଏତିକି କଥା କହୁଛ?

ଭୁଲ ତ ହୋଇସାରିଛି, ଏବେ ପ୍ରାୟଶ୍ଚିତ୍ତ କ'ଣ କରାଯାଇପାରିବ କୁହ?

ମୁଁ କାହାକୁ ପ୍ରାୟଶ୍ଚିତ୍ତ ପାଇଁ ବାଧ କରି ପୁଣି ସଂପର୍କ ଯୋଡ଼ିପାରିବି ନାହିଁ।

ତେବେ! ତେବେ କ'ଣ ମୋତେ ଛାଡ଼ପତ୍ର ଦେବ?

ନା– ଏତେ ଶୀଘ୍ର ମୁଁ ତୁମକୁ ମୁକ୍ତି ଦେବାକୁ ଚାହୁ ନାହିଁ। ପାରିବ ଯଦି ତୁମେ ମୋତେ ଛାଡ଼ପତ୍ର ଦିଅ। ମାତ୍ର ଗୋଟିଏ ସର୍ତ୍ତରେ, ପୁଅ ଉପରେ କେବେ ଅଧିକାର ସାବ୍ୟସ୍ତ କରିବ ନାହିଁ।

ଯଦି ତମ ସର୍ତ୍ତରେ ମୁଁ ରାଜି ନ ହୁଏ।

ତେବେ ତମେ କେବଳ ଏକ ତୃତୀୟ ପୁରୁଷ ହୋଇ ରହିଥିବ ମୋ ପାଇଁ। କହିଥିଲା ଶୈଳଜା।

ସେବେଠାରୁ ଆଜିଯାଏଁ ନା ସୁବାସ ନା ଶୈଳଜା– କେହି ରାଜି ହୋଇ ପାରି ନାହାନ୍ତି ସେ ସର୍ତ୍ତରେ। ପୁଅ ଉପରୁ କେହି ଅଧିକାର ଛାଡ଼ିପାରି ନାହାନ୍ତି। ସତକୁ ସତ ସୁବାସ ପାଲଟି ଯାଇଛନ୍ତି ଏକ ତୃତୀୟ ପୁରୁଷ ଶୈଳଜାଙ୍କ ଜୀବନ ପରିଧିରେ। ବେଳେବେଳେ ସୁବାସ ଭାବନ୍ତି କେଉଁ ଆକର୍ଷଣପାଇଁ ସମସ୍ତ ଅବହେଳା ସତ୍ତ୍ୱେ ସଂପର୍କକୁ ଯୋଡ଼ିବାର କ୍ଷୀଣ ଆଶାଟିକୁ ସେ ଛାଡ଼ିପାରି ନାହାନ୍ତି? କେବଳ କ'ଣ ପୁଅର ଆକର୍ଷଣ? ପୁଅ ଏବେ ବଡ଼ ହେଉଛି, ସେ ବଡ଼ ହୋଇ ଏକଥା ଜାଣିଲେ କ'ଣ ଗ୍ରହଣ କରିପାରିବ ତା ବାପାକୁ ନା ତା ମାଆ ଭଳି

Digitized by PPRACHIN, SOA

ପ୍ରତ୍ୟାଖ୍ୟାନ କରିଦେବ ? ପ୍ରଥମେ ପ୍ରଥମେ ସେ ଶୈଳଜାଙ୍କର ଉପେକ୍ଷା ଓ ଅବହେଳାକୁ ତାଙ୍କର କ୍ରୋଧର ପରିପ୍ରକାଶ ବୋଲି ଗ୍ରହଣ କରି ନେଉଥିଲେ । ଅପେକ୍ଷା କରୁଥିଲେ ବିସ୍ମୃତିର ଦୟାକୁ । ସବୁ ଦୁଃଖଦ ସ୍ମୃତି ଭୁଲି ହୋଇଯିବା ପରି ଏ କଥା ମଧ୍ୟ ଭୁଲିଯିବେ ଶୈଳଜା । ମାତ୍ର ତାଙ୍କର ଅପେକ୍ଷାର ଧୈର୍ଯ୍ୟଚ୍ୟୁତି ଘଟୁଥିଲେ ମଧ୍ୟ ପରିବର୍ତ୍ତନ ହେଉ ନଥିଲା ଶୈଳଜାଙ୍କ ମନ । ତଥାପି ସେ ଛାଡ଼ିପାରୁ ନ ଥିଲେ ପ୍ରତି ଶନିବାରରେ ଆସିବାର ମୋହ । କେଉଁ ଆକର୍ଷଣରେ ସେ ଟାଣି ହୋଇ ଆସୁଥିଲେ ଜାଣନ୍ତି ନାହିଁ । ସେ ଆକର୍ଷଣ କ'ଣ ପୁଅର ନା ଶୈଳଜାଙ୍କର ?

ତାଙ୍କର ଉପସ୍ଥିତି ଓ ଅନୁପସ୍ଥିତି ପ୍ରତି ଶୈଳଜା ଥିଲେ ସଂପୂର୍ଣ୍ଣ ଉଦାସୀନା । ସେ ଶନିବାର ଦିନ ପହଞ୍ଚିବା ପରେ କୌଣସି ବହିରାଗତ ଅତିଥିଙ୍କୁ ସୌଜନ୍ୟ ପ୍ରଦାନ କଲାପରି କେବଳ ଦିଆଯାଉଥିଲା ଚା' କପ୍‌ଟିଏ ତାହା ପୁଣି ଘରର ନୌକରାଣୀ ହାତରେ । ସେ କ'ଣ ଖାଇଛନ୍ତି କି ନ ଖାଇଛନ୍ତି ଏଥିରେ ତାଙ୍କର ମୁଣ୍ଡ ଖେଳାଇବାର କିଛି ନ ଥିଲା । ସର୍ତ୍ତ ଅନୁଯାୟୀ ଏକାଠି ଆହାର, ଶୟନ ଉପରେ ପ୍ରତିବନ୍ଧକ ଥିଲା । ଉଭୟେ ସେ ଅଲିଖିତ ସର୍ତ୍ତକୁ ପାଳି ଆସିଛନ୍ତି ଆଜିଯାଏ ।

ରୁବିର ବାହାଘର ଠିକ୍ ହୋଇ ଯାଇଥିଲା । ରୁବିର ବାପା ଆସିଥିଲେ ଏ ବିଷୟରେ ଖବର ଦେଇ ବନ୍ଧୁ ନିମନ୍ତ୍ରଣ କରିବାକୁ । ଯାନିଯୌତୁକ ସବୁ କ'ଣ ଦିଆଯିବ ଏବଂ ବନ୍ଧୁବାନ୍ଧବ ସବୁ କିଏ କ'ଣ ଦେଉଛନ୍ତି କଥା ପଡ଼ିଲା । ମଉସାଙ୍କ ଠାରୁ ସବୁ ଶୁଣିବା ପରେ ଶୈଳଜା କହିଲେ– ତେବେ ମୋ ନାଆଁରେ ଆପଣ ଗୋଟେ ଜିନିଷ ପକାଇ ଦିଅନ୍ତୁ । ମୁଁ ରୁବି ପାଇଁ ହାରଟିଏ ଦେବି, ତମେ ଆଉ ସେଇଟା କିଣିବନି ।

ମଉସା କହିଲେ– ହଉ, ତୋର ଖୁସି ଯାହା, ମୋର ସେଥିରେ କ'ଣ କହିବାର ଅଛି ?

ପରଦିନ ସକାଳେ ମଉସା ବାହାରିବା ବେଳେ ଶୈଳଜା ତାଙ୍କୁ ବଢ଼ାଇ ଦେଲେ ସୋ କେସ୍ ସହ ହାରଟିକୁ ।

ମଉସା ହାରଟି ଦେଖୁ ଦେଖୁ କହିଲେ– ଆରେ, ଏଇଟା ପରା ତୋ ହାର ? ମୁଁ ଏ ହାରକୁ ନେବି କିପରି ? ଗୋଟିଏ ଝିଅର ବେକ ଖାଲି କରି ଆଉ ଗୋଟିଏ ଝିଅକୁ ଦେଲେ ତା ବେକକୁ ସୁନ୍ଦର ଦିଶିବନି । ମୋ ଦ୍ୱାରା ଏ କାମ ହେବନି ।

ନା– ମଉସା, ମୋ ବେକ ଖାଲି କାହିଁକି ହେବ ? ଏଇ ହାରଟା ନୂଆ ବେଳୁ ସେମିତି ଥୁଆ ହୋଇଛି, ମୁଁ ଥରେ ବି ପିନ୍ଧିନି । ମୁଁ ତ କଲେଜ ଯାଉଛି, ତେଣୁ ଏ ହାରକୁ ପିନ୍ଧିବାର ସୁଯୋଗ ମିଳୁଛି କେତେବେଳେ ? ଏମିତିକା ମଣିପୁରୀ ହାରକୁ କ'ଣ କଲେଜ ପିନ୍ଧି ଯାଇହେବ ? ଏ ହାର ବୋହୂମାନଙ୍କ ବେକକୁ ଶୋଭା ପାଇବ, ଆମ ବେକକୁ ନୁହଁ ।

Digitized by PPRACHIN, SOA

ଶୈଳଜା ବାଧ କରି ସେ ହାରଟିକୁ ମଉସାଙ୍କୁ ଦେଲେ । ସେ ହାରଟିକୁ ଦେବାବେଳେ ସୁବାସଙ୍କୁ ଲାଗୁଥିଲା ଯେମିତି କିଏ ଛୁରୀ ଚଳାଇଦେଉଛି ତାଙ୍କ ଛାତି ଭିତରେ, କାରଣ ସେଇ ହାରଟିକୁ ବିବାହର ପ୍ରଥମ ବାର୍ଷିକୀରେ ସେ ନିଜେ ଭେଟି ଦେଇଥିଲେ ଶୈଳଜାଙ୍କୁ ।

ମଉସା ଚାଲିଗଲା ପରେ ଶୈଳଜା ସ୍ୱଗତୋକ୍ତି କଲାପରି କହିଲେ– କଣ୍ଟା ଭଳି ଫୋଡ଼ି ହେଉଥିବା ସ୍ମୃତିର ସନ୍ତକଟିରୁ ଆଜି ମୁକ୍ତି ମିଳିଗଲା ।

ଡେର ହୋଇଗଲା, ଆଉ ନୁହଁ, ଏଥର ଏପଟ ନଚେତ୍ ସେପଟ । ଆଉ ଏଠିକୁ ଆସିବାର ନାହିଁ କି ଲାଞ୍ଛିତ ହେବାର ନାହିଁ । ଚୁକ୍ତି ଅନୁସାରେ ସୋମବାର ସକାଳ ଯାଏ ନ ରହି ରବିବାର ଦିନ ଅପରାହ୍ଣରେ ସେ ଚାଲିଗଲେ । ମନେ ମନେ କେବଳ କହିଲେ, ଏଇଟା ଥିଲା ଶେଷ ଆସିବା ଓ ଶେଷ ଯିବା ।

ସୋମବାର ଦିନ ଅଫିସ୍‌ରେ ପହଞ୍ଚି ଦେଖିଲେ ତାଙ୍କର ଏକମାସ ପାଇଁ ଟ୍ରେନିଂ ପଡ଼ିଛି ଲକ୍ଷ୍ମୌରେ । ମନେ ମନେ ଖୁସି ହେଲେ ଯେ ଯାହାହେଉ ଶନିବାର ଦିନ ଯିବାର ଅଭ୍ୟାସଟା ଅନ୍ତତଃ ଏଇଠୁ ଭାଙ୍ଗିଯିବ, ଫେରିବା ପରେ ଶନିବାର ଦିନ ହେଲେ ମନ ଆଉ ବ୍ୟଗ୍ର ହେବନି ଉପେକ୍ଷାର ଅଗ୍ନିରେ ଦଗ୍ଧ ହେବାକୁ ।

ମାସାଧିକ କାଳ ଟ୍ରେନିଂ ପରେ ସିଧା ପହଞ୍ଚିଲେ ଅଫିସ୍‌ରେ । ଗଦା ହୋଇଥିବା ଫାଇଲ୍‌କୁ ଆଡ଼େଇବା ବେଳେ ଅଫିସ୍ ପିଅନଟି କହିଲା– ସାର୍, ଆପଣ ନ ଥିବା ସମୟରେ କିଏ ଜଣେ ସ୍ତ୍ରୀଲୋକ ଚାରିଥର ଫୋନ କରି ଆପଣ କୁଆଡ଼େ ଯାଇଛନ୍ତି ବୋଲି ପଚାରି ବୁଝୁଥିଲେ ।

କିଏ ଫୋନ କରିଥିଲେ ?

କିଏ ଖୋଜୁଛନ୍ତି ପଚାରିଲେ କିଛି କୁହନ୍ତି ନାହିଁ ।

କ'ଣ ପଚାରନ୍ତି ?

ପଚାରନ୍ତି ତମ ଅଫିସର କୁଆଡ଼େ ଯାଇଛନ୍ତି ? କେବେ ଫେରିବେ ଜାଣିଛ ?

ସୁବାସ ମନେ ମନେ ଚିନ୍ତା କଲେ କିଏ ହୋଇପାରନ୍ତି ସିଏ ? ସିଏ କ'ଣ ଶୈଳଜା ? ପୁଣି ଭାବନ୍ତି ଶୈଳଜା କାହିଁକି ବ୍ୟସ୍ତ ହୋଇ ଟେଲିଫୋନ କରିବେ ? ତାଙ୍କ ସ୍ମୃତି ତ ତାଙ୍କୁ କଣ୍ଟାପରି ଲାଗୁଥିବାରୁ ତାକୁ ସେ ଦୂରେଇ ଦେଇଛନ୍ତି । ହଉ ଯିଏ ଖୋଜୁଥିଲେ ଖୋଜନ୍ତୁ, ବଳେ ଦରକାର ଥିଲେ ପୁଣି ଫୋନ୍ କରିବେ ।

ମାସାଧିକ କାଳ ସେ ଦେଖି ନ ଥିଲେ ଶୈଳଜାଙ୍କୁ କିମ୍ବା ପୁଅକୁ । ସେଦିନ ଫେରିବା ବେଳର ରାଗ ଭିତରେ ଭିତରେ ପାଣିଚିଆ ହୋଇ ସାରିଥିଲା । ଇଚ୍ଛା ହେଉଥିଲା ଘରକୁ ଚାଲିଯିବା ପାଇଁ, ହେଲେ ଆଜି ମଙ୍ଗଳବାର । ଆଜି ଗଲେ ସର୍ତ୍ତ ଉଲଂଘନ ହେବ । ଅପେକ୍ଷା କଲେ ଶନିବାର ଆସିବା ଯାଏ ।

Digitized by PPRACHIN, SOA

ଶନିବାର ଦିନ ତାଙ୍କୁ ଭୀଷଣ ଜ୍ୱର । ହେଲେ ସେ ମନକୁ କାବୁ କରିପାରୁ ନ ଥିଲେ ଘରକୁ ନ ଯିବାପାଇଁ । ବାହାରିଲେ ଘରକୁ । ଘରେ ପହଞ୍ଚିଲାବେଳକୁ ଜ୍ୱରର ପ୍ରକୋପ ଏତେ ବଢ଼ି ଯାଇଥାଏ ଯେ ସେ ଛିଡ଼ା ହୋଇ ପାରୁ ନ ଥାନ୍ତି ଆଦୌ । ସବୁଥର ପରି ନିଜର ବ୍ୟାଗ୍‌ଟି ରଖିସାରି ସୋଫା ଉପରେ ବସିପଡ଼ିଲେ । ବସୁ ବସୁ ଜ୍ୱର ପ୍ରକୋପରେ ଅଚେତ ହୋଇପଡ଼ିଲେ ।

ଚା' ଦେବାକୁ ଆସି ଚାକରାଣୀଟି ଦେଖିଲା ବାବୁ ଅଚେତ୍ ହୋଇ ଶୋଇ ଯାଇଛନ୍ତି । ସେ ଯାଇ ଖବର ଦେଲା ଶୈଳଜାଙ୍କୁ । ଶୈଳଜା ଆସି ଦେଖିଲେ ଜ୍ୱରରେ ଖଇ ଫୁଟୁଛି ଦେହ, ସଂଗେ ସଂଗେ ମୁଣ୍ଡରେ ପାଣି ପଟି ଦେଇ ଡକାଇ ପଠାଇଲେ ଡାକ୍ତରଙ୍କୁ ।

ଡାକ୍ତର ଆସି ଔଷଧପତ୍ର ଦେଇ କହିଲେ– ଭୟର କିଛି କାରଣ ନାହିଁ । ଅତ୍ୟଧିକ ଜ୍ୱରରୁ ଚେତା ବୁଡ଼ିଯାଇଛି । ଏ ଔଷଧରେ ଘଣ୍ଟେ ଦୁଇ ଘଣ୍ଟା ଭିତରେ ନର୍ମାଲକୁ ଚାଲି ଆସିବେ । ଆଜି ରାତି ପାଇଁ ଆଉ କିଛି ସମସ୍ୟା ନାହିଁ, ଯଦି ଜ୍ୱର ନ କମେ ତେବେ କାଲି ହସ୍‌ପିଟାଲରେ ଆଡମିଶନ୍ କରିଦେବାକୁ ପଡ଼ିବ ।

ନିଜ ବିଛଣାରେ ସୁବାସଙ୍କୁ ଶୁଆଇ ଦେଇ ଘଣ୍ଟାକୁ ଘଣ୍ଟା ପାଣି ପଟି ଦେଉଥିଲେ ଶୈଳଜା । ପାହାନ୍ତା ପହର ବେଳକୁ ଜ୍ୱର କମିବା ସହ ଚେତା ଆସିଲା ସୁବାସଙ୍କର । ସେ ଦେଖିଲେ ସେ ଶୋଇ ଯାଇଛନ୍ତି ଶୈଳଜାଙ୍କ ବେଡ୍‌ରେ । ବେଡ୍ ପାଖରେ ଚେୟାରଟିରେ ବସି ଢୁଳାଇ ପଡ଼ିଛନ୍ତି ଶୈଳଜା । ଭାବିଲେ ହୁଏତ ସେ ଭୁଲରେ ଏ ବିଛଣାକୁ ଚାଲି ଆସିଛନ୍ତି ବୋଲି ଶୈଳଜା ନ ଶୋଇ ଚେୟାରରେ ବସି ଢୁଳାଉଛନ୍ତି । ତେଣୁ ତରବରରେ ଓହ୍ଲାଇ ପଡ଼ିଲେ ବିଛଣାରୁ ।

ତାଙ୍କର ଉଠିବା ଶବ୍ଦରେ ତନ୍ଦ୍ରା କଟିଗଲା ଶୈଳଜାଙ୍କର । ସୁବାସ ବିଛଣାରୁ ଉଠୁଥିବାର ଦେଖି ପଚାରିଲେ– କୁଆଡ଼େ ଉଠୁଛ ?

କ୍ଷମା ଯାଚନା କଲା ପରି ସୁବାସ କହିଲେ– ଜ୍ୱର ଯୋଗୁଁ ନ ଜାଣିପାରି ଭୁଲ୍‌ରେ ଏଠି ଶୋଇଯାଇ ତୁମକୁ ଅଯଥାରେ ଅନେକ କଷ୍ଟ ଦେଲି ।

କାଲି ଗୋଟିଏ ରାତିର କଷ୍ଟପାଇଁ ଏତେ ଚିନ୍ତା କରୁଛ ଅଥଚ ମାସାଧିକ କାଳ ବିନା ଖବରରେ ଟ୍ରେନିଂ ଚାଲିଗଲ, କାହିଁ ଥରଟିଏ ତ ଭାବିଲ ନାହିଁ କେତେ କଷ୍ଟ ହୋଇଥିବ ବୋଲି ?

ତା'ହେଲେ ମୋ ଅଫିସ୍‌କୁ ତମେ ଫୋନ କରିଥିଲ ? ମୋର ଅନୁପସ୍ଥିତ ଓ ଉପସ୍ଥିତ, ଆସିବା ଓ ନ ଆସିବା ତ ତମପାଇଁ ଏକା କଥା, ତେଣୁ ଖବର ଦେଇ କ'ଣ କହିଥାଆନ୍ତି ଭାବି ଖବର ଦେଲି ନାହିଁ ।

Digitized by PPRACHIN, SOA

ଶୈଳଜା କିଛି ନ କହି କେବଳ ଚାହିଁଥିଲେ ସୁବାସଙ୍କୁ । ସୁବାସ ଧୀରେ ଧୀରେ ଉଠି ବେସିନ୍ ପାଖକୁ ଯାଇ ମୁହଁ ଧୋଇଲେ, ୱାଡ଼ରୋବ୍‌ରୁ ତାଙ୍କର ପ୍ୟାଣ୍ଟ ଶାର୍ଟ ବାହାର କରି ପିନ୍ଧିଲେ ।

କୁଆଡ଼େ ବାହାରି ପଡ଼ିଲ ?

ଆମ ସର୍ତ୍ତ ଅନୁସାରେ ଆଜି ମୋର ଫେରିଯିବାର ଦିନ ।

ସର୍ତ୍ତ ପାଳିବାରେ ଯେତିକି ସତ୍ୟନିଷ୍ଠତା ଦେଖାଉଛ ଯଦି ସେତିକି ସତ୍ୟନିଷ୍ଠତା ସଂପର୍କ ପ୍ରତି ଦେଖାଇଥାଆନ୍ତ ତେବେ...

ସେହି ଗୋଟିଏ ପ୍ରଶ୍ନର ଉତ୍ତର ମୁଁ ଆଉ କେତେଥର ଦେବି ?

ଶୈଳଜା ମନେ ମନେ ଭାବୁଥିଲେ ଢେର ପ୍ରାୟଶ୍ଚିତ୍ତ କଲେଣି ସୁବାସ । ଆଉ ଅଧିକ ନୁହଁ । ମାତ୍ର ନିଜ ଅହଂରୁ ମୁକୁଳି କିପରି ଅନ୍ତରଙ୍ଗ ହୋଇପାରିବେ ଜାଣିପାରୁ ନ ଥିଲେ ।

ସୁବାସ କହିଲେ କାଲି ଜ୍ୱର ଯୋଗୁଁ ପୁଅ ସହ ଟିକେ ଗେଲ ହୋଇପାରିନି, ତାକୁ ଟିକେ ଉଠାଇ ଦେବ ?

ପୁଅ ଉଠିବ, ତମେ ବି ରହିବ । ତମର ଜ୍ୱର ସଂପୂର୍ଣ୍ଣ ଭଲ ହୋଇନି, ଯିବ କ'ଣ ? ଏ କଥା କହୁ କହୁ ଶୈଳଜା ଖୋଲିଲେ ସୁବାସଙ୍କର ଶାର୍ଟର ବଟନ୍ । ଦେହରେ ହାତ ମାରି କହିଲେ ଜ୍ୱର ଏଯାଏଁ ଛାଡ଼ିନି ।

ଏଥିରେ ଆମର ସର୍ତ୍ତ ଉଲଂଘନ ହେବ ?

ଓହୋ– ଖାଲି ସର୍ତ୍ତ ସ୍ମରଣ ଅଛି, ପତ୍ନୀ ପାଇଁ କିଛି କର୍ତ୍ତବ୍ୟ ସ୍ମରଣ ନାହିଁ ।

ହେଲେ ମୁଁ ତ ତୃତୀୟ ପୁରୁଷ ?

ଚାହିଁଲେ ପ୍ରଥମ ପୁରୁଷ ହୋଇପାରିବ, କ'ଣ ବିଶ୍ୱାସ ନାହିଁ ? ଧୀରେ କରି ବିଛଣା ଉପରକୁ ଆଣି ଶୁଆଇ ଦେଲେ ସୁବାସଙ୍କୁ । କପାଳ ଉପରେ ଚୁମାଟିଏ ଦେଇ କହିଲେ– ସବୁ ଦୋଷ ମାଫ୍ ।

ଝରକା ଦେଇ ପଡୁଥିଲା ଉଦୟ ସୂର୍ଯ୍ୟର ଅରୁଣିମା । ସୂର୍ଯ୍ୟଙ୍କୁ ଚାହିଁ ଶୈଳଜା କହିଲେ– ଏ ସୂର୍ଯ୍ୟ ଯେମିତି ଭୁଲିଯାଇଛି ଗତକାଲିକୁ, ଆଜିର ବାର୍ତ୍ତା ନେଇ ଆସିଛି; ଆମେ ସେମିତି ଭୁଲିଯିବା ଅତୀତକୁ, ଆଜିଠୁ ଆରମ୍ଭ କରିବା ଏକ ନୂଆ ଜୀବନ ।

ସୁବାସ ଶୈଳଜାଙ୍କୁ ଭିଡ଼ି ଧରି କହିଲେ– ବାସ୍, ଏଇଠୁ ଆରମ୍ଭ, ଏଇଠୁ ଆରମ୍ଭ ଜୀବନ ।

■ ■

Digitized by PPRACHIN, SOA

ଶୂନ୍ୟ କାନ୍‌ଭାସ୍‌ର ଶିଳ୍ପୀ

ଗୋଟିଏ ଅଜବ ନିଶା ମୋତେ କେବଳ ଆଚ୍ଛନ୍ନ କରି ରଖି ନ ଥିଲା, ଉନ୍ମାଦ ବି କରୁଥିଲା ଭିତରେ ଭିତରେ। ମୁଁ ଶିଳ୍ପୀ ହେବି। ଯାହାତାହା ଶିଳ୍ପୀ ନୁହଁ, ପିକାସୋ, ଦା'ଭିନ୍‌ସ କିମ୍ବା ଏମ୍.ଏଫ୍. ହୁସେନ୍‌ଙ୍କ ପରି। ଅର୍ଥ ସହ ଆସିବ ଖ୍ୟାତି। ମୋ ଚିତ୍ରର ହେବ ପ୍ରଦର୍ଶନୀ। ଦେଶବିଦେଶରେ ପ୍ରଚାର ଓ ପ୍ରସାର। ଧାଡ଼ି ଲାଗିଥିବ ବଡ଼ ବଡ଼ ଶିଳ୍ପପତି, ଧନୀ ବ୍ୟବସାୟୀ, ଚିତ୍ରତାରକା, କ୍ରିକେଟ୍ ତାରକାମାନଙ୍କର, ମୋ' ପେଣ୍ଟିଂ କିଣି ସଜାଇବାକୁ ଡ୍ରଇଂରୁମ୍। ଗୋଟିଏ ଗୋଟିଏ ପେଣ୍ଟିଂର ଦାମ୍‌ରେ ଆଖି ଖୋସିହୋଇ ପଡୁଥିବ ସାଧାରଣ ଲୋକଙ୍କର। ଅନେକତ୍ର ଚିନ୍ତା କରୁଥିବେ, ତାଙ୍କର ସାରା ଜୀବନର ସଂଚୟ ବି ଯଥେଷ୍ଟ ନୁହଁ, ମୋର ଏକ ପେଣ୍ଟିଂ କିଣିବା ପାଇଁ।

ପରମୁହୂର୍ତ୍ତରେ ଭାଙ୍ଗିଯାଉଥିବ ମୋର ନିଶା, ହଜିଯାଉଥିବ ମୋର ଉନ୍ମାଦପଣ। ମୁଁ ଭାବେ, ପେଣ୍ଟିଂ କ'ଣ, ତାହା ଆଦୌ ଜାଣି ନ ଥିବା ଗାଆଁ ଲୋକେ ମୋର ଚିତ୍ରକୁ ଦେଖି ଭାବୁଛନ୍ତି, ମୋ' ହାତରେ ଐଶ୍ୱରିକ କଳା ଅଛି ବୋଲି, ମାନୁଛି ଥାଇବି ପାରେ। ହେଲେ ମଣିଷର ଅବିକଳ ଛବିଟିଏ, କିମ୍ବା ଗଛ, ଲତା, ଫୁଲ ଓ ପ୍ରକୃତିର କୌଣସି ବସ୍ତୁର ଚିତ୍ରଟିଏ ଆଙ୍କିଦେଲେ କ'ଣ ଜଣେ ଶିଳ୍ପୀ ହୋଇଯିବ ? ମୁଁ ଯେଉଁସବୁ ପ୍ରସିଦ୍ଧ ଚିତ୍ରଶିଳ୍ପୀଙ୍କର ଚିତ୍ର ଦେଖିଛି, କାହିଁକି କେଉଁଠି ତ ପାଉନି ଅବିକଳ ଗୋଟେ ବସ୍ତୁର ଚିତ୍ର। ଅନେକ ଚିତ୍ରର ଅଗ ମୂଳ ତ ମୁଁ କିଛି ବୁଝିପାରେନା। ମାତ୍ର ଶୁଣେ, ସେ ଚିତ୍ରର ବିଶ୍ୱବ୍ୟାପୀ ପ୍ରଶଂସା ରହିଛି ଏବଂ ତାହା ନିଲାମ ହୋଇଛି କେତେ ଲକ୍ଷ ଡଲାରରେ। ଏପରିକି 'ମୋନାଲିସା' ପେଣ୍ଟିଂ ଦେଖିସାରିବା ପରେ ମୁଁ କୌଣସି ବିଶେଷତ୍ୱ ଲକ୍ଷ୍ୟ କରିପାରିଲି ନାହିଁ ଚିତ୍ରଟିରେ। ଯେଉଁ ହସ ପାଇଁ ଚିତ୍ରଟି ବିଶ୍ୱବିଖ୍ୟାତ, ତାହା ମୋତେ ଲାଗିଲା ରକ୍ତଶୂନ୍ୟତା କିମ୍ବା ଅପାସୋରା ବୈଧବ୍ୟ ଯନ୍ତଣାର ହସ ପରି। ମନର କଥା ମନରେ ରଖେ ସିନା, କାଳେ ପେଣ୍ଟିଂକୁ ଦେଖିବା ସମ୍ବନ୍ଧୀୟ ମୋର ଅଜ୍ଞାନତା ଧରାପଡ଼ିଯିବ, ସେଇ ଭୟରେ କିଛି କହିପାରେନା, ଭାବେ ମୋର ସୀମିତ ଜ୍ଞାନ ନେଇ ଏତେ ବଡ଼ ବଡ଼ ଶିଳ୍ପୀ ଓ ସର୍ବଜନଆଦୃତ ପେଣ୍ଟିଂକୁ ମୁଁ କେମିତି ଖରାପ କହିବି।

Digitized by PPRACHIN, SOA

ମନର କଥା ମନରେ ରଖି ଭାବେ, ଯଦି ଲୋକେ ମୋ ଭିତରେ ଥିବା ପ୍ରତିଭାକୁ ଈଶ୍ୱରଦତ୍ତ ବୋଲି ଭାବୁଛନ୍ତି, ତେବେ ମୁଁ ଏହାକୁ ମୋର ବ୍ରତ ଓ ବୃତ୍ତି କଲେ କ୍ଷତି କ'ଣ ? ମାତ୍ର ଏହାକୁ କିପରି ବ୍ରତ ଓ ବୃତ୍ତି କରାଯାଇପାରିବ, ସେ ବୁଦ୍ଧିବାଟ ମୁଁ ପାଇପାରୁ ନ ଥାଏ। କେବଳ ଗୋଟେ ଆତ୍ମମନସ୍କତାର ପାଗଳପଣ ବଢ଼ିଚାଲୁଥାଏ ମୋ ଭିତରେ। ମୋର ଏ ଅବସ୍ଥା ଦେଖି ମୋର ଜଣେ ବାଲ୍ୟବନ୍ଧୁ, ଯିଏ ସହରରେ ରହି ପାଠ ପଢୁଥିଲା, କହିଲା– ଆଜିକାଲି ଚିତ୍ରକଳାକୁ ବୃତ୍ତି କଲେ ଖୁବ୍ ଭଲରେ ବଂଚିହେବ। ମାତ୍ର ଗାଆଁରେ ତା'ର କୌଣସି ଚାହିଦା ନାହିଁ। ତୁ ପଳା ସହରକୁ। ସେଠି ଏହାର ଖୁବ୍ ଚାହିଦା ଅଛି। ଯଦି ତୋ' ପ୍ରତିଭା କୌଣସି ପ୍ରକାରେ ଥରେ ଲୋକଲୋଚନକୁ ଆସିପାରିଲା, ତା'ପରେ ତୋତେ ଆଉ ପଛକୁ ଫେରି ଚାହିଁବାକୁ ପଡ଼ିବନି। ଥରେ ନାଆଁ ହୋଇଗଲେ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ, ଉଭୟେ ହାତ ଧରାଧରି ହୋଇ ତୋ' ପାଖକୁ ଆସିବେ। ତୁ ପଳା ସହରକୁ– ସଂଘର୍ଷ କର ଭାଗ୍ୟ ସହ। ଖୋଜି ନେ ଜଣେ ଗୁରୁ, ଯିଏ ତୋତେ ଏ ଦିଗରେ ମାର୍ଗଦର୍ଶନ ଦେଉ, ବାଟ କଢ଼ାଇନେବେ ଆଗକୁ, କିଛି ନ ହେଲେ, ତୁ ଯଦି ସହରରେ ରହି କମର୍ସିଆଲ ଆର୍ଟ୍ କରୁ, ତେବେ ତୋତେ ଟଙ୍କାର ଅଭାବ ହେବ ନାହିଁ।

ବନ୍ଧୁର କଥା ମାନି ହାତରେ ସାମାନ୍ୟ ଚଳିବା ଭଳି ଅର୍ଥ ଧରି ମୁଁ ଚାଲିଆସିଲି ସହରକୁ। ଗୋଟେ ଝୁଙ୍କ୍‌ରେ ଚାଲିଆସିଲି ସିନା, ରହିବି କେଉଁଠି ? ଖୋଜି ଚାଲିଥିଲି ସହର ସାରା ସ୍ୱଳ୍ପ ଭଡ଼ାରେ ଘରଟିଏ। ଘର ଯେ ନ ଥିଲା, ସେକଥା ନୁହେଁ, ମାତ୍ର ବେକାରି ଓ ବିନା ପରିବାରର ଅବିବାହିତ ଯୁବକକୁ କେହି ଘର ଦେବାକୁ ରାଜି ନ ଥିଲେ। ଚା' ଦୋକାନୀ, ପାନଦୋକାନୀଙ୍କଠାରୁ ଆରମ୍ଭ କରି ଘରଭଡ଼ା ଯୋଗାଡ଼ କରୁଥିବା ଦଲାଲ ଯାଏଁ, ସମସ୍ତଙ୍କୁ ନେହୁରା ହେଉଥିଲି ମୋ ପାଇଁ ଭଡ଼ାଘରଟିଏ ଖୋଜି ଦେବାକୁ। ହେଲେ, ଘରଭଡ଼ା ନେବାର ମୋ' ସାମର୍ଥ୍ୟକୁ ତଉଲି ଏ ବିଷୟରେ କେହି ଆଗଭର ହେଉ ନଥିଲେ। ଶେଷରେ ଜଣେ ଦଲାଲ ମୋତେ କହିଲା– ତମେ ଚାକିରିବାକିରି ତ କରୁନ, ଭଡ଼ା ଘର ଖୋଜୁଛ କ'ଣ ? ଯାଉନ ଚୌଧୁରୀ ବୁଢ଼ା ପାଖକୁ ? ତା'ର ତ କାହିଁରେ କେତେ ଘର ଫାଙ୍କା ପଡ଼ିଛି, ଟିକିଏ ନେହୁରା ହୋଇପଡ଼ିଲେ ଦେଇ ଦେବ ଘରଟିଏ ରହିବାପାଇଁ, ବୁଢ଼ାକୁ ତୁମ ଭଳି ବେକାର ସାଥୀଟିଏ ମଧ୍ୟ ମିଳିଯିବ।

ଚୌଧୁରୀ... କେଉଁ ଚୌଧୁରୀ ?

ଆରେ ତାଙ୍କର ପୁରା ନାଆଁ ଜାଣିବା ଦରକାର ନାହିଁ, ରାୟ ଚୌଧୁରୀ ଘର ପଚାରିଲେ ସମସ୍ତେ କହିଦେବେ।

Digitized by PPRACHIN, SOA

ଅବଶ୍ୟ ମୁଁ ସେତେବେଳେ ଜାଣିପାରି ନ ଥିଲି ଦଲାଲ୍‌ଟି ଥଟ୍ଟାରେ ମୋତେ ଏସବୁ କଥା କହୁଛି ବୋଲି । ତା' କଥାକୁ ସତ ମଣି ମୁଁ ଖୋଜି ଖୋଜି ପହଞ୍ଚିଗଲି ରାୟଚୌଧୁରୀଙ୍କ ଘର ପାଖରେ । ଗେଟ୍ ପାଖରେ ପହଞ୍ଚି ମୁଁ ଭ୍ରମରେ ପଡ଼ିଗଲି, ଏଠିକୁ କୁଆଡ଼େ ଆସିଛି ବୋଲି ! ଇଏ ତ ଘର ନୁହଁ, ରାଜନଅର । ଏଠି ମୋର ସ୍ଥାନ କେଉଁଠି ? ଗେଟ୍ ଆଗରେ ଛିଡ଼ା ହୋଇ ଏପଟସେପଟ ଚାହିଁଲି, କାଳେ କିଏ ଦେଖା ହୋଇଗଲେ ପଚାରିବି, ଏଠି ଭଡ଼ା ଘର ମିଳିବ କି । ମାତ୍ର କେହି କୁଆଡ଼େ ଦେଖାଯାଉ ନ ଥିଲେ । ସାହସ କରିପାରୁ ନ ଥାଏ ଗେଟ୍‌ରେ ହାତମାରି ଶବ୍ଦ କରିବାକୁ । କିଛି ସମୟ ଠିଆ ହେବା ପରେ ଶେଷରେ ସାହସ କରି ଗେଟ୍ ଦେହରେ ହାତ ମାରିଛି କି ନାହିଁ ଭିତରୁ ଗର୍ଜିଉଠିଲା ଆଲ୍‌ସେସିଆନ୍ କୁକୁରଟାଏ । ଧାଇଁଆସିଲା ଗେଟ୍ ପାଖକୁ । ତା' ପଛରେ 'ଜ୍ୟାକ୍-ଜ୍ୟାକ୍' ଡ଼ାକି ଡାକି ଜଣେ ବୃଦ୍ଧ ଗେଟ୍ ପର୍ଯ୍ୟନ୍ତ ଚାଲିଆସିଲେ ।

ଗେଟ୍ ବାହାରେ ମୋତେ ଠିଆ ହୋଇଥିବାର ଦେଖି ପ୍ରଶ୍ନ କଲେ– କାହାକୁ ଖୋଜୁଛ ?

ମୁଁ ତାଙ୍କ ପ୍ରଶ୍ନରେ ହଡ଼ବଡ଼େଇ ଯାଇ କହିଲି– କାହାକୁ ଖୋଜୁନି, ରହିବା ପାଇଁ ଭଡ଼ାଘରଟିଏ ଖୋଜୁଛି ।

ଭଡ଼ାଘର ଖୋଜିବା ସକାଶେ ଏଠିକୁ କାହିଁକି ଆସୁଛ ?

ହଁ, ଏ ଘର ଦେଖିବା ପରେ ଲାଗୁଛି ମୋତେ ଯିଏ ଏଠିକା ଠିକଣା ଦେଲେ, ସିଏ ବୋଧେ ମୋ ଅବସ୍ଥାକୁ ଉପହାସ କରିବାପାଇଁ ଏପରି କରିଛନ୍ତି ।

କ'ଣ କରୁଛ ତମେ ?

କିଛି କରୁନି ଆଜ୍ଞା, କିଛି କରିବାର ସ୍ୱପ୍ନ ନେଇ ଗାଆଁରୁ ଚାଲିଆସିଛି ଯେ ଏଠି ମୁଣ୍ଡ ଗୁଞ୍ଜିବାକୁ ଜାଗା ଖଣ୍ଡେ ପାଉନି ।

ଇତିମଧ୍ୟରେ ବୃଦ୍ଧଜଣକ ତାଙ୍କ କୁକୁରର ବେଲ୍‌ଟଟିକୁ ଧରି ଗେଟ୍ ଖୋଲିସାରିଥିଲେ । ମୋତେ ଗୋଡ଼ରୁ ମୁଣ୍ଡଯାଏଁ ଥରେ ଚାହିଁ ପଚାରିଲେ, କେଉଁ ସ୍ୱପ୍ନକୁ ସାକାର କରିବାକୁ ତମେ ଗାଆଁ ଛାଡ଼ି ସହରକୁ ଚାଲିଆସିଛ ?

ମୁଁ ଜଣେ ଶିଳ୍ପୀ, ଚିତ୍ର ଆଙ୍କେ । ଶୁଣିଲି, ସହରରେ ଏହାର ଡିମାଣ୍ଡ ଅଛି, ସେହି ଭରସାରେ ଚାଲିଆସିଛି ।

ତମେ ଶିଳ୍ପୀ ! ଚିତ୍ର ଆଙ୍କ । ତମେ ବି ସେହି ପାଗଳାମିର ଶିକାର ।

ପାଗଳାମି ନୁହଁ ଆଜ୍ଞା, ମୁଁ ଏହାକୁ ମୋ' ଜୀବନର ଲକ୍ଷ୍ୟ ବୋଲି ଧରିନେଇଛି ।

Digitized by PPRACHIN, SOA

ହୁଃ– ଲକ୍ଷ୍ୟ ! ଇଏ ସବୁ ଅଳସୁଆ ଲୋକଙ୍କ ପାଗଳାମି। ସେ ଏତେ ଘୃଣାରେ ହୁଁ କହିଲେ ଯେ ମୁଁ ଭାବିଲି, ଧଡ଼ାସ୍ କରି ଗେଟ୍ ବନ୍ଦକରି ଦେଇ ମୋତେ କହିବେ, ଗେଟ୍ ଆଉଟ୍। ମାତ୍ର ସେମିତି ନ କରି କହିଲେ, ତମକୁ ଦେଖି ମୋର ଦୟା ଆସୁଛି। ମୁଣ୍ଡ ଗୁଞ୍ଜିବାକୁ ଚାହୁଁଛ ତ, ଆସ ଭିତରକୁ। ବଞ୍ଚିବାକୁ ଏବଂ ବଞ୍ଚିବାର ସ୍ୱପ୍ନ ଦେଖିବାକୁ ବହୁ ରାସ୍ତା ଅଛି, ଶିଳ୍ପୀ ହେବାର ସ୍ୱପ୍ନ ଛାଡ଼ି ଅନ୍ୟ ମାର୍ଗ ଦେଖ।

ଏତକ କହିସାରି ସେ ଚାଲିଲେ ଆଗେ ଆଗେ। ମୁଁ ତାଙ୍କୁ ଅନୁସରଣ କରି ଚାଲିଲି ପଛେ ପଛେ।

ବୈଠକଖାନାରେ ପହଞ୍ଚି ସେ ଖୁବ୍ ଦୃଢ଼ ଓ ଗମ୍ଭୀର ଗଳାରେ ଡାକିଲେ, ଜଗୁ– ଜଗୁ।

ମାତ୍ର ସେ ଡାକ ଶୁଣି କେହି ଆସୁ ନ ଥିଲେ। କିଛି ସମୟ ପରେ ସ୍ୱଗତୋକ୍ତି କଲାପରି କହିଲେ– ତାକୁ ତ ବଜାରକୁ ପଠାଇଛି, ଏଠି ଡାକ ଛାଡ଼ିଲେ କ'ଣ ହେବ, ମୋ ଆଡ଼କୁ ଚାହିଁ କହିଲେ– ହଉ ତମର ଜିନିଷପତ୍ର ଏଇଠି ରଖି ବସ – ଜଗୁ ଆସିଲେ ତମେ ରହିବାର ବ୍ୟବସ୍ଥା କରିଦେବ।

ମୁଁ ମୋ'ର ଜିନିଷପତ୍ର ରଖିସାରି ବିସ୍ମୟ ହୋଇ ଦେଖୁଥିଲି ବୈଠକଖାନାଟିକୁ। ଶିଶୁ ଓ ମେହଗାନୀ କାଠରେ ସବୁ ଫର୍ଣ୍ଣିଚର। ଗଠନ କଳାରେ ଫୁଟିଉଠିଥିଲା, ପ୍ରାଚୀନତା ସହ ଆଭିଜାତ୍ୟ, ତା'ର ହେପାଜତ୍ ମଧ୍ୟ ଏପରି ହେଉଥିଲା ସବୁ ଫର୍ଣ୍ଣିଚର ଦର୍ପଣ ପରି ଚକ୍‌ଚକ୍ କରୁଥିଲେ। କାନ୍ଥରେ କିଛି ତୈଳଚିତ୍ର ସହ ଟଙ୍ଗାଯାଇଥିଲା କ୍ୟାମେରାରେ ଉଠାଯାଇଥିବା କିଛି ବ୍ଲାକ୍ ଏଣ୍ଡ ହ୍ୱାଇଟ୍ ଫଟୋଗ୍ରାଫ୍। ଫଟୋଗ୍ରାଫ୍‌ଗୁଡ଼ିକ ଯେତିକି ଆକର୍ଷଣୀୟ ଥିଲା, ତା'ଠାରୁ ଅଧିକ ଆକର୍ଷଣୀୟ ଥିଲା ଶିଶୁକାଠର କୁଟିକମ୍ କରା ଫ୍ରେମ୍‌ଗୁଡ଼ିକ। ମୁଁ ବିସ୍ମୟ ସହକାରେ ସେଗୁଡ଼ିକ ଦେଖୁଥିବା କଥା ଲକ୍ଷ୍ୟ କରି ସେ ମୋତେ କହିଲେ– ଏଠି ଆମ ପରିବାରର ଦୁଇଟି ପିଢ଼ିର ଫଟୋ ରହିଛି। ଗୋଟିଏ ପିଢ଼ି ଅତୀତ ଓ ଗୋଟେ ପିଢ଼ି ବର୍ତ୍ତମାନ। ମାତ୍ର ବର୍ତ୍ତମାନ ପିଢ଼ିର ମୋତେ ଛାଡ଼ି କେହି ବି ଜଣେ ରହୁ ନାହାନ୍ତି ଏଠି।

ହେଇ ଦେଖ, ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଡିଗ୍ରୀ ଧରି ଯେଉଁ ଫଟୋଟି, ତାହା ମୋ' ବଡ଼ ପୁଅର। ସେ ଏବେ ଆମେରିକାର ସ୍ଥାୟୀ ବାସିନ୍ଦା। ପୂର୍ବରୁ ପ୍ରତିବର୍ଷ ଥରେ ଆସୁଥିଲା। ହେଲେ, ବିଗତ ଦଶବର୍ଷ ହେଲା ଆସି ନାହିଁ। ବୋଧହୁଏ ତା'ମାଆ ବଞ୍ଚିଥିଲା ବୋଲି ଆସୁଥିଲା, ତା'ମାଆ ଚାଲିଗଲା ପରେ ଆଉ ଆସିବାର ଆବଶ୍ୟକତା ଉପଲବ୍ଧି କରି ନାହିଁ। ଏପଟ କାନ୍ଥରେ ଦେଖ ତା'ମାଆକୁ। ଯେହେତୁ ସେ ଅତୀତ, ଏପଟ କାନ୍ଥରେ ଅଛନ୍ତି। ମଝିରେ ଯେଉଁ ଫଟୋଟି, ତାହା ମୋ ମଝିଆଁ ପୁଅର। ସେ

Digitized by PPRACHIN, SOA

ନାସାର ବୈଜ୍ଞାନିକ। ବିଦେଶୀ ମେମ୍‌କୁ ବାହାହୋଇ ସେ ବି ଏନ୍.ଆର.ଆଇ.। ସିଏ ବି ତା' ବିବାହ ପରଠାରୁ ଆସି ନାହିଁ। ଏବେ ସେ ମୋତେ କିମ୍ବା ମୁଁ ତାକୁ ଦେଖିଲେ ଚିହ୍ନିପାରିବୁ କି ନା ସନ୍ଦେହ। ଶେଷରେ ଯେଉଁ ଫଟୋଟି ଟଙ୍ଗାଯାଇଛି, ସେ ହିଁ ମୋର ଅସଲ ଦୁଃଖ। ଚୀନ୍‌ର ଦୁଃଖ ହୋୟାଙ୍ଗ ହୋ ପରି, ସେ ମୋ' ଜୀବନର ଦୁଃଖ। ଭାବିଥିଲି ସେ ମୋ ପାଖରେ ରହି ଏ ସମସ୍ତ ସମ୍ପତ୍ତିର ହେପାଜତ୍ କରିବ। ମାତ୍ର ସେ ଏକ ଅଜବ ଖିଆଲର ଶିକାର ହେଲା। ଖିଆଲ ତ ନୁହଁ, ପାଗଳାମି। ଆରେ ହଁ ହଁ, ତମେ କ'ଣ କର ବୋଲି କହୁଥିଲ ?

ଶିଳ୍ପୀ– ବିଚିତ୍ର ଆଙ୍କେ।

ହୁଃ– ଘରକୁ ଡାକିସାରିଲିଣି ଯେତେବେଳେ, ଏବେ ତମକୁ ବାହାରିଯିବାକୁ କହିପାରିବିନି। ମାତ୍ର ମୁଁ ଏ ଚିତ୍ରକଳାକୁ ଘୃଣା କରେ। ମୋର ଏଇ ପୁଅ ଶିଳ୍ପୀ– ଚିତ୍ର ଆଙ୍କେ। ସେଇ ଖିଆଲରେ ସେ ମୋ' ପାଖରେ ରହୁନି। ସହରଠାରୁ ଦୂରରେ ମୋର ଗୋଟେ ଫାର୍ମ ହାଉସ୍ ଅଛି, ସେଇଠି ରହୁଛି ସେ। ସମ୍ପୂର୍ଣ୍ଣ ଏକା। ବାହା ହେଲାନି କି ସଂସାର କଲାନି। ଚିତ୍ରକଳାରେ ସେ କ'ଣ ଗୋଟେ ସନ୍ଧାନରେ ଅଛି। ତାକୁ ନ ପାଇବାଯାଏ ପଣ କରିଛି, ବାହା ହେବନି ବୋଲି। ହେଲେ ମୁଁ ଜାଣେ, ସେ ଯାହା ଖୋଜୁଛି, ତାହା ପାଇପାରିବ ନାହିଁ କି ବିବାହ କରିବ ନାହିଁ। ଏଇ ଅଳ୍ପ ଦୂରରେ ରହୁଥିଲେ ମଧ୍ୟ ତା' ସହ ମୋର ସାକ୍ଷାତ୍ ନାହିଁ କହିଲେ ଚଳେ– କେବଳ ଘୃଣାରେ।

ତାଙ୍କର ନାଆଁ କ'ଣ ?

କ'ଣ ତାକୁ ସାକ୍ଷାତ୍ କରିବ ନା କ'ଣ ? ସେ ତ ଏବେ କାହାକୁ ସାକ୍ଷାତ୍ କରୁନି। ଆଗରୁ ବହୁ ପେଣ୍ଟିଂ କରୁଥିଲା, ତା'ର ନାଆଁ ବି ଥିଲା ଚିତ୍ରକଳାରେ। ହେଲେ ଏବେ ସେ କେବଳ ତୂଳିଟିଏ ଧରି ଗୋଟେ ଶୂନ୍ୟ କାନ୍‌ଭାସ୍ ଆଗରେ ବର୍ଷ ବର୍ଷ ହେଲାଣି ବସିଛି ବୋଲି ମୁଁ ଶୁଣୁଛି। କେଉଁ ଚିତ୍ର ଆଙ୍କିବାର ପ୍ରସ୍ତୁତି ପର୍ବରେ ସେ ଅଛି, ସେ ହିଁ କେବଳ ଜାଣେ।

ଇତ୍ୟବସରରେ ଜଗୁନାମକ ଭୃତ୍ୟଟି ତାଙ୍କର ଆସି ପହଞ୍ଚିଯାଇଥିଲା। ତାକୁ ମୋର ରହିବା ପାଇଁ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇ କହିଲେ, ତାଙ୍କ ପାଇଁ ମଧ୍ୟ ରୋଷାଇ କରିବୁ।

ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଦେଇଥିବାରୁ ମୁଁ ତାଙ୍କ ପାଖରେ ଏତେ କୃତଜ୍ଞ ଥିଲି ଯେ ଆଉ ମୋର ଖାଇବା ବୋଝ ତାଙ୍କ ଉପରେ ଦେବାପାଇଁ ଚାହୁଁ ନ ଥିଲି। ମୋ ପାଟିରୁ 'ନାଇଁ ଆଜ୍ଞା' ବାହାରିଛି କି ନାହିଁ, ସେ ଗର୍ଜନ କରି କହିଲେ ଏଠି କେବଳ ମୋର ହୁକୁମ ଚାଲେ। ମୋ ଘରେ ଅନ୍ୟ କାହାରି ଇଚ୍ଛା ଓ ଅନିଚ୍ଛାର କୌଣସି ମୂଲ୍ୟ ନାହିଁ। ସେଇଥିପାଇଁ ତ ଜଣକ ପରେ ଜଣେ ଏ ଘର ଛାଡ଼ି ଚାଲିଯାଇଛନ୍ତି। ହେଲେ, ମୁଁ ଭାଙ୍ଗିପଡ଼ିନି କି ମୋ' ଜିଦ୍‌ର

Digitized by PPRACHIN, SOA

ଓହରିଯାଇନି । ତେଣୁ ତମେ ଯଦି ରହିବାକୁ ଚାହୁଁଛ, ତେବେ ମୋ' ହୁକୁମ୍ ମାନି ଚଳିବ, ନଚେତ୍ ଅନ୍ୟ ରାସ୍ତା ଦେଖ ।

ଅଗତ୍ୟା ମୋ'ର ଆଉ କିଛି କହିବାର ନ ଥିଲା । ମୁଁ ମୁଣ୍ଡପୋତି ଠିଆ ହୋଇଥିବାବେଳେ ସେ ଜଗୁକୁ ନିର୍ଦ୍ଦେଶ ଦେଲେ ମୋର ରହିବା ପାଇଁ ଘର ଦେଖାଇଦେବାକୁ । ମୁଁ ଜଗୁ ପଛେ ପଛେ ଚାଲିଲି । ଜଗୁ ଗୋଟିଏ ପରେ ଗୋଟିଏ ରୁମ୍ ଅତିକ୍ରମ କରି ଶେଷରେ ଯେଉଁ ରୁମ୍‌ଟି ମୋ ପାଇଁ ଖୋଲିଲା, ତାକୁ ଖୋଲୁ ଖୋଲୁ କହିଲା, ଆଉ କେଉଁ ଅତିଥି ଆସୁଛନ୍ତି ଯେ ସଜ୍ଜା ହୋଇ ରହିଥିବ ରୁମ୍‌ଟା ! ଆପଣ ରୁହନ୍ତୁ ଏଠାରେ । ଆପଣ ବି ତ ଅତିଥି ନା !

ମୁଣ୍ଡ ଗୁଞ୍ଜିବାକୁ ଝୁମ୍ପୁଡ଼ି ଖୋଜୁଥିବାବେଳେ ଏ ରାଜମହଲର ଅତିଥିଶାଳା ! ମୁଁ କେବଳ ବିସ୍ମୟାଭିଭୂତ ହେଉଥିଲି । ଭାବୁଥିଲି, ଭାଗ୍ୟ ବୋଧେ କିଛି ନୂଆ କରିବାର ସୁଯୋଗ ଦେବ ।

ମୁଁ ରହିଗଲି ସିନା ରାଜକୀୟ କାଇଦାରେ, କିନ୍ତୁ ସାହସ କରିପାରୁ ନ ଥାଏ, ମୋର ରଙ୍ଗତୂଳି ବାହାର କରି ଚିତ୍ରକଳା ଉପରେ ଧ୍ୟାନ ଦେବା ପାଇଁ, ଚୌଧୁରୀ ସାହେବଙ୍କର ଚିତ୍ରକଳା ଉପରେ ଥିବା ପ୍ରଚଣ୍ଡ ଘୃଣା ମୋତେ ଏଥିରୁ ବିରତ କରୁଥାଏ । ଥରେ ବୁଲୁବୁଲୁ ଦେଖିଲି, ଗୋଟିଏ ରୁମ୍‌ର ଦ୍ୱାରଦେଶରେ ଲେଖାଯାଇଛି ତୂଳିଶାଳୀ, ଏ ଘରଟିରେ କ'ଣ ଅଛି ବୋଲି ମୁଁ ଜଗୁକୁ ପଚାରିଲି । ସେ କହିଲା, "ଏ ଘରଟିରେ ସାହେବଙ୍କ ଘୃଣା ଭର୍ତ୍ତି ହୋଇଛି ।"

"ମାନେ !"

"ଆମ ସାନ ସାହେବଙ୍କର ସମସ୍ତ ଚିତ୍ରକଳା ଭର୍ତ୍ତି ହୋଇଛି ଏ ଘର ଭିତରେ ।"

"ଏ ଘରର ଚାବି ଅଛି ତମ ପାଖରେ ?"

ଅଛି ଯେ ହେଲେ ସାହେବ ଥିବାବେଳେ ଏ ଘର ଖୋଲିଲେ ମହାବିପଦ । ସେ ବାହାରକୁ ବୁଲିଯାଇଥିବା ବେଳେ ମୁଁ ତାକୁ ଖୋଲି ଆପଣଙ୍କୁ ଦେଖାଇବି । ସାହେବ ଅପରାହ୍ଣରେ ଯେତେବେଳେ ବୁଲିଯାଇଥିବେ, ମୁଁ ଖୋଲିଦେବି ଏ ଘର ।

ମୁଁ ଅପେକ୍ଷା କରିଥାଏ ସେଦିନ ଅପରାହ୍ଣକୁ । ସାହେବ ବାହାରକୁ ବାହାରିଯିବା କ୍ଷଣି ମୁଁ ଯାଇ ହାଜର ହୋଇଗଲି ଜଗୁ ପାଖରେ । ଜଗୁ ମୋର ଉଦ୍ଦେଶ୍ୟ ଜାଣି ଆସି ଖୋଲିଦେଲା ଘରର ତାଲା । ଖୋଲୁ ଖୋଲୁ କହିଲା; "ଇଏ ସବୁ ଲୋକଙ୍କୁ ଦେଖାଇବା ଜିନିଷ । ତା' ନ କରି ଗୋଟେ ଅଜବ କ୍ରୋଧରେ ସାହେବ ଆମର ତାକୁ ବନ୍ଦ୍ କରି ରଖିଛନ୍ତି । ତାଙ୍କର

Digitized by PPRACHIN, SOA

ଉଦ୍ଦେଶ୍ୟ ଥିଲା, ଏମିତି ବାରଣ ଦ୍ୱାରା ପୁଅ ଛାଡ଼ିଦେବ ଚିତ୍ରକଳା, ଫେରିଆସିବ ଜମିଦାରିର ଦାୟିତ୍ୱ ନେବାପାଇଁ। ମାତ୍ର ଚିତ୍ରକଳା ଯାହାର ରକ୍ତରେ, ସିଏ କାହିଁକି ଏ ଜଞ୍ଜାଳ ଭିତରକୁ ପଶିଥାଆନ୍ତେ ଭଲା ! ସେ ଚିତ୍ରକଳା ତ ଛାଡ଼ିପାରିଲେନି ବରଂ ଛାଡ଼ିଦେଲେ ଘରକୁ। ରହିଲେ ଯାଇ ଫାର୍ମ ହାଉସ୍‌ରେ।"

ଖୁବ୍ ସୁନ୍ଦର ଭାବରେ ଫ୍ରେମିଙ୍ଗ୍ କରାଯାଇ ରଖାଯାଇଥିଲା ସମସ୍ତ ପେଣ୍ଟିଂକୁ। ପ୍ରତ୍ୟେକ ପେଣ୍ଟିଂ ଏକରୁ ଆରେକ ବଳି ସୁନ୍ଦର ଓ ଭାବଧର୍ମୀ ଥିଲେ। ମୁଁ ଚିତ୍ରଗୁଡ଼ିକୁ ନିରୀକ୍ଷଣ କରି ଦେଖିଲାବେଳେ ଶ୍ରଦ୍ଧା ଓ ଭକ୍ତିରେ ମୋ'ର ମୁଣ୍ଡ ନଇଁଯାଉଥିଲା ସେ ଶିଳ୍ପୀଙ୍କ ପାଇଁ। ମନେ ମନେ ନିଜକୁ ତୁଳନା କରୁଥିଲି, ଭାବିପାରୁ ନ ଥିଲି ତାଙ୍କ ତୁଳନାରେ ମୋ'ର ସ୍ଥାନ କେଉଁଠି। ମନେ ମନେ ଭାବିଲି, ମୁଁ ଯେଉଁ ଗୁରୁଙ୍କ ସନ୍ଧାନରେ ଘରୁ ଆସିଥିଲି, ଇଏ ନିଶ୍ଚୟ ସେହି ଗୁରୁ। ନଚେତ୍ ଏମିତି ସଂଯୋଗ କେମିତି ଘଟିଥାନ୍ତା ଓ ମୁଁ ଆସି ଏଠାରେ ପହଞ୍ଚିଥାଆନ୍ତି ! ତେଣୁ ଚିନ୍ତା କଲି ଯେ, ମୋ'ର ସ୍ଥାନ ଏଠି ନୁହଁ, ତାଙ୍କ ଫାର୍ମ ହାଉସ୍‌ରେ।

ଦିନେ ଯାଇ ପହଞ୍ଚିଗଲି ତାଙ୍କ ଫାର୍ମ ହାଉସ୍‌ରେ। ଫାର୍ମ ହାଉସ୍ କହିଲେ ବୁଝାଉଥିଲା ଗୋଟେ ଫଳବଗିଚା, ମାଛ ପୋଖରୀ, ଗୋରୁ ଗୁହାଳ ଇତ୍ୟାଦି। ମାତ୍ର ସେଥିରେ ଯେ ଚାଷ ଉପଯୋଗୀ ଜମି ନ ଥିଲା, ସେକଥା ନୁହଁ, ଚାଷ ଜମିତକ ଅଚଷା ଓ ଅରମା ହୋଇ ପଡ଼ିଥିଲା, ମାତ୍ର ସେ ଜମିର ହାବଭାବ କହୁଥିଲା ଯେ ସେଠାରେ ଏକଦା ପ୍ରଚୁର ଶସ୍ୟ ଅମଳ ହେଉଥିଲା। ମୁଁ ଫାର୍ମହାଉସ୍ ଦାୟିତ୍ୱରେ ଥିବା ପରିଚାରିକାଟିକୁ କହିଲି– "ମୋତେ ଜଗୁ ପଠାଇଛି, ସାନ ସାହେବଙ୍କୁ ଭେଟିବା ପାଇଁ।"

"ସାନ ସାହେବଙ୍କୁ ଭେଟିବେ ?" ମୋତେ ବିସ୍ମିତ ହୋଇ ଏ ପ୍ରଶ୍ନଟି ପଚାରି ଦେଇ କହିଲା, "ଜଗୁ ନ ଜାଣିଲା ପରି ପଠାଇଦେଲା କେମିତି ? କିଏ ଜାଣେ, ସେ ଭେଟିବାକୁ ଅନୁମତି ଦେବେ କି ନାହିଁ।"

"କାହିଁକି ?"

"କାହିଁକି କ'ଣ, କିଏ ଭେଟିବାକୁ ଆସିଲେ ତାଙ୍କର ଏକାଗ୍ରତା ଉପରେ ଆଞ୍ଚ ଆସିବ। ସେଥିପାଇଁ ସେ କାହାରିକୁ ଭେଟୁ ନାହାନ୍ତି। ଦେଖୁ ନାହାନ୍ତି, ଏଠାରୁ ଲୋକଙ୍କ ଗହଳିଚହଳି କମାଇ ଦେବାପାଇଁ କେମିତି ସୁନାଫଳୁଥିବା ଜମିର ଚାଷକୁ ବନ୍ଦ୍ କରିଦେଇଛନ୍ତି। ଜମିସବୁ କେମିତି ଅରମା ହୋଇ ପଡ଼ିଆ ପଡ଼ିଛି। ସେ କ'ଣ କରୁଛନ୍ତି ଯେ ତାଙ୍କର ଏକାଗ୍ରତା ଭଙ୍ଗ ହେବ, ତାହା ମୁଁ ଆଜିଯାଏ ବୁଝିପାରୁନି। ଗୋଟିଏ ଶୂନ୍ୟ କାନ୍‌ଭାସ୍ ଆଗରେ ତ କେବଳ ରାତିଦିନ ବସିଛନ୍ତି ତୂଳିଟିଏ ଧରି। କେଉଁ ଚିତ୍ର କରିବାର ଉପକ୍ରମ ସେ କରୁଛନ୍ତି, ସେ ନିଜେ ହିଁ କେବଳ ଜାଣନ୍ତି। କାନ୍‌ଭାସ୍‌ରେ କୌଣସି ଚିତ୍ର ଅଙ୍କା ହେଲେ ସିନା କିଏ

Digitized by PPRACHIN, SOA

ଜାଣନ୍ତା, କି ଚିତ୍ର ହେଉଛି। ଯାହା କୁହନ୍ତୁ ଆମ ବଡ଼ ସାହେବ ଠିକ୍ କଥା କହୁଛନ୍ତି– ଇଏ ଗୋଟାଏ ପାଗଳାପଣ। ଚିତ୍ର ଆଙ୍କିବା ନାଆଁରେ ଗୋଟେ କାନ୍‌ଭାସ୍ ଆଗରେ ରାତିଦିନ ବସି କ'ଣ ଶୂନ୍ୟର ଚିତ୍ର ଆଙ୍କୁଛ।

"କି ଅଜବ ଶିଳ୍ପୀ ଇଏ ବାବା! ସେଥିକୁ ଠିକ୍‌ଠାକ୍‌ରେ ଖିଆ ନାହିଁ କି ପିଆ ନାହିଁ, ରୋଷେଇ କରି ଖାଇବାକୁ ଦେବାରେ ଆମର ହେଳା ନାହିଁ। ରାନ୍ଧିବାଢ଼ି ସାରି ଖାଇବାକୁ ବସାଇବା ପର୍ଯ୍ୟନ୍ତ ଆମେ ସିନା କରିପାରିବୁ, ହେଲେ ତାଙ୍କ ପାଇଁ ତ ଆଉ ଖାଇପାରିବୁ ନାହିଁ। ମୁହଁରେ ପଦିଏ କଥା କହିବା ମନା– କେବଳ ଯାହା ଈସାରାରେ ଯଦି କେତେବେଳେ ମନକୁ ଆସିଛି, ଖାଇବେ ତ କେବଳ ଦେଇଥିବା ଭାତତକ ଖାଇଦେବେ, ସାଙ୍ଗରେ ଥିବା ତରକାରି ସେମିତି ଥୁଆ ହୋଇଥିବ। ଆଉ କେତେବେଳେ ତରକାରି କେବଳ ଖାଇବେ ଯେ ଦେଇଥିବା ଭାତ କି ରୁଟିରେ ହାତ ମାରିବେ ନାହିଁ। ବେଳେବେଳେ ତ ପଟେ ରୁଟି କି ପିଠାକୁ ହାତରେ ଧରି ସେମିତି ସେଇ କାନ୍‌ଭାସ୍ ଆଗରେ ବସିଥିବେ। ମୁଁ ଆଗରୁ ଜାଣିଥିଲି, ଶିଳ୍ପୀମାନେ ସ୍ୱପ୍ନଜଗତର ମଣିଷ, ସବୁବେଳେ କଳ୍ପନାବିଳାସରେ ରହନ୍ତି। ତାଙ୍କର ଚାଲିଚଳନ, ସାଧାରଣ ମଣିଷଙ୍କ ଅପେକ୍ଷା, ଟିକିଏ ଅସ୍ୱାଭାବିକ। ମାତ୍ର ଇଏ ଏତେ ଅସ୍ୱାଭାବିକ ସ୍ୱପ୍ନବିଳାସୀ ଯେ ତାଙ୍କର ହାବଭାବ କେବଳ ଅସାଧାରଣତଃ ନୁହେଁ, ଅଜବ ମଧ୍ୟ।"

"ଆଚ୍ଛା ସେ ଆଙ୍କିଥିବା ଚିତ୍ର ସବୁକୁ ତମେ ଦେଖିଛ ନା ?"

"ଦେଖିଛି ମାନେ, ସେ ସବୁକୁ ଯତ୍ନରେ ସାଇତି ରଖିବା ଦାୟିତ୍ୱ ତ ମୋ'ର ଥିଲା। ଉଆସର ଗୋଟେ ଘର ତ ଭର୍ତ୍ତି ହୋଇଛି ପେଣ୍ଟିଂରେ, ପୂର୍ବରୁ ବହୁଲୋକ ଆସି ତାଙ୍କର ଚିତ୍ରକୁ ଦେଖି ତାରିଫ କରୁଥିଲେ। ଦେଶବିଦେଶରୁ ବହୁ ବ୍ୟକ୍ତି ଆସି ତାଙ୍କର ଚିତ୍ର ଦେଖି କିଣିବା ପାଇଁ ପ୍ରଚୁର ଅର୍ଥ ମଧ୍ୟ ଯାଚିଛନ୍ତି। ମାତ୍ର ସାନ ସାହେବଙ୍କର ଏକା ଜିଦ୍, ସେ ତାଙ୍କର ପେଣ୍ଟିଂକୁ ବିକିବେ ନାହିଁ, ତାଙ୍କର ପ୍ରତ୍ୟେକ ପେଣ୍ଟିଂ ତାଙ୍କ ପାଇଁ ପୁତ୍ରକନ୍ୟା ସଦୃଶ। ସେମାନଙ୍କୁ ସେ ବିକିପାରିବେ କିପରି ! ତାଙ୍କର ଚିତ୍ରକଳାର ପ୍ରଦର୍ଶନୀ ପାଇଁ ବହୁ ପ୍ରସ୍ତାବ ଆସିଛି, ମାତ୍ର ସବୁଥର ସେ ତାକୁ ପ୍ରତ୍ୟାଖ୍ୟାନ କରି କହନ୍ତି, ପ୍ରଦର୍ଶନୀର ଅର୍ଥ ଆତ୍ମପ୍ରଚାର, ମୁଁ ଆତ୍ମପ୍ରଚାରର ଘୋର ବିରୋଧୀ। ତା'ଛଡ଼ା, ମୁଁ ଆଜିଯାଏ ଯାହା ଆଙ୍କିଛି, ସେଥିରେ କ'ଣ ମୁଁ ସନ୍ତୁଷ୍ଟ ହେଲିଣି କି ? ମୁଁ ଯେତେବେଳେ ସନ୍ତୁଷ୍ଟ ନୁହଁ, ତାକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପିତ କରି ସନ୍ତୁଷ୍ଟ କରିପାରିନି ସେମାନଙ୍କୁ ? ଏହା କ'ଣ ପ୍ରକାରାନ୍ତରେ ସାଧାରଣ ଚିତ୍ରପ୍ରେମୀମାନଙ୍କର ଆବେଗ ଓ ଶ୍ରଦ୍ଧାକୁ ପ୍ରତାରଣା କଲା ଭଳି ହେବ ନାହିଁ କି ? ମୁଁ ଅପେକ୍ଷା କରୁଛି ମୋର ଶ୍ରେଷ୍ଠତମ କୃତିକୁ, ଯେଉଁ ଦିନ ସେଇଟା ଅଙ୍କାସରିବ, ସେଦିନ ମୁଁ ମୋର ସମସ୍ତ ଚିତ୍ରକୁ ସର୍ବସାଧାରଣଙ୍କ ଆଗରେ ଉପସ୍ଥାପିତ କରିଦେବି।"

Digitized by PPRACHIN, SOA

ମୁଁ ମନେ ମନେ ଭାବିଲି, ଜଣେ ଶିଳ୍ପୀ କିପରି ଜାଣିବ ତା'ର ଶ୍ରେଷ୍ଠତମ କୃତିକୁ ? ଶ୍ରେଷ୍ଠତମର ଅପେକ୍ଷାରେ ତ ଗୋଟିଏ ପରେ ଗୋଟିଏ ଚିତ୍ର ଜନ୍ମ ନିଏ। ଚିତ୍ରଟିଏ ଆଙ୍କିସାରିବା ପରେ ଶ୍ରେଷ୍ଠତମର ସନ୍ତୁଷ୍ଟି ଆସେ ନାହିଁ ବୋଲି ତ ଶିଳ୍ପୀଟି ଆଙ୍କିବସେ ଆଉଏକ ଚିତ୍ର। କେବଳ ସନ୍ଧାନରେ ଥାଏ ଶ୍ରେଷ୍ଠତମର, କୌଣସି ଶିଳ୍ପୀର ଜୀବଦ୍ଦଶାରେ କ'ଣ ଆସିପାରିଛି ଶ୍ରେଷ୍ଠତମ କୃତିର ସନ୍ତୋଷ ! ଶ୍ରେଷ୍ଠତମର ଅନ୍ୱେଷାରେ ସେ ଯାହା ଆଙ୍କିଥାଏ, ତା'ର ମୃତ୍ୟୁ ପରେ ସେଥିରୁ କେଉଁ ଗୋଟାକୁ ମିଳେ ଶ୍ରେଷ୍ଠର ଆଖ୍ୟା, ସେକଥା ଜାଣିବା ବା ଶୁଣିବା ପାଇଁ ଶିଳ୍ପୀଟି ନ ଥାଏ। ଯଦି ଶିଳ୍ପୀଟି ଜାଣିପାରୁଥାଆନ୍ତା, ଏଇଟି ତା'ର ଶ୍ରେଷ୍ଠତମ କୃତି ବୋଲି ତେବେ ତା'ପରେ ତା'ର ଆଉ ଆଙ୍କିବାର ଆବଶ୍ୟକତା ରହନ୍ତା କି ?

ମନର ଭାବ ମନରେ ରଖି ପଚାରିଲି– "ଆଚ୍ଛା ସାନସାହେବ କ'ଣ ସବୁଦିନ ଏହିପରି ?"

"ନା ନା, ଆଗରୁ ଏପରି ନ ଥିଲେ। ପୂର୍ବରୁ ତ ସେ ବହୁତ ଖୁସି ମିଜାଜ୍‌ର ମଣିଷ ଥିଲେ। ଚିତ୍ରଟିଏ ସରିଗଲା ପରେ ଡାକ ଛାଡ଼ିବେ ବିଶୁ ବିଶୁ, ଆ', ଦେଖିବୁ ଆ'। ମୁଁ ଆସି ତାଙ୍କ ପାଖରେ ପହଞ୍ଚିବାବେଳକୁ ସେ ଖୁସିରେ ବଜାଉଥିବେ ଶୁଷୁରି। ମୋତେ ଆଙ୍କିଥିବା ଚିତ୍ରକୁ ଦେଖାଇ ପଚାରିବେ– କହ, କେମିତି ହୋଇଛି ? ମୁଁ ବା ସେ ଚିତ୍ରରୁ କ'ଣ ବୁଝିପାରିବି ! ଯେତେ ନିରିଖେଇ ଦେଖିଲେ ବି ବୁଝିପାରେନା ସେ ଚିତ୍ରର ବିନ୍ଦୁବିସର୍ଗ ! ସେ କ'ଣ କେଉଁ ଗୋଟାଏ ଜିନିଷର ଚିତ୍ର ହୋଇଛି ଯେ ଅବିକଳ ଦେଖାଯାଉଛି ବୋଲି ଭଲ କହିଦେବି ! କେବଳ କହେ– ସାନ ସାହେବ ଆଙ୍କିଛନ୍ତି, ଦୁନିଆ ସାରା ଭଲ କହୁଛନ୍ତି। ମୁଁ ବା କ'ଣ ଅଧିକ କହିବି।

"ସେଦିନ ସେ ଖୁବ୍ ହାଲ୍‌କା ଲାଗନ୍ତି। ମନ ପସନ୍ଦର ଖାଦ୍ୟ ଖାଇବା ପାଇଁ ବରାଦ କରନ୍ତି। ତାଙ୍କର ଏଇ ଉଲ୍ଲାସପଣ ରହେ କିଛିଦିନ ଧରି। ସେ ବୁଲନ୍ତି ଫାର୍ମ ହାଉସ୍ ସାରା, କଥା ହୁଅନ୍ତି ଗଛ, ପତ୍ର, ଆକାଶ ସହ। ଏହା ଲାଗି ରହିଥାଏ ଆଉ ଗୋଟେ ଚିତ୍ର ଆଙ୍କିବାର କାଳିଶି ନ ଲାଗିବାଯାଏ। ମାତ୍ର ଏବେ କେଉଁ ଗୋଟେ ଚିତ୍ରର କାଳିଶି ତାଙ୍କୁ ଲାଗିଛି ଯେ ମୁଁ ଜମା ଜାଣିପାରୁନି। ମାସମାସ, ବର୍ଷବର୍ଷ ଧରି ସେ ବସିଛନ୍ତି ଯେ ବସିଛନ୍ତି। କଥା ନାହିଁ କି ବାର୍ତ୍ତା ନାହିଁ, ଖିଆ ନାହିଁ, ପିଆ ନାହିଁ। ଲାଗୁଛି, ସେ ଯେମିତି ଏ ଜଗତରୁ ଉର୍ଦ୍ଧ୍ୱରେ ଅନ୍ୟ କେଉଁ ଜଗତରେ ଅଛନ୍ତି, ଯାହା ବି ହେଲା, କିଛି ଆଙ୍କୁଥାଆନ୍ତେ କି, ମୁଁ ଜାଣନ୍ତି ଆଜି ନ ହେଲା କାଲି, ମାସେ ନ ହେଲେ ବର୍ଷେ ପରେ ସରିବ। ହେଲେ, କେବଳ ଶୂନ୍ୟ କାନ୍‌ଭାସ୍ ଆଗରେ ଏମିତି ବର୍ଷବର୍ଷ ବସିଲେଣି ଯେ ମୋତେ ଲାଗୁଛି, ସେ ଚିରକାଳ ଏମିତି ବସିଥିବେ।"

Digitized by PPRACHIN, SOA

ବିଶ୍ବଠାରୁ ଏକଥା ଶୁଣିବା ପରେ ମୁଁ ଆଉ ଚାହିଁଲି ନାହିଁ ସିଧାସଳଖ ତାଙ୍କୁ ଭେଟିବାପାଇଁ। କେବଳ ଅନୁରୋଧ କଲି ମୋତେ ଫାର୍ମ ହାଉସ୍‌ରେ ରହିବାକୁ ଅନୁମତି ଦେଲେ ମୁଁ ଦୂରରୁ ଥାଇ ତାଙ୍କୁ କେବଳ ଅନୁଧ୍ୟାନ କରିବାର ସୁଯୋଗ ପାଇବି।

ବିଶ୍ବ ମୋତେ ପଚାରିଲେ– "ଆପଣ ବି କ'ଣ ଜଣେ ଚିତ୍ରଶିଳ୍ପୀ ?"

"ହଁ, ମୁଁ ଚିତ୍ର ଆଙ୍କେ ଯେ ହେଲେ, ସାନ ସାହେବଙ୍କ ପରି ଏତେ ପ୍ରତିଭାଧର ନୁହେଁ।"

"ହଉ ଠିକ୍ ଅଛି– ଆପଣ କ'ଣ ଅନୁଧ୍ୟାନ କରିବାର ଅଛି, କରନ୍ତୁ। ହେଲେ, ତାଙ୍କୁ ଡିଷ୍ଟର୍ବ କରିବେ ନାହିଁ।"

"ନା ନା, ତମେ ସେଥିପାଇଁ ନିଃସନ୍ଦେହରେ ରହିପାର।" ମୁଁ ଦୂରରୁ ଥାଇ ତାଙ୍କୁ ଅନୁଧ୍ୟାନ କରୁଥାଏ। ମାତ୍ର ସେଦିନ ରାତ୍ରିଭୋଜନ ସମୟକୁ ସେ ମୋ' ଉପସ୍ଥିତିର ଆଭାସ ପାଇସାରିଥିଲେ। ବିଶ୍ବ ତାଙ୍କ ପାଇଁ ରାତ୍ରିଭୋଜନ ଥୋଇଲାବେଳେ ସେ ତାଙ୍କୁ କହିଲେ, ଅତିଥି-ଶିଳ୍ପୀଙ୍କୁ ମୁଁ ମୋ' କକ୍ଷକୁ ସ୍ବାଗତ କରୁଛି ବୋଲି କହିଦିଅ।

ବିଶ୍ବ ଠାରୁ ଏ ଖବର ପାଇ ମୋ' ଖୁସିର ସୀମା ରହିଲା ନାହିଁ। ମୁଁ ଯେତିକି ଖୁସି ହେଲି, ମନେ ମନେ ସେତିକି ପ୍ରମାଦ ଗଣି ତାଙ୍କ କୋଠରିକୁ ଗଲି।

ମୋ ଉପସ୍ଥିତିକୁ ଉପଲବ୍ଧି କରି କାନ୍‌ଭାସ୍ ଉପରୁ ଆଖି ନ ଫେରାଇ ସେ କହିଲେ– ବସନ୍ତୁ। ମୁଁ ବସିବା ସହ ଆଖି ବୁଲାଉଥାଏ ତାଙ୍କ ସୃଷ୍ଟି ଉପରେ।

"ମୁଁ ଜାଣେ, ଆପଣ ଜଣେ ଚିତ୍ରଶିଳ୍ପୀ, ଆପଣ ଯେବେଠାରୁ ଆମ ଉଆସରେ ଅଛନ୍ତି, ସେବେଠୁ ଖବର ପାଇଛି। ଜାଣିଥିଲି ଆପଣ ଏଠାକୁ ଆସିବେ ବୋଲି, ମାତ୍ର କେବେ ଆସୁଛ, ସେଥିପାଇଁ ଅପେକ୍ଷା କରୁଥିଲି।"

"କେମିତି !"

"ଜଣେ ଶିଳ୍ପୀର ଚେତନା ଯେଉଁଠି ପରାହତ ହୁଏ, ଆଉ ଜଣେ କିଏ ଆସି ତାକୁ ସେଠୁ ଉଧାର କରେ– ସେ ସମଧର୍ମା ହୋଇପାରନ୍ତି ଅବା ଈଶ୍ବର।"

"ଚେତନାର ପରାହତ ?"

"ହଁ, ମୁଁ ଯେଉଁ ଚିତ୍ର ଆଙ୍କିବାକୁ ଚାହୁଁଛି, ତା' ରଙ୍ଗର ସମନ୍ୱୟ ପାଇଁ ମୁଁ ବସିରହିଛି ମାସମାସ, ବର୍ଷବର୍ଷ ଧରି ଏ ଶୂନ୍ୟ କାନ୍‌ଭାସ୍ ଆଗରେ। ମୁଁ ଆଙ୍କିବାକୁ ଚାହୁଁଥିବା ଚିତ୍ରର ରୂପରେଖ ତ ମୁଁ ତିଆରି କରିସାରିଛି, ହେଲେ କେବଳ ସନ୍ଧାନ କରୁଛି ରଙ୍ଗର।"

Digitized by PPRACHIN, SOA

"କ'ଣ ସେ ଚିତ୍ରର ରୂପରେଖ ?"

"ମାୟା । ମାୟାର ବ୍ୟାପକ ରୂପ । ସେଠି ପ୍ରେମ ଥିବ, ଅହଂକାର ଥିବ, ଶୂନ୍ୟତା ଥିବ, ଏସବୁ ହେଉଛି ଅନୁଭବ ଓ ଚେତନାର ବିଷୟ । ଜଣେ ଶିଳ୍ପୀ ନିଜର ଅନ୍ତର୍ଦୃଷ୍ଟି ଓ ଚେତନାର ଗଭୀରତା ଅନୁଯାୟୀ ଏ ରଙ୍ଗର ପରିକଳ୍ପନା କେବଳ କରିପାରେ । କାରଣ ପ୍ରକୃତିର ଦୃଶ୍ୟମାନ ବସ୍ତୁଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ତ କଳ୍ପନା ଉପରେ ପର୍ଯ୍ୟବସିତ ହୋଇ ରଙ୍ଗାୟିତ ହୋଇଥାଏ ।

"ଆକାଶ ତ ଦୃଶ୍ୟମାନ ବସ୍ତୁ ନୁହେଁ ତେବେ, ଆକାଶର ରଙ୍ଗ ନୀଳ କାହିଁକି ? ମୁଁ ଜାଣେ, ଆପଣ ଏହାର ବିଜ୍ଞାନପ୍ରସୂତ କାରଣଟିଏ ଦେଇପାରିବେ । ମାତ୍ର ମନେରଖନ୍ତୁ, ଯେଉଁଠି ବିଜ୍ଞାନର ସମସ୍ତ ତତ୍ତ୍ୱ ଓ ସିଦ୍ଧାନ୍ତ ପରାହତ ହୁଏ, ସେଠି କଳ୍ପନା ଓ ଅନ୍ତର୍ଦୃଷ୍ଟିର ସହାୟତା ନିଏ ମଣିଷ । ଲାଜର ରଙ୍ଗ ଲାଲ୍, ରାଗର ରଙ୍ଗ ଲାଲ୍, ରକ୍ତର ରଙ୍ଗ ଲାଲ୍, ରକ୍ତର ରଙ୍ଗ ଲାଲ– ହେଲେ, ସବୁ ଲାଲ୍ ରଙ୍ଗ କ'ଣ ସମାନ ? ଏ ତିନୋଟିକୁ ରଙ୍ଗ ଦେଲାବେଳେ ଶିଳ୍ପୀଟିଏ ନିଜର କଳ୍ପନା ମିଶାଇ ରଙ୍ଗର ଗାଢ଼ତ୍ୱ ନିରୂପଣ କରେ, ଶିଳ୍ପୀଟିଏ କେବଳ ରଙ୍ଗ ଓ ତୂଳୀରେ ଖେଳେ ନାହିଁ । ରଙ୍ଗ ହେଉଛି ଶିଳ୍ପୀର ଚେତନାର ପରିପ୍ରକାଶ, ତୂଳି ହେଉଛି ମାଧ୍ୟମ ଓ କାନ୍‌ଭାସ୍ ହେଉଛି ଆଧାର । ମୋ ପାଖରେ ମାଧ୍ୟମ ଓ ଆଧାର ଥାଇ ମଧ୍ୟ ମୁଁ ଦିନ ଦିନ, ମାସ ମାସ ଧରି ଯେମିତି ଶୂନ୍ୟ କାନ୍‌ଭାସ୍ ସାମ୍ନାରେ ବସିରହିଛି, ମୋତେ ଯିଏ ଦେଖିବ ନିଶ୍ଚୟ ପାଗଳ ବୋଲି ଭାବିବ । ବିକ୍ଷିପ୍ତ ଚେତନା ପାଗଳପଣ ହେଲେ ଚେତନାର ପରାହତ ଅବସ୍ଥା ଓ ମହାପାଗଳପଣ, ଆପଣଙ୍କର ଏ ଅନୁଭବ ଆସିଛି କି ନାହିଁ, ମୁଁ ଜାଣେନା । ମାତ୍ର ପ୍ରତ୍ୟେକ ଶିଳ୍ପୀ ଭିତରେ ଏ ଅନୁଭବ ଦିନେ ନା ଦିନେ ଆସିବାକୁ ବାଧ୍ୟ । ହୁଏତ ତାହା ସାଧନା କରୁ କରୁ ଆସିପାରେ କିମ୍ବା ତା'ପାଇଁ ସାଧନା କରିବାକୁ ପଡ଼ିପାରେ । ହଁ ଆପଣ ଯେଉଁ କଥା କହୁଥିଲେ, ଦୃଶ୍ୟମାନ ବସ୍ତୁକୁ ଛାଡ଼ିଦେଲେ ଅନ୍ୟ ସବୁକୁ କଳ୍ପନାର ରଙ୍ଗ ଦେବାକୁ ପଡ଼େ, ତାହା ଠିକ୍ କଥା । ହେଲେ, ଦୃଶ୍ୟମାନ ବସ୍ତୁକୁ ଆଙ୍କିବାର କାମ ହେଉଛି ଚିତ୍ରକରର, ଶିଳ୍ପୀର ନୁହେଁ । ଆପଣଙ୍କର ଅନ୍ୱେଷା ଚିତ୍ରକରର ନା ଶିଳ୍ପୀର ?"

ଏ ପ୍ରଶ୍ନଟିର ଉତ୍ତର ମୁଁ ଖୋଜୁଥିଲି ମୋ ଭିତରେ ଏ ପ୍ରଶ୍ନର ଉତ୍ତର ଯେ ମୋତେ ଅଜଣା ଥିଲା, ସେକଥା ନୁହେଁ । ହେଲେ କଳାକୁ ନେଇ ମୋ'ଭିତରେ ଜିଇଁବାର କଳାଟି ମୋତେ ଏତେ ଘୃଣ୍ୟବୋଧ ହେଲା ସେହି ମୁହୂର୍ତ୍ତରେ ଯେ ତାକୁ ପ୍ରକାଶ କରି ମୁଁ ଆଉଥରେ ନ୍ୟୂନ ହେବାକୁ ଚାହିଁଲି ନାହିଁ ।

Digitized by PPRACHIN, SOA

ମୋ ନୀରବତାକୁ ଲକ୍ଷ୍ୟକରି ସେ କହିଲେ– "ପ୍ରତ୍ୟେକ କଳା ଜୀବନକୁ ଦେଖିବାର ଏକ ମାଧ୍ୟମ ମାତ୍ର, ଜିଇଁବାର ଅବଲମ୍ବନ ନୁହେଁ, ଜୀବନ ଜିଇଁବାର ଏତେ ବାଟ ଥିବାବେଳେ କଳାକୁ ପାଥେୟ କରିବାଟା କଳାପାଇଁ ଅପମାନ ନୁହେଁ କି ? କଳାକୁ ଅର୍ଥ ରୋଜଗାର କରିବାର ମାଧ୍ୟମ କରିଦେଲେ ସେ ତା'ର କଳାତ୍ମକ ଦିଗଟିକୁ ହରାଇ ବ୍ୟାବସାୟିକ ଦୃଷ୍ଟିଭଙ୍ଗୀକୁ ଆଦରିନିଏ। ଯେଉଁଠି କଳାର ବ୍ୟବସାୟ ପ୍ରାଧାନ୍ୟ ବିସ୍ତାର କରେ, ସେଠି ସର୍ଜନଶୀଳତାର ମୃତ୍ୟୁ ହୁଏ। ଆପଣ କ'ଣ ଚିନ୍ତା କରୁଛନ୍ତି ଯେ ଈଶ୍ୱର ଆପଣଙ୍କୁ ଯେଉଁ ବିରଳ ପ୍ରତିଭାଟି ଦେଇଛନ୍ତି, ତାକୁ ବାଣିଜ୍ୟୀକରଣ କରି ତାଙ୍କୁ ଅପମାନିତ କରିବେ ?"

ମୋ'ଠାରୁ କୌଣସି ଉତ୍ତର ନ ପାଇ ସେ ପୁଣି କହିଲେ– "ଲୋକେ ମୋତେ ପାଗଳ ବୋଲି ଭାବୁଛନ୍ତି, କାରଣ, ମୁଁ ଗୋଟିଏ ଶୂନ୍ୟ କାନଭାସ୍ ଆଗରେ ବର୍ଷବର୍ଷ ଧରି ବସିରହିଛି ଛବିଟିଏ ଆଙ୍କିବା ପାଇଁ। ଆପଣ ବି ତାକୁ ଦେଖିଲେ ଶୂନ୍ୟ କାନ୍‌ଭାସ୍ ବୋଲି କହିବେ। ମାତ୍ର ତାହା ଶୂନ୍ୟ କାନ୍‌ଭାସ୍ ନୁହଁ। ସୂର୍ଯ୍ୟଙ୍କ ଠାରୁ ଉଚ୍ଛରିତ ସାତରଙ୍ଗ ପୃଥିବୀପୃଷ୍ଠରେ ପହଞ୍ଚିବା ବେଳକୁ ମିଶିଯାଇ ଯେମିତି ରଙ୍ଗଶୂନ୍ୟ ହେଉଛନ୍ତି, ସେହି ତତ୍ତ୍ୱରେ ମୋର ଚିତ୍ର। ଏକ ନିର୍ଦ୍ଦିଷ୍ଟ ଦୂରତାରୁ କାନ୍‌ଭାସ୍‌ଟି ଜଣାପଡ଼ିବ ଶୂନ୍ୟ। ସେ ଦୂରତା ଡେଇଁଲେ ଗୋଟିଏ ଗୋଟିଏ ରଙ୍ଗ ଚହଟିବ ଆଖି ସାମ୍ନାରେ। ପାଖରେ ପହଞ୍ଚିଲେ ଯାଇ ଦେଖିହେବ ସବୁ ରଙ୍ଗରେ ସମାହିତ ସେ ଚିତ୍ରକୁ। ସାଧାରଣ ଦର୍ଶକମାନଙ୍କଠାରୁ ଯେଉଁ ଦୂରତାରେ ମୁଁ ସେ ଚିତ୍ରଟି ରଖିଛି, ସେହି ଦୂରତା ହେଉଛି ଏ ସଂସାରର ମାୟା। ମାୟାର ଦୂରତ୍ୱ ଅତିକ୍ରମ କଲେ ଯାଇ ସତ୍ୟର ସନ୍ଧାନ ମିଳିବ।

"ରଙ୍ଗରେ ରଙ୍ଗରେ ମାୟାବାଦକୁ ଉପସ୍ଥାପନ କରିବା ମୋର ଲକ୍ଷ୍ୟ ଥିଲା। ମାତ୍ର ପ୍ରେମ, ଅହଙ୍କାର ଓ ଶୂନ୍ୟତାର ରଙ୍ଗ ପାଖରେ ମୋ ଚେତନା ବାରମ୍ବାର ପରାହତ ହୋଇଚାଲିଛି। ଆପଣ ଯଦି ଜଣେ ଶିଳ୍ପୀର ଆବେଗ ନେଇ ଆସିଛନ୍ତି, ତେବେ ସେହି ନିର୍ଦ୍ଦିଷ୍ଟ ଦୂରତାର ପରିଧି ଭାଙ୍ଗି ମୁଁ ଆପଣଙ୍କୁ ନେଇଯିବି ମୋ ଚିତ୍ର ନିକଟକୁ। କ'ଣ ଯିବେ ?

ମୁଁ ବଡ଼ ବିନମ୍ରତାର ସହ କହିଲି– "ମୋର ଏଯାଏଁ କେବଳ ଜଣେ ଚିତ୍ରକରର ଆଖି ରହିଛି, ଶିଳ୍ପୀର ଚକ୍ଷୁ ଆସି ନାହିଁ, ସେଥିପାଇଁ ମୋତେ ସାଧନା କରିବାକୁ ପଡ଼ିବ। ଯଦି ସେ ସାଧନାରେ ମୁଁ ସଫଳ ହୁଏ, ତେବେ ନିଶ୍ଚୟ ଫେରିବି, ଆପଣଙ୍କର ସେହି ନିଷିଦ୍ଧ ଦୂରତାର ଶୂନ୍ୟ କାନ୍‌ଭାସ୍ ପାଖକୁ ଯିବାଲାଗି।

■■

Digitized by PPRACHIN, SOA

ସନ୍ଦେହର ଚାରିକାନ୍ଥ

"ଅଧ୍ୟାପକଙ୍କର ଜାମିନ୍ ଆବେଦନ ଖାରଜ" ଶୀର୍ଷକ ସମ୍ବାଦଟିକୁ କୌତୂହଳ ହୋଇ ପଢୁ ପଢୁ ମୋର କୌତୂହଳ ନିମିଷକରେ ପରିଣତ ହୋଇଗଲା ବିଷାଦରେ। ନିଜର ଦ୍ୱିତୀୟ ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଦେଇ ଦୀର୍ଘ ପନ୍ଦର ଦିନ ହେଲା ଜେଲ୍ ହାଜତରେ ଥିବା ପ୍ରାଣନାଥଙ୍କର ଜାମିନ୍ ଆବେଦନ ମାନ୍ୟବର ଏସ୍.ଡି.ଜେ.ଏମ୍.ଙ୍କ ଦ୍ୱାରା ଖାରଜ ହେବାରୁ ତାଙ୍କୁ ପୁନଶ୍ଚ ପନ୍ଦର ଦିନ ପାଇଁ ପଠାଇ ଦିଆଯାଇଛି ବଧୂଗଡ଼ ଜେଲ୍‌କୁ।

ଖବରଟି ପଢ଼ିସାରିବା ପରେ ଗୋଟିଏ ଗଭୀର ଦୀର୍ଘଶ୍ୱାସ ବାହାରି ଆସିଲା ଭିତରୁ। ପ୍ରାଣନାଥ ଦୀର୍ଘ ପନ୍ଦର ଦିନ ହେଲାଣି ଜେଲ୍ ଭିତରେ ଅଛନ୍ତି ଅଥଚ ମୁଁ ଜାଣିନି ଏ ଖବରଟିକୁ। ଅବଶ୍ୟ ଆଜିକାଲି ଜେଲ୍ ଭିତରେ ଭି.ଆଇ.ପି.ଙ୍କ ସଂଖ୍ୟା ଏତେ ଅଧିକ ହୋଇଗଲାଣି ଯେ ଜଣେ ଅଧ୍ୟାପକଙ୍କର ଜେଲ୍‌ହାଜତକୁ ଯିବା ସେମିତି କୌଣସି ଚାଞ୍ଚଲ୍ୟକର ସମ୍ବାଦ ହେଉନି ସାମ୍ବାଦିକମାନଙ୍କ ପାଇଁ। ସେଥିପାଇଁ ହୁଏତ ମୁଁ ଏ ଖବରଟି କୌଣସି ସୂତ୍ରରୁ ପାଇପାରି ନାହିଁ।

ପ୍ରାଣନାଥଙ୍କ ସହ ମୋର ସଂପର୍କ ବହୁ ବର୍ଷର। ମୁଁ ଯେତେବେଳେ ଏକ ବେସରକାରୀ କଲେଜରେ ଅଧ୍ୟାପନା କରୁଥିଲି, ସେତେବେଳେ ସେ ପି.ଏସ୍.ସି. ପାଇ ଆସିଥିଲେ ଏହି ସହରର ସରକାରୀ ମହାବିଦ୍ୟାଳୟକୁ। ଓଡ଼ିଆ ବିଭାଗରେ ଅଧ୍ୟାପନା ସହ ଓଡ଼ିଆ କବିତା ଲେଖାଲେଖିରେ ରୁଚି ରଖୁଥିଲେ। ସେ ଏଠାରେ ଜଏନ୍ କଲାର କିଛି ଦିନ ପରେ ଅଚାନକ ଦିନେ ଠିକଣା ପଚାରି ପଚାରି ପହଞ୍ଚି ଯାଇଥିଲେ ମୁଁ ରହୁଥିବା ଭଡ଼ା ଘରେ। ପରିଚୟ ପରେ ଚା' ପିଇବା ଅବସରରେ ସେ ଆରମ୍ଭ କଲେ, ସେ ପଢ଼ିଥିବା ମୋ ଗଳ୍ପଗୁଡ଼ିକ ଉପରେ ଏକ ତାତ୍ତ୍ୱିକ ବିଶ୍ଳେଷଣ। ତାଙ୍କ ବିଶ୍ଳେଷଣ ମୋତେ ଯେତିକି ପ୍ରଭାବିତ କରି ନ ଥିଲା, ତା'ଠାରୁ ଅଧିକ ପ୍ରଭାବିତ କରିଥିଲା ତାଙ୍କର ମୋ ଗଳ୍ପକୁ ପଢ଼ିଥିବାର ଆଗ୍ରହକୁ ଦେଖି। ସେ ଜଣେ ପକ୍‌କା ସମାଲୋଚକଙ୍କ ଷ୍ଟାଇଲ୍‌ରେ ମୋ ଗଳ୍ପରେ ଥିବା ବିଭିନ୍ନ 'ବାଦ' ବା 'ଇଜମ୍' ସଂପର୍କରେ ମୋତେ ସଚେତନ କରାଇଲେ।

Digitized by PPRACHIN, SOA

ମୁଁ ତାଙ୍କୁ ଖୁବ୍ ବିନମ୍ରତାର ସହ କହିଲି, କୌଣସି ଗାଳ୍ପିକ ଗଳ୍ପ ଲେଖିବାବେଳେ କୌଣସି 'ଇଜମ୍'କୁ ଆଧାର କରି ଗଳ୍ପ ଲେଖେ ନାହିଁ। ହୋଇପାରେ ତା'ର ଅନ୍ତର୍ଚ୍ଚେତନାରେ ଥିବା କୌଣସି 'ଇଜମ୍' ପ୍ରତି ଆକର୍ଷଣ ତା ଅବଚେତନରେ ଗଳ୍ପଗୁଡ଼ିକ ଭିତରକୁ ପଶି ଆସୁଥିବ। ଆପଣ ମୋ ଗଳ୍ପକୁ ବିଶ୍ଳେଷଣ କରି ମୋତେ ଯେଉଁ ନିର୍ଦ୍ଦିଷ୍ଟ ବାଦର ପ୍ରବକ୍ତା ବୋଲି ଭାବୁଛନ୍ତି, ତା' ସଂପର୍କରେ ମୁଁ ଆଜିଯାଏ ସଚେତନ ନ ଥିଲି। ତେବେ ଆପଣ କହିବା ପରେ ଯେ ମୁଁ ସଚେତନ ହୋଇ ମୋର ପରବର୍ତ୍ତୀ ଗଳ୍ପଗୁଡ଼ିକରେ ସେହି 'ବାଦ'କୁ ଆଧାର କରିବି, ସେ କଥା ମଧ୍ୟ ନୁହେଁ। ଗଳ୍ପ ଲେଖିବା ମୋର ପ୍ରବୃତ୍ତି। କୌଣସି ଚରିତ୍ରକୁ ନେଇ ଗଳ୍ପ ଲେଖିବା ବେଳେ ମୁଁ ମୋ ଭିତରେ ନ ଥାଏ, ଥାଏ ସେଇ ଚରିତ୍ର ଭିତରେ। ତେଣୁ ମୋ ଗଳ୍ପରେ ଯଦି କୌଣସି ନିର୍ଦ୍ଦିଷ୍ଟ ବାଦର ଗନ୍ଧ ଆସୁଥାଏ; ତେବେ ତାହା ମୋର ନୁହଁ, ମୋ ଗଳ୍ପର ଚରିତ୍ରମାନଙ୍କର।

'ବାଦ' ଅନ୍ତର୍ଚ୍ଚେତନାର ଭଲ ପାଇବାର ଏକ ପ୍ରବୃତ୍ତି। ଆପଣ ଯେଉଁ ଜିନିଷକୁ ଭଲ ପାଆନ୍ତି କିମ୍ବା ଘୃଣା କରନ୍ତି, ତାହା ଭଲ ପାଇବାର ସ୍ୱର କିମ୍ବା ଘୃଣାର ସ୍ୱରୂପ ନେଇ ଆପଣଙ୍କ ସୃଷ୍ଟି ମଧ୍ୟକୁ ଆସିବ ହିଁ ଆସିବ।

ହଉ ଛାଡ଼ନ୍ତୁ ସେକଥା, ଆମେ ଅନ୍ୟ କଥା ହେବା। ଆପଣ କ'ଣ କେବଳ ପଢ଼ାପଢ଼ି କରନ୍ତି ନା ଲେଖାଲେଖି ବି ?

ମୁଁ ମୁଖ୍ୟତଃ କବିତା ଲେଖାଲେଖି କରେ। ମାତ୍ର ମୋର ପ୍ରକାଶିତ କବିତାର ସଂଖ୍ୟା ଏତେ ନଗଣ୍ୟ ଯେ, ତାହା ହୁଏତ ଆପଣଙ୍କ ନଜରରେ ପଡ଼ି ନ ଥିବ। ଶାନ୍ତିନିକେତନକୁ ପଢ଼ିବାକୁ ଯିବା ପରେ ହିଁ ମୋର କବିତା ଲେଖିବାର ସଉକ ଆସିଲା। ସେଥିପାଇଁ ସମକାଳୀନ ଓଡ଼ିଆ ଗଳ୍ପ ଓ କବିତା ପ୍ରଚୁର ପଢ଼ିଲି। ଯେହେତୁ ଆଗରୁ ମୁଁ ଆପଣଙ୍କୁ ବହୁବାର ପଢ଼ିଥିଲି, ଏଠି ପହଞ୍ଚିବା ପରେ ଚିନ୍ତାକଲି ସାକ୍ଷାତ୍ କରିବା ପାଇଁ।

ମୁଁ ବି ବହୁତ ଖୁସି ହେଉଛି ଯେ ଜଣେ ସମଧର୍ମୀ ମିଳିଲେ, ଯାହାଙ୍କ ସହ ଆଲୋଚନା କରି ସମୟ କାଟି ହେବ।

ଏହା ପରେ ପ୍ରାଣନାଥଙ୍କ ସହ ମୋର ସଂପର୍କ ଏମିତି ଯୋଡ଼ି ହୋଇଗଲା ଯେ ତାହା ଆଉ ଛିଣ୍ଡିବାର ନାଆଁ ନେଲାନି। ଅଧ୍ୟାପକୀୟ ଜୀବନର ପ୍ରଚୁର ଅବସରକୁ ନେଇ ଆମେ କରୁଥିଲୁ ସାହିତ୍ୟ ଚର୍ଚ୍ଚା, ଗୁଲିଖଟି ଏବଂ ସାହିତ୍ୟର ତତ୍ତ୍ୱସମ୍ବନ୍ଧୀୟ ବାଦ ବିସମ୍ବାଦ। ଅନେକ ସ୍ଥଳରେ ଆମ ଉଭୟଙ୍କର ମତପାର୍ଥକ୍ୟ ରହୁଥିଲେ ମଧ୍ୟ ତାହା ମନାନ୍ତର ପର୍ଯ୍ୟାୟକୁ କେବେ ଯାଉ ନ ଥିଲା। ବରଂ ଆମର ମତାନ୍ତର ଆମକୁ ବାଧ୍ୟ କରୁଥିଲା ମତାନ୍ତର ବିଷୟକୁ ଗଭୀର ଅଧ୍ୟୟନ କରି ମତାମତ ଦେବାକୁ।

Digitized by PPRACHIN, SOA

ପ୍ରାଣନାଥଙ୍କର ପ୍ରବଳ ଆଗ୍ରହ ଥିଲା ଗୋଟିଏ ସାହିତ୍ୟ ପତ୍ରିକା ସଂପାଦନା କରିବା ପାଇଁ। ଦିନେ ଖଟି ଆସରରେ ସେ ମୋ ପାଖରେ ରଖିଲେ ତାଙ୍କର ପ୍ରସ୍ତାବ। ମୁଁ ତାଙ୍କର ପ୍ରସ୍ତାବ ଶୁଣୁ ଶୁଣୁ ତାଙ୍କୁ ଥଟ୍ଟା କରି କହିଲି– ଆପଣ ବାୟା ହେଲେନା କ'ଣ ? ହାତୀ କିଣି ପକାଇବାଟା ବଡ଼ କଥା ନୁହଁ, ତାକୁ ପୋଷିପାରିବା ହେଉଛି ବଡ଼ କଥା। ଆପଣ ପତ୍ରିକା ପ୍ରକାଶନର ଘୁଙ୍ଗୁରକୁ କେବଳ ଦେଖିଛନ୍ତି ଏବଂ ଶୁଣିଛନ୍ତି ଏହାର ଛମ୍‌ଛମ୍ ସ୍ୱର, ହେଲେ ଫାନ୍ଦ ଦେଖି ନାହାନ୍ତି। ଏ ଲାଇନ୍‌ରେ ମୋର ତିକ୍ତ ଅଭିଜ୍ଞତା ରହିଛି। ସାହିତ୍ୟିକ ହେବା ସ୍ୱପ୍ନରେ ପତ୍ରିକା ସଂପାଦନା କରିବାର ମୋହ ଯେ ମୋର ନ ଆସିଛି, ସେ କଥା ନୁହଁ। ଥରେ ସେ ଲାଇନ୍‌ରେ ପଶିଲେ ଜାଣିବେ ସେଇଟା କେତେ ଦୁରୂହ ବ୍ୟାପାର।

ବି.ଏ. ପଢୁଥିବା ସମୟରେ ଆମେ କେତେ ଜଣ ଉତ୍ସାହୀ ବନ୍ଧୁ ହଠାତ୍ ନିଷ୍ପତ୍ତି ନେଲୁ ଗୋଟେ ସାହିତ୍ୟ ପତ୍ରିକା ପ୍ରକାଶନ କରିବା ପାଇଁ। ମାସିକିଆ ହଷ୍ଟେଲ ଖର୍ଚ୍ଚକୁ ନେଇ ଆମେ ଆରମ୍ଭ କଲୁ ପତ୍ରିକାଟିଏ, ଆଶା ଥିଲା ଯେନତେନ ପ୍ରକାରରେ ପ୍ରଥମ ସଂଖ୍ୟାଟି ବାହାରି ପଡ଼ିଲେ ପରବର୍ତ୍ତୀ ସଂଖ୍ୟା ପାଇଁ ଆଉ ଅର୍ଥର ସମସ୍ୟା ରହିବ ନାହିଁ। ପତ୍ରିକା ପାଇଁ ବୁଲି ବୁଲି ବିଜ୍ଞାପନ ସଂଗ୍ରହ କଲୁ– କେଉଁ ଟେଲର ଦୋକାନ ତ କେଉଁ ଷ୍ଟେସନାରୀ ଷ୍ଟୋର୍, ପାନ ଦୋକାନରୁ ଫଟୋଷ୍ଟୁଡିଓ, ବୀମା ଏଜେଣ୍ଟଠାରୁ ବ୍ୟବସାୟୀ ଯାଏ। ସେମାନେ ବହୁକଷ୍ଟରେ ବିଜ୍ଞାପନ ଦେଲେ ସତ, ହେଲେ କହିଲେ ପତ୍ରିକା ପ୍ରକାଶ କରି ପହଞ୍ଚାଇବା ପରେ ଯାଇ ଦେବେ ଟଙ୍କା। କାଗଜବାଲାର ବାକି, ପ୍ରେସ୍‌ରେ ବାକି ରଖି ପତ୍ରିକା ବାହାର କରି ପହଞ୍ଚାଇଲୁ ସେମାନଙ୍କ ପାଖରେ, ମାତ୍ର 'ଆଜି ନୁହଁ କାଲି ଆସ' କହି କହି ଆମକୁ ଦୌଡ଼ାଇ ଦୌଡ଼ାଇ ସେମାନେ ନୟାନ୍ତ କରିଦେଲେ। କିଏ ଶହେ ଜାଗାରେ କୋଡ଼ିଏ ଦେଲା ତ ଆଉ କିଏ ପରେ ଦେବ କହି ଦେଲା ନାହିଁ। ସେହି ଗୋଟିଏ ସଂଖ୍ୟା ପରେ ହିଁ ମୋର ସଂପାଦକ ହେବାର ସ୍ୱପ୍ନ ମରିଗଲା। ତା'ପରେ ଭାବିଲି– ନା, ଏ ଧନ୍ଦା ନୁହଁ, କେବଳ ନିରୁତା ଲେଖାଲେଖି କରିବା।

ହଁ, ଆପଣ ଯେଉଁ ସମସ୍ୟା କଥା କହୁଛନ୍ତି, ତାହା ମୁଁ ଜାଣେ। ପତ୍ରିକା ପ୍ରକାଶନ ପାଇଁ ଅର୍ଥଚିନ୍ତା କରିବାର ଆବଶ୍ୟକତା ଆପଣଙ୍କର ନାହିଁ, ସେ ଦାୟିତ୍ୱ କେବଳ ମୋର, ଆପଣ କେବଳ ସଂପାଦନା କରିବେ।

ତେବେ ଠିକ୍ ଅଛି– ଯଦି ଅର୍ଥଚିନ୍ତା କରିବାର ଆବଶ୍ୟକତା ମୋର ନାହିଁ, ଏଥିରେ ମୁଣ୍ଡ ପୂରାଇବାରେ ମୋର ଦ୍ୱିଧା ନାହିଁ। ମାତ୍ର ଗୋଟିଏ କଥା– ପତ୍ରିକା ସଂପାଦନା ଗୋଟିଏ ସାହିତ୍ୟିକର ବହୁମୂଲ୍ୟ ସମୟ ନେଇଯାଏ ଏବଂ ତା'ର ସୃଷ୍ଟିର ଧାରାକୁ କ୍ଷୁଣ୍ଣ କରେ, ତେଣୁ ମୁଁ ଆପଣଙ୍କ ପତ୍ରିକା ପଛରେ ରହି ସଂପାଦନା କାର୍ଯ୍ୟ କରିବି, ହେଲେ ମୋ ନାଁ ଗାଁ କୌଣସିଠାରେ ରହିବ ନାହିଁ, ରାଜି ତ ?

Digitized by PPRACHIN, SOA

ହଉ– ରାଜି ।

ଆବେଗ ପ୍ରଭାବିତ ସବୁ ସାହିତ୍ୟ ପତ୍ରିକାର ଜନ୍ମଲଗ୍ନ ପରି ପ୍ରାଣନାଥଙ୍କ ପତ୍ରିକାର ଜନ୍ମଲଗ୍ନ । ପତ୍ରିକା ପାଇଁ ଗଳ୍ପ, କବିତା, ଫିଚର ଓ ପ୍ରବନ୍ଧ ପଠାଇବାକୁ ଦୈନିକ ସମ୍ବାଦପତ୍ରଗୁଡ଼ିକରେ ଖବର ପ୍ରକାଶ କରାଗଲା । ପ୍ରତ୍ୟେକ ଲେଖା ସହ ଲେଖକଙ୍କର ଫଟୋ, କୃତି ଓ ପୁରସ୍କାର ପ୍ରାପ୍ତିର ବିବରଣୀ ପଠାଇବାକୁ ଅନୁରୋଧ କରାଯାଇଥିଲା । ଜଣେ ପେସାଦାର ଫଟୋ ସାମ୍ବାଦିକଙ୍କ ସହାୟତା ନିଆଯାଇ ଜଣେ ବରିଷ୍ଠ ସାହିତ୍ୟିକଙ୍କର ଘର, ଫୁଲ ବଗିଚା, ପଢ଼ା ଟେବୁଲ୍, ରୋଷେଇଘର, କୁକୁରଠାରୁ ପରିବାରର ସମସ୍ତ ସଦସ୍ୟଙ୍କର ମିଳିତ ଫଟୋଗ୍ରାଫ୍, ସେ ଲେଖିଲା ବେଳ ଓ ରୋଷେଇ କଲାବେଳର ଫଟୋ ଇତ୍ୟାଦି ଦେଇ ତାଙ୍କର କୃତି ଓ ସାଂପ୍ରତିକ ଓଡ଼ିଆ ସାହିତ୍ୟର ଭବିଷ୍ୟତ୍ ଉପରେ ତାଙ୍କର ମତାମତ ନେଇ ଏକ ସାକ୍ଷାତ୍କାର ପ୍ରସ୍ତୁତ କରାଇଲେ । ଆମେ ରହୁଥିବା ସହରଟିରେ ଅଫ୍‌ସେଟ୍ ପ୍ରିଣ୍ଟିଂର ସୁବିଧା ନ ଥିବାରୁ ଡି.ଟି.ପି. କରାଇସାରି ସୁଦୂର ରାଜଧାନୀରେ ଏହାର ମୁଦ୍ରଣ ବ୍ୟବସ୍ଥା କରାଇଥିଲେ । ମୋଟାମୋଟି ଭାବରେ ପତ୍ରିକାଟିକୁ ଏକ ନୂତନ ରୂପରେଖ ଓ ସ୍ୱାଦ ଦେଇ ପ୍ରକାଶ କରିବାକୁ ସେ କୌଣସି ପ୍ରକାରର ତ୍ରୁଟି କରି ନ ଥିଲେ ।

ପତ୍ରିକା ସଂପାଦନାରେ ମୋର କାୟିକ ଓ ମାନସିକ ସହଯୋଗ ବ୍ୟତୀତ ଅନ୍ୟସବୁ ଦାୟିତ୍ୱ ଥିଲା ତାଙ୍କର । ଶେଷରେ ତାଙ୍କର ସ୍ୱପ୍ନ ଓ ପୁରୋଦୃଷ୍ଟିକୁ ରୂପରେଖ ଦେଇ ପତ୍ରିକାଟି ପ୍ରକାଶ ପାଇଲା । ପତ୍ରିକାଟିର ଉନ୍ମୋଚନ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାବେଶରେ ଜଣେ ବରିଷ୍ଠ ସାହିତ୍ୟିକ, ଜଣେ ଦୈନିକ ଖବରକାଗଜର ସଂପାଦକ ଓ ଅବକାରୀ ମନ୍ତ୍ରୀଙ୍କ କରକମଳରେ କରାଗଲା । ସେଦିନ ପ୍ରାଣନାଥ ଖୁବ୍ ବାହାବା ପାଇଲେ । ଓଡ଼ିଶାର ଏକ ଉପାନ୍ତ ଅଞ୍ଚଳରେ ଏପରି ଏକ ସୁଦୃଶ୍ୟ ପତ୍ରିକାର ଶୁଭାରମ୍ଭ କେବଳ ବହୁ ଦୃଷ୍ଟିରେ ପ୍ରଥମ ନ ଥିଲା, ଥିଲା ମଧ୍ୟ ଅନନ୍ୟ ।

ପତ୍ରିକା ପ୍ରକାଶନ ପରେ ଏହାର ପ୍ରସାରଣ ପାଇଁ ତାଙ୍କର ପ୍ରଯତ୍ନ ଥିଲା ଅସାଧାରଣ । ଓଡ଼ିଶାର ତିରିଶଟି ଜିଲ୍ଲାରେ ଥିବା ସାହିତ୍ୟିକ ବନ୍ଧୁମାନଙ୍କ ମାର୍ଫତରେ ପତ୍ରିକା ବିକ୍ରି କରୁଥିବା ଏଜେଣ୍ଟମାନଙ୍କ ପାଖକୁ ଟ୍ରେନ୍, ବସ୍, କୋରିୟର ଇତ୍ୟାଦି ମାଧ୍ୟମରେ ପତ୍ରିକା ପଠାଇଲେ । ପତ୍ରିକା ପ୍ରାପ୍ତିର ପତ୍ର ପାଇ ସେ ଆଶ୍ୱସ୍ତ ହେଲେ ଯେ ପତ୍ରିକାଟି ଓଡ଼ିଶାର କୋଣେ ଅନୁକୋଣେ ପହଞ୍ଚିପାରିଛି ବୋଲି । ପନ୍ଦର ଦିନ ଗଲା, ମାସେ ଗଲା, ଦୁଇମାସ ଗଲା ହେଲେ କେଉଁଠୁ ଆସୁ ନ ଥିଲା ବିକ୍ରିଲବ୍ଧ ଅର୍ଥ । କେବଳ ଆସୁଥିଲା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରଚୁର ପାଠକୀୟ ମତାମତ ଏବଂ ପରବର୍ତ୍ତୀ ସଂଖ୍ୟା ପାଇଁ ଶହ ଶହ କବିତା ଓ କିଛି ଗଳ୍ପ ।

Digitized by PPRACHIN, SOA

ପତ୍ରିକାର ପରବର୍ତ୍ତୀ ସଂଖ୍ୟା ପାଇଁ ଆମ ପାଖରେ ସମସ୍ତ ପ୍ରକାରର କଞ୍ଚାମାଲ ମହଜୁଦ୍ ହୋଇଗଲା । ଯେହେତୁ ଅର୍ଥ ବିଷୟରେ ମୋର ମୁଣ୍ଡ ଖେଳାଇବାର କିଛି ନ ଥିଲା, ମୁଁ କେବଳ ଲାଗିଥିଲି ପରିବର୍ତ୍ତୀ ସଂଖ୍ୟାର ଲେ-ଆଉଟ୍‌କୁ ନେଇ । ମୋର କାର୍ଯ୍ୟ ପ୍ରାୟତଃ ଶେଷ ହୋଇ ଆସୁଥିବା ସମୟରେ ଦିନେ ପ୍ରାଣନାଥ ମୋତେ ଆସି କହିଲେ– ଏବେ ଏହାକୁ ପ୍ରେସ୍‌କୁ ନ ଦେଇ ଟିକେ ବିଳମ୍ବ କରିବା । କୌଣସିଠାରୁ ବିକ୍ରିଲବ୍ଧ ଅର୍ଥ ଏଯାଏଁ ଆସିନି, ପରବର୍ତ୍ତୀ ସଂଖ୍ୟା ପାଇଁ ମୋର ଜଣେ ଚିଙ୍ଗୁଡ଼ି ମାଫିଆ ବନ୍ଧୁକୁ କହିଛି– ସେ ସମସ୍ତ ଖର୍ଚ୍ଚ ବହନ କରିବ ବୋଲି କହିଛି । ସେ ଦେଲେ ପ୍ରେସ୍‌କୁ ଦେବା ।

ମୋର ସେଥିରେ ମତାମତ ଦେବାର କିଛି ନ ଥିଲା । କହିଲି– ଠିକ୍ ଅଛି । ଆମେ ତ ପତ୍ରିକାର କୌଣସି ସ୍ଥାନରେ ଲେଖି ନାହାନ୍ତି ଯେ ଏହା ମାସିକ, ଦ୍ୱିମାସିକ କିମ୍ବା ତ୍ରୟମାସିକ ବୋଲି ।

ଗ୍ରୀଷ୍ମଛୁଟିରେ ପ୍ରାଣନାଥ ଗାଆଁକୁ ଗଲେ । ଗଲାବେଳେ କହିଗଲେ, ଫେରିବା ବେଳକୁ ସେ ବନ୍ଧୁଠାରୁ ଟଙ୍କା ଧରି ଆସିଥିବି, ଆସିଲେ ପ୍ରେସ୍‌କୁ ପତ୍ରିକା ଦେଇଦେବା । ମାତ୍ର ସେ ଫେରିବା ବେଳକୁ ଫେରିଲେ ସସ୍ତ୍ରୀକ । ତାଙ୍କର ସସ୍ତ୍ରୀକ ଫେରିବା ଖବର ଶୁଣି ମୁଁ ଅଭିମାନରେ ତାଙ୍କୁ ସାକ୍ଷାତ୍ କରିବାକୁ ଗଲି ନାହିଁ । ମାତ୍ର ଅପରାହ୍ଣରେ ସେ ଖୋଦ୍ ଉପସ୍ଥିତ ହେଲେ ଆସି କ୍ୱାର୍ଟରରେ । ମୁଁ ତାଙ୍କୁ ଅଭିମାନରେ କେବଳ ପଚାରିଲି– ଆମ ଭିତରେ କ'ଣ ସେତିକି ବନ୍ଧୁତ୍ୱ ନାହିଁ, ଯେତିକି ବନ୍ଧୁତ୍ୱରେ ଜଣେ ଦାବି କରିପାରିବ ବିବାହର ନିମନ୍ତ୍ରଣ ପତ୍ରଟିଏ ?

ବୁଝିଲେ– ଏଇଟା କ'ଣ ବିବାହ ଥିଲା ? ଏଇଟା ଗୋଟେ ସଂଗ୍ରାମ ଥିଲା । ନା' ଥିଲା ବାଜା, ରୋଶଣି, ବେଦୀ ନା ମନ୍ତ୍ରପାଠ । ନା' ଥିଲେ ବରଯାତ୍ରୀ ନା' ଥିଲା ଭୋଜିଭାତ । ଜଣେ ବନ୍ଧୁଙ୍କୁ ସାକ୍ଷୀ ରଖି କୋର୍ଟରେ ମ୍ୟାରେଜ୍ କରି ମୁଁ ଚାଲି ଆସିଛି ଏଠିକୁ ।

କୋର୍ଟ ମାରେଜ୍ କଲେ ! କ'ଣ ଆଗରୁ ପ୍ରେମ, ଫ୍ରେମ ଥିଲା ?

ସବୁ ଥିଲା, ହେଲେ ବିବାହ ସମ୍ଭବ ହେଉ ନ ଥିଲା । ଜାତି ଓଗାଳୁଥିଲା ସବୁଠି । ସେଥିପାଇଁ ତ ସବୁରି ଅଗୋଚରରେ ଏ କାଣ୍ଡକାରଖାନା । ତେବେ ମୋ ବିବାହ ଭୋଜି ଆପଣଙ୍କୁ ନିଶ୍ଚୟ ଖୋଇବି ।

ମୋର ଆଜି ବିଶ୍ୱାସ ହେଲା ଯେ ଆପଣ ଜଣେ ସଚ୍ଚା କବି ବୋଲି ।

କାହିଁକି ?

କବି-ପ୍ରାଣ ଓ କବି-ପଣ ନ ଥିଲେ ଏକଥା କ'ଣ କେହି କରିପାରିଥାଆନ୍ତା ।

Digitized by PPRACHIN, SOA

ଏହା ପରେ ମୁଁ ମୋର ଅଭିମାନ ଛାଡ଼ି ପ୍ରାଣନାଥଙ୍କ କ୍ୱାର୍ଟରକୁ ଯାଇ ତାଙ୍କ ପତ୍ନୀଙ୍କ ସହ ପରିଚିତ ହେଲି। ଯଦିଓ ସେ ସୁନ୍ଦରୀ ପଦବାଚ୍ୟା ନ ଥିଲେ, ଥିଲେ ରୁଚିସଂପନ୍ନା। ଅର୍ଥନୀତିରେ ସ୍ନାତକୋତ୍ତର ଉପାଧି ଥିବାରୁ କଥାବାର୍ତ୍ତାରେ ଥିଲେ ମାର୍ଜିତା ଓ ବିଦୂଷୀ।

ବିବାହର ବେଶ୍ କିଛି ମାସ ଯାଏ ପ୍ରାଣନାଥ ବ୍ୟସ୍ତ ରହିଲେ ନିଜର ଘରକରଣା ସଜାଇବାରେ। ତାଙ୍କର ଏମିତି ସଂସାରମନସ୍କତା ଦେଖି ତାଙ୍କୁ ଥଟ୍ଟା କଲେ, ସେ କହୁଥିଲେ ଆଗ କଥା ଥିଲା ଅଲଗା– ଏବର କଥା ଅଲଗା। ଏକା ଥିବାବେଳେ ମଠରେ ଖାଇ ଖଟରେ ଗଡୁଥିଲି। ଏଟା ନାହିଁ ସେଟା ନାହିଁ ବୋଲି ଚିନ୍ତା ନ ଥିଲା। ନା ସେତେବେଳେ ଆମର କିଛି ଥିଲା ଷ୍ଟାଟସ୍। କେବଳ ଗୋଟିଏ ଷ୍ଟାଟସ୍ ଥିଲା ବ୍ୟାଚେଲର। ମାତ୍ର ବାହା ହେଲା ପରେ ଏବେ ଘରକୁ ଅତିଥି ଅଭ୍ୟାଗତ, ବନ୍ଧୁବାନ୍ଧବ ଓ ନିଜ ଲୋକ ବୁଲି ଆସିବେ। ଏବେ ତ ଆଉ ହଷ୍ଟେଲ ପରି ଖଟ ଖଣ୍ଡିଏ ପକାଇ ରହିଗଲେ ହେବନି। ମିନିମମ୍ ଷ୍ଟାଟସ୍ ପାଇଁ ସୋଫାସେଟ୍, ଟି.ଭି., ଫ୍ରିଜ୍, ଗ୍ୟାସ୍‌ଚୁଲା ଓ ଗୋଟେ ଡବଲ ବେଡ୍ ପଲଙ୍କ ଦରକାର।

ମୁଁ ଜାଣୁଥିଲି ଏକଥା କହିବାରେ ପ୍ରାଣନାଥଙ୍କର ଉଦ୍ଦେଶ୍ୟ ଥିଲା, ଯେମିତି ମୁଁ ପତ୍ରିକା ପ୍ରକାଶନ କଥା ନ ଉଠାଏ। ପତ୍ରିକା ପ୍ରକାଶନଜନିତ ଅତୀତର ତିକ୍ତ ଅଭିଜ୍ଞତାରୁ ମୁଁ ଜାଣୁଥିଲି ଇତିହାସ ଏଠାରେ ମଧ୍ୟ ପୁନରାବୃତ୍ତି ହେବ। ତଥାପି ପ୍ରାଣନାଥଙ୍କୁ ଖୁସି କଲାପରି କହିଲି– ସଂସାର ଓ ସାହିତ୍ୟ ଦୁଇଟି ପରସ୍ପର ବିପରୀତ ଦିଗ। ଉଭୟର ସନ୍ତୁଳନ ନିହାତି ଆବଶ୍ୟକ। ସାହିତ୍ୟ ଅପେକ୍ଷା କରେ ସମୟକୁ, ମାତ୍ର ସଂସାର ନୁହଁ। ତେଣୁ ଆପଣଙ୍କର ସର୍ବାଦୌ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉଛି, ଏବେ ସଂସାର ଓ ସଂସାରର ଆବଶ୍ୟକତା ପ୍ରତି ଧ୍ୟାନ ଦେବା।

ପ୍ରାଣନାଥ ସଂସାରୀ ହେଲେ। ନୂଆ କରି ବସା ବାନ୍ଧିବାକୁ ଯାଉଥିବା ପକ୍ଷୀଟିଏ ପରି ସେ ଗୋଟାଇ ଚାଲିଥିଲେ କାଠିକୁଟା। ତା'ଭିତରେ ପତ୍ରିକା ପ୍ରକାଶନ ଚିନ୍ତା କେତେବେଳେ ଯେ ଠେସି ହୋଇ ଦୂରକୁ ଚାଲି ଯାଇଥିଲା, ତାହା ତାଙ୍କୁ ଥିଲା ଅଗୋଚର। ବସା ବାନ୍ଧିସାରି ଅଣ୍ଡା ଦେବାକୁ ଅପେକ୍ଷା କରିଥିବା ପକ୍ଷୀର ବସାକୁ ଯେମିତି ବେଳେବେଳେ ଉଡ଼ାଇ ନିଏ ଘୂର୍ଣ୍ଣି, ଠିକ୍ ସେମିତି ବିବାହର ଅଳ୍ପ ଦିନ ମଧ୍ୟରେ ତାଙ୍କ ପରିବାର ମଧ୍ୟରେ ଆରମ୍ଭ ହୋଇଗଲା ଝଡ଼। ପ୍ରତ୍ୟେକ ପ୍ରେମ ବିବାହର ବିମର୍ଷ ଭାଗ୍ୟ ପରି ଇଏ ଏକ ଘଟଣା ବୋଲି ପ୍ରଥମେ ପ୍ରଥମେ ମୁଁ ଏହାକୁ ଗମ୍ଭୀରତାର ସହ ନେଉ ନ ଥିଲି। ମାତ୍ର ଘଟଣାକୁ ଆମୂଳଚୂଳ ଜାଣିବା ପରେ ମୁଁ ଯେତିକି ବିସ୍ମିତ ହେଲି, ସେତିକି ମର୍ମାହତ ମଧ୍ୟ ହେଲି।

ଘଟଣାଟି ଥିଲା ଏପରି। ପ୍ରାଣନାଥଙ୍କର ବିଭାଗୀୟ ମୁଖ୍ୟ ଥିବା ଅଧ୍ୟାପକ ଜଣଙ୍କର ଅବାଧ ଯାତାୟାତ ଥିଲା ତାଙ୍କ କ୍ୱାର୍ଟରକୁ। ସଂଯୋଗବଶତଃ ସେ ମୃତଦାର ଥିବାରୁ ଏବଂ

Digitized by PPRACHIN, SOA

ତାଙ୍କର ଦୁଇଟିଯାକ ସନ୍ତାନ ତାଙ୍କଠାରୁ ଦୂରରେ ମାତୁଳାଳୟରେ ପାଳିତ ହେଉଥିବାରୁ ସେ ଏକ ନିଃସଙ୍ଗ ଜୀବନ ବିତାଉଥିଲେ । ଯେହେତୁ ପତ୍ନୀ ବିୟୋଗ ଘଟିଥିଲା, ସମୟେ ସମୟେ ଦେହର କ୍ଷୁଧା ମେଣ୍ଟାଇବା ପାଇଁ ସେ ଯାଉଥିଲେ ରାଜଧାନୀକୁ । ସେଠି ହୋଟେଲରେ ଅବସ୍ଥାନ କରି, ଦଲାଲମାନଙ୍କ ମାଧ୍ୟମରେ ବିଭିନ୍ନ କଲେଜର ଝିଅ, ଯେଉଁମାନେ ପାରିବାରିକ ଓ ଆର୍ଥିକ ଅସ୍ୱଚ୍ଛଳତାବଶତଃ, ଦେହଦାନକୁ ଧରି ନେଇଥିଲେ ଚାକଚକ୍ୟ ଜୀବନଯାପନର ସହଜ ମାଧ୍ୟମ, ସେମାନଙ୍କୁ ସେ କରୁଥିଲେ ଉପଭୋଗ । ତାଙ୍କର ଏହି ଅଭିଯାନରେ କୁଆଡ଼େ ଗୋଟିଏ ରାତିପାଇଁ ଦେହର ଆତିଥ୍ୟ ଦେଇଥିଲେ ପ୍ରାଣନାଥଙ୍କର ପତ୍ନୀ କଲେଜରେ ପଢ଼ିବା ବେଳେ । ତାଙ୍କୁ ଦେଖୁ ଦେଖୁ ସେ ଚିହ୍ନି ପକାଇଥିଲେ । ଏହାକୁ ଏକ ପରମ ସୌଭାଗ୍ୟ ଭାବି ଆଉ ଅଯଥାରେ ଅର୍ଥବ୍ୟୟ କରି ରାଜଧାନୀକୁ ଯିବା ଅପେକ୍ଷା ସେ ଆରମ୍ଭ କରିଦେଇଥିଲେ ବ୍ଲାକ୍‌ମେଲିଂ ଏବଂ ମେଣ୍ଟାଇ ଚାଲିଲେ ଦେହର କ୍ଷୁଧା । ନିଜ ସ୍ୱପ୍ନର ସୁଖୀ ସଂସାରଟିକୁ ନଷ୍ଟ ନ କରିବା ମୋହରେ ତାଙ୍କ ଇଚ୍ଛା ବିରୋଧରେ ବଳି ପଡ଼ିବାକୁ ବାଧ୍ୟ ହେଉଥିଲେ ପ୍ରାଣନାଥଙ୍କ ପତ୍ନୀ ।

ପ୍ରତ୍ୟେକ ମନ୍ଦ ଓ ପାପକର୍ମର ନିୟତି ପରି ଏହାର ନିୟତି ମଧ୍ୟ ଅବଧାରିତ ଥିଲା । ପ୍ରଥମେ ସନ୍ଦେହ ଓ ପରେ ଚାକ୍ଷୁଷରୁ ପ୍ରାଣନାଥ ହୋଇଗଲେ ପାଗଳପ୍ରାୟ । ମୋଜା ଭିତରେ ରଖିଲେ ଛଅଇଞ୍ଚର ଏକ ତୀକ୍ଷ୍ଣ ଛୁରି ଓ ଅଣ୍ଟାରେ ଭୁଜାଲି । ହତ୍ୟା କରିବାର ଏକ ବଦ୍ଧ ମାନସିକତା ନେଇ ସେ ପ୍ରାୟ ଉନ୍ମାଦ ଅବସ୍ଥାରେ ରହିଲେ କିଛି ଦିନ । ଜଣେ ବନ୍ଧୁ ତଥା ଶୁଭଚିନ୍ତକ ହିସାବରେ ତାଙ୍କୁ ସେହି ସମୟରେ ସମ୍ଭାଳିବା ଥିଲା ମୋର ପ୍ରଥମ ଦାୟିତ୍ୱ । ମୁଁ ତାଙ୍କୁ ଯଥାସମ୍ଭବ ବୁଝାଇ ଶୁଝାଇ ହତ୍ୟା କରିବାର ମାନସିକତାରୁ ଦୂରେଇ ରଖିଲି । ଯାହାହେଉ ସେହି ଅଧ୍ୟାପକ ଜଣଙ୍କର ସଂଯୋଗବଶତଃ ବଦଳି ହୋଇଗଲା ଅନ୍ୟତ୍ର । ମାତ୍ର ସନ୍ଦେହ ଓ ଅବିଶ୍ୱାସର ସାନ୍ଦ୍ରତା ଏତେ ଥିଲା ଯେ ତାଙ୍କର ଉଜୁଡ଼ା ସଂସାର ଆଉ ସଜାଡ଼ି ହେବାର ନାଆଁ ଧରୁ ନ ଥିଲା ।

ଶେଷକୁ କଥା ପହଞ୍ଚିଲା ଛାଡ଼ପତ୍ରରେ । ଯେହେତୁ ଇଏ ସରକାରୀ ଚାକିରିଆ, ନିଜ ଆଡୁ ଛାଡ଼ପତ୍ର ଦେଲେ, ଭରଣପୋଷଣ ପାଇଁ ଆର୍ଥିକ ସାହାଯ୍ୟ ଦେବାକୁ ପଡ଼ିବ, ସେ କଥା ସେ କରିବାକୁ ଚାହୁଁ ନ ଥିଲେ । ତାଙ୍କର ଯୁକ୍ତି ଥିଲା ଯେ ଭରଣପୋଷଣର ଅର୍ଥ ଦେବାଟା ବଡ଼କଥା ନୁହଁ, ମାତ୍ର ଗୋଟିଏ ବିଟପୀ ପତ୍ନୀର ବୋଝ ବୋହିବାଟା ତାଙ୍କୁ ସାରା ଜୀବନ ସନ୍ତୁଳି ଚାଲିବ । ତେଣୁ ସେ ଚାହୁଁଥିଲେ ପତ୍ନୀଙ୍କ ଆଡୁ ଆସୁ ଛାଡ଼ପତ୍ର । ତାଙ୍କର ପତ୍ନୀ ମଧ୍ୟ ହୃଦୟଙ୍ଗମ କରିଥିଲେ ଯେ ତାଙ୍କର ସ୍ୱାମୀଙ୍କ ସହ ସଂପର୍କ ଏକ ଅଫେରାମୋଡ଼ରେ ପହଞ୍ଚିଛି । ମାତ୍ର ଗର୍ଭରେ ଧରିଥିବା ସନ୍ତାନ ଏବଂ ନିଜର ଅସୁରକ୍ଷିତ ଆର୍ଥିକ ଭବିଷ୍ୟତ୍ ପାଇଁ

Digitized by PPRACHIN, SOA

ସେ ମଧ୍ୟ ସାହସ କରିପାରୁ ନ ଥିଲେ ତାଙ୍କପଟୁ ଛାଡ଼ପତ୍ର ଦେବା ପାଇଁ। କିଏ ଦେବ ଛାଡ଼ପତ୍ରର ଦ୍ୱନ୍ଦ୍ୱରେ ଗୋଟେ ଅଚଳାବସ୍ଥା ଲାଗିରହିଲା କିଛି ମାସ। ସୌଭାଗ୍ୟକୁ ତାଙ୍କର ଗୋଟିଏ ଇଂରେଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଚାକିରି ହୋଇଯିବାରୁ ସେ ନିଜପଟୁ ଛାଡ଼ପତ୍ର ଦେଇ ମୁକ୍ତ କରିଦେଲେ ପ୍ରାଣନାଥଙ୍କୁ।

ପ୍ରଥମେ ଅଧ୍ୟାପକଙ୍କ ବଦଳି ଓ ପରେ ପତ୍ନୀଙ୍କ ଛାଡ଼ପତ୍ର ଯୋଗୁଁ କିଛି ପରିମାଣରେ ଆଶ୍ୱସ୍ତ ହେଲେ ପ୍ରାଣନାଥ। ମାତ୍ର ନାରୀ ଜାତି ପ୍ରତି ତାଙ୍କର ବିଦ୍ୱେଷ ଏପରି ଭାବରେ ବଢ଼ିଯାଇଥିଲା ଯେ ସେ ଆଉଥରେ ବିବାହ କରି ସଂସାର ବସାଇବାର ମାନସିକତାରେ ନ ଥିଲେ। ତାଙ୍କୁ ପୁଣିଥରେ ବିବାହ କରାଇ ସଂସାରମନସ୍କ କରିବା ମୋର ସମସ୍ତ ଚେଷ୍ଟା ବୃଥା ହେଲା। ସେ ସବୁବେଳେ ପଦିଏ ଆପ୍ତବାକ୍ୟ "ଫ୍ରାଏଲଟି ଦାଏ ନେମ୍ ଇଜ୍ ଓ୍ୱମାନ" କହି ମୋର ସମସ୍ତ ପ୍ରଚେଷ୍ଟାକୁ ଏଡ଼ାଇ ଯାଉଥିଲେ।

ଏହି ଛୋଟ ସହରଟିରେ ଏମିତି ଏକ ଘଟଣାର ପ୍ରଭାବ ଏତେ ଅଧିକ ଥିଲା ଯେ ନା କଲେଜ, ନା ସାଙ୍ଗସାଥୀ କାହାରି ମେଳରେ ବି ସେ ସ୍ୱାଭାବିକ ହୋଇପାରୁ ନ ଥିଲେ। ଏଥିରୁ ମୁକୁଳି ଯିବାକୁ ସେ ଚାଲିଯିବାକୁ ଚାହୁଁଥିଲେ ଏକ ଅଚିହ୍ନା ସହରକୁ। ବହୁଚେଷ୍ଟା ପରେ ସଫଳ ହୋଇ ସେ ଚାଲିଗଲେ ବାରିପଦା। ସେ ଯିବାର ବହୁଦିନ ଯାଏ ଆମେ ପରସ୍ପରର ଖବର ରଖୁଥିଲୁ। ସମୟ ସହିତ ତାଳଦେଇ ତାହା ସୀମିତ ହେଲା ଏବଂ ଶେଷକୁ ସଂପୂର୍ଣ୍ଣ ବନ୍ଦ ହୋଇଗଲା। କିଛି ବର୍ଷ ପରେ ଶୁଣିଲି ପ୍ରାଣନାଥ ଦ୍ୱିତୀୟ ବିବାହ କରିଛନ୍ତି, ତାଙ୍କ ଗାଆଁ ପାଖର ଜଣେ ଗ୍ରାମୀଣ ତଥା ଅଳ୍ପଶିକ୍ଷିତା ଝିଅକୁ। ଝିଅଟି ଦେଖିବାକୁ ସୁଶ୍ରୀ, ମାତ୍ର ପାରିବାରିକ ଅସ୍ୱଚ୍ଛଳତା ପାଇଁ ତା' ବାପା ମାଆ ବାଧ୍ୟ ହୋଇ ତା'ଠାରୁ ଯଥେଷ୍ଟ ବୟସ୍କ ତଥା ଛାଡ଼ପତ୍ର ପ୍ରାପ୍ତ ଦୋବେଇ ବରକୁ ବାହା ଦେଇଛନ୍ତି। ଏ ଖବର ଶୁଣି ମୁଁ ଖୁସି ହେଲି ଯେ, ଯାହାହେଉ ପ୍ରାଣନାଥ କୂଳରେ ଲାଗିଗଲେ।

ଆଜିର ଏ ଖବରଟି କିନ୍ତୁ ମୋର ବିଶ୍ୱାସର ଭିତ୍ତିଭୂମିକୁ ଦୋହଲାଇ ଦେଲା। ନିଜର ଦ୍ୱିତୀୟ ପତ୍ନୀଙ୍କୁ ନିର୍ଯାତନା, ତାହା ପୁଣି ଯୌତୁକଜନିତ ନିର୍ଯାତନା ଦେଇ ପ୍ରାଣନାଥଙ୍କ ଜେଲ ଯିବା ଖବରଟିକୁ ମୁଁ ସହଜରେ ଗ୍ରହଣ କରିପାରୁ ନ ଥିଲି। ପ୍ରାଣନାଥ ତ ଜାଣି ଜାଣି ଏକ ଗରିବ ଘରେ ବାହା ହୋଇଥିଲେ, ତେଣୁ ସେଠି ଯୌତୁକ ପ୍ରଶ୍ନ ଉଠିଲା କେଉଁଠି? ତା'ପରେ ମୁଁ ପ୍ରାଣନାଥଙ୍କୁ ଯେତିକି ଜାଣିଥିଲି, ନା ସେ ବସ୍ତୁନିଷ୍ଠ ଥିଲେ ନା ଅର୍ଥପିପାସୁ। କ'ଣ ଏଇ କିଛି ବର୍ଷ ମଧ୍ୟରେ ପ୍ରାଣନାଥ ଯୌତୁକଲୋଭୀ ଓ ଅର୍ଥପିପାସୁ ହୋଇ ପଡ଼ିଲେ!

ଜଣେ ଘନିଷ୍ଠ ବନ୍ଧୁର ଏଭଳି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପାଖରେ ନିହାତି ପହଞ୍ଚିବା ଆବଶ୍ୟକ ବୋଲି ମୁଁ ଅନୁଭବ କଲି। ଏହି ସମୟରେ ଯଦି ମୁଁ ତାଙ୍କ ପାଖରେ ନ ପହଞ୍ଚେ,

Digitized by PPRACHIN, SOA

ତେବେ ସେ ବନ୍ଧୁତ୍ୱର ମୂଲ୍ୟ ରହିଲା କେଉଁଠି ? ତେଣୁ ତାଙ୍କୁ ଭେଟିବାର ଲକ୍ଷ୍ୟ ନେଇ ମୁଁ ଗଲି ବଧୂଗଡ଼।

ବଧୂଗଡ଼ରେ ପହଞ୍ଚି ଜେଲ୍ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ୍ କରି ପ୍ରାଣନାଥଙ୍କୁ ଭେଟିବାର ବ୍ୟବସ୍ଥା କଲି। ଯେଉଁ ଜେଲ୍‌ୱାର୍ଡରଜଣଙ୍କ ଯାଇଥିଲେ ପ୍ରାଣନାଥଙ୍କୁ ଡାକି ଆଣିବା ପାଇଁ, ସେ ଆସି ଖବର ଦେଲେ – ସେ ମନା କରୁଛନ୍ତି କାହାରିକୁ ସାକ୍ଷାତ୍ କରିବା ପାଇଁ। ଏତେ ବର୍ଷର ବନ୍ଧୁଙ୍କୁ ଭେଟିବାକୁ ଆସିଛି, ଅଥଚ ସେ ମନା କରିଦେଲେ ଭେଟିବା ପାଇଁ ! ମାତ୍ର ମୁଁ ଦୋଷ ଦେଇପାରୁ ନ ଥିଲି ତାଙ୍କୁ। ଭାବିଲି କେଉଁ ମୁହଁରେ ମୋତେ ଅବା ଭେଟିବେ ବୋଲି ଭାବି ସେ ଦୂରେଇ ରହୁଥିବେ। ଆଉ ଥରେ ୱାର୍ଡର ଜଣଙ୍କୁ ଅନୁରୋଧ କଲି। ମୋର ସୌଭାଗ୍ୟ ଯେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ଜଣେ ସାହିତ୍ୟ ଅନୁରାଗୀ ପାଠକ ଥିଲେ। ସେ ୱାର୍ଡରଙ୍କଠାରୁ ମୋ ବିଷୟରେ ଶୁଣିବା ପରେ ନିଜେ ଆସି ମୋତେ ନେଇଗଲେ ଭିତରକୁ। ତାଙ୍କ ଅଫିସ୍ ପ୍ରକୋଷ୍ଠରେ ବସାଇ ୱାର୍ଡର ଜଣକୁ ପଠାଇଲେ ସୁପରିଣ୍ଟେଣ୍ଡେଣ୍ଟ୍ ଡାକୁଛନ୍ତି କହି ଡାକି ଆଣିବାକୁ।

ପ୍ରାଣନାଥ ଆସିଲେ। ବହୁ କୁଣ୍ଠାରେ ମୋ ଆଡ଼କୁ ହାତ ବଢ଼ାଇଲେ କରମର୍ଦ୍ଦନ ପାଇଁ। ମୁଁ କିଛି ପଚାରିବା ପୂର୍ବରୁ କହିଲେ– ମୁଁ ଜାଣେ ଆପଣ ଯାହା ପଚାରିବେ। ସାହିତ୍ୟରେ ଜୀବନ ଓ ଜୀବନରେ ସାହିତ୍ୟ ଏକା କଥା ନୁହଁ। ପ୍ରଥମ ସଂସାର ପାତିବା ବେଳରେ ମୋର ଭାଙ୍ଗିଯାଇଥିବା ବିଶ୍ୱାସର ଭିତ୍ତିଭୂମିକୁ ମୁଁ ଖୋଜି ପାଉ ନ ଥିଲି ଦ୍ୱିତୀୟ ସଂସାରରେ। ସନ୍ଦେହର ବଳୟରୁ ମୁକୁଳି ମୁଁ ଖୋଜି ପାଉ ନ ଥିଲି ପ୍ରେମର ପରିଭାଷା ଓ ସଂସାରର ସ୍ୱରବର୍ଣ୍ଣ। ସବୁବେଳେ ମୋତେ ଗୋଟେ ଭୟ ଆକ୍ରାନ୍ତ କରୁଥିଲା ଯେ ମୁଁ ସଜାଡୁଥିବା ବସା ଭିତରକୁ ଅତର୍କିତ ଭାବେ କେତେବେଳେ ପଶି ଆସିବ ଡମଣା ସାପଟିଏ। ଭାଙ୍ଗିଦେବ ବସା ଓ ଖାଇଦେବ ସଯତ୍ନେ ସାଇତା ଆମର ସ୍ୱପ୍ନର ଅଣ୍ଡାଗୁଡ଼ିକୁ। ଭୟ ଓ ସନ୍ଦେହ ଭିତରେ ସଂସାର ପାତିବା ବେଳେ କ୍ଲୀବତ୍ୱର କରକା ମାଡ଼ରେ ଉଜୁଡ଼ି ଯାଇଥିଲା ମୋର ପୌରୁଷର କ୍ଷେତ। କେତେବେଳେ ମୋତେ ଲାଗୁଥିଲା ଭରା ନଈର ସୁଅରେ ଭାସି ଯାଉଥିବା ବରଫ ଖଣ୍ଡେ ପରି ତ ଆଉ କେତେବେଳେ ଅଜଗରର କୁଣ୍ଡଳୀରେ ବନ୍ଦୀ ନିରୀହ ଓ ନିସ୍ତେଜ ହରିଣ ଶାବକ ପରି। କେଉଁ ସୁଖର ସାନ୍ତ୍ୱନା ଦେଇ ମୁଁ ଅଟକାଇ ପାରିଥାଆନ୍ତି ମେଘ ଭର୍ତ୍ତି ବାଦଲଙ୍କୁ ମାଟିକୁ ଛୁଇଁବା ପାଇଁ। ମୋର ନିପାରିଲା ପଣରେ ଆଉ ଥରେ ବିଶ୍ୱାସ ଭାଙ୍ଗି ବିଟପୀ ହୋଇଯିବା ପୂର୍ବରୁ ମୁଁ ଚାହିଁଲି ତାଙ୍କୁ ଦେଇ ଦେବାକୁ ମୁକ୍ତି। ମାତ୍ର ପତିବ୍ରତା ଓ ସତୀତ୍ୱର ସଂଜ୍ଞା ଭିତରେ ସଂସାରର ସ୍ୱପ୍ନ ଦେଖୁଥିବା ଜଣେ ଗ୍ରାମୀଣ ନାରୀ ପାଇଁ ସଂପର୍କର ଏହି ସୂକ୍ଷ୍ମ ଶିକୁଳିଟିକୁ ମଧ୍ୟ ଛିଣ୍ଡାଇବା ଥିଲା କଷ୍ଟକର। ତେଣୁ ମୋତେ ହିଁ ରଚନା କରିବାକୁ ପଡ଼ିଲା

Digitized by PPRACHIN, SOA

ଏହି ନାଟକ, ଏକକ ନାଟକ, ଯେଉଁଥିରେ ଏକମାତ୍ର ଚରିତ୍ର ହିଁ ମୁଁ। ମୁଁ ଜାଣୁଥିଲି ଏହା ବ୍ୟତୀତ ମୋ ପାଖରେ ଅନ୍ୟ ଉପାୟ ନାହିଁ। ଅନ୍ତତଃ ମୋଠାରୁ ଛାଡ଼ପତ୍ର ପାଇପାରିଲେ, ମୋ ଦରମାର ଅର୍ଦ୍ଧେକ ନେଇ ସେ ଗଢ଼ିପାରିବେ ଏକ ସୁଖୀ ଓ ସନ୍ତୁଷ୍ଟ ପରିବାର। ହେଲେ ସେ ବୁଝିପାରୁ ନାହାନ୍ତି ଜମା, ଓଲଟି ମୋତେ ବୁଝାଉଛନ୍ତି ଦେହଟା କ'ଣ ସବୁକିଛି ? ଜବରଦସ୍ତ ମୋର ବେଲ୍ ପିଟିସନ୍ ସେ ପକାଇଥିଲେ। ମୁଁ କୋର୍ଟରେ କିନ୍ତୁ ସିଧା ସିଧା କହିଲି, ଏଇଟା ମୋ ବିରୋଧରେ ଏକ ଚାଲ। ମୁଁ ଏଠାରୁ ମୁକୁଳି ଯିବା ପରେ ତାଙ୍କର ପରିବାର ଓ ଆତ୍ମୀୟମାନେ ମୋତେ ଜୀବନରୁ ମାରିଦେଇ ପାରନ୍ତି। ବରଂ ମୁଁ ଏଠାରେ କିଛି ଦିନ ନିରାପଦରେ ରହି ଛାଡ଼ପତ୍ର ମଞ୍ଜୁର ପରେ ବାହାରିବି।

ମୁଁ କେବଳ ଦେଖୁଥିଲି ପ୍ରାଣନାଥଙ୍କୁ। ଭାବୁଥିଲି ଏହା କ'ଣ ତାଙ୍କ ସନ୍ଦେହର ଏକ ରୋଗ ନା ସଂସାରରୁ ପଳାୟନ କରିବାର ଏକ ମାର୍ଗ।

ମୋର ନୀରବ ରହିବା ଦେଖି ପ୍ରାଣନାଥ କହିଲେ– ଆଗରୁ ଜେଲ୍‌କୁ ନେଇ ମୋର ଏକ ଭ୍ରମଧାରଣା ଥିଲା। ମାତ୍ର ସେ ଧାରଣା ଏବେ ବଦଳିଗଲା। ବାହାର ଅପେକ୍ଷା, ଅଧିକ ଭଲ ଲୋକ ଜେଲ୍ ଭିତରେ ଅଛନ୍ତି। ଘରସଂସାର ଉଜାଡ଼ିଥିବା ଲୋକ ବାହାରେ ବୁଲିଲା ବେଳେ, ଏଠି ଭିତରେ ରହି ବହୁ ଲୋକ ନିଜ ସଂସାର ଉଜାଡ଼ି ଚାଲିଛନ୍ତି। ଏଠି ଭୟ ନାହିଁ କି ସନ୍ଦେହ ନାହିଁ। ପରିଚୟ ନାହିଁ କି ପ୍ରତିଷ୍ଠା ନାହିଁ। ସମସ୍ତେ କଏଦୀ – ବାସ୍ ଏତିକି ପରିଚୟ। ଭୟ ଓ ସନ୍ଦେହରେ ବନ୍ଦୀ ହୋଇ ଜୀବନକୁ ସଂକଟାପନ୍ନ କରିବା ଅପେକ୍ଷା ଏଇଟା କ'ଣ ଭଲ ନୁହେଁ ?

ମୁଁ ଫେରିବା ବେଳେ କେବଳ ଭାବୁଥିଲି ପ୍ରାଣନାଥ କ'ଣ ମୁକୁଳିପାରିବେ ସନ୍ଦେହର ଚାରିକାନ୍ଥରୁ।

■■

Digitized by PPRACHIN, SOA

ମନ ଗହନ

ତାଙ୍କ ସହ ମୋର ଘନିଷ୍ଠ ସମ୍ପର୍କ ସତ୍ତ୍ୱେ, ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା ଭଳି କୌଣସି ପାଖାପାଖି ସିଦ୍ଧାନ୍ତରେ ଉପନୀତ ହେବା ଥିଲା ମୋ ପାଇଁ କାଠିକର ପାଠ। ବେଳେ ବେଳେ ସେ ଲାଗନ୍ତି ଗଭୀର ସମୁଦ୍ର ପରି ସ୍ଥିର ଓ ପ୍ରଶାନ୍ତ ତ ଆଉ ବେଳେ ବେଳେ ଲାଗନ୍ତି ବେଳାଭୂଇଁରେ ଧକ୍କା ଖାଉଥିବା ଅଶାନ୍ତ ସମୁଦ୍ରର ଢେଉ। କେତେବେଳେ ସେ ଲାଗନ୍ତି ଶାରଦୀୟ ଆକାଶ ପରି ନିର୍ମଳ ତ କେତେବେଳେ ଅପ୍ରତ୍ୟାଶିତ ଭାବେ ବର୍ଷି ଯାଉଥିବା କଳାହାଣ୍ଡିଆ ମେଘ। ବହୁତ ସମୟରେ ସେ ଲାଗନ୍ତି ମୋ ମତ ଓ ମନ୍ତବ୍ୟକୁ ଗ୍ରହଣ କରୁଥିବା ବାଧ୍ୟ ଓ ବଶମ୍ବଦ ଛାତ୍ରୀ ପରି ଏବଂ କେବେ କେବେ ଲାଗନ୍ତି ଅଯଥାରେ ଯୁକ୍ତି କରୁଥିବା ହିତାହିତ ଜ୍ଞାନବିବର୍ଜିତା ମହିଳା ପରି। ଏସବୁ ବିରୋଧାଭାସ ସତ୍ତ୍ୱେ ସେ ମୋର ଜଣେ ଭଲ ବାନ୍ଧବୀ ଥିଲେ ବୋଲି କହିବାରେ ମୋର ସାମାନ୍ୟ କୁଣ୍ଠା ନାହିଁ।

ମୁଁ ରହୁଥିବା ସହରକୁ ବଦଳି ହୋଇ ସେ ଆସିବାଟା ଗୋଟିଏ ଖବର ନ ଥିଲା। ମୋର ଓ ମୋ ପରି ଅନେକ କର୍ମଚାରୀଙ୍କ ବଦଳି ଯେପରି ଗୁରୁତ୍ୱହୀନ ଘଟଣା ପର୍ଯ୍ୟାୟଭୁକ୍ତ ହୁଏ, ତାଙ୍କ ବଦଳିର ଭାଗ୍ୟ ମଧ୍ୟ ସେହି ପର୍ଯ୍ୟାୟରେ ରହିଥାଆନ୍ତା। ମାତ୍ର ସେ ଆସିବାର ପ୍ରଥମ ଦିନ ହିଁ ସେ ରହୁଥିବା ତାଙ୍କ ବାନ୍ଧବୀଙ୍କ ଘରେ ଡକାୟତମାନଙ୍କ ଆକ୍ରମଣ ଏବଂ ଡକାୟତମାନଙ୍କର ବଳାତ୍କାର ଉଦ୍ୟମ ଭୟରେ ସେ ଘରର ପୋର୍ଟିକୋରୁ ଡେଇଁ ପଡ଼ି ଗୋଡ଼ ଭାଂଗିବାଟା ହିଁ ଏ ଛୋଟ ସହରଟି ପାଇଁ ଏକ ବ୍ରେକିଂ ନିଉଜ୍ ହୋଇଯାଇଥିଲା।

ଏ ଖବରଟି ଯେଉଁ ଶିକ୍ଷକ ବନ୍ଧୁ ମୋତେ କହିଲେ, ସେ କହିବା ସମୟରେ ଆଉ ଏକ କଥା କହିଲେ ଯାହା ଥିଲା ବିଶେଷ ପ୍ରଣିଧାନଯୋଗ୍ୟ। ସାର୍ ଆପଣ କିପରି ଆମ ମ୍ୟାଡାମ୍‌ଙ୍କୁ ଚିହ୍ନି ନାହାନ୍ତି ?

ମାନେ !

ଲେଖକ ଲେଖିକା ମାନେ ପରସ୍ପରକୁ ଚିହ୍ନି ଥାଆନ୍ତି ନା। ଓହୋ– ଆପଣଙ୍କ ବସ୍ ସୁଦେଷ୍ଣା ଦେବୀ ତେବେ ଲେଖିକା ସୁଦେଷ୍ଣା ଦେବୀ। ତାଙ୍କର ସବୁ ଲେଖାକୁ ତ ମୁଁ ମାର୍ଫତ

Digitized by PPRACHIN, SOA

ଠିକଣାରେ ପଢ଼ି ଆସିଛି, ତେଣୁ କେମିତି ବା ଜାଣିଥାଆନ୍ତି ସେ ଚାକିରି କରିଛନ୍ତି ଏବଂ ଇଏ ସେହି ସୁଦେଷ୍ଣା ବୋଲି । ତେବେ ଭଲ ହେଲା ଅନ୍ତତଃ ଆପଣଙ୍କଠାରୁ ମୁଁ ଏ ଖବରଟି ପାଇଗଲି । ସୌଜନ୍ୟ ଦୃଷ୍ଟିରୁ ତାଙ୍କୁ ଯାଇ ନିହାତି ସାକ୍ଷାତ୍ କରି ଆସିବା କଥା ।

ବ୍ୟସ୍ତତା ଯୋଗୁଁ ପରବର୍ତ୍ତୀ ଦୁଇଦିନ ଯାଏ ମୁଁ ଯାଇପାରି ନ ଥିଲି ତାଙ୍କୁ ଭେଟିବାକୁ । ମାତ୍ର ତୃତୀୟ ଦିନ ନିଷ୍ପତ୍ତି ନେଲି ଯେ ଆଜି ଯାହା ହେଲେ ବି ତାଙ୍କୁ ଯାଇ ଭେଟିବି । ଖବର ପାଇଲି ଯେ ସେ ହସ୍ପିଟାଲରେ ନ ରହି କ୍ୱାର୍ଟରରେ ରହୁଛନ୍ତି । ଅପରାହ୍ନରେ ପହଞ୍ଚିଲି ତାଙ୍କ କ୍ୱାର୍ଟରରେ । ସାକ୍ଷାତ୍ କରିବାର ଝୁଙ୍କ ନେଇ ପହଂଚିଗଲି ସିନା, ତେବେ କେଉଁ ପରିଚୟରେ ତାଙ୍କୁ ଭେଟିବି ? ଅଫିସିଆଲ୍ ପରିଚୟ ନେଇ କାହାକୁ ସାକ୍ଷାତ୍ କଲାବେଳେ ମୋତେ ଲାଗେ ଗୋଟିଏ ସଂକୀର୍ଣ୍ଣ ପରିଚୟର ଅର୍ଗଳି ଭିତରେ ଅଣନିଃଶ୍ୱାସୀ ହେବା ପରି । ତା'ପରେ ସେ ହୁଏତ ଭାବିପାରନ୍ତି କୌଣସି ଅଫିସିଆଲ୍ କାର୍ଯ୍ୟ ପାଇଁ ମୁଁ ଆସି ଥାଇପାରେ ବୋଲି । ସାକ୍ଷାତ୍ କରିବାକୁ ମନାବି କରିଦେଇପାରନ୍ତି । ତେଣୁ ସେ ପରିଚୟକୁ ଉହ୍ୟ ରଖି ମୁଁ ତାଙ୍କ କ୍ୱାର୍ଟରର ବେଲ୍ ମାରିଲି । କବାଟ ଖୋଲିଥିବା ପରିଚାରିକା ଜଣକୁ ମୋ ନାଆଁଟା କେବଳ କହି କହିଲି କହ ଯାଇ ସାକ୍ଷାତ୍ କରିବାକୁ ଆସିଛନ୍ତି ବୋଲି ।

ସେ ଯେମିତି ଭିତରକୁ ଗଲା ଠିକ୍ ସେମିତି ବାହାରି ଆସି କହିଲା– ମ୍ୟାଡାମ୍ କହିଲେ ଭିତରକୁ ଆସନ୍ତୁ ।

ମୁଁ ଭିତରକୁ ପଶୁ ପଶୁ ପଲଙ୍କର ଗୋଟିଏ ସାଇଡ୍‌ରୁ ତକିଆ ଦେଇ କାନ୍ଥକୁ ଆଉଜି ବସିଥିବା ମହିଳାଜଣକ ହାତ ଯୋଡ଼ି ମୋତେ ନମସ୍କାର ଜଣାଇ ସ୍ୱାଗତ କଲେ ।

ମୁଁ ପ୍ରତି ନମସ୍କାର କରୁ କରୁ ମୋ ନାଆଁଟି କହିଲି ।

ଜାଣେ, ଆପଣ ହୁଏତ ମୋତେ ଚିହ୍ନି ନ ଥିଲେ, ମାତ୍ର ମୁଁ ପୂର୍ବରୁ ଆପଣଙ୍କୁ ଚିହ୍ନିଛି ।

ମୁଁ ଭିତରେ ଭିତରେ ଆମୋଦିତ ହେଲି, ତେଣୁ ସେହି କୃତଜ୍ଞତାରେ ମିଥ୍ୟାର ଆଶ୍ରୟ ନେଇ କହିଲି– ମୁଁ ଏ ଖବର ପାଇ ନ ଥିଲି, ଆଜି ଶୁଣିବା ପରେ ସଂଗେ ସଂଗେ ଆସିଲି । ଆଚ୍ଛା– କେମିତି ହେଲା ଏ ଦୁର୍ଘଟଣା ?

ଦୁର୍ଘଟଣା ! କାହିଁ ? କେଉଁଟାକୁ ଦୁର୍ଘଟଣା କହୁଛନ୍ତି ଆପଣ ?

ମୁଁ ମନେ ମନେ ଭାବିଲି ବୋଧହୁଏ ନିଜର ସାହସିକତାର ପରିଚୟ ଦେବାକୁ ଯାଇ ସେ ଏ ଘଟଣାଟିକୁ ଅତି ଛୋଟ କରି ଦେଖୁଛନ୍ତି ।

ମୋର ନୀରବ ରହିବା ଦେଖି ସେ କହିଲେ– ଆପଣଙ୍କ ଭାଷାରେ ଯେଉଁଟା ଦୁର୍ଘଟଣା, ମୋ ପାଇଁ ସିଏ ତ କୌଣସି ସୁଖଦ ଘଟଣାଠାରୁ କମ୍ ନୁହେଁ ।

Digitized by PPRACHIN, SOA

ମୁଁ ହସିଲି । ହସୁ ହସୁ କହିଲି ଆଡ଼ଭରସିଟିକୁ ଆଡ଼ଭାନ୍‌ଟେଜ୍ ହିସାବରେ ଗ୍ରହଣ କରିବାର ଦକ୍ଷତାକୁ ଦେଖି ମୁଁ ତାରିଫ୍ କରୁଛି ।

ନା- ନା, ଯଦି ଛୋଟ ଏକ ଦୁର୍ଘଟଣା ଆପଣଙ୍କୁ ଏକା ସମୟରେ ବହୁତ କିଛି ଦିଏ, ତେବେ କ'ଣ ତାକୁ ଆପଣ ଦୁର୍ଘଟଣା ହିସାବରେ ମନେ ରଖିବେ ? ଏ ଯେଉଁ ଘଟଣାଟି ଘଟିଲା, ସେ ଘଟଣାଟିପାଇଁ ତ ମୁଁ ଆସୁ ଆସୁ ସହରରେ ସମସ୍ତଙ୍କର ଚିହ୍ନା ହୋଇଗଲି । ଦେଖନ୍ତୁ ଆପଣଙ୍କ ସହ ଥରେ ସାକ୍ଷାତ୍ ହେବାର କୋମଳ ଇଚ୍ଛାଟିଏ କାହିଁ କେତେ ବର୍ଷ ତଳୁ ଛାତି ତଳେ ସାଇତା ହୋଇଥିଲା, ବାଣୀବିହାରରେ ପଢ଼ିବା ବେଳୁ ଯେତେବେଳେ ମୁଁ ଆପଣଙ୍କ ଗପ ପଢ଼ି ବିମୋହିତ ହେଉଥିଲି ମାତ୍ର । ମାତ୍ର ଆଜିଯାଏ ମୋର ଆପଣଙ୍କ ସହ ଦେଖା ସାକ୍ଷାତ୍ ହୋଇ ନ ଥିଲା । ଆଜି ଏ ଘଟଣାଟି ହିଁ ସେ ସୁଯୋଗ ସୃଷ୍ଟି କଲା, ତେଣୁ ଏହାକୁ ମୁଁ ଦୁର୍ଘଟଣା କିପରି କହିବି ?

ଆପଣଙ୍କୁ କଥାରେ ପାରିବା କଷ୍ଟସାଧ୍ୟ, ହଉ ଆପଣଙ୍କ ଗୋଡ଼ର ଫ୍ରାକ୍‌ଚର କେତେ ?

ଫ୍ରାକ୍‌ଚର ବେଶି ନୁହଁ – ହେୟାର ସ୍ଲିଟ୍ । ମାତ୍ର ଜାଗାଟା ଇମ୍ପୋଟାଣ୍ଟ- ଗୋଇଠିର ଟେଣ୍ଡର ବୋନ୍ । ମୁଭ୍‌ମେଣ୍ଟ ହେବାକୁ ବାଧ୍ୟ, ଯାହା ଫଳରେ ଜଏଣ୍ଟ ହେବା ସମୟ ସାପେକ୍ଷ ହେବ ।

ନାଇଁ – ନାଇଁ, ଆପଣ ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତୁ, ଗୋଇଠି ଉପରେ ଯେମିତି ପ୍ରେସର ନ ପଡ଼େ । ଚଲାବୁଲା ସମ୍ପୂର୍ଣ୍ଣ ବନ୍ଦ କରି ଦିଅନ୍ତୁ ।

ସମସ୍ତ ବିଶ୍ରାମ ସତ୍ତ୍ୱେ ମଧ୍ୟ ଆବଶ୍ୟକୀୟ ନିତ୍ୟକର୍ମ ପାଇଁ ତ ପାଦ ପକାଇବାକୁ ପଡ଼ିବ ନା ?

ଘରକୁ ଖବର ଦେଇଛି ସତ, ହେଲେ ପରିସ୍ଥିତି ମୋର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଅଛି କହି ସେମାନଙ୍କୁ ବାରଣ କରିଛି ବ୍ୟସ୍ତ ହୋଇ ଏଠାକୁ ନ ଆସିବାକୁ ।

ଆପଣଙ୍କର ତ ଅଦ୍‌ଭୂତ ଖିଆଲ । ଆପଣ ଅସୁସ୍ଥ ହୋଇ ବେଡ୍‌ରିଡ୍‌ନ୍ ଅଛନ୍ତି, ଅଥଚ ଘର ଲୋକଙ୍କୁ ବାରଣ କରିଛନ୍ତି ଆସିବା ପାଇଁ ।

ହଁ– ତା'ର ବି ଗୋଟେ କାରଣ ଅଛି ।

କ'ଣ ସେ କାରଣଟା ?

ମୁଁ ଏତେ ଶୀଘ୍ର ହାର ମାନିବାକୁ ଚାହେଁନା ।

ଏଥିରେ ହାରମାନିବା କଥା କାହିଁକି ଉଠୁଛି ?

Digitized by PPRACHIN, SOA

ଏଥିପାଇଁ ଯେ ଜଣେ ନାରୀ ସ୍ୱାଧୀନ ହେଉ ଏକଥା ପୁରୁଷ ସମାଜ ଚାହେଁନା।

ଏହା ସ୍ଥଳବିଶେଷରେ ସତ୍ୟ ହୋଇପାରେ ମାତ୍ର ସାର୍ବଜନୀନ ସତ୍ୟ ନୁହେଁ।

ଆପଣ ଜାଣନ୍ତି ମୁଁ ଏଠାକୁ ଟ୍ରାନ୍ସଫର ମାଗି କରି ଆସିଛି, ତାହା ପୁଣି ଭୁବନେଶ୍ୱରରୁ ?

ଶୁଣି ଖୁସି ହେଲି ଯେ ଭୁବନେଶ୍ୱରରୁ ମାଗିକରି ଏଠାକୁ ଟ୍ରାନ୍ସଫର ହୋଇ ଆସିବାର ଲୋକ ଅଛନ୍ତି।

ହଁ – ମୁଁ ମାଗିକରି ଟ୍ରାନ୍ସଫର ହୋଇଛି, କାରଣ ମୁଁ ଚାହୁଁଥିଲି ସ୍ୱାଧୀନତା। ମୁକ୍ତି ଚାହୁଁଥିଲି ନାରୀକୁ ଦୁର୍ବଳା ଭାବି ଦୟା ଦେଖାଉଥିବା ପୁରୁଷ ମାନସିକତାରୁ ଓ ପୁରୁଷପ୍ରାଧାନ୍ୟ ପ୍ରଥାରୁ। ମୋର ଚିନ୍ତା, ଚେତନା, ଚଳଣି ଓ ଜୀବନ ଜିଇଁବାର ଶୈଳୀରେ ମୁଁ ଚାହୁଁଥିଲି ପରିବର୍ତ୍ତନ। ସେଥିପାଇଁ ମୁଁ ଏଠାକୁ ଆସିଛି। ଆଉ ଯଦି ଆସୁ ଆସୁ ଏଇ ଗୋଟିଏ ଛୋଟିଆ ଘଟଣା ପାଇଁ ମୁଁ ସେମାନଙ୍କ ଉପରେ ନିର୍ଭର କରେ, ତେବେ ମୁଁ ଆଉ କେବେ ମୁକ୍ତ ହୋଇପାରିବି ନାହିଁ।

ଆପଣ ଯାହା କହୁଛନ୍ତି ତାହା କ'ଣ ଏବେ ଅଛି ? ଅଛି ମାନେ ! ମୁଁ ଏବେକା କଥା କହୁଛି ଇତିହାସ କଥା କହୁ ନାହିଁ। ଏବେ ମଧ୍ୟ ଏହା ମୋର ଅବବୋଧର ବାହାରେ ଯେ ପୁରୁଷମାନେ ନାରୀକୁ କାହିଁକି ଏମିତି ଦୁର୍ବଳା ବୋଲି ମନେକରନ୍ତି, କ'ଣ କେବଳ ଶାରୀରିକ ଗଠନ ପାଇଁ ନା ରାମାୟଣ, ମହାଭାରତ ଓ ଇତିହାସଠାରୁ ଗଢ଼ି ଆସିଥିବା ନାରୀ ଚରିତ୍ରମାନଙ୍କୁ ଶୁଣି ଶୁଣି ?

ମୁଁ ଅନୁମାନ କଲି କଥାଟା କୌଣସି ବ୍ୟକ୍ତିଗତ କାରଣ ନେଇ ହୋଇଥାଇପାରେ। ପ୍ରଥମ ସାକ୍ଷାତରୁ ଏତେ ବେଶି ବ୍ୟକ୍ତିଗତ ଆଲୋଚନାକୁ ଯିବାଟା ଠିକ୍ ହେବନି ଭାବି ମୁଁ କଥାର ମୋଡ଼ ବଦଳାଇ କହିଲି– ଆପଣ ବିଶ୍ରାମ ନେବା ସମୟରେ କିଛି ପଢ଼ାପଢ଼ି କରନ୍ତୁ।

ହଁ ପଢ଼ାପଢ଼ି କରିବାକୁ ତ ମୋର ଖୁବ୍ ଇଚ୍ଛା। ମୁଁ ଏଠାକୁ ଜଏନ୍ କରିବାକୁ ଆସିଥିଲି, ସାଂଗରେ କେବଳ ମୋର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ବ୍ୟତୀତ ଆଉ କିଛି ଆଣି ନ ଥିଲି। ଆଉ ଆସି ପହଂଚୁ ପହଂଚୁ ତ ଏ ଘଟଣା, ତେଣୁ ବହି ଖଣ୍ଡେ ବି ମଗାଇ ପାରିନି। ପାରିବେ ଯଦି ମୋତେ ଆପଣ ଏଥିରେ ସାହାଯ୍ୟ କଲେ ମୁଁ ଖୁସି ହୁଅନ୍ତି।

ଆରେ ଇଏ ଗୋଟେ କଥା– ମୁଁ କିଛି ଭଲ ବହି ଆପଣଙ୍କପାଇଁ ପଠାଇ ଦେଉଛି, ତେବେ ଆପଣଙ୍କର କି ପ୍ରକାର ବହି ପ୍ରତି ବିଶେଷ ରୁଚି ଅଛି କହିଲେ ଭଲ ହେବ।

Digitized by PPRACHIN, SOA

ପ୍ରଥମ ତ ମୁଁ ଆପଣଙ୍କ ବହିସବୁ ପଢ଼ିବାକୁ ଇଚ୍ଛା କରିନି। ମୁଁ ଆପଣଙ୍କୁ ପଢ଼ିଛି କିନ୍ତୁ ଆପଣଙ୍କ ବହି ସବୁ ପଢ଼ିନି। ଯଦି ଆପଣ ଆପଣଙ୍କର ସବୁ ବହିରୁ ଖଣ୍ଡେ ଖଣ୍ଡେ ପଠାଇପାରନ୍ତି ତାହେଲେ ଖୁସି ହେବି।

ପରଦିନ ମୁଁ ପଠାଇ ଦେଇଥିଲି ମୋର ସମସ୍ତ ବହି। ତିନିଦିନ ପରେ ମୋ ବହି ସହ ଏକ ଦୀର୍ଘ ଚିଠି ଆଣି ଦେଇଗଲା ତାଙ୍କ ଅଫିସ୍ ପିଅନ। ଚିଠିଟିରେ ଥିଲା ମୋ ଗଳ୍ପମାନଙ୍କ ଉପରେ ଏକ ବିଶ୍ଳେଷଣାତ୍ମକ ମତାମତ। ଚିଠିର ଶେଷରେ ଲେଖିଥିଲେ ଆପଣ ମଧ୍ୟ ମେଲ୍ ଚଉଭନିଜମ୍‌ରୁ ମୁକ୍ତ ନୁହନ୍ତି। ଆପଣଙ୍କ ଗଳ୍ପର ଅନେକ ନାରୀ ଚରିତ୍ର ବହୁତ ଦୁର୍ବଳା, ଅସହାୟା ଓ ପୁରୁଷର ଦୟାରେ ବଢ଼ିଛନ୍ତି।

ମୁଁ ଚିଠିଟି ପଢ଼ିସାରି ତାଙ୍କର ମତାମତ ପାଇଁ ଟେଲିଫୋନ୍ କରି ଧନ୍ୟବାଦ ଜଣାଇଲି।

ମୋ କଥା ନ ସରୁଣୁ ସେ କହିଲେ– ଏ ଟେଲିଫୋନ୍‌ରେ ସାହିତ୍ୟ ଆଲୋଚନା ମୋତେ ଭଲ ଲାଗେନା। ତା' ପରେ ମୋ ଦେହତ ଏଯାଏଁ ଭଲ ହୋଇନି ନା, ଆପଣ କ'ଣ ମୋତେ ଦେଖିବାକୁ ଆସିବେ ନାହିଁ କି ? ହଁ ଆସିବା ବେଳେ କିଛି ନୂଆ ବହି ଧରି ଆସିବେ।

ତାଙ୍କ ଅନୁରୋଧ ଓ ଅନୁରୋଧଟିକୁ ଉପସ୍ଥାପନା କରିବାର ଶୈଳୀଟି ମୋତେ ଉଲ୍ଲସିତ କଲା। ସେଦିନ ଅପରାହ୍ନରେ ମୁଁ ପହଂଚିଲି ତାଙ୍କ ଘରେ।

ମୋ ପହଂଚିବାର ଖୁସିର ଝଲକ ଥିଲା ତାଙ୍କ ମୁହଁରେ। ମୋତେ ବସିବାକୁ କହୁ କହୁ କହିଲେ– ଭାବିଥିଲି ଆପଣ ମୋ ଚିଠିଟି ପାଇ କ୍ଷୁବ୍‌ଧ ହେବେ ବୋଲି।

କ୍ଷୁବ୍‌ଧ ! କାହିଁକି ? ବରଂ ଖୁସି ହେଲି ଯେ ମୋ ଗଳ୍ପ ଉପରେ ଆପଣ ନିଛକ ମତାମତ ଦେବା ସହ, ମୋ ଅଜ୍ଞାତସାରରେ ରହିଯାଉଥିବା ଦିଗଟି ଉପରେ ଆପଣ ଅଂଗୁଳି ନିର୍ଦ୍ଦେଶ କରିଛନ୍ତି ବୋଲି।

ହଠାତ୍ ସେ ମୋତେ ପଚାରିଲେ – ଆପଣଙ୍କ ପତ୍ନୀ ଆପଣଙ୍କୁ ଖୁବ୍ ଭଲ ପାଉଥିବେ ତ ?

ମୁଁ କିଛି ସମୟ ନୀରବ ରହି କହିଲି– ଏ ପ୍ରଶ୍ନର ଉତ୍ତର ସେହିଁ କେବଳ ଦେଇ ପାରିବେ। ଏ ପ୍ରଶ୍ନଟି ଆପଣ ତାଙ୍କୁ ପଚାରିଲେ ଭଲ ହେବ।

ହଁ– ମୁଁ ତ ଅପେକ୍ଷା କରୁଛି ମୋର ଗୋଡ଼ ଭଲ ହେବା ଯାଏ।

ନାଇଁ – ଆପଣଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରକୃତରେ ଆମେ ଉଭୟ ଆଜି ସନ୍ଧ୍ୟାରେ ଆସିବାର ଥିଲା, ମାତ୍ର ମୁଁ ଅଫିସ୍‌ରୁ ସିଧା ଏପଟେ ଚାଲିଆସିବାରୁ ତାଙ୍କୁ ଆଣିପାରିଲି ନାହିଁ।

Digitized by PPRACHIN, SOA

ଆଚ୍ଛା ଆପଣ କିମ୍ବା ଆପଣଙ୍କ ପତ୍ନୀ ଜାତି ପ୍ରଥା ଉପରେ ବିଶ୍ୱାସ କରନ୍ତି କି ?

ନା । ଆପଣ ଏ ପ୍ରଶ୍ନଟି କାହିଁକି ପଚାରିଲେ ?

ଆରେ ଜଣେ ଡାକ୍ତରଙ୍କୁ ନେଇ ମୁଁ ସ୍କୁଲର ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଉଥିଲି । ସେ କିଛି ପିଲାଙ୍କୁ ବାଛି ବାଛି ସିକ୍‌ଲିଂ ଟେଷ୍ଟ କରାଇବାକୁ କହିଲେ । ମୁଁ ତାଙ୍କୁ ଯେତେବେଳେ ପଚାରିଲି– ଏଇ ପିଲାମାନଙ୍କର ସିକ୍‌ଲିଂ ଟେଷ୍ଟ କାହିଁକି, ସବୁ ପିଲାମାନଙ୍କର କାହିଁକି ନୁହେଁ, ସେ କହିଲେ ଏ ଜାତିର ପିଲାମାନଙ୍କର ସିକଲସେଲ୍ ସମ୍ଭାବନା ଅଧିକ ବୋଲି କହିବା ଫଳରେ ମୁଁ ରାଗିଗଲି । ଭାବୁଥିଲି ତାଙ୍କୁ କ'ଣ ନାହିଁ କ'ଣ କହି ଯାଇଥାଆନ୍ତି, ମାତ୍ର ନିଜକୁ କଣ୍ଟ୍ରୋଲ୍ କଲି, ଏତେ ଶିକ୍ଷା ଦୀକ୍ଷା ପରେ ଏବଂ ମେଡ଼ିକାଲ ଭଳି ଶିକ୍ଷା ନେବା ପରେ ଯଦି ଜାତି ନେଇ ତାଙ୍କ ଭିତରେ ଏ ଧାରଣା, ତେବେ ସାଧାରଣ ଲୋକଙ୍କ କଥା କାହିଁକି ଧରିବା ?

ମୁଁ କଥାର ମୋଡ଼ ବଦଳାଇବାକୁ ଆଲୋଚନାକୁ ସାହିତ୍ୟ ଆଡ଼କୁ ମୋଡ଼ିଲି । ସାଂପ୍ରତିକ ଓଡ଼ିଆ ସାହିତ୍ୟରୁ ବିଶ୍ୱ ସାହିତ୍ୟଯାଏଁ ଚର୍ଚ୍ଚା ଚାଲିଥିବା ବେଳେ ମୁଁ ଲକ୍ଷ୍ୟ କରେ ବେଳେବେଳେ ସେ ଅନ୍ୟମନସ୍କା ହୋଇ ପଡ଼ନ୍ତି । କଥା ଶୁଣୁ ଶୁଣୁ ମୋତେ ପଚାରିଲେ– ସାହିତ୍ୟକୁ ନେଇ ଆପଣଙ୍କ ପରିବାରରେ କେବେ ମନୋମାଳିନ୍ୟ ହୋଇଛି ? ମାନେ ମୋ କହିବାର ଉଦ୍ଦେଶ୍ୟ ହେଲା– ଆପଣଙ୍କ ସ୍ତ୍ରୀଙ୍କର ଏଥିପାଇଁ ଅଭିଯୋଗ ରହିଛି କି ?

ନା– ସେକଥା ହୋଇଥିଲେ ମୁଁ ଲେଖାଲେଖି କରିପାରୁ ନ ଥାନ୍ତି । ଆପଣ ତାହେଲେ ଭାଗ୍ୟବାନ୍ ?

ଭାଗ୍ୟବାନ୍ ବୋଲିତ କହିପାରିବିନି ତଥାପି ପତ୍ନୀଙ୍କ ପକ୍ଷରୁ ନିରୁପଦ୍ରକ ସାହିତ୍ୟିକ ଓ ସାଂସାରିକ ଜୀବନ ।

ଯଦି ସେ ଲେଖାଲେଖି କରୁଥାଆନ୍ତେ ଓ ଆପଣ ଲେଖାଲେଖି କରୁ ନ ଥାନ୍ତେ ତେବେ ସେ ଯେଉଁ ସହଯୋଗ ଆପଣଙ୍କୁ ଦେଉଛନ୍ତି, ସେହି ସହଯୋଗ ଆପଣ ତାଙ୍କୁ ଦେଇ ପାରିଥାଆନ୍ତେ କି ?

ନିଶ୍ଚୟ ।

ଯଦି ସିଏ ସାହିତ୍ୟରେ ସତ୍ୟନିଷ୍ଠ ଅଭିବ୍ୟକ୍ତି କରନ୍ତି, ତଥାପି ମଧ୍ୟ ?

ସାହିତ୍ୟ ତ ସତ୍ୟନିଷ୍ଠ । କଲମ ଧରିବା ସମୟରେ ଜଣେ ସାହିତ୍ୟିକ ପାଖରୁ ତ ଅଲଗା ହୋଇଯାଏ ତା'ର ଅନ୍ୟ ସମସ୍ତ ବ୍ୟକ୍ତିସତ୍ତା, କେବଳ ସବାର ହୁଏ ଲେଖକୀୟ ସତ୍ତା ।

Digitized by PPRACHIN, SOA

ମୁଁ ଜାଣୁଥିଲି ତାଙ୍କର ଏ ପ୍ରଶ୍ନ ଭିତରେ ଲୁଚି ରହିଛି ଗୋଟେ ଅନ୍ତର୍ଗତ ପୀଡ଼ା । ସେ ପୀଡ଼ା ଖୋଜୁଛି ଶବ୍ଦ ଓ ହୃଦୟଟିଏ ବିମୁକ୍ତ ହେବାକୁ । ସେହି ଅନ୍ତର୍ଗତ ପୀଡ଼ାର ସ୍ୱରୂପ ଜାଣିବାକୁ ମୁଁ ପଚାରିଲି ତାଙ୍କର ମିଷ୍ଟର ଓ ପିଲାମାନଙ୍କ ବିଷୟରେ । ସେ ବିଷୟରେ ତାଙ୍କର ସୂଚନା ଖୁବ୍ ସଂକ୍ଷିପ୍ତ ଥିଲେହେଁ ଲାଗୁଥିଲା ପୂରିଲା ପୂରିଲା, ମାତ୍ର ତା' ଭିତରେ କେଉଁଠି ଗୋଟେ କାଟି ଚାଲିଥିଲା ଅହଂର ପୋକ ସେ ପରିବାରର ମଂଜକୁ । ମୁଁ ତାଙ୍କୁ ଉପଦେଶ ଦେବା ଭଳି କହିଲି ପାରିବାରିକ ଜୀବନର ବୀଜମନ୍ତ୍ର ହେଉଛି ବିଶ୍ୱାସ ଓ ବୁଝାମଣା । ସେ ମନ୍ତ୍ରଟିକୁ ଆୟତ୍ତ ନ କରିପାରିଲେ ଜୀବନ କେବଳ ବିଫଳ ହୁଏ ନାହିଁ, ଦୁର୍ବିଷହ ମଧ୍ୟ ହୋଇପଡ଼େ ।

ସେ କିଛି ନ କହି ଚୁପ୍ ରହିଲେ । ତାଙ୍କର ଚୁପ୍ ରହିବାଟା କହୁଥିଲା ଯେପରି ସେ ମନେ ମନେ କିଛି ଗୋଟାଏ ଭାବୁଛନ୍ତି । ମୁଁ କହିଲି– ଆଜି ବହୁତ ବିଳମ୍ବ ହେଲାଣି, ମୁଁ ଏବେ ଯାଏ ତାହେଲେ ।

ଏହା ପରେ ସେ କେବଳ ମୋ ସହ ନୁହଁ ମୋର ପରିବାର ସହ ମଧ୍ୟ ଘନିଷ୍ଠ ହୋଇଛନ୍ତି । ଏପରିକି ବହୁ ସମୟରେ ତାଙ୍କ ପାରିବାରିକ ସମସ୍ୟା ଓ ଭୁଲ ବୁଝାମଣା ନେଇ ଆମ ପରିବାରରେ ଆଲୋଚନା କରିଅଛନ୍ତି । ଏହା ଫଳରେ ଆମେ ଉଭୟ ପରସ୍ପରକୁ ଖୁବ୍ ନିକଟତର ହୋଇଛୁ ।

ମୁଁ ଯେତେ ବେଶି ବେଶି ତାଙ୍କର ନିକଟତର ହୋଇଛି, ସେତେ ବେଶି ବେଶି ତାଙ୍କର ବ୍ୟଥାର ଗଭୀରତାକୁ ପ୍ରବେଶ କରିଛି । ତାଙ୍କର ବ୍ୟଥା ଥିଲା ବହୁମୁଖୀ ଏବଂ ସବୁଗୁଡ଼ିକ ଗୋଟିଏ କଳ୍ପିତ ଦୁଃଖର ଛାୟାରେ ଗଢ଼ା ଯାଇଥିଲା । ନିଜ ସ୍ଥିତିକୁ ଜାହିର କରି ନିଜ ପରିଚୟରେ ଚିହ୍ନିତ ହେବାକୁ ସେ ଚାହୁଁଥିଲେ । ମାତ୍ର ଅସ୍ମିତାର ଅହଂକାର ତାଙ୍କୁ ଛିଡ଼ା କରି ଦେଉଥିଲା ଏକ ଖୋଲା ପଞ୍ଜୁରିର ଦ୍ୱାରରେ । ଯେଉଁଠାରୁ ସେ ଚାହିଁଲେ ବାହାରି ଆସି ଡେଣା ହଲାଇ ଉଡ଼ିଯାଇ ପାରିବେ ମୁକ୍ତ ଆକାଶକୁ, ମାତ୍ର ଭାଗ୍ୟର ବିଡ଼ମ୍ବନା ଥିଲା ଯେ ପଂଜୁରୀର ଦ୍ୱାରରେ ଛକି ବସିଥିଲା ଗୋଟେ କଟାଶ । ସେ ମୁକ୍ତ ଆକାଶର ମୋହ ଓ ମୁକ୍ତିର ଦ୍ୱାରଦେଶରେ ଜଗିଥିବା ଭୟକୁ ନେଇ ବିବ୍ରତ ଥିଲେ ।

ଥରେ ସେ କହିଲେ– ନାରୀ ପ୍ରକୃତରେ ଦୁର୍ବଳା ନୁହେଁ, ତାକୁ ଏ ସମାଜ ଭୋଗବାଦୀ ବିଳାସ ମାନସିକତା ନେଇ ଦୁର୍ବଳା କରି ସଜାଇଛି । ନାରୀକୁ ଏକ ଉପଭୋଗର ସାମଗ୍ରୀ ବୋଲି ଧରି ନେଇଛି । ନାରୀର ମୁକ୍ତିର ଅଧିକାରକୁ ଯୁଗ ଯୁଗ ଧରି ଅବଦମିତ କରି ରଖିଛି ସାମାଜିକତାର ଦ୍ୱାହି ଦେଇ । ମୁଁ ଏଥିରୁ ମୁକ୍ତି ଚାହେଁ ।

Digitized by PPRACHIN, SOA

ମୁଁ ପଚାରିଲି– ଆପଣ ମୁକ୍ତି ଚାହାନ୍ତି ଯେ ହେଲେ ସେ ମୁକ୍ତିଟା କାହାଠାରୁ ? ନିଜ ଠାରୁ ନା ସମାଜରୁ ?

ସମାଜରୁ–

ସମାଜ ତ ଆପଣଙ୍କର ଇପ୍‌ସିତ ସ୍ୱାଧୀନତାରେ କୌଣସି ବାଧକ ହୋଇ ଛିଡ଼ା ହୋଇଛି ବୋଲି ମୁଁ ଭାବୁନି ।

କିଏ କହିଲା ସେ କଥା ?

ଆପଣଙ୍କ ସାଂପ୍ରତିକ ଜୀବନପାଇଁ ମୁଁ ଏକଥା ଭାବୁଛି । ନା ଆପଣ ଭୁଲ ଭାବୁଛନ୍ତି । ମୁଁ କେମିତିକା ଜୀବନ ଚାହେଁ ବୋଲି ଆପଣ ଭାବୁଛନ୍ତି ?

ମୁଁ କେମିତି ଜାଣିବି ସେ କଥା ।

ଏଇ ଧରନ୍ତୁ ମୁଁ ଚାହୁଁଛି ଆଜି ସାରାରାତି ମୁଁ ଆପଣଙ୍କ ସହ ଗପିବି । କ'ଣ ପାରିବି ଏ କଥା ? ମୁଁ ଯଦି ଚାହେଁ ଜୀବନରେ ଯାହା ସବୁ ଭୁଲ ହୋଇଯାଇଛି ତାକୁ ସଂଶୋଧନ କରି ଆଉ ଥରେ ଗୋଟେ ସାଦା ଖାତାରେ ଜୀବନ ଜିଇଁବି କ'ଣ ପାରିବି ?

ଇଛା ଥିଲେ ସବୁ ପାରିବେ ।

ନା– ଏକଥା କହିବାଟା ଯେତେ ସହଜ, ସମାଜର ଶିକୁଳି ଭାଂଗି କରିବାଟା ଏତେ ସହଜ ନୁହେଁ ।

ଯେଉଁ ସମାଜ କଥା ଆପଣ କହୁଛନ୍ତି– ସେ ସମାଜ ଟି କେଉଁଠି ? ଦେଖିଛନ୍ତି ତାକୁ ?

ସେ ମୋ ପ୍ରଶ୍ନରେ କିଛି ସମୟ ନୀରବ ରହିଲେ । ମୁଁ କହିଲି ଜାଣନ୍ତି ଆମେ ସମାଜରୂପୀ ଏକ କଳ୍ପିତ ସତ୍ତାସହ ସବୁବେଳେ ସଂଗ୍ରାମ କରିବାକୁ ଚାହୁଁଛୁ । ଆମେ ଯେଉଁ ସମାଜ ସହ ସଂଗ୍ରାମ କରିବାକୁ ଯାଉଛୁ ତାକୁ ମୂର୍ତ୍ତି ରୂପ ଦେଉଛୁ କଳ୍ପନାରେ, ବଳଶାଳୀ ବି କରୁଛୁ କଳ୍ପନାରେ ଏବଂ ତା' ଆଗରେ ନିଜକୁ ଏତେ କ୍ଷୁଦ୍ର କରି ଉପସ୍ଥାପିତ କରୁଛୁ ଯେ ଆଉ ତା' ସହ ଲଢ଼ିବାକୁ ସାହସ କରିପାରୁନୁ । ତେଣୁ ଯଦି ଆପଣ ପ୍ରକୃତରେ ମୁକ୍ତି ଚାହୁଁଥାଆନ୍ତି, ତେବେ ପ୍ରଥମେ ନିଜକୁ ବିମୁକ୍ତ କରନ୍ତୁ ଏଇ କଳ୍ପିତ ସତ୍ତାଠାରୁ, ଦେଖିବେ ଆପଣଙ୍କ ଇପ୍‌ସିତ ଲକ୍ଷ୍ୟ ହାତପାଆନ୍ତାରେ ଧରାଦେବ । ଏହା ପୂର୍ବରୁ ଆହୁରି ଗୋଟେ କଥା ମନେରଖିଥିବେ– ଇପ୍‌ସିତ ଲକ୍ଷ୍ୟ ବୋଲି ଆପଣ ଯାହାକୁ ଭାବିବେ, ସେ ଲକ୍ଷ୍ୟରେ ପହଂଚିବା ପାଇଁ ଆପଣଙ୍କର ଦୃଢ଼ତା ଅଛି କି ନାହିଁ ତାକୁ ପରଖିବେ ।

Digitized by PPRACHIN, SOA

ମୋ କଥା ଶୁଣିବା ପରେ ସେ ଥିଲେ ଖୁବ୍ ନୀରବ ଅଥଚ ଉଦ୍‌ବେଳିତ । ରାତି ଅଧିକ ହୋଇଯାଇଥିବାରୁ ମୁଁ ବିଦାୟ ନେବାକୁ ବାଧ୍ୟ ହୋଇଥିଲି ।

ପରଦିନ ସକାଳୁ ସକାଳୁ ତାଙ୍କ ପିଅନଟି ଗୋଟେ ବନ୍ଦ ଲଫାପାର ଚିଠି ଧରି ମୋ ପାଖରେ ପହଂଚିଲା । ଚିଠିରେ ଲେଖା ଥିଲା– "ଜାଣନ୍ତି ମୁଁ କାଲି ରାତିସାରା ଶୋଇ ପାରିନି । ପାହାନ୍ତିଆ ଆଖିକୁ ଟିକେ ନିଦ ଲାଗିଯାଇଛି ଯେ ସ୍ୱପ୍ନ ଦେଖିଲି ଯେ ମୁଁ ଗୋଟେ ନୌକାରେ ଭାସି ଭାସି ଯାଉଛି ମଝି ସମୁଦ୍ରରେ । ଯୁଆଡ଼େ ଚାହୁଁଛି ଦିଗନ୍ତବିସ୍ତାରୀ ସମୁଦ୍ର, ଚାରିଆଡ଼େ କେବଳ ପାଣି ଆଉ ପାଣି, ଅଥଚ ମୁଁ ଖୁବ୍ ତୃଷାର୍ତ୍ତ, ମୋ ନୌକାଟିକୁ ସମୁଦ୍ର ମଝିରେ ବାହି ନେଉଥିବା ନାବିକଟିକୁ ମୁଁ ଆଦୌ ଦେଖିପାରୁନି, ଯେତେ ଚେଷ୍ଟା କଲେ ବି ମୁଁ କେବଳ ଦେଖୁଥିଲି ତା'ର ଛାୟାଚିତ୍ରଟିକୁ । ମୋତେ ଖୁବ୍ ଶୋଷ ଲାଗୁଥିଲା ଅଥଚ ପାଣି ନ ଥିଲା ପିଇବାକୁ । ସମୁଦ୍ରର ପାଣିକୁ ଆହୁଲା ମାରି ଆଡ଼େଇଯାଉଥିବା ସେ ନାବିକର ବଳିଷ୍ଠ ହାତ ଉପରେ ମୋର ଈର୍ଷା ଓ କ୍ରୋଧ ହେଲା, ମୋତେ ଖୁବ୍ ଶୋଷ ଲାଗୁଥିଲା । ଶୋଷରେ ତଣ୍ଟି ଶୁଖିଯିବା ବେଳେ ମୁଁ ସେ ନାବିକର ରକ୍ତ ପିଇବାକୁ ତା'ର ବାହୁକୁ କାମୁଡ଼ି ପକାଇଲି । କାମୁଡ଼ି ପକାଇବା ବେଳେ ହିଁ ଭାଙ୍ଗିଗଲା ମୋର ନିଦ । ନିଦ ଭାଙ୍ଗିବା ପରେ ମଧ୍ୟ ମୋର ଅନୁଭବ ହେଲା ମୋ ଦାନ୍ତରେ ଲାଗିଛି ସେ ରକ୍ତ । କାହିଁ ସେ ରକ୍ତ ଆପଣଙ୍କର ତ ନୁହେଁ ?

■■

Digitized by PPRACHIN, SOA

ଅଧେ ଅନ୍ଧାର

ବହୁ ଖୋଜାଖୋଜି କରିବା ପରେ ମିଳିଲା ଭଡ଼ାଘରଟିଏ । ଯେଉଁଠି ମିଳିଲା ଭଡ଼ାଘର; ନା ତାକୁ ସହର କହିହେବ ନା ସହରତଳି ବସ୍ତି । ସହରର ସୀମାନ୍ତରେ ସହରର ଆକାର ଓ ପରିସର ବୃଦ୍ଧି ପାଇଁ ସହରତଳି ଗାଆଁର ଚାଷଜମିକୁ ବିଲ୍‌ଡରମାନେ ଘରବାରି କରାଇ ଯେଉଁଠି ବଢ଼ାଇ ଚାଲିଥିଲେ କୋଠାବାଡ଼ିର ସଂଖ୍ୟା । ସେମିତି ଏକ ନୂଆ କରି ଗଢ଼ି ଉଠୁଥିବା କଲୋନୀରେ ମୋତେ ମିଳିଗଲା ଘର । ସହର ଭିତରେ ଯେ ଭଡ଼ାଘରର ଅଭାବ ଥିଲା ସେ କଥା ନୁହଁ, ଅସୁବିଧା ଥିଲା ମୁଁ ରହିବି ବିନା ପରିବାରରେ ମାନେ ମୁକ୍‌ଲିସ୍ ହୋଇ । ତେଣୁ କେହି ମୋତେ ଘରଭଡ଼ା ଦେବାକୁ ରାଜି ନ ଥିଲେ । ପାଇଥିବା ଘରଟି ଦେଖି ମଧ୍ୟ ମୋର ଅରାଜି ହେବାର କିଛି ନ ଥିଲା । ଘରଟି ଯଦିଓ ଛୋଟ ଥିଲା ମାତ୍ର ପ୍ଲାନ୍‌ଟି ଥିଲା ଖୁବ୍ ସୁନ୍ଦର । ଆଗରେ ଛୋଟ ଜାଗାଟିଏ ଯାହାକୁ ଫୁଲଗଛ ଲଗାଇ ବଗିଚା କରାଯାଇପାରେ ଓ ପଛରେ ସାମାନ୍ୟ କିଛି ଜାଗା ଯାହାକି କିଚେନ୍‌ଗାର୍ଡ଼େନ କରିବାକୁ ଯଥେଷ୍ଟ । ପାଚେରି ଭିତରେ ବୋରିଂ କରାଯାଇ ମଟର ଲଗାଇ ଓଭରହେଡ୍ ଟାଂକିକୁ ପାଣି ଉଠାଇବାର ବନ୍ଦୋବସ୍ତ । ଯେହେତୁ ମୁଁ ଏକା ରହିବି ଏହାଠାରୁ ବଳି ଅଧିକ ସୁବିଧାର ଆବଶ୍ୟକତା ମଧ୍ୟ ନ ଥିଲା ଏବଂ ସବୁଠୁ ଅଧିକ ଆକର୍ଷଣୀୟ ଥିଲା ଘର ତୁଳନାରେ ଘରଭଡ଼ାର ପରିମାଣ ।

ଘରର ମାଲିକ ରହୁଥିଲେ ସହରର ମୁଖ୍ୟ ସ୍ଥାନରେ ଥିବା ତାଙ୍କର ସରକାରୀ କ୍ୱାର୍ଟରରେ । ଯେହେତୁ ସହରର ଦ୍ରୁତ ଅଭିବୃଦ୍ଧି ଘଟୁଛି ତେଣୁ ସେ ଦୂରଦୃଷ୍ଟି ସଂପନ୍ନ ହୋଇ ଯେଉଁପଟେ ସହର ବଢ଼ିବାର ସମ୍ଭାବନା ଅଧିକ ସେ ପଟେ ଜାଗା ନେଇ ଘର ତିଆରି କରାଇ ଦେଇଛନ୍ତି । ଘର ତିଆରି କରିବାକୁ ମଧ୍ୟ ତାଙ୍କୁ ସେମିତି ଆର୍ଥିକ ଦୁସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିନି । ଯେଉଁ ବିଲ୍‌ଡର ତାଂକୁ ଜାଗା ଯୋଗାଇ ଦେଲେ, ତାଙ୍କରି ମାର୍ଫତରେ ସେ ବ୍ୟାଙ୍କରୁ ଲୋନ୍ ଆଣି କରିଛନ୍ତି ଘର । ସେ ଭାବିଥିଲେ ତାଙ୍କ ସାଂଗରେ ଯେଉଁମାନେ ସବୁ ଜାଗା ନେଇଛନ୍ତି ସେମାନେ ବି ଘର କରିବେ ଏବଂ ତାଂକ ଘର ତିଆରି ସରୁ ସରୁ ଭଡ଼ା ଲାଗିବାକୁ ଅସୁବିଧା ହେବନି । ମାତ୍ର ତାଙ୍କର ଅନୁମାନ ଭୁଲ୍ ପ୍ରମାଣିତ ହେଲା

Digitized by PPRACHIN, SOA

ଯେତେବେଳେ ସେ ଜାଣିଲେ ଅଧିକାଂଶ ସେଠାରେ ଜାଗା ନେଇଛନ୍ତି କେବଳ ବ୍ୟାବସାୟିକ ଫାଇଦା ଉଠାଇବା ଉଦ୍ଦେଶ୍ୟରେ। ତେଣୁ ଯେତିକି ଘର ତିଆରି ହେବା କଥା ତାହା ନ ହୋଇ କାଁ-ଭାଁ କେଉଁଠି କେମିତି ତିଆରି ଚାଲିଥିଲା ଘର।

ଘରଟି ତିଆରି ସରିବା ପରେ ତାକୁ ଭଡ଼ା ନ ଲଗାଇଲେ ମାସ ଛଅଟାରେ କିଛି ନ ଥିବ ଘରେ। କବାଟ ଝରକା ଠାରୁ ଦୁଆର ବନ୍ଧ ଯାଏ ସବୁ ତାଡ଼ିନେବେ ଲୋକେ। ତେଣୁ ଘର ତିଆରି ପରେ ଘର ଜଗାରଖା କରିବାକୁ ଗାଆଁରୁ ହଳିଆଟେ ଆଣି ତାକୁ ଖୋରାକି ପୋଷାକି ଓ ମାସିକ ମଜୁରି ଦେଇ ଜଗାଇଥିଲେ। ମୋ ଘର ଖୋଜା ଖବର ଶୁଣି ସେ ମୋତେ ନିଜେ ସହରରୁ ଧରିଆସିଥିଲେ ତାଂକ ଘରଯାଏଁ ତାଙ୍କ ମଟର ସାଇକେଲରେ ବସାଇ। ଦେଖାଇଥିଲେ ଡ୍ରଇଂରୁମ୍ ଠାରୁ ଆରମ୍ଭ କରି ଶୋଇବା ଘର, ରୋଷେଇଘର, ଲ୍ୟାଟ୍ରିନ୍ ଓ ବାଥ୍‌ରୁମ୍‌ଯାଏ। ସବୁ ଦେଖାଇସାରି ସାମାନ୍ୟ ଅବସୋସ ଦେଖାଇ କହିଲେ– ମୋ ନିଜ ରୁଚି ଓ ପସନ୍ଦ ଅନୁଯାୟୀ ତିଆରି କରିଥିଲି ଘର ରହିବା ପାଇଁ, ହେଲେ ପିଲାମାନଙ୍କର ସ୍କୁଲ ଏଠୁ ଦୂର ହୋଇଯାଉଛି ବୋଲି ମିସେସ୍ ରାଜି ହଉନି, ସେଥିପାଇଁ ବାଧ ହେଉଛି ଭଡ଼ାରେ ଲଗାଇବା ପାଇଁ। ଗୋଟେ ଯୋଡ଼େ ପରିବାର ମଧ ମୋ ପଛରେ ପଡ଼ିଥିଲେ ଏ ଘର ନେବା ପାଇଁ, ମାତ୍ର ତାଙ୍କର ବହୁକୁଟୁମ୍ବୀ ପରିବାର ଦେଖି ମୁଁ ରାଜି ହେଲିନି। ମୁଁ ଖୋଜି ଖୋଜି ରାଜସ୍ଥାନ ଯାଇ ଯେଉଁ ଓ୍ୱଣ୍ଡରମାର୍ବଲ ଏ ଘରେ ପକାଇଛି ସେମାନେ ରହିଥିଲେ ବର୍ଷ ଦୁଇଟାରେ ଏହାର ଅବସ୍ଥା ଖରାପ କରିଦେଇଥାଆନ୍ତେ। ଭଡ଼ା ପଛେ ନ ଲାଗୁ ସେମାନଙ୍କୁ ଦେବିନି ବୋଲି ନିଷ୍ପତ୍ତି ନେଲି।

ଘର ଭିତର ବୁଲି ଦେଖିଲାବେଳେ ମୁଁ ଆଶଂକିତ ଥାଏ ଭଡ଼ା କେତେ କହିବେ ବୋଲି। ସବୁ ଦେଖାଇସାରିବା ପରେ ପଚାରିଲେ କ'ଣ ଘର ପସନ୍ଦ ହେଉଛି।

ଘରତ ପସନ୍ଦ ହେଉଛି, ହେଲେ...।

ଘରଟା ନିଛାଟିଆ ଲାଗିବ ବୋଲି ଆପଣ ଭାବୁଛନ୍ତି ତ। ଦେଖନ୍ତୁ ଦୁଇଟା ପ୍ଲଟ୍ ଛାଡ଼ି ଯେଉଁ ଘରଟି – ତାହା ସଂପୂର୍ଣ୍ଣ ହୋଇସାରିଛି। ସେମାନେ ଭଲ ଦିନକୁ ଅପେକ୍ଷା କରିଛନ୍ତି ଗୃହପ୍ରତିଷ୍ଠା କରି ଏଠିକୁ ଚାଲି ଆସିବେ। ମୋ ବାଉଣ୍ଡରୀକୁ ଲାଗିଛି ଏ ଗାଆଁର ଜଣକ ଘର। ଲୋକଟି ଭାରି ଅମାୟିକ ଓ ଭଦ୍ର। ତା' ସାହାଯ୍ୟରେ ତ ମୁ ଏଠି ଘର କରିଛି। ଘର ତିଆରିବେଳେ ସିମେଣ୍ଟ, ଛଡ଼, ବାଲି, କାଠ ସବୁକୁ ସେ ଜଗାରଖା କରୁଥିଲା। ମୁଁ ପା' କହିଲି ପିଲାଙ୍କ ପାଠପଢ଼ା ନ ଥିଲେ ମୁଁ କାହିଁକି ଏମିତି ଘରତିଆରି କରିସାରି ପାଣି ଗଳୁଥିବା ସରକାରୀ କ୍ୱାର୍ଟରରେ ରୁହନ୍ତି ?

Digitized by PPRACHIN, SOA

ନା– ମୁଁ ସେକଥା ପଚାରୁ ନ ଥିଲି, ପଚାରୁଥିଲି ଭଡ଼ା ବିଷୟରେ। ଓଃ– ଭଡ଼ା କଥା। ଦେଖନ୍ତୁ ମୁଁ ଭଡ଼ା ଦେବା ପାଇଁ ଘର କରି ନ ଥିଲି। ଘରଟା ତିଆରି କରିସାରିଛି ଯେତେବେଳେ ଓ ମୁଁ ରହିପାରିବିନି ଯେହେତୁ ଭଡ଼ା ଲଗାଇବାକୁ ବାଧ୍ୟ ହେଉଛି। ଛଅମାସ ହେଲାଣି ଘର ଭଡ଼ା ଲାଗିନି ବରଂ ତାକୁ ଜଗାରଖାରେ ମୁଁ ଖର୍ଚ୍ଚ କରିଚାଲିଛି। ଏଭଳି ପରିସ୍ଥିତିରେ ମୋର ଆପଣଙ୍କ ସାଂଗରେ ମୂଲଚାଲ କରିବାର ନାହିଁ। ଆପଣଙ୍କର ଯଦି ଏ ଜାଗା ଓ ଘର ପସନ୍ଦ ହେଉଛି, ଆପଣ ରୁହନ୍ତୁ ଆଗ, ଭଡ଼ା କଥା ପଛ। ଆପଣଙ୍କୁ ଯାହା ଦେଲେ ପୋଷାଇବ ବୋଲି ଭାବିବେ ତାହା ଦେବେ।

ଘର ମୋର ଅପସନ୍ଦ ହେବାର କୌଣସି କାରଣ ନ ଥିଲା। ଆଉ ରହିଲା ଜାଗା କଥା। ପାଖରେ ବିଶେଷ ଘରଦ୍ୱାର ନାହିଁ କିମ୍ବା ସହର ପରି ଭିଡ଼ଭାଡ଼ ନାହିଁ। ଯେହେତୁ ଭିଡ଼ ଓ କୋଳାହଳକୁ ମୁଁ ବିଶେଷ ପସନ୍ଦ କରେ ନାହିଁ ଏବଂ ଜାଗାଟି ଯଦିଓ ସହର ନ ଥିଲା ତଥାପି ସହରଠାରୁ ବିଶେଷ ଦୂରରେ ନ ଥିଲା ବିଶେଷ କରି ମୋ ଅଫିସ୍‌ଟି ଏ ଜାଗାର ପାଖାପାଖି ଥିବାରୁ ମୁଁ ଘରଟିକୁ ପସନ୍ଦ ନ କରିବାର କୌଣସି କାରଣ ଖୋଜି ପାଉ ନ ଥିଲି। ମାତ୍ର ଅତ୍ୟଧିକ ଆଗ୍ରହ ପ୍ରକାଶ ନ କରି କହିଲି– ହଉ ରହିଯିବି ବୋଲି ଭାବୁଛି, ସୁବିଧା ଅସୁବିଧା କ'ଣ ହେଉଛି ଦେଖିବା।

ସାମାନ୍ୟ ଚଳିବା ପରି ଜିନିଷ ନେଇ ପରଦିନ ମୁଁ ପହଂଚି ଯାଇଥିଲି ସେ ଘରେ। ଜିନିଷପତ୍ରସବୁକୁ ସାମାନ୍ୟ ସଜାସଜି କରିଦେଇ ମୁଁ ବାହାରି ଯାଇଥିଲି ମୋ ଅଫିସ୍‌କୁ। ନିଷ୍ପତ୍ତି ନେଇଥିଲି ଏବେ କିଛି ଦିନ ହୋଟେଲରେ ଖାଇ ସୁବିଧା ଅସୁବିଧା ଦେଖିବା ପରେ ରୋଷେଇବାସ ପାଇଁ ଗାଆଁରୁ ପିଲାଟିଏ ଧରି ଆସି ରୋଷେଇବାସ ଆରମ୍ଭ କରିବି। ପ୍ରଥମଦିନ ଅଫିସ୍‌ରୁ ଫେରିବା ବେଳକୁ ରାତି। ହୋଟେଲରୁ ଖାଇନେଇ ମୁଁ ଫେରିଥିଲି। ଯେହେତୁ ମୋର ମନୋରଂଜନର କୌଣସି ସାମଗ୍ରୀ ଯଥା ରେଡ଼ିଓ କିମ୍ବା ଟି.ଭି. ମୁଁ ଆଣି ନ ଥିଲି ଖଟ ଉପରେ ଶୋଇଯାଇ ଗୋଟିଏ ପତ୍ରିକା ପଢ଼ିଲି। ପଢୁ ପଢୁ ମୋତେ କେତେବେଳେ ନିଦ ହୋଇଯାଇଛି ମୁଁ ଜାଣେନା।

ମୋ ନିଦ ଭାଂଗିଗଲା, ନିଦ ଭାଂଗିଲାନି ତ ଭାଂଗିଗଲା ପାଚେରି ସେପଟରୁ ଭାସି ଆସୁଥିବା ଗାଳି ଶବ୍ଦ ଶୁଣି। ତକିଆ କଡ଼ରେ ଥିବା ହାତଘଣ୍ଟାକୁ ଚାହିଁ ଦେଖିଲି ରାତି ପାହିବାର ସମୟ ହୋଇନି। ବିସ୍ମୟ ହେଲି ରାତି ନ ପାହୁଣୁ ଏ ଗାଳି। ଭାବିଲି ଛାଡ଼– କାହାର କ'ଣ ହୋଇଛି ସେ ଗାଳି କରୁଛି ସେଥିରେ ବେଶି ମୁଣ୍ଡ ନ ପୂରାଇ ଶୋଇପଡ଼ିବା ଭଲ। ଶୋଇପଡ଼ିଲି ଯେ ଉଠିବା ବେଳକୁ ଖରା ବିଛାଇ ହୋଇ ପଡ଼ିଥିଲା ଘର ଓ ଅଗଣାସାରା।

Digitized by PPRACHIN, SOA

ପାଟିରେ ବ୍ରଶ୍‌ଟି ପୂରାଇ ପାଚେରି କଡ଼େ କଡ଼େ ବୁଲିଲି ରାତିରେ ଶୁଣିଥିବା ଗାଳିର ଉତ୍ସକୁ ଖୋଜିବାରେ। ମୋ ପାଚେରିକୁ ଲାଗିଥିଲା ନଡ଼ାଛପର ଘରଟିଏ, ଯେଉଁ ଘରକୁ ଦେଖାଇ ଦେଇ ଗୃହ ମାଲିକ ବହୁ ପ୍ରଶଂସା କରିଥିଲେ ତାଙ୍କର ସହଯୋଗ ପାଇଁ। ଗାଳି ସବୁ ସେଇ ଘର ଅଗଣାରୁ ଆସୁଥିଲା। ମାତ୍ର ମୁଁ ସେତେବେଳେ ଯେଉଁ ଦୃଶ୍ୟ ଦେଖିଲି, ସେଠାରୁ ଯେ ରାତି ନ ପାହୁଣୁ ଗାଳି ଆସୁଥିବ ମୁଁ ବିଶ୍ୱାସ କରିପାରୁ ନ ଥିଲି।

ପରଦିନ ବି ମୋ ନିଦ ଭାଂଗିଲା ସେଇ ଏକା ସ୍ୱର ଓ ଏକାପ୍ରକାର ଗାଳିରେ, ସମୟ ବି ସେଇଆ ଥିଲା। ଭାବିଲି ହୁଏତ ସ୍ତ୍ରୀଲୋକ ଜଣକ ପାଗଳୀ ହୋଇଥିବେ। ମାତ୍ର ଦିନର ପରବର୍ତ୍ତୀ ସମୟରେ ତାଂକୁ ଦେଖିଲେ ମୋତେ ଲାଗୁ ନ ଥିଲା ସେ ଆଦୌ ପାଗଳୀ ହୋଇଥିବେ ବୋଲି। ମୋ ଭିତରେ ଗୋଟେ ପ୍ରହେଳିକା ସୃଷ୍ଟି ହେଲା– କ'ଣ ହୋଇପାରେ ଘଟଣା ?

ତା'ପରଦିନ ପାହାନ୍ତାରେ ଗାଳି ଶବ୍ଦ କାନରେ ବାଜିବା କ୍ଷଣି ମୁଁ ବିଛଣାରୁ ଉଠିପଡ଼ିଲି। ଧୀରେ କରି ଖୋଲିଲି ମୋ ଶୋଇବା ଘରର ଝରକା। ଯେହେତୁ ମୋ ଘରଟି ତାଙ୍କ ଘରଠାରୁ ସାମାନ୍ୟ ଉଚ୍ଚତାରେ ଥିଲା, ମୋ ଘରର ଝରକାରୁ ସ୍ପଷ୍ଟ ଦେଖିହୁଏ ତାଙ୍କର ଘର। ପାହାନ୍ତିଆ ନିର୍ମଳ ଜହ୍ନରାତି ବି ଆହୁରି ସ୍ପଷ୍ଟ କରି ଦେଉଥିଲା ମୁଁ ଚାହୁଁଥିବା ଦୃଶ୍ୟକୁ ଦେଖିବାରେ। ଗାଳିବର୍ଷଣ ସହ ତାଙ୍କର ଚାଲିଥାଏ କାମ। ସେ ଗୋଟେ ମାଟି ଉହ୍ଲେଇରେ ଗୋବର ପାଣି ଗୋଳାଉ ଗୋଳାଉ ଆରମ୍ଭ କରିଦେଲେ ତୁ କେଉଁ ଆସୁଥିବୁରେ ପୋଡ଼ାମୁହାଁ ଭୂତ ହୋଇକି ବା ପ୍ରେତ ହୋଇକି ଯେ ମୁଁ ପବିତ୍ର ପାଣି ଛିଂଚୁଛି। ଗଲୁ ତ ଗଲୁ, ଏମତି ଦହଗଂଜ କରି କାହିଁକି ଗଲୁ ? ରାଣ୍ଡ ହେବାକୁ ଯୋଗ୍ୟା କରିଗଲୁ ହେଲେ ମୁଣ୍ଡ ହେବାକୁ ନୁହେଁ। ପେଟରେ ତୁ ଛଂଚି ଦେଇଥିବା ତିନିମାସର ଛୁଆକୁ ନେଇ ବା ମୁଁ କୁଆଡ଼େ ଯାଇପାରିଥାଆନ୍ତି ମୁଣ୍ଡ ହୋଇ ? ସବୁ ଦୁଃଖ ସହିଲି। ଦେହର ପାଣି ଦେହରେ ମାରିଲି। ଛାତିରେ ଶିଳ ଲଦିକରି ଶୋଇ ଶୋଇ ତୋ' ସନ୍ତକକୁ ଜନମ ଦେଲିରେ ବୟାରଖିଆ। ଯାହାତ ଜମିବାଡ଼ି, ସଂପତ୍ତି ରଖି ଯାଇଥିଲୁ ସତ୍ୟାନାଶିଆ ସେଥିରେ ମାଆ ପୁଅ ଚଳିଥାଆନ୍ତୁ। ବାରଘର ପାଇଟି କରି ଚଢ଼େଇ ଛୁଆଂକୁ ଅଧାର ଦେଲାପରି ପାଳିଲି ତୋ ସନ୍ତକକୁ। ବୟସ ଦାଉରେ ଯେ ମନ ନଭଟ କିଛି ସେକଥା ନୁହଁ। ହେଲେ ବାଡ଼ିପଶା ତୁ ଯାହାକୁ ଛାଡ଼ିଦେଇ ଯାଇଥିଲୁ ମୋ ପାଶରେ, ତା' ମୁହଁକୁ ଦେଖିଲାକ୍ଷଣି ଲାଗୁଥିଲା ତୁ ଯେମିତି ମୋ ପାଖେ ପାଖେ ଅଛୁ। ସେ ମୋ ଛାତିରେ ମୁହଁ ଗୁଂଜିଲାବେଳେ ଲାଗୁଥିଲା ତୁ ପୋଡ଼ାମୁହାଁ ଶରଧା ହେଉଛୁ ଯେମିତି। ତା' ମୁହଁକୁ ଚାହିଁ ଚାହିଁ କଟାଇଦେଲି ବାଇଶ ବରଷ। ଏବେ ବାହାକରି ଦେଇଛି ଯେ ଗୋଟେ ସବାଖାଇ ଡାହାଣୀ ଆସି ତାକୁ ଚୋଷୁଛି ସାରା ରାତି।

Digitized by PPRACHIN, SOA

ସେ ଗାଳି କରି କରି କରୁଥିବେ କାମ ଓ ପାହି ପାହି ଆସୁଥିବ ରାତି। ପରବର୍ତ୍ତୀ ଦୃଶ୍ୟରେ ବୋହୂ ଉଠି ଆସିବ ବିଛଣା ଛାଡ଼ି। ଅଳସ ହାଇଟିଏ ମାରି ସଜନା ଗଛ କଡ଼ରେ ବରଡ଼ା ଦିଆ ପାଇଖାନା ପାଖକୁ ଯାଇ ଏକ କରିବ। ସେଠୁ ଉଠିଆସି ପାଣି ଢାଳେ ନେଇ ମୁହଁ ଧୋଇବ। ମୁହଁ ଧୋଇସାରି ଝାଡୁଟିଏ ଧରି ଘର, ବାହାର ଝାଡୁ କରିସାରି ଚୁଲିରେ ନିଆଁ ଧରାଇ ଚା' ବସାଇବ। ନଇଁକରି ଘର ଭିତରକୁ ପଶିଯାଇ ଡାକିବ– ଉଠ, ବାସି ବିଛଣାରେ କାହିଁକି ଗଡ଼ପଡ଼ ହେଉଛ, ମୁହଁ ଧୁଅ, ଚା' ପିଇବ।

ଲୋକଟି ହୁ-ଦସ ଉଠିପଡ଼ି ସିଧା ଚାଲିବ ଘରପଛକୁ। କାନରେ ଦବ ପଇତା ବସିବ ପରିଶ୍ରା କରିବା ପାଇଁ। ସେତେବେଳ ଯାଏ ଚାଲିଥିବା ଗାଳି ଧୀରେ ଧୀରେ କମି କମି ଆସିବ। ପୁଅ ବାଡ଼ିପଟୁ ଆସିବାକ୍ଷଣି ତା' ହାତକୁ ବଢ଼ାଇଦେବ ବୁଢ଼ୀଟି ଢାଳେ ପାଣି – କହିବ ଯା' ଧୋଇପକା ମୁହଁ। ଲୋକଟି ମୁହଁ ଧୋଇ ସାରି ନଇଁପଡ଼ି ଉଠାଉଥିବା ଲୁଂଗିଟି ମୁହଁ ପୋଛିବାକୁ, ବୁଢ଼ୀ ବଢ଼ାଇଦେବ ପଣତକାନି। ମାଆ ପୁଅ ବସି ଚା' ପିଇବେ। ଚା' ପିଇବା ଅବସରରେ ବୋହୂ ପଚାରିବ– ତରକାରି କ'ଣ କରିବ, ଚାଉଳ କେତେ ପକାଇବ ଇତ୍ୟାଦି ଇତ୍ୟାଦି। ସେ ସବୁ ଦୃଶ୍ୟ ଦେଖିବା କ୍ଷଣି ମୁଁ ଭାବେ ପାହାନ୍ତା ପହରୁ ମୁଁ ଯାହା ଦେଖି ଦେଖି ଆସୁଥିଲି ତାହା ମୋର ସ୍ୱପ୍ନ ଥିଲା ନା ଭ୍ରମ!

ଚା' ପିଇସାରି ପୁଅ ଚାଲିଯିବ ନିତ୍ୟକର୍ମ ସାରି ଗାଧୋଇବାକୁ। ଶାଶୂ ବୋହୂ ମିଶି ତରବରରେ ରୋଷେଇ କରିବେ ପୁଅ ଖାଇ କାମକୁ ଯିବ। ପୁଅକୁ ବଳେଇ ବଳେଇ ଖୋଉଥିବ ମାଆ। ବୋହୂକୁ କହିବ, ଦେ ଆଉ ମୁଠେ ଭାତ ଦେ' ଡାଲି ଟିକେ ପକା, ନ ଖାଇଲେ ଅଣ୍ଡିରି ପୁଅର ବଳ କେଉଁଠୁ ଆସିବ। ହେଇ ଖାଇଲା ଯେ ପୁଣି ଯାଇ ସଂଜ। ପ୍ରେସ୍ କାମର ଖଟର ମଟରରେ କାନ ବଧୀରା ଓ ହାତଗୋଡ଼ ଥକି ପଡୁଥିବ।

ପୁଅ ଖାଇସାରି ବାହାରିଯିବ। ଶାଶୂ ବୋହୂ ମିଶି ଗପ କରିବେ, ଖାଇବେ। ହସ ଖୁସି, ମଜା ଥଟ୍ଟାରେ ଘରକାମ କରୁଥିବେ ଦିନମାନ। ସଂଜବେଳକୁ ପୁଅ ଫେରିବାକ୍ଷଣି ପୁଣି ଗୋଟେ ମିଳିତ ଗହଳଚହଳ ହେବ କିଛି ସମୟ, ତା'ପରେ ସମସ୍ତେ ଖାଇପିଇ ଶୋଇଯିବେ। ପାହାନ୍ତାରୁ ଉଠିପଡ଼ି ବୁଢ଼ୀର ଆରମ୍ଭ ହୋଇଯିବ ସେଇ ଏକା ଗାଳି ସବୁଦିନ, ଯେମିତି ସେ ଟେପ୍ ରେକର୍ଡ଼ଟିଏ ବଜାଉଛି।

ବହୁଦିନ ଯାଏ ଏକଥା ଦେଖିଲା ପରେ ମୋତେ ବୁଢ଼ୀର ଚରିତ୍ରଟି ଲାଗୁଥାଏ ରହସ୍ୟ ରହସ୍ୟ। ଅଥଚ ପରବର୍ତ୍ତୀ ପର୍ଯ୍ୟାୟର ସ୍ୱାଭାବିକତାକୁ ଦେଖି ନା ମୁଁ ଏକଥା କାହାକୁ ପଚାରି ପାରୁଥିଲି ନା ମୋ ଭିତରେ ଖୋଜି ପାଉଥିଲି ଉତ୍ତର।

Digitized by PPRACHIN, SOA

ସେଦିନ ଥାଏ ରବିବାର । ମୁଁ ଥାଏ ଘରେ । ବେଳ ଦଶଟା କି ଏଗାରଟା ହେବ ବୁଢ଼ୀ ମୋ ଗେଟ୍ ଖୋଲି ଆସି କବାଟରେ ଠକ୍ ଠକ୍ କଲା । ମୁଁ କବାଟ ଖୋଲିବା କ୍ଷଣି ବୁଢ଼ୀ ଏକ ମାତୃସୁଲଭ ହସ ହସି କହିଲେ– ମୁଁ ଜାଣେ ତମେ ଏଠି ଆସି ରହିଲଣି ଦି'ମାସେ ହେଲାଣି । ଭାବୁଥିଲି ତମେ ପରିବାର ଧରି ରହିବ, ବଳେ ଯାନାଆନା ଲାଗିବ । ମାତ୍ର ତମେ ତ କାହିଁ ଏଯାଏଁ ପରିବାର ଧରି ଆସିଲ ନାହିଁ ?

ମୁଁ ମୋ ଘରର ଅସୁବିଧା କଥା ତାଙ୍କୁ କହିଲି । ଘରେ ବୁଢ଼ାବାପ ଏକୁଟିଆ, ପାଚିଲା ତାଳ ପରି ଝୁଲୁଛନ୍ତି । ନା ତାଙ୍କୁ ସାଂଗରେ ଆଣି ହେଉଛି ନା ଘରେ ଏକା ଛାଡ଼ି ହେଉଛି । ସେଥିପାଇଁ ପିଲାମାନେ ସବୁ ଗାଆଁରେ ।

ହଅଁରେ ବାପ– ବାପା ମାଆତ ପିଲା ଜନମ କରିଥାଆନ୍ତି ଏହି ବୁଢ଼ା ବୟସ ପାଇଁ ନା । ଭଲ କରିଛ– ବୁଢ଼ା ଲୋକଙ୍କୁ ଏ ବୟସରେ ହେପାଜତ କରିବା ପାଇଁ ଛାଡ଼ି ଦେଇଛ ପିଲାଛୁଆଙ୍କୁ । ହଁ– ମୁଁ କ'ଣ ପାଇଁ ଆସିଥିଲି କି– ତମେ ତ ଦେଖୁଥିବ ମୁଁ ଗୋଟିଏ ଗାଈ ପାଳିଛି । ଗାଈଟି ପିଲା କଅଁଳେଇଛି ମାସେ ହେଲାଣି । ଭଲ କ୍ଷୀର ବି ଦେଉଛି । ଦେଖୁଛତ ଆମେ ମାଆ, ପୁଅ, ବୋହୂ ମିଶି ତିନିଜଣ । ଏତେ କ୍ଷୀର କ'ଣ କରିବୁ ? ଖାଇଦେଲେ କ'ଣ ଖାଇହୋଇ ଯିବ ନାହିଁକି, ହେଲେ ଆଜିକାଲିକା ମହରଗ ବଜାରରେ ସେଇ ଗୋଟିଏ ଛୁଆ ହାତକୁ ତିନିତିନିଟା ପେଟ ଚାହିଁ ବସିଲେ ଚଳିବ କେଉଁଠି । ସିଏ ବି ସକାଳରୁ ସଂଜଯାଏ ମେହନତ କରି କରି ଥକିପଡୁଛି । ଭାବୁଥିଲି କ୍ଷୀର ଟୋପାଏ ବିକିଲେ ହାତକୁ ଦୁଇପଇସା ଆସିଲେ ଅନ୍ତତଃ ଭବିଷ୍ୟତ୍ ପାଇଁ ସଂଚି ହେବ । ଆଜି ସିନା ଆମେ ତିନି, ଭଗବାନ୍ କଲେ କାଲି ସକାଳକୁ କୁଟୁମ୍ବ ବଢ଼ିବେ । ମୁଁ କ'ଣ କହୁଥିଲିକି ତମେ କ୍ଷୀର ରଖିବ କି ?

ହଉ ଯଦି ତମେ କ୍ଷୀର ବିକିବ, ତେବେ ରଖିବା ନିଶ୍ଚୟ । ବସ– ମାଉସୀ ବସ ।

ନାରେ ପୁଅ ବସିବି କ'ଣ– ବୋହୂଟା ମୋର ଅସଜ ମଣିଷ । ଯେତେ ମନା କଲେବି ଧନ୍ଦି ହୋଇପଡ଼ିବ କାମରେ । ତା' ଆଗରେ କାମ ପଡ଼ିଥିଲେ ସେ ଜମା ହାତଗୋଡ଼ ଜାକି ବସିପାରିବ ନାହିଁ । ତେଣୁ ତାକୁ ମୁଁ ଗୋଡ଼େ ଗୋଡ଼େ ଜଗି ସବୁ କାମ କରିନେଉଛି ।

ମାଉସୀ– ଗୋଟେ କଥା ପଚାରିବି ବୋଲି ଭାବୁଛି, ଯଦି କିଛି ଖରାପ ନ ଭାବିବ ପଚାରିବି ।

ପଚାରୁନା କ'ଣ ପଚାରିବାର ଅଛି, ଖରାପ କାହିଁକି ଭାବିବି ?

ଆଚ୍ଛା ମୁଁ ଏଠାରେ ଆସି ରହିବା ଦିନଠାରୁ ଦେଖିଆସୁଛି ତମେ ରାତି ନ ପାହୁଣୁ ଉଠି ଗାଳି ଦେଉଥାଅ । ପ୍ରଥମେ ପ୍ରଥମେ ଭାବୁଥିଲି ପୁଅ ବୋହୂଙ୍କୁ ଗାଳି ଦେଉଥିବ ବୋଲି ।

Digitized by PPRACHIN, SOA

ମାତ୍ର ସେମାନଙ୍କୁ ତମର ଭଲ ପାଇବା ଦେଖି ମୁଁ ଜାଣିପାରୁନି ତମେ ଗାଳି କାହାକୁ ଦଉଛ ବୋଲି ।

ଥମ୍‌ଥମ୍ ହୋଇଗଲା ତାଙ୍କର ମୁହଁ । କିଛି ସମୟ ଗୁମ୍ ମାରି ବସିଗଲେ । ତାଙ୍କର ମନର ଭାବ ଦେଖି ମୋତେ ନିଜକୁ ଦୋଷୀ ଦୋଷୀ ଲାଗିଲା ଯେ ମୁଁ ହୁଏତ ତାଙ୍କର କୌଣସି ଗୋପନୀୟ ଦୁଃଖର ବକଳାକୁ ଉଖୁରାଇ ତାଂକୁ ପୁଣି ରକ୍ତାକ୍ତ କରିଦେଲି ବୋଲି ।

ସେ ଉଠି ଠିଆ ହେଲେ ଯିବାପାଇଁ– ଯାଉଁ ଯାଉଁ କିଛିକ୍ଷଣ ଅଟକି ଗଲେ । ହଠାତ୍ ଘାଇ ଭାଂଗିବା ପରି ହୋଇ କହିଲେ– ସାରା ରାତି ମୁଁ ମୋ ଦେହ ଓ ମନର ଇଚ୍ଛାକୁ ହତ୍ୟା କରେ ଛାତିରେ ପଥର ଲଦି ଅଣନିଃଶ୍ୱାସୀ କରାଇ । ସବୁ ରାତିରେ ସେମାନଙ୍କୁ ହତ୍ୟା କରି ମୋର ଦେହ ଓ ମନ ସବୁ ରକ୍ତାକ୍ତ ହୋଇଯାଏ । ବାଇଶ ବର୍ଷ ହେଲାଣି ମୁଁ ହତ୍ୟା କରିଚାଲିଛି ମୋ ଦେହକୁ ସବୁଦିନ । ବ୍ରାହ୍ମଣ ଘର ବୋଲି ଚଉଦ ବର୍ଷରେ ବାହା ହୋଇଥିଲି, ମାତ୍ର ଛଅଟା ବି ଦଇବ ସହିଲା ନାହିଁ ମୋର ସ୍ୱାମୀ ସୁଖ । ଏବେ ବି ମୋ ବୟସ କେତେ କି ? ଆଉ ପୁଅଟା ମୋର ତା' ବାପର ମୁହଁ, ଛାତି, ହାତ, ଗୋଡ଼ ସବୁ ଅବିକଳ ଛଡ଼ାଇ ଆଣିଛି । ସବୁଦିନ ରାତିରେ ସେ ହିଁ ଛିଡ଼ା ହୋଇଥାଏ ମୋ ମନ ଭିତରେ, ଅଥଚ ସେ ଥାଏ ଆର ଘରେ ବୋହୂ ପାଖରେ । ମନଭିତରଟା ତ ଅନ୍ଧାର ନା, ଦେହର ଦାଉ କ'ଣ ବୁଝେ ସଂପର୍କର ବାଡ଼ବତା । ସାରାରାତି ଜଳିବା ପରେ ସକାଳକୁ ମୁଁ ଅଂଗାର ଓଗାଳନ୍ତି ନାହିଁ କ'ଣ ଫୁଲ ବର୍ଷନ୍ତି ?

■■

Digitized by PPRACHIN, SOA

ଗାଆଁର ଡାକ

ରାତି ସାହିର ଢିଙ୍କିପାହାର ଶୁଣି ବିଛଣାରୁ ଉଠିପଡ଼ିବ ବୋଉ । ମୋତେ ହଲାଇ ହଲାଇ ନିଦରୁ ଉଠାଇ କହିବ ପାହାନ୍ତିଆ ପଢ଼ିବୁ ବୋଲି କହୁଥିଲୁ ପରା ! ଉଠ୍ ଉଠ୍ । କମ୍ବଳ ତଳର ଉଷୁମ ଛାଡ଼ି ଉଠିବାକୁ ଇଚ୍ଛା ହେଉ ନ ଥିଲେ ମଧ୍ୟ, ବୋଉର ବାଧରେ ଉଠିବାକୁ ହୁଏ । ମୁଁ ଉଠିପଡ଼ି ଘର କୋଣରେ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନଟିକୁ ତେଜିବି । କଳା ପଡ଼ିଯାଇଥିବା ମହଲଣ କାଚରେ ସଫା ଦିଶୁ ନ ଥିବା ଲଣ୍ଠନର ଆଲୁଅ । ବୋଉ କହିବ ମୁହଁ ଧୋଇପକା ନିଦ ଛାଡ଼ିଯିବ, ବରଫ ପରି ଲାଗୁଥିବା ପାଣିରେ ମୁହଁ ଧୋଇପକାଇ ବିଛଣାରୁ କମ୍ବଳଟିକୁ ଟାଣି ନେଇ ମୁଁ ବସିଯିବି ପଢ଼ାରେ । ବୋଉ ଡିବିରିଟିଏ ଜଳାଇ ବାଡ଼ିପଟ ଚୁଲି ପାଖକୁ ଯିବ । କୁଟା ଓ ବାଉଁଶ ପତ୍ରରେ ଧରାଇବ ଚୁଲି । ଚୁଲିରେ ବସାଇବ ଧାନଉଷାଁ ହାଣ୍ଡି । ମାଟି ନନ୍ଦାରେ ଗରମ ପାଣିରେ ବଶା ହୋଇଥିବା ଧାନକୁ ପାଛିଆରେ ଛାଣି ହାଣ୍ଡିରେ ପୂରାଇବ ଦୋଉଁଷା ପାଇଁ । ଗଉଣୀରେ ଧାନ ମାପିବା ପରି ଭର୍ତ୍ତି ହୋଇଥିବ ଧାନଉଁଷା ହାଣ୍ଡି । ଧୀରେ ଧୀରେ ଉଠୁଥିବ ବାମ୍ଫ । ସାରୁମୁଣ୍ଡା କିମ୍ବା ଓଲୁଅଟାଏ ପୋତି ଦେଇଥିବ ବୋଉ ବାମ୍ଫୁଆଣି ଧାନ ଭିତରେ । ବୋଉର ଚାଲିଥିବ ଧାନଉଷାଁ ଓ ମୋର ପାହାନ୍ତିଆ ପଢ଼ା ।

ଆମ ବାଡ଼ିପଟ ବାଉଁଶ ବଣରେ କୁମ୍ଭାଟୁଆ ଡାକ ଛାଡ଼ିଲେ, ବୋଉ ସୂଚନା ପାଇବ ରାତି ପାହି ଆସିଲା । ହାତରେ ନଗି ଖଣ୍ଡେ ଧରି କଠଉ ଲଗା ଲମ୍ବା ଲମ୍ବା ପାହୁଣ୍ଡ ପକାଇ ବାହାରି ଆସିବେ ତଳ ସାହି ନୀଳା ସାଆନ୍ତ ଫୁଲ ତୋଳିବାକୁ । ବୋଉ ଗୋବର ହାଣ୍ଡିରୁ ପାଣି ନେଇ ଗୋଟିଏ ମାଟି ଉହ୍ଲେଇରେ ପବିତ୍ରା ପାଣି ପକାଇବ ଅଗଣା ଓ ଦାଣ୍ଡ ଦୁଆରେ । ପବିତ୍ରା ପାଣି ପକାଇସାରି ସାନବୋଉମାନଙ୍କର ଶୋଇବା ଘରର ଶିକୁଳିକୁ ଝଣଝଣ କରିଦେଇ ଡାକି ଦେବ ଲୋ ସର, ଲୋ ବିଳାସୀ, ଉଠ ରାତି ପାହିଲାଣି । ସେମାନଙ୍କ କବାଟ ଖୋଲାର ବିଳମ୍ବ ଦେଖି ଆଉଥରେ ଜୋର୍‌ରେ ଡାକ ଛାଡ଼ିବ ବୋଉ ସୂରୁଯ ଉଠିବାକୁ ବସିଲେଣି, ତମର ନିଦ ଭାଙ୍ଗୁନିନା ସାଆନ୍ତାଣୀମାନେ । ନିଦ ମଳ ମଳ ଆଖି ଓ ମୁହଁ ଫଣ ଫଣ କରି ଉଠିବେ ସେମାନେ । ବୋଉ ବରାଦ କରିଦେବ କାହାକୁ ଘର ଓଳାଇବା ପାଇଁ ତ, କାହାକୁ ବାସି ବାସନ ମାଜିବାକୁ ।

Digitized by PPRACHIN, SOA

ମୋତେ କହିବ ଉଠ୍– ଏତୋ' ପଢ଼ା ସେତିକି ଥାଉ। ଯା' କୁକୁଡ଼ା ଭାଡ଼ିଟା ଖୋଲିଦେ। ସେ ଗଞ୍ଜାଟା ରାତି ନ ପାହୁଣୁ କକ୍‌କକ୍‌ଅ କରି ମରୁଛି। ମୁଁ ଯାଇ କୁକୁଡ଼ା ଭାଡ଼ିର ପଟା ଟେକିଦେବି। ଭାଡ଼ି ଭିତରୁ ବାହାରି ଆସି ଗଞ୍ଜାଟା ପରକୁ ଝାଡ଼ି ପକାଇବ ଆଳସ୍ୟ ଭାଙ୍ଗିବା ଠାଣିରେ। ଆଉ ଦୁଇଥର କକ୍‌କକ୍‌ଅ-କକ୍‌କକ୍‌ଅ କରି ଚାଲିଯିବ ବାଡ଼ି ପଟକୁ।

ଆମ ବାଡ଼ିପଟ କରଞ୍ଜ ଗଛରୁ ଦାନ୍ତକାଠିଟାଏ ଭାଙ୍ଗି ମୁଁ ଦାନ୍ତ ଘଷିସାରିବା ବେଳକୁ ବାପାଙ୍କ ଶୋଇବା ଘରୁ ଶୁଭିବ ପ୍ରଭାତ ବନ୍ଦନା– "ବନ୍ଦେ ମାତରଂ, ସୁଜଳାଂ, ସୁଫଳାଂ ଶସ୍ୟ ଶ୍ୟାମଳା ମାତରଂ।" ସେ ଗୀତଟାକୁ ସେ ବୟସରେ ମୁଁ ସେତେ ଭଲ ପାଇପାରୁ ନ ଥିଲେ ମଧ୍ୟ ଜାଣୁଥିଲି ଏହା ରେଡିଓ ଖୋଲିବାର ପ୍ରଥମ କାର୍ଯ୍ୟକ୍ରମ। ଦିନେ ଦିନେ ତ ବାପା ରେଡ଼ିଓର କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଖୋଲିଦେଇଥାନ୍ତି, ରେଡ଼ିଓ ଯେ ବଂଶୀ ଫୁଙ୍କିବା ପରି ଶବ୍ଦଟିଏ ବାଜୁଥାଏ ବହୁ ସମୟ ଯାଏ।

ରେଡ଼ିଓର କାର୍ଯ୍ୟକ୍ରମ ଶୁଣିବା ବ୍ୟତୀତ ରେଡ଼ିଓକୁ ନେଇ ମଧ୍ୟ ବାପାଙ୍କ ଭିତରେ ଥିଲା ପ୍ରଚୁର ଅହଂଭାବ। ଆମ ଗାଆଁ ତଥା ପାଖହାକ ଗାଆଁରେ ସେତେବେଳେ କାହାର ରେଡ଼ିଓ ନ ଥିଲା। କଲିକତାରୁ ଧରି ଆସିଥିଲେ ବାପା ହଲାଣ୍ଡ ଫିଲିପ୍‌ସ ରେଡ଼ିଓଟିଏ। ସେ ରେଡ଼ିଓଟି ଆମ ଘରେ ପହଞ୍ଚିବା ଦିନ ଗୋଟେ ଛୋଟକାଟର ମେଳଣ ହୋଇଯାଇଥିଲା ଆମ ଦାଣ୍ଡରେ। ଘର ଆଗରେ ଗୋଟିଏ ଉଚ୍ଚା ବାଉଁଶ ପୋତାଯାଇ ବନ୍ଧା ଯାଇଥିଲା ତାହାର ଏରିଏଲ୍। ଘର ଭିତରେ ଛନ୍ଦା ଯାଇଥିଲା ସରୁ ସରୁ ତାରର ଲମ୍ବା ଲମ୍ବା ଜାଲି। ହାରମୋନିୟମ୍‌ର ରିଡ୍ ପରି ଗୋଟିଏ ସୁଇଚ୍‌କୁ ଦବାଇଲେ ଅନ୍ୟଟି ଉଠି ପଡୁଥିଲା। ଏରିଏଲ୍ ଲଗାଇ, ବ୍ୟାଟେରିରେ ତାର ଯୋଡ଼ି ଯେତେବେଳେ ରେଡ଼ିଓର ସୁଇଚ୍ ଅନ୍ ହେଲା ସେତେବେଳକୁ ସରିଆସିଥିବା ଗୋଟେ ଭଜନର ଶେଷ ଧାଡ଼ିଟି କେବଳ ଶୁଣାଗଲା–

"ଜଗନ୍ନାଥ ହେ କିଛି ମାଗୁ ନାହିଁ ତୋତେ ମାଗୁଛି ଶରଧା ବାଲିରୁ ହାତେ।"

ମୋ ଜେଜିମା' ସେ ଗୀତ ପଦକ ଶୁଣୁ ଶୁଣୁ ଭକ୍ତି ଗଦ୍‌ଗଦ ଚିତ୍ତରେ ଜଗନ୍ନାଥଙ୍କୁ ହାତ ଯୋଡ଼ିବା ବେଳକୁ ଆରମ୍ଭ ହୋଇଯାଇଥିଲା ଦିଲ୍ଲୀରୁ ଓଡ଼ିଆରେ ସମ୍ବାଦ। ଖବର ପଢୁଛନ୍ତି ଉପେନ୍ଦ୍ରନାଥ ପାହାଡ଼ସିଂ ଶୁଣି ପକାଇ ମୋ ଜେଜିମା' ଚକିତ ହୋଇ ବାପାଙ୍କୁ ପଚାରିଲା– ଆରେ ଏଇନେ ଗୀତ ଶୁଣଉ ଶୁଣଉ ଇଏ କେତେବେଳେ ତା' ଭିତରେ ପଶିଗଲା ଯେ ଖବର ଶୁଣାଇଲାଣି।

ବାପା କଲିକତାରୁ ଆହରଣ କରିଥିବା ତାଙ୍କର ବେତାର ବିଷୟକ ଜ୍ଞାନରେ କହିଲେ– ଏହା ଭିତରେ କେହି ପଶୁ ନାହାନ୍ତି ବୋଉ। ଏହା ଭିତରେ କେବଳ କିଛି ଯନ୍ତ୍ର ଅଛି ଯିଏ କଟକ, କଲିକତା ଓ ଦିଲ୍ଲୀରୁ ଆସୁଥିବା ଶବ୍ଦକୁ ତା' ଭିତରକୁ ଟାଣି ଆଣୁଛି।

Digitized by PPRACHIN, SOA

ଆମ ଘରେ ରେଡ଼ିଓ ଲାଗିବା ବର୍ଷ ହିଁ ଭାରତ ଓ ଚୀନ୍ ମଧ୍ୟରେ ଯୁଦ୍ଧ ହୋଇଥିଲା। ଦେଶ ଦେଶ ମଧ୍ୟରେ ଯୁଦ୍ଧ କେମିତି ଓ କେଉଁଥିରେ ଲଢ଼ାଯାଏ ଯଦିଓ ଆମ ଗାଆଁ ଲୋକ ବୁଝି ପାରୁ ନ ଥିଲେ, ତଥାପି କେବଳ ବୁଝୁଥିଲେ ଗୁଳିଗୋଳା ଓ ବନ୍ଧୁକରେ ଯୁଦ୍ଧ ଚାଲିଛି ସୀମାନ୍ତ ବୋଲି କେଉଁ ଗୋଟେ ଜାଗାରେ। ସନ୍ଧ୍ୟାରେ ରେଡ଼ିଓରୁ ଯୁଦ୍ଧ ଖବର ଶୁଣିବା ପାଇଁ ରୀତିମତ୍ ଗୋଟେ ମେଳା ବସୁଥିଲା ଆମ ଦାଣ୍ଡ ପିଣ୍ଡାରେ। ଚୀନ୍ କେତେ ବଡ଼ ଦେଶ, ତାହାର କଳନା କରି ନ ଥିବା ଆମ ଗାଆଁର କିଛି କଲିକତିଆ ଯେଉଁମାନେ ଯୁଦ୍ଧ ଭୟରେ କଲିକତା ଛାଡ଼ି ଗାଆଁକୁ ଚାଲି ଆସିଥିଲେ। ସେମାନେ ଖବର ଶୁଣୁ ଶୁଣୁ କଥା କଥାକେ କହୁଥିବେ ଭାରତ ପାଖରେ ଯେତିକି ବୋମା ଅଛି, ତାକୁ ପକାଇ ଦେଲେ ଚୀନ୍ କୁଆଡ଼େ ଚିନି ପରି ମିଳାଇଯିବ। ନେହେରୁ ତାଙ୍କୁ ଖେଳାଉଛନ୍ତି ଏଇନେ, ବାଘ ଶିକାର ପୂର୍ବରୁ ଆହାରକୁ ଖେଳାଇବା ପରି। ଖେଳାଇ ଖେଳାଇ ମାରିବେ ସିଏ– ଦେଖ ଆଉ ଦିନ କେତେଟା ଯାଉ।

ଦିନେ ଦିନେ ହଠାତ୍ ଆମ ଗାଆଁ ଉପରେ ଗୋଟାଏ ଯୋଡ଼ିଏ ଉଡ଼ାଜାହାଜ ଦୌଡ଼ାଦୌଡ଼ି ହେଲା ପରି ଉଡ଼ିଯାଆନ୍ତି। ଆମେ ସବୁ ପିଲାଏ ଉଡ଼ାଜାହାଜ ଦେଖିବୁ ବୋଲି ଘରୁ ବାହାରକୁ ଦୌଡ଼ି ଆସୁଥିବା ବେଳେ ବଡ଼ମାନେ ତାଗିଦ୍ କରୁଥିବେ– ଯୁଦ୍ଧ ଚାଲିଛି, କେତେବେଳେ ବିମାନରୁ ବୋମା ପଡ଼ିବ କିଏ ଜାଣେ– କାହିଁକି ବାହାରକୁ ବାହାରୁଛ ? ଯାଆ– ଘରକୁ ଯାଆ। ଆମେ ଶୁଣୁ ନ ଥିବୁ କାହାରି ବାରଣ, ମାନୁ ନ ଥିବୁ ଆକଟ। ପିଣ୍ଡା ଉପରୁ କୁଦାମାରି ଦାଣ୍ଡକୁ ଆସିଲା ବେଳକୁ ଉଡ଼ାଜାହାଜ ଚାଲିଯାଇଥିବ ଦୂରକୁ। ଆମେ କେବଳ ଚାହିଁ ରହିଥିବୁ ତା'ର ଉଡ଼ିଯିବାକୁ।

ଯେଉଁ ଦିନ ଗୋଟେ ଯୋଡ଼େ ଉଡ଼ାଜାହାଜ ଉଡ଼ିଯାଇଥାଆନ୍ତି ଗାଆଁ ଉପରେ, ସେଦିନ ସନ୍ଧ୍ୟାରେ ବେଶି ଭିଡ଼ ଜମେ ଆମ ପିଣ୍ଡାରେ ରେଡ଼ିଓରୁ ଖବର ଶୁଣିବାକୁ। ଥରେ ତ ଗୋଟେ ଅଜବ ଘଟଣା ଘଟିଲା। ଆମ ଗାଆଁଠାରୁ ପାଞ୍ଚକୋଶ ଦୂରରୁ ଜଣେ ଅଜଣା ବ୍ୟକ୍ତି ଆସି ପହଞ୍ଚିଲେ ଆମ ଘରେ ରେଡ଼ିଓରୁ ଖବର ଶୁଣିବା ପାଇଁ। ସେ ଯେତେବେଳେ ଆସି ପହଞ୍ଚିଲେ, ସେତେବେଳେ କୌଣସି ଖବରର ସମୟ ନ ଥିଲା। ଖବର ସମୟକୁ ଅପେକ୍ଷା କରି ସେ ବସିରହିଥାନ୍ତି ଦାଣ୍ଡ ପିଣ୍ଡାରେ।

ସତରେ କ'ଣ ଯୁଦ୍ଧ ଖବର ଶୁଣିବାରେ ତାଙ୍କର ଏତେ ସଉକ ? ଏହି ଉତ୍ସୁକତା ନେଇ ତାଙ୍କୁ ବହୁତ ପଚରାଉଚୁରା କରାଗଲା। ବହୁତ ପଚରାପଚରି ପରେ ସେ କହିଲେ– ତାଙ୍କର ଗୋଟିଏ ବୋଲି ପୁଅ। ଘରୁ ରାଗିକରି ଚାଲିଗଲା ଗୋଟେ ଛୋଟିଆ କଥାରେ। କଥାଟା ଥିଲା ପଢୁଆଁ ଅଷ୍ଟମୀରେ ତା' ପାଇଁ ଜାମାପ୍ୟାଣ୍ଟ ନ କରି ଆମେ ଗୋଟେ ଲୁଙ୍ଗି ଓ ଗଞ୍ଜି କିଣି ଆଣିଥିଲୁ। ଚଣ୍ଡାଳଟା ସେତିକି କଥାରେ ରାଗିକରି ଘରୁ ଚାଲିଗଲା। ରାଗିକରି ଗଲା ତ ଗଲା କେଉଁଠି ଗୋଟେ ସୈନ୍ୟବାହିନୀରେ ଭର୍ତ୍ତି ପାଇଁ ଡକରା ଚାଲିଥିଲା, ରାଗର

Digitized by PPRACHIN, SOA

ମାଡ଼େ ସେଠି ଯାଇ ଠିଆ ହୋଇଗଲା ପଡ଼ିଆରେ। ଇଏତ ଶାଳଗଜା ପରି ହଟ୍ଟାକଟ୍ଟା ଭେଣ୍ଡିଆଟାଏ। ତାକୁ କୁଆଡ଼େ ବିନା ଦୌଡ଼ାଦୌଡ଼ିରେ ସିଲେକ୍ଟ କରି ସଙ୍ଗେ ସଙ୍ଗେ ଦେଇଦେଲେ ସୈନିକର ପୋଷାକ। ଦିନେ ଦୁଇଦିନ ବନ୍ଧୁକ ଚାଳନା ଶିଖାଇ ପଠାଇଦେଲେ ଯୁଦ୍ଧ ଜାଗାକୁ। ଯୁଦ୍ଧକ୍ଷେତ୍ରରେ ପହଞ୍ଚିବା ପରେ ଯାଇ ହିଁ ତା'ର ରାଗ ଶାନ୍ତ ହେଲା। ତା' ମାଆ ପାଖକୁ ଚିଠିଟିଏ ଲେଖିଲା। ସେ ଚିଠି ପାଇବା ପରେ ତ ତା' ମାଆ କାନ୍ଦି କାନ୍ଦି ବେହୋସ୍। ପୁଅ କଥା ଭାଳି ଭାଳି ଘଡ଼ିକୁ ଘଡ଼ି ମୂର୍ଚ୍ଛା ଯାଉଛି। ମୁଁ ଖବର ପାଇଲି ଯେ ରେଡ଼ିଓରେ ଯୁଦ୍ଧ ଖବର ଦେଉଛି। ତେଣୁ ତା' ମାଆକୁ ବୁଝାଇ ଶୁଝାଇ ଆସିଛି ଯେ ରେଡ଼ିଓରୁ ପୁଅ ଖବର ବୁଝି ତାକୁ ଯାଇ କହିବି। କହିଦେଲି ସିନା ରେଡ଼ିଓରୁ ଖବର ବୁଝି କହିବି ବୋଲି, ହେଲେ ରେଡ଼ିଓ କାହିଁ? ଅନେକ ଲୋକଙ୍କୁ ପଚରାଉଚୁରା କଲା ପରେ ଯାଇ ଖବର ପାଇଲି ଏଠି ଗୋଟେ ରେଡ଼ିଓ ଅଛି ବୋଲି। ତେଣୁ ଚାଲି ଆସିଲି।

ତାଙ୍କ କଥା ଶୁଣି ବାପାଙ୍କ ଛାତି ଗର୍ବରେ ଫୁଲି ଉଠିଲା। ଏଥିପାଇଁ ଯେ ଅନ୍ତତଃ ପାଞ୍ଚ କୋଶ ଯାଏ ଲୋକ ତ ଜାଣିଗଲେଣି ଯେ ଆମର ଗୋଟେ ରେଡ଼ିଓ ଅଛି ବୋଲି। ତାଙ୍କ ପାଇଁ ଚା' ଜଳଖିଆ ବରାଦ କରି ତାଙ୍କୁ ଦାଣ୍ଡ ଚୌକିରେ ବସିବାକୁ କହିଲେ, ତାଙ୍କୁ ଆଶ୍ୱାସନା ଦେଲା ପରି କହିଲେ– ଆଉ ଘଣ୍ଟାଏ ପରେ ଖବର ଦେବ, ଆପଣ ଶୁଣିବେ। ଖବର ଶୁଣିସାରି ଏ ଅବେଳରେ ଆପଣ କ'ଣ ଏତେ ଦୂରବାଟ ଯାଇପାରିବେ, ନଚେତ୍ ରାତିରେ ରହିଯିବେ, ସକାଳୁ ସକାଳୁ ଚାଲିଯିବେ।

ନାଇଁ ବାବୁ– ଯେତେ ରାତି ହେଲେବି ମୁଁ ଚାଲିଯିବି। ଆଜି ତ ଜହ୍ନରାତି, ଯିବାକୁ ଅସୁବିଧା ନାହିଁ। ବୁଢ଼ୀଟା ସେପଟେ ଏକୁଟିଆ। ସେଥିକୁ ପୁଅ ପାଇଁ ଘଡ଼ିକୁ ଘଡ଼ି ମୂର୍ଚ୍ଛା ଯାଉଛି। ମୋ ନ ଯିବା ଦେଖି ସେ କ'ଣ ରାତି ଭରି ଥୟ ଧରିବ।

ରେଡ଼ିଓରେ ଖବର ଆରମ୍ଭ ହେଲା। ସମ୍ପୂର୍ଣ୍ଣ ଖବର ଥିଲା ଯୁଦ୍ଧ ସମ୍ପର୍କିତ ଖବର। ଗ୍ରାମାଞ୍ଚଳର ସରହଦ ଡେଇଁ ଆଦୌ ସହର ଦେଖି ନ ଥିବା ସେ ଲୋକଜଣକ ସିଆଚୀନ କ'ଣ, ସିକିମ୍ କ'ଣ, ଲଦାଖ୍ କ'ଣ ଆଦୌ ବୁଝିପାରୁ ନ ଥିଲେ। ବୋମାମାଡ଼ରେ ଦେଶମାତୃକା ପାଇଁ ସହିଦ ହୋଇଥିବା ଅମକ ରେଜିମେଣ୍ଟ, ସମକ ରାଇଫଲର ସୈନ୍ୟମାନଙ୍କର ନାଆଁ ଶୁଣି ସେ କେବଳ କାନ ପାତୁଥିଲେ ତାଙ୍କର ପୁଅ ନାଆଁ ଶୁଣିବା ପାଇଁ। ଖବର ଶେଷ ହେଲା ପରେ ସେ ଖୁବ୍ ବିମର୍ଷ ହୋଇ କହିଲେ– ମୋ ପୁଅ ତ ଯୁଦ୍ଧ କରୁଛି, କାହିଁ ତା' କଥା ତ କିଛି କହିଲା ନାହିଁ ରେଡ଼ିଓ?

ବାପା ତାଙ୍କର ସରଳତାକୁ ହୃଦୟଙ୍ଗମ କରି କହିଲେ– ସମସ୍ତ ସୈନିକମାନଙ୍କ ଭଲମନ୍ଦ କଥା ତ ଅଳ୍ପ ସମୟର ଖବରରେ କହିହେବ ନାହିଁ। ଯେଉଁମାନେ ଦେଶ ପାଇଁ ଯୁଦ୍ଧ କରି ସହିଦ ହୋଇଛନ୍ତି, କେବଳ ତାଙ୍କରି କଥା କହିଲା।

Digitized by PPRACHIN, SOA

ସେ ସହିଦର ଅର୍ଥ କିଛି ବୁଝିପାରୁ ନ ଥିଲେ– ମାତ୍ର ଭରସି ପାରୁ ନ ଥିଲେ ପଚାରିବାକୁ ସହିଦ କ'ଣ ? ଖବର ସରିଗଲା ପରେ ଗୋଟେ ଅପ୍ରାପ୍ତିର ଅବସୋସ ନେଇ ସେ ବାହାରି ପଡ଼ିଲେ ତାଙ୍କ ଗାଆଁକୁ ।

ବାପାଙ୍କର ରେଡ଼ିଓ ସଉକ ଯେମିତି ଥିଲା, ଆମମାନଙ୍କର ପାଠପଢ଼ା ପ୍ରତି ଧ୍ୟାନ ମଧ୍ୟ ସେମିତି ଥିଲା । କୋଡ଼ପୋଛା ପିଲା ହୋଇଥିବାରୁ ଗେହ୍ଲାରେ କିଛି ବର୍ଷଯାଏ ମୋ ପାଠପଢ଼ା ପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ । ସାତ-ଆଠ ବର୍ଷ ଯାଏଁ ମୁଁ ବୁଲୁଥିଲି ଶ୍ରୀଅକ୍ଷର ବିବର୍ଜିତ ହୋଇ । ହଠାତ୍ ସରସ୍ୱତୀ ପୂଜା ଦିନ ବାପା ଘୋଷଣା କଲେ– ଆଜିଠୁଁ ଆରମ୍ଭ ହେବ ତୋ'ର ଖଡ଼ିଛୁଆଁ । ସମସ୍ତ ପ୍ରସ୍ତୁତି ପରେ ଆମ କୂଳ ପୁରୋହିତ ଆଚାର୍ଯ୍ୟ ବିଷ୍ଣୁଦାସଙ୍କୁ ପୂଜା କରିବା ପାଇଁ ସେ ଡାକିଲେ । ତାଙ୍କୁ ଆଚାର୍ଯ୍ୟ ଏଇଥିପାଇଁ କୁହାଯାଉଥିଲା ଯେ ସେ ଗୋଟେ ଚାଟଶାଳୀ ଖୋଲି ପିଲାମାନଙ୍କୁ ବର୍ଣ୍ଣମାଳା ଶିକ୍ଷା ଦେଉଥିଲେ । ପୂଜାପାଠ ପରେ ସରସ୍ୱତୀ ବନ୍ଦନା ଗାଇ ମୋର ଖଡ଼ିଛୁଆଁ ଆରମ୍ଭ ହେଲା । ଖଡ଼ିଛୁଆଁ ପର୍ବ ସରିବା ପରେ ବାପା ଆଚାର୍ଯ୍ୟଙ୍କୁ କହିଲେ– ଏହାର ଶିକ୍ଷା ତମ ଚାଟଶାଳୀରେ ନୁହଁ ଆମ ଘରେ ଆରମ୍ଭ କରିବ । ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ପାଇଁ ମୁଁ ଅଧୁଲିଏ ଦେବି । ସେତେବେଳେ ଅଧୁଲିର ମୂଲ୍ୟ ଢେର ଥିଲା । ଅକ୍ଷର ପିଛା ଅଧୁଲିଏ– ଚକିତ ହେବା ସହ ଆଗ୍ରହରେ ମୋର ପଢ଼ା ଦାୟିତ୍ୱ ସେ ନେଲେ ।

ଯେହେତୁ ବର୍ଣ୍ଣମାଳା ଶିଖିବାର ବୟସରୁ ମୁଁ ଟିକିଏ ଅଧିକ ବର୍ଷର ହୋଇ ଯାଇଥିଲି, ତେଣୁ ମୋତେ ବର୍ଣ୍ଣମାଳା ଶିଖାଇବାକୁ ତାଙ୍କୁ ସେମିତି କିଛି ବିଶେଷ କଷ୍ଟ କରିବାକୁ ପଡ଼ି ନ ଥିଲା । ସେ ଆକଳନ କରିଥିବା ସମୟର ଯଥେଷ୍ଟ ପୂର୍ବରୁ ମୁଁ ଶିଖିଯାଇଥିଲି ବର୍ଣ୍ଣମାଳା । ବର୍ଣ୍ଣମାଳା ପରେ ଯୁକ୍ତାକ୍ଷର, ଯୋଗ, ବିୟୋଗ, ପଣକିଆ, ଗୁଣନ, ହରଣ ଇତ୍ୟାଦି ଖୁବ୍ ଜଲ୍‌ଦି ଜଲ୍‌ଦି ଶିଖି ମୋର ପୁସ୍ତକ ପ୍ରବେଶ ହୋଇଗଲା ଅଳ୍ପ କେତେଟା ମାସ ମଧ୍ୟରେ । ବର୍ଷକ ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ ସମାପ୍ତ ହେବାରୁ ଏକାଥରକେ ମୋର ନାଆଁ ଲେଖାଗଲା ତୃତୀୟ ଶ୍ରେଣୀରେ ।

ତୃତୀୟ ଶ୍ରେଣୀର ଶିକ୍ଷାଦାନ ନିମନ୍ତେ ବିଷ୍ଣୁସାର୍‌ଙ୍କର ଯୋଗ୍ୟତା ବୋଧହୁଏ ନ ଥିଲା । ଏକଥାକୁ ହୃଦୟଙ୍ଗମ କରି ବାପା ଶ୍ରୀରାମ ବେହେରାଙ୍କୁ ମୋର ଗୃହଶିକ୍ଷକ ଭାବେ ନିଯୁକ୍ତି କଲେ । ସେତେବେଳେ ଗଣିତରେ ପଟୁ ବୋଲି ଶ୍ରୀରାମ ବେହେରାଙ୍କର ଯଥେଷ୍ଟ ନାଆଁ ଥିଲା । ଯଦିଓ ମୋତେ ପଢ଼ାଇବା ବେଳକୁ ସେ ମାଟ୍ରିକ୍‌ରେ ତିନିଥର ଫେଲ୍ ହୋଇ ସାରିଥିଲେ । ତଥାପି ତାଙ୍କର ବିଶେଷ ଯୋଗ୍ୟତା ଥିଲା ଯେ ସେ ମାଟ୍ରିକ୍‌ରେ କେବଳ ଇଂରାଜୀରେ ଫେଲ୍ ହେଉଥିଲେ ଏବଂ ଫେଲ୍ ହୋଇଥିବା ତିନିଥରଯାକ ଗଣିତର ଦୁଇଟିଯାକ ପତ୍ରରେ ସେ ଶତକଡ଼ା ଶହେରୁ ଶହେ ମାର୍କ ରଖିଥିଲେ ।

Digitized by PPRACHIN, SOA

ସେ ମୋତେ ପଢ଼ାଇବା ଦିନଠାରୁ ହିଁ ମୋର ଶନିଦଶା ଆରମ୍ଭ ହୋଇଯାଇଥିଲା ଜାଣ। ଏମିତି ଗୋଟିଏ ଦିନ ନ ଥିଲା ଯେଉଁଦିନ ତାଙ୍କର ବେତ୍ରାଘାତରେ ପିଠିରେ ନୋଳା ଫାଟୁ ନ ଥିଲା। ବିଷ୍ଣୁସାର୍‌ଙ୍କ ପାଖରେ ଘୋଷିଥିବା ଓ ଅନର୍ଗଳ କହିପାରୁଥିବା ପଣକିଆ ହଠାତ୍ ଯେମିତି ବାଟଭାଙ୍ଗି ମୋ' ଠାରୁ ଦୂରେଇ ଯାଇଥିଲେ। ବିଷ୍ଣୁସାର ଗୋଟିଏ ପଣକିଆକୁ ମୂଳରୁ ଶେଷଯାଏଁ କହିବାକୁ କହୁଥିଲେ, ମାତ୍ର ଇଏ ଥିବେ ଥିବେ ହଠାତ୍ ପଚାରିଦେବେ ଅଠର ଶୋ କେତେ? ମନେ ମନେ ମୂଳରୁ ଡାକି ଡାକି ଯିବାକୁ ସମୟ ଦେବେନି। କହ କହ କହି ଅତର୍ଛିଆ କରୁଥିବେ। ସେହି ଅତର୍ଛିଆରେ ମୋର ଭୁଲ ହୋଇଯାଏ ସବୁ। ଆରମ୍ଭ ହୋଇଯାଏ ମାଡ଼।

ମାରିବେ ତ ମାରିବେ, ସେଥିରେ ପାଟିକରି କାନ୍ଦିଲେ ଆହୁରି ମାଡ଼। ପାଟିକୁ ବନ୍ଦ କରି ନିଜ ଭିତରେ ହିଁ ଚିପୁଡ଼ି ହୋଇ କାନ୍ଦୁଥିବି। ଥରେ ଥରେ ତ ତାଙ୍କର ମାଡ଼ ଦେବାର ଢଙ୍ଗକୁ ସମ୍ଭାଳି ନ ପାରି ମୋର ଜେଜିମା ଆସି କହିବ– ଆରେ ଶ୍ରୀରାମ ତୁ ତ ପିଲାଟାକୁ ଯେମିତି ପିଟୁଛୁ, ସେ ତ ଚିଙ୍ଗୁଡ଼ି ମାଛ ପରି ଡେଉଁଛି, ସେଥିରେ ତା'ର ପାଠ କ'ଣ ମନରେ ରହିବ ନା ସେ ତୋ' ପ୍ରଶ୍ନର ଉତ୍ତର କ'ଣ ଦେବ। ଜେଜିମା'ର ସେହି କଥା ମୋର ମନୋବଳକୁ ବଢ଼ାଉଥିଲା ସତ, ମାତ୍ର ତା'ର କୌଣସି ପ୍ରଭାବ ପଡୁ ନ ଥିଲା ତାଙ୍କ ଉପରେ। ସେ ଯଥା ପୂର୍ବଂ ତଥା ପରଂ ନୀତିରେ ମାଡ଼ ଦେଇ ଚାଲୁଥିଲେ।

ଥରେ ସିଏ ମୋତେ ଗୋଟେ ଗଣିତ ଦେଲେ– ତିନିଜଣ ଲୋକ ଗୋଟିଏ କାମକୁ ତିନିଦିନରେ କଲେ, ଜଣେ ଲୋକ ସେହି କାମଟିକୁ କେତେ ଦିନରେ କରିବ? ଗଣତଟି ଦେବା ପରେ ତାଙ୍କର କ'ଣ ଗୋଟେ କାମ ପଡ଼ିଲା। ସେ ମୋତେ କହିଲେ, ତୁ ଗଣିତଟି କରୁଥାଆ, ମୁଁ ଆସୁଛି। ସେ ଗଲା ପରେ ମୁଁ ଗଣିତଟିକୁ ଖୁବ୍ ଗଭୀର ଭାବରେ ଚିନ୍ତା କରୁଥାଏ। ମାତ୍ର ମୁଁ ଯେତେ ଗଭୀର ଭାବରେ ତାକୁ ଚିନ୍ତା କରୁଥାଏ, ଗଣିତଟି ମୋତେ ସେତେ ସେତେ ଦୁର୍ବୋଧ ଲାଗୁଥାଏ। ଏହି ସମୟରେ ଆମ ବାରିପଟେ ଚାଲିଥାଏ କାଠ ଚିରା। ମୁଁ ପରିସ୍ରା କରିବା ପାଇଁ ଯାଇ ସେଠି ଘଡ଼ିଏ ଛିଡ଼ା ହୋଇ କରତିଆଙ୍କ କାଠ ଚିରା ଦେଖିଲି। ଭାବୁଥାଏ ସାର୍ ଯଦି ପଳାଇ ଆସିବେ ନା ମାରି ପକାଇବେ। ଆସିବାକୁ ବାହାରୁଛି, ସାର୍‌ଙ୍କ ସେହି ଗଣିତ କଥା ମନେପଡ଼ିଲା। ଏଠି ବି ତ ସେହି ତିନିଜଣ। ଜଣେ ଉପରେ ଓ ଦୁଇଜଣ ତଳେ ଠିଆହୋଇ କରତ ଟାଣୁଛନ୍ତି। ଭାବିଲି ଏମାନଙ୍କୁ ପଚାରିଦେଲେ ତ ମୋ ଗଣିତର ଉତ୍ତର ମିଳିଯିବ। ତାଙ୍କୁ ପଚାରିଲି– ଏଇ କାଠ ଚିରା କାମ କେତେ ଦିନ ଲାଗିବ?

ଜଣେ କହିଲେ– ଦୁଇତିନି ଦିନ ଲାଗିଯିବ।

– କ'ଣ ତିନିଜଣଙ୍କୁ?

– ହଁ।

Digitized by PPRACHIN, SOA

– ଯଦି ତିନିଜଣଙ୍କୁ ତିନିଦିନ ଲାଗିବ, ତେବେ ଜଣେ କଲେ କେତେ ଦିନ ଲାଗିବ ?

– ଇଏ କ'ଣ ଜଣକିଆ କାମ ହୋଇଛି କି, ଏ କାମ ତିନିଜଣ ନ ହେଲେ ହେବ ନାହିଁ ।

ବାସ୍ ମୋ ଗଣିତର ଉତ୍ତର ମୋତେ ମିଳିଗଲା । ଗଣିତ ଖାତାରେ ଆସି ଲେଖିଦେଲି– ତିନିଜଣ ଲୋକ ଯେଉଁ କାର୍ଯ୍ୟକୁ ତିନିଦିନରେ କରନ୍ତି, ଜଣେ ଲୋକ ସେ କାର୍ଯ୍ୟଟିକୁ ଆଦୌ କରିପାରିବ ନାହିଁ ।

ସେଦିନ ସାର୍ ଆଉ କାମ ସାରି ଫେରି ନ ଥିଲେ ପଢ଼ାଇବାକୁ । ତା' ପରଦିନ ସେ ବୋଧହୁଏ ଭୁଲିଯାଇଥିଲେ ଦେଇଥିବା ଗଣିତ କଥା । ଅନେକ ବର୍ଷ ପରେ ଥରେ ସେ ଗଣିତର ସମ୍ମୁଖୀନ ହୋଇ ମୁଁ ହସିଥିଲି ଅନେକ ବେଳଯାଏଁ ।

ମୋର ଟିଉସନ୍ ପଢ଼ା ସରି ନ ଥିବ ରମା, ରାଧୁଆ, ଅନନ୍ତ ଇତ୍ୟାଦି ଆସି ପଇଁତରା ମାରୁଥିବେ ଆମ ଦାଣ୍ଡରେ ଗାଧୋଇଯିବା ପାଇଁ । ସାର୍ ଉଠିବା କ୍ଷଣି ମୋ ବହି ବସ୍ତାନି ସେଇଠି ପଡ଼ିଥିବ ମୁଁ ଧାଇଁବି ତେଲଶିଶି ପାଖକୁ । ମୁଣ୍ଡରେ, ପିଠିରେ, ଆଙ୍ଗୁଠି ଅଗରେ ତେଲଟିକେ ମାରିଦେଇ ଆମେ ହାଜର ହୋଇଯାଉଥିଲୁ କାଣୀ ନଈ କୂଳରେ । କୂଳ ଉପରୁ ଗଣ୍ଡକୁ ମାରିକୁ ଖେପା । ଚଉଭାଙ୍ଗ ହେଉଥିବ ପାଣି । ଆଖି ସବୁ କୋଚିଆ ଆଖି ପରି ଲାଲ୍ ଦିଶିବା ଯାଏଁ ଆମେ ବୁଡୁଥିବୁ । ସ୍କୁଲ୍ ବେଳ ହେଲା ବୋଲି ଅନୁମାନ କରିବୁ ଜଗା ସାଆନ୍ତର– ଗାଈ ଫିଟା ହୋ ଡାକରେ, ତେବେ ଯାଇ ନଈ ଛାଡ଼ି ଘରକୁ ଫେରିବୁ ।

ପୋଇଗୁଳ ଶୁଖୁଆ ତରକାରି କିମ୍ବା ବଡ଼ିଚୂରା, ଆଳୁଭର୍ତ୍ତା ସହ ପଖାଳ ଭାତକୁ ଠୁଙ୍କି ଦେଇ ବରଡ଼ା ପତ୍ରର ଚଟ ଓ ବସ୍ତାନି ଧରି ଆମେ ବାହାରି ପଡ଼ିବୁ ସ୍କୁଲ୍ । ଗୋଟିଏ ଲମ୍ବା ହଲ୍‌ରେ ପାଞ୍ଚଟି ଶ୍ରେଣୀ ଓ ସେଥିପାଇଁ ଦୁଇଜଣ ମାତ୍ର ଶିକ୍ଷକ । ହୋ-ହାଲ୍ଲା ଭିତରେ ଚାଲିଥିବ ପଢ଼ା, ପରସ୍ପର ଭିତରେ ହୁମାଦୁମା, ଚୁଟିଟଣା ଓ ସାରଙ୍କ ନିକଟରେ ଅଭିଯୋଗ । ନଈ ପାରି ହୋଇ କଲ୍ୟାଣପୁରରୁ ଆସୁଥିବା ସର୍ବେଶ୍ୱର ସାର୍ ଟିକିଏ ସ୍ନେହୀ ଥିଲେ । ସେ ପିଟାପିଟି ଆଦୌ କରନ୍ତି ନାହିଁ । ତେଣୁ ରସା ସାର୍ ଯେଉଁଦିନ ନ ଥାନ୍ତି ସେଦିନ ଆମର ହୋ-ହାଲ୍ଲା ଓ ପିଟାପିଟି ଚରମ ସୀମାରେ ପହଞ୍ଚେ ।

ସେତେବେଳେ ଆଜିକାଲିର ମିଡ୍ ଡେ' ମିଲ୍ ଭଳି ବ୍ୟବସ୍ଥା ନ ଥିଲା ସତ, ମାତ୍ର ଆମେରିକା ସରକାରଙ୍କ ଠାରୁ ସ୍କୁଲ୍ ପିଲାଙ୍କ ପାଇଁ ଆସୁଥିଲା କେୟାର ଫିଡିଂ । ସେଥିରେ ରହୁଥିଲା ମକ୍‌କା ଗୁଣ୍ଡ ଖଣ୍ଡି ଖଣ୍ଡି ଗହମ, ମିଲ୍‌କ ପାଉଡର ଓ ସୋୟାବିନ୍ ତେଲ । ଗହମକୁ ଭାତ ଭଳି ଶିଝା ଯାଉଥିଲା ଓ ମକ୍‌କା ଗୁଣ୍ଡରେ ଉପମା ହେଉଥିଲା । ମିଲ୍‌କ ପାଉଡରକୁ କ୍ଷୀର କରି ଦିଆଯାଉଥିଲା । ଯେହେତୁ ସେ ଖାଦ୍ୟସବୁ ଗରିବ ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ତେଣୁ ତାହା ମୋତେ ମୋ ଭଳି ଅନ୍ୟ କିଛି ଛାତ୍ରଙ୍କୁ ଦିଆଯାଉ ନ ଥିଲା । ମୋର କିନ୍ତୁ ସେ

Digitized by PPRACHIN, SOA

ମକ୍‌କା ଗୁଣ୍ଡ ଖାଇବାରେ ଖୁବ୍ ସଉକ ଥିଲା । କୁର୍ତ୍ତିଆ ଅଜା ଯିଏକି ସେସବୁର ରୋଷେଇ ଦାୟିତ୍ୱରେ ଥିଲା, ତାକୁ ପଟାଇ ମୁଁ ବେଳେବେଳେ ମୋ ଖାତାର କାଗଜ ଚିରି ସେ ଗୁଣ୍ଡକୁ କିଛି ଧରି ପରିସ୍ରା କରିବା ବାହାନାରେ ଯାଇ ଖାଏ । ମକ୍‌କା ଗୁଣ୍ଡ ସହ ସେଥିରେ ଆଉ କିଛି ମିଶୁଥିଲା ନିଶ୍ଚୟ । କାରଣ ତାହା ଟିକେ ଲୁଣିଆ ଓ ଟିକେ ଟିକେ ମିଠା ଲାଗୁଥିଲା । ତାହାର ସ୍ୱାଦ ଓ ବାସ୍ନା ଆଜିଯାଏ ବି ମୋ ପାଟି ଓ ନାକରେ ରହିଛି ।

ସ୍କୁଲରେ ପଢ଼ିବା ସମୟରୁ ହିଁ ମୋର ଯାତ୍ରା ଓ ପାଲା ଦେଖିବାର ବହୁତ ସଉକ ଥିଲା । ବସନ୍ତ ବଗିଚାଠାରୁ ଆରମ୍ଭ କରି ବାରମାଣିଆ, ପ୍ରୀତିପୁର, ଉତ୍ତରକୂଳଠାରୁ ମଇନ୍ଦା ମେଳଣ ଯାଏ ମୁଁ, ରମା, ରାଧୁଆ, ଅନନ୍ତ ଓ ଶୈଳେନ୍ଦ୍ର ଇତ୍ୟାଦି ଖେପୁଥିଲୁ ରାତାରାତି । କେତେବେଳେ ଘରୁ ଅନୁମତି ନେଇ ତ କେତେବେଳେ ଲୁଚିକରି । ଯାତ୍ରା ଦେଖାଦେଖି ଆମ ବାଡ଼ିପଟ ବାଉଁଶ ବଣରେ ଆରମ୍ଭ ହେଉଥିଲା ଯାତ୍ରା । ବାଉଁଶର ଖଣ୍ଡା ଓ ଧନୁ, ଘଷି ପାଉଁଶ ଓ କାଠ ଅଙ୍ଗାର ଥିଲା ଆମର ମେକ୍‌ଅପ୍ ସାମଗ୍ରୀ । ସେତେବେଳେ ଯାତ୍ରାର କଳାକାରମାନେ ଥିଲେ ମୋ ଦୃଷ୍ଟିରେ ସବୁଠାରୁ ଭାଗ୍ୟବାନ୍ ଲୋକ । ମନେ ମନେ ଗୋଟେ ଯାତ୍ରା କଳାକାର ହେବାର ଅଭୀପ୍‌ସା ମୋତେ ପ୍ରେରିତ କରୁଥିଲା ବାଉଁଶ ବଣରେ ଅଭିନୟ କରିବାପାଇଁ । ସେ ଅଭିନୟ ହୁଏତ ଚାଲିଥାଆନ୍ତା ବହୁବର୍ଷ ଯାଏ, ଯଦି ରମାଭାଇର ବାଉଁଶ ଖଣ୍ଡାରେ ମୋ ନାକ ଉପରେ ଆଜୀବନ ସାଇତି ରଖିବା ଭଳି କ୍ଷତଟିଏ ହୋଇ ନ ଥାନ୍ତା ।

ଯାତ୍ରା ଦେଖାର ସଉକ ଭଳି ପାଲା ଦେଖିବାର ସଉକ ମଧ୍ୟ ମୋର ଥିଲା ଅଦମ୍ୟ । ସେତେବେଳେ ହରିନାଥ, କ୍ଷେତ୍ରବାସୀ କର, ଜଗନ୍ନାଥ ବେହେରା ଇତ୍ୟାଦିଙ୍କ ପାଲା ଦେଖିବାରେ ମୋର କେତେ ଯେ ରାତି କଟିଛି, ତା'ର ହିସାବ ନାହିଁ । ପାଲା ଗାୟକମାନଙ୍କର ସ୍ମରଣ ଶକ୍ତି ଓ ଶାସ୍ତ୍ରଜ୍ଞାନ ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ମୋର ଗୋଟେ ଗାୟକ ହୋଇପାରିବା ଭଳି ସ୍ୱର ଓ ଶକ୍ତି ନ ଥିଲା ବୋଲି ମୁଁ ପିଲାଦିନୁ ଆକଳନ କରିଥିଲି । ମାତ୍ର ପାଲାଗାୟକମାନେ ଯେଉଁସବୁ ପଦ୍ୟ, ଉପମା ଓ ଛାନ୍ଦ ଗାଉଥିଲେ ସେସବୁ ଲେଖିପାରିବି ବୋଲି ମୋର ଭରସା ଥିଲା । ସେଥିରେ ଯେ ମୁଁ ହାତ ଆଜ୍‌ମାଇ ନାହିଁ, ସେକଥା ନୁହଁ । ପାଲା ଦେଖି ଦେଖି ଓ ସେଥିରୁ ଗୀତ ଶୁଣି ଶୁଣି ମୁଁ ପ୍ରକୃତି ବର୍ଣ୍ଣନା ଓ ରୂପସୀ ରମଣୀର ରୂପ ବର୍ଣ୍ଣନା କରି କିଛି କିଛି କବିତା ଲେଖି ପକାଇଲି । ମାତ୍ର ତାକୁ ଗାଇବ କିଏ– ଏଇ ଚିନ୍ତାରେ ମନ ଖଳବଳ ହେଉଥାଏ ।

ପାଲା ଦେଖିବାବେଳେ କିଛି ଦର୍ଶକ ପାଲାରେ ପ୍ରୀତ ହୋଇ ହେଉ କିମ୍ବା ବହୁ ଦର୍ଶକଙ୍କ ସାମ୍ନାରେ ନିଜ ନାମ ପ୍ରଚାରପାଇଁ ହେଉ କିଛି ପୁରସ୍କାର ଦେଉଥିଲେ । ସେହି ପୁରସ୍କାର ଦେବା ପାଇଁ ଖୋଜା ପଡୁଥିଲେ କିଛି ପିଲା, ଯିଏକି ମଞ୍ଚ ଉପରକୁ ଯାଇ ଦୁଇପଦ କହି ପୁରସ୍କାର ଦେଇପାରିବେ । ସେତେବେଳେ ସେଥି ନିମିତ୍ତ ମୁଁ ଥିଲି ସବୁଠୁଁ ଯୋଗ୍ୟତମ

Digitized by PPRACHIN, SOA

ପିଲା। ମତର୍ଣ୍ଣ, ଅଲଟ୍ରା ମଡର୍ଣ୍ଣ, ବିଂଶ ଶତାବ୍ଦୀ, ରସଗ୍ରାହୀ, କଳାପ୍ରେମୀ ଇତ୍ୟାଦି କିଛି ଶବ୍ଦ ଲଗାଇ ମୁଁ ପୁରସ୍କାରଟି ଗଳାଇ ଦେଉଥିଲି ଗାୟକଙ୍କ ଗଳାରେ। ଏଭଳି ବାରମ୍ବାର ପୁରସ୍କାର ଦେବାକୁ ଯିବା ଦ୍ୱାରା ଗାୟକ କ୍ଷେତ୍ରବାସୀ କରଙ୍କ ସହ ମୋର ମୁହଁଚିହ୍ନା ହୋଇଯାଇଥିଲା। ସେହି ଭରସାରେ ଦିନେ ପାଲା ଶେଷ ପରେ ମୁଁ ଯାଇ ପହଞ୍ଚିଲି ସେ ରହୁଥିବା ଜାଗାରେ। ମୋତେ ଦେଖିପକାଇ ସେ ପଚାରିଲେ– କ'ଣ ବାବା, କୁଆଡ଼େ ଆସିଲ ?

ମୁଁ ତାଙ୍କୁ ପଚାରିଲି– ଆଜି କେଉଁ ବିଷୟରେ ପାଲା ହେବ ?

– ସେଇଟା କ'ଣ ଏବେରୁ ନିଷ୍ପତ୍ତି ନେଲିଣି।

– ଆପଣ ଯେଉଁ ବିଷୟରେ ପାଲା କରିବେ ସେଥିରେ କ'ଣ ସୁନ୍ଦରୀ ରୂପସୀଙ୍କ ରୂପ ବର୍ଣ୍ଣନା ରହିବ ?

– ମାନେ !

– ଏଇ ଯେମିତି ଗତ ରାତିରେ ଆପଣ ଗାଉଥିଲେ– 'ଏ ଯୋଷାଚରଣ ଘଷା ପଥରକୁ ନ ହୋଇବେ କେହି ସରି।'

– ଓହୋ – ହଁ, ରହିପାରେ, କ'ଣ ହେଲା କି ?

– ମୁଁ ବି ସେମିତି ଏକ କବିତା ଲେଖିଛି।

– ତମେ ଲେଖିଛ– ଦେଖେ, ଦେଖେ।

ସେ ମୋ କବିତା ନେଇ ପଢ଼ିଲେ। ପଢ଼ିସାରି କହିଲେ, ବେଶ୍ ବଢ଼ିଆ ଲେଖିଛ ତ ?

– ମୋର ଏ କବିତାକୁ ଆପଣ ଗାଇପାରିବେ ପାଲାରେ ?

– ହଉ ଦେଖିବା...

ତାଙ୍କ ହାତକୁ କବିତାଟି ଦେବା ପୂର୍ବରୁ ମୁଁ କହିଲି– ଏହା ତଳେ ମୁଁ ମୋର ନାଆଁ ଲେଖି ଦେଉଛି। ନାଆଁ ଲେଖିସାରି ମୁଁ କବିତାଟି ତାଙ୍କ ହାତକୁ ବଢ଼ାଇ ଦେଲି। ସେ ତାକୁ ଗୋଟେ ଡାଏରୀ ଭିତରେ ରଖିଲେ। ସେ ବୋଧେ ଭାବୁଥିଲେ କବିତାଟି ଦେଇସାରି ମୁଁ ସଙ୍ଗେ ସଙ୍ଗେ ଚାଲିଆସିବି ବୋଲି। ମାତ୍ର ମୋର ନ ଯିବା ଲକ୍ଷ୍ୟ କରି ସେ ପଚାରିଲେ, ଆଉ କ'ଣ କହିବ ?

– ହଁ – ଆଉ ଗୋଟେ କଥା, ଆପଣ ଯେମିତି କୌଣସି କବିଙ୍କର କବିତା ଉଦ୍ଧୃତି ପୂର୍ବରୁ ତାଙ୍କୁ କବିସମ୍ରାଟ୍, କବିସୂର୍ଯ୍ୟ କିମ୍ବା କବିବର କହୁଛନ୍ତି। ମୋ ନାଆଁ ପୂର୍ବରୁ କେବଳ କହିବେ ବାଲ୍ୟକବି ବୋଲି।

ସେ ମୋ କଥା ଶୁଣି ହସିଲେ ଟିକିଏ। ମୋର ଆଉ କିଛି କହିବାର ନ ଥିଲା। ମୁଁ ଫେରିଆସିଲି। ସେଦିନ ରାତିରେ ପାଲା ଦେଖିବାବେଳେ ଥାଏ ମୋ ଭିତରେ ଅଦ୍‌ଭୂତ

Digitized by PPRACHIN, SOA

ପୁଲକ। ମୋ କବିତାକୁ ଆଜି ପାଲାରେ ଗାଇବେ ଗାୟକ। ଇଚ୍ଛା ହେଉଥିଲା ଏ କଥାର ପୂର୍ବ ସୂଚନା ମୋ ସାଙ୍ଗମାନଙ୍କୁ ଦେଇଦେବି। ପୁଣି ଭାବୁଥାଏ ନା, ସେମାନେ ଗାୟକଙ୍କ ଠାରୁ ମୋ ନାଆଁ ଶୁଣି ଚମକନ୍ତୁ। ବଳେ ସେମାନେ ଜାଣିବେ ମୁଁ କବି ବୋଲି।

ପାଲା ଚାଲିଥାଏ। ମୋର କିନ୍ତୁ ପାଲାରେ ନ ଥାଏ ମନ। ମୁଁ କେବଳ ଭାବୁଥାଏ କେତେବେଳେ କେଉଁ ପରିବେଶରେ ଗାୟକ ମୋ କବିତାକୁ ଖାପ୍ ଖୁଆଇ ଗାଇବେ। ବେଳ ଯେତେ ଅଧିକ ହେଉଥାଏ, ମୋର ଉତ୍କଣ୍ଠା ସେତେ ଅଧିକ ବଢୁଥାଏ। ଅପେକ୍ଷା କରି କରି ପାଲା ସରିଗଲା, ଅଥଚ ଗାୟକ ଗାଇଲେନି ମୋର କବିତା। ସେଦିନ ତାଙ୍କ ବିରୋଧରେ ମୋର ଯଥେଷ୍ଟ କ୍ଷୋଭ ହେଲା। ଭାବୁଥାଏ ଯଦି ନ ଗାଇବାର ଥିଲା ମୋତେ ତ ସିଧା ସିଧା ମନା କରିଦେଇ ଥାଆନ୍ତେ। କିନ୍ତୁ ମୋ କବିତା ରଖିଲେ ଗାଇବା ପାଇଁ, ଅଥଚ ଗାଇଲେ ନାହିଁ। ଇଏତ ରୀତିମତ୍ ଧୋକା। ସେଇ ରାଗରେ ଆଉ ଗଲିନି ତାଙ୍କ ପାଖକୁ ମୋ କବିତା ଆଣିବାକୁ। ହେଲେ ମନେ ମନେ ପ୍ରତିଜ୍ଞା କଲି– ରୁହ ଦେଖିବ ମୁଁ କବି ହେବି ଏବଂ ତମେ ଆସିବ କବିତା ମାଗିବାକୁ ମୋ ପାଖକୁ।

ଆଘାତଟି ଛୋଟ ଓ ଗୋପନୀୟ ଥିଲା, କିନ୍ତୁ ମୋତେ ଲାଗିଥିଲା ଖୁବ୍ ଗଭୀର ଭାବରେ। କିଛି ଦିନ ପରେ ମୁଣ୍ଡରୁ ଖସାଇ ଦେଲି – ରାଧାମୋହନ ଗଡ଼ନାୟକଙ୍କ ଭାବନା "କବି ହେବା ପାଇଁ ବାସନା ମୋର ପ୍ରବଳ ଭାରିରେ ପ୍ରବଳ ଭାରି।" ଧ୍ୟାନ ଦେଲି ପଢ଼ାପଢ଼ିରେ। ମୋ ପଢ଼ାପଢ଼ି ଠିକ୍ ଲାଇନ୍‌କୁ ଆସୁଥିବାବେଳେ ଆମ କ୍ଲାସ୍‌ରେ ଆସି ନୂଆ ଝିଅଟିଏ ନାମ ଲେଖାଇଲା। ତାଙ୍କ ଗାଆଁରେ ରହି ପଢ଼ିବାକୁ ସୁବିଧା ନ ଥିବାରୁ ମାମୁଘରେ ରହି ପଢ଼ିବ ବୋଲି ଆସିଥିଲା ଆମ ଗାଆଁକୁ। ଚନ୍ଦ୍ରିକା – ତା' ନାଆଁଟି ଯେପରି ଥିଲା, ରୂପ ମଧ୍ୟ ସେହିପରି ଥିଲା। ତାକୁ ଦେଖିବା ପରେ ମୋର ପୁଣି ମନେପଡ଼ିଲା ରାଧାନାଥଙ୍କର ସେହି କବିତା – "ଏ ଯୋଷା ଚରଣ ଘଷା ପଥରକୁ ନ ହୋଇବେ କେହି ସରି।"

ମୁଁ ଖୋଜିଲି ମୋର ସେହି ପୁରୁଣା କବିତାକୁ। ଅନେକ ଖୋଜାଖୋଜି ପରେ ତାକୁ ପାଇଲି ମୋର ପୁରୁଣା ବହି ଭିତରୁ। ପୁଣିଥରେ ସଜାଡ଼ିଲି ସେ କବିତାକୁ। ଯେତେବେଳେ ଉପଲବ୍ଧି କଲି ଚନ୍ଦ୍ରିକାର ରୂପ ବର୍ଣ୍ଣନା ପାଇଁ ମୋର କବିତାଟି ଉପଯୁକ୍ତ ହୋଇଛି। ସେତେବେଳେ ଲୋଭ ସମ୍ବରଣ କରି ନ ପାରି ଦେଖାଇଦେଲି ମୋର ଜଣେ ଘନିଷ୍ଠ ସାଙ୍ଗକୁ। ବାଲ୍ୟ ଚପଳତାରେ ଲେଖିଥିବା କବିତାଟି ଯେ ଏମିତି ଏକ ସାଂଘାତିକ ପରିସ୍ଥିତିକୁ ଡାକି ଆଣିପାରେ, ତାହା ମୋର କଳ୍ପନାର ବାହାରେ ଥିଲା। ମୋର ସେ ସାଙ୍ଗଟି ସେ କବିତାଟିକୁ କେବଳ ପଢ଼ିଲାନି, ପଢ଼ିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଦେଖାଇ ଦେଲା ଏବଂ ମୁଁ କାହା ଉଦ୍ଦେଶ୍ୟରେ କବିତାଟି ଲେଖିଛି ବଖାଣିଲା। କଥା କାନରୁ କାନ ହୋଇ ଯାଇ ପହଞ୍ଚିଲା ହେଡ୍‌ମାଷ୍ଟ୍ରଙ୍କ ପାଖରେ।

Digitized by PPRACHIN, SOA

ଖେଳଛୁଟିରେ ମୋତେ ଡକାଇ ପଠାଇଲେ ହେଡ୍‌ମାଷ୍ଟ୍ର। ତାଙ୍କ ଡାକରା ପାଇ ମୋ ଦେହରୁ ଶୁଖିଗଲା ରକ୍ତ। ମାଡ଼ ପାଇଁ ଭୟ ଯେତିକି ନ ଥିଲା, ନୂଆ ଆସିଥିବା ଝିଅଟି ଆଗରେ ବେଇଜ୍ଜତ ହେବାର ଭୟ ମୋତେ ଅଧିକ ଖାଉଥିଲା। ଭାବି ପାରୁ ନ ଥାଏ କେମିତି ସାମ୍ନା କରିବି ହେଡ୍‌ମାଷ୍ଟ୍ରଙ୍କୁ। ସେ ଦଣ୍ଡଦେବାରେ ଯେମିତି ନିର୍ଦ୍ଦୟ, ଗାଳିଗୁଲଜ କରିବାରେ ମଧ୍ୟ ସେପରି ନିଷ୍କରୁଣ। କ'ଣ ଦଣ୍ଡ ଦେବେ ଓ କି କି ଗାଳି କରିବେ ଭାବି ଭାବି ହାଣମୁହଁକୁ ଯିବା ପରି ମୁଁ ଯାଇ ପହଞ୍ଚିଲି ତାଙ୍କ ପାଖରେ। ମୁଁ ପହଞ୍ଚିବା ବେଳକୁ ସେ କାର୍ଯ୍ୟବ୍ୟସ୍ତ ଥିଲେ। ମୋ ଆଡ଼େ ଥରେ ଚାହିଁ ଦେଇ ସେ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟଟିକୁ କରିବାରେ ମନଦେଲେ। ମୁଁ ଛିଡ଼ା ହୋଇ ରହିଥାଏ ବଳି ପଡ଼ିବାକୁ ଅପେକ୍ଷା କରିଥିବା ଛେଳି ପରି। ସେ ସମୟରେ ଯେତେ ସବୁ ଦୁଷ୍ଟ ଚିନ୍ତା ଆସି ପହଞ୍ଚୁଥାଏ ମୁଣ୍ଡ ଭିତରେ। ଭାବୁଥାଏ ସିଧା ସିଧା ମନା କରିଦେବି– ମୁଁ ଲେଖିନି ସେ କବିତା। ଅନ୍ୟ କେହି ସେ କବିତା ଲେଖି ମୋ ମୁଣ୍ଡରେ ଅଠା ବୋଳିବାର ପ୍ରୟାସ କରୁଛି। ପୁଣି ଭାବୁଥାଏ କହିବି– ହଁ, ମୁଁ ଲେଖିଛି ସେ କବିତା। ହେଲେ ମୁଁ ଯେଉଁ ଚନ୍ଦ୍ରିକା କଥା ଲେଖିଛି ସେ ଆମ କ୍ଲାସ୍‌ର ଚନ୍ଦ୍ରିକା ନୁହଁ। କବି କଳ୍ପନାର ଚନ୍ଦ୍ରିକା। ଏ ବିଶ୍ୱରେ ଏତେ ଲୋକ ଥାଉଁ ଥାଉଁ ନାମର ସାମଞ୍ଜସ୍ୟ ଚାଲିଆସିବା ସ୍ୱାଭାବିକ। ଏସବୁ ସତ୍ତ୍ୱେ ସେ ଯଦି ଦଣ୍ଡବିଧାନ କରନ୍ତି, ତେବେ ମୁଁ ବିଦ୍ରୋହ କରି ଦଣ୍ଡ ସ୍ୱୀକାର କରିବିନି। ଦରକାର ପଡ଼ିଲେ ଏଠୁ ସାର୍ଟିଫିକେଟ୍ ନେଇ ଚାଲିଯିବି ଅନ୍ୟ ସ୍କୁଲ୍‌କୁ।

ମୁଁ ସାର୍‌ଙ୍କ ଟେବୁଲ୍ ସାମ୍ନାରେ ଛିଡ଼ା ହୋଇଥାଏ। ମୋତେ କ'ଣ ଦଣ୍ଡ ମିଳୁଛି ଜାଣିବାର ଉତ୍ସୁକତା ନେଇ ଆମ କ୍ଲାସ୍‌ର କିଛି ପିଲା ହେଡ୍‌ମାଷ୍ଟ୍ରଙ୍କ ଅଫିସ୍ ଝରକା ଠାରୁ ନିରାପଦ ଦୂରତା ରକ୍ଷା କରି କଣେଇ କଣେଇ ଚାହିଁ ରହିଥାଆନ୍ତି।

ପ୍ରଧାନଶିକ୍ଷକ ତାଙ୍କ କାମ ସାରିବା ପରେ ମୋ ଆଡ଼କୁ ଚାହିଁଲେ। ମୋତେ ଚାହିଁ ସାରି ତାଙ୍କ ଚେୟାରର ପଛକୁ ଆଉଜି ହାତ ଦୁଇଟି ଉପରକୁ କରି ଜୋର୍‌ରେ ଭିଡ଼ିହେଲେ। ମୁଁ ଭାବୁଥାଏ ମାଡ଼ ଦେବାପାଇଁ ଏହା ବୋଧେ ତାଙ୍କର ପ୍ରାରମ୍ଭିକ ପ୍ରସ୍ତୁତି। ମାତ୍ର ପରମୁହୂର୍ତ୍ତରେ ସେ ମୋତେ ଆଶ୍ଚର୍ଯ୍ୟ ଭରିଦେଇ କହିଲେ– "ଆରେ ତୋ' ଭିତରେ ଏତେ ଚମତ୍କାର କବି ପ୍ରତିଭାଟିଏ ଅଛି ମୁଁ ଜାଣି ନ ଥିଲି।" ସେ ପ୍ରତିଭାକୁ ସତ୍‌ମାର୍ଗରେ ବିନିଯୋଗ କର। ତୁ ବୋଧେ ଜାଣିନୁ କବିତାରେ ଅନେକ ଶକ୍ତି ରହିଛି। କବିତା କେବଳ ଶବ୍ଦର ସମାହାର ନୁହଁ ସେଥିରେ ପ୍ରତ୍ୟେକ ଶବ୍ଦ ମନ୍ତ୍ରସିକ୍ତ। କବିତା ଲେଖି କବିମାନେ ଜାତୀୟ ଚେତନା ସୃଷ୍ଟି କରିଥିଲେ। ବିଦ୍ରୋହର ବହ୍ନି ଜାଳିଥିଲେ ସାରା ଦେଶର ଲୋକଙ୍କ ମନରେ। ତେଣୁ କବିତାକୁ କେବେବେଳେ **ଶକ୍ତିହୀନ** ମନେ କରିବୁ ନାହିଁ। ପ୍ରତ୍ୟେକ କବିର ଧ୍ୟେୟ ହେବା ଉଚିତ ଯେ କବିତା ବ୍ୟକ୍ତିର **ଅନିଷ୍ଟ** ନ ଘଟି ହିତସାଧନ କରୁ। ତୁ ଏ ଯେଉଁ କବିତାଟି ଲେଖିଛୁ, ସେଥିରେ ଥିବା ତୋ' କବି ପ୍ରତିଭା ଦେଖି ମୁଁ ତୋତେ ବଧାଇ ଜଣାଉଛି। ମାତ୍ର ତୋ' କବିତାଟି ଜଣେ ବ୍ୟକ୍ତି ଉଦ୍ଦେଶ୍ୟରେ ଲେଖାଯାଇଛି, ଯାହା ତା'ର ମାନସିକ ଓ ସାମାଜିକ

Digitized by PPRACHIN, SOA

ସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଛି । ତେଣୁ ସେଭଳି କାର୍ଯ୍ୟରୁ ତୋ'ର କ୍ଷାନ୍ତ ରହିବା କଥା । ମନେରଖ ଜଣେ ଡାକ୍ତରଙ୍କ ହାତରେ ଥିବା ଛୁରି ଜଣେ ରୋଗୀର ଜୀବନ ରକ୍ଷା କରେ, ମାତ୍ର ସେହି ଛୁରି ଯଦି ଘାତକ ହାତରେ ପଡ଼େ ତେବେ ସେ ଲୋକଙ୍କର ଜୀବନ ନିଏ । ତେଣୁ ତୋ' କବିତା ଜଣେ ଡାକ୍ତର ହାତର ଛୁରି ହେବ କି ଘାତକ ହାତର ଛୁରି ହେବ, ତୁ ନିର୍ଣ୍ଣୟ କର ।

ମୁଁ କେବଳ ନୀରବରେ ଶୁଣୁଥିଲି ହେଡ୍‌ମାଷ୍ଟ୍ରଙ୍କ ଉପଦେଶ । ସେ ମୋର ନୀରବତାକୁ ଲକ୍ଷ୍ୟ କରି କହିଲେ– ତୁ ଯେତେବେଳେ ଏତେ ଚମତ୍କାର କବିତା ଲେଖିପାରୁଛୁ, ମୋ କଥାର ଅର୍ଥ ନିଶ୍ଚୟ ବୁଝିପାରୁଥିବୁ । ହଉ ଯାଆ– ପଢ଼ାପଢ଼ିରେ ମନ ଦେ ।

ସେଠାରୁ ଫେରିବାବେଳେ ମୋତେ ଲାଗୁଥିଲା ଫାଶୀ ପାଇବାକୁ ଅପେକ୍ଷା କରିଥିବା କଏଦୀଟିଏ ନିର୍ଦ୍ଦୋଷରେ ଖଲାସ ହୋଇଗଲା ପରି । ମୁଁ ବୁଝି ପାରୁ ନ ଥିଲି ଏତେ ବଦ୍‌ରାଗୀ ପ୍ରଧାନଶିକ୍ଷକ ମୋତେ ଦଣ୍ଡ ଦେବାରୁ ନିବୃତ ହେଲେ କିପରି ? କ'ଣ କବିତାଟି ତାଙ୍କୁ ସତରେ ଭଲ ଲାଗିଛି ନା ଆଉ କିଛି ? ମୋର କବି ପ୍ରତିଭାକୁ ଈର୍ଷା କରୁଥିବା ମୋର କିଛି ସହପାଠୀ ଯେଉଁମାନେ ଆନ୍ତରିକ ଭାବେ ଚାହୁଁଥିଲେ ମୁଁ ଦଣ୍ଡିତ ହୋଇ ଚନ୍ଦ୍ରିକା ସମ୍ମୁଖରେ ଲଜ୍ଜିତ ହୁଏ ବୋଲି, ସେମାନେ ନିରାଶ ହୋଇଥିଲେ– ମୁଁ ବିନା ଦଣ୍ଡରେ ଫେରିଆସିବା ଦେଖି ।

ଏହା ପରେ ଧୀରେ ଧୀରେ ବଦଳି ଯାଇଥିଲା ମୋର କବିପଣ ଏବଂ କବି ଭାବରେ ନିମଗ୍ନ ରହିବା ସ୍ୱଭାବ । ଚନ୍ଦ୍ରିକାକୁ ମନେ ମନେ ଭଲପାଇବା ଭଳି ଏକ କଠୋର କର୍ମରୁ ନିବୃତ ହୋଇ ମୁଁ ପଢ଼ାପଢ଼ିରେ ମନ ଦେଲି ଏବଂ ପଣ କଲି ଜୀବନରେ କେବେ ଯଦି କବିତା ଲେଖେ ତେବେ କେବଳ ମାନବ ହିତ ପାଇଁ ଲେଖିବି । ମାତ୍ର ପରବର୍ତ୍ତୀ ଜୀବନରେ– ମୁଁ କେବଳ ଭୁଲି ଯାଇ ନ ଥିଲି କବିତା ଲେଖା, ହଜାଇ ଦେଇଥିଲି ମଧ୍ୟ କବିତା ଲେଖିବାର କଳା ।

ହାଇସ୍କୁଲ୍ ପଢ଼ା ସାରି ମୁଁ ଗାଆଁ ଛାଡ଼ି ଆସିଲି ସହର । ଆଇ.ଏସ୍‌ସି. ପଢ଼ା ସରିବା ପରେ ଯାନ୍ତ୍ରିକ ବିଦ୍ୟା ଅଧ୍ୟୟନ । ପଢ଼ା ସରୁ ସରୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଯନ୍ତ୍ରୀ ଭାବରେ ଯୋଗଦାନ ପର୍ଯ୍ୟନ୍ତ ମୋ ଭିତରେ ଏକ ସୁକୁମାର କବିପଣ ଥିବାର ଅନୁଭବ କେବେ ଆସି ନ ଥିଲା । ପଦ, ପଦବୀ, ପଦୋନ୍ନତି; ଗବେଷଣା ଏବଂ ଉଚ୍ଚତର ଗବେଷଣା ମଧ୍ୟରେ ପ୍ରେମ କିମ୍ୱା ପ୍ରେମକୁ ନେଇ ଚିତ୍ତଚଞ୍ଚଳ ହେବାର ବିରଳ ମୁହୂର୍ତ୍ତଟିଏ କେବେ ଜୁଟି ନ ଥିଲା ଭାଗ୍ୟରେ । ଧୀରେ ଧୀରେ ମୁଁ ଯନ୍ତ୍ରୀରୁ ଯନ୍ତ୍ର ପାଲଟି ଯାଉଥିଲି, ନିଜ ପାଖରେ ମାନବିକ ଆବେଗ କିମ୍ୱା ହୃଦୟ ଭଳି କିଛି ଜିନିଷ ଥିବାର ସୁରାକ୍ ମୁଁ ପାଉ ନ ଥିଲି । ମୁଁ କେବଳ ଅନୁଭବ କରୁଥିଲି– ମୁଁ ଯନ୍ତ୍ରଟିଏ, ଯେଉଁ ଯନ୍ତ୍ରର ଗତି ଅଛି, ପ୍ରଗତି ଅଛି ଅଥଚ ସ୍ପନ୍ଦନ ନାହିଁ ।

ଅର୍ଥ, କ୍ଷମତା, ପ୍ରତିପତ୍ତି ଓ ପ୍ରାଚୁର୍ଯ୍ୟରେ ମୁଁ ଆକ୍ରାମାକ୍ରା ହୋଇ ପଡୁଥିଲି । ସମସ୍ତ ପାର୍ଥିବ ସୁଖର ସମୁଦ୍ର ଭିତରେ ଲାଗୁଥିଲା ମୁଁ ଯେମିତି ନିଃସଙ୍ଗ ନାବିକଟିଏ ଗୋଟେ ହୁଲ

Digitized by PPRACHIN, SOA

ଡଙ୍ଗାରେ ବସି ଧାଉଁଛି କେବଳ ରତ୍ନଦ୍ୱୀପର ସନ୍ଧାନରେ, ପାଉଛି ବି ରତ୍ନଦ୍ୱୀପ, ଅଥଚ ବୋହିପାରୁନି ସେ ରତ୍ନର ଭାର। କ୍ରମେ କ୍ରମେ ଜୀବନ ଲାଗିଲା ଦୁର୍ବିଷହ। ମନ ଚାହିଁଲା ମୁକ୍ତି। ଖୋଜିଲା ହଜିଲା ଶୈଶବ।

ଧୀରେ ଧୀରେ ଶୈଶବର ହ୍ୟାଙ୍ଗଓଭର୍ ମୋ ଭିତରେ ଏତେ ମାତ୍ରାରେ ବଢ଼ିଲା ଯେ ମୁଁ ଆଉ କୌଣସି କାର୍ଯ୍ୟରେ ମନ ଦେଇପାରିଲି ନାହିଁ। ମୋର ଏଭଳି ବିଚଳତାକୁ ଲକ୍ଷ୍ୟ କରି ମୋର ବିଦେଶିନୀ ପତ୍ନୀ ଥରେ ମୋତେ ପଚାରିଲେ– କ'ଣ ହୋଇଛି ତମର, ତମେ ଭିତରେ ଭିତରେ ଖୁବ୍ ଅସ୍ଥିର ଥିଲା ପରି ମନେ ହେଉଛ ? ମୁଁ ତାଙ୍କୁ ମୋ ମନର କଥା କହିଲି। ସେ ତାଙ୍କର ଭେଷଜ ବିଦ୍ୟାଳୟ ଜ୍ଞାନରେ କହିଲେ– ଏସବୁ ହେଉଛି ନଷ୍ଟାଲଜିକ୍ ଡିପ୍ରେସନ୍। ଏହା ବହୁଲୋକଙ୍କ ମଧ୍ୟରେ ଥରେ ଥରେ ଆସେ ଏବଂ ବିବ୍ରତ କରେ। ମାତ୍ର ସେ ସମୟକୁ କର୍ମମୁଖରତା ଭିତରେ କଟାଇ ଦେଲେ ସେ ପୁଣି ଆପେ ଆପେ ଦୂରେଇ ଯାଏ। ଏବେ ତୁମର ଦାୟିତ୍ୱ ହେଉଛି, ଅଫିସ୍ କାମରେ ନିଜକୁ ଯେତେ ବେଶି ପାରୁଛ ନିୟୋଜିତ କର, ଯେମିତି କୌଣସି ଅବସର ସମୟ ନ ଆସେ ଏସବୁ ଚିନ୍ତାକୁ ସ୍ଥାନ ଦେବା ପାଇଁ।

– ନଷ୍ଟାଲଜିକ୍ ହେବା କ'ଣ ଏକ ରୋଗ ?

– ନା – ଏଇଟା ଠିକ୍ ଗୋଟେ ରୋଗ ନୁହଁ। ମାତ୍ର ଅତୀତ କିମ୍ବା ଶୈଶବର ସ୍ମୃତିରେ ସବୁବେଳେ ବୁଡ଼ି ରହି ବର୍ତ୍ତମାନକୁ ଅସାର ମନେ କରିବା ହେଉଛି ଏକପ୍ରକାର ଡିପ୍ରେସନ୍‌ର ଲକ୍ଷଣ। ଯାହାର ପ୍ରାରମ୍ଭିକ ଅବସ୍ଥା ତୁମ ପାଖରେ ଦେଖା ଦେଉଛି।

– ତମ ଭେଷଜ ବିଜ୍ଞାନ 'ମନ'କୁ କ'ଣ ବୁଝେ ? ମୁଁ ଭାବୁଛି ବୁଝୁ ନ ଥିବ ଆଦୌ କିମ୍ବା ଯଦି ବୁଝୁଥାଏ ତାକୁ ଶରୀରର ଅନ୍ୟ ଏକ ଅଂଶ ରୂପେ ଧରି ନେଇଥିବ।

– ଶରୀର ଓ ଶରୀରର ବିଭିନ୍ନ ରୋଗକୁ ନେଇ ଆମର ପାଠ। ସେଠି ମନକୁ ଆମେ କେବେ ତର୍ଜମା କରି ନାହୁଁ।

– ହଁ – ସେଇଥିପାଇଁ ତମେ ମୋତେ କହିପାରିଲ ନଷ୍ଟାଲଜିଆରୁ ରକ୍ଷା ପାଇବାକୁ ୱାର୍କହୋଲିକ୍ ହେବା ପାଇଁ। ଏହା ଠିକ୍ ମୂଷାଙ୍କ ଉପଦ୍ରବ ବଢ଼ିଲେ ଘରପୋଡ଼ି ଦେବାର ଉପଦେଶ ପରି।

– ହଉ ବାବା – ତମେ ତମର ନଷ୍ଟାଲଜିଆକୁ ନେଇ ରୁହ। ମୋତେ ମୋର କାମ କରିବାକୁ ଦିଅ।

– ହଁ – ତାହାତ ଠିକ୍ କଥା। ହେଲେ ମୁଁ ଗୋଟିଏ କଥା ଚିନ୍ତା କରିଛି, ତାକୁ ତୁମକୁ କହିଦେବା ଠିକ୍ ହେବ।

– କ'ଣ ଚିନ୍ତା କରିଛ ?

Digitized by PPRACHIN, SOA

– ମୁଁ ଭାବୁଛି ଥରେ ଭାରତ ଯାଇ ମୁଁ ମୋର ଗାଆଁକୁ ଦେଖିଆସିବି।

– ଗାଆଁକୁ ଯିବ। ଏବେ ତିରିଶ ବର୍ଷ ପରେ? ସେଠାରେ ତୁମର ନିଜର କିଏ ଅଛନ୍ତି ଯେ କାହା ପାଖକୁ ଯିବ?

– ଗାଆଁ ଗୋଟେ ଏମିତି ଜାଗା, ସେଠି ସମ୍ପର୍କ କହିଲେ କେବଳ ନିଜ ପରିବାର ଯଥା– ବାପା, ମାଆ, ଭାଇ, ଭଉଣୀ କିମ୍ବା ପୁଅ-ଝିଅଙ୍କୁ ବୁଝାଏନା। ଗାଆଁ ନିଜେ ହିଁ ଗୋଟେ ସମ୍ପୂର୍ଣ୍ଣ ପରିବାର। ସେଠାରେ ଥାଏ ସମସ୍ତ ପ୍ରକାର ସମ୍ପର୍କ ଏବଂ ପରସ୍ପରକୁ ନିଃସ୍ୱାର୍ଥପର ଭାବେ ଭଲ ପାଇବାର ପୁଲକ। ଗାଆଁ ଏଠାରେ ଦେଖୁଥିବା ନ୍ୟୁକ୍ଲିୟସ୍ ପରିବାର ପରି ନୁହଁ, ବରଂ ଏକ ବିଶ୍ୱ ପରିବାରର ପ୍ରତିଭୂ। ତମର ଗାଆଁ ଜୀବନର ଅନୁଭୂତି ନାହିଁ ତ, ତେଣୁ ତମେ ଏପରି କଥା କହିଲ।

– କ'ଣ କହିଲ ଗାଆଁ ଏକ ପରିବାର – ଆଉ ସେଠି ସମସ୍ତେ ସମସ୍ତଙ୍କୁ ଭଲପାଆନ୍ତି?

– ହଁ – କେବଳ ଭଲପାଆନ୍ତି ନାହିଁ, ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସେଠି ସମସ୍ତେ ଗୋଟେ ସମ୍ପର୍କର ରଜ୍ଜୁରେ ବନ୍ଧା।

– ମୋର ପରିବାର, ପାରିବାରିକ ସମ୍ପର୍କ କିମ୍ବା ଗାଆଁର ଅନୁଭବ ନାହିଁ, ତେଣୁ ମୁଁ ତୁମର ଭାବପ୍ରବଣତାକୁ ଠିକ୍ ଭାବେ ବୁଝିପାରି ନାହିଁ ବୋଧେ। ତେବେ ସେମାନେ କ'ଣ ମୋତେ ବି ତମ ପରି ଭଲ ପାଇପାରିବେ?

– ସେମାନେ କେବଳ ତମକୁ ଭଲ ପାଇବେନି – ବୋହୂର ସମ୍ମାନ ମଧ୍ୟ ଦେବେ।

– ତମେ ମୋତେ ତମ ସାଙ୍ଗରେ ନେଇପାରିବ ତୁମର ଗାଆଁକୁ?

– ତମେ ଯଦି ଯିବାକୁ ରାଜି ହେବ, ତା'ହେଲେ ତ ଇଏ ମୋର ପରମ ସୌଭାଗ୍ୟ ହେବ। ଏବେ ତ ଆମ ପିଲାମାନେ ବଡ଼ ହୋଇ ନିଜ ନିଜ ଜୀବିକା ନେଇ ବ୍ୟସ୍ତ। ବିଳମ୍ବରେ ହେଲେ ମଧ୍ୟ ଚାଲ ଥରେ ବୁଲି ଆସିବ ତୁମର ଶାଶୂଘର ଏବଂ ଶାଶୂଘର ଗାଆଁ। ସେଠିକୁ ଗଲେ ତମେ ଅନୁଭବ କରିବ ସମ୍ପର୍କର ବିବିଧତା ଓ ଭଲ ପାଇବାର ପୁଲକ। ସେଠି ଦେଖିବ ଗୀତା ପରି ପବିତ୍ର ସକାଳ ଏବଂ ବାଇବେଲ ପରି ପବିତ୍ର ସାୟଂକାଳ। ବିଗ୍‌ବେନ୍ ବେଲ୍ ନୁହଁ, କୁମ୍ଭାଟୁଆ ଡାକରେ କିପରି ସକାଳ ଆସେ ଏବଂ ମନ୍ଦିରର ଆଳତିରେ ସନ୍ଧ୍ୟା, ନଇକୂଳର କାଶତଣ୍ଡୀ ଫୁଲରେ କେମିତି ଖେଳି ବୁଲୁଥାଏ ଶାରଦୀୟ ମହୋତ୍ସବ ଏବଂ ତାରାଭର୍ତ୍ତି ଆକାଶ କିପରି ଚାନ୍ଦୁଆ ହୋଇ ଢାଙ୍କିଥାଏ ଆମ ଗାଆଁକୁ। ଏଠିକା ସୁଇମିଂପୁଲ୍ ଓ ଆମ ଗାଆଁ ପୋଖରୀର ଫରକ କ'ଣ ତମେ ଦେଖିବ। ଅନୁଭବ କରିବ ଗାଆଁର ପଖାଳ, ବଡ଼ିଚୂରା, ଶାଗଭଜାକୁ ସରି ହେବ କେଉଁ କଣ୍ଟିନେଣ୍ଟାଲ୍ ଫୁଡ୍।

Digitized by PPRACHIN, SOA

– ହଉ – ତୁମ ସହ ମୁଁ ମଧ୍ୟ ଯିବି ତମ ଗାଆଁ।

ଗାଆଁକୁ ଫେରିବାକୁ ଆମେ ପ୍ରସ୍ତୁତ ହେଲୁ। ମୋର ଦାଦା ପୁଅ ଭାଇ, ଯିଏକି ମୋ ସମବୟସ୍କ ଥିଲେ, ତାଙ୍କୁ ଫୋନ୍ କରି ଜଣାଇଲି ମୋର ଗାଆଁକୁ ଯିବା କଥା। ବାସ୍– ଏତିକି ଖବର ହିଁ ଯଥେଷ୍ଟ ଥିଲା। ଆମେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ବେଳକୁ ଦୁଇଟି ପ୍ଲାଏ କାର୍ଡ଼ ଧରି ଆମକୁ ସ୍ୱାଗତ କରିବାକୁ ଠିଆ ହୋଇଥିଲେ ଦୁଇଜଣ ଯୁବକ। ଆମେ ସେଠାରେ ପହଞ୍ଚିବା କ୍ଷଣି ରକ୍ତ ରକ୍ତକୁ ଚିହ୍ନିବା ପରି ସେ ଦୁଇଜଣ ଟାଣି ହୋଇ ଆସିଲେ ଆମ ପାଖକୁ। ଆମ ପାଦଛୁଇଁ ପ୍ରଣାମ କରି ପାଛୋଟି ନେଲେ ଗାଡ଼ି ପାଖକୁ। ସେମାନେ ଆମ ଦୁଇଜଣଙ୍କୁ ଦେଖି ଏମିତି କୃତକୃତ୍ୟ ହେଉଥିଲେ ଯେ ତାଙ୍କର ଖୁସିକୁ ଜାହିର କରିବାକୁ ପାଉ ନ ଥିଲେ ଭାଷା। ମୁଁ ଗାଡ଼ିରେ ପହଞ୍ଚିବା ପୂର୍ବରୁ ସେ ଉଭୟଙ୍କ ନାମ ଓ ପରିଚୟ ପଚାରିଲି। ପରିଚୟ ଜାଣିବା ପରେ ନିଜକୁ ବହୁତ ସଙ୍କୋଚ ଲାଗିଲା ଯେ ବିଦେଶରେ ରହିବା ପରେ କେତେ ସଙ୍କୁଚିତ ହୋଇଯାଇଛି ଆମର ସମ୍ପର୍କର ପରିସର। ଏପରିକି ନିଜ ବଂଶର ପୁତୁରାମାନଙ୍କୁ ଚିହ୍ନି ପାରୁ ନାହିଁ।

ଗାଡ଼ି ଚାଲିଲା ସିଧା ଆମ ଗାଆଁ ଅଭିମୁଖେ। ମୋର ଧାରଣା ଥିଲା ଯେ ଆମ ଗାଆଁ ନଈ ପାଖରେ ଅଟକିବ ଗାଡ଼ି। ସେଠାରୁ ଡଙ୍ଗା ପାର ହୋଇ ଆମେ ଚାଲି ଚାଲି ଘରକୁ ଯିବୁ। ମାତ୍ର ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେତେବେଳେ ଦେଖିଲି ନଈ ଉପରେ ସୁଦୃଶ ସେତୁ ଏବଂ ଗାଡ଼ି ଯାଇ ସିଧା ପହଞ୍ଚିଲା ଆମ ଘର ଦାଣ୍ଡରେ। ଗାଆଁ ମୁଣ୍ଡରେ ପହଞ୍ଚିବା ବେଳକୁ ଆମ ପାଇଁ ସ୍ୱାଗତ ତୋରଣ ସହ ଗାଆଁ ଲୋକଙ୍କର ଭିଡ଼। ସେଠାରୁ ଆମକୁ ଓହ୍ଲାଇ ଦେଇ ବାଜା ପଟୁଆରରେ ସ୍ୱାଗତ କରି ନେଇଗଲେ ଆମ ଘର ଦୁଆର ଯାଏଁ। ଆମ ଘରକୁ ମଧ୍ୟ ସଜା ଯାଇଥିଲା ସଦ୍ୟ ବିବାହ ହେବାକୁ ଥିବା ଘର ପରି। ଘର ଆଗରେ ଫୁଲର ତୋରଣ ସହ ଶୁଭ କଳସ। ଆମେ ଘରର ପିଣ୍ଡାକୁ ଉଠିବା କ୍ଷଣି ମୋ ଦାଦାପୁଅ ଭାଇ କହିଲା– ୱେଟ୍, ୱେଟ୍ ପ୍ଲିଜ୍। ଆରେ ବଜାଅ ଶଙ୍ଖ, ଦିଅ ହୁଳହୁଳି। ଶଙ୍ଖ ହୁଳହୁଳି ସହ ଦୁଇଜଣ ଗୋଟେ ଚାଦରକୁ ଚାନ୍ଦୁଆ କରି ଆମ ମୁଣ୍ଡ ଉପରେ ଧରିଲେ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି– ଏସବୁ କ'ଣ ହେଉଛି ? କିଛି ନୁହଁ ତ– ଆମ ବଂଶର ପରମ୍ପରାକୁ କ'ଣ ଭୁଲିଗଲଣି ଭାଇ ? ଭାଉଜ, ବୋହୂ ହିସାବରେ ପ୍ରଥମଥର ପାଇଁ ପାଦ ରଖୁଛନ୍ତି ଏ ଘରେ। ତେଣୁ ତାଙ୍କୁ ତ ବୋହୂର ମର୍ଯ୍ୟାଦା ଦେବା ଦରକାର।

ମୋ ସ୍ତ୍ରୀ ଏଲିନା ଏସବୁ କିଛି ବୁଝିପାରୁ ନ ଥିଲେ। ସେ କେବଳ ବିସ୍ମୟାଭିଭୂତା ହୋଇ ଦେଖି ଚାଲୁଥିଲେ ଏସବୁ ଉତ୍ସବ।

ଆମକୁ ଦେଖିବାର ଭିଡ଼ କମୁ ନ ଥିଲା ଘରୁ। ସେହି ଭିଡ଼ ଭିତରେ ଆମକୁ ଫ୍ରେଶ୍ ହେବା ପାଇଁ ନିଆଗଲା ବାଥ୍‌ରୁମ୍‌କୁ। ତା'ପରେ ପରଷା ହୋଇଗଲା ବିଭିନ୍ନ ପ୍ରକାରର

Digitized by PPRACHIN, SOA

ଖାଦ୍ୟ। ଯେଉଁ ଖାଦ୍ୟର ରୂପ, ରଙ୍ଗ, ସ୍ୱାଦ ଓ ଖାଇବା ପ୍ରଣାଳୀ ସମ୍ପର୍କରେ ମୋ ସ୍ତ୍ରୀଙ୍କର ସମ୍ୟକ୍ ଧାରଣା ନ ଥିଲା। ମାତ୍ର ସେ ତାଙ୍କର ଉପସ୍ଥିତି ବୁଦ୍ଧି ଖଟାଇ ମୁଁ ଖାଉଥିବା ପ୍ରଣାଳୀରେ ଖାଇବା ଆରମ୍ଭ କଲେ। ଖାଇସାରିବା ପରେ କେବଳ କହିଲେ– ହାଓ ଫାଇନ୍!

ମୋ ଆସିବା ଖବର ପାଇ ମୋର ପୁରୁଣା ସାଙ୍ଗସାଥୀମାନେ ଜଣକ ପରେ ଜଣେ ଆସି ପହଞ୍ଚି ଯାଉଥିଲେ। ଚାଲିଥିଲା ମିଳନର ପର୍ବ ଓ ଗପସପର ଆସର। ସେହି ଗପସପ ଭିତରେ କେତେବେଳେ ଦିନ ଯାଇ ସନ୍ଧ୍ୟା ଆସି ପହଞ୍ଚିଲା ଆମକୁ ଜଣା ନ ଥିଲା। ମନ୍ଦିରର ସନ୍ଧ୍ୟା ଆଳତି ଘଣ୍ଟା ଧ୍ୱନିରୁ ଜାଣିଲି ସନ୍ଧ୍ୟା ଆସିଲା। ମୁଁ ହାତ ଯୋଡ଼ି ଠାକୁରଙ୍କୁ ପ୍ରଣାମ କଲି।

ସନ୍ଧ୍ୟା ହେଉ ହେଉ କୁଆଁର ପୂନେଇ ଗୀତର ଲହରୀରେ କମ୍ପିଲା ଗାଆଁ ଦାଣ୍ଡ। ଏଲିନା ମୋତେ ପଚାରିଲେ– କ'ଣ କରୁଛନ୍ତି ଏ ଝିଅମାନେ ?

ମୁଁ ତାଙ୍କୁ ବୁଝାଇଲି– ଭାଇମାନଙ୍କର ମଙ୍ଗଳ କାମନା କରି ଏ ଝିଅମାନେ ଚନ୍ଦ୍ରଙ୍କୁ ପୂଜା କରୁଛନ୍ତି।

ସେ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଚାହିଁଲେ।

ମୁଁ ତାଙ୍କର ମନୋଭାବ ଠିକ୍ ବୁଝିପାରି କହିଲି– ଚନ୍ଦ୍ର ସମଗ୍ର ବିଶ୍ୱର ବିଶ୍ୱାସରେ ଏକ ଉପଗ୍ରହ ହୋଇପାରେ, ମାତ୍ର ଆମ ଭାରତୀୟଙ୍କ ବିଶ୍ୱାସରେ ସେ ଏକ ଦେବତା। ଆମ ମନ ଓ ଜୀବନ ଉପରେ ତାଙ୍କର ଗଭୀର ପ୍ରଭାବ ରହିଛି।

ମୋର ଭୟ ଥିଲା ଏଲିନାଙ୍କୁ ହୁଏତ ରାତିଟା ଭାରି କଷ୍ଟ ଲାଗିପାରେ। କାରଣ ଗାଆଁରେ ଏ.ସି. ନ ଥିଲା। ମାତ୍ର ଝରକା ଫାଙ୍କରେ ପଡ଼ିଥିବା ଜହ୍ନ ଆଲୁଅ, ଆଶ୍ୱିନର ଶୀତ ଓ ଝରକା କଡ଼ର ମଲ୍ଲୀଫୁଲର ବାସ୍ନା ତାଙ୍କୁ ତନ୍ଦ୍ରାଚ୍ଛନ୍ନ କରିଦେଲା। ବିଛଣା ଧରୁ ଧରୁ ସେ କେତେବେଳେ ଶୋଇପଡ଼ିଲେ ନିଜେ ବି ଜାଣିପାରିଲେ ନାହିଁ। ତାଙ୍କ ନିଦ ଭାଙ୍ଗିବା ବେଳକୁ ଦେଖିଲେ ରାତି ତଥାପି ବାକି ଅଛି। ମାତ୍ର କେହି ଜଣେ ସ୍ତ୍ରୀଲୋକ ପାଣି ଛିଞ୍ଚି ଛିଞ୍ଚି ଝାଡ଼ୁ କରୁଛି। ତା' ପର ମୁହୂର୍ତ୍ତରେ ମନ୍ଦିର ବେଢ଼ାରୁ ଭାସି ଆସିଲା– "ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ...।" ସେ ମୋତେ ଉଠାଇ କହିଲେ– ଉଠ, ଉଠ, ଦେଖ, ଇଏ ଏକ ସମ୍ପୂର୍ଣ୍ଣ ନୂଆ ଅନୁଭବ।

ଆମେ ଉଠିପଡ଼ି ଘରର ଛାତକୁ ଗଲୁ। ପୂର୍ବ ଦିଗରୁ ଉଠୁଥିଲେ ସୂର୍ଯ୍ୟ। ମୁଁ ହାତ ଯୋଡ଼ି ସୂର୍ଯ୍ୟ ପ୍ରଣାମ କରି ତାଙ୍କୁ କହିଲି ତୁମେ ବି ସୂର୍ଯ୍ୟଙ୍କୁ ପ୍ରଣାମ କର। ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ତେଣୁ ଆମେ ଭାରତୀୟମାନେ ତାଙ୍କୁ ବି ପୂଜା କରୁ।

ଦିନ ତମାମ ସେ ବୁଲି ବୁଲି ଦେଖିଲେ ଆମ ଗାଆଁର ଯାବତୀୟ ଜିନିଷ। ମଧ୍ୟାହ୍ନ ଭୋଜନ ପରେ ମୁଁ ତାଙ୍କୁ କହିଲି– ଏହା ପରେ ମୁଁ ତୁମକୁ ଗୋଟିଏ ସ୍ଥାନ ଦେଖାଇବି। ସେ ଉତ୍ସୁକତା ସହ ପଚାରିଲେ– କ'ଣ ?

Digitized by PPRACHIN, SOA

ଦେଖିଲେ ଜାଣିବ। ଖାଇସାରିବା ପରେ ଆମେ ଗଲୁ ଆମ ଖଞ୍ଜାର ଷଠୀଘରକୁ। ମୋ ଜନ୍ମ ସମୟରେ ପୂଜା କରାଯାଇ କାନ୍ଥରେ ଯେଉଁ ଚିତ୍ର ଅଙ୍କା ଯାଇଥିଲା, ତାହା ତାଙ୍କୁ ଦେଖାଇଲି। ସେ ଚିତ୍ରଟିକୁ ସେ ଭଲ ଭାବରେ ନିରୀକ୍ଷଣ କଲା ପରେ ମୋତେ ପଚାରିଲେ– ଏହା କ'ଣ ଟ୍ରାଇବାଲ୍ ଆର୍ଟ ?

– ନା। ଏଇଟା ଟ୍ରାଇବାଲ୍ ଆର୍ଟ ନୁହଁ– ଷଠୀ ଆର୍ଟ।

– ଷଠୀ କ'ଣ ?

– ପିଲାଟିଏ ଜନ୍ମ ହେବା ପରେ ସେ ଯେଉଁ ଘରେ ଜନ୍ମ ହୋଇଥାଏ, ତା' ପାଇଁ ପୂଜା କରି କାନ୍ଥରେ ଗୋଟେ ଚିତ୍ର ଅଙ୍କାଯାଏ ସିନ୍ଦୂରରେ ତା'ର ଦୀର୍ଘ ଜୀବନ କାମନା କରି।

– କ'ଣ ଘରେ ପିଲାମାନେ ଜନ୍ମ ହୁଅନ୍ତି କି ?

– ହଁ, ସେତେବେଳେ ଏମିତି ମେଡ଼ିକାଲର ସୁବିଧା ନ ଥିଲା, ପ୍ରାୟ ସମସ୍ତେ ଘରେ ଜନ୍ମ ହେଉଥିଲେ।

– ଓଃ – ମାଇଁ ଗଡ୍।

– ବୁଝିଲ ଏଲିନା– ଆମେ କେମିତି ଜନ୍ମ ହେଲୁ, ତାହା ଗୁରୁତ୍ୱପୂର୍ଣ୍ଣ ନୁହଁ। ଗୁରୁତ୍ୱପୂର୍ଣ୍ଣ ହେଉଛି ଏ ଷଠୀଘର। ଯୁଆଡ଼େ ଥିଲେ ବି ସେ ଟାଣେ ସେ ଜାଗାକୁ। ଯାହାର ପ୍ରଭାବ ସୁଦୂର ଇଂଲଣ୍ଡରେ ଥାଇ ମଧ୍ୟ ମୋ ଉପରେ ପଡୁଥିଲା ଏବଂ ତମେ ତମର ଡାକ୍ତରୀ ଭାଷାରେ ଯାହାକୁ କହୁଥିଲେ ନଷ୍ଟାଲଜିକ୍ ଡିପ୍ରେସନ୍।

ସେ ବୋଧେ ବୁଝିଗଲେ ମୋ କଥା। ରହିଲେ ନୀରବ। ଗାଆଁ ନଈକୂଳ, ପୋଖରୀ, ଆମ୍ବତୋଟା ଓ ଧାନବିଲ ବୁଲାବୁଲି ପରେ ତାଙ୍କୁ ନେଇଗଲି ଆମ ଗାଆଁ ଶ୍ମଶାନକୁ। ଦେଖାଇଦେଲି ମୋ ବାପା ଓ ବୋଉଙ୍କ ସମାଧି।

ଗାଆଁରେ ଦୁଇଦିନର ରହଣି ମଧ୍ୟରେ ସେ ବୁଝିଗଲେ ପାରିବାରିକ ସମ୍ପର୍କ କ'ଣ ଏବଂ ଏଠାରେ ତାଙ୍କର କିଏ କ'ଣ ହେବ। ସମସ୍ତଙ୍କର ଅନାବିଳ ଭଲ ପାଇବା ଏବଂ ତାଙ୍କ ପ୍ରତି ସମ୍ମାନ ଦେଖି ସେ ଏତେ ବିମୋହିତ ହୋଇ ଯାଇଥିଲେ ଯେ, ସେ ବୁଝିପାରୁ ନ ଥିଲେ ସେଥିପାଇଁ ସେ କିପରି କୃତଜ୍ଞତା ଜଣାଇବେ।

ସେଦିନ ରାତିରେ ମୋତେ ସେ ପଚାରିଲେ– ତମେ ଏଇ ଗାଆଁରେ ଜନ୍ମ ହୋଇଛ। ତମର ଶୈଶବ ବିତିଛି ଏଠି, ଶିକ୍ଷା ବି ପାଇଛ ଏଇଠୁ, ହେଲେ ଏ ଗାଆଁ ପାଇଁ ତମେ କ'ଣ କରିଛ ?

– କ'ଣ କରିଛି, କିଛି ବି କରିନି। ମୋ ଗାଆଁ ମୋତେ ଦେଇଛି କେବଳ, କିଛି ନେଇନି ମୋ'ଠାରୁ।

Digitized by PPRACHIN, SOA

– ମୁଁ ଦେଖୁଛି ତମର ଗାଆଁ ଲୋକେ ତମକୁ ନେଇ ଯଥେଷ୍ଟ ଗର୍ବ ଅନୁଭବ କରୁଛନ୍ତି, ହେଲେ ତମେତ ସେମାନଙ୍କର କାଣିଚାଏ ଉପକାରରେ ଆସୁନ।

– କିପରି ଆସିବି– ମୁଁ ତ ଯାଇ ରହିଲି କାହିଁ କେତେ ଦୂରରେ। ବାପା ବୋଉଙ୍କ ଯିବା ପରେ ତିରିଶ ବର୍ଷ ପରେ ଏଇ ପ୍ରଥମ ମୋର ଗାଆଁକୁ ଆସିବା। ମୋର ସୌଭାଗ୍ୟ ଯେ ଦାଦାପୁଅ ଭାଇଟି ଅନ୍ତତଃ ଆମର ପୈତୃକ ଘରଟିକୁ ହେପାଜତ୍‌ରେ ରଖିଥିଲା ବୋଲି ଆମେ ଆସି ରହିଲେ। ମୁଁ ଭାବୁଛି ଏଥର ଯିବା ବେଳକୁ ଏସବୁ ସମ୍ପତ୍ତି ତାକୁ ଉଇଲ୍ କରି ଦେଇଯିବି।

– ନା, ସେକଥା ହୋଇପାରିବ ନାହିଁ।

– ଆମର ଆଉ ଏଠାକୁ କିଏ ଆସିବ ଯେ ଆମେ ଏ ସମ୍ପତ୍ତିକୁ ଲୋଭ କରି ରଖିବା।

– ଏଠାକୁ କିଏ ଆସିବା କଥା ପଡ଼ି ନାହିଁ, ପଡ଼ିଛି ଏଠାରୁ କିଏ ଯିବା କଥା।

– ମାନେ!

– ତମ ନାଆଁ ସାଙ୍ଗରେ ଯୋଡ଼ା ହୋଇଥିବା ଏନ୍.ଆର.ଆଇ.ଟା ଉଠାଇ ଦେଇ ଆମେ ଉଭୟେ ଏଠାରେ ରହିଯିବା। ମୁଁ ଏଇଠି ଖୋଲିବି ଡାକ୍ତରଖାନା। ତମେ ଗାଆଁ ପାଇଁ କାମ କରିବ। ଗାଆଁର ଋଣ ତ ତମକୁ ପରିଶୋଧ କରିବାକୁ ଅଛିନା! ଜୀବନର ଏତେ ବର୍ଷ ପରେ ଜୀବନ କ'ଣ ମୋର ଅନୁଭବ ଆସିଲା। ସେଠାରେ ଆମେ ଜୀବନକୁ ବଞ୍ଚୁଥିଲେ, ଏଠି ଜୀବନକୁ ଜିଇଁବା। ପିଲାମାନଙ୍କୁ ଆମ ଗାଆଁ ଠିକଣା ଲେଖି ଜଣାଇ ଦିଅ– ଯଦି ଜୀବନକୁ ଜିଇଁବାକୁ ଚାହୁଁଛ ତେବେ ଏଠାକୁ ଚାଲିଆସ। ମୁଁ ଭଲ କରି ଜାଣେ ସେମାନେ ଥରେ ଏଠାକୁ ଆସିଲେ ଆଉ କେବେ କହିବେନି ଫେରିବାକୁ। ଗାଆଁର ମାୟା ଏତେ ଅଧିକ ବୋଲି ଏଇତ ମୋର ପ୍ରଥମ ଅନୁଭବ। ତମେ କେମିତି କହିପାରୁଛ ଯେ ଆମେ ଚାଲିଯିବା ଏଠୁ?

■■

Digitized by PPRACHIN, SOA

ରେବତୀ

ତୁ ଯଦି ମୋ କଥାରେ ରାଜି ନ'ହେଉ, ତେବେ ମୋ' ମଲା ମୁହଁ ଦେଖିବୁ।

ବୋଉର ଏଇ ପଦକ କଥା, କଥା ନୁହେଁ ତ ପ୍ରତିଜ୍ଞା ଆଗରେ ସମ୍ପୂର୍ଣ୍ଣ ବିବଶ ହୋଇପଡ଼ିଲା ପରେଶ। ଆଜିଯାଏଁ ସେ ବୋଉର କୌଣସି କଥାକୁ ଭାଙ୍ଗିନି। ବାପା ମଲାବେଳକୁ ସେ କୁଆଡ଼େ ଥରଥର ହୋଇ ଠିଆ ହେବା ଶିଖୁଥିଲା, ଚାଲିବା ପାଇଁ ବି ପାଦ ସଳଖି ପକାଇ ନ ଥିଲା। ତେଣୁ ଶୈଶବରୁ ବାପା ଶବ୍ଦଟି ସହ ତା'ର ପରିଚୟ ଆଦୌ ନ ଥିଲା। ବୟସ ବଢ଼ିବା ପରେ ଅନ୍ୟମାନଙ୍କ ଠାରୁ ଶୁଣି ଶୁଣି ଯଦିଓ ସେ ଶବ୍ଦଟି ସହ ତା'ର ପରିଚୟ ହୋଇଥିଲା, କିନ୍ତୁ ବାପା ନ ଥିବାର କୌଣସି ଅଭାବବୋଧ ବା ଗ୍ଲାନି ତା' ମନ ଭିତରକୁ ଆସୁ ନ ଥିଲା। କାରଣ ବୋଉ ପାଖରୁ ସେ ଉଭୟ ବାପା ଓ ମାଆର ସ୍ନେହ ଓ ଶାସନ ପାଉଥିଲା। ତାରୁଣ୍ୟରେ ବୈଧବ୍ୟ ଯନ୍ତ୍ରଣା ଭୋଗିଥିବା ବୋଉ କେବଳ ତା'ରି ମୁହଁକୁ ଚାହିଁ ଏତେ ଦୀର୍ଘ ଓ ବନ୍ଧୁର ଜୀବନକୁ କଟାଇ ଆସିଛି। ଆଜିଯାଏଁ ସେ ସ୍ନେହ ଓ ଶାସନ ଦେଇ ଆସିଛି ସତ, ଅଧିକାର କେବେ ସାବ୍ୟସ୍ତ କରିନି। ପୁଅର ଖୁସିକୁ ନିଜର ଖୁସି ବୋଲି ଗ୍ରହଣ କରିଆସିଥିବା ବୋଉ ହଠାତ୍ ପୁଅର ବିବାହରେ ଏତେ ଜିଦ୍‌ଖୋର କାହିଁକି ହୋଇପଡୁଛି ? ଭାବିପାରିଲାନି ପରେଶ।

ପୁଅର ନୀରବତାକୁ ଲକ୍ଷ୍ୟ କରି ବିମ୍ବଳା କହିଲେ– ମୋ ମୃତ୍ୟୁର ଆଶଙ୍କାରେ ତୁ ବିବଶ କି ଭୟଭୀତ ହୋଇ ପଡୁଚୁ କି ? ଯଦି ତୋ' ଜୀବନ ସମ୍ପର୍କିତ ନିଷ୍ପତ୍ତି ତୋ'ର ଏକାନ୍ତ ଓ ଚୂଡ଼ାନ୍ତ ତେବେ ତୋ'ର ବିବଶ ହେବାର କିଛି ନାହିଁ। କାରଣ କାହାରି ମୃତ୍ୟୁରେ ଅଟକି ଯାଏନି ଜୀବନର ଯାତ୍ରା। ଯଦି ସେମିତି ହେଉଥାଆନ୍ତା ତେବେ ତୋ' ବାପାଙ୍କ ମୃତ୍ୟୁ ପରେ ହୁଏତ ଆମ ଉଭୟଙ୍କର ଜୀବନର ଗତି ସେଇଠି ବନ୍ଦ ହୋଇ ଯାଇଥାଆନ୍ତା। ମାତ୍ର ଜୀବନଟା ଏତେ ବ୍ୟାପକ ଏବଂ ଜୀବନର ମୋହ ପ୍ରତ୍ୟେକ ଜୀବ ପାଖରେ ଏତେ ମହାନ୍ ଯେ ସେ ସବୁ ଦୁଃଖକୁ ଦେହଘଷା କରି ମାଡ଼ିଚାଲେ ଆଗକୁ ଆଗକୁ। ମୁଁ ବି ତୋ'ର

Digitized by PPRACHIN, SOA

ନିର୍ଣ୍ଣୟକୁ ଗ୍ରହଣ ନ କରିପାରିଲେ ମଧ୍ୟ ଆରାମରେ ଅବଶିଷ୍ଟ ଜୀବନ ବଞ୍ଚିଯାଇପାରନ୍ତି। ମାତ୍ର ତୋତେ ନେଇ ମୋ ଭିତରେ ଥିବା ମାତୃତ୍ୱର ଅହଂଟି ଭୁଶୁଡ଼ି ଗଲେ ମୁଁ ବଞ୍ଚିପାରିବି ନାହିଁ।

ତମେ କ'ଣ ମୋର ବାହାଘର ପାଇଁ କାହାକୁ କଥା ଦେଇଛ କି ?

କେବଳ କଥା ଦେଇନି ଆପାତତଃ ମୁଁ ତାକୁ ବୋହୂ କରିସାରିଛି।

ମୁଁ ଜାଣିପାରେ କି ତମ ପସନ୍ଦର ଝିଅଟି କିଏ, ଯାହା ପାଇଁ ତମେ ଏତେ ବଡ଼ କଥାଟିଏ କହିଲ ?

ତୁ କ'ଣ ତାକୁ ଏଯାଏଁ ଜାଣିନୁ ?

ତମେ କାହା କଥା କହୁଛ ?

ମୁଁ ରେବତୀର କଥା କହୁଛି।

ଆକାଶରୁ ଖସି ପଡ଼ିବା ଭଳି ଆଁ' ଟିଏ କରି ପରେଶ କହିଲା– "ରେବତୀ, ମାନେ ଆମ ଶ୍ୟାମ ମଉସାଙ୍କ ଝିଅ ରେବତୀ କଥା କହୁଛ ?"

ହଁ।

ମୁଁ ବୁଝିପାରୁନି ବୋଉ– ରେବତୀର କେଉଁ ଗୁଣ ପାଇଁ ତମେ ଏତେ ବିଭୋର ହୋଇପଡ଼ିଲ ?

କେଉଁ ଗୁଣ ମାନେ। ଉଭୟ ରୂପ ଓ ଗୁଣ ପାଇଁ। ମୁଁ ମାନୁଛି ରେବତୀ ସୁନ୍ଦରୀ, ଗୁଣ ବିଷୟରେ ତ ମୁଁ ଜାଣିନି, ତମେ ହୁଏତ ଜାଣିଥିବ, ହେଲେ ତମେ କେବେ ତା'ର ଶିକ୍ଷାଦୀକ୍ଷା ସମ୍ପର୍କରେ ଜାଣିଛ ? ଜାଣ ସେ ତାଙ୍କ ଗାଁ' ସ୍କୁଲର ମାଟ୍ରିକ୍ୟୁଲେଟ୍ ଝିଅଟିଏ ମାତ୍ର।

ଜାଣେ। ସଂସାର ଚଳାଇବା ପାଇଁ ସେତିକି ଶିକ୍ଷା କ'ଣ ଯଥେଷ୍ଟ ନୁହେଁ ?

ଆଜିକାଲି ଯୁଗ ଯାଇଁ କେଉଁଠି ପହଞ୍ଚିଲାଣି। ତମେ ଏମିତି ଏକ ଫକୀରମୋହନୀୟ ରେବତୀକୁ ମୋ' ବେକରେ ବାନ୍ଧିବାକୁ କାହିଁକି ଜିଦ୍ କରୁଛ ?

ବେଶି ପାଠ ପଢ଼ିଥିଲେ କ'ଣ କରିଥାଆନ୍ତା ? କ'ଣ ଚାକିରି କରିଥାଆନ୍ତା ?

ନା– ଚାକିରି ନ କରୁ, ହେଲେ ଆଜିକାଲି ସୋସାଇଟିରେ ମିଶିବା ପାଇଁ ଯେତିକି ଶିକ୍ଷା ଦରକାର ତାହା ତ ରହିବା ଦରକାର।

ସୋସାଇଟି ମିଶିବା ପାଇଁ ଯେତିକି ଶିକ୍ଷା ଦରକାର ସେତକ ତ ଅଛି, ତୁ ଏବେ କେଉଁ ସୋସାଇଟିର କଥା କହୁଛୁ ?

Digitized by PPRACHIN, SOA

ମୁଁ ମୋ ସୋସାଇଟିର କଥା କହୁଛି।

ଯଦି ରେବତୀ ମାଟ୍ରିକ୍ୟୁଲେଟ୍ ହୋଇ ତୋ' ସୋସାଇଟିରେ ସମକକ୍ଷ ନୁହେଁ, ତେବେ ତୋ'ର ଏ ବୋଉ ତ ଏବେ ତୋ' ସୋସାଇଟିର ବାହାର ଲୋକ। ତୁ ତ ତା'ହେଲେ ତୋ' ବୋଉକୁ ଆଉ ସ୍ୱୀକାର କରିବୁନି।

ହଉ ଛାଡ଼– ତମେ ଯଦି ମୋ' କଥାକୁ ଏମିତି ଅନର୍ଥ କରି ଗ୍ରହଣ କରିବ, ମୋର କିଛି ଉପାୟ ନାହିଁ। ହଉ – ତମର ଇଚ୍ଛା ହିଁ ମୋର ଇଚ୍ଛା।

ନା– ମୋ ଇଚ୍ଛାକୁ ସମ୍ମାନ ଜଣାଇ ତୋ'ର କୌଣସି ତ୍ୟାଗ କରିବା ଦରକାର ନାହିଁ। ମୁଁ କେବଳ ତୋ'ର ସୁଖମୟ ଭବିଷ୍ୟତ୍‌କୁ ଦୃଷ୍ଟିରେ ରଖି ଏ ଇଚ୍ଛା ପ୍ରକଟ କରୁଥିଲି।

ତମେ ଯଦି ମୋର ସୁଖମୟ ଭବିଷ୍ୟତ୍‌କୁ ଦୃଷ୍ଟିରେ ରଖି ଏ ଇଚ୍ଛା କରିଛ, ତେବେ ତମର ଇଚ୍ଛା ରହିବ ନିଶ୍ଚୟ।

ଏହା ପରେ ବିନା ବାଦବିସମ୍ବାଦରେ ସରିଗଲା ପରେଶର ବାହାଘର। ଯଦିଓ ବିବାହ ପୂର୍ବରୁ ରେବତୀକୁ ଅଳ୍ପ କେତେଥର ଦେଖିଥିଲା ପରେଶ, କିନ୍ତୁ ରେବତୀ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ ଥିଲା ବୋଲି ତା'ର ଧାରଣା ହେଲା। ସେ ଯାହାକୁ ଗାଆଁ କନିଆଁ ଓ ସ୍ୱଳ୍ପଶିକ୍ଷିତା ବୋଲି ବୋଉର ପ୍ରସ୍ତାବରେ ରାଜି ହେଉ ନ ଥିଲା, ତା' ଭିତରେ ଯେ ଏତେ ପରିମାଣରେ ମାର୍ଜିତ ଆଧୁନିକତା ଲୁଚି ରହିଛି, ସେ ବିଶ୍ୱାସ କରିପାରୁ ନ ଥିଲା। ତା'ର ଦୃଷ୍ଟିଭଙ୍ଗୀର ବ୍ୟାପକତା ଓ ସାଂସାରିକ ଜ୍ଞାନ ଦେଖି ସେ ଭାବୁଥିଲା ସୁନା ଚିହ୍ନେ ବଣିଆ– ଗୁଣ ଚିହ୍ନେ ଗୁଣିଆ। ବୋଉର ଦୃଷ୍ଟିଭଙ୍ଗୀକୁ ତାରିଫ୍ କରିବା କଥା।

ବାହାଘରର କିଛି ଦିନ ପରେ ପରେଶ ଥରେ ରେବତୀକୁ ପଚାରିଲା– ତମେ ମ୍ୟାଟ୍ରିକ୍ ପାସ୍ କଲା ପରେ ଆଉ ପଢ଼ିଲନି କାହିଁକି ?

ଭାବୁଛ କି ମୋର ପଢ଼ିବାର ଇଚ୍ଛା ନ ଥିଲା ବୋଲି ? କ'ଣ କରିବି– ଝିଅ ଜନ୍ମ ପାଇଛି ଯେତେବେଳେ, ସବୁବେଳେ କ'ଣ ନିଜ ଇଚ୍ଛାକୁ ଜୋର୍ ଦେଇହୁଏ ନା ସାକାର କରିହୁଏ। ବାପା ହିଁ ଚାହିଁଲେନି, ଚାହିଁଲେନି କ'ଣ ଭୟ କଲେ ଯେ ଏବେ କା ବେଳକାଳରେ ଝିଅଟିଏ ବାହାରେ ରହି ପଢ଼ାପଢ଼ି କଲେ କେତେବେଳେ କ'ଣ ଘଟିଯିବ। ତା'ପରେ ତାଙ୍କ ଆଖିରେ ମୁଁ କୁଆଡ଼େ ସୁନ୍ଦରୀ। ସୁନ୍ଦରୀ ଝିଅଙ୍କ ଉପରେ ବିପଦର ମାତ୍ରା ଅଧିକ ବୋଲି ତାଙ୍କର ଦୃଢ଼ ବିଶ୍ୱାସ।

Digitized by PPRACHIN, SOA

ତମେ ତ ସୁନ୍ଦରୀ ନିଶ୍ଚୟ, ଏଥିରେ ଅବିଶ୍ୱାସ କରିବାର କିଛି ନାହିଁ। ଏବେ ତ ତୁମ ଉପରେ କୌଣସି ବିପଦ ନାହିଁ, ଯଦି ସୁଯୋଗ ମିଳେ ତେବେ ତମେ ପଢ଼ାପଢ଼ି କରିବ ?

ଏହା କ'ଣ ତୁମର ପରାମର୍ଶ ନା ମତ ?

ପରାମର୍ଶ କିମ୍ବା ମତ ନୁହେଁ– ଇଚ୍ଛା ବୋଲି ଭାବିପାର।

ପଢ଼ିବାର ସୁଯୋଗ ମିଳିଲେ ତ ମୁଁ ବହୁତ ଖୁସି ହେବି, ହେଲେ...

ହେଲେ କ'ଣ ?

ତମେ ବୋଉଙ୍କ ମତାମତ ନେଇ ଏକଥା କହୁଛ ତ ?

ବୋଉ କ'ଣ ଏଥିରେ ଅରାଜି ହେବ ବୋଲି ତମେ ଭାବୁଛ ?

ଭାବୁ ତ ନାହିଁ, ତେବେ ତାଙ୍କର ମତାମତ ନେବା ପୂର୍ବରୁ ଆମେ କୌଣସି ସିଦ୍ଧାନ୍ତ କରିବା ଉଚିତ ହେବ ନାହିଁ।

ଠିକ୍ ଅଛି, ମୁଁ ବୋଉର ମତାମତ ନେଇଯିବି।

ଯଦି ତମେ ବୋଉଙ୍କୁ ରାଜି କରାଇପାରିବ, ମୋର ଶିକ୍ଷା ନେଇ ତମ ଭିତରେ ଯେଉଁ ଅବସୋସ ଅଛି ତାହା ଦୂର କରିବାକୁ ମୁଁ ଚେଷ୍ଟା କରିବି।

ପରେଶଙ୍କ ପ୍ରସ୍ତାବ ଶୁଣି ବିମଳାଦେବୀ କହିଲେ, "ତୁ ଯଦି ଚାହୁଁଛୁ ସେ ପଢୁ ଓ ସେ ରାଜି ଅଛି ପଢ଼ିବାପାଇଁ, ତେବେ ମୁଁ କାହିଁକି ରୋକା ପଡ଼ିବି ତମ ବାଟରେ। ବରଂ ମୁଁ ଖୁସି ହେବି ଯେ ରେବତୀକୁ ବାହାହେବା ନେଇ ତୋ'ର ଯେଉଁ ଅବସୋସ ଅଛି ତାହା ଆଉ ରହିବ ନାହିଁ।"

ରେବତୀର ପାଠପଢ଼ା କଥା ଆପାତତଃ ସ୍ଥିର ହୋଇସାରିବା ପରେ ପରେଶ ମନେ ମନେ ଖୁସି ହେଲା ଯେ, ବୋହୂ ଖାତିରରେ ରେବତୀକୁ ଯେଉଁ କେତେ ମାସ ଘରେ ରହିବାକୁ ପଡ଼ିଥାଆନ୍ତା, ତାହା ଆଉ ହେବ ନାହିଁ, କାରଣ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଆଉ ଅଳ୍ପ ଦିନ ଅଛି। ରେବତୀ ଆଗରେ ନିଜ ମନୋଭାବ ଜଣାଇବା କ୍ଷଣି ସେ କହିଲା, ସେ କଥା କେମିତି ହେବ ? ବୋଉ ଏକାଏକା କାହିଁକି ଘରେ ରହିବେ ? ସେ ଆମ ସାଂଗରେ ଯିବେ। ପରେଶ କହିଲେ– ଇଏ ତ ଆହୁରି ଭଲ କଥା, ଯଦି ତମ ମମତାରେ ବୋଉ ଏଠିକା ମାୟା ଛାଡ଼ି ଚାଲିଯିବ ତେବେ ତ ମୋର ଖୁସି ହେବାର କଥା। ମୁଁ ତ ଚାକିରି କଲାଦିନରୁ ଚେଷ୍ଟା କରୁଥିଲି, ପାରି ନ ଥିଲି। ତମେ ଚେଷ୍ଟାକରି ଦେଖ। ଯଦି ବୋଉ ରାଜି ହେଲା, ଅତି ଉତ୍ତମ।

Digitized by PPRACHIN, SOA

ରେବତୀ ସେ ଦାୟିତ୍ୱ ନେଇ ବୁଝାଇଲେ ମଧ୍ୟ ବିମଳାଦେବୀ ରାଜି ହେଲେ ନାହିଁ। ତାଙ୍କର ଯୁକ୍ତି ଥିଲା ଯେ, ମୁଁ ତ ଏଇନେ ଏତେ ବୁଢ଼ୀ ହୋଇଯାଇ ନାହିଁ ଯେ ସହରକୁ ଯାଇ ତା' କ୍ୱାର୍ଟରଟି ଭିତରେ ହାତଗୋଡ଼ ଜାକି ବସିପାରିବି। ଏଠି ଯେଉଁ ସଂସାର ମେଲା ହୋଇଛି, ଚାଷବାସ, ଗାଈଗୋରୁ, ଛେଳିମେଣ୍ଢା ଆଦିକୁ ତ ପକାଉଠିଆଙ୍କ ପରି ବିକି ଭାଙ୍ଗି ଦେଇ ଯାଇ ହେବ ନାହିଁ। ଏବେ ତ ମୋ' ହାତଗୋଡ଼ ଚଳୁଛି, ମୁଁ ଏଠି ଏ ଦାୟିତ୍ୱ ସମ୍ଭାଳୁଛି, ତମେମାନେ ମଝିରେ ମଝିରେ ଘରକୁ ଆସ। ମୁଁ କ'ଣ ଏଠି ଏସବୁକୁ ମୋ ପାଇଁ ସମ୍ଭାଳି ରଖିବି, ତମେ ତ ଯାକୁ ଭୋଗ କରିବ ନା?

ରେବତୀର ସମସ୍ତ ପ୍ରକାର ସଲାସୁତୁରା ବ୍ୟର୍ଥ ହେଲା। ବିମଳାଦେବୀ ଆଦୌ ରାଜି ହେଲେନି ଘର ଛାଡ଼ି ସହରକୁ ଯିବାପାଇଁ। ବରଂ କହିଲେ ଯଦି ତୋ'ର ପାଠପଢ଼ା ପାଇଁ ନିଷ୍ପତ୍ତି ପକ୍‌କା, ତେବେ ଏବେଠୁ ଯାଇ କଲେଜରେ ନାଆଁ ଲେଖା ପାଇଁ ବ୍ୟବସ୍ଥା କର। ଆଉ ଗୋଟେ କଥା ମନେରଖ, ତୋ'ର ଶିକ୍ଷାଗତ ଯୋଗ୍ୟତା ପାଇଁ ପରେଶ ମନରେ ଯେଉଁ ଊଣା ଭାବଟି ଥିଲା, ତାହା ଯେମିତି ଦୂର ହୁଏ ଚେଷ୍ଟା କରିବୁ।

ପରେଶ ସହ ରେବତୀ ସହର ଆସିଲା। ବାଣିଜ୍ୟକର କଲୋନୀଟି ସହରର ଠିକ୍ ମଧ୍ୟସ୍ଥଳରେ ଥିଲା। ପରେଶ ସସ୍ତ୍ରୀକ ପହଂଚିବା ପରେ କଲୋନୀରେ ସମସ୍ତେ ଅଡ଼ିବସିଲେ ଭୋଜି ପାଇଁ। ପରେଶ ବି ଏଥିରେ ଅମଙ୍ଗ ହେବାର କିଛି ନ ଥିଲା। ଭୋଜିକୁ ବାଣିଜ୍ୟକରର ଉଚ୍ଚ ଅଧିକାରୀଠୁ ତଳିଆ କର୍ମଚାରୀ, ଏଥିସହ ସହରର କିଛି ବଛାବଛା ବ୍ୟବସାୟୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବାଣିଜ୍ୟକର ନିରୀକ୍ଷକ ହୋଇଥିବାରୁ ପରେଶକୁ ଭୋଜି ଆୟୋଜନରେ ମଧ୍ୟ କୌଣସି ବୋଝ କିମ୍ୱା ଦାୟିତ୍ୱ ଉଠାଇବାକୁ ପଡ଼ି ନ ଥିଲା। କେତେଜଣ ହୋଲ୍‌ସେଲର୍ ଏ ଦାୟିତ୍ୱ ନେଇଥିଲେ।

ପାର୍ଟି ସମୟରେ ନବବିବାହିତା ରେବତୀ ଯେତିକି ସଜ ହୋଇଥିଲା, ତା'ଠାରୁ ଢେର ଅଧିକ ଭାବରେ ସଜ ହୋଇଥିଲେ କଲୋନୀର ଅନ୍ୟାନ୍ୟ ସ୍ତ୍ରୀଲୋକ। ସମସ୍ତଙ୍କ ମଧ୍ୟରେ ଯେମିତି ଏକ ଗୁପ୍ତ ପ୍ରତିଯୋଗିତା ଥିଲା କଲୋନୀ ମଧ୍ୟରେ, ନିଜର ଶାଢ଼ି ଓ ଗହଣାର ପ୍ରଦର୍ଶନୀ କରାଇ ନିଜ ଆଡ଼କୁ ଅନ୍ୟମାନଙ୍କର ଧ୍ୟାନ ଆକର୍ଷଣ କରିବାରେ। ରେବତୀ ଏସବୁ ଦେଖି ଅଣନିଃଶ୍ୱାସୀ ହୋଇ ପଡୁଥିଲେ ମଧ୍ୟ ନିଜ ଭିତରେ ନୀରବ ଥିଲା।

ସବାଶେଷରେ ବାଣିଜ୍ୟକର ଆୟୁକ୍ତ ଯେତେବେଳେ ସସ୍ତ୍ରୀକ ଆସିଲେ, ହଠାତ୍ ନୀରବ କିନ୍ତୁ ସକ୍ରିୟ ହୋଇଉଠିଲା ପାର୍ଟି। ସମସ୍ତେ ବ୍ୟଗ୍ର ଥିଲେ ବସ୍‌ଙ୍କ ପାଖାପାଖି ହୋଇ ଭିଡ଼ିଓ ସୁଟିଂ ମଧ୍ୟରେ ରହିବାକୁ। ମ୍ୟାଡାମ୍ ନବଦମ୍ପତିଙ୍କ ପାଖକୁ ଆସି ବିଭିନ୍ନ ଭଙ୍ଗୀରେ

Digitized by PPRACHIN, SOA

ପୋଜ୍ ଦେଲେ ଫଟୋ ପାଇଁ । ଗିଫ୍‌ଟ ହାତକୁ ଦେଇ ସାମାନ୍ୟ ଔପଚାରିକ କଥାବାର୍ତ୍ତା କରୁ କରୁ ପଚାରିଦେଲେ ରେବତୀକୁ କେତେ ପାଠ ପଢ଼ିଛ ବୋଲି ?

ରେବତୀର ଶିକ୍ଷାଗତ ଯୋଗ୍ୟତା ଶୁଣି ମୁହଁ ଆମ୍ବିଳା କଲା ପରି କହିଲେ– ରୂପଟା ତ ବହୁତ କ୍ୟୁଟ୍ ? ହେଲେ ଏତିକି ଶିକ୍ଷାଗତ ଯୋଗ୍ୟତାରେ ତମେ ସମସ୍ତଙ୍କ ସହ ମିଶିପାରିବ କିପରି ? ମୁଁ ତ ଆଶ୍ଚର୍ଯ୍ୟ ହେଉଛି ଏ ଯୁଗରେ ବି ମ୍ୟାଟ୍ରିକ୍ ପାସ୍ କରି ଝିଅ ଘରେ ରହି ବାହା ହେଉଛନ୍ତି । ହଉ, ଠିକ୍ ଅଛି ଧୀରେ ଧୀରେ ଆଧୁନିକ ଆଦବକାଇଦା ଶିଖ ।

ମ୍ୟାଡାମ୍‌ଙ୍କର ଉପଦେଶ ଛାତି ଭିତରେ ବର୍ଚ୍ଛାପରି ପଶିଗଲା ରେବତୀର । କୁରୁସଭାରେ ଦ୍ରୌପଦୀ ଯେମିତି ପ୍ରତିଜ୍ଞା କରିଥିଲେ– ମୁକ୍ତ ରହିଲା ଏ କେଶ, ଦୁଃଶାସନ ରକ୍ତରେ ପ୍ରକ୍ଷାଳନ ପରେ ହିଁ ବନ୍ଧାଯିବ, ଠିକ୍ ସେମିତି ପାର୍ଟି ଭିତରେ ପ୍ରତିଜ୍ଞା କଲା ରେବତୀ– କେବଳ ଶିକ୍ଷିତା ନୁହେଁ, ଆଧୁନିକା ମଧ୍ୟ ହୋଇ ମୁଁ ତୁମମାନଙ୍କୁ ଦେଖାଇଦେବି, ରୁହ ।

ରେବତୀର ନାଆଁ ଲେଖା ହେଲା କଲେଜରେ । ପ୍ରଥମେ ପ୍ରଥମେ ଦ୍ୱିଧାରେ ଥିଲା ରେବତୀ ଯେ ସେ କଲେଜକୁ ଡ୍ରେସ୍ ପିନ୍ଧି ଯିବ ନା ଶାଢ଼ୀ ପିନ୍ଧି । ବହୁଦିନ ହେଲାଣି ଡ୍ରେସ୍ ପିନ୍ଧା ଛାଡ଼ି ଶାଢ଼ୀ ପିନ୍ଧୁଥିବାରୁ ଏବେ ଡ୍ରେସ୍ ପିନ୍ଧିଲେ ତାକୁ ଅଡୁଆଅଡୁଆ ଲାଗିବ । ତେଣୁ ସେ ଭାବିଲା ନା ଶାଢ଼ୀ ପିନ୍ଧି ଯିବ । ଯାହା ହେଲେ ବି ସେ ଏବେ ବାହାସାହା ହୋଇ ବୋହୂ ହୋଇସାରିଲାଣି । ତେଣୁ କଲେଜ ଯିବା ପୂର୍ବରୁ ସେ ପରେଶଙ୍କୁ ତା' ମନକଥା କହିଲା ।

ପରେଶ ତା' କଥାରେ ହସିପକାଇ କହିଲେ– ତମେ ପାଗଳୀ ହୋଇଗଲଣି ନା କ'ଣ ? ଶାଢ଼ୀ ପିନ୍ଧି କ'ଣ କଲେଜ ଯିବ ? ମୁଁ ତମ ପାଇଁ କଲେଜ ୟୁନିଫର୍ମ ଅର୍ଡ଼ର କରିସାରିଛି ।

ହଁ, ଆଉ ଗୋଟେ କଥା, ତମର ଏ ଯେଉଁ ଦୀର୍ଘ କେଶ ଓ ଯାହାକୁ ତମେ ଏକ ସୁଦୀର୍ଘ ବେଣୀରେ ରୂପାନ୍ତରିତ କରୁଛ ତା'ର ଆକାର ଓ ଆୟତନକୁ କିଛି କମ୍ କରିବାକୁ ପଡ଼ିବ । ଆଜି ଅପରାହ୍ଣରେ ବିଉଟିପାର୍ଲରରେ ଯାଇ ତମର ବାଳକୁ ସାଇଜ୍ କରିବାକୁ ପଡ଼ିବ ।

ନା– ବାବା ନା, ମୋର ପାଠ ପଢ଼ା ନ ହେଲେ ନ ହେଉ ପଛେ, ମୁଁ ବାଳ କାଟିବିନି ।

ତମେ ତ ଖୁବ୍ ଶୀଘ୍ର ହାର ମାନିଯାଉଛ ତା'ହେଲେ । ସେଦିନ ପାର୍ଟିରେ କମିଶନରଙ୍କ ମ୍ୟାଡାମ୍‌ଙ୍କ କଥା କ'ଣ ଭୁଲିଗଲଣି ?

Digitized by PPRACHIN, SOA

ଚାଉଁକିନା କଥାଟା ଲାଗିଗଲା ରେବତୀ ଛାତିରେ। ସେ ଆଉ ବିଶେଷ ପ୍ରତିବାଦ ନ କରି କହିଲା– ହଉ, ତୁମର ଯାହା ଇଚ୍ଛା।

ଗୋଟିଏ ସମ୍ପୂର୍ଣ୍ଣ ନୂଆ ରୂପରେ ରେବତୀ ଗଲା କଲେଜ। ତାକୁ ସେ ରୂପରେ ଯିଏ ଦେଖିବ ଘଡ଼ିଏ ଅନାଇବାକୁ ବାଧ୍ୟ ହେବ। ସିଏ ଯେ ବିବାହିତା ମହିଳା, ଏକଥା ଜାଣିବାର ସାଧ କାହାରି ନ ଥିଲା, କାରଣ ବିବାହର ସନ୍ତକ ସୀମନ୍ତର ସିନ୍ଦୂର ଗାରଟି କୌଣସି ଦେବଦେବୀ ମନ୍ଦିରର ସିନ୍ଦୂର ପରି ଏତେ ସଂକ୍ଷିପ୍ତ ଓ ବାଳ ଉହାଡ଼ରେ ଏମିତି ଲୁଚି ଯାଉଥିଲା ଯେ, ତାକୁ ଖୋଜି ଖୋଜି ଦୃଷ୍ଟି ଭିତରକୁ ଆଣିବା ବଡ଼ କଷ୍ଟ ଥିଲା।

ଧୀରେ ଧୀରେ ରେବତୀ କେବଳ ରୂପରେ ନୁହେଁ, ପାଠ ପଢ଼ାରେ ମଧ୍ୟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କଲା। କଲେଜର ବିଭିନ୍ନ ପ୍ରତିଯୋଗିତା ଯଥା ତର୍କ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ପାରଦର୍ଶିତା ଦେଖାଇ ରେବତୀ ଚର୍ଚ୍ଚିତା ହେଲା। ଦ୍ୱିତୀୟ ବର୍ଷର କଲେଜ ଡ୍ରାମାର ନାୟିକା ଭୂମିକା ପାଇଁ ରେବତୀ ଥିଲା ସମସ୍ତଙ୍କର ପସନ୍ଦ। ରେବତୀକୁ ଯେତେବେଳେ ଏ ପ୍ରସ୍ତାବ ଦିଆଗଲା, ସେ ଟିକେ ହଡ଼ବଡ଼େଇ ଯାଇ କହିଲା– ମୁଁ ଆମ ଘରେ ନ ପଚାରି ଏ ବିଷୟରେ କୌଣସି ମତାମତ ଦେଇପାରିବି ନାହିଁ।

ହଉ ତମେ ଘରେ ପଚାର, କିନ୍ତୁ ଆମେ ତମଠାରୁ ଆସ୍ତିବାଚକ ଉତ୍ତର ଅପେକ୍ଷାରେ ରହିଲୁ।

ରେବତୀ ପରେଶଙ୍କୁ କହିଲେ, ତାଙ୍କୁ କଲେଜ ଡ୍ରାମାର ହୀରୋଇନ୍ ରୋଲ୍‌ର ଅଫର୍ ସମ୍ପର୍କରେ। ପରେଶ ସଙ୍ଗେ ସଙ୍ଗେ କହିଲେ, ଏଥିରେ ତମର ଚିନ୍ତା କରିବାର କ'ଣ ଅଛି। ତମର ରୂପ କେବଳ ନୁହଁ, ତମର ଅଭିନୟର ଦକ୍ଷତାକୁ ବିଚାର କରି ସେମାନେ ଏ ମତାମତ ଦେଇଛନ୍ତି। ମୋର ଏଥିରେ ଅରାଜି ହେବାର କ'ଣ ଅଛି ? ମୁଁ କ'ଣ ଏତେ ସଂକୀର୍ଣ୍ଣମନା ବୋଲି ତମେ ଭାବୁଛ କି ?

କଲେଜର ନାଟକ ଅଭିନୟ ଦିନ ପରେଶ ବି ଯାଇଥିଲେ ଦେଖିବାକୁ ନାଟକ। ରେବତୀ ଯେ ଏପରି ଚମତ୍କାର ଅଭିନୟ କରିପାରିବେ, ତାହା ତାଙ୍କ ଧାରଣାର ବାହାରେ ଥିଲା। ନାଟକ ଶେଷରେ ପୁରସ୍କାର ବିତରଣ ସମୟରେ ରେବତୀ କେବଳ ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ପାଇ ନ ଥିଲେ, ମୁଖ୍ୟ ଅତିଥିଭାବେ ପୁରସ୍କାର ବିତରଣ କରିବାକୁ ଆସିଥିବା ଜଣେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ ଅବସରରେ ଘୋଷଣା କଲେ ଯେ, ମୁଁ ରେବତୀଙ୍କ ଅଭିନୟରେ ଏତେ ମୁଗ୍ଧ ଯେ, ଯଦି ତାଙ୍କର ସହମତି ହୁଏ,

Digitized by PPRACHIN, SOA

ତେବେ ମୋର ଆଗାମୀ ଚଳଚ୍ଚିତ୍ରରେ ନାୟିକା ହିସାବରେ ନେବାକୁ ଏଠାରେ ଘୋଷଣା କରୁଛି। ମୁଁ ମୋର ଆଗାମୀ ଚଳଚ୍ଚିତ୍ର ପାଇଁ ଯେଉଁ ନୂଆ ମୁହଁର ସନ୍ଧାନରେ ଥିଲି, ଆଜି ଏ କଲେଜ ଉତ୍ସବରେ ଯୋଗ ଦେଇ ମୁଁ ସେ ନୂଆ ମୁହଁ ଖୋଜି ପାଇଛି। ଏବେ କେବଳ ବାକି ରହିଛି ତାଙ୍କର ସମ୍ମତି। ପୁରସ୍କାର ପ୍ରଦାନ କରୁ କରୁ ସେ ପୁଣିଥରେ ରେବତୀକୁ ପଚାରିଥିଲେ ତାଙ୍କର ସମ୍ମତି ସମ୍ପର୍କରେ।

ଘରୁ ବୁଝି ଜଣାଇବି ବୋଲି ରେବତୀ ଉତ୍ତର ଦେଇଥିଲା।

ହଉ ତମେ ଘରୁ ମତାମତ ନିଅ– ମୋତେ କେବଳ ଠିକଣାଟା ଦେଇଥାଅ ଯୋଗାଯୋଗ କରିବାକୁ।

କଲେଜର ଡ୍ରାମା ସାରି ଘରକୁ ଫେରିବା ପରେ ରେବତୀ ଓ ପରେଶଙ୍କ ଭିତରେ କେବଳ କଥାବାର୍ତ୍ତା ଚାଲିଥିଲା ଡ୍ରାମାର ଅଭିନୟ ଓ ଚଳଚ୍ଚିତ୍ରର ଅଭିନୟର ଅଫର୍ ସମ୍ପର୍କରେ। ପରେଶ କହିଲେ– ତମର ଅଭିନୟର ପ୍ରତିଭା ଓ ଦକ୍ଷତା ପାଇଁ ତମକୁ ଏ ସୁଯୋଗ ମିଳୁଛି। ଆମେ ଗୋଟିଏ ମଧ୍ୟବିତ୍ତୀୟ ମାନସିକତାରେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ ଏ ସୁଯୋଗ ବାରମ୍ବାର ଆସିବ ନାହିଁ। ମୁଁ ଭାବୁଛି, ସେ ନିର୍ଦ୍ଦେଶକ ଯଦି ତାଙ୍କର କଥା ରଖି ପ୍ରକୃତରେ ଆସନ୍ତି, ତେବେ ଆମେ ଏଥିରେ ଅରାଜି ହେବାର କୌଣସି କାରଣ ନାହିଁ।

ରେବତୀ କିଛି ସମୟ ନୀରବ ରହି କହିଲା– ଏ ସମ୍ପର୍କରେ ଆମେ ବୋଉଙ୍କର ମତାମତ ନେବାଟା ଠିକ୍ ହେବ ବୋଲି ମୁଁ ଭାବୁଛି।

ବୋଉର ମତାମତ ନବତ ? ନିଅ। ମାତ୍ର ଏ ତୁମର ପାଠପଢ଼ା ବିଷୟ ନୁହେଁ ଯେ ବୋଉ ସଂଗେ ସଂଗେ ହଁ ଭରିଦେବ।

ତେବେ ତମେ କ'ଣ କହୁଛ ବୋଉଙ୍କ ମତାମତ ନ ନେଇ ଆମେ ଏଥିରେ ହଁ ଭରିଦେବା।

ତମେ ଯଦି ଏଥିରେ ସଫଳ ହୁଅ, ବୋଉ ବଳେ ଜାଣିବ। ସଫଳତା ପ୍ରାପ୍ତି ପରେ ଜାଣିଲେ ଆଉ କୌଣସି ସମସ୍ୟା ନ ଥିବ।

ହଉ, ତମେ ଯାହା ଠିକ୍ ବୋଲି ଚିନ୍ତା କରୁଛ କର। ହେଲେ ପରେ ଯଦି କୌଣସି ସମସ୍ୟା ଆସେ ମୋ ଦୋଷ ଦେବ ନାହିଁ।

ଦୁଇଦିନ ପରେ ଠିକଣା ଖୋଜି ଚଳଚ୍ଚିତ୍ର ନିର୍ଦ୍ଦେଶକଜଣଙ୍କ ପହଞ୍ଚିଗଲେ ଘରେ। ଯୋଗକୁ ପରେଶ ସେତେବେଳେ ଘରେ ଥିଲେ। ସେ ତାଙ୍କର ଯଥେଷ୍ଟ ଖାତିରଦାର କଲେ।

Digitized by PPRACHIN, SOA

ପରେ ପରିଚୟରୁ ଯେତେବେଳେ ଜାଣିଲେ ପରେଶ ରେବତୀର ସ୍ୱାମୀ ବୋଲି ମନ ଟିକେ ଆମ୍ବିଳା କଲେ। ମାତ୍ର ରେବତୀକୁ ନେଇ ସେ ଯେଉଁ ଚରିତ୍ରଟିର ରୂପରେଖ ମନେ ମନେ ଆଙ୍କିଥିଲେ ସେଥିରୁ ଫେରିଯିବାକୁ ଚାହୁଁ ନ ଥିଲେ। ସିନେମା ସମ୍ବନ୍ଧୀୟ ସମସ୍ତ କଥାବାର୍ତ୍ତା ସରିବା ପରେ ସେ ଗୋଟିଏ ସର୍ତ୍ତ ରଖିଲେ ଉଭୟ ପରେଶ ଓ ରେବତୀଙ୍କ ପାଇଁ ଯେ ରେବତୀ ବିବାହିତ ବୋଲି ଯେମିତି କୌଣସି ମେଡିଆବାଲା ସୁରାକ୍ ନ ପାଆନ୍ତି। ଅବଶ୍ୟ ଏକଥା ଲୁଚି କରି ରହି ନ ପାରେ, ମାତ୍ର ଫିଲ୍ମ ରିଲିଜ୍ ହେବା ପରେ ଜାଣିଲେ କିଛି ଅସୁବିଧା ନାହିଁ।

ନିର୍ଦ୍ଦେଶକଙ୍କର ସବୁ ସର୍ତ୍ତରେ ରାଜି ହୋଇ ରେବତୀ ସିନେମାଟିରେ ଅଭିନୟ କଲା। ରେବତୀର ଅଭିନୟ ଏତେ ବଳିଷ୍ଠ ଥିଲା ଯେ ସିନେମାଟି ରିଲିଜ୍ ହେବା ପୂର୍ବରୁ ଏହାର ଚର୍ଚ୍ଚା ଚାଲିଲା ସବୁଆଡ଼େ। ସିନେମାଟି ରିଲିଜ୍ ହେବା ପରେ ପରେ ଏହା ବକ୍‌ସ ଅଫିସ୍ ହିଟ୍ ହେଲା। ସବୁ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର ହେଲା। ରେବତୀ ସିମ୍ପଲ୍‌ଟନ୍‌ରୁ ପାଲଟିଗଲା ସେଲିବ୍ରିଟି।

ଏହା ପରେ ସୁଅ ଛୁଟିଲା ସିନେମାର ଅଫର୍। ଏଥି ସହିତ ମୋଟା ଅଙ୍କର ଚୁକ୍ତି। ଥରେ ସିନେମା ଲାଇନ୍‌ରେ ପାଦ ଦେବା ପରେ ରେବତୀ ଆଉ ଫେରି ଚାହୁଁ ନ ଥିଲା ପଛକୁ। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇ ସେ ଚଢ଼ି ଚାଲୁଥିଲା ସଫଳତାର ପାହାଚ।

ରେବତୀ ଜଣେ ସରଳା ଗ୍ରାମୀଣ ଝିଅରୁ ପାଲଟି ଯାଉଥିଲା ବ୍ୟସ୍ତ ଅଭିନେତ୍ରୀରେ। ଅଭିନୟରୁ ଫୁରୁସତ୍ ମିଳିବା କ୍ଷଣି ଘେରି ରହୁଥିଲେ ପତ୍ରପତ୍ରିକା, ଖବରକାଗଜ ଓ ଟିଭିର ପ୍ରତିନିଧି ସାକ୍ଷାତ୍‌କାର ଓ ଫଟୋ ସେସନ୍ ପାଇଁ। ଏହା ଭିତରେ ହଜି ହଜି ଯାଉଥିଲା ରେବତୀର ପାରିବାରିକ ଜୀବନ ଓ ପାଠ ପଢ଼ିବାର ନିଶା। ପ୍ରଥମେ ପ୍ରଥମେ ପରେଶ ସାଙ୍ଗରେ ଯାଉଥିଲେ ସୁଟିଂ ଜାଗାକୁ। ମାତ୍ର ସୁଟିଂ ଯେତେବେଳେ ସବୁବେଳେ ଲାଗି ରହିଲା, ସେ ତାଙ୍କ ଚାକିରିର ଦାୟିତ୍ୱ ଛାଡ଼ି ସୁଟିଂ ସ୍ଥାନକୁ ଯିବାକୁ ସକ୍ଷମ ହେଲେ ନାହିଁ। ତେଣୁ ଏକାଏକା ସୁଟିଂ ପାଇଁ ଯିବାକୁ ପଡ଼ିଲା ରେବତୀକୁ।

ଏବେ ଏକା ଏକା କେବଳ ରାଜ୍ୟ ଭିତରେ ନୁହେଁ ରାଜ୍ୟ ବାହାରକୁ ମଧ୍ୟ ଯିବାକୁ ପଡ଼ିଲା ରେବତୀକୁ। ଏକା ଏକା ରାଜ୍ୟ ବାହାରକୁ ସୁଟିଂ ପାଇଁ ଯିବାକଥା ଶୁଣି ପରେଶ ପ୍ରଥମେ ପ୍ରଥମେ ଅମଙ୍ଗ ହେଲେ, ହେଲେ ଚୁକ୍ତି ଖିଲପ କଲେ ଆଇନ୍‌ଗତ ଅସୁବିଧା କଥା ଶୁଣି ବାଧ୍ୟ ହୋଇ ହଁ ଭରିଲେ। ଏ ଷ୍ଟୁଡ଼ିଓରୁ ସେ ଷ୍ଟୁଡ଼ିଓ, ଏ ସେଟ୍‌ରୁ ସେ ସେଟ୍, ଆଜ

Digitized by PPRACHIN, SOA

ବମ୍ବେ ତ କାଲି ମାଡ୍ରାସ, ପରଦିନ କଲିକତା ଓ ଆଉ କେବେ ଗୋଆ କି ଶିମଳାର ବ୍ୟସ୍ତବହୁଳ ସୁଟିଂ କାର୍ଯ୍ୟକ୍ରମରେ ସମୟ ବିତୁଥିଲା ରେବତୀର।

ଦୀର୍ଘ ସୁଟିଂରୁ ଫେରିବା ପରେ ମଧ ରେବତୀ ହାତରେ ସମୟ ରହୁ ନ ଥିଲା ପରେଶପାଇଁ। ଘରେ ପହଞ୍ଚିବା କ୍ଷଣି ପୁଣି ଆରମ୍ଭ ହୋଇଯାଉଥିଲା ଷ୍ଟୁଡିଓରେ ଡବିଂ କିମ୍ବା କୌଣସି ସଭାସମିତି, ପୁରସ୍କାର ପ୍ରଦାନ ଉତ୍ସବର ଡାକରା। ଧୀରେ ଧୀରେ ରେବତୀର ପାରିବାରିକ ଜୀବନ ପାଲଟି ଯାଉଥିଲା ସାର୍ବଜନୀନ ଜୀବନରେ। ଏସବୁ ଦେଖି ଦେଖି ଦିନେ ବିରକ୍ତ ହୋଇ ପରେଶ କହିଲେ– ଢେର ହୋଇଗଲା ତମର ଆଧୁନିକ ହେବାଟା, ଏବେ ଏସବୁ ବନ୍ଦ କରି ସଂସାର ଦେଖ।

ରେବତୀ କିଛି ସମୟ ନୀରବ ରହି କହିଲା, "ହଁ, ଏସବୁ ବନ୍ଦ କରିଦେବି ଯେ, ହେଲେ ସେମାନଙ୍କ ଚୁକ୍ତି ସମୟ ସରିଲେ ତ।"

– କେବେ ସରିବ ?

– ସେ କଥା କ'ଣ କହି ହେବ। ମୋର ପ୍ରଥମ ଫିଲ୍ମର ସଫଳତା ପରେ ଲମ୍ବିଥିବା ଲମ୍ବାଧାଡ଼ିର ଅଫରକୁ ତ ତମେ ଗ୍ରହଣ କରିବାକୁ କହିଥିଲ। ଏବେ ଫେରିବାକୁ ଚାହିଁଲେ ମୁଁ ଫେରିପାରିବି କେଉଁଠୁ? ତା'ପରେ ଏ କାମ କେବେ ସରିବ ତା'ର କ'ଣ କିଛି ଠିକଣା ଅଛି ଯେ ମୁଁ ତମକୁ କହିଦେବି ହଉ ଆଉ ମାସେ କି ଦୁଇମାସ ଅପେକ୍ଷା କର ବୋଲି ? ତମେ ତ ଜାଣିଥିବ ଗୋଟେ ଗୋଟେ ସିନେମାର ସୁଟିଂ ବର୍ଷ ବର୍ଷ ଧରି ଚାଲିଥାଏ ଯେ ସରେନା, ଆଉ ଏବେ ମୋ ହାତରେ ଯେତେ ସିନେମା ଅଛି ତାହା କେବେ ପୂରଣ ହେବ କିଏ କହିପାରିବ ?

ପରେଶ କିଛି ସମୟ ଗୁମ୍ ହୋଇ ଚିନ୍ତା କଲେ। ତା'ପରେ କହିଲେ ହଉ ଠିକ୍ ଅଛି– ତମେ ଯାହା ଉଚିତ ମନେକରୁଛ କର, ମୋର ଏଥିରେ ମୁଣ୍ଡ ପୂରାଇବାର ନାହିଁ।

ନା– ଏଠି ଉଚିତ ଅନୁଚିତର କଥା ଉଠୁନି, ଏଠି ଦେଇଥିବା କମିଟ୍‌ମେଣ୍ଟର କଥା ଉଠୁଛି। ଏହା ହୋଇପାରେ ମୁଁ ଏବେଠାରୁ କୌଣସି ନୂଆ ଅଫର ଗ୍ରହଣ କରିବି ନାହିଁ, ହେଲେ ଯେତିକିକୁ ଗ୍ରହଣ କରିଛି ତାକୁ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ।

ଏବେ ନିଜ କର୍ମକୁ ନିନ୍ଦିବା ଛଡ଼ା ପରେଶଙ୍କର ଅନ୍ୟ କିଛି ଉପାୟ ନ ଥିଲା। ସେ ଅନୁଭବ କରୁଥିଲେ ଯେ, ଭାଙ୍ଗି ଭାଙ୍ଗି ଯାଉଛି ତାଙ୍କ ପରିବାର ଓ ପାରିବାରିକ ବନ୍ଧନ। ସ୍ୱାମୀ ସ୍ତ୍ରୀଙ୍କର ସଂପର୍କର ସୁଦୃଢ଼ ପାଚେରିରୁ ଧୀରେ ଧୀରେ ଖସୁଥିଲା ଚୂନ, ତା'ପରେ ଇଟା

Digitized by PPRACHIN, SOA

ଏବଂ ତା'ପରେ ସୃଷ୍ଟି ହେଲା ଫାଟ। ସମ୍ପର୍କର ପାଚେରିଟି ଏବେ ଠିଆ ହୋଇଥିଲା ପ୍ରାଚୀର ହୋଇ। ଉଭୟଙ୍କ ଭିତରେ ଥିବା ଅହଂ ଭାଙ୍ଗିପାରୁ ନ ଥିଲା ସେ ପ୍ରାଚୀରକୁ କିମ୍ବା ସେମିତି ଏକ ସୁଯୋଗ ସୃଷ୍ଟି ପାଇଁ ମଧ୍ୟ କାହାରି ହାତରେ ସମୟ ନ ଥିଲା।

ରେବତୀ ମଧ୍ୟ ଆଉ ପଛକୁ ଫେରି ଚାହୁଁ ନ ଥିଲା। ରଙ୍ଗିନ ଓ ଗ୍ଲାମର ଦୁନିଆର ମାୟା ଓ ଖ୍ୟାତିର ଇନ୍ଦ୍ରଜାଲରେ ସେ ହୋଇ ସାରିଥିଲା ବନ୍ଦୀ। ଯଶ, ପ୍ରତିଷ୍ଠା ଓ ଅର୍ଥର ଦୁନିଆରୁ ନିଜକୁ ମୁକ୍ତ କରି ଏକ ସାଧାରଣ ପାରିବାରିକ ଜୀବନକୁ ଫେରିଆସିବାଟା ତାକୁ ଲାଗୁଥିଲା ଏକ ଅସମ୍ଭବ ବ୍ୟାପାର। ଚାହିଁଲେ ଯେ ସେ ଫେରିପାରିବ ଏ କଥାର ସମ୍ଭାବନା ତାକୁ ଲାଗୁଥିଲା ମରୁଭୂମିରେ ମରୁଝରର ସଦୃଶ। ସେ ଯେ ପ୍ରତ୍ୟାବର୍ତ୍ତନର ସମସ୍ତ ଦିଗକୁ ତର୍ଜମା ନ କରିଛି ସେକଥା ନୁହେଁ। ସବୁଥର ତର୍ଜମା କଲାବେଳେ ତାକୁ ଲାଗୁଥିଲା ଯେମିତି ଚୋରାବାଲିରେ ପୋତି ପୋତି ହୋଇଯାଉଛି ପ୍ରତ୍ୟାବର୍ତ୍ତନର ସମସ୍ତ ସମ୍ଭାବନା। ଦିଗନ୍ତ ଲଂଘନର ବିଭୋର ସ୍ୱପ୍ନରେ ଥିବା ପକ୍ଷୀ ଯେପରି ଫେରିପାରେନା ପଂଜୁରିକୁ, ଠିକ୍ ସେମିତି ଦୁର୍ଲଂଘ୍ୟ ଲାଗୁଥିଲା ଫେରିବାର ଆଶା। ନିଜ ଭିତରେ ବହୁ ତର୍ଜମା ପରେ ରେବତୀ ନିଷ୍ପତ୍ତି ନେଲା– ନା, ଏବେ ଆଉ ଫେରି ଚାହିଁବାର ସମ୍ଭାବନା ନାହିଁ କେବଳ ଆଗକୁ ମାଡ଼ିଯିବାର ଦୁର୍ବାର ଆହ୍ୱାନକୁ ସାମ୍ନା କରିବାକୁ ପଡ଼ିବ।

ନିଜ ପ୍ରତିଶ୍ରୁତି ଭାଙ୍ଗି ନୂଆ ଫିଲ୍ମରେ ସାଇନ୍ କଲା। ଫିଲ୍ମ ସାଇନ୍ ପାଇଁ ତାଙ୍କ ଘରକୁ ଆସିଥାଆନ୍ତି ପ୍ରଯୋଜକ ମହୋଦୟ। ପରେଶ ନ ଥିଲେ ଘରେ। ସ୍କ୍ରିପ୍ଟ ଶୁଣାଇବା ସହ ଗପସପ ଓ ଜଳଖିଆ ପର୍ବ ଚାଲିଥିବା ବେଳେ ଘରେ ପହଞ୍ଚିଗଲେ ପରେଶ। ତାଙ୍କୁ ଆଇଁଷିଆ ଆଇଁଷିଆ ଲାଗୁଥିବା ସେ ପ୍ରଯୋଜକ ମହୋଦୟଙ୍କୁ ଘରେ ଦେଖି ଭିତରେ ଭିତରେ ଅଗ୍ନିଶର୍ମା ହୋଇଗଲେ ସେ। ମାତ୍ର ଭଦ୍ରତା ଖାତିରରେ କିଛି ନ କହିପାରି ଡ୍ରଇଁ ରୁମ୍‌ରୁ ସିଧା ଚାଲିଗଲେ ବେଡ୍‌ରୁମ୍‌କୁ। ମାତ୍ର ତାଙ୍କର ଉପସ୍ଥିତି ମଧ୍ୟ କୌଣସି ପ୍ରଭାବ ପକାଇ ପାରି ନ ଥିଲା ଚାଲିଥିବା ଆସର ଓ ହାସ୍ୟରୋଳ ଉପରେ।

ପ୍ରଯୋଜକ ମହୋଦୟ ସ୍କ୍ରିପ୍ଟ ଶୁଣାଇସାରିବା ପରେ ଦୁଇଟି ସିନ୍ ଉପରେ ଗୁରୁତ୍ୱ ଦେଇ ଆଲୋଚନା କଲେ। ପ୍ରଥମଟି ଥିଲା ସ୍ନାନ ଦୃଶ୍ୟ ଏବଂ ସେ ସେଥିପାଇଁ କିପରି କପଡ଼ାର ବନ୍ଦୋବସ୍ତ କରିଛନ୍ତି କହିଲେ। ସେ ଦୃଶ୍ୟଟିର କାଳ୍ପନିକ ଚିତ୍ରକୁ ଏପରିଭାବେ ବର୍ଣ୍ଣନା କରୁଥାଆନ୍ତି ଯେ, ତାହା କୌଣସି ଯୌନୋଦ୍ଦୀପକ ଲେଖାର ବିବରଣୀ ପରି ଥିଲା। ତା'ପରେ ସେ ବର୍ଣ୍ଣନା କଲେ ବଳାତ୍କାର ଦୃଶ୍ୟର। କହିଲେ ଆପଣ ତ ଜାଣିଥିବେ ମୁଁ ଟିକେ

Digitized by PPRACHIN, SOA

ଅଲଗା ପ୍ରକାରର, ସମସ୍ତଙ୍କଠାରୁ ବାରି ହୋଇପଡ଼ିବା ଭଳି କାର୍ଯ୍ୟ ମୁଁ କରେ। ତେଣୁ ଏ ବଳାତ୍କାର ଦୃଶ୍ୟରେ ମଧ୍ୟ ମୁଁ ମୋର ସ୍ୱତନ୍ତ୍ରତା ଦେଖାଇବାକୁ ଚାହୁଁଛି।

ସବୁ ଶୁଣିସାରି ରେବତୀ କହିଲା– ଏଥିରେ ଅସୁବିଧା କେଉଁଠି ?

ନାଇଁ, କିଛି ଅସୁବିଧା ନାହିଁ ଯେ, ଆପଣ କାଳେ ଅଭିନୟ କଲାବେଳେ ଏପରି ଦୃଶ୍ୟ ପାଇଁ ଅମଙ୍ଗ ହେବେ, ସେଥିପାଇଁ ପୂର୍ବରୁ ମୁଁ ସୂଚନା ଦେଇଦେଲି।

ବୁଝିଲେ ସାର୍, ଅଭିନୟ କ୍ଷେତ୍ରରେ ଆପଣଙ୍କ କଳ୍ପନାଠାରୁ ମଧ୍ୟ ମୁଁ ଅଧିକ ବୋଲ୍ଡ।

ବେଡ୍‌ରୁମ୍ ଭିତରେ ଥାଇ ଏକଥା ଶୁଣିବାବେଳେ ପରେଶର କାନମୁଣ୍ଡା ଝାଇଁଝାଇଁ ହୋଇ ଯାଉଥିଲା, ମୁଣ୍ଡରେ ଫୁଟୁଥିଲା ବୋମା, ଅଥଚ କିଛି ଗୋଟାଏ କରି ପକାଇଲା ପରି କ୍ଷମତା ନ ଥିଲା। କ୍ରୋଧକୁ ସମ୍ବରଣ କରିବା ପାଇଁ ସେ ଘନ ଘନ ପ୍ରଶ୍ୱାସ ନେଉଥିଲେ କେବଳ।

ପ୍ରଯୋଜକ ମହୋଦୟ ଚାଲିଯିବା ପରେ ରେବତୀ ବେଡ୍‌ରୁମ୍ ଆସି କହିଲେ– କ'ଣ ସାଧାରଣ ସୌଜନ୍ୟ ବି ଭୁଲିଗଲ ?

ଏ ପ୍ରଶ୍ନଟି ହିଁ ଯଥେଷ୍ଟ ଥିଲା ବୋମା ବିସ୍ଫୋରଣ ପାଇଁ ଉଦ୍ଦିଷ୍ଟ ରିମୋଟ୍‌ରେ ବଟନ୍‌ଟି ଦବାଇବା ପାଇଁ। ମାତ୍ର ବିସ୍ଫୋରଣ ପୂର୍ବରୁ ଅକାମୀ ହୋଇ ଯାଇଥିବା ବୋମା ପରି ନିଜକୁ ଯଥାସାଧ୍ୟ ନିୟନ୍ତ୍ରଣରେ ରଖି ପରେଶ କହିଲେ– ହଁ, ଭୁଲ ହୋଇଗଲା, ମୁଁ ଘରକୁ ପଶୁ ପଶୁ ସେ ମହାନ୍ ପ୍ରଯୋଜକ ମହୋଦୟଙ୍କର ପାଦଧୂଳି ନେବାର ଥିଲା।

ହଁ, ତମେ ତ ତାଙ୍କର ପ୍ରତିଭା ନିକଟରେ ସେଭଳି ସମ୍ମାନ ଦେବାର ଯୋଗ୍ୟ।

ଗୋଟିଏ ମୁହୂର୍ତ୍ତ ନିଜ ନିୟନ୍ତ୍ରଣ ବାହାରକୁ ଚାଲିଯାଇ ପରେଶ ଉଠାଇ ଦେଲେ ହାତ।

ବାସ୍– ତା'ପରେ ରେବତୀ ଯେଉଁ ଝଡ଼ ସୃଷ୍ଟି କଲେ, ସେଥିରେ ଗୋଟେ ଗୁଳ୍ମସମ ଉଡ଼ି ବୁଲିଲେ ପରେଶ। କଥା ଯେତେବେଳେ ପୋଲିସ୍‌ରେ ରିପୋର୍ଟ ଦେବା ଓ ଛାଡ଼ପତ୍ର ପ୍ରଦାନ ଯାଏଁ ଗଲା, ପରେଶ ଆଗାମୀ ପରିସ୍ଥିତିକୁ କଳନା କରି ନିଜ ଭିତରର ସମସ୍ତ ଅହଂକୁ ନିଜ ଭିତରେ ସାଲିସ୍ କରି କହିଲେ– "ମୋର ଭୁଲ ହୋଇଗଲା। କ୍ରୋଧରେ ହିତାହିତ ଜ୍ଞାନଶୂନ୍ୟ ହୋଇ ଏ କାଣ୍ଡ ମୁଁ କରିବସିଲି। ହାତ ଉଠିଗଲା ବେଳେ ମୋ ଭିତରେ ସବାର ହୋଇଥିଲା ପତିର ଅହମିକା ଓ ଅଧିକାର। ମାତ୍ର ମୁଁ ଭୁଲିଯାଇଥିଲି ଯେ ସେ ଅଧିକାର ମୋ ଅଗୋଚରରେ କେବେଠୁଁ ଦୂରେଇଯାଇ ସାରିଲାଣି ବୋଲି। ମୋର ଏ

Digitized by PPRACHIN, SOA

ଅପରାଧ ପାଇଁ ମୁଁ କ୍ଷମାପ୍ରାର୍ଥୀ । ପୋଲିସ୍‌ରେ ରିପୋର୍ଟ କଲେ ମୋ ଠାରୁ ବଦ୍‌ନାମ୍‌ଟା ତମର ଅଧିକ ହେବ, କାରଣ ତମର ପରିଚୟ ଓ ପ୍ରତିଷ୍ଠା ଏବେ ମୋ'ଠାରୁ ଢେର ଉର୍ଦ୍ଧ୍ୱରେ ।"

ହଁ– ସେଇଥିପାଇଁ ତ ମୁଁ ଏଯାଏଁ ପୋଲିସ୍‌ରେ ରିପୋର୍ଟ ନ କରି ଚିନ୍ତା କରୁଛି ।

ହଉ, ଯାହା ହୋଇଗଲା ତା'ର ଆଉ ପୁନରାବୃତ୍ତି କେବେ ହେବନି । ଏବେ ଯେଝା ବାଟରେ ଯେଝା ରହିଯିବା ।

ସାରା ରାତି ଆଖିକୁ ନିଦ ଆସି ନ ଥିଲା ପରେଶଙ୍କର । ସକାଳୁ ସକାଳୁ ଉଠିପଡ଼ି ଯଥାରୀତି ସେ ଯେମିତି ଅଫିସ୍ ଯାଆନ୍ତି ସେମିତି ବାହାରି ପଡ଼ିଲେ । ସେ ଅଫିସ୍‌କୁ ବାହାରି ଯିବାଯାଏଁ ମଧ୍ୟ ଖୋଲି ନ ଥିଲା ରେବତୀ ରୁମ୍‌ର ଦ୍ୱାର, ଧୀରେ କରି କବାଟ ଆଉଜାଇ ଆଣି ଜାଫ୍ରିର ଭିତରପଟର ହୁକ୍ ଦେଇ ଘରୁ ବାହାରିଗଲେ । ଅଫିସ୍ ଯିବା ପାଇଁ ପାଦ ନ ଆଗେଇବାରୁ ସେ ସିଧା ଚାଲିଲେ ବସ୍‌ଷ୍ଟାଣ୍ଡ । ବସ୍‌ଷ୍ଟାଣ୍ଡରେ ନିଜ ଗାଆଁକୁ ଯାଉଥିବା ବସ୍‌ରେ ବସି ସିଧା ଶୋଇପଡ଼ିଲେ । ସେ କେତେ ସମୟ ଶୋଇଛନ୍ତି ଜାଣନ୍ତି ନାହିଁ, ନିଦ ଭାଙ୍ଗିବା ବେଳକୁ, ନିଦ ତ ଭାଙ୍ଗି ନ ଥିଲା ବସ୍‌ର କ୍ଲିନର୍ ଡାକରେ ହିଁ ନିଦ ଭାଙ୍ଗିଲା ବେଳକୁ ଦେଖିଲେ ନିଜ ଗାଆଁ ବସ୍ ଷ୍ଟାଣ୍ଡରେ ହିଁ ସେ ।

ଘରେ ପହଞ୍ଚିବାବେଳେ ବୋଉ ବଜା ଉପରେ ବଡ଼ି ପାରୁଥିଲା । ପରେଶକୁ ଦେଖି ପକାଇ ଆଣବୋଳା ହାତକୁ ଧୋଇପକାଇ ତରବରରେ ଉଠି ଆସିଲେ । ପରେଶ ବୋଉର ପାଦ ଛୁଇଁବା ବେଳେ– ବୋଉ କେବଳ ବିସ୍ମୟ ହୋଇ ପଚାରିଲା, ହଠାତ୍ ଖବର ନାହିଁ ନା ଅନ୍ତର ନାହିଁ, ଏମିତି ଚାଲିଆସିଲୁ ଯେ !

କୌଣସି ପ୍ରଶ୍ନର ଉତ୍ତର ନ ଦେଇ ପରେଶ ବସିପଡ଼ିଲା ମେଲାଘରର ପଲଙ୍କ ଉପରେ ।

ଆରେ କ'ଣ ହୋଇଛି ?

ନାଇଁ– କିଛି ନାହିଁ ।

କିଛି ନାହିଁ କେମିତି ? ତୋ' ମୁହଁ ଯେମିତି ଶୁଖିଯାଇଛି ନା, ନିଶ୍ଚୟ କିଛି ଗୋଟେ ହୋଇଛି । କ'ଣ ହୋଇଛି ତୋର ?

ପରେଶ କହିବ କି କାନ୍ଦିବ କିଛି ସ୍ଥିର କରିପାରୁ ନ ଥିଲା । କେବଳ କହିଲା, ମୁଁ ଗୋଟେ ବିରାଟ ଭୁଲ କରି ପକାଇଲି ବୋଉ ।

ଭୁଲ !

Digitized by PPRACHIN, SOA

ହଁ, ରେବତୀକୁ ଆଧୁନିକା କରିବାକୁ ଯାଇ ପାଠପଢ଼ାଇବାଟା ମୋର ଏକ ମସ୍ତବଡ଼ ଭୁଲ ଥିଲା ।

ପାଠ ପଢ଼ାରେ କ'ଣ କିଛି ହେଲା କି ?

ହଁ– ପାଠ ପଢ଼ିବାକୁ ଯାଇ ରେବତୀ ତାରକା ହୋଇଗଲା । ସେ ଏବେ ଆକାଶର ଏତେ ଉଚ୍ଚରେ ଯେ ତାକୁ ଧରିବା ତ ଦୂର କଥା ଦେଖିବା ବି ସମ୍ଭବ ନୁହେଁ ।

କଥା କ'ଣ ଖୋଲି କରି କହ ।

ସବୁ କଥା ଶୁଣିସାରିବା ପରେ ବିମଳା ଦେବୀ କହିଲେ, ସେ ପୋଡ଼ାମୁହାଁ ଭିତରେ ଏତେ କଥା ଥିଲା । ଏହି ସମୟରେ ଘରର ଟେଲିଫୋନ୍ ବାଜିଲା । ବିମଳାଦେବୀ ଟେଲିଫୋନ୍ ଉଠାଇ ହ୍ୟାଲୋ କହିବାରୁ ସେପଟୁ ରେବତୀ କହୁଥିଲା, ମୁଁ ରେବି କହୁଛି । ବିମଳାଦେବୀ କହିଲେ– ରେବୀ, ଲୋ ନିଆଁ, ଲୋ ପାଉଁଶ, ଆଉ କ'ଣ କହିବାର ଅଛି କହିବୁ ।

ହଁ– କେବଳ ଏତିକି କହିବାର ଥିଲା, ମୁଁ ତମ ପୁଅ ପରେଶଙ୍କ ଘର ଛାଡ଼ି ଦେଇଛି । ସେ ନ ଥିବାରୁ ଚାବିଟି ତାଙ୍କ ଅଫିସ୍‌କୁ ପଠାଇ ଦେଇଛି । ବାସ୍ ।

ପରେଶ୍ ପଚାରିଲା କିଏ ଫୋନ୍ କରିଥିଲା ?

ଆଉ କିଏ, ସେହି ନିଆଁ, ସେହି ପାଉଁଶ, ରେବି, ରେବତୀ... ।

■■

Digitized by PPRACHIN, SOA

ଋତୁ ସନ୍ଧି

ମୋ ସ୍ତ୍ରୀ ଆଦୌ ପ୍ରସ୍ତୁତ ନ ଥିଲେ ଗ୍ରହଣ କରିବାକୁ ଏକଥା। ତାଂକୁ ଲାଗୁଥିଲା ଯେମିତି ଲୁଣ୍ଠିତ ହୋଇଯାଇଛି ତାଂକ ନାରୀ ଜୀବନର ସକଳ ବିଭା ଓ ବୈଭବ। ସେ କେବଳ ନିଜ ସହ ନୁହେଁ ମୋ ସହ ବି ଯୁକ୍ତି କରୁଥିଲେ ଏହା କିପରି ସମ୍ଭବ ବୋଲି ? ବୟସ ତାଂକୁ ଏବେ ଏବେ ତ ଚାଳିଶ ଟିପିଛି। ଏତେ ଜଲ୍‌ଦି ଏହା କିପରି ସମ୍ଭବ ! ହଁ, ହୋଇଥାଆନ୍ତା କି ମୁଁ ଅତ୍ୟଧିକ ଶାରୀରିକ ପରିଶ୍ରମ କରୁଛି। ମାଡ଼ି ମାଡ଼ିତ ଦୁଇଜଣ ଲୋକଙ୍କ ପାଇଁ ରୋଷେଇ। ନା ବାସନମଜା, ଘରଝାଡୁ ନା ଲୁଗାକଚା ଅଛି। ଏସବୁ କାମ ପାଇଁ ତ ଚାକରାଣୀଟିଏ ଖଂଜା ହୋଇଛି। ଯଦି ଦୁଇଜଣ ଲୋକଂକ ପାଇଁ ରୋଷେଇ କରିବାଟା, ତାହା ପୁଣି ଗ୍ୟାସ୍, ପ୍ରେସରକୁକ୍‌କର ଓ ଆଧୁନିକ ରୋଷେଇ ସରଂଜାମରେ ଶାରୀରିକ ଶ୍ରମ ହୁଏ, ତେବେ ମଣିଷ ଏ ନିଶ୍ୱାସ ପ୍ରଶ୍ୱାସ ନେବା କ'ଣ ଶାରୀରିକ ଶ୍ରମ ନୁହେଁ ? ଏହା ରଜୋନିବୃତି ନୁହଁ, ଅନ୍ୟ କିଛି। ଆମେ ଡାକ୍ତର ଦେଖାଇଦେବା।

ମୁଁ ତାଙ୍କ କଥାରେ ସହମତି ପ୍ରକାଶ କରି କହିଲି ମୋତେ ବି ସେଇୟା ଲାଗୁଛି। ଶରୀରର ଅଭ୍ୟନ୍ତରରେ କୌଣସି ତ୍ରୁଟି କିମ୍ୱା ହରମୋନ୍‌ର ଇନ୍‌ବାଲାନ୍‌ସ ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥାଇପାରେ। ଭାରତ ଭଳି ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ରଜୋବତୀ ଯେମିତି ଜଲ୍‌ଦି ହେଉଛନ୍ତି, ରଜୋନିବୃତ୍ତି ମଧ୍ୟ ସେପରି ବିଳମ୍ୱରେ ହେଉଛି। ସେଦିନ ଟି.ଭି.ରେ ଦେଖୁ ନ ଥିଲେ ଆମ ଓଡ଼ିଶାର ନୟାଗଡ଼ରେ କିପରି ଜଣେ ମହିଳା ଷାଠୋଏାତ୍ତର ବର୍ଷରେ ମାଆ ହୋଇଥିଲା। ନହନହକା ହାଡୁଆ ସ୍ତ୍ରୀଲୋକଟାଏ, ଦେହରେ ପଳେ ବୋଲି ମାଂସ କେଉଁଠି ନ ଥିଲା, ଅଥଚ ସେ ମାଆ ହୋଇପାରିଲା। ମୁଁ ଭାବୁଛି ଏହା ତୁମର ସ୍ୱାଭାବିକ ମେନୋପଜ୍ ଅବସ୍ଥା ନୁହେଁ, ହୋଇଥାଇପାରେ ତମେ ର୍ୟୁମାଟିଜ୍‌ମ ପାଇଁ ଯେତେ ସବୁ ଔଷଧ ଖାଇଛ ତା'ର ପାର୍ଶ୍ୱ ପ୍ରତିକ୍ରିୟା। ତେଣୁ ଆମେ ଦୁଇ ଚାରିମାସ ଅପେକ୍ଷା କରି ଦେଖିବା କ'ଣ ହେଉଛି ନଚେତ୍ ଡାକ୍ତରଙ୍କ ସହ ପରାମର୍ଶ କରିବା।

Digitized by PPRACHIN, SOA

ଦୁଇମାସ ଗଲା, ତିନିମାସ ଗଲା, ଚାରିମାସ ଗଲା, ଏହିପରି ଭାବରେ ପାଖାପାଖି ଛଅମାସ ଗଡ଼ିଗଲା। ଏହି ସମୟ ଭିତରେ ସେ ରଜୋନିବୃତ୍ତି ସମୟର ସମସ୍ତ ଲକ୍ଷଣ, କାରଣ ଓ ନିରାକରଣ ସଂପର୍କରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଲେଖା ସବୁ ପଢ଼ାପଢ଼ି କରିବା ସହ ସେଥିରେ ଥିବା ସମସ୍ତ ଲକ୍ଷଣକୁ ନିଜ ଲକ୍ଷଣ ସହ ତୁଳନା କରୁଥିଲେ। ଦିନେ ଦିନେ ସେ ହଠାତ୍ ମୋତେ ପଚାରିବ– ତମେ ମୋ ବ୍ୟବହାରରେ କୌଣସି ପରିବର୍ତ୍ତନ ଦେଖୁଛ କି ?

କାହିଁ ନାଇଁତ। ଆଚ୍ଛା ଏମିତି ପ୍ରଶ୍ନଟିଏ କାହିଁକି ପଚାରିଲ ? ପଚାରିଲି ଏଥିପାଇଁ କି ଯେ ମେନୋପଜ୍ ସମୟରେ କୁଆଡ଼େ ଗୋଟେ ଚିଡ଼ାଚିଡ଼ା ସ୍ୱଭାବ ଦେଖାଦିଏ। ମୋ ଭିତରେ ସେମିତି କୌଣସି ସ୍ୱଭାବ ତମେ ଲକ୍ଷ୍ୟ କରିଛ କି ?

ନା – ତମର ଚିଡ଼ିଚିଡ଼ା ସ୍ୱଭାବତ ବଢ଼ି ନାହିଁ ବରଂ ତମେ ପୂର୍ବାପେକ୍ଷା ଅଧିକ ବିନୟୀ, ସ୍ନେହୀ ଓ ଦରଦୀ ହୋଇପଡ଼ିଛ।

ନା – ଏସବୁ ଲକ୍ଷଣ ସେଥିରେ ଲେଖାଯାଇନି। ମୁଁ ସେଥିରେ କ'ଣ ଲେଖାଯାଇଛି କିମ୍ୱା ତୁମ୍ଭେ କ'ଣ ପଢ଼ିଛ ସେ କଥା କହୁନି। କହୁଛି ତମର ବ୍ୟବହାରରେ ଘଟିଥିବା ପରିବର୍ତ୍ତନର ଆଖି ଦେଖା ହାଲ୍।

ବିନୟୀ, ସ୍ନେହୀ ଓ ଦରଦୀ କିପରି ହୋଇଛି ବୋଲି ତମେ ଭାବୁଛ ?

ମୁଁ କେତୋଟି ଉଦାହରଣରୁ ଏ ବିଷୟରେ ଗୋଟେ ଧାରଣା କରୁଛି। ଆଗରୁ ତମ ବାପା, ବୋଉ କିମ୍ୱା ଭାଇମାନଙ୍କ ବିଷୟରେ ପଦେ କହିଲେ ତମେ ସଂଗେ ସଂଗେ ତୁମ୍ବିତୋଫାନ କରୁଥିଲ ମାତ୍ର ଏବେ ତାକୁ ତମେ ଖୁବ୍ ସହଜରେ ଗ୍ରହଣ କରି ନେଉଛ।

ଏହା ମୋର ବିନୟୀ ଗୁଣ ବୋଲି ତମେ କାହିଁକି ଭାବୁଛ ବରଂ କୁହ ଏହା ମୋର ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ବୋଲି। ଖାଲି ଜନ୍ମ କରି ବଡ଼ କରିଦେଲେ କିମ୍ୱା ବାହାସାହା କରିଦେଲା ପରେ ବାପା, ମାଆଙ୍କର ଯେଉଁ ଦାୟିତ୍ୱ ଥିଲା ତାହା ସରିଗଲା ବୋଲି ଯେଉଁ ଅବବୋଧଟିଏ ମୋ ବାପା, ବୋଉଙ୍କ ଭିତରେ ମୁଁ ଦେଖୁଥିଲି ତାହା କ୍ରମେ କ୍ରମେ ମୋତେ ଭୁଲ ଲାଗୁଛି। ଦାୟିତ୍ୱବୋଧଟା ସବୁବେଳେ ଆର୍ଥିକ କିମ୍ୱା କାର୍ଯ୍ୟ ସଂପୂର୍ଣ୍ଣ ଯାଏ ସୀମାବୋଧ ନୁହେଁ। ଏହାର ଉର୍ଦ୍ଧ୍ୱରେ ରହିଛି ଗୋଟେ ମାନସିକ ଦାୟିତ୍ୱବୋଧ। ମୁଁ ଦେଖୁଛି ଆମ ବାପା ମାଆମାନେ ସେହି ମାନସିକ ଦାୟିତ୍ୱବୋଧ ହିସାବରେ ଖୁବ୍ ଦରିଦ୍ର। ମୋ ଦେହ ଖରାପ ସମୟରେ ତମେ କ'ଣ ଏକଥା ଉପଲବ୍ଧି କରିନ। ପୁଅର ତୃତୀୟ ସନ୍ତାନ ଜନ୍ମପାଇଁ ସେମାନେ ଯେତିକି ଗୁରୁତ୍ୱ ଦେଲେ, ଗୋଟେ ଝିଅ ବିଛଣାରୁ ଉଠିପାରୁନି, ସେଥିପାଇ

Digitized by PPRACHIN, SOA

ସେମାନେ ସେତିକି ଗୁରୁତ୍ୱ ଦେଇ ଚିନ୍ତା କଲେ କି ? ଦୁଃସମୟ କାହାରି ପାଇଁ ସବୁଦିନ ରହେ ନାହିଁ। ସେ କଷ୍ଟରେ ହେଉ, ଦୁଃଖରେ ହେଉ ଚାଲିଗଲା ମାତ୍ର ସେ ସମୟରେ ସେମାନଙ୍କର ମୋ ପ୍ରତି ଥିବା ଉଦାସପଣର ଘାଆ, ମୋ ଛାତି ଭିତରେ ଛାଡ଼ି ଦେଇଗଲା ଗଭୀର କ୍ଷତ ଚିହ୍ନ। ସେଥିପାଇଁ ସେମାନଙ୍କ ପାଖରୁ ଧୀରେ ଧୀରେ ମୋର ଇମୋସନାଲ୍ ଆଟାଚ୍‌ମେଣ୍ଟ କମି କମି ଯାଇଛି। ତେଣୁ ତମେ କଦବା କ୍ୱଚିତ୍ ସେମାନଙ୍କ ଉପରେ ଦେଉଥିବା ମନ୍ତବ୍ୟକୁ ମୁଁ ପ୍ରତିକ୍ରିୟାହୀନ ହୋଇ ଏହା ସେମାନଙ୍କର ମାନସିକତା ପାଇଁ ସ୍ୱାଭାବିକ ପ୍ରାପ୍ୟ ବୋଲି ଧରିନିଏ। ସ୍ନେହୀ ହୋଇଯାଇଛି ବୋଲି ତମେ କେଉଁ ଘଟଣାରୁ ଭାବୁଛ ?

ସେମିତି କ'ଣ କୌଣସି ନିର୍ଦ୍ଦିଷ୍ଟ ଘଟଣା ଅଛି। ଗୁଡ଼ାଏ ଘଟଣାର ସମାହାରରେ ମୁଁ ଏକଥା ଉପଲବ୍ଧି କରୁଛି।

ହେଲା ଯେ, ସେଥିରୁ ଗୋଟିଏ ଯୋଡ଼ାଏର ଉଦାହରଣ ତମେ ତ ଦେଇପାରିବ।

ହଁ– ଆଗରୁ ପିଲାମାନଙ୍କର ଅଝଟପଣକୁ ତମେ ଶାସନ ନାଆଁରେ ଦବାଇ ଦେଉଥିଲ, ମାତ୍ର ଏବେ ତ ତମେ ସେମାନଙ୍କୁ ଅଝଟ କରିବାକୁ ସୁଯୋଗ ମଧ୍ୟ ଦେଉନ।

ତମେ ପୁରୁଷମାନେ ମାଆ ମନକଥା ବୁଝିପାରିବ ନାହିଁ। ମୁଁ ପିଲାମାନଙ୍କର ଅଝଟପଣକୁ ଶାସନ କରି ଦବାଇ ଦେଉ ନ ଥିଲି। ମୁଁ ଭାବୁଥିଲି ପିଲାମାନଙ୍କୁ ଭଲମଣିଷ କରି ଗଢ଼ି ତୋଳିବାକୁ ହେଲେ ଆମ ଦୁଇଜଣଙ୍କ ଭିତରୁ କାହାକୁ ଜଣକୁ କଠୋର ହେବାକୁ ପଡ଼ିବ। ତମେ ତମର ବିଚିତ୍ର ସ୍ୱପ୍ନ ଜଗତରେ। ଯେତିକି ସମୟ ପିଲାମାନଙ୍କୁ ଦିଅ, ଦିଅ ତାଙ୍କର ବନ୍ଧୁ ଭାବରେ। ବିନା ପ୍ରଶ୍ନରେ ତାଙ୍କର ସମସ୍ତ ଦାବିକୁ ପୂରଣ କରିଦିଅ। କୌଣସି କଥାରେ ଆକଟ କରନି। କେବଳ କୁହ ଭଲ ପାଠ ପଢ଼। ମୁଁ ଦେଖିଲି ମୁଁ ଯଦି ଶାସନ ନ କରିବି ତେବେ ପିଲାମାନେ ମୁହଁବଢ଼ା ହୋଇ ମନମାନି କରିବେ। ଖାଲି କ'ଣ ଭଲ ପାଠ ପଢ଼ିନେଲେ ଜଣେ ଭଲ ମଣିଷ ହୋଇଯିବ। ମୁଁ ତୁମକୁ ଗୋଟେ ପିଲାର ଉଦାହରଣ ଦେଉଛି। ରେଂଜରବାବୁଙ୍କ ପୁଅ ସୋନୁ। ପିଲାଟା ଭଲ ପାଠ ପଢୁ ନ ଥିଲା, ଅଥଚ ତା' ବ୍ୟବହାରରେ ସେ ସମସ୍ତଙ୍କ ମନ କିଣି ନେଇପାରୁଥିଲା। ମାତ୍ର ମୁଁ ଚାହୁଁଥିଲି ମୋ ପିଲାଏ ଭଲ ପାଠ ପଢ଼ନ୍ତୁ ଓ ଭଲ ମଣିଷ ବି ହୁଅନ୍ତୁ। ଏବେ ଆମ ପିଲାମାନଙ୍କ ପ୍ରତି ମୋର ଯେଉଁ ସ୍ନେହର ପରିବର୍ତ୍ତନ ତମେ ଲକ୍ଷ୍ୟ କରୁଛ ତାହା ହେଉଛି ମୋ ଭିତରେ ସଂଚିତ ଆବେଗର ପରିପ୍ରକାଶ। ଏବେ ସେମାନେ ଆମ ବସା ଛାଡ଼ି ଉଡ଼ିଶିଖିଲେ। ଦୁନିଆରେ ଭଲ କେଉଁଟା, ମନ୍ଦ କେଉଁଟା ଜାଣିଗଲେ। ତାଙ୍କୁ ତ ଏବେ ଶାସନ ଦରକାର ନାହିଁ, ଦରକାର ସ୍ନେହ। ଯେଉଁ ସ୍ନେହ ବଳରେ ସେମାନେ ଉପଲବ୍ଧି କରିବେ ପରିବାରର ବନ୍ଧନର ମୂଳତତ୍ତ୍ୱକୁ।

Digitized by PPRACHIN, SOA

ଆଉ ଗୋଟେ କ'ଣ କହୁଥିଲ ହୋଇଯାଇଛି ବୋଲି ? ମୁଁ – ଦରଦୀ। ମୁଁ କ'ଣ ଆଗରୁ ନିର୍ଦ୍ଦୟୀ ଥିଲି ଏବେ ଦରଦୀ ହୋଇଯାଇଛି ?

ନା – ସେକଥା ନୁହଁ। ଏବେ ତମ ଭିତରେ ଇମୋସନ୍ ଟିକେ ବଢ଼ିଯାଇଛି।

କେମିତି ?

ଆଗରୁ ତମେ ସିନେମାର କରୁଣ କାହାଣୀ ଦେଖିବା ବେଳେ ମଧ୍ୟ ଭାବାବେଗ ପ୍ରଦର୍ଶନ କରିପାରୁ ନ ଥିଲ। ମୋ ଆବେଗକୁ ଥଟ୍ଟା କରି ବହୁତ ଥର କହିଛ – ନାଟକ ଦେଖି ଏମିତି କ'ଣ ହେଉଛ ବୋଲି, ମାତ୍ର ମୁଁ ଏବେ ଦେଖୁଛି ତମେ ବହୁ ଚରିତ୍ରମାନଙ୍କ ସହ ଭାବଗତ ଐକ୍ୟ ବନାଇ ଦେଉଛ। ଏଇ ଯେମିତି ସେ ଟି.ଭି.ର ଧାରାବାହିକର ସୋନି ଚରିତ୍ର ଉପରେ ତମର ସୃଷ୍ଟି ହୋଇଥିବା ଦରଦ। ନାଟକ କଥା ଛାଡ଼। ରିଏଲ୍ ଲାଇଫ୍‌ରେ ମଧ୍ୟ ତମେ ଟିକେ ଦରଦୀ ହୋଇପଡ଼ିଛ। ସେଦିନ ରାସ୍ତା କାମ'କରୁଥିବା ସେହି ବୁଢ଼ୀଟି ପ୍ରତି ତମେ ଏତେ ସମ୍ବେଦି ହୋଇପଡ଼ିଲ ଯେ ତାକୁ ଡାକି ଖୁଆଇପିଆଇ ଶାଢ଼ି ଖଣ୍ଡେ ବି ଦେଲ। ଏବେ ଯୋଗୀ, ଭିକାରିଙ୍କ ପ୍ରତି ତମେ ଖୁବ୍ ସମ୍ବେଦନଶୀଳ ମଧ୍ୟ। ବୟସ ବଢ଼ିଲେ ଧର୍ମ କର୍ମ ପ୍ରତି ମନରେ ଶ୍ରଦ୍ଧା ଜନ୍ମେ କି ନାହିଁ। ତମର କ'ଣ ବଢ଼ି ନାହିଁ କି ? ତମେ ତ ଆଗରୁ ଠାକୁରଙ୍କ ପାଖରେ ବସି ଘଣ୍ଟା ଘଣ୍ଟା ପୂଜା କରୁ ନ ଥିଲ। ମାତ୍ର ଏବେ ତ ବେଶ୍ ପୂଜା କରୁଛ, ଗୀତା ପାଠ କରୁଛ। ହନୁମାନ୍ ଚାଳିଶା ଓ ଜଗନ୍ନାଥାଷ୍ଟକମ୍ ପଢୁଛ। ବୟସ ସହିତ ଏହି ପରିବର୍ତ୍ତନଟା ସ୍ୱାଭାବିକ। ହଁ– ନାଟକ ଦେଖି ଯେଉଁ ଭାବପ୍ରବଣ ହେବା କଥାଟା କହିଲ, ତାହା ମୁଁ ମାନୁଛି ମୋର ବଢ଼ିଯାଇଛି ବୋଲି। ଆଗରୁ ମୁଁ ଉଇଲିଂ ସସ୍‌ପେନ୍‌ସନ୍ ଅଫ୍ ଡିସ୍‌ବିଲିଫ୍ କରିପାରୁ ନ ଥିଲି। ତେଣୁ ସାମିଲ ହୋଇପାରୁ ନ ଥିଲି ସେମାନଙ୍କର ଦୁଃଖରେ। ଏବେ କ'ଣ ମୁଁ ଇଛା କରି ସେକଥା କରୁଛି। ତମେ ଯେମିତି ସିନେମାରେ ଭାଓନେନ୍‌ସକୁ ଟଲରେଟ୍ କରିପାରୁନା ମୁଁ ସେମିତି ଦୁଃଖକୁ। ଏହା ବୋଧେ ଆମର ବୟସ ବୃଦ୍ଧିର ପରିଣାମ।

ଏବେ ମୂଳ କଥାକୁ ଆସିଲନା ?

କ'ଣ ମୂଳ କଥା ?

ଆମର ବୟସ ବଢ଼ିଗଲାଣି ବୋଲି।

କିଏ ମନାକଲାକି ଆମର ବୟସ ବଢ଼ିନି ବୋଲି। ମାତ୍ର ମୁଁ ଯେଉଁ ବୟସରେ ଯେଉଁ କଥାଟା ହେବା କଥା କହୁଛି ସେ ବୟସ କ'ଣ ମୋର ଆସିଲାଣି ?

Digitized by PPRACHIN, SOA

ସେ ବୟସର ଅପର ଏଜ୍‌ରେ ତମେ ପହଂଚିନ ମୁଁ ମାନୁଛି ମାତ୍ର ହୋଇଥାଇପାରେ ଲ' ଅଫ ଆଭେରେଜ୍‌ର ବଟମ୍ ଲାଇନ୍‌ରୁ ତମେ ପଡ଼ିଗଲ ବୋଲି।

ତମେ ତା'ହେଲେ ବିଶ୍ୱାସ କରୁଛ ମୋର ମେନୋପଜ୍ ହୋଇଗଲା ବୋଲି ?

ମୁଁ ବିଶ୍ୱାସ ଆଉ କଲି କେଉଁଠି କେବଳ ସମ୍ଭାବନା ଉପରେ ଆଶଙ୍କା ବ୍ୟକ୍ତ କରୁଛି।

ତମେ ଭାବୁଛ ଏଇ ଚାରି ଛଅ ମାସ ହେଲା ମୁଁ କେବଳ ଏହାର ଲକ୍ଷଣ, କାରଣ ଓ ନିରାକରଣକୁ ପଢୁଛି ବୋଲି। ମୁଁ ଏହା ଭିତରେ ପ୍ରାୟ ଦଶଜଣ ମେନୋପଜ୍ ହୋଇସାରିଥିବା ମହିଳାଙ୍କ ସହ ତାଙ୍କର ସେ ସମୟର ଅବସ୍ଥା ବିଷୟରେ ଆଲୋଚନା କରିଛି। କାହାର ଦୀପ ଲିଭିବା ସମୟରେ ଜୋର୍‌ରେ ଜଳିବା ଭଳି ଅତିମାତ୍ରାରେ ରକ୍ତସ୍ରାବ ହୋଇ ବନ୍ଦ ହୋଇଛି ତ କାହାର ମାସକରୁ ଗଡ଼ି ଦୁଇମାସରେ ନିୟମିତ, ଦୁଇମାସରୁ ଗଡ଼ି ଚାରିମାସ, ଆଉ କାହାର ଛଅମାସିଆ ହୋଇ ବନ୍ଦ ହୋଇଛି। କେବଳ ସେମାନଙ୍କର ଆଭ୍ୟନ୍ତରୀଣ ଶାରୀରିକ ପ୍ରକ୍ରିୟା ନୁହଁ ସେମାନଙ୍କର ମାନସିକତାର ପରିବର୍ତ୍ତନ କଥା ମଧ୍ୟ ପଚାରି ବୁଝିଛି। ସେମାନଙ୍କଠାରୁ ଯାହା ଶୁଣିଛି, ସେଥିରୁ କୌଣସି ଗୋଟେ ଲକ୍ଷଣ ମଧ୍ୟ ମୁଁ ମୋ ପାଖରେ ଦେଖିବାକୁ ପାଉନି। ତେଣୁ କେମିତି ବିଶ୍ୱାସ କରିନେବି ଯେ ସେ ବୟସ ମୋର ଆସିଗଲା ବୋଲି।

ଆରେ ମୁଁ କ'ଣ ଇଚ୍ଛା କରୁଛି ଯେ ତମର ସେ ବୟସ ଏତେ ଶୀଘ୍ର ଆସିଯାଉ ବୋଲି। ତେବେ ଛାଡ଼ ସେକଥା, ମୁଁ ଭାବୁଛି ଆଉ କାଳ ବିଳମ୍ବ ନ କରି ଆମେ ଡାକ୍ତର ଦେଖାଇଦେବା ଠିକ୍ ହେବ।

ଡାକ୍ତର ତ ଦେଖାଇବା ନିଶ୍ଚୟ, ତେବେ ଆଉ କିଛି ମାସ ଯାଉ।

ମୁଁ ଜାଣୁଥିଲି ତାଙ୍କର ଏ କାଳକ୍ଷେପଣ ନୀତି ଏଥିପାଇଁ ଯେ ସେ ନିଜ ଭିତରେ ସାହସ ସଂଚୟ କରିବାକୁ ଚାହୁଁଥିଲେ ଯଦି ଏହା ସତ୍ୟ ହୋଇଥାଏ ତାକୁ ଗ୍ରହଣ କରିବାକୁ। ମାତ୍ର ତାଙ୍କର ସମସ୍ତ ଆଶା ଯେତେବେଳେ ନିରାଶାରେ ପରିଣତ ହୋଇ ମାସ ସବୁ ମରୀଚିକା ହୋଇ ଆଗକୁ ଆଗକୁ ଗଡ଼ିଚାଲିଲେ ଶେଷରେ ସେ ବାଧ୍ୟ ହୋଇ ରାଜି ହେଲେ ଡାକ୍ତରଙ୍କ ପାଖକୁ ଯାଇ ପରାମର୍ଶ କରିବାକୁ।

ବହୁ ଲୋକଙ୍କୁ ପଚାରି ଶେଷରେ ଆମେ ନିଷ୍ପତ୍ତି ନେଲୁ ଡ. ସିଂକୁ ଯାଇ ଦେଖାଇବା ପାଇଁ। ଜଣେ ବନ୍ଧୁଙ୍କ ମାଧ୍ୟମରେ ତାଙ୍କ ସହ ଯୋଗାଯୋଗ କରି ସମୟ ନିର୍ଦ୍ଧାରଣ କଲୁ। ସମୟ ନିର୍ଦ୍ଧାରଣ ସତ୍ତ୍ୱେ ମଧ୍ୟ ଆମେ ପହଂଚିଲା ବେଳକୁ ଥିଲା ଲମ୍ବା କ୍ୟୁ। ଓ୍ୱେଟିଂରୁମ୍‌ର

Digitized by PPRACHIN, SOA

ସୋଫା ଉପରେ ଆମେ ବହୁ ସମୟ ଧରି ଅପେକ୍ଷା କଲୁ । ଅବଶ୍ୟ ଡାକ୍ତର ଦେଇଥିବା ସମୟ ମୁତାବକ ମୁଁ ପହଞ୍ଚିଯାଇଛି ବୋଲି ଯୋଗାଯୋଗ କରିଥିବା ବନ୍ଧୁଙ୍କ ରେଫରେନ୍‌ସ ଦେଇ ଭିତରକୁ ଖବର ପଠାଇବାକୁ ମୁଁ ସକ୍ଷମ ହେଲି । ଖବର ପହଂଚିଲା ସତ ହେଲେ ପତ୍ତୁ ନ ଥିଲା ଆମର ପାଳି । ଅପେକ୍ଷାରେ ହେଉ ଅବା ଆଶଂକାରେ ହେଉ ମୋ ସ୍ତ୍ରୀଙ୍କର ଘଟୁଥିଲା ଧୈର୍ଯ୍ୟଚ୍ୟୁତି । ସେ କହିଲେ– କେତେ ଆଉ ଅପେକ୍ଷା କରିବା, ଚାଲ ଫେରିଯିବା ଆଉ ଦିନେ ଆସି ଦେଖାଇବା ।

ଆଉ ଦିନେ ଆସିଲେ କ'ଣ ଆମକୁ ଏ ଭିଡ଼କୁ ସାମ୍ନା କରିବାକୁ ପଡ଼ିବ ନାହିଁ । ଯଦି ସେ ବନ୍ଧୁଙ୍କ ରେଫରେନ୍‌ସ ଅନୁଯାୟୀ ନ ଡାକନ୍ତି ବି ଆଉ ମାତ୍ର ଚାରିଜଣଙ୍କ ପରେ ଆମର ପାଳି ପଡ଼ିବତ ।

ଚାରିଜଣ ମାନେ ଦୁଇଘଣ୍ଟା ଆହୁରି । କାରଣ ଯିଏ ଭିତରକୁ ଯାଉଛନ୍ତି ଅଧଘଣ୍ଟାଏ ପୂର୍ବରୁ ତ ଫେରୁ ନାହାନ୍ତି ।

ନାଇଁ ମ – ଦୁଇଘଣ୍ଟା ନୁହେଁ, ଘଣ୍ଟାଏ ଭିତରେ ଆମ ପାଳି ପଡ଼ିଯିବ । ଅପେକ୍ଷା କରିଛ ବୋଲି ତମକୁ ସମୟଟା ଏମିତି ଲମ୍ବା ଜଣା ପଡୁଛି । ଆମ କଥା ସରିଛି କି ନାହିଁ ଜଣେ ଭିତରୁ ବାହାରିଆସି ଧୀରେ କରି ପଚାରିଲେ– ଆପଣ ମହାପାତ୍ରବାବୁ ତ ? ମୋର ଆସ୍ତିସୂଚକ ମୁଣ୍ଡହଲା ଦେଖି କହିଲେ ସାର୍ ଆପଣଙ୍କୁ ଭିତରକୁ ଡକାଇଛନ୍ତି । ଆଶ୍ୱସ୍ତ ହେଲି ଯେ ବିଳମ୍ବରେ ହେଉ ପଛେ ବନ୍ଧୁଙ୍କ ରେଫରେନ୍‌ସ କାମ ଦେଲା ।

ଡ. ସିଂଙ୍କ ସହିତ କଥାବାର୍ତ୍ତା କରୁ କରୁ ମୋ ସ୍ତ୍ରୀ ଆରମ୍ଭ କରିଦେଲେ ତାଙ୍କର କେସ୍ ହିଷ୍ଟ୍ରି ଏବଂ ସେ ପରାମର୍ଶ କରିଥିବା ଡାକ୍ତର ଏବଂ ସେମାନେ ଦେଇଥିବା ଆଡ୍‌ଭାଇସ୍ ବିଷୟରେ ଏବଂ ବଢ଼ାଇଦେଲେ ଏ ସଂପର୍କିତ କିଛି ପ୍ରେସ୍‌କ୍ରିପସନ୍ ମଧ୍ୟ । ସବୁ ପ୍ରେସ୍‌କ୍ରିପସନ୍ ଉପରେ ଟିକେ ଟିକେ ଆଖି ବୁଲାଇ ଆଣି ସେ ପଚାରିଲେ – ଏବେ କ'ଣ ସମସ୍ୟା ?

ସେଇ ଏକା ସମସ୍ୟା । ଛଅ ମାସ ହେଲାଣି ନିର୍ଦ୍ଦିଷ୍ଟ ତାରିଖ ଆସିଗଲେ ପିରିୟଡ୍ ହେବାର ସମସ୍ତ ଲକ୍ଷଣ ଏବଂ ଯନ୍ତ୍ରଣା ହେଉଛି ମାତ୍ର ପିରିୟଡ୍ ହେଉ ନାହିଁ ।

ଏଜ୍ କେତେ ହେଲା କି ?

ଫର୍ଟି ପ୍ଲସ୍ ।

ମୁଁ କଥାବାର୍ତ୍ତା ମଝିରେ ସାମାନ୍ୟ ହସ୍ତକ୍ଷେପ କରି କହିଲି ଏହି ଜୁନ୍‌କୁ ବୋଧେ ଫର୍ଟିଓ୍ୱାନ ହେଲା ।

Digitized by PPRACHIN, SOA

ହଁ – ହଁ – ଫର୍ଟିଓ୍ୱାନ ପ୍ଲସ୍ ହେଲା।

ତେବେ ମୁଁ ଭାବୁଛି ଏହା ଆପଣଙ୍କର ପ୍ରି-ମେନୋପଜ୍ ସିମ୍ପଟମ୍। ମାତ୍ର ଆପଣଙ୍କର ଡାକ୍ତରୀ ପାଠ ତ କହୁଛି ଏହା ଫର୍ଟିଫାଇଭ୍‌ରୁ ଫିଫ୍‌ଟି ଭିତରେ ଆସେ।

ହଁ – ଇଣ୍ଡିଆନ୍ ଆଭ୍‌ରେଜ୍ ଏଇନେ ଫର୍ଟିଟୁ। ମାନେ କାହାର ଚାଳିଶ, କାହାର ବୟାଳିଶ୍, କାହାର ପଇଁଚାଳିଶ୍ ଓ କାହାର ପଚାଶ ଏପରିକି କାହାର ପଞ୍ଚାବନ୍‌ରେ ହେଉଛି। ଆଭରେଜ୍ ଯେତେବେଳେ ଫର୍ଟିଟୁ କାହାର ନା କାହାର ତ ଫର୍ଟିଟୁ ତଳେ ହଉଥିବ ନା।

ହେଉଥିବ ନିଶ୍ଚୟ ମାତ୍ର ମୁଁ ମୋ କେସ୍‌ରେ ଅନ୍ୟ କଥା ଭାବୁଛି।

କ'ଣ ଭାବୁଛନ୍ତି ଆପଣ ?

ମୋର ର୍ୟୁହମାଟିଜ୍‌ମ ପାଇଁ ମୁଁ ବହୁ ହାଇପାଓ୍ୱାର ଆୟୁର୍ବେଦିକ୍ ମେଡ଼ିସିନ୍ ଖାଇଛି। ସେ ସବୁ ଔଷଧର ଏହା ପାର୍ଶ୍ୱ ପ୍ରଭାବ ନୁହେଁ ତ ?

ନାଇଁ – ନାଇଁ, ଏହା କୌଣସି ମେଡ଼ିସିନ୍‌ର ପାର୍ଶ୍ୱ ପ୍ରଭାବ ନୁହେଁ। ସେ ହାତଠାରି ଇସରା ଦେଲେ ପଡ଼ିଥିବା ବେଡ୍ ଉପରେ ଶୋଇବାକୁ। ପେଟରେ ସାମାନ୍ୟ ଜେଲି ଲଗାଇ ଗୋଟେ କ୍ୟାମେରା ଘୂରାଇଲେ ପେଟ ଉପରେ। ପାର୍ଶ୍ୱସ୍ଥ ଟି.ଭି. ପରଦାରେ ଦେଖି ହେଉଥିଲା ପେଟର ଅଭ୍ୟନ୍ତରର ଦୃଶ୍ୟ। ହଲଚଲ ହେଉଥିବା ଦୃଶ୍ୟ ଦେଖି ମୁଁ କିଛି ବୁଝିପାରୁ ନ ଥିଲେ ମଧ୍ୟ ସେ କହୁଥିଲେ ଦେଖନ୍ତୁ ୟୁଟେରସ୍ ଠିକ୍ ଅଛି, ଓଭାରି ଠିକ୍ ଅଛି। ମାତ୍ର ଅଳ୍ପକ୍ଷଣ ପରେ ସେ ତାକୁ ବନ୍ଦ କରି ଦେଇ ଫେରିଆସିଲେ ନିଜ ଚେୟାରକୁ।

ତାଙ୍କ ପଛେ ପଛେ ବେଡ୍‌ରୁ ଉଠିଆସି ମୋ ସ୍ତ୍ରୀ ତାଙ୍କୁ ପଚାରିଲେ – ମୁଁ ବହୁବର୍ଷ ଧରି କଣ୍ଟ୍ରାସେପ୍‌ଟିଭ୍ ବ୍ୟବହାର କରିଥିଲି ତାହାର ପ୍ରଭାବ ଏଇଟା ନୁହେଁ ତ ?

କ'ଣ ବ୍ୟବହାର କରୁଥିଲେ ?

କପର-ଟି।

ନା– ତା'ର କୌଣସି ପ୍ରଭାବ ନାହିଁ। ଭିତରେ ଆଦୌ ଇନ୍‌ଫେକ୍‌ସନ୍ ନାହିଁ।

ହଠାତ୍ ଥମ୍ ହୋଇ ଚୁପ୍ ହୋଇଗଲେ ମୋ ପତ୍ନୀ।

ଡାକ୍ତର ତାଙ୍କର ମନୋଭାବକୁ ପଢ଼ି ନେଇ କହିଲେ– ଆପଣ ଯେଉଁଟାକୁ ଏକ ବିରାଟ ସମସ୍ୟା ବୋଲି ଭାବୁଛନ୍ତି ତାହା ଆଦୌ ଏକ ସମସ୍ୟା ନୁହେଁ। ମୁଁ ଜାଣୁଛି ମେନୋପଜ୍ ହେବାଭଳି ଏଜ୍ ଆପଣଙ୍କର ଆସି ନାହିଁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ଯେମିତି ଏହା ଆହୁରି

Digitized by PPRACHIN, SOA

ବହୁବର୍ଷ ପରେ ଆସିବା କଥା। ଯଦି କୌଣସି ଆଭ୍ୟନ୍ତରୀଣ ବିଶୃଙ୍ଖଳା ପାଇଁ ଏହା ବନ୍ଦ ହୋଇଯାଇଥାଏ, ତେବେ ମୁଁ ଏ ଯେଉଁ ଔଷଧ ଦେଉଛି ଏଥିରେ ନିଶ୍ଚୟ ରେଗୁଲାରିଟି ଆସିଯିବ। ଯଦି ନ ଆସିଲା ତେବେ ଆପଣ ଆଦୌ ବିବ୍ରତ ନ ହୋଇ ଏହାକୁ ଗ୍ରହଣ କରିନେବା ଉଚିତ। ଏମିତି ଘଟଣା ଲକ୍ଷେରେ ଗୋଟିଏ ହୁଏ ଏବଂ ଆପଣ ସେହି ଜଣକ ହୋଇପାରନ୍ତି।

ଠିକ୍ କଥାଟିଏ କହିଲେ ଆପଣ– କିନ୍ତୁ ମୋ ମନରେ ସବୁବେଳେ ଗୋଟିଏ ପ୍ରଶ୍ନ ଉଠୁଛି, ଏହା ଯଦି ସତ୍ୟ ହୋଇଥାଏ, ତେବେ ଲକ୍ଷେରେ ଜଣେ ହେବାଟା କ'ଣ ମୋ ଭାଗ୍ୟରେ ଲେଖା ଥିଲା।

ଡାକ୍ତର କିଛି ସମୟ ନୀରବ ରହି ପ୍ରଶ୍ନ କଲେ – ଏହା ଫଳରେ ଆପଣଙ୍କର କିଛି ଅସୁବିଧା ହେବ ବୋଲି ଆପଣ ଆଶଙ୍କା କରୁଅଛନ୍ତି କି ? ଆପଣ କ'ଣ ଆଉ ସନ୍ତାନସନ୍ତତି ଚାହୁଁଥିଲେ କି ?

ନା – ସନ୍ତାନସନ୍ତତି କଥା ତ ଆଦୌ ନୁହେଁ, ତେବେ...। ଭାବୁଛନ୍ତି କି ଆପଣଙ୍କ ନାରୀ ଜୀବନ ଏଇଠୁ ବୃଥା ହୋଇଗଲା ବୋଲି ? ଯଦି ସେମିତି କିଛି ଭାବନା ଆପଣଙ୍କ ଭିତରେ ଆସୁଥାଏ ତାକୁ ଦୁର୍ଭାବନା ବୋଲି ଭାବି ଦୂରେଇ ଦିଅନ୍ତୁ। ଆପଣ ଆହୁରି ବହୁବର୍ଷ ଯାଏ ଏକ ସ୍ୱାଭାବିକ ଦାମ୍ପତ୍ୟ ଜୀବନ କଟାଇପାରିବେ। ମୁଁ ଅନୁମାନ କରୁଛି ଆପଣ ହେୟାର ଡାଏ କରିଛନ୍ତି ବୋଧେ ଓ ଏଇ ଯେଉଁ ଚଷମା ପିନ୍ଧିଛନ୍ତି ତାହା ବୋଧେ ପାୱାର୍ ଗ୍ଲାସ୍ ?

ଏ ସବୁର ପିରିୟଡ୍ ସହିତ ସଂପର୍କ କ'ଣ ?

ନାଇଁ– କିଛି ସଂପର୍କ ନାହିଁ। ଆଚ୍ଛା ବାଳ ପାଚିଗଲା ବୋଲି ହେୟାରଡାଏ କଲେନା, ଆଖିକୁ ଠିକ୍ ନ ଦେଖା ଯିବାରୁ ଗ୍ଲାସ୍ ଲଗାଇଲେ ନା ?

ଆଚ୍ଛା ଏସବୁ କଲା ବେଳେ କ'ଣ ଆପଣ ଏତେ ଇମୋସନାଲି ଇନ୍‌ଭଲଭଡ ହୋଇଥିଲେ ?

ଆଜିକାଲି ତ ବାଳ ଖୁବ୍ ଶୀଘ୍ର ପାଚିଯାଉଛି, ତେଣୁ ପାଚିଲାବାଳକୁ ଲୁଚାଇବା ପାଇଁ ହେୟାର୍-ଡାଏ କଲି। ହଁ, ଆଖିକୁ ଛୋଟ ଛୋଟ ଅକ୍ଷର ଦେଖା ନ ଯିବାରୁ ମୁଁ ଆଖି ପରୀକ୍ଷା କରାଇ ଚଷମା ଲଗାଇଲି, ତାହା ପୁଣି ମୋତେ ଯେତେବେଳେ ଅଠତିରିଶ ବର୍ଷ ହୋଇଥିଲା, ଚାଳିଶା ଚଷମା ଲାଗିଲା।

Digitized by PPRACHIN, SOA

ଅଠତିରିଶ ବର୍ଷରେ ଯେତେବେଳେ ଚାଳିଶା ଚଷମା ଲାଗିଲା ସେତେବେଳେ କ'ଣ ଆପଣ ଏମିତି ଭାବପ୍ରବଣ ହୋଇ ବିମର୍ଷ ହୋଇଥିଲେ ?

ନା – ବହୁ ଲୋକଙ୍କର ତ ଏମିତି ହେଉଛି ।

ଏବେ କ'ଣ ଚଷମା ଲଗାଇଛନ୍ତି ବୋଲି ଆପଣଙ୍କୁ କୌଣସି ଅସୁବିଧା ହେଉଛି କି ?

ନା – ଏଇଟା ଜୀବନର ସ୍ୱାଭାବିକତା ମଧ୍ୟରେ ସାମିଲ ହୋଇଗଲାଣି ।

ଏବେ ବାଟକୁ ଆସିଲେ– ଚଷମାକୁ ଆପଣ ଯେମିତି ସ୍ୱାଭାବିକ ଭାବରେ ଗ୍ରହଣ କରିନେଲେ, ଏଇଟାକୁ ଠିକ୍ ସେମିତି ଗ୍ରହଣ କରିନିଅନ୍ତୁ । ଆଖିର ଯେମିତି କୌଣସି ଅସୁବିଧା ହେଉନି ଠିକ୍ ସେଇପରି ଆପଣଙ୍କ ଦାମ୍ପତ୍ୟର କୌଣସି ଅସୁବିଧା ହେବନି । ଏଥିପାଇଁ ମୋ ସ୍ତ୍ରୀ ବୋଧହୁଏ ଏଇ ଚରମ ସତ୍ୟଟିକୁ ଗ୍ରହଣ କରିବାକୁ ମନେ ମନେ ପ୍ରସ୍ତୁତ ହେଉଥିଲେ । ଆଉ ଡାକ୍ତରଙ୍କ ସହ କୌଣସି ଯୁକ୍ତି ନ କରି ସେ ଉଠିପଡ଼ିଲେ ଫେରି ଆସିବାକୁ । ମୁଁ ତାଙ୍କ ପଛେ ପଛେ ଆସିବା ବେଳେ ଡାକ୍ତର ମୋତେ ଇସାରା ଦେଲେ ଟିକେ ରହିବାକୁ । ମୋ ସ୍ତ୍ରୀ ଡୋରଟିକୁ ପୁସ୍ କରି ବାହାରକୁ ବାହାରିଯିବା କ୍ଷଣି ଡାକ୍ତର ମୋତେ କହିଲେ– ପିରିୟଡ୍‌କୁ ନେଇ ମ୍ୟାଡାମ୍‌ଙ୍କର ଏକ ଭ୍ରମ ଧାରଣା ରହିଛି । ସେ ବୋଧେ ଭାବୁଛନ୍ତି ଏଇଠୁ ସରିଯିବ ତାଙ୍କର ଯୌନଜୀବନ । ଶେଷ ହୋଇଯିବ ଦାମ୍ପତ୍ୟର ମାଧୁର୍ଯ୍ୟ । ଏଥିପାଇଁ ସେ ଇନ୍‌ସିକ୍ୟୁଅରଡ ଫିଲ୍ କରୁଛନ୍ତି । ଏହି ସମୟରେ ଜଣେ ସ୍ୱାମୀ ହିସାବରେ ଆପଣଙ୍କର ଦାୟିତ୍ୱ ଯଥେଷ୍ଟ । ତାଙ୍କ ସହ ଇମୋସନାଲି ଆଟାଚଡ୍ ରହିବା ସହ ଯୌନସଂପର୍କ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବେ । ଦେଖିବେ ଅଳ୍ପଦିନ ମଧ୍ୟରେ ସେ ଫେରିଆସିବେ ତାଙ୍କର୍ ସ୍ୱାଭାବିକ୍ ଅବସ୍ଥାକୁ ।

ଡାକ୍ତରଙ୍କ ପାଖରୁ ଘରକୁ ଫେରିବାଯାଏଁ ସେ ଥିଲେ ସଂପୂର୍ଣ୍ଣ ଚୁପ୍ । ମୁଁ ଜାଣୁଥିଲି ସେ ଭାଙ୍ଗିପଡୁଛନ୍ତି ଭିତରେ ଭିତରେ । ମୁଁ ତାଙ୍କୁ ଏ ବିଷୟରେ ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ସେ ଭାବୁଥିଲେ ମୁଁ ହୁଏତ ତାଙ୍କର ମନ ବୁଝାଇବା ପାଇଁ ଏକଥା କହୁଛି ବୋଲି । ତେଣୁ ସେ ବିଷୟରେ ଆଉ କୌଣସି ଆଲୋଚନା ନ କରିବାକୁ ମନସ୍ଥ କରି ମୁଁ ତାଙ୍କୁ କହିଲି– ରାତିତ ଏତେ ହେଲାଣି, ଚାଲ କୌଣସି ଗୋଟେ ଭଲ ହୋଟେଲରେ ଖାଇଦେଇ ଯିବା । ଆଉ ଘରେ ଯାଇ କେତେ ରୋଷେଇ କରୁଥିବ ।

ସେ ମୋର ପ୍ରସ୍ତାବକୁ ଓଲଟା ଅର୍ଥରେ ନେଇ କହିଲେ– କ'ଣ ଡାକ୍ତରଙ୍କର ପରାମର୍ଶ ଏବେଠୁ ମାନିବା ଆରମ୍ଭ କରିଦେଲଣି ? ତମେ ଯାହା ଭାବ ଓ ଡାକ୍ତର ଯାହା କୁହନ୍ତୁ । ମୋ

Digitized by PPRACHIN, SOA

ମନ ନ ମାନିବା ପର୍ଯ୍ୟନ୍ତ ମୁଁ ଏ କଥାକୁ ଗ୍ରହଣ କରିପାରିବି ନାହିଁ। ହୋଟେଲଫୋଟେଲ ନୁହଁ ସିଧା ଘରକୁ ଚାଲ। ସବୁ ଜିନିଷ ଫ୍ରିଜ୍ ଭିତରେ ଅଛି। ରୁଟି ଦୁଇପଟ ସେକିବା ପାଇଁ କେତେ ବା ସମୟ ଲାଗିବ ?

ଗୋଟିଏ ମେଡ଼ିସିନ୍ ଷ୍ଟୋର ପାଖରେ ମୁଁ ଯେତେବେଳେ ଗାଡ଼ି ରଖି କହିଲି– ପ୍ରେସ୍କ୍ରିପସନ୍‌ଟା ଦିଅ, ମୁଁ ଔଷଧତକ ନେଇ ଆସେ। ସେ କହିଲେ ନା, ଏବେ ଔଷଧ କିଣିବାର ନାହିଁ, ଯାଉ ଆଉ କିଛି ଦିନ।

ଆରେ ଅସମ୍ଭବ କଥା– ଆମେ ଡାକ୍ତର ଦେଖାଇଲେ ଅଥଚ ଔଷଧ କିଣିବା ନାହିଁ।

ଯଦି ଡାକ୍ତରଙ୍କ କଥା ସତ୍ୟ ହୋଇଥାଏ ତେବେ ମୁଁ ଶରୀରର ନିୟମ ବିରୋଧରେ ଯାଇ ଔଷଧ କାହିଁକି ଖାଇବି ? ଆଉ ଯଦି ମିଥ୍ୟା ହୋଇଥାଏ ତେବେ ତା'ର ସ୍ୱାଭାବିକତାକୁ ଅପେକ୍ଷା ନ କରି ଔଷଧରୂପକ ବଳ କାହିଁକି ପ୍ରୟୋଗ କରିବି ?

ତାଙ୍କର ଉଭୟ ଯୁକ୍ତି ସେ କେବଳ ଅକାଟ୍ୟ ଥିଲା ନୁହଁ, ସେ ଯାହା ବୁଝିଥିବେ ସେଇଟା ଠିକ୍ ବୋଲି ଔଷଧ କିଣିବା ପାଇଁ ମୁଁ ମଧ୍ୟ ବିଶେଷ ବାଧ କଲି ନାହିଁ।

ଏହା ପରେ ପରେ ବଦଳି ଯାଇଥିଲା ତାଙ୍କର ଦିନଚର୍ଯ୍ୟା । ଆଗରୁ ସେ ଯେତେ ଅଧିକ ସମୟ ଶୋଉଥିଲେ ତାକୁ ପରିହାର କରି ଦେଇଥିଲେ। ଖାଦ୍ୟ ଆହରଣରେ ମଧ୍ୟ ଖୁବ୍ ଶୃଙ୍ଖଳିତ ହୋଇ ଯାଇଥିଲେ। ସକାଳେ ଓ ସନ୍ଧ୍ୟାରେ ରୀତିମତ୍ କ୍ୟାସେଟ୍ ଲଗାଇ ଯୋଗ କରୁଥିଲେ। ଘରେ ଥିବା ଟ୍ରେଡ଼ମିଲ୍ ମେସିନ୍‌ରେ ଛଅରୁ ଦଶ କି.ମି. ଚାଲୁଥିଲେ। ଏସବୁର ପ୍ରଭାବ ଯେ ତାଙ୍କ ଶରୀର ଉପରେ ପଡୁ ନ ଥିଲା ସେ କଥା ନୁହଁ। ତାଙ୍କ ପେଟରେ ମୋଡ଼ ପକାଉଥିବା ଅବାଂଛିତ ଚର୍ବି ଧୀରେ ଧୀରେ କମି କମି ଯାଉଥିଲା। ଅତ୍ୟଧିକ ବ୍ୟାୟାମ ଯୋଗୁଁ ତାଙ୍କ ଶରୀରର ଓଜନ ହ୍ରାସ ହେଉଥିଲେ ମଧ୍ୟ ଔଜ୍ଜ୍ୱଲ୍ୟ ବୃଦ୍ଧି ପାଉଥିଲା। ଦୁଇମାସ ମଧ୍ୟରେ ସେ ଛଅଷଠି କେଜିରୁ ଅଠାବନ କେଜିକୁ ତାଙ୍କର ଓଜନ କମାଇ ଆଣିଥିଲେ।

ମୁଁ ତାଙ୍କର ଏ କୃଚ୍ଛ୍ର ସାଧନା ଦେଖି ବହୁବାର ତାଂକୁ ଥଟ୍ଟା କରି କହିଛି– ତମର ଏ ଅଭ୍ୟାସ ଯଦି ଆଉ କିଛିମାସ ଜାରି ରହେ ତମେ ହୁଏତ ଅଚିରେ ତମର ଷୋଡ଼ଶୀ ବୟସକୁ ଫେରିଯିବ।

ମାତ୍ର ମୋର କୌଣସି ଥଟ୍ଟା ପରିହାସ ତାଙ୍କୁ ତାଙ୍କର ଲକ୍ଷ୍ୟରୁ ବିଚ୍ୟୁତ କରିପାରି ନ ଥିଲା। ସେ ତାଙ୍କ ଲକ୍ଷ୍ୟ ସାଧନାରେ ଲାଗିଥିଲେ ଅନବରତ।

Digitized by PPRACHIN, SOA

ଦିନେ ଖୁବ୍ ସକାଳୁ ସକାଳୁ ବିଛଣାଠାରୁ ଦୂରରେ ଠିଆ ହୋଇ ସେ ମୋତେ ଡାକିଲେ– ଏ, ଉଠ, ଉଠତ।

ଯେହେତୁ ମୁଁ ଖୁବ୍ ବିଳମ୍ବିତ ରାତିରେ ଶୋଇଥିଲି ଏବଂ ତାହା ମୋର ଉଠିବା ସମୟ ଆଦୌ ନ ଥିଲା, ମୁଁ ତାଙ୍କୁ ମୃଦୁ ବିରକ୍ତି ହୋଇ କହିଲି– ତମେ ଯୋଗ, ବ୍ୟାୟାମ ଯାହା କରୁଛ କର, ମୋତେ ଦୟାକରି ଡିଷ୍ଟର୍ବ କରନା।

ସେ ମୋ କଥାରେ ସାମାନ୍ୟ ବିରକ୍ତ ନ ହୋଇ କହିଲେ– ତମେ ଅଳ୍ପ ସମୟ ପାଇଁ ଉଠ, ପୁଣି ଆସି ଶୋଇଯିବ।

ମୁଁ ନିଦ ମଳମଳ ଆଖିରେ ବିରକ୍ତ ହୋଇ ଉଠିଆସିବା ବେଳେ ସେ ମୋତେ ଆଡ଼େଇ ଯାଇ ଠିଆ ହୋଇ କହିଲେ– ସେଲ୍‌ଫରୁ ଟିକେ ତେଲ ଓ ହଳଦୀ ବାଥ୍‌ରୁମ୍‌କୁ ଦିଅ।

ହଠାତ୍ ମୋ ଆଖିରୁ ଛାଡ଼ିଗଲା ନିଦ। ମୁଁ ଚାହିଁଲି ତାଙ୍କ ମୁହଁ ଆଡ଼େ। ଦେଖିଲି ତାଙ୍କ ଓଠରେ ଫୁଟିଉଠୁଛି ଗୋଟେ ବିଜୟ ଦର୍ପିତା ହସ। ମନେ ପକାଉଥିଲି ସେ ହସକୁ ତାଙ୍କ ମୁହଁରେ ମୁଁ କେବେ ଦେଖିଥିଲି ବୋଲି।

■■

Digitized by PPRACHIN, SOA

ମିଛି ମିଛିକା ଫଟୋ

ଗୋଟିଏ ଛୋଟିଆ ମିଛ, ନା ବରଂ ପ୍ରତାରଣା କହିଲେ ଠିକ୍ ହେବ, ଯାହା ଜୀବନସାରା ମୋତେ ଏମିତି ସନ୍ତୁଳିବ ଏକଥା ମୋ କଳ୍ପନାର ବାହାରେ ଥିଲା । ଗୋଟେ ନିରୀହ ଓ ନିର୍ମାୟା ମଣିଷର ସରଳ ଆବେଗକୁ ଠକାଇବା ବେଳେ ମନରେ ଥିଲା କିଛିଟା କାର୍ପଣ୍ୟ ଭାବ ଓ ତା'ର ଅଜ୍ଞତାକୁ ସହଜରେ ଠକି ଦେଇ ପାରିବାର ଦୁଷ୍ଟାମି । ସେତେବେଳେ ତାକୁ ନ ଠକାଇ ତା' ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ ସେ ଆହତ ହୋଇଥାଆନ୍ତା, ଏମିତି ବ୍ୟକ୍ତିତ୍ୱସଂପନ୍ନ ମଣିଷଟିଏ ସେ ନ ଥିଲା । ମାତ୍ର ସେକଥା ନ କରି, ଆମ ଚାଲାଖିପଣରେ ତାକୁ ଠକି ଗୋଟିଏ ମିଛ ସୁଖ ଦେବାର ମୋହ ଏବଂ ଆମର ଆବଶ୍ୟକ ସମୟତକ ତାକୁ ବଶମ୍ବଦ କରି ରଖିବାର ଆଗ୍ରହ ଆମକୁ ପ୍ରେରିତ କରିଥିଲା ସେପରି ଏକ ଖେଳ ଖେଳିବାକୁ । ମହାଭାରତର ସେହି କୁନ୍ଦକଟି ଭୀମଙ୍କ ହାତରେ ଘୋରି ହୋଇ ହୋଇ ନଦୀ ଗର୍ଭରେ ପତିତ ହେବା, ତାକୁ ମାଛ ଗିଳିବା, ସେ ମାଛକୁ ଧୀବର ଧରିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସେଥିରୁ ଶର ପ୍ରସ୍ତୁତ କରି ଜାରା କୃଷ୍ଣଙ୍କୁ ବଧ କରିବା ପରି, ମୋତେ କ'ଣ ଜଣାଥିଲା ଯେ ସେହି ଖେଳ ଖେଳର ମିଛଟି ଦିନେ ଜାରାର ଶର ହୋଇ ମୋ ହୃଦୟକୁ ବାରମ୍ବାର ବିଦ୍ଧ କରି ମୋତେ ଲହୁଲୁହାଣ କରାଇବ । ମୁଁ ଏବେ ନା ସତ୍ୟ ପ୍ରକାଶ କରି ସେଥିରୁ ମୁକୁଳି ପାରୁଛି ନା ସେଇଟା ଗୋଟିଏ ମିଥ୍ୟା ଅଭିନୟ ଥିଲା ବୋଲି କହି ଦେଇ ମୋ କାନ୍ଧରେ ସବାର ହୋଇଥିବା ବେତାଳର ବୋଝକୁ ହାଲ୍‌କା କରିପାରୁଛି ।

ଶୁଣିଛି ବହୁ ଅପ୍ରକାଶ୍ୟ ପାପର ବୋଝ ଘାଣ୍ଟିଛି ବହୁ ଲୋକଙ୍କୁ ମରଣ ଶଯ୍ୟାରେ । ସାରାଜୀବନ ହରିନାମ ସଂକୀର୍ତ୍ତନରେ ବିତାଇଥିବା ଆମ ଗାଆଁର ପଞ୍ଚୁ ସାମଲର ପ୍ରାଣ ତା' ଶରୀରକୁ ଛାଡ଼ି ନ ଥିଲା ବହୁଦିନଯାଏ । ମୃତ୍ୟୁ ଆସନ୍ନ ଜାଣି ପରିବାର ଲୋକେ ଗୋ', ଭୂମି, ଅନ୍ନ, ବସ୍ତ୍ର ଇତ୍ୟାଦି ଦାନ କରି ସାରିଥିଲେ । ଏପରିକି ଧୋବା ଡକାଇ ବାଡ଼ିରେ ଥିବା କରଞ୍ଜ ଓ କାଚଣ୍ଡା ଗଛର ଡାଳ କଟାଇ, କାଳେ ହୁଏତ ବର୍ଷାଦିନ ବୋଲି ଜୁଇ ଠିକ

Digitized by PPRACHIN, SOA

ଜଳିବନି ବୋଲି ସେ କାଠକୁ ଶୁଖାଇ ରଖିଥିଲେ। ମାତ୍ର ମୃତ୍ୟୁର ସମୟକୁ ନେଇ ସମସ୍ତଙ୍କର ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରି ସେ ବଞ୍ଚି ରହିଥିଲେ। ବିଛଣାରେ ପଡ଼ି ପଡ଼ି ତାଙ୍କ ପିଠିର ଚମଡ଼ା ଉତୁରି ଯାଇଥିଲେ ମଧ ତାଙ୍କ ପ୍ରାଣପକ୍ଷୀ ଛାଡୁ ନଥିଲା ଶରୀର। ଅନୁମାନଠୁ ତାଙ୍କ ମୃତ୍ୟୁ ଅପେକ୍ଷାର ଆୟୁଷ ଦୀର୍ଘତର ହେଉଥିବାରୁ ସମସ୍ତେ ଭିତରେ ଭିତରେ ବ୍ୟସ୍ତ ହୋଇ ପଡୁଥିଲେ। ଗାଆଁ ଜ୍ୟୋତିଷଙ୍କ ପାଖରେ ତାଙ୍କ ଜାତକ ବିଚାର କଲାରୁ ଜଣାପଡ଼ିଲା ଯେ, ସେ ତାଙ୍କର ସଂପୂର୍ଣ୍ଣ ଆୟୁଷ ଜିଇଁ ସାରିଲେଣି। କିଛି ଗୋଟେ ହୁଏତ ଗୋପନୀୟ ପାପ ରହିଯାଇଛି, ଯାହା ପ୍ରକାଶ ନ କଲା ଯାଏ ପ୍ରାଣପକ୍ଷୀ ଛାଡୁନି ଶରୀର।

ସମସ୍ତେ ବିସ୍ମୟ ହୋଇ ଜ୍ୟୋତିଷଙ୍କ ଗଣନା ଉପରେ ସନ୍ଦେହ ପ୍ରକଟ କଲେ। ଜୀବନସାରା ହରିନାମ ସଂକୀର୍ତ୍ତନ କରି କଟାଇଥିବା ଲୋକଟିର ଜୀବନ ତ ଏକ ଖୋଲା ବହି, ସେଠି ଆଉ କେଉଁଠି ରହିଲା ଅପ୍ରକାଶ୍ୟ ପାପର ପାପବୋଧ? ଆପାତତଃ ଅନ୍ୟମାନଙ୍କଠାରୁ ବିଜ୍ଞ ଥିବା ତାଙ୍କର ଜଣେ ପୁଅ କହିଲା– ଆମେ ହୁଏତ ବାପାଙ୍କର ଆଲୋକିତ ଦିଗଟିକୁ ଦେଖିଥିବା, ସେଥିପାଇଁ ଏ କଥା ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି। ପ୍ରତ୍ୟେକ ମଣିଷ ଜୀବନରେ କିଛି ବ୍ୟକ୍ତିଗତ ଗୋପନୀୟତା ଥାଏ। ଆମେ ଥରେ ତାଙ୍କୁ ପଚାରିଦେଲେ କ୍ଷତି କ'ଣ?

ସମସ୍ତଙ୍କ ନିଷ୍ପତ୍ତି ଅନୁଯାୟୀ ତାଙ୍କ ବଡ଼ପୁଅ ଶଯ୍ୟା ଧାରରେ ଯାଇ ଠିଆ ହୋଇ ପଚାରିଲେ– ବାପା! ଆଉ କାହାକୁ କିଛି କହିବାର ଥିଲା କି?

ଅତି କଷ୍ଟରେ ଆଖି ଖୋଲି ସେ ଚାହିଁଲେ ପୁଅ ଆଡ଼େ। କିଛି ସମୟ ଅପଲକ ନୟନରେ ଚାହିଁଲେ ଶୂନ୍ୟକୁ। ବୋଧହୁଏ ସେହି ଚାହିଁବା ଭିତରେ ସେ ଶକ୍ତି ସଞ୍ଚୟ କରୁଥିଲେ ଗୋପନୀୟ ପାପର ରହସ୍ୟ ଉନ୍ମୋଚନ କରିବାକୁ। ଶେଷକୁ ଗୋଟେ ଗମ୍ଭୀର ଭିତରୁ ଉଠୁଥିବା ସ୍ୱରରେ ସେ କହିଲେ– ମୋର ଆଜୀବନ ହରିନାମ ସଂକୀର୍ତ୍ତନର ପୁଣ୍ୟ ଯଥେଷ୍ଟ ହେଉନି ଗୋଟିଏ ପାପକୁ ଧୋଇବାକୁ। ମୁଁ ଜାଣିସାରିଲି ସେ ପାପଟିକୁ ପ୍ରକାଶ ନ କଲା ଯାଏଁ ଏ ପିଣ୍ଡରୁ ପ୍ରାଣ ଯିବନି।

ପାପ! ଆପଣ କି ପାପ କରିଥିବେ ବାପା? ଏହା ଆପଣଙ୍କ ମନର ଭ୍ରମ ହୋଇପାରେ।

ନା– ଭ୍ରମ ନୁହେଁ ସତ୍ୟ। ମୁଁ ଗୋମାତା ହରଣ କରିଥିବା ଏକ ବିରାଟ ପାପୀ।

ସେଠାରେ ଉପସ୍ଥିତ ଥିବା ସମସ୍ତ ଆତ୍ମୀୟସ୍ୱଜନ କେବଳ ବିସ୍ମୟ ବିସ୍ଫାରିତ ନେତ୍ରରେ ପରସ୍ପରକୁ ଚାହିଁଥିଲେ, ମାତ୍ର କେହି ସେ ପାପକୁ ପୁନଃ ଉଚ୍ଚାରଣ କରି ନ ଥିଲେ। କେହ

Digitized by PPRACHIN, SOA

କାହାରିକୁ କିଛି କହି ନ ପାରି ଗୋଟି ଗୋଟି ହୋଇ ସେ ସ୍ଥାନ ଛାଡ଼ି ବାହାରି ଆସିଲେ। ଯେମିତି ଆକାଶ ଛିଡ଼ି ପଡ଼ିଛି ମୁଣ୍ଡରେ ସେମିତି ଥିଲା ସମସ୍ତଙ୍କର ମୁହଁ। ସେ ଘଟଣାର ଘଣ୍ଟାଏ ନ ପୂରୁଣୁ ଘରର ସାନବୋହୂର କାନ୍ଦଣାର ଲହରୀ ସୂଚାଇ ଦେଲା ଯେ ବୁଢ଼ାଙ୍କ ପିଣ୍ଡରୁ ପ୍ରାଣ ବିଦାୟ ନେଲା ବୋଲି।

ଏମିତି ବହୁ କଥା ଶୁଣି ଶୁଣି ମୋ ଭିତରେ ଗୋଟେ ଭୟ ଆସେ ଯେ ମୁଁ ଖେଳିଥିବା ସେହି ମିଛର ଖେଳଟି କ'ଣ ଏମିତି ଏକ ପାପର ସଂଜ୍ଞା ନେଇ ଠିଆ ହେବ ମୋ ମୃତ୍ୟୁଶଯ୍ୟାରେ? ପର ମୁହୂର୍ତ୍ତରେ ପୁଣି ଭାବେ, ଏଇଟା କାହିଁକି ପାପ ହେବ? ଘଟଣାଟି ପାଇଁ ମୁଁ ଯେ ଦୁଃଖ ଓ ଅନୁତାପ ନ କରିଛି ବା ନ କରୁଛି ସେ କଥା ନୁହଁ, ମାତ୍ର ଯାହା ଘଟିଯାଇଛି ତାହାକୁ ସଂଶୋଧନ କରିବା ମୋ ସାଧ୍ୟ ବାହାରେ। ମୋତେ କ'ଣ ଜଣା ଥିଲା ଯେ ସେ ଘଟଣାର ପରିଣତି ଏତେ ବାଟକୁ ଆସିବ ବୋଲି।

ମୁଁ ସେ ବର୍ଷ ନୂଆ କରି କଲେଜ ଯାଇଥାଏ। ମୋର ମ୍ୟାଟ୍ରିକ୍ ପାସ୍ କରିବାଟା କେବଳ ଆମ ପରିବାର କାହିଁକି ଆମ ଅଞ୍ଚଳ ପାଇଁ ଥିଲା ପ୍ରଥମ। ଖୁସିରେ ଘରେ କାହାରି ଗୋଡ଼ ତଳେ ଲାଗୁ ନ ଥାଏ। ମୁଁ ଯେଉଁଦିନ କଟକରେ ପଢ଼ିବା ପାଇଁ ଘରୁ ଗୋଡ଼ କାଢ଼ିଲି, କଲିକତାରେ ଥିବା ମୋର ଦାଦା ଉପହାର ସ୍ୱରୂପ ଦେଇଥିଲେ ଗୋଟେ ଛୋଟ ବାକ୍ସ ପରି ଦେଖାଯାଉଥିବା ଆଇସୋଲି କ୍ୟାମେରା। ମୋର ମ୍ୟାଟ୍ରିକ୍ ପାସ୍‌କରିବା ଖୁସିଠାରୁ ସେଭଳି ଏକ କ୍ୟାମେରାର ଅଧିକାରୀ ହୋଇ ମୁଁ ଥିଲି ଗର୍ବିତ। ଆଜିକାଲିର କ୍ୟାମେରା ପରି ସେଥିରେ ରଙ୍ଗିନ ଫଟୋ ଉଠୁ ନ ଥିଲା ସତ, ମାତ୍ର ସେ ସମୟ ପାଇଁ ତାହା ଥିଲା ପ୍ରଗତିସୂଚକ। ଯଦିଓ ମୁଁ ଗ୍ରାମାଞ୍ଚଳରୁ ଯାଇଥିଲି, ମାତ୍ର ଏକ ମୂଲ୍ୟବାନ୍ ଫଟୋଉଠା ଯନ୍ତ୍ରର ଅଧିକାରୀ ଥିବାରୁ ସହରର ପିଲାଙ୍କ ପାଖରେ ମୁଁ କେବଳ ଈର୍ଷାର ପାତ୍ର ନ ଥିଲି, ବରଂ ମୋ ସାଙ୍ଗରେ ବନ୍ଧୁତ୍ୱ ବାନ୍ଧିବାକୁ ସେମାନଙ୍କ ଭିତରେ ଥିବା ପ୍ରବଳ ପ୍ରତିଯୋଗିତାର କାରଣ ଥିଲି। ଫଟୋ ଉଠା ଶିଖିବାର ପ୍ରବଳ ସଉକ ରଖୁଥିବା ଅମରେନ୍ଦ୍ର ସେହି କ୍ୟାମେରା ଦେଖିବା, ଧରିବା ଓ ସେଥିରେ ଫଟୋ ଉଠାଇବା ପାଇଁ ଖାସ୍ ମୋ ସହ ବନ୍ଧୁତ୍ୱ କରିଥିଲା।

ଅମରେନ୍ଦ୍ର ଫଟୋ ଉଠା ଶିଖିବା ପାଇଁ ମୋ କ୍ୟାମେରା ପାଇଁ ମୋ ସହ ଯୋଡ଼ିଥିବା ବନ୍ଧୁତ୍ୱ ଧୀରେ ଧୀରେ ଆମ ଉଭୟଙ୍କର ଅସଲ ବନ୍ଧୁତ୍ୱରେ ପରିଣତ ହୋଇ ଯାଇଥିଲା। ମୁଁ ଖରାଦିନେ ଛୁଟିରେ ଯେତେବେଳେ ଗାଆଁକୁ ବାହାରିଲି ଆସିବା ପାଇଁ, ଅମରେନ୍ଦ୍ର ମୋତେ ପଚାରିଲା– ମୋର ଗୋଟେ ଗାଆଁ ଦେଖିବାର ସଉକ ଅଛି, ମୋତେ ନେବୁ ତୋ ସାଙ୍ଗରେ?

Digitized by PPRACHIN, SOA

ମୁଁ ତାକୁ ଆନନ୍ଦରେ ଚାହିଁ କହିଥିଲି– ତୁ ମୋ ସାଙ୍ଗରେ ଆମ ଗାଆଁକୁ ଗଲେ ମୁଁ ତ ବହୁତ ଖୁସି ହେବି । ମୋ ଛୁଟି ତ ମଜାରେ କଟିବ । ହେଲେ ତୁ ଆଜୀବନ ସହରରେ ବଢ଼ିଆସିଥିବା ପିଲା, ଆମ ଗାଆଁ କ'ଣ ତୋତେ ଭଲ ଲାଗିବ ?

ଆରେ ମୁଁ ଗାଆଁକୁ ଭଲ ପାଏ ବୋଲି ତ ତୋ ସହିତ ଯିବାକୁ ଭାବିଛି । ତୁ କେବଳ ହଁ କହିଲେ ମୁଁ ପ୍ରସ୍ତୁତ ହୋଇଯିବି ।

ମୁଁ ନା କହିବି ବୋଲି ତୁ କାହିଁକି ଭାବୁଛୁ ? ବାହାର, ଯିବା ।

ହଁ, ଯିବା ପୂର୍ବରୁ ମୋର ଆଉ ଗୋଟିଏ କଥା । କ୍ୟାମେରା ତୋର, ମୁଁ ସେଥିରେ ଗୋଟିଏ ରିଲ୍ ଭର୍ତ୍ତି କରି କିଛି ଗାଆଁର ଫଟୋ ଉଠାଇବି ।

ଇଏତ ଆହୁରି ଭଲ କଥା, ଏଥିରେ ମୋର ଅରାଜି ହେବାର କ'ଣ ଅଛି ?

ଅମରେନ୍ଦ୍ର ମୋ ସହ ଆସିଲା । ମୁଁ ଘରକୁ ଆଗରୁ ଖବର ପଠାଇଥିଲି । ଆମେ ଆମ ଗାଆଁ ଠାରୁ ଦୁଇକୋଶ ଦୂରରେ ଥିବା ବସ୍‌ଷ୍ଟାଣ୍ଡରେ ଓହ୍ଲାଇବା ବେଳକୁ ଆମ ଘରର ହଳିଆ ବେଡ଼ା ଅପେକ୍ଷା କରିଥିଲା ବସ୍ ଷ୍ଟାଣ୍ଡରେ । ଆମେ ଆମର ଜିନିଷ ପତ୍ର ଶଗଡ଼ରେ ଲଦି ଗାଆଁରେ ପହଞ୍ଚିଲା ବେଳକୁ ବେଳ ରତ ରତ ।

ଯେହେତୁ ଆମ ଘର ଲୋକେ ଆଗରୁ ଜାଣିଥିଲେ ମୋ ସହ ଏକ ସହରୀ ସାଙ୍ଗ ଆସୁଛି ବୋଲି, ତା'ର ରହିବାର ଯେମିତି କୌଣସି ଅସୁବିଧା ନ ହୁଏ, ତାକୁ ଧ୍ୟାନ ଦେଇ ସମସ୍ତ ପ୍ରସ୍ତୁତି କରିଥିଲେ । ଆମ ହଳିଆ ବେଡ଼ାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆ ଯାଇଥିଲା, ଆମେ ଯେତେଦିନ ରହିବୁ ଆମର ସ୍ୱତନ୍ତ୍ର ଆଜ୍ଞାବହ ହିସାବରେ ସେ ରହିବ ।

ବେଡ଼ା ବି ତା' କାର୍ଯ୍ୟରେ ସାମାନ୍ୟ ତ୍ରୁଟି କରି ନ ଥିଲା । ଆମ ମୁହଁରୁ ଫରମାସ୍ ଜାରି ହେଉ ହେଉ ସେ ତାକୁ ପୂରଣ କରୁଥିଲା । କେବଳ ଆମର ଫରମାସ୍ ନୁହଁ, ଆମ ମନକୁ ଚାହିଁ, ଆମ ରୁଚିକୁ ଧ୍ୟାନରେ ରଖି ସେ ବି କେତେଗୁଡ଼ିଏ ଜିନିଷ ମନକୁ ମନ କରି ଆମକୁ ଖୁସି କରୁଥିଲା । ଯେମିତି ଆମର ପୋଖରୀ ହୁଡ଼ାରୁ ପଇଡ଼ ତୋଳି ପିଆଇବା, ତାଳ ସଜ କାଟି ଖୁଆଇବା, ପାଳରୁ ତରଭୁଜ ଓ ଫୁଟିକାକୁଡ଼ି ଆଣି ଖୁଆଇବା, ଆମ ସୁଆଁପାଳ ତୋଟାର ଗଛରେ ବସା ବାନ୍ଧିଥିବା ମହୁମାଛିଙ୍କ ବସା ଭାଙ୍ଗି ମହୁ ଆଣି ଦେବା, ଆମ ସୁନ୍ଦରୀ ଆମ୍ବଗଛର ଶୀର୍ଷରେ ଥିବା ପାଚିଲା ଆମ୍ବକୁ ଅତି ଯତ୍ନରେ ତୋଳି ଗାମୁଛାରେ ବାନ୍ଧି ତଳକୁ ଆଣି ଦେବା, ପୋଖରୀରୁ ରୋହି, ଭାକୁଡ଼ ଧରି ଆମକୁ ଖୁଆଇବାର ବ୍ୟବସ୍ଥା କରିବା, କାଳେ ପୋଖରୀ ମାଛରେ ମନ ଭରିବ ନାହିଁ ବୋଲି ନଈରୁ ଚିଙ୍ଗୁଡ଼ି ଧରି ଖୁଆଇବା

Digitized by PPRACHIN, SOA

ଇତ୍ୟାଦି। ମୋଟାମୋଟି ଭାବରେ ଆମକୁ ଏକ ରାଜକୀୟ ସୌଖ୍ୟ ପ୍ରଦାନରେ ବେଡ଼ା ଥିଲା ତତ୍ପର।

ବେଡ଼ାର ଏ କରିତ୍‌କର୍ମା ଗୁଣ ଓ ଆମ ପ୍ରତି ତା'ର ଆଦର ଯତ୍ନରେ ବିମୋହିତ ହୋଇ ପଡ଼ିଥିଲା ଅମରେନ୍ଦ୍ର। ସେ ମୋତେ ପଚାରିଲା ଯାର ନାଆଁ ବେଡ଼ା କାହିଁକି ରଖାଯାଇଛି। ମୁଁ ଅଳ୍ପ ହସି କହିଲି– ଏଇଟା ତା'ର ଶ୍ରଦ୍ଧା ନାମ ବୋଧହୁଏ, ମାତ୍ର ତା' ଭଲ ନାଆଁଟା କ'ଣ ମୁଁ କହିପାରିବି ନାହିଁ। ଯାଙ୍କର ପରିବାର ବଂଶାନୁକ୍ରମିକ ଭାବେ ଆମ ଘରେ ହଳିଆ ରହି ଆସିଛନ୍ତି। ଇଏ କୁଆଡ଼େ ଜନ୍ମ ହେବା ପରେ ପରେ ତା' ବାପ ମରିଗଲା ବାତରୋଗରେ। ତା' ମାଆ ଆମ ଘରେ ପାଇଟି କରି ଯାକୁ ପୋଷିଥିଲା। ଛୋଟ ବେଳୁ ସେ ଆମ ଘରେ ରହି ଆସିଛି। ତା' ମାଆ କାମ କଲା ବେଳେ ଇଏ ତା' ପଛେ ପଛେ ବୁଲୁଥାଏ। ଆମ ଜେଜେ ଥରେ ତାକୁ ରାଗିକରି କହିଲେ– ହେ ବେଡ଼ା! ବସ୍ ଏଠି। ତୋ ମାଆ ତ କାମ କରୁଛି, ତୁ କାହିଁକି ବୁଲୁଛୁ ତା' ସାଥିରେ। ବାସ୍, ସେଇଠୁ ତା'ନାଆଁ ହୋଇଯାଇଛି ବେଡ଼ା।

ବେଡ଼ା ବି ଶୁଣୁଥିଲା ମୋ କଥା। ସେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା ତା' ନାଆଁର ଉତ୍ପତ୍ତି ସମ୍ବନ୍ଧରେ। ଆମ ରହଣିର ଦୁଇ ଚାରିଦିନ ପରେ ବେଡ଼ା ଗୋଟିଏ ପ୍ରସ୍ତାବ ଦେଲା– ସାନ ସାଆନ୍ତ, ଆଜି ପୂର୍ଣ୍ଣମୀ ଜହ୍ନରାତି। ତମେ ଓ ତମର ସାଙ୍ଗ ଯଦି ପାଳର ପଲାରେ ରହନ୍ତ, ବିଲର ଜହ୍ନରାତି ସାଙ୍ଗକୁ ମୁଁ ତମମାନଙ୍କୁ ଏକ ନୂଆ ପ୍ରକାରର ଶିକାର ଖୁଆନ୍ତି।

ଶିକାର! ଆମେ ଉଭୟ ତାକୁ ବିସ୍ମୟ ହୋଇ ପଚାରିଲୁ। ହଁ – ମୁଁ ତମକୁ ହରିଣ କି କୁଟୁରା ଶିକାର ଖୋଇବି ବୋଲି କହୁନି।

ଆମ ଗାଆଁ କ'ଣ ପାହାଡ଼ କି ଜଙ୍ଗଲ ଅଞ୍ଚଳ ହୋଇଛି ଯେ ତୁ ଆମକୁ ହରିଣ କି କୁଟୁରା ଶିକାର ଖୋଇବୁ ବୋଲି ଆମେ ଭାବିବୁ। ତେବେ ତୁ କି ଶିକାର ଖୋଇବୁ ଶୁଣୁ?

ପକ୍ଷୀ, ପକ୍ଷୀ ଶିକାର।

କ'ଣ କୁକୁଡ଼ା?

ନା– କୁକୁଡ଼ା ନୁହଁ, ସେ ଅଲଗା ପକ୍ଷୀ। ତା'ର ପାକ ମଧ୍ୟ ଅଲଗା ହେବ। ତମେ ଥରେ ଖାଇଲେ ବଳେ ଜାଣିବ। ଆଗ ରହିବ କି ନାହିଁ ଆଜି ରାତିରେ ସେଠି ସେକଥା କୁହ? ତମ ରହିବା କଥା ଜାଣିଲେ ମୁଁ ସେ ପକ୍ଷୀ ମାରିବାର ବ୍ୟବସ୍ଥା ସହ ତା'ର ସ୍ୱତନ୍ତ୍ର ପାକପାଇଁ ବ୍ୟବସ୍ଥା କରିବି।

ମୁଁ ଓ ଅମରେନ୍ଦ୍ର ଏଥିରେ ଅରାଜି ହେବାର କିଛି ନ ଥିଲା। ଆମେ ହଁ ଭରିବାରୁ ବେଡ଼ା ଲାଗିଗଲା ତା'ର ପ୍ରସ୍ତୁତିରେ। ସେ ପ୍ରଥମେ ଯାଇ ଆମ ବାଡ଼ି ବାଉଁଶବୁଦାରୁ ଗୋଟେ

Digitized by PPRACHIN, SOA

ଢୋଲା ବାଉଁଶ କାଟିଲା। ତାକୁ ସାଇଜ୍ କରି ଗୋଟିଏ ପଟେ ଗଣ୍ଠି ରଖି ଆର ପଟର ଗଣ୍ଠିତଳୁ କାଟି ସାଇଜ୍ କଲା। ଆମ ଘରେ ଥିବା ପୁରୁଣା ଛିଣ୍ଡା ଜାଲକୁ ନେଲା। କଦଳୀପତ୍ର କାଟିଲା। ମସଲାରେ ପିଆଜ, ରସୁଣ, ଅଦା, ଘଣା ସୋରିଷ ତେଲ ଓ ଲଙ୍କା ନେଲା। ତା'ର ପ୍ରସ୍ତୁତି ଦେଖି ସେ କ'ଣ ଶିକାର କରିବ ଓ ଆମକୁ କ'ଣ ରାନ୍ଧି ଖୁଆଇବ ଆମେ ଜାଣିପାରୁ ନ ଥିଲେ ମଧ୍ୟ ଭାବୁଥିଲୁ ଯେ ସେ ଆମକୁ ଏକ ବିଶେଷ ଧରଣର ଖାଦ୍ୟ ଖୁଆଇବ। ତା'ର ଶିକାର ଅଭିଯାନର ସମସ୍ତ ପ୍ରସ୍ତୁତି ସରିଗଲା ପରେ ସେ ଆମକୁ କହିଲା– ମୁଁ ଚାଲିଲି ପାଳକୁ। ସଞ୍ଜ ଗଡ଼ିଲା ପରେ ତମେ ପଳାଇ ଆସିବ ସାଆନ୍ତେ।

ସଞ୍ଜ ଗଡୁ ଗଡୁ ଆମେ ବି ବେଡ଼ାର ନିର୍ଦ୍ଦେଶ ଅନୁଯାୟୀ ହାଜର ହୋଇଗଲୁ ଯାଇ ପାଳରେ। ତୋଫା ଜହ୍ନ ରାତି ସାଙ୍ଗକୁ ଗ୍ରୀଷ୍ମ ସନ୍ଧ୍ୟାର ମତୁଆଲା ପବନ ଦେହରେ ଚନ୍ଦନ ଲେପିବା ପରି ଲାଗୁଥାଏ। ଖୁବ୍ ପରିଷ୍କାର ଭାବେ ପଲ୍ଲା ଭିତର ଓ ତା'ର ବାହାର ଅଗଣା ଲିପା ଯାଇଥାଏ ଗୋବରରେ। ଯେହେତୁ ବେଡ଼ା ପାଇଁ ଆମେ ଦୁଇଜଣ ଥିଲୁ ମହାମାନ୍ୟ ଅତିଥି, ଆମମାନଙ୍କର ଆରାମ ପାଇଁ ସେ ଘରୁ ନେଇ ଯାଇଥିଲା ଦୁଇଟି ଖଟିଆ। ଆମେ ଖଟିଆ ଉପରେ ଗଡ଼ି ପଡ଼ି ଚାହିଁଲୁ ଆକାଶ ଆଡ଼େ। ଆକାଶରେ ବିଞ୍ଚି ହୋଇଥିଲେ ତାରା। ପବନରେ ଭାସି ଆସୁଥିଲା ମୃଦୁ ମୃଦୁ ମହକ। ଏମିତି ଏକ ପରିବେଶରେ ଭାବବିହ୍ୱଳ ହୋଇଯାଇ ଅମରେନ୍ଦ୍ର କହିଲା– କେଉଁ ସହରୀ ଲୋକର ଭାଗ୍ୟରେ ଜୁଟିଥିବ ଏମିତି ଏକ ପରିବେଶ ନା ଏମିତି ଏକ ମୁହୂର୍ତ୍ତ। ସେ ଦୃଷ୍ଟିରୁ ମୁଁ ଆଜି ନିଜକୁ ଭାଗ୍ୟବାନ୍ ମନେ କରୁଛି।

କ'ଣ ଏ ପରିବେଶରେ କବି ହେବାକୁ ମନ ଡାକିଲାଣି କି ? ସେ କବି ହେବା କଥା ପଛକୁ ରଖ– ଶିକାର ଖୋଇବ କହି ବେଡ଼ା କୁଆଡ଼େ ଗଲାଣି ଦେଖ।

କୁଆଡ଼େ ଆଉ ଯାଇଥିବ– ଶିକାର ସନ୍ଧାନରେ ଥିବ। ଆମ ପାଟିରୁ କଥା ସରିଛି କି ନାହିଁ ବେଡ଼ା ଆସି ହାଜର ହୋଇଗଲା। ତା'ମୁହଁରେ ଥିଲା ଏକ ତୃପ୍ତିର ହସ। ତାକୁ ଦେଖି ଆମେ ପଚାରିଲୁ, କ'ଣ ଶିକାର ମିଳିଲା ?

ହାତରେ ଝୁଲାଇଥିବା ଏକ ମୁଣିକୁ ଦେଖାଇ ବେଡ଼ା କହିଲା– 'ବେଡ଼ା କହିଥିଲା ତମମାନଙ୍କୁ ଏକ ନୂଆ ଜିନିଷ ଖୋଇବ। ସେ ଖୋଜିବ, ମିଳିବ ନାହିଁ କେମିତି ?'

ସେ ମୁଣା ଭିତରେ କ'ଣ ବୋଲି ଆମେ ତାକୁ ଆଗ୍ରହରେ ପଚାରିଲୁ।

ଧୀରେ କରି ମୁଣା ଭିତରେ ହାତ ପୂରାଇ ସେ ବାହାର କଲା ଗୋଟେ ଚଢ଼େଇ। ଚଢ଼େଇଟି ଚିଁ-ଚିଁ କରୁଥିଲା।

Digitized by PPRACHIN, SOA

ଆରେ ଏଇଟା କି ଚଢ଼େଇ ତୁ ଅମକୁ ଖୋଇବୁ? ଘିଘିଡ଼ି... ଘିଘିଡ଼ି ଚଢ଼େଇ। ଥରେ ଯାକୁ ଖାଇଲେ ତମେ ଜୀବନସାରା ମନେ ରଖିବ ଏ ବେଡ଼ାକୁ। ତମେ ବସ, ମୁଁ ଏହାକୁ ପ୍ରସ୍ତୁତ କରେ।

ଗୋଟି ଗୋଟି କରି କୋଡ଼ିଏ ପଚିଶଟି ଚଢ଼େଇଙ୍କୁ ଡ୍ରେସିଂ କଲା। ତା'ଭିତରେ ବାଟି କରି ଆଣିଥିବା ମସଲା ଦେଇ ତାକୁ ପୂରାଇଲା ଢୋଲା ବାଉଁଶନଳୀ ଭିତରେ। ଚଢେଇଙ୍କୁ ଭର୍ତ୍ତି କରିସାରି ତେଲ ଢାଳିଲା ନଳୀ ଭିତରେ। ତେଲ ଦେଇସାରି କଦଳୀ ପତ୍ରରେ ନଳୀର ମୁହଁକୁ ବନ୍ଦ କରି କଦଳୀ ପଟୁଆରେ ବାନ୍ଧିଲା। ଗୋଟି ଗୋଟି କରି ପାଞ୍ଚଟି ନଳୀ ତିଆରି କରି ସାରି କାଠରେ ନିଆଁ ଲଗାଇଲା। ନିଆଁ ଜଳିବା ପରେ ବାଉଁଶନଳୀ ସବୁ ତା' ଭିତରେ ଥୋଇଲା। ଆମେ କେବଳ କୌତୂହଳୀ ହୋଇ ଦେଖୁଥିଲୁ ବେଡ଼ାକୁ ଓ ତା'ର ରୋଷେଇ ପ୍ରଣାଳୀକୁ।

ଦିକି ଦିକି ରଡ଼ ନିଆଁରେ ବାଉଁଶନଳୀଗୁଡ଼ିକୁ ଏପଟ ସେପଟ କରି ଖୁବ୍ ଯତ୍ନରେ ସେକୁଥାଏ ସେ। ଭିତରେ ଥିବା ତେଲ ବାଉଁଶନଳୀ ଭେଦି ଉପରକୁ ଆସି ଖୁବ୍ ତେଲାଳିଆ ଦେଖାଯାଉଥିଲା।

ରଡ଼ ନିଆଁରୁ ନଳୀଗୁଡ଼ିକ କାଢ଼ି ଯତ୍ନରେ ରଖିସାରି ରୁଟି ସେକିବା ଆରମ୍ଭ କଲା। ତିନି ତିନି ପଟ ରୁଟି କଦଳୀପତ୍ରରେ ରଖିଦେଇ ନଳୀଟିକୁ ରଖିଦେଲା ପାଖରେ। ଆମ ଆଡ଼କୁ ଆଗ୍ରହ ସହକାରେ ଚାହିଁ କହିଲା– ଏବେ ଆରମ୍ଭ ହେଉ। ଆମେ ଯେମିତି ଅପେକ୍ଷା କରିଥିଲୁ ତା' ଆଦେଶକୁ। ସେ କହିବା କ୍ଷଣି ବସିଗଲୁ ପତ୍ର ପାଖରେ। ପତ୍ର ପାଖରେ ବସିଗଲୁ ସିନା ହେଲେ କେହି ଖୋଲୁ ନ ଥିଲୁ ଭାନୁମତୀ ପେଡ଼ି ପରି କଡ଼ରେ ରଖା ଯାଇଥିବା ନଳୀକୁ। ଆମର ମନୋଭାବ ବୁଝିପାରି ବେଡ଼ା ନଳୀକୁ ଖୋଲି ଦେଇ ଓଜାଡ଼ି ଦେଲା ପତ୍ର ଉପରେ। ମସଲାଯୁକ୍ତ ଏକ ମଧୁର ବାସ୍ନା ଖେଳାଇ ହୋଇଗଲା ଚାରିଆଡ଼େ। ଲୋଭ ସମ୍ଭାଳି ନ ପାରି ଆମେ ଗୋଟିଏ ଗୋଟିଏ ଉଠାଇ ଖାଇଲୁ। କି ଅପୂର୍ବ ସ୍ୱାଦ! ଜୀବନରେ ସେ ପର୍ଯ୍ୟନ୍ତ ଖାଇଥିବା ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରୁ ତାହା ଥିଲା ଅନ୍ୟତମ। ଏପରି ଏକ ଖାଦ୍ୟ ଆମକୁ ଖୁଆଇଥିବାରୁ ଆମେ ସ୍ୱତଃ କୃତଜ୍ଞ ହୋଇପଡ଼ିଥିଲୁ ବେଡ଼ାର ରୋଷେଇ ନିକଟରେ। ତା'ର ସେ ବ୍ୟଞ୍ଜନ ପାଇଁ ବିଲରେ ଆମର ରାତ୍ରି ଯାପନ ସଫଳ ହୋଇଥିଲା ବୋଲି କହିବାରେ ଆମର ସାମାନ୍ୟ କୁଣ୍ଠା ନ ଥିଲା।

ଆମର ଗାଆଁରେ ରହଣି ଦିନତକ ଅମରେନ୍ଦ୍ର ମୋ କ୍ୟାମେରାରେ ଭରିଥିବା ତା' ଫଟୋ ରିଲ୍‌ଟିରେ ଉଠାଇ ଚାଲିଥିଲା ତା' ରୁଚି ମୁତାବକ ଫଟୋ। ଗାଆଁର ସୂର୍ଯ୍ୟୋଦୟ ଓ

Digitized by PPRACHIN, SOA

ସୂର୍ଯ୍ୟାସ୍ତ, ଗୋଠ ଫେରନ୍ତା ଗାଈପଲ, ପୋଖରୀ ତୁଠର ଗାଧୁଆ ଦୃଶ୍ୟ, ନଈର ମାଛମରା ଓ ଆମ ଘରର ପ୍ରାୟ ପ୍ରତ୍ୟେକ ସଦସ୍ୟଙ୍କ ଫଟୋ ସହ ସମସ୍ତଙ୍କର ଗ୍ରୁପ୍ ଫଟୋ। ତା' ଫଟୋ ଉଠାର ସଉକ ଓ କାର୍ଯ୍ୟରେ ଓତପ୍ରୋତ ଭାବେ ସାମିଲ୍ ଥିଲା ବେଡ଼ା। ମୁଁ ଥରେ ଅମରେନ୍ଦ୍ରକୁ ପଚାରିଲି, ତୋ ଫଟୋ ଗ୍ୟାଲେରୀ ପାଇଁ ଫଟୋ ଉଠା ସରିଲା ତ? ସେ କହିଲା ଫଟୋ ଉଠା ତ ସରି ନାହିଁ ହେଲେ ରିଲ୍ ସରିଗଲାଣି। ଆଉ ମାତ୍ର ଗୋଟିଏ ଫଟୋ ଉଠାଯାଇପାରିବ, ହେଲେ ସେ ଗୋଟିକୁ ମୁଁ ସାଇତି ରଖିଛି ଗୋଟେ ବିଶେଷ ଫଟୋ ପାଇଁ।

ବିଶେଷ ଫଟୋ! କ'ଣ ସେଇଟା?

ବଳେ ଫଟୋ ଉଠାହୋଇ ଧୁଆ ହେଲେ ତୁ ଦେଖିବୁନି କି! ତଥାପି ଟିକେ ଆଗରୁ କହିଥା।

ନା– ଆଗରୁ କହିଦେଲେ ମୁଁ ତୋତେ ଯେଉଁ ସରପ୍ରାଇଜ୍ ଦେବି ବୋଲି ଭାବିଛି, ତାହା ହୋଇପାରିବ ନାହିଁ।

ହଉ, ତୁ କ'ଣ ସରପ୍ରାଇଜ୍ ଦେବୁ ମୁଁ ଦେଖିବାକୁ ଅପେକ୍ଷା କଲି।

ଦିନେ ସକାଳୁ ମୁଁ ଓ ଅମରେନ୍ଦ୍ର ଆମ ବାରଣ୍ଡାରେ ବସିଛୁ, ବେଡ଼ା ଆସି ଠିଆ ହେଲା ବାରଣ୍ଡା ତଳେ। ତା'ର କିଛି କହିବା କହିବା ମନୋଭାବକୁ ଲକ୍ଷ୍ୟକରି ମୁଁ ପଚାରିଲି– ଆଜି କ'ଣ କିଛି ବିଶେଷ ଆୟୋଜନ କରିବାକୁ ଅଛି କି?

ଯାହା କହିବେ, ତାହା କରିଦେବି। କହୁ ନାହାନ୍ତି କ'ଣ ଖାଇବେ ବୋଲି?

ନାଇଁ - ନାଇଁ, ମୁଁ ଜାଣେ ତୁ ପାରିବୁ ବୋଲି। ଆଜି ଆଉ କିଛି ଖାଇବା ପିଇବାରେ ମନ ନାହିଁ।

ମୋର ଗୋଟେ ଗୁହାରି ଥିଲା ବାବୁ!

ଗୁହାରି। କ'ଣ କହୁନୁ?

କହିଲେ ରଖିବେ ତ ସାଆନ୍ତ?

ଆରେ, କ'ଣ କହିବାର ଅଛି କହ?

କ'ଣ କି– ମୋ ବୋଉର ଗୋଟେ ଫଟୋ ଉଠାଇ ଦିଅନ୍ତନି ତମ କ୍ୟାମେରାରେ। ସବୁବେଳେ ବୋଉର ବାଧିକା ଲାଗି ରହିଛି, କିଏ ଜାଣେ କେତେବେଳେ କ'ଣ ଘଟିବ। ତା'ର ଫଟୋ ଥିଲେ ଅନ୍ତତଃ ତା' ଅନ୍ତେ ତାକୁ ଦେଖିପାରିବି।

Digitized by PPRACHIN, SOA

ମୁଁ ଚାହିଁଲି ଅମରେନ୍ଦ୍ର ଆଡ଼େ। ମୋ ମନୋଭାବକୁ ବୁଝିପାରି ଅମରେନ୍ଦ୍ର ଆଙ୍ଗୁଳିରେ ଇସାରା ଦେଲା, ଆଉ ମାତ୍ର ଗୋଟେ ଫଟୋ ପାଇଁ ରିଲ୍ ଅଛି। ମୁଁ ତାକୁ ଗୋଟେ ବିଶେଷ ଫଟୋ ପାଇଁ ରଖିଛି। ଯଦିଓ ମୁଁ ବୁଝି ପାରିଥିଲି ଅମରେନ୍ଦ୍ରର ମନୋଭାବ, ତଥାପି ବେଡ଼ାକୁ ଦୁଃଖିତ ନ କରିବା ପାଇଁ କହିଲି– ହଉ, ଦେଖିବା।

ଗୋଟିଏ କୃତକୃତ୍ୟ ଭାବ ନେଇ ବେଡ଼ା ଚାଲିଗଲା। ମୁଁ ଅମରେନ୍ଦ୍ରକୁ କହିଲି– ବେଡ଼ାର ଆଗ୍ରହକୁ ଭାଙ୍ଗିଦେବାଟା ଆମର ଠିକ୍ ହେବ ନାହିଁ। ସେଇ ଶେଷ ରିଲ୍‌ଟିରେ ତା' ମାଆର ଗୋଟେ ଫଟୋ ଉଠାଇ ଦେ'।

ମୋର ପ୍ରସ୍ତାବ ଶୁଣି ଚୁପ୍ ରହିଲା ଅମରେନ୍ଦ୍ର। ସେ ବୋଧେ ତୁଳନା କରୁଥିଲା ସେ ଚାହୁଁଥିବା ବିଶେଷ ଫଟୋ ଓ ବେଡ଼ାର ମାଆର ଫଟୋ ଭିତରେ। କିଛି ସମୟ ନୀରବ ରହି କହିଲା– କ୍ୟାମେରାରେ କେମିତି କ'ଣ ଫଟୋ ଉଠେ ସେ ବିଷୟରେ ବେଡ଼ା କ'ଣ କିଛି ଜାଣେ ?

ସେ କ'ଣ ଜାଣିଛି ଫଟୋ ଉଠା ବିଷୟରେ, କେବଳ ଦେଖି ଦେଖି ଜାଣୁଛି ଯେ କ୍ୟାମେରାରେ ଫଟୋ ଉଠାଯାଏ ବୋଲି।

ତା'ହେଲେ ଗୋଟେ କାମ କରାଯାଇପାରେ। ଆମେ ଫଟୋ ଉଠାର ସମସ୍ତ ପ୍ରସ୍ତୁତି କରିବା, ମାତ୍ର ଫଟୋ ଉଠାହେବା ବେଳକୁ କେବଳ ଫ୍ଲାଶ୍ ଲାଇଟ୍‌ଟାକୁ ଝକ୍ କରିଦେବା। ବେଡ଼ା ଜାଣିବ ତା' ବୋଉର ଫଟୋ ଉଠାଗଲା ବୋଲି। ଫଟୋ ଧୁଆ ହେବା ପାଇଁ କଟକରେ ଦିଆଯାଇଛି ବୋଲି ତାକୁ ଦୁଇ ଚାରିଥର କହିସାରିବା ପରେ ସତରେ ସେ କ'ଣ ଆଉ ମନରେ ରଖିଥିବ ତା' ବୋଉର ଫଟୋ କଥା। ସେ ଭୁଲିଯିବ, ଆମେ ମଧ୍ୟ ଭୁଲିଯିବା।

ତୋର ସେହି ବିଶେଷ ଫଟୋଟି ପାଇଁ କ'ଣ ଏତେ ମୋହ ଯେ, ଆମର ଏତେ ସେବା କରୁଥିବା ଲୋକଟିକୁ ଏମିତି ଠକେଇ ଦେବାକୁ କହୁଛୁ ?

ତୋତେ ଏକଥା କହିବାକୁ ମୋର ଦ୍ୱିଧା ନାହିଁ ଯେ– ମୁଁ ଯେଉଁ ବିଶେଷ ଫଟୋ କଥା କହୁଛି, ତାହା ହୁଏତ ମୋ ଜୀବନରେ ଏକ ବିଶେଷ ମାନ୍ୟତା ରଖିପାରେ। ତାହା ମୋର ଜୀବନ ଖୋଜିବାର ଫଟୋଗ୍ରାଫ୍ ମଧ୍ୟ ହୋଇପାରେ।

ହଉ, ତୁ ଯଦି ଭାବୁଛୁ ଏମିତି କଲେ ଠିକ୍ ହେବ ବୋଲି, ତେବେ କର। ତୋ'ର ସେହି ତଥାକଥିତ ବିଶେଷ ଫଟୋଟି ପାଇଁ ସଂରକ୍ଷିତ ଥିବା ରିଲ୍‌ଟି ଉପରେ ମୁଁ ଆଉ ବେଡ଼ା ପାଇଁ ହକ୍ ଜୁଟାଇବି ନାହିଁ।

Digitized by PPRACHIN, SOA

ତା'ହେଲେ ତୁ ବେଡ଼ାକୁ କହିଦେ– ସେ ତା'ମାଆକୁ ପ୍ରସ୍ତୁତ କରିବ, ଆମେ ଯିବା ତା' ଫଟୋ ଉଠାଇବା ପାଇଁ।

ବେଡ଼ା ଆମଠାରୁ ଖବର ପାଇ ତା' ମାଆକୁ ପ୍ରସ୍ତୁତ କଲା ଫଟୋ ଉଠାଇବା ପାଇଁ। କେଉଁ ପେଡ଼ିରେ ସାଇତା ହୋଇଥିବା ଗୋଟେ ଜରିଲଗା ଲାଲ୍ ଶାଢ଼ି, ଯାହା ସଂପୂର୍ଣ୍ଣ ଲୋଚା କୋଚା ହୋଇ ରହିଥିଲା ଗୋଟେ ଶୁଖିଲା କଦଳୀପତ୍ର ପରି। ତା' ସାଙ୍ଗକୁ ଗୋଟେ ବେଢଙ୍ଗିଆ ବ୍ଲାଉଜ୍, ଯାହାକୁ ଶାର୍ଟ କହିଲେ ମଧ୍ୟ ଚଳିବ, ତାକୁ ପିନ୍ଧାଇ ବସାଇଲା। ବ୍ୟାକ୍ ଗ୍ରାଉଣ୍ଡ୍‌ଟା ଟିକେ ଭଲ ଆସିବାକୁ ମୁଁ ପଛରେ ଗୋଟେ ସ୍କ୍ରିନ୍ ଦେବାକୁ କହିବାରୁ ସଙ୍ଗେ ସଙ୍ଗେ ବେଡ଼ା ତା'ର ଚେକ୍ ଲୁଙ୍ଗିଟିକୁ ଗୋଟିଏ ରଶିରେ ବାନ୍ଧି ପକାଇଲା। ଆପାତତଃ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ସରିବା ପରେ ବେଡ଼ା ତା' ବୋଉକୁ ବସାଇଲା ଗୋଟେ ଷ୍ଟୁଲ୍ ଉପରେ। ବସିବାକୁ ତାକୁ ଖୁବ୍ କଷ୍ଟ ହେଉଥିଲା ବୋଧେ, ହେଲେ ପୁଅର ବାଧରେ ବସିଲେ କିଛିକ୍ଷଣ। ବସିବା ଭିତରେ ପେଲୁଥାଏ ଦମା। ମୁଁ ତାଙ୍କୁ କହିଲି ଟିକିଏ ହସିବା ପାଇଁ। ସେ ତ ହସିପାରିଲେନି ଜମା, ମାତ୍ର ମୁହଁ ଓ ଓଠକୁ ଟିକେ ମାତ୍ର ହସିବା ପରି ବିସ୍ତାରିତ କଲେ। ବାସ୍ ମିଛିମିଛିକା ଫ୍ଲାସ୍ ଲାଇଟ୍ ଦେଇ ହୋଇଗଲା ଆମର ଫଟୋ ଉଠା।

ଗାଆଁରେ ଛୁଟି କଟାଇ ଆମେ ଦୁହେଁ ଫେରିଆସିଲୁ କଟକ। ଆମେ ଗାଆଁରୁ ଫେରିବାର ଅଳ୍ପଦିନ ପରେ ଖବର ପାଇଲି ବେଡ଼ାର ମାଆ ଚାଲିଗଲା ବୋଲି। ଖବରଟି ପାଇ ମୁଁ କିଛି ସମୟ ଗୁମ୍ ହୋଇ ଚିନ୍ତା କଲି– କିଛି ଭଲ ହେଲାନି, ବେଡ଼ା ଯେଉଁ ସ୍ମୃତିଟିକକ ସାଇତି ରଖିବା ପାଇଁ ଆମକୁ ଅନୁରୋଧ କରିଥିଲା ତା' ବୋଉର ଫଟୋଟିଏ ଉଠାଇ ଦେବା ପାଇଁ, ଆମେ ତ ତାକୁ ଠକିଲୁ ଠକିଲୁ, ଶେଷରେ ତା' ବୋଉ ବି ତାକୁ ଠକି ଦେଇ ଚାଲିଗଲା। ସେହି ମୁହୂର୍ତ୍ତରେ ଅମରେନ୍ଦ୍ର ଉପରେ ମୋର ଖୁବ୍ ରାଗ ହେଲା– କି ଗୋଟାଏ ବିଶେଷ ଫଟୋ ପାଇଁ ଏତେ ସ୍ୱାର୍ଥପର ହୋଇ ଗୋଟେ ମିଛ ଖେଳ ଖେଳିଲା ବେଡ଼ା ସହ ? ଆଉ କ'ଣ ବେଡ଼ାକୁ ସୁଯୋଗ ମିଳିବ ତା' ମାଆର ଫଟୋ ଉଠାଇବା ପାଇଁ ? ଛି-ଆମର ଏତେ ସେବା କରିଥିବା ଲୋକଟି ପାଇଁ ମାତ୍ର ଗୋଟିଏ ରିଲ୍ ସାରିପାରିଲା ନାହିଁ ?

ମନଟା ମୋର ଆଦୌ ଭଲ ଲାଗୁ ନ ଥିଲା। ମୁଁ କୁଆଡ଼େ ନ ବାହାରି ହଷ୍ଟେଲ୍‌ରେ ମୋ ରୁମ୍‌ରେ ବସି ରହିଥିଲି। ସନ୍ଧ୍ୟାବେଳକୁ ଆସିଲା ଅମରେନ୍ଦ୍ର। ମୁଁ ତାକୁ କିଛି କହିବା ପୂର୍ବରୁ ସେ ଆଗ୍ରହରେ ବାହାର କଲା ଷ୍ଟୁଡ଼ିଓରୁ ଧୋଇ କରି ଆଣିଥିବା ଫଟୋସବୁକୁ। ମୁଁ ସେସବୁ ଫଟୋକୁ ଦେଖିବାରେ ବିଶେଷ ଆଗ୍ରହ ପ୍ରକାଶ ନ କଲାରୁ ସେ ମୋତେ ପଚାରିଲା– କ'ଣ ହୋଇଛି କି ?

Digitized by PPRACHIN, SOA

ନା– କିଛି ନୁହଁ। ଆଚ୍ଛା, ସବୁ ଫଟୋ ତ ଦେଖାଇଲୁ ହେଲେ ତୋର ସେ ବିଶେଷ ଫଟୋଟି କାହିଁ ?

ଓଃ– ତୁ ସେଇଟା ଦେଖିବାକୁ ଚାହୁଁଛୁ ? ତେବେ ରହ କହି ନିଜ ଶାର୍ଟର ଦୁଇଟା ବଟନ୍ ଖୋଲି ବାହାର କଲା ଲଫାପାଟିଏ। ତା'ଭିତରୁ ବାହାର କଲା ସଯତ୍ନରେ ସାଇତା ଫଟୋଟିଏ। ଫଟୋଟି ମୋତେ ନ ଦେଖାଇ କେବଳ କହିଲା– ନୀରବତାର ଭାଷାରେ ଯେ ଏତେ କଥା କୁହାଯାଇପାରେ, ଏ ଝିଅଟିକୁ ନ ଦେଖିଥିଲେ ମୁଁ ଜାଣି ପାରି ନ ଥାନ୍ତି। ଏତେଥର ସାକ୍ଷାତ୍ ପରେ ବି ପଦେ କଥା ନ କହି କେବଳ ଚାହାଣିରେ ମୋତେ କିମିଆ କରିଥିବା ସେ ଅନିନ୍ଦ୍ୟ ସୁନ୍ଦରୀକୁ ଜୀବନସାଥୀ ରୂପରେ ଯିଏ ପାଇବ, ସେ ନିଶ୍ଚୟ ପରମ ସୌଭାଗ୍ୟବାନ୍ ହେବ।

ଦେଖା ତ ସେ ଫଟୋ– ତୁ ଯାହାକୁ ନେଇ ଏତେ ଭାବପ୍ରବଣ ଓ ସ୍ୱପ୍ନ ବିଳାସୀ ହୋଇଛୁ।

ଦେଖାଇବି ତ ନିଶ୍ଚୟ, ହେଲେ ଦୁଃଖ ରହିଗଲା ଯେ ମୁଁ ଯେତେ ଚେଷ୍ଟା କରି ବି ତା'ର ନାଆଁ ଜାଣିପାରିଲି ନାହିଁ। ସବୁଥର ନାଆଁ ପଚାରିବା କ୍ଷଣି ସେ ମନଜିଣା ହସଟିଏ ହସିଦେଇ ବିଜୁଳି କନ୍ୟାପରି ଅନ୍ତର୍ଦ୍ଧାନ ହୋଇଯାଏ।

ବହୁତ ଗୌରଚନ୍ଦ୍ରିକା ଦେଲୁଣି – ଦେଖା ତ ଫଟୋଟା।

ଅମରେନ୍ଦ୍ର ଫଟୋଟି କାଢ଼ି ଦେଖାଉ ଦେଖାଉ ମୁଁ ନ ହସି ରହିପାରିଲି ନାହିଁ।

ଆରେ ହସୁଛୁ କ'ଣ ?

ହସିବିନି କ'ଣ କାନ୍ଦିବି ? ତୁ ଏଇ ବିଶେଷ ଫଟୋଟି ଉଠାଇବା ପାଇଁ ଠକିଛୁ ନା ବେଡ଼ାର ସରଳତାକୁ ? ବେଡ଼ାକୁ ଠକିନୁ ତ ନିଜେ ଠକି ହୋଇଯାଇଛୁ। ନୀରବ ସୁନ୍ଦରୀ ବୋଲି ତୁ ଯାହାକୁ କହୁଛୁ, ସେ ପ୍ରକୃତରେ ମୂକ ସୁନ୍ଦରୀ। କେବଳ ମୂକ ନୁହେଁ, ବଧୀରା ସୁନ୍ଦରୀ। ସେ ତୋ ପ୍ରଶ୍ନକୁ ଶୁଣିଥାଆନ୍ତା ବା କିପରି ଆଉ ଉତ୍ତର ଦେଇଥାଆନ୍ତା ବା କେମିତି ?

କ'ଣ ତୁ କହୁଛୁ ?

ମୁଁ ଯାହା କହୁଛି, ସତ କହୁଛି। ସେ ଝିଅଟି ମୂକ ଓ ବଧୀରା ଜାଣିବା ପରେ ତୋ'ର ସ୍ୱପ୍ନଭଙ୍ଗ ହେଉଛି ନା ? ହଉ। ତୋ ସ୍ୱପ୍ନଭଙ୍ଗ ପାଇଁ ମୋର ଦୁଃଖ ନାହିଁ। ମାତ୍ର ବେଡ଼ାର ମାଆର ଫଟୋଟିଏ ରଖିବାର ଯେଉଁ ସ୍ୱପ୍ନ ଥିଲା, ତାକୁ ଭାଙ୍ଗି ଦେଇଥିବାରୁ ମୁଁ ଦୁଃଖ କରୁଛି। ଦୁଃଖ ଏଇଥିପାଇଁ କରୁଛି ଯେ, ବେଡ଼ା ତା' ମାଆର ଫଟୋଟିଏ ଆଉ କେବେ ଉଠାଇପାରିବ ନାହିଁ। ଆମେ ଗାଆଁରୁ ଫେରିବା ପରେ ପରେ ବେଡ଼ାର ମାଆ ମରିଗଲା।

Digitized by PPRACHIN, SOA

ଗୋଟିଏ ସ୍ୱପ୍ନଭଙ୍ଗରୁ ଉତ୍ତୁରି ପାରି ନ ଥିବା ଅମରେନ୍ଦ୍ର ମୋ'ଠାରୁ ଏ ଖବରଟି ଶୁଣି କିଛି ସମୟ ନିର୍ବାକ୍ ହୋଇ ଯାଇଥିଲା। ପରବର୍ତ୍ତୀ ଯେତେ ସମୟ ସେ ମୋ ରୁମ୍‌ରେ ବସିଥିଲା କେବଳ ମୁହଁ ମାଡ଼ି ବସିରହିଥିଲା। ଗୋଟିଏ ଗଭୀର ଦୀର୍ଘଶ୍ୱାସ ପକାଇ ସେ ଉଠିଲା ଏବଂ ମୋତେ ଆଉ କିଛି ନ କହି ରୁମ୍‌ରୁ ବାହାରି ଚାଲିଗଲା। ମୁଁ ଜାଣିଲି ଯେ ସେ ଏକ ଅପରାଧର ଗ୍ଲାନି ନେଇ ଗଲା ବୋଲି।

ଏହା ପରେ ମୁଁ ଯେତେ ଥର ଗାଆଁକୁ ଯାଇଛି, ବେଡ଼ା ତା' ବୋଉର ଫଟୋଟି ମୋତେ ମାଗିଛି। ସବୁଥର ତାକୁ କିଛି ନା କିଛି ମିଛକଥା କହି ମୁଁ ଭୁଲାଇଛି। କେବେ କହେ ଫଟୋଟା ଅମରେନ୍ଦ୍ର ପାଖରେ ରହିଯାଇଛି, ସେ ଦେଲେ ନେଇଆସିବି। ଆଉ କେଉଁଥର କହିଛି ଫଟୋଟା ଅମରେନ୍ଦ୍ର ଦେଇ ଦେଇଛି, ହେଲେ ମୁଁ ଆଣିବାକୁ ଭୁଲି ଯାଇଛି। ଆରଥର ଘରକୁ ଆସିବା ବେଳକୁ ନିଶ୍ଚୟ ନେଇ କରି ଆସିବି। ନିଜର ସରଳ ଆବେଗ ନେଇ ବେଡ଼ା ମୋତେ ବିଶ୍ୱାସ କରିଯାଏ ଏବଂ ମୁଁ ମନେ ମନେ ଭାବେ, ଏମିତି କିଛିଥର ଫଟୋ ମାଗିବା ପରେ ବେଡ଼ା ଭୁଲିଯିବ ସେ ଫଟୋ କଥା। ହେଲେ ନା ବେଡ଼ା ଭୁଲି ପାରୁଥିଲା ସେ ଫଟୋ କଥା ନା ମୁଁ ମୁକୁଳି ପାରୁଥିଲି ଆଉ ଏକ ମିଛ ବାହାନାରୁ।

ସେଥର ମୁଁ ବହୁଦିନର ବ୍ୟବଧାନ ପରେ ଗାଆଁକୁ ଯାଇଥିଲି। ସବୁଥର ମୁଁ ପହଞ୍ଚିବା ପରେ ବେଡ଼ା ଯେମିତି ଭାବରେ ମୋ ପାଖରେ ପହଞ୍ଚି ଯାଇ ତା' ବୋଉର ଫଟୋ ମାଗେ, ଆଉ ସେମିତି ମାଗିଲା ନାହିଁ। ମୁଁ ମନେ ମନେ ଆଶ୍ୱସ୍ତ ହେଲି ଯେ, ଯାହା ହେଉ ବେଡ଼ା ଏଥର ଭୁଲିଯାଇଛି ତା' ବୋଉର ଫଟୋ କଥା। ମାତ୍ର ମୋ ଆଶ୍ୱସ୍ତ ହେବାର ଆୟୁଷ ଖୁବ୍ କ୍ଷଣସ୍ଥାୟୀ ହେଲା। ସେଦିନ ଅପରାହ୍ଣରେ ମୁଁ ବସିଛି ଘର ବାରଣ୍ଡାରେ। ବେଡ଼ା ବିଲରୁ ହଳ ନେଇ ଫେରିଲା। ବଳଦଙ୍କ କାନ୍ଧରୁ ଜୁଆଳି ଖୋଲି ଓରାରେ ରଖିଲା। ବଳଦଙ୍କୁ ଗୋଠରେ ବାନ୍ଧି ଦେଇ ମୁଣ୍ଡରୁ ଠେକା ଖୋଲିଲା। ଗାମୁଛାରେ ମୁହଁ ପୋଛି ପୋଛି ଆସି ମୋ ପାଖରେ ଠିଆହେଲା। କାଳେ ବେଡ଼ାର ମନେ ପଡ଼ିଯିବ ତା' ବୋଉର ଫଟୋ କଥା, ତେଣୁ ସେ ଦିଗରୁ ତା' ଧ୍ୟାନ ହଟାଇବା ପାଇଁ ମୁଁ ତାକୁ ପଚାରିଲି– ଆଉ ଚାଷବାସ କେମିତି ଚାଲିଛି ?

ବେଡ଼ା ମୋ ପ୍ରଶ୍ନର ଉତ୍ତର ଦେବା ପାଇଁ କୌଣସି ଆଗ୍ରହ ନ ଦେଖାଇ ମୋତେ ପଚାରିଲା– ବାବୁ ! ସତରେ କ'ଣ ମୋ ବୋଉର ଫଟୋ ତମେ ଉଠାଇଥିଲ ?

ସେ ପ୍ରଶ୍ନଟିର ଉତ୍ତର 'ହଁ' କି 'ନା' କୌଣସିଟିରେ ଦେବାର ଶକ୍ତି ମୋର ନ ଥିଲା। ତଥାପି ପୁନଃ ମିଥ୍ୟାର ସାହାରା ନେଇ ମୁଁ କହିଲି– ସବୁଥର ପରି ଏଥର ବି ଭୁଲିଗଲି ଫଟୋଟି ଆଣିବାକୁ।

Digitized by PPRACHIN, SOA

ନାଇଁ ବାବୁ, କେବଳ ଏଥର ନୁହଁ, ତମେ ସବୁଥର ଭୁଲିଯିବ ସେ ଫଟୋଟି ଆଣିବାକୁ । ମୁଁ ଜାଣିସାରିଲିଣି ତମେ ମୋତେ ଠକି ଦେଇ ମିଛିମିଛିକା ଫଟୋ ଉଠାଇଥିଲ । ମୁଁ ଏବେ ମୋ ବୋଉର ଫଟୋଟିଏ ମୋ ପାଖରେ ରଖିପାରିଲି ନାହିଁ ବୋଲି ଦୁଃଖ କରୁନି । କାରଣ ତାକୁ ତ ମୋ ଛାତି ଭିତରେ ସାଇତି ରଖିଛି । ଯଦି ହନୁମାନ୍‌ଙ୍କ ପରି ଛାତି ଚିରି ଦେଖାଇପାରନ୍ତି, ତମକୁ ଦେଖାଇ ଦିଅନ୍ତି ତା' ଫଟୋ । ତା'ର କାଗଜର ଫଟୋଟିଏ ପାଇଁ ମୋର ଦୁଃଖ ନାହିଁ । ଦୁଃଖ କେବଳ ତମେ ମୋତେ ଏତେ ଦିନ ହେଲା ମିଛ କହି ଭଣ୍ଡୁଛ ବୋଲି । ମୁଁ ମୋ ନାଆଁ ପରି ବେଢ଼ା ସତ, ହେଲେ ଏତେ ବେଢ଼ା ନୁହଁ ଯେ ମିଛ ଓ ସତକୁ ପରଖି ପାରିବିନି ।

ମୁଁ ବେଢ଼ା ମୁହଁକୁ ବିସ୍ମୟ ହୋଇ ଚାହିଁଲା ବେଳକୁ ବେଢ଼ା ଉଠି ଚାଲିଗଲା । ସେ ଚାଲିଗଲାନି ତ ବରଂ ଖୋଲି ଦେଇଗଲା ମୋ ଅଭିନୟର ମୁଖା । ଆମ ଗାଆଁ ଯାତ୍ରାରେ ସୀତା ଭୂମିକାରେ ଅଭିନୟ କରୁଥିବା ଯୁବକଟିର ପରଚୂଳା ଯେମିତି ଖସି ପଡ଼ିଥିଲା ରାବଣ ଭିଡ଼ିବା ବେଳେ ଠିକ୍ ସେମିତି ଖସି ପଡ଼ିଥିଲା ମୋ ମୁଖାଟି ବେଢ଼ା ପାଖରେ । ମୁଁ ଖୁବ୍ କାକୁସ୍ଥ ହୋଇ ଚାହିଁଥିଲି ବେଢ଼ାର ଫେରିଯିବାର ଦୃପ୍ତ ଚାଲିକୁ । ମୋର ତାକୁ ଆଉ କିଛି କହିବାର ନ ଥିଲା । ଅଥଚ ମୋତେ ଲାଗୁଥିଲା ମୋର ଏ ନୀରବତା ମିଛର ବିକଳ୍ପ ନୁହେଁ, ବରଂ ସର୍ବସମ୍ମୁଖରେ ପରଚୂଳା, ଖସିପଡ଼ିଥିବା ସୀତାରୂପୀ ଯୁବକର କାକୁସ୍ଥ ପଣ । ମୁଁ ଜାଣେ ଏହାର ପରବର୍ତ୍ତୀ ଦୃଶ୍ୟ କେବେ ଅଭିନୀତ ହୋଇପାରିବନି ମୋ ଜୀବନରେ, କାରଣ ବେଢ଼ାର ମାଆ ଏବେ ସ୍ୱର୍ଗପୁରରେ । ମୁଁ ଏବେ ସେଇ ମିଛଟିର ବେତାଳକୁ ବୋହି ଚାଲିବି ସାରାଜୀବନ ଯିଏ ମୋତେ ବାରମ୍ବାର ପଚାରି ଚାଲିଥିବ ସେହି ଏକା ପ୍ରଶ୍ନ – ବାବୁ! ସତରେ କ'ଣ ତମେ ମୋ ବୋଉର ଫଟୋ ଉଠାଇଥିଲ ?

■■

Digitized by PPRACHIN, SOA

ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ସଫଳ ସାହିତ୍ୟ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ କଥା ସାହିତ୍ୟ ଭିତରେ ପ୍ରବେଶ କରି ପାଠକ ସରଳ, ସାବଲୀଳ ଶବ୍ଦ ସଂଯୋଜନାରେ ବିଭୋର ହୁଅନ୍ତି।

ମାଟିଦ୍ରୋଣ ଗଳ୍ପ ସଂକଳନଟି ସାମ୍ପ୍ରତିକ ସମାଜର ଏକ ନିଖୁଣ ଦର୍ପଣ। ଯହିଁରେ ପ୍ରାସଙ୍ଗିକତା ଅନ୍ତଃସ୍ୱର ଭାବେ ଗଳ୍ପ ଗୁଡ଼ିକୁ ପ୍ରାଣବନ୍ତ କରିଛି। ଚରିତ୍ରମାନେ ଆମଭଳି ସାଧାରଣ ମଣିଷର କଥା ହିଁ କହିଛନ୍ତି। ଶ୍ରୀ ଧଳ ମହାପାତ୍ରଙ୍କ ଯାଦୁକରୀ ଲେଖନୀ ସ୍ୱର୍ଶର ଦସ୍ତାବିଜ୍ ଏହି ଗଳ୍ପ ଗ୍ରନ୍ଥଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ବିଶ୍ୱାସ।

ପ୍ରକାଶକ

Digitized by PPRACHIN, SOA